# ଧରିତ୍ରୀ
DHARITRI

ସମ୍ବଲପୁର, ରବିବାର, ଜାନୁୟାରୀ ୧୨/୨୦୨୦ (୧୬ ପୃଷ୍ଠା+ ଛୁଟିଦିନ) Sambalpur, Sunday, January 12 / 2020 ★★

୧୬ଶ ଭାଗ ୨୮ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹ ୪/-




**ପୁରସ୍କାର ଦୌଡ଼ରେ ତେନ୍ଦୁଲକର**

ଲୌରେସ ସ୍ପୋର୍ଟିଂ ମୁଭମେଣ୍ଟ ୨୦୦୦-୨୦୨୦ ପୁରସ୍କାର ପାଇଁ ସଂକ୍ଷିପ୍ତ ତାଲିକାରେ ବ୍ୟାଟିଂ କିମ୍ବଦନ୍ତୀ ସଚିନ ତେନ୍ଦୁଲକରଙ୍କ ନାମ ସ୍ଥାନ ପାଇଛି।

୧୪

୦୯

**ମୁଁ ବି ଜଣେ ଭଲ ମାଆ: ସାକ୍ଷୀ ତନ୍ୱର**

ଛୋଟ ପରଦାରେ 'କହାନୀ ଘର ଘର କୀ'ରେ ଅଭିନୟ କରି ଲୋକପ୍ରିୟତା ଅର୍ଜନ କରିଥିବା ସାକ୍ଷୀ ତନ୍ୱର ନିଜକୁ ଜଣେ ଭଲ ମାଆ ବୋଲି କହିଛନ୍ତି।



ଆପଣଙ୍କ ଏହି କପି ସହିତ ପାଇବେ ଛୁଟିଦିନ



ହକର ଭାଇଙ୍କଠାରୁ ମାଗି ନିଅନ୍ତୁ

# ବନ୍ଦ ଘରୁ ମିଳିଲା ଦମ୍ପତି, ଝିଅପୁଅଙ୍କ ମୃତଦେହ

- ପୋଲିସ,ସାଇଣ୍ଟିଫିକ୍ ଟିମ୍‌ର ତଦନ୍ତ ଆରମ୍ଭ
- ମୃତ୍ୟୁର କାରଣ ଅସ୍ପଷ୍ଟ
- ୨ଦିନ ହେବ ଘରର କବାଟ ବନ୍ଦ ରହିଥିଲା

ରାଜଗାଙ୍ଗପୁର,୧୧।୧(ଡି.ଏନ.ଏ.)

ସୁନ୍ଦରଗଡ଼ ଜିଲା ରାଜଗାଙ୍ଗପୁର ଥାନା ଅଧୀନ ରାଜଗାଙ୍ଗପୁର ଆଇଟି କଲୋନୀରେ ଶନିବାର ଏକ ଅଭାବନୀୟ ଘଟଣା ସାମ୍ନାକୁ ଆସିଛି । ଏକ ବନ୍ଦ ଘରୁ ପୋଲିସ ୪ ଗଳିତ ମୃତଦେହ ଜବତ କରିଛି । ମୃତକମାନେ ହେଲେ କାଂସବାହାଲ ଗୋଶାଳାପଡାର ରଞ୍ଜିତ ପ୍ରସାଦ,ତାଙ୍କ ସ୍ତ୍ରୀ ବୁନୁ, ୩ବର୍ଷର ଝିଅ କନକ ଓ ଦେଢ଼ବର୍ଷ ପୁଅ(ନାମ ଜଣାପଡିନାହିଁ) । ଗତ ୪ ମାସ ହେବ ଆଇଟି କଲୋନୀରେ ପ୍ରମୋଦ ରାଉତଙ୍କ ଘରେ ଏହି ପରିବାର ଭଡ଼ାରେ ରହୁଥିଲେ । ପ୍ରମୋଦ ଡାଲମିଆ ସିମେଣ୍ଟ କାରଖାନାର ଜଣେ କର୍ମଚାରୀ । ରଞ୍ଜିତ ମଧ୍ୟ ସେହି କାରଖାନାରେ କାମ କରୁଥିଲେ । ଗତ ଦୁଇ ଦିନ ହେବ ରଞ୍ଜିତ ରହୁଥିବା ଘରର କବାଟ ଭିତର ପଟୁ ବନ୍ଦ ଥିଲା । ଶନିବାର ସେହି ଘରୁ ଦୁର୍ଗନ୍ଧ ବାହାରୁଥିବା ପଡ଼ିଶା ଲୋକେ କହିବା ପରେ ରାଜଗାଙ୍ଗପୁର ଥାନା ପୋଲିସକୁ ଏ ସଂକ୍ରାନ୍ତରେ ଅବଗତ କରାଯାଇଥିଲା । ଥାନା ଅଧିକାରୀ ☞ପୃଷ୍ଠା-୪

## ଆଜିର ସମ୍ପାଦକୀୟ

**ବିପଜ୍ଜନକ ବର୍ଷ ହେବ**

## ଆଜିର ମନ୍ତବ୍ୟ

"ସମ୍ବିଧାନ ଏବଂ ନ୍ୟାୟ, ସ୍ୱାଧୀନତା, ସମାନତା, ଭ୍ରାତୃତ୍ୱ ଭଳି ଏହାର ମୂଲ୍ୟବୋଧକୁ ଆମେ ସୁରକ୍ଷା ଦେବୁ।

-ଜେନେରାଲ ଏମ୍.ଏମ୍. ନରୱଣେ, ସ୍ଥଳସେନା ମୁଖ୍ୟ

## କିଛି ତଥ୍ୟ

ଚଳିତ ବର୍ଷ ନଭେମ୍ବରରେ ଦେଶର ଖଣି କ୍ଷେତ୍ର କାର୍ଯ୍ୟକଳାପ ପ୍ରଭାବିତ ହେବା ଯୋଗୁ ଉତ୍ପାଦନ ୧.୭% ହ୍ରାସ ଘଟିଛି।

-ଏନ୍ଏସ୍ଓ

## ସ୍ୱତନ୍ତ୍ର ସଂକଳ୍ପକୁ କ୍ୟାବିନେଟ ମୋହର

# ରାଜ୍ୟରେ ହେବ ଜାତିଭିତ୍ତିକ ଜନଗଣନା



ପଞ୍ଚାୟତିରାଜ ମନ୍ତ୍ରୀ ପ୍ରତାପ ଜେନା ସୂଚନା ଦେଉଛନ୍ତି।

- ସାମାଜିକ, ଆର୍ଥିକ, ପଛୁଆବର୍ଗଙ୍କୁ ସାମିଲ
- ୨୦୨୧ରୁ ଏକାସଙ୍ଗେ ହେବ ଗଣନା
- ୧୫୦ତମ ଜୟନ୍ତୀରେ ମହାତ୍ମା ଗାନ୍ଧୀଙ୍କୁ ହେବ ପ୍ରକୃତ ଶ୍ରଦ୍ଧାଞ୍ଜଳି: ମନ୍ତ୍ରୀ

ଭୁବନେଶ୍ୱର,୧୧।୧(ବ୍ୟୁରୋ)

ରାଜ୍ୟରେ ସାମାଜିକ, ଆର୍ଥିକ ଏବଂ ଜାତିଭିତ୍ତିକ ଜନଗଣନା ହେବ। ୨୦୨୧ ଜନସଂଖ୍ୟା ଗଣନା ବେଳେ ଏକା ସାଙ୍ଗରେ ଏହି ଗଣନା କରାଯିବ। ସାମାଜିକ, ଆର୍ଥିକ ପଛୁଆ ବର୍ଗ(ଏସଇବିସି), ଏସ୍‌ସି/ଏସ୍‌ଟିଙ୍କର ସ୍ୱତନ୍ତ୍ର ଗଣନା କରିବେ। ଶନିବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କ୍ୟାବିନେଟ ବୈଠକରେ ଏ ନେଇ ଏକ ସଂକଳ୍ପକୁ ଅନୁମୋଦନ କରାଯାଇଛି। ଗତ ଦୁଇ ଦଶନ୍ଧି ଧରି ମାନବ ସୂଚକାଙ୍କରେ ରାଜ୍ୟ ଉଲ୍ଲେଖନୀୟ ପ୍ରଗତି କରିଥିଲେ ମଧ୍ୟ ସାମଗ୍ରିକ ଅଭିବୃଦ୍ଧି ପାଇଁ ଜାତିଭିତ୍ତିକ ଜନଗଣନା ଜରୁରୀ ବୋଲି ସରକାରଙ୍କ ପକ୍ଷରୁ କୁହାଯାଇଛି। ☞ପୃଷ୍ଠା-୪

### ବୋଇଂ ୭୩୭ ଦୁର୍ଘଟଣା ନେଇ ଦୋଷ ମାନିଲା ଇରାନ

# ଭୁଲ୍‌ରେ ଖସାଇଥିଲୁ ୟୁକ୍ରେନ ବିମାନ

ତେହେରାନ, ୧୧।୧ (ଏଏଫ୍‌ପି/ ଆଇଏଏନ୍ଏସ୍)

ଶେଷରେ ଦୋଷ ସ୍ୱୀକାର କରିଛି ଇରାନ। ୮ ତାରିଖରେ ୟୁକ୍ରେନ ବିମାନକୁ ଭୁଲବଶତଃ ମିଶାଇଲ ମାଡ଼ କରି ଖସାଇଦେଇଥିବା ଶନିବାର ମାନିଯାଇଛି। ତେବେ ଏହା ଉଦ୍ଦେଶ୍ୟମୂଳକ ଭାବେ ନୁହେଁ, ବରଂ ଅଜାଣତରେ ହୋଇଥିବା ମାନବକୃତ ତ୍ରୁଟି ବୋଲି ସଫେଇ ଦେଇଛି ଏହି ପଶ୍ଚିମ ଏସୀୟ ଇସ୍‌ଲାମିକ୍ ରାଷ୍ଟ୍ର। ରାଷ୍ଟ୍ରପତି ହାସନ ରୁହାନି ଏହାକୁ ଏକ ଅକ୍ଷମଣୀୟ ଭୁଲ ବୋଲି ସ୍ୱୀକାର କରିଥିବାବେଳେ ସୁପ୍ରିମ ଲିଡର ଆୟାତୋଲ୍ଲା ☞ପୃଷ୍ଠା-୪

**ଚାପରେ ଭୁଲ ସ୍ୱୀକାର**

- କ୍ଷତିପୂରଣ ଦାବି କଲେ କାନାଡା ଓ ୟୁକ୍ରେନ
- ଇରାନକୁ କହିଲେ କ୍ଷମା ମାଗ, ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଅ
- ତେହେରାନ କହିଲା ଅନିଚ୍ଛାକୃତ ଭୁଲ ପାଇଁ ଦୁଃଖିତ
- ଶତ୍ରୁପକ୍ଷର ବିମାନ ଭାବି କରିଥିଲୁ ମିଶାଇଲ ମାଡ଼

# ଓଡ଼ିଶାର ଅଂଶୁମାନ ଆଇଇଏସ୍ ଟପ୍ପର




ଭୁବନେଶ୍ୱର, ୧୧।୧(ବ୍ୟୁରୋ)

ଓଡ଼ିଆ ପୁଅ ଅଂଶୁମାନ କାମିଲା ଇଣ୍ଡିଆନ୍ ଇକୋନୋମିକ୍ ସର୍ଭିସ୍ (ଆଇଇଏସ୍) ଟପ୍ପର ହୋଇଛନ୍ତି। ଆଇଇଏସ୍ ୨୦୧୯ ପରୀକ୍ଷାରେ ଯୋଗ୍ୟ ବିବେଚିତ ୩୨ ଜଣଙ୍କ ମଧ୍ୟରେ ଅଂଶୁମାନ ଜଣେମାତ୍ର ଓଡ଼ିଆ। ସେ ଭୁବନେଶ୍ୱର ଚନ୍ଦ୍ରଶେଖରପୁରସ୍ଥିତ ଡିଏଭି ସ୍କୁଲରେ ପାଠପଢ଼ା ଶେଷକରିବା ପରେ ଦିଲ୍ଲୀର ସେଣ୍ଟ ଷ୍ଟିଫେନ୍‌ସ କଲେଜ୍‌ରୁ ଇକୋନୋମିକ୍ସରେ ସ୍ନାତକ ଡିଗ୍ରୀ ହାସଲ କରିଥିଲେ। ଏଥିରେ ଗୋଲ୍ଡ ମେଡାଲ ପାଇବା ସହିତ ସେଣ୍ଟ ☞ପୃଷ୍ଠା-୪


Vencobb Fresh Chicken — 11.01.2020

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 82 | 135 | 145 |
| CTC | 80 | 132 | 142 |
| DKL | 82 | 135 | 145 |
| BDK | 77 | 128 | 138 |
| BLS | 75 | 126 | 136 |
| ANG | 82 | 135 | 145 |
| BHM | 82 | 136 | 146 |

*Conditions Apply

Issued in the Interest of Consumers


# ନିର୍ଭୟା ମାମଲା ୧୪ରେ କ୍ୟୁରେଟିଭ୍ ପିଟିଶନ୍‌ର ଶୁଣାଣି

ନୂଆଦିଲ୍ଲୀ,୧୧।୧(ପି.ଟି.)

ନିର୍ଭୟା ଗଣବଳାତ୍କାର ଓ ହତ୍ୟା ମାମଲାରେ ଫାଶୀଦଣ୍ଡାଦେଶ ପାଇଥିବା ୪ ଅପରାଧୀଙ୍କ ମଧ୍ୟରୁ ୨ ଜଣ ସୁପ୍ରିମକୋର୍ଟରେ କ୍ୟୁରେଟିଭ୍ ପିଟିଶନ ଦାଏର କରିଥିବାବେଳେ ୧୪ରେ ଏହାର ଶୁଣାଣି ହେବ। ଜଷ୍ଟିସ୍ ଏନ୍.ଭି. ରମାନା, ଅରୁଣ ମିଶ୍ର, ଆର୍.ଏଫ୍. ନରିମାନ, ଆର୍. ବାନୁମଥୀ ଏବଂ ଅଶୋକ ଭୂଷଣଙ୍କୁ ନେଇ ଗଠିତ ୫ ଜଣିଆ ଖଣ୍ଡପୀଠ ମଙ୍ଗଳବାର ଅପରାହ୍ନ ୧ଟା ୪୫ରେ ପିଶିଟନ୍‌ର ଶୁଣାଣି କରିବେ। ବଳାତ୍କାରୀ ବିନୟ ଶର୍ମା (୨୬) ଓ ମୁକେଶ କୁମାର (୩୨) ଗୁରୁବାର କ୍ୟୁରେଟିଭ୍ ପିଟିଶନ ଦାଏର କରିଥିଲେ। ମୃତ୍ୟୁଦଣ୍ଡ ପାଇଥିବା ଅପରାଧୀଙ୍କ ପାଇଁ କ୍ୟୁରେଟିଭ୍ ପିଟିଶନ ହେଉଛି ଶେଷ ଆଶ୍ରୟ। ଅନ୍ୟ ଦୁଇ ଅପରାଧୀ ଅକ୍ଷୟ କୁମାର ସିଂ ଓ ପୱନ ଗୁପ୍ତା ପିଟିଶନ ଦାଏର କରିନାହାନ୍ତି। ୨୦୧୨ ଡିସେମ୍ବର ୧୬ ରାତିରେ ୨୩ ବର୍ଷୀୟା ପାରାମେଡିକାଲ ଛାତ୍ରୀ ନିର୍ଭୟାଙ୍କୁ ଏକ ଚଳନ୍ତା ବସ୍‌ରେ ଗଣବଳାତ୍କାର କରାଯିବା ପରେ ରାସ୍ତାରେ ଫିଙ୍ଗିଦିଆଯାଇଥିଲା। ଦୁଇସପ୍ତାହ ଧରି ମୃତ୍ୟୁ ସହ ସଂଗ୍ରାମ କରି ଶେଷରେ ଡିସେମ୍ବର ୨୯ରେ ସିଙ୍ଗାପୁରର ଏକ ହସ୍ପିଟାଲରେ ପୀଡ଼ିତା ଆଖିବୁଜିଥିଲେ। ଏହି ମାମଲାରେ ୪ ଅପରାଧୀଙ୍କୁ ଆସନ୍ତା ୨୨ରେ ଫାଶୀ ଦେବା ପାଇଁ ଦିଲ୍ଲୀର ଏକ ଅଦାଲତ ଗତ ମଙ୍ଗଳବାର ୱାରେଣ୍ଟ ଜାରି କରିଥିଲେ।








AUTHORISED DISTRIBUTORS
- Deson Marketing Pvt. Ltd. : Bhubaneswar/Mayurbhanja/Angul/Balasore/Kendrapara/Keonjhar/Bolangir/Baragarh/Sundergarh/Sambalpur/Jharsuguda/Puri/Jajpur/Cuttack/Khordha/Debagarh/Bhadrak/Nayagarh/Jagatsingpur. 8917363938 / 8114366944
- Kausalya Agencies: Ganjam/Koraput/Kalahandi/Raygadha/Kandhamal/Gajapati/Nobarangpur/Malkangiri/Boudh/Nuapara. 9937469424/9437374390



# ମା, ଝାଡ଼େଶ୍ୱରୀ କଲେଜ ରୌପ୍ୟ ଜୟନ୍ତୀ ଉତ୍ସବ




ମା' ଝାଡ଼େଶ୍ୱରୀ କଲେଜର ରୌପ୍ୟ ଜୟନ୍ତୀ ଅବସରରେ ଅତିଥିମାନେ ସ୍ମରଣିକା 'ସ୍ୱର୍ଣ୍ଣଛତ୍ର' ଉନ୍ମୋଚନ କରୁଛନ୍ତି।




କଲେଜ ଛାତ୍ରୀମାନେ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରୁଛନ୍ତି।

## ମା, ଝାଡ଼େଶ୍ୱରୀ କଲେଜ

# ଅପହଞ୍ଚ ଇଲାକାରେ ଶିକ୍ଷାଲୋକ

ଇତିହାସ ପୃଷ୍ଠାରେ ହୁମା ଗଣ୍ଡର ପ୍ରସିଦ୍ଧ ଧୀବରପଲ୍ଲୀ ତଥା ପୁରାଣ ପୃଷ୍ଠାରେ ଏକ ଚକ୍ରାନଗରୀ ଭାବେ ଖ୍ୟାତ ଧମା ଗ୍ରାମ। ଏଠାରେ ଅଧିଷ୍ଠାତ୍ରୀ ଦେବୀ ମା'ଝାଡେଶ୍ୱରୀଙ୍କ ନାମାନୁଯାୟୀ ୧୯୯୪ ମସିହା ସେପ୍ଟେମ୍ବର ୧୨ ତାରିଖରେ ମା'ଝାଡେଶ୍ୱରୀ ମହାବିଦ୍ୟାଳୟ ସ୍ଥାପନ ହୋଇଥିଲା। ଧମା ଗ୍ରାମ ମାନେଶ୍ୱର ବ୍ଲକ ଅନ୍ତର୍ଗତ ଏକ ଅନୁସୂଚିତ ଜାତି ଓ ଜନଜାତି ଅଧ୍ୟୁଷିତ ଅଞ୍ଚଳ। ଏହି ଅଞ୍ଚଳର ଅଧିକାଂଶ ଅଧିବାସୀ କୃଷି, ମତ୍ସ୍ୟ ବ୍ୟବସାୟ ଓ ଜଙ୍ଗଲ ଜାତ ଦ୍ରବ୍ୟ ଉପରେ ନିର୍ଭରଶୀଳ ତଥା ସାମାଜିକ ଓ ଅର୍ଥନୈତିକ ଦୃଷ୍ଟି କୋଣରୁ ମଧ୍ୟ ଅନଗ୍ରସର।

ଏହି ଅଞ୍ଚଳରେ ସମ୍ବଲପୁର ଜିଲାର ଏକ ପୁରାତନ ଉଚ୍ଚ ବିଦ୍ୟାଳୟ ରହିଥିଲେ ସୁଦ୍ଧା ଉଚ୍ଚ ଶିକ୍ଷା ସକାଶେ ଦୀର୍ଘବର୍ଷ ପର୍ଯ୍ୟନ୍ତ ଏଠାରେ କୌଣସି ମହାବିଦ୍ୟାଳୟ ସ୍ଥାପିତ ହୋଇ ନ ଥିଲା। ତେଣୁ ଏହି ଅଞ୍ଚଳର ବହୁ ଅଭିଭାବକ ତାଙ୍କ ପିଲାମାନଙ୍କୁ ଦୂରସ୍ଥାନକୁ ପଠାଇ ପାଠ ପଢ଼ାଇ ପାରୁ ନ ଥିଲେ। ଯାହା ଫଳରେ ଏହି ଅଞ୍ଚଳର ଅଧିକ ମେଧାବୀ ଛାତ୍ରୀଛାତ୍ର ଉଚ୍ଚ ଶିକ୍ଷାରୁ ବଞ୍ଚିତ ହେଉଥିଲେ।

୧୯୯୦ ଦଶକରେ ଓଡିଶା ରାଜ୍ୟର ବିଭିନ୍ନ ପ୍ରାନ୍ତରେ ଯୁକ୍ତ ୨ ମହାବିଦ୍ୟାଳୟମାନ ସ୍ଥାପିତ ହେଉଥିଲା । ଏହି କ୍ରମରେ ଧମାର କେତେଜଣ ବୁଦ୍ଧିଜୀବୀ, ଶିକ୍ଷାବିତ୍ ତଥା ଶିକ୍ଷାପ୍ରେମୀ ଉତ୍ସାହୀ ଯୁବକ ସଂଘବଦ୍ଧ ହୋଇ ମହାବିଦ୍ୟାଳୟ ସ୍ଥାପନ କଲେ। ମହାବିଦ୍ୟାଳୟରେ ଶୃଙ୍ଖଳା ତଥା ଗୁଣାତ୍ମକ ଶିକ୍ଷାର ବିକାଶ ତଥା ଶୈକ୍ଷିକ ବାତାବରଣକୁ ସୁନିୟନ୍ତ୍ରିତ କରିବା ସକାଶେ ଅଞ୍ଚଳର ଅଭିଜ୍ଞ ଶିକ୍ଷକ, ଶିକ୍ଷାବିତ୍, ବୁଦ୍ଧିଜୀବୀ ତଥା ସ୍ଥାନୀୟ ମଥୁରା ପ୍ରସାଦ ହାଇସ୍କୁଲର ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଜନାର୍ଦ୍ଦନ ପାତ୍ରଙ୍କୁ ଅଧ୍ୟକ୍ଷ ଦାୟିତ୍ୱ ଅର୍ପଣ କରାଯାଇଥିଲା । ତାଙ୍କର ସହଯୋଗୀ ଭାବେ ରବୀନ୍ଦ୍ର ନାରାୟଣ ଠାକୁର, ଅଶୋକ କୁମାର ପୁରୋହିତ, ସତ୍ୟନାରାୟଣ ଦାଶ, ସିଦ୍ଧାର୍ଥ ପଣ୍ଡା, ଦେବେନ୍ଦ୍ର କୁମାର ମହାପାତ୍ର, ସଂଗ୍ରାମ କେଶରୀ ମିଶ୍ର, ଦିଲୀପ କୁମାର ମିଶ୍ର, ଜୀବର୍ଦ୍ଧନ ସେଠ, ପ୍ରମୋଦ କୁମାର ଲହରିଆ ଆଦିଙ୍କୁ ସହକର୍ମୀ ଭାବେ ନିଯୁକ୍ତ କରାଯାଇଥିଲା। ମହାବିଦ୍ୟାଳୟର ସୁପରିଚାଳନା ନିମନ୍ତେ ଦିଲୀପ କୁମାର ମହାପାତ୍ର ସଭାପତି, ପରମାନନ୍ଦ ସିଂ ଉପସଭାପତି, ରାଧାକୃଷ୍ଣ ସାହୁ ସମ୍ପାଦକ, ରବୀନ୍ଦ୍ର ପୃଷ୍ଟି, ଦୁର୍ଯ୍ୟୋଧନ ସେଠ, ଯଶୋଦା ଭୋଇ, ତ୍ରିବିକ୍ରମ ମିର୍ଦ୍ଧା, ପୂର୍ଣ୍ଣଚନ୍ଦ୍ର ମହାପାତ୍ର, ଗୋବିନ୍ଦ ଅଗ୍ରୱାଲ ପ୍ରମୁଖଙ୍କୁ ନେଇ ପରିଚାଳନା ପରିଷଦ ଗଠିତ ହୋଇଥିଲା।

୧୯୯୬ ମସିହାରେ ମହାବିଦ୍ୟାଳୟର ଯୁକ୍ତ ୨ ପ୍ରଥମ ବ୍ୟାଚ ନିଜ କେନ୍ଦ୍ରରେ ନିୟମିତ ପରୀକ୍ଷାର୍ଥୀ ଭାବେ ପରୀକ୍ଷା ଦେଇଥିଲେ। ୧୯୯୬ ମସିହାରେ ମହାବିଦ୍ୟାଳୟର ନିଜସ୍ୱ ଗୃହ ସକାଶେ ଭୂମିପୂଜନ ହୋଇ କାମ ଆରମ୍ଭ ହୋଇଥିଲା। ଏଥିପାଇଁ ଏପର୍ଯ୍ୟନ୍ତ କୃପାସିନ୍ଧୁ ଭୋଇ, ବସନ୍ତ ମହାନନ୍ଦ, ଦୁର୍ଯ୍ୟୋଧନ ସୋହାଲ, ରଙ୍ଗନାଥ ମିଶ୍ର, ସନାତନ ବିଶି, ପ୍ରମିଳା ବହିଦାର, ପ୍ରସନ୍ନ ଆଚାର୍ଯ୍ୟ ପ୍ରମୁଖ ଜନପ୍ରତିନିଧି ସେମାନଙ୍କ ଉନ୍ନୟନ ପାଣ୍ଠିରୁ ସହଯୋଗ କରିଛନ୍ତି। ଏତଦ୍‌ବ୍ୟତୀତ ପଶ୍ଚିମ ଓଡିଶା ବିକାଶ ପରିଷଦ ଓ ରାଜ୍ୟ ଉଚ୍ଚ ଶିକ୍ଷା ବିଭାଗର ଭିତ୍ତିଭୂମି ଉନ୍ନୟନ ପାଣ୍ଠିରୁ ମଧ୍ୟ ସହଯୋଗ ପ୍ରାପ୍ତି ହୋଇଛି। ୧୯୯୭ ମସିହାରେ ଯୁକ୍ତ ୩ କଳା ଶ୍ରେଣୀ ଖୋଲା ଯାଇଥିଲେ ମଧ୍ୟ ୧୯୯୮ ମସିହାରେ ସରକାରୀ ଅନୁମତି ପ୍ରାପ୍ତ ହୋଇଥିଲା। ଅନୁରୂପ ଭାବେ ୧୯୯୯ ଅକ୍ଟୋବର ମାସରେ ଯୁକ୍ତ ୨ ବିଜ୍ଞାନ ଶ୍ରେଣୀ ନିମନ୍ତେ ସରକାରୀ ଅନୁମତି ପ୍ରାପ୍ତ ହୋଇଥିଲା। ବର୍ତ୍ତମାନ ତିନୋଟି ଯାକ ସ୍ରୋତରେ ଦିବାଧାୟୀ ଓ ଅନ୍ତେବାସୀ ଛାତ୍ରୀଛାତ୍ରଙ୍କୁ ମିଶାଇ ସମୁଦାୟ ୧୩୦୦ ଶିକ୍ଷାର୍ଥୀ ଏଠାରେ ଅଧ୍ୟୟନରତ। ମହାବିଦ୍ୟାଳୟର ଜନାର୍ଦ୍ଦନ ପାତ୍ର ଛାତ୍ରାବାସ ଓ ଛାତ୍ରୀନିବାସରେ କ୍ରମାନୁଯାୟୀ ୧୦୦ ଜଣ ଓ ୧୦୦ଜଣ ଅନ୍ତେବାସୀ ରହି ଅଧ୍ୟୟନ କରୁଛନ୍ତି। ମହାବିଦ୍ୟାଳୟ ପରିସରରେ ଏକ ଭୋଜନାଳୟ କାର୍ଯ୍ୟକ୍ଷମ ଅଛି। ଏବେ ମହାବିଦ୍ୟାଳୟରେ ୫୦ଜଣ କର୍ମଚାରୀ କାର୍ଯ୍ୟରତ ଅଛନ୍ତି ।

ଉପସ୍ଥାପନା– ରୂପାଞ୍ଜୟ ଚୌଧୁରୀ

# ଆଜିର ସମାଜ ପାଇଁ ଧନ୍ଦାମୂଳକ ଶିକ୍ଷା ଏକ ଆହ୍ୱାନ

**ଧମା,୧୧।୧ (ଡି.ଏନ.ଏ.):** ସମ୍ବଲପୁର ଜିଲା ମାନେଶ୍ୱର ବ୍ଲକ୍ ଧମାସ୍ଥିତ ମାଁ ଝାଡେଶ୍ୱରୀ ମହାବିଦ୍ୟାଳୟର ରୌପ୍ୟ ଜୟନ୍ତୀ ଉତ୍ସବ ଶନିବାର ଉଦ୍‌ଘାଟିତ ହୋଇଛି। ଏଥିରେ ରେଢାଖୋଲ ବିଧାୟକ ରୋହିତ ପୂଜାରୀ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ସେ ଛାତ୍ରୀଛାତ୍ରଙ୍କୁ ଉଦ୍‌ବୋଧନ କହିଲେ, ବର୍ତ୍ତମାନ ଧନ୍ଦାମୂଳକ ଶିକ୍ଷାଦାନର ଆବଶ୍ୟକତା ଅତି ଜରୁରୀ। ଆଜିର ସମାଜ ପାଇଁ ଧନ୍ଦାମୂଳକ ଶିକ୍ଷା ଏକ ଆହ୍ୱାନ ବୋଲି ସେ କହିଥିଲେ । ସମ୍ମାନିତ ଅତିଥି ଭାବେ ଯୋଗଦେଇ ନାଟ୍ୟବିତ୍ ଅଟଳ ବିହାରୀ ପଣ୍ଡା ତାଙ୍କ ବକ୍ତବ୍ୟରେ ବୟସକୁ ଭ୍ରୁକ୍ଷେପ ନ କରି ଆମେ ଆଗକୁ ବଢ଼ିବା ଶିଖିବାକୁ ହେବ। ଅନ୍ୟତମ ସମ୍ମାନିତ ଅତିଥି ଭାବେ ଓଡିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଶ୍ରୀକାନ୍ତ ମହାପାତ୍ର ତାଙ୍କ ବକ୍ତବ୍ୟରେ କହିଥିଲେ ଯେ, ବିଦ୍ୟା ଅଧ୍ୟୟନ ହେଉଛି ଆମର ମୂଳଭିତ୍ତି। ତେଣୁ ପ୍ରଥମେ ପାଠପଢ଼ାକୁ ଧ୍ୟାନ ଦେଇ ପରେ ଅନ୍ୟାନ୍ୟ କ୍ଷେତ୍ରରେ ଆମ ପାଖରେ ରହିଥିବା ପ୍ରତିଭାକୁ ବିକାଶ କରିବାକୁ ପଡିବ। ଶିକ୍ଷକଙ୍କୁ ମଧ୍ୟ ଇଣ୍ଟରନେଟ, ସଫ୍ଟୱେର, ଟେକ୍ନୋଲୋଜିର ବିକାଶକୁ ଧ୍ୟାନ ଦେଇ ଶିକ୍ଷାଦାନ କରିବାକୁ ହେବ। ସୁରଞ୍ଜନ ମହାପାତ୍ର, ଦିଲୀପ କୁମାର ମହାପାତ୍ର ଓ ମହାବିଦ୍ୟାଳୟ ଛାତ୍ର ସଂସଦର ସଭାପତି କମଳଲୋଚନ ପଣ୍ଡା ମଞ୍ଚାସୀନ ଥିଲେ। ଯୁକ୍ତ ୨ ଅଧ୍ୟକ୍ଷ ଅଶୋକ କୁମାର ପୁରୋହିତ ଏହି ସଭାରେ ସଭାପତିତ୍ୱ କରିଥିଲେ। ଅଧ୍ୟାପିକା ଡ. ନିବେଦିତା ପଣ୍ଡା ଅତିଥିମାନଙ୍କୁ ମଞ୍ଚକୁ ନିମନ୍ତ୍ରଣ କରିଥିବା ବେଳେ ଅଧ୍ୟାପକ ରବିଶଙ୍କର ହୋତା ଅତିଥି ପରିଚୟ ପ୍ରଦାନ ପୂର୍ବକ ସ୍ୱାଗତ ଭାଷଣ ଦେଇଥିଲେ। ଅଧ୍ୟାପକ ସତ୍ୟନାରାୟଣ ଦାଶ ବିବରଣୀ ପାଠ କରିଥିଲେ। ସଭା ଶେଷରେ ଯୁକ୍ତ ୩ ଅଧ୍ୟକ୍ଷ ଅନିଲ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ସହ ରୌପ୍ୟ ଜୟନ୍ତୀ ସ୍ମରଣିକା 'ସ୍ୱର୍ଣ୍ଣଛତ୍ର' ଉନ୍ମୋଚିତ ହୋଇଥିଲା।

କଲେଜ ଇତିହାସକୁ ନେଇ ଗୁରୁ ରଞ୍ଜନ ସାହୁଙ୍କ ତତ୍ତ୍ୱାବଧାନରେ ଏକ ନୃତ୍ୟ ପରିବେଷିତ ହୋଇଥିଲା। ଅଧ୍ୟାପିକା ସୁଦୀପ୍ତା ଦାଶ ଓ ସୁଶ୍ରୀ ପାଢ଼ୀଙ୍କ ପ୍ରଶିକ୍ଷଣରେ ଛାତ୍ରୀଛାତ୍ର ଭାରତନାଟ୍ୟମ, କଥକ ନୃତ୍ୟ ପରିବେଷଣ କରିଥିଲେ। ନିକିତା ବେହେରା, ଅଙ୍କିତା ବହିଦାର, ରାହୁଲ ମହାପାତ୍ର, ଆଲୋକ ଗୌନ୍ତିଆ, ସୁଚିତ୍ରା ଦାସ, ସୁଜାତା ନାଏକ ଆଦି ପୁରାତନ ଓ ଅଧ୍ୟୟନରତ ଛାତ୍ରୀଛାତ୍ରଙ୍କ ପ୍ରଶିକ୍ଷଣରେ ଗୁଜରାଟୀ ନାଚ, କୋରାପୁଟ ଶବର ନାଚ, ଲାବଣୀ, ସମ୍ବଲପୁରୀ ଓ ଆଧୁନିକ ନୃତ୍ୟ ପରିବେଷଣ କରିଥିଲେ। ଅନୁପ କୁମାର ପ୍ରଧାନ, ଶ୍ୟାମ ମିରିଗ, କମଳାକାନ୍ତ କାଲି, ସୋନିଆ ରାଉତ, ଅନନ୍ତ କୁମ୍ଭାର, ସୁଦଶା ସୁନା, ରାଜେଶ ଚଇନି, ପୂଜିତା ପୂଜାରୀ ପ୍ରମୁଖ ଉଦ୍‌ଘୋଷକ ଭାବରେ କାର୍ଯ୍ୟ ତୁଲାଇଥିଲେ। ପ୍ରକାଶଯୋଗ୍ୟ, ଛାତ୍ରୀଛାତ୍ର ଝାଡେଶ୍ୱରୀଙ୍କ ମନ୍ଦିରରୁ ମଶାଲରେ ଶୋଭାଯାତ୍ରାରେ ଆସିଥିଲେ। ବରଗଡର ପ୍ରକୃତି ପ୍ରେମ ଅନୁଷ୍ଠାନ ପକ୍ଷରୁ ଡ. ସତ୍ୟକେତନ ମହାନ୍ତିଙ୍କ ତତ୍ତ୍ୱାବଧାନରେ ଭ୍ରାମ୍ୟମାଣ ସଂଗ୍ରହାଳୟ ଉଦ୍‌ଘାଟିତ ହୋଇଥିଲା। ସେହିଭଳି ଇଂ. ଅଶୋକ ଜଲାନଙ୍କ ଦ୍ୱାରା ପ୍ରଦତ୍ତ ଜଳବିଶୋଧକ ଯନ୍ତ୍ର ଏବଂ ଥଣ୍ଡା ପାନୀୟ ଜଳ ଯନ୍ତ୍ର ଉଦ୍‌ଘାଟିତ ହୋଇଥିଲା। ଜ୍ଞାନ ପ୍ରକାଶ ଅଗ୍ରୱାଲଙ୍କ ଦ୍ୱାରା ପ୍ରଦତ୍ତ ଅର୍ଥରୁ ନିର୍ମିତ ଶୌଚାଳୟକୁ ମଧ୍ୟ ଅତିଥି ମାନେ ଉଦ୍‌ଘାଟନ କରିଥିଲେ।

**ଅଭିନନ୍ଦନ**
ରୌପ୍ୟ ଜୟନ୍ତୀ ଅବସରରେ ଅଞ୍ଚଳର ଜନସାଧାରଣଙ୍କୁ ଶୁଭେଚ୍ଛା ଜଣାଇବା ସହ ମାଁ ଝାଡେଶ୍ୱରୀ କଲେଜର ଉତ୍ତରୋତ୍ତର ଉନ୍ନତି କାମନା କରୁଛି ।

ନରେଶ ଚନ୍ଦ୍ର ସେଠ
ଧମା ସରପଞ୍ଚ

FineDecor
Kitchens | Bedrooms | Bathrooms | Living
CENTURYPLY · CENTURYLAMINATES · CENTURYVENEERS · Greenply · WELSPUN FLOORING · Greenlam LAMINATES · TURAKHIA DECOR · STONE GALLERY · MARIA DECOR · AluDecoR · ESSENTIA · Godrej · Sylvan ply · Hettich · Treelam
FineDecor
Jalan Towers
Near Hotel K.C Palace, NH-53
Panchgachiya, Sambalpur
+91 70085 12161
We also deal in:
Wooden Flooring, Vinyl Flooring,
All Hardware Items, Charcoal Sheets,
Foam Tiles, Artificial Grass, Veneers,
3D Sheets, Kitchen Sinks, Mirrors
Bathroom Fitting & Imported Wash Basins

**ଅଭିନନ୍ଦନ**
ରୌପ୍ୟ ଜୟନ୍ତୀ ଅବସରରେ ଅଞ୍ଚଳର ଜନସାଧାରଣଙ୍କୁ ଶୁଭେଚ୍ଛା ଜଣାଇବା ସହ ମାଁ ଝାଡେଶ୍ୱରୀ କଲେଜର ଉତ୍ତରୋତ୍ତର ଉନ୍ନତି କାମନା କରୁଛି ।

କମଳଲୋଚନ ପଣ୍ଡା
ମାଁ ଝାଡେଶ୍ୱରୀ କଲେଜ, ଧମା
ପୂର୍ବତନ ଛାତ୍ର-୨୦୦୨ ବ୍ୟାଚ

**ଅଭିନନ୍ଦନ**
ରୌପ୍ୟ ଜୟନ୍ତୀ ଅବସରରେ ଅଞ୍ଚଳର ଜନସାଧାରଣଙ୍କୁ ଶୁଭେଚ୍ଛା ଜଣାଇବା ସହ ମାଁ ଝାଡେଶ୍ୱରୀ କଲେଜର ଉତ୍ତରୋତ୍ତର ଉନ୍ନତି କାମନା କରୁଛି ।


ଶଙ୍କରଲାଲ ଅଗ୍ରୱାଲ
ପରିଚାଳନା ପରିଷଦ ସଦସ୍ୟ,
ଶାନ୍ତି ରାଇସ ମିଲ, ବରଗାଁ

**ଅଭିନନ୍ଦନ**
ରୌପ୍ୟ ଜୟନ୍ତୀ ଅବସରରେ ଅଞ୍ଚଳର ଜନସାଧାରଣଙ୍କୁ ଶୁଭେଚ୍ଛା ଜଣାଇବା ସହ ମାଁ ଝାଡେଶ୍ୱରୀ କଲେଜର ଉତ୍ତରୋତ୍ତର ଉନ୍ନତି କାମନା କରୁଛି ।


ଆନନ୍ଦ ଅଗ୍ରୱାଲ
ଶ୍ରୀରାମ ରାଇସ ମିଲ,
ବାଲପୁର ଛକ

**ଅଭିନନ୍ଦନ**
ରୌପ୍ୟ ଜୟନ୍ତୀ ଅବସରରେ ଅଞ୍ଚଳର ଜନସାଧାରଣଙ୍କୁ ଶୁଭେଚ୍ଛା ଜଣାଇବା ସହ ମାଁ ଝାଡେଶ୍ୱରୀ କଲେଜର ଉତ୍ତରୋତ୍ତର ଉନ୍ନତି କାମନା କରୁଛି ।


ଆଲୋକ ଷଡଙ୍ଗୀ
ଧମା ରେଞ୍ଜର

**ଅଭିନନ୍ଦନ**
ସାଂସଦ ସନାତନ ବିଶି ଓ ପ୍ରସନ୍ନ ଆଚାର୍ଯ୍ୟଙ୍କ ସହଯୋଗରେ ପ୍ରତିଷ୍ଠା କରାଯାଇଥିବା ଏହି କଲେଜ ଯୋଗୁଁ ଅଞ୍ଚଳର ବହୁ ଛାତ୍ରୀଛାତ୍ର ଆର୍ଟ୍ସ ଓ ସାଇନ୍ସ ପଢ଼ିବାର ସୁଯୋଗ ପାଇପାରିଲେ । ରୌପ୍ୟ ଜୟନ୍ତୀ ଅବସରରେ ଅଞ୍ଚଳବାସୀଙ୍କୁ ଶୁଭେଚ୍ଛା ।


ଗୋପିରଞ୍ଜନ ବେହେରା
ମାନେଶ୍ୱର ବ୍ଲକ ବିଜେଡି, ସଭାପତି

**ଶୁଭେଚ୍ଛା ବାର୍ତ୍ତା**
ରୌପ୍ୟ ଜୟନ୍ତୀ ଅବସରରେ ଅଞ୍ଚଳର ଜନସାଧାରଣଙ୍କୁ ଶୁଭେଚ୍ଛା ଜଣାଉଛି । ମାଁ ଝାଡେଶ୍ୱରୀ କଲେଜର ଉତ୍ତରୋତ୍ତର ଉନ୍ନତି କାମନା କରୁଛି ।


ଶୁଭାଶିଷ ପାଢ଼ୀ
ପୂର୍ବତନ ଛାତ୍ର ତଥା ଧରିତ୍ରୀ ସାମ୍ବାଦିକ, ସମ୍ବଲପୁର

**ଶୁଭେଚ୍ଛା ବାର୍ତ୍ତା**

ବିଜୁ ଜନତା ଦଳ
ମାଁ ଝାଡେଶ୍ୱରୀ କଲେଜ ରୌପ୍ୟ ଜୟନ୍ତୀ ଉପଲକ୍ଷେ ରେଢ଼ାଖୋଲ ନିର୍ବାଚନ ମଣ୍ଡଳୀ, ସମ୍ବଲପୁର ଜିଲ୍ଲାବାସୀଙ୍କୁ ଅନେକ ଅନେକ ଅଭିନନ୍ଦନ, ମାଁ ଝାଡେଶ୍ୱରୀ କଲେଜର ଉତ୍ତରୋତ୍ତର ଉନ୍ନତି କାମନା କରୁଛି ।

ଇଂ. ରୋହିତ ପୂଜାରୀ
ଉପମୁଖ୍ୟ ସଚେତକ, ଓଡିଶା ସରକାର ତଥା
ବିଧାୟକ, ରେଢ଼ାଖୋଲ

**ଶୁଭେଚ୍ଛା ବାର୍ତ୍ତା**
ରୌପ୍ୟ ଜୟନ୍ତୀ ଅବସରରେ ଅଞ୍ଚଳର ଜନସାଧାରଣଙ୍କୁ ଶୁଭେଚ୍ଛା ଜଣାଇବା ସହ ମାଁ ଝାଡେଶ୍ୱରୀ କଲେଜର ଉତ୍ତରୋତ୍ତର ଉନ୍ନତି କାମନା କରୁଛି ।

ଚିନ୍ମୟୀ କହଁର
ବି.ଡି.ଓ. ମାନେଶ୍ୱର ବ୍ଲକ

**ଶୁଭେଚ୍ଛା ବାର୍ତ୍ତା**
ଆଦିବାସୀ ଅଧ୍ୟୁଷିତ ଏହି ଅଞ୍ଚଳରେ ମ୍ୟାଟ୍ରିକ ପାସ ପରେ ସୁଯୋଗ୍ୟ ଛାତ୍ରୀଛାତ୍ରମାନଙ୍କୁ ସୁଦୂର ସମ୍ବଲପୁର ଯାଇ ଆଗକୁ ପାଠ ପଢ଼ିବା କଷ୍ଟକର ହେଉଥିଲା । ୧୯୯୪ ମସିହାରେ ଏଠାରେ କଲେଜ ଖୋଲିବାର ସୁଯୋଗ ପାଇ ଛାତ୍ରୀଛାତ୍ରଙ୍କୁ ଦିଗଦର୍ଶନ ଦେଇ ଆସୁଥିବାରୁ ମୁଁ ଆଉ ମୋର ସମସ୍ତ ସହକର୍ମୀ ନିଜକୁ ଗର୍ବିତ ଅନୁଭବ କରୁ ।


ଅଶୋକ କୁମାର ପୁରୋହିତ
ଅଧ୍ୟକ୍ଷ, + ୨ ମାଁ ଝଡେଶ୍ୱରୀ କଲେଜ, ଧମା

ସଡ଼କ ସୁରକ୍ଷା ସପ୍ତାହ




# କେନ୍ଦ୍ରୀୟ ଅବକାରୀ ଅଧିକାରୀଙ୍କ ଘରେ ସିବିଆଇ ଚଢ଼ାଉ

**ରାଉରକେଲା ଅଫିସ,୧୧। ୧**

କେନ୍ଦ୍ରୀୟ ଅବକାରୀ ବିଭାଗ ଡେପୁଟି କମିଶନର ଆଶିକ ଜମାଲଙ୍କ ଘରେ ଶନିବାର ସିବିଆଇ ଚଢାଉ କରିଥିବା ସୂଚନା ମିଳିଛି। ରାଉରକେଲା ସେକ୍ଟର ୬ ସି/ ୮୧ କ୍ୱାର୍ଟର୍ସରେ ଝାଡ଼ଖଣ୍ଡରୁ ଆସିଥିବା ସିବିଆଇ (କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ) ଟିମ୍ ଚଢାଉ କରି କିଛି କାଗଜପତ୍ର ଜବତ କରିଛନ୍ତି । ଏନେଇ ଜମାଲଙ୍କୁ ପଚରାଉଚରା କରାଯାଇଥିବା ଖବର ମିଳିଛି। କେଉଁ ମାମଲାରେ ଜମାଲଙ୍କ ଘରେ ଚଢାଉ କରାଗଲା ସେ ନେଇ ସିବିଆଇ ପକ୍ଷରୁ କିଛି କୁହାଯାଇନାହିଁ। ତେବେ ମିଳିଥିବା ସୂଚନାନୁସାରେ ଝାଡ଼ଖଣ୍ଡରେ କୌଣସି ଏକ ଦୁର୍ନୀତି ମାମଲାରେ ଜମାଲଙ୍କ ଘର ଉପରେ ଚଢାଉ କରାଯାଇଥିବା କୁହାଯାଇଛି।


ଆଶିକ ଜମାଲଙ୍କ ଘର ।

# ମା'ଙ୍କୁ ମୁଖାଗ୍ନି ଦେବାକୁ ପୁଞ୍ଜିଲାଲଙ୍କୁ ଅନୁମତି

**ବଲାଙ୍ଗୀର ଅଫିସ, ୧୧।୧**

ବହୁଚର୍ଚ୍ଚିତ ପାଟଣାଗଡ଼ ପାର୍ଶଲ ବୋମା ବିସ୍ଫୋରଣ ଘଟଣାର ମୁଖ୍ୟ ଅଭିଯୁକ୍ତ କୁହାଯାଉଥିବା ପୁଞ୍ଜିଲାଲ ମେହେରଙ୍କ ମା' ଇନ୍ଦୁମତୀ ମେହେର(୭୨)ଙ୍କ ଶୁକ୍ରବାର ପରଲୋକ ଘଟିଛି। ତାଙ୍କୁ ମୁଖାଗ୍ନି ଦେବାକୁ ପୁଞ୍ଜିଲାଲଙ୍କୁ ପାଟଣାଗଡ଼ ଏଡିଜେ କୋର୍ଟରୁ ଅନୁମତି ମିଳିଛି। ପୁଞ୍ଜିଲାଲଙ୍କୁ ଜେଲରୁ ଜାମିନ୍‌ରେ ଆଣି ଅନ୍ତ୍ୟେଷ୍ଟିକ୍ରିୟା ସମ୍ପନ୍ନ କରିବାକୁ ପରିବାର ଲୋକେ ଚେଷ୍ଟା କରିଥିଲେ। ଫଳରେ ପୁଞ୍ଜିଲାଲଙ୍କ ଓକିଲଙ୍କ ଜରିଆରେ ପାଟଣାଗଡ଼ ଏଡିଜେ ଏବଂ ଏସ୍‌ଡିଜେଏମ୍ କୋର୍ଟରେ ତାଙ୍କ ଜାମିନ ଆବେଦନ କରାଯାଇଥିଲା। ପୁଞ୍ଜିଲାଲଙ୍କ ଜାମିନ୍ ଆବେଦନକୁ ଏଡିଜେ ଶିଖାରାଣୀ ରଥ ଖାରଜ କରିଦେଇଥିଲେ। ହେଲେ ପୁଞ୍ଜିଲାଲ ଏକମାତ୍ର ପୁଅ ହୋଇଥିବାରୁ ମା' ଇନ୍ଦୁମତୀଙ୍କ ଅନ୍ତ୍ୟେଷ୍ଟିକ୍ରିୟାରେ ଯୋଗଦେଇ ମୁଖାଗ୍ନି ଦେବାକୁ ଦିନକ ପାଇଁ ଏଡିଜେ ରଥ ଜାମିନ ପ୍ରଦାନ କରିଛନ୍ତି। ଏନେଇ ପୁଞ୍ଜିଲାଲଙ୍କ ଓକିଲ ଶ୍ରୀମତ୍ ପାଣିଗ୍ରାହୀଙ୍କୁ ପଚାରିବାରୁ ପୁଞ୍ଜିଲାଲ ମେହେରଙ୍କ ମା' ଇନ୍ଦୁମତୀଙ୍କ ମୃତ୍ୟୁ ପରେ ତାଙ୍କ ଅନ୍ତ୍ୟେଷ୍ଟିକ୍ରିୟାରେ ଯୋଗଦେବା ସକାଶେ ପୁଞ୍ଜିଲାଲଙ୍କୁ ଅନୁମତି ଦିଆଯାଉ ବୋଲି ପାଟଣାଗଡ଼ ଏଡିଜେ ଏବଂ ଏସ୍‌ଡିଜେଏମ୍ କୋର୍ଟରେ ଜାମିନ ଆବେଦନ କରାଯାଇଥିଲା। ତେବେ ଜାମିନ ଆବେଦନକୁ ଏଡିଜେ ଖାରଜ୍ କରି ଅନ୍ତ୍ୟେଷ୍ଟିକ୍ରିୟାକୁ ଆସି ମୁଖାଗ୍ନି ଦେବାକୁ ଅନୁମତି ଦେଇଥିବା କହିଛନ୍ତି। ଅନୁମତି ମିଳିବା ପରେ ପୁଞ୍ଜିଲାଲ କେବଳ ମା'ଙ୍କ ଅନ୍ତ୍ୟେଷ୍ଟିକ୍ରିୟାରେ ମୁଖାଗ୍ନି ଦେବାକୁ ଆସିବେ ଓ ଏହା ପରେ ପୁଣି ତାଙ୍କୁ ବଲାଙ୍ଗୀର ଜେଲକୁ


ପୁଞ୍ଜିଲାଲ ମେହେର।

## ଦିନକ ପାଇଁ ମିଳିଲା ଜାମିନ

ଫେରାଇ ନିଆଯିବ ବୋଲି ସେ କହିଛନ୍ତି। ମୃତା ଇନ୍ଦୁମତୀଙ୍କ ମୃତଦେହ ବଲାଙ୍ଗୀର ହସ୍ପିଟାଲ ଶବାଗାରରେ ରଖାଯାଇଛି। ରବିବାର ତାଙ୍କ ମୃତଦେହକୁ ପାଟଣାଗଡ଼ ରାମପୁରକୁ ଅଣାଯିବ। କଡା ସୁରକ୍ଷା ବ୍ୟବସ୍ଥାରେ ଅଭିଯୁକ୍ତ ପୁଞ୍ଜିଲାଲଙ୍କୁ ସେଠାକୁ ନିଆଯିବ ବୋଲି ପୋଲିସ କହିଛି।

ସୂଚନାଯୋଗ୍ୟ, ୨୦୧୮ ଫେବୃୟାରୀ ୨୨ ତାରିଖରେ ପାଟଣାଗଡ଼ ପାର୍ଶଲ ବୋମା ବିସ୍ଫୋରଣ ଘଟିଥିଲା। ଏଥିରେ ନବବିବାହିତ ସୌମ୍ୟଶେଖର ସାହୁ ଓ ତାଙ୍କ ଜେଜେମା ଜେମାମଣି ସାହୁଙ୍କ ମୃତ୍ୟୁ ଘଟିଥିଲା। ଏହି ଘଟଣାର ମାଷ୍ଟରମାଇଣ୍ଡ ପୁଞ୍ଜିଲାଲ ମେହେରଙ୍କୁ କ୍ରାଇମବ୍ରାଞ୍ଚ ୨୦୧୮ ଏପ୍ରିଲ ୨୫ରେ ଗିରଫ କରିଥିଲା। ସେହିଦିନରୁ ପୁଞ୍ଜିଲାଲ ପାଟଣାଗଡ଼ ଉପକାରାଗାରରେ ରହିଥିଲେ। ତେବେ ଜେଲରୁ ଫେରାର ମାରିବାକୁ ଚେଷ୍ଟା କରିବା ଅଭିଯୋଗ ହେବା ପରେ ପୁଞ୍ଜିଲାଲଙ୍କୁ ୨୦୧୯ ଫେବୃୟାରୀ ୮ତାରିଖରେ ବଲାଙ୍ଗୀର ଜେଲକୁ ସ୍ଥାନାନ୍ତର କରାଯାଇଥିଲା। ସେହିଦିନରୁ ସେ ବଲାଙ୍ଗୀର ଜେଲରେ ଅଛନ୍ତି।




# ମହୋଦଧିରେ ସ୍ନାନ କରି ପ୍ରାୟଶ୍ଚିତ୍ତ କଲେ କଂସ

**ପୁରୀ ଅଫିସ, ୧୧।୧**

ବରଗଡ଼ ଧନୁଯାତ୍ରା ଶୁକ୍ରବାର ଶେଷ ହୋଇଛି। ଏଥିରେ କଂସ ଭୂମିକାରେ ଅଭିନୟ କରିଥିବା ଭୁବନେଶ୍ୱର ପ୍ରଧାନ ଶନିବାର ପୁରୀ ଆସି ପବିତ୍ର ମହୋଦଧିରେ ସ୍ନାନ ସାରି ପ୍ରାୟଶ୍ଚିତ୍ତ କରିଛନ୍ତି। ଅଭିନୟରେ ଭଗବାନ କୃଷ୍ଣ ବଳାରାମଙ୍କ ଉଦ୍ଦେଶ୍ୟରେ ଦେଇଥିବା ନିନ୍ଦା ସୂଚକ ଶବ୍ଦ ପାଇଁ ଅନୁତାପ କରି ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ କ୍ଷମାପ୍ରାର୍ଥନା କରିଛନ୍ତି। ଏଥିସହ ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟଙ୍କ ପାଖରେ ଭୁଲ ସ୍ୱୀକାର କରି ତାଙ୍କଠାରୁ ଆଶୀର୍ବାଦ ନେଇଛନ୍ତି।

ଶନିବାର ମଧ୍ୟାହ୍ନରେ ଭୁବନେଶ୍ୱର ଗୋବର୍ଦ୍ଧନ ପୀଠରେ ପହଞ୍ଚିଥିଲେ। ପୀଠର ଇଷ୍ଟ ଦେବୀ ମା' ବିମଳା, ଗୋବର୍ଦ୍ଧନ ନାଥଙ୍କ ଦର୍ଶନ କରିଥିଲେ। ପରେ ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟଙ୍କୁ ସାକ୍ଷାତ୍ କରି ଅଭିନୟରେ କୃଷ୍ଣ ବଳାରାମଙ୍କ ପ୍ରତି ଯେଉଁ କଟୁ ମନ୍ତବ୍ୟ ଦେଇଥିଲେ ସେଥିପାଇଁ ପଶ୍ଚାତାପ କରି ଆଶୀର୍ବାଦ ନେଇଥିଲେ। ସେଠାରୁ ଯାଇ ମହୋଦଧିରେ ସ୍ନାନ କରିବା ସହ ପଇତା ବିସର୍ଜନ କରିଥିଲେ। ଏହାପରେ ଶ୍ରୀମନ୍ଦିରକୁ ଯାଇ ମହାପ୍ରଭୁଙ୍କୁ ଦର୍ଶନ କରିଥିଲେ।


କଂସ ମହୋଦଧିରେ ବୁଡ଼ ପକାଇ ପାପ ପ୍ରାୟଶ୍ଚିତ୍ତ କରୁଛନ୍ତି।

ଧନୁଯାତ୍ରା ଶେଷ ହେବା ପରେ ଶ୍ରୀକ୍ଷେତ୍ର ଆସିବା ସମ୍ପର୍କରେ ଭୁବନେଶ୍ୱର କହିଛନ୍ତି, ଧନୁଯାତ୍ରାର ଅନ୍ତିମ ଦିବସରେ କୃଷ୍ଣ ବଳାରାମଙ୍କ ସହ ମୋର ଯୁଦ୍ଧ ହେଲା। ତ୍ରାହି ପାଇଗଲି ରାକ୍ଷସ ଜନ୍ମରୁ। ଧନୁଯାତ୍ରାର ୧୧ ଦିନ ଧରି ପ୍ରଭୁ ଶ୍ରୀକୃଷ୍ଣଙ୍କୁ ସମସ୍ତେ ଭକ୍ତି କରୁଥିବାବେଳେ ମୁଁ ତାଙ୍କୁ ଗାଳି, ଈର୍ଷା ଆଉ କଟୁ ମନ୍ତବ୍ୟ ଦେଇ ବଦନାମ କରିଛି। ଏପରି କି ବଧ କରିବା ଲାଗି ତାଙ୍କ ଉପରକୁ ଖଣ୍ଡା ମଧ୍ୟ ଉଠାଇଛି। ଏହି କଳିଯୁଗରେ

## ମହାପ୍ରଭୁଙ୍କୁ କ୍ଷମା ମାଗିଲେ, ଶଙ୍କରାଚାର୍ଯ୍ୟଙ୍କ ଆଶୀର୍ବାଦ ନେଲେ

ଯଦି ଭଗବାନଙ୍କ ସହ ଏପରି ଆଚରଣ କେହି କରେ ତେବେ ତାହାଠୁ ବଳି ମହାପାପୀ ଆଉ ଦୁନିଆରେ କେହି ନୁହନ୍ତି। ତେଣୁ ସେହି ପାପରୁ ତ୍ରାହି ପାଇବା ପାଇଁ ଆଜି ମହୋଦଧିରେ ସ୍ନାନ କରି ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟଙ୍କଠାରୁ ଆଶୀର୍ବାଦ ନେଇଛି। ଶ୍ରୀମନ୍ଦିରରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ଦର୍ଶନ କରି ପାପରୁ ମୁକ୍ତି ପାଇବା ପାଇଁ କ୍ଷମାପ୍ରାର୍ଥନା କରିଛି। ଅନ୍ୟପକ୍ଷରେ ପୁରୀକୁ ବରଗଡ଼ ଧନୁଯାତ୍ରାର କଂସ ମହାରାଜ ଆସିଥିବା ଖବର ପାଇବା ପରେ ତାଙ୍କୁ ଦେଖିବାକୁ ଲୋକଙ୍କ ମଧ୍ୟରେ ଉତ୍ସାହ ପ୍ରକାଶ ପାଇଥିଲା। ମହୋଦଧିରେ ସ୍ନାନବେଳେ ଅଧିକାଂଶ ପର୍ଯ୍ୟଟକ ତାଙ୍କ ସହ ସେଲ୍‌ଫି ଉଠାଇଥିଲେ। ଶ୍ରୀମନ୍ଦିର ନିକଟରେ ମଧ୍ୟ ତାଙ୍କୁ ଦେଖିବାକୁ ଭିଡ଼ ଜମିଥିଲା।







# ଆଜି କ'ଣ କେଉଁଠି

**ସମ୍ବଲପୁର**

- ରେଙ୍ଗାଲି ଯୁବ ମହୋତ୍ସବ ଉପଲକ୍ଷେ ବିବିଧ କାର୍ଯ୍ୟକ୍ରମ, ରେଙ୍ଗାଲି, ସକାଳ ୭ଟାରୁ ସନ୍ଧ୍ୟା ସାଢ଼େ ୫ଟା ।
- ବିକାଶ ସମୂହ ଶିକ୍ଷାନୁଷ୍ଠାନ ବନାମ ମିଡିଆ ଏକାଦଶ କ୍ରିକେଟ ମ୍ୟାଚ, ଶାସନସ୍ଥିତ ବିକାଶ ସ୍କୁଲ ପଡିଆ, ସକାଳ ୮ଟା ।
- ରଣେଶ୍ୱର ରାମଚଣ୍ଡୀଙ୍କ ବାର୍ଷିକ ପୂଜନୋତ୍ସବ, ଦାନୀପାଲି ରାମଚଣ୍ଡୀ ସେବାସଦନ, ସକାଳ ୮ଟା ।
- ମାଁ ଝାଡେଶ୍ୱରୀ କଲେଜ ରୌପ୍ୟଜୟନ୍ତୀ ଉତ୍ସବ, ଧମାସ୍ଥିତ କଲେଜ ପରିସର, ପୂର୍ବାହ୍ନ ସାଢ଼େ ୧୦ଟା ।
- ଶ୍ରୀରାମ କଥା ଜ୍ଞାନଯଜ୍ଞ, ରେମେଡ ସ୍ଥିତ ଜଲାନ ଇଷ୍ଟେଟ, ଅପରାହ୍ନ ୩ଟା ।
- ହୀରାକୁଦ ଲୋକମହୋତ୍ସବ ଉଦ୍‌ଯାପନୀ ଉତ୍ସବ, ସୁବାଷ ମଇଦାନ, ସନ୍ଧ୍ୟା ୫ଟା ।
- ସ୍ୱାମୀ ବିବେକାନନ୍ଦ ଜୟନ୍ତୀ, ତପସ୍ୱିନୀ ପ୍ରେକ୍ଷାଳୟ, ସନ୍ଧ୍ୟା ୬ଟା।
- ଡିପିଏ ହାୟର ସେକେଣ୍ଡାରୀ ସ୍କୁଲର ବାର୍ଷିକ ଉତ୍ସବ, ମାଝିପାଲି ସ୍କୁଲ ପରିସର, ଅପରାହ୍ନ ୪ଟା ।

**ବୌଦ୍ଧ**

- ଜାତୀୟ ଯୁବ ଦିବସ ଅବସରରେ ସତ୍ୟସାଇ ସେବା ସଦନ ପକ୍ଷରୁ ମାରାଥନ, ରଘୁନାଥ ମନ୍ଦିର, ସାଢେ ୭ଟା ।

**ଦେବଗଡ଼**

- ସର୍ବଭାରତୀୟ ବହୁଭାଷୀ ନାଟକ ନୃତ୍ୟ ମହୋତ୍ସବର ତୃତୀୟ ସନ୍ଧ୍ୟା, ଟାଉନ ହଲ, ସନ୍ଧ୍ୟା ୭ଟା।
- ସର୍ବଭାରତୀୟ ପ୍ରଧାନପାଟ ଫୁଟବଲ କପ୍‌ର ଫାଇନାଲ ମ୍ୟାଚ୍, ଇନ୍ଦିରା ଗାନ୍ଧୀ ଷ୍ଟାଡ଼ିୟମ, ଦେବଗଡ଼, ଅପରାହ୍ନ ୨ଟା ୩୦।
- ସଡ଼କ ସୁରକ୍ଷା ସପ୍ତାହ ଅବସରରେ ରକ୍ତଦାନ ଶିବିର, କଲ୍ୟାଣ ମଣ୍ଡପ, ଦେବଗଡ଼ ସହର, ପୂର୍ବାହ୍ନ ୧୦ଟା।

**କୁଆଁରମୁଣ୍ଡା**

- ସ୍ୱସ୍ତି ସାହିତ୍ୟ ସଂସଦ ତରଫରୁ ରାଜ୍ୟସ୍ତରୀୟ କବିତାୟନ କାର୍ଯ୍ୟକ୍ରମ, ଝାରବେଡ଼ା (ମନ୍ଦିରା ଡ୍ୟାମ୍ ନିକଟ),ପୂର୍ବାହ୍ନ ୧୧ଟା।
- ଜେଜେ ମା', ଜେଜେ ବାପା ସମ୍ମିଳନୀ, କୁଆଁରମୁଣ୍ଡା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ପୂର୍ବାହ୍ନ ସାଢେ୧୦ଟା।

**ସୁନ୍ଦରଗଡ଼**

- ଖୁଏଲ୍ ଯତ୍‌ରା ୨୦୨୦, ସରକାରୀ ମହାବିଦ୍ୟାଳୟ, ପୂର୍ବାହ୍ନ ୧୦ଟା।
- ସୁନ୍ଦରଗଡ଼ ଗାଙ୍ଗପୁର ମହୋତ୍ସବ, ସିଭିକ ସେଣ୍ଟର, ସନ୍ଧ୍ୟା୫ଟା।

**ବିଜେପୁର**

- ଶ୍ରୀରାମ କ୍ୟାରମ ଟୁର୍ନାମେଣ୍ଟ, ପଡ଼ା ଗାଁ, ପୂର୍ବାହ୍ନ ୧୦ଟା।
- ମକର ସଂକ୍ରାନ୍ତି ମହୋତ୍ସବରେ ପ୍ରବଚନ, ଗୋପଟିକ୍ରା ନିତ୍ୟାନନ୍ଦ ଆଶ୍ରମ, ମଧ୍ୟାହ୍ନ ୧୨.୩୦।
- ପୁଷପୁନି ତିହାର ଅବସରରେ ବିଭିନ୍ନ ପ୍ରତିଯୋଗିତା, ବିଜେପୁର ସଙ୍କର୍ଷଣ ଏମ୍ଇ ସ୍କୁଲ ପଡ଼ିଆ, ସନ୍ଧ୍ୟା ୫ଟା।



## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ: ..................................
ଜନ୍ମ ତାରିଖ: ..............................


ଆଲେକ୍ସ
ପରିବାରବର୍ଗ


ଅମରେନ୍ଦ୍ର
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


## ପ୍ରଥମ ପୃଷ୍ଠାରୁ...

## ରାଜ୍ୟରେ ହେବ...

୨୦୨୧ ଜନଗଣନା ପାଇଁ ସମସ୍ତ ପ୍ରସ୍ତୁତି ହୋଇଥିଲେ ମଧ ସାମାଜିକ, ଆର୍ଥିକ ଓ ଜାତିଭିତ୍ତିକ ଗଣନା ପାଇଁ କୌଣସି ବ୍ୟବସ୍ଥା ହୋଇ ନାହିଁ। ରାଜ୍ୟର ଦୁର୍ବଳ ବର୍ଗର ଲୋକମାନଙ୍କୁ ଅଗ୍ରାଧିକାର ଭିତ୍ତିରେ ସ୍ୱତନ୍ତ୍ର ଧ୍ୟାନ ଦେବାକୁ ସରକାର ଏଭଳି ନିଷ୍ପତ୍ତି ନେଇଛନ୍ତି। ସେମାନଙ୍କର ପ୍ରକୃତ ସଂଖ୍ୟା ଗଣାଯାଇ ନ ଥିବାରୁ ସୁବିଧା ଯୋଗାଇ ଦେବା ପାଇଁ ସରକାରଙ୍କ ପକ୍ଷେ ସମସ୍ୟା ସୃଷ୍ଟି ହେଉଛି। ୨୦୧୧ରେ ସାମାଜିକ, ଆର୍ଥିକ ଜନଗଣନା ହୋଇଥିଲେ ମଧ ତାହାକୁ ପ୍ରକାଶ କରାଯାଇ ପାରିନାହିଁ। ଏଥିଯୋଗୁ ଆସନ୍ତା ଜନଗଣନା ବେଳେ ଏଥିପାଇଁ ଏକ ସ୍ୱତନ୍ତ୍ର କଲମ ରହିବ। କ୍ୟାବିନେଟ ନିଷ୍ପତ୍ତି ପରେ ଏହାକୁ କେନ୍ଦ୍ର ସରକାରଙ୍କ ନିକଟକୁ ଅନୁମୋଦନ ପାଇଁ ପଠାଯିବ।

ବୈଠକ ଶେଷରେ ଗଣମାଧ୍ୟମକୁ ସୂଚନା ଦେଇ ପଞ୍ଚାୟତିରାଜ ଓ ପାନୀୟ ଜଳ ମନ୍ତ୍ରୀ ପ୍ରତାପ ଜେନା କହିଛନ୍ତି ଯେ ସାମାଜିକ, ଆର୍ଥିକ ଓ ଜାତିଭିତ୍ତିକ ଗଣନା କରିବା ନେଇ ରାଜ୍ୟ ସରକାର ଏକ ଐତିହାସିକ ନିଷ୍ପତ୍ତି ନେଇଛନ୍ତି। ଜାତିର ପିତା ମହାତ୍ମା ଗାନ୍ଧୀ କହିଥିଲେ ''ଯେତେବେଳେ ଅର୍ଥନୈତିକ ଏକତା ଦେଖାଦେବ ସେତେବେଳେ ପୂର୍ଣ୍ଣ ସ୍ୱାଧୀନତା ମିଳିପାରିବ। ଆମେ ସମାନ ଭାବେ ଜନ୍ମ ନେଇଛୁ, ଆମ ସମସ୍ତଙ୍କୁ ସମାନ ସୁଯୋଗ ମିଳିବା ଦରକାର।'' ଗାନ୍ଧିଜୀଙ୍କ ଏହି ଚିନ୍ତାଧାରାକୁ ସମ୍ବିଧାନରେ ସ୍ଥାନିତ କରାଯାଇଛି। ସମ୍ବିଧାନର ଅନୁଚ୍ଛେଦ ୧୫(୪) ଅନୁଯାୟୀ ରାଜ୍ୟ ସରକାର ସାମାଜିକ ଓ ଆର୍ଥିକ କ୍ଷେତ୍ରରେ ପଛୁଆ ଥିବା ବର୍ଗ, ଅନୁସୂଚିତ ଜାତି ଓ ଜନଜାତିଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରିବାକୁ ବ୍ୟବସ୍ଥା ରହିଛି । ଅନୁଚ୍ଛେଦ-୪୬ରେ ଦୁର୍ବଳ ଶ୍ରେଣୀଙ୍କ ସାମାଜିକ ଓ ଶିକ୍ଷାଗତ ଉନ୍ନତି ପାଇଁ ସ୍ୱତନ୍ତ୍ର ଯତ୍ନ ନେବାକୁ କୁହାଯାଇଛି। ଅନୁଚ୍ଛେଦ ୧୬(୪) ଅନୁଯାୟୀ ପଛୁଆ ବର୍ଗଙ୍କ ପାଇଁ ନିଯୁକ୍ତି କ୍ଷେତ୍ରରେ ସ୍ଥାନ ସଂରକ୍ଷଣ ଦେବାକୁ ବ୍ୟବସ୍ଥା ରହିଛି। ଗଣନା ହୋଇ ନ ଥିବାରୁ ସରକାରୀ ଚାକିରିରେ ସେମାନଙ୍କୁ ପର୍ଯ୍ୟାପ୍ତ ନିଯୁକ୍ତି ମିଳିପାରୁ ନାହିଁ। ଦେଶର ସାମାଜିକ ବ୍ୟବସ୍ଥା ମଧରେ ରାଜ୍ୟର ସାମାଜିକ ବିବିଧତା କେଉଁ ଅନାଦି କାଳରୁ ରହି ଆସିଛି। ଗତ ୮୩ ବର୍ଷ ଧରି ଦେଶର ଆଧୁନିକ ରାଜ୍ୟ ଭାବେ ଓଡିଶା ଅନେକ କ୍ଷେତ୍ରରେ ପ୍ରଗତି କରିଛି। ଗତ ଦୁଇ ଦଶନ୍ଧି ଧରି ରାଜ୍ୟର ପ୍ରଗତି ହୋଇଛି। ତେବେ ୧୯୩୧ ପରଠାରୁ ଜନଗଣନାରେ ଜାତିଭିତ୍ତିକ ଗଣନାକୁ ପ୍ରାଧାନ୍ୟ ଦିଆଯାଇ ନାହିଁ। ଆସନ୍ତା ଜନଗଣନାରେ ଏସ୍ଇବିସି, ଏସ୍ସି/ଏସ୍ଟି ବର୍ଗ ପାଇଁ ସ୍ୱତନ୍ତ୍ର ଗଣନା କରାଯିବ। ମହାତ୍ମା ଗାନ୍ଧୀଙ୍କ ୧୫୦ତମ ଜୟନ୍ତୀ ପାଳନ ଅବସରରେ ଏହାକୁ କାର୍ଯ୍ୟକାରୀ କରିପାରିଲେ ବାପୁଙ୍କ ଚିନ୍ତାଧାରାକୁ ଏହା ଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳି ହେବ ବୋଲି ମନ୍ତ୍ରୀ କହିଛନ୍ତି। ଏଠାରେ ସୂଚନାଯୋଗ୍ୟ ଯେ ସାମାଜିକ, ଅର୍ଥନୈତିକ ଓ ଜାତିଭିତ୍ତିକ ଜନଗଣନା କରିବାକୁ ମହାରାଷ୍ଟ୍ର ବିଧାନସଭାରେ ଅନୁମୋଦନ କରାଯାଇଛି।

## ଓଡ଼ିଶାର...

ଷ୍ଟିଫେନ୍ସ ସେଣ୍ଟେନାରୀ ମେଡାଲ ୱିନର ମଧ ହୋଇଥିଲେ। ଏହାପରେ ସେ ଦିଲ୍ଲୀ ସ୍କୁଲ୍ ଅଫ୍ ଇକୋନୋମିକ୍ସରୁ ସ୍ନାତକୋତ୍ତର ଡିଗ୍ରୀ ହାସଲ କରିବା ସହ 'ଡ. ମନମୋହନ ସିଂ ସ୍କଲାର' ପାଇଥିଲେ। ଜେଏନ୍ୟୁରେ ଇକୋନୋମିକ୍ସରେ ଏମ୍ଫିଲ୍ ଶେଷ କରିବା ପରେ ଅଂଶୁମାନ ବର୍ତ୍ତମାନ ଆର୍ବିଆଇର ଇକୋନୋମିକ ଆଣ୍ଡ୍ ପଲିସି ରିସର୍ଚ୍ଚ ବିଭାଗର ମ୍ୟାନେଜର ଭାବେ କାର୍ଯ୍ୟରତ ଅଛନ୍ତି।

ଅଂଶୁମାନଙ୍କ ଘର ବାଲେଶ୍ୱର ଜିଲାର ଚୋରମରାରେ। ସେ ହେଉଛନ୍ତି ନୂଆଦିଲ୍ଲୀସ୍ଥିତ ଇଣ୍ଡିଆନ ପୋଷ୍ଟାଲ ସର୍ଭିସର ସଦସ୍ୟ ତଥା ଓଡ଼ିଶାର ପୂର୍ବତନ ଚିଫ୍ ପୋଷ୍ଟମାଷ୍ଟର ଜେନେରାଲ ସନ୍ତୋଷ କାମିଲା ଓ ଲବ୍ଧପ୍ରତିଷ୍ଠିତ କଣ୍ଠଶିଳ୍ପୀ ତଥା ଅର୍ଥଶାସ୍ତ୍ର ପ୍ରଫେସର ମିତାଲି ଚିନାରାଙ୍କ ପୁଅ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଅଂଶୁମାନଙ୍କ ସଫଳତା ପାଇଁ ତାଙ୍କୁ ଟୁଇଟ୍ କରି ଶୁଭେଚ୍ଛା ଜଣାଇଛନ୍ତି।

କେନ୍ଦ୍ରୀୟ ଲୋକ ସେବା ଆୟୋଗ (ୟୁପିଏସ୍ସି) ଦ୍ୱାରା ପରିଚାଳିତ ଆଇଇଏସ୍ ପରୀକ୍ଷା ୨୦୧୯ ଜୁନ୍ ୨୮ରୁ ୩୦ ମଧରେ ଅନୁଷ୍ଠିତ ହୋଇଥିଲା। ନିକଟରେ ପର୍ସୋନାଲିଟି ଟେଷ୍ଟ ବା ବ୍ୟକ୍ତିତ୍ୱ ପରୀକ୍ଷା ସରିଥିଲା। ମୋଟ ୩୨ ସିଟ୍ ପାଇଁ ଏହି ପରୀକ୍ଷା ହୋଇଥିଲା। ଏଥିରେ ସାଧାରଣବର୍ଗରେ ୧୪ ସିଟ୍ ଥିବାବେଳେ ଇଡବ୍ଲ୍ୟୁଏସ୍ରେ ୩, ଓବିସିରେ ୮, ଏସ୍ସିରେ ୫ ଓ ଏସ୍ଟିରେ ୨ ସିଟ୍ ରହିଛି। ଏହି ପରୀକ୍ଷାରେ ଦ୍ୱିତୀୟରେ ଶ୍ରୁତି ସିଂ ଓ ତୃତୀୟରେ ରାଧିକା ଶର୍ମା ରହିଛନ୍ତି।

### ମା'ବାପାଙ୍କ ପ୍ରେରଣା ସଫଳତା ଦେଲା : ଅଂଶୁମାନ

ଆଇଇଏସ୍ ୨୦୧୯ର ରେଜଲ୍ଟ ବାହାରିବା ପରେ ଅଂଶୁମାନ ବହୁ ଖୁସି ବ୍ୟକ୍ତ କରିବା ସହିତ ଏହାର ଶ୍ରେୟ ମା'ବାପା, ଅଜା, ଗୁରୁଜନ ଓ ସାଙ୍ଗସାଥୀଙ୍କୁ ଦେଇଛନ୍ତି। ଦୁଇଥର ବିଫଳ ହେବା ପରେ ତୃତୀୟ ଚେଷ୍ଟାରେ ସେ ଏହି ସଫଳତା ପାଇଛନ୍ତି। ପରିବାରର ସହଯୋଗ ତାଙ୍କୁ ସଫଳତା ହାସଲ ଲାଗି ଉତ୍ସାହିତ କରି ଆସିଛି ବୋଲି ସେ କହିଛନ୍ତି। ମା' ଅର୍ଥନୀତି ବିଭାଗ ପ୍ରଫେସର ଓ ବାପା ପ୍ରଶାସନିକ ଅଧିକାରୀ। ତେଣୁ ଅର୍ଥନୀତିକୁ ସିଭିଲ ସର୍ଭିସରେ କିପରି କାମରେ ଲଗାଇ ହେବ ସେଥିନିମନ୍ତେ ଉଭୟଙ୍କ ନିକଟରୁ ପ୍ରେରଣା ମିଳିଥିଲା। ଏଥିପାଇଁ ମା' ପାଠ ପଢ଼ିବାକୁ ପ୍ରେରଣା ଦେଇଥିବାବେଳେ ଏହାକୁ କିପରି କାମରେ ଲଗାଇହେବ ବାପା ସେ ବିଷୟରେ ଶିକ୍ଷା ଦେଇଛନ୍ତି। ସମାଜ ପାଇଁ କିଛି କରିବାକୁ ଉଭୟେ ମୋତେ ସବୁବେଳେ ପରାମର୍ଶ ଦେଇଛନ୍ତି। ନିଜ ମାଟି ପାଇଁ କିଛି କରିବାକୁ ଆଶା ରଖି ଚେଷ୍ଟା ଜାରି ରଖିଥିଲି। ଟପ୍ପର ହୋଇଥିବା ଖବର ପାଇବା ପରେ ମା'ବାପା ବହୁତ ଖୁସି ହୋଇଥିବାରୁ ମୁଁ ବି ବହୁତ ଖୁସି ବୋଲି କହିଛନ୍ତି ଅଂଶୁମାନ।

### 'ସିଲାବସ୍ ଅନୁଯାୟୀ ଭଲ ଭାବେ ପଢ଼ନ୍ତୁ'

ନିଜ ଅଭିଜ୍ଞତାରୁ ସିଭିଲ ସର୍ଭିସ୍ ପାଇଁ ପ୍ରସ୍ତୁତ ହେଉଥିବା ଛାତ୍ରୀଛାତ୍ରଙ୍କୁ ସେ କହିଛନ୍ତି ଯେ, ଯାହା ବି ସିଲାବସ୍ ଅଛି ତାହାକୁ ଫଲୋ କରନ୍ତୁ। ଅଳ୍ପକିଛି ପଢ଼ି ପରୀକ୍ଷାରେ ପାସ୍ କରିବାର ଇଚ୍ଛା ରଖିବା ଉଚିତ ନୁହେଁ। ସିଲାବସ୍ ଅନୁଯାୟୀ, ଭଲ ଭାବେ ସବୁଦିନ ପଢ଼ିଲେ ନିହାତି ଭାବେ ମେରିଟ୍ ଲିଷ୍ଟରେ ବହୁତ ଓଡ଼ିଆ ସ୍ଥାନ ପାଇପାରିବେ। ଆଗକୁ ମୁଁ ଆଶା କରିବି ଏହି ପରୀକ୍ଷାରେ ଅନେକ ଓଡ଼ିଆ ସ୍ଥାନ ପାଆନ୍ତୁ। ମାନ୍ଦାବସ୍ଥାର ପ୍ରଭାବ ଅନ୍ତର୍ଜାତୀୟ ସ୍ତରରେ ଦେଖାଦେଇଥିବା ଯୋଗୁ ଭାରତରେ ଏହାର ପ୍ରତିଫଳନ ଦେଖିବାକୁ ମିଳିଛି। ଏଥିନିମନ୍ତେ ଭାରତ ସରକାର, ରାଜ୍ୟ ସରକାର ଓ ରିଜର୍ଭ ବ୍ୟାଙ୍କ ଚେଷ୍ଟା ଚଳାଇଥିବା ଆଇଇଏସ୍ ଟପ୍ପର ଅଂଶୁମାନ କହିଛନ୍ତି।

## ବନ୍ଦ ଘରୁ ମିଳିଲା...

ଗୋକୁଳାନନ୍ଦ ସାହୁ, ଏସ୍ଡିପିଓ ବିଜୟ କୁମାର ନନ୍ଦ ଘଟଣାସ୍ଥଳରେ ପହଞ୍ଚି ପରିସ୍ଥିତି ଅନୁଧ୍ୟାନ କରିବା ପରେ ସ୍ଥାନୀୟ ତହସିଲଦାର ତଥା ମାଜିଷ୍ଟ୍ରେଟ ରୀନା ନାଏକଙ୍କ ଉପସ୍ଥିତିରେ କବାଟ ଭାଙ୍ଗି ଘର ଭିତରକୁ ପ୍ରବେଶ କରିଥିଲେ । ଘର ଭିତର ବିଛଣା ଉପରେ ଏହି ଦମ୍ପତି ଓ ତାଙ୍କ ୨ ପିଲାଙ୍କ ମୃତଦେହ ପଡିଥିଲା । ମୃତଦେହ ଉପରେ କମ୍ବଳ ଘୋଡାହେବା ଅବସ୍ଥାରେ ଥିଲା । ଘର ଭିତରେ ଏକ ତାଟିଆରେ ରଖାଯାଇଥିବା କ୍ଷୀର ଓ କ୍ଷୀରକୁ ଗରମ କରାଯାଇଥିବା କଡ଼େଇ ସମେତ କିଛି ରନ୍ଧାଖାଦ୍ୟ ରହିଥିଲା । ପୋଲିସ ସେହି ଖାଦ୍ୟ ସାମଗ୍ରୀର ନମୁନା ସଂଗ୍ରହ କରି ପରୀକ୍ଷା ପାଇଁ ପଠାଇଛି । କେଉଁ କାରଣରୁ ଏହି ପରିବାର ସଦସ୍ୟଙ୍କ ମୃତ୍ୟୁ ଘଟିଛି ତା'ର କାରଣ ଜଣାପଡି ନାହିଁ । ହେଲେ କୌଣସି କାରଣରୁ ସମସ୍ତେ ବିଷ ପିଇ ଆତ୍ମହତ୍ୟା କରିଥାଇପାରନ୍ତି ବୋଲି ଚର୍ଚ୍ଚା ହେଉଛି । ଅନ୍ୟପକ୍ଷେ ଘର ଭିତରୁ ଏକ ପାତ୍ର ମିଳିଛି । ସେହି ପାତ୍ରରେ ଜାଳେଣି କୋଇଲା ଜଳାଯାଇଥିବା ଦେଖିବାକୁ ମିଳିଛି । ଶୀତରୁ ରକ୍ଷା ପାଇବା ପାଇଁ ଏହି ଦମ୍ପତି କୋଇଲା ଜଳାଇ ଘର ଭିତରେ ରଖି ଶୋଇପଡିଥିବା ଅନୁମାନ କରାଯାଉଛି । ସେହି ଧୂଆଁରେ ଶ୍ୱାସରୁଦ୍ଧ ହୋଇ ୪ଜଣଙ୍କ ମୃତ୍ୟୁ ଘଟିଥିବା ଅନୁମାନ କରାଯାଉଛି ବୋଲି ଥାନା ଅଧିକାରୀ ସାହୁ କହିଛନ୍ତି । ସୁନ୍ଦରଗଡ଼ ଏସ୍ପି ସୌମ୍ୟା ମିଶ୍ରା ଓ ସାଇଣ୍ଟିଫିକ ଟିମ୍ ଘର ଭିତରର ସ୍ଥିତି ଅନୁଧ୍ୟାନ କରିଛନ୍ତି । ପୋଲିସ ଓ ସାଇଣ୍ଟିଫିକ୍ ଟିମ୍ ଉକ୍ତ ଘଟଣାର ତଦନ୍ତ ଆରମ୍ଭ କରିଛନ୍ତି । ତଦନ୍ତ ପରେ ସବୁ ସ୍ପଷ୍ଟ ହେବ ବୋଲି ଏସ୍ପି ମିଶ୍ରା କହିଛନ୍ତି । ମୃତଦେହ ବ୍ୟବଚ୍ଛେଦ ପାଇଁ ରାଜଗାଙ୍ଗପୁର ସରକାରୀ ଡାକ୍ତରଖାନାକୁ ପୋଲିସ ପଠାଇଛି ।

## ଭୁଲ୍ରେ...

ଅଲି ଖାମେନି ଭବିଷ୍ୟତରେ ଯେପରି ଏହାର ପୁନରାବୃତ୍ତି ନ ଘଟେ ସେଥିପାଇଁ ସତର୍କ ହେବାକୁ ସଶସ୍ତ୍ର ବଳକୁ ନିର୍ଦ୍ଦେଶ ଦେଇଛନ୍ତି। ୧୭୬ ଜଣଙ୍କ ଜୀବନ ଯାଇଥିବା ଏହି ମାନବକୃତ ଦୁର୍ଘଟଣା ପାଇଁ ଇରାନ କ୍ଷମାମାଗୁ ଏବଂ ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେଉ ବୋଲି ୟୁକ୍ରେନ ଓ କାନାଡା ପକ୍ଷରୁ ଦାବି କରାଯାଇଛି।

ଇରାକ ରାଜଧାନୀ ବାଗଦାଦରେ ଥିବା ବିମାନବନ୍ଦରରେ ଗତ ୩ ତାରିଖରେ ଆମେରିକା ସେନା ରକେଟ ମାଡ଼ କରିଥିଲା। ଏଥିରେ ଇରାନ ସେନାର ଶକ୍ତିଶାଳୀ କମାଣ୍ଡର ଜେନେରାଲ କାସିମ ସୋଲେମାନୀ ଓ ଅନ୍ୟ କେତେଜଣ ଅଧିକାରୀ ନିହତ ହୋଇଥିଲେ। ଏହାର ସପ୍ତାହେ ନ ପୂରୁଣୁ ଇରାନ ସୋଲେମାନୀଙ୍କ ହତ୍ୟାର ପ୍ରତିଶୋଧ ନେବାକୁ ଯାଇ ଇରାକସ୍ଥିତ ଆମେରିକାର ଦୁଇଟି ସେନାଘାଟିକୁ ଟାର୍ଗେଟ କରିଥିଲା। ଏହାର କିଛି ସମୟ ପରେ ୟୁକ୍ରେନ ବିମାନ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଫଳରେ ବିମାନରେ ଥିବା ସମସ୍ତ ୧୭୬ ଯାତ୍ରୀ ପ୍ରାଣ ହରାଇଥିଲେ। ଇରାନ ସମେତ ଅନ୍ୟ ଦେଶଗୁଡ଼ିକ ପ୍ରଥମେ ଏହାକୁ ଯାନ୍ତ୍ରିକ ତ୍ରୁଟିଜନିତ ବୋଲି ଧରିନେଇଥିଲେ। କିନ୍ତୁ ଇରାନର ମିଶାଇଲ ଆକ୍ରମଣ ପରେ ବିମାନ ଦୁର୍ଘଟଣା ଘଟିଥିବାରୁ ଏହାକୁ ନେଇ ଅନେକ ପ୍ରଶ୍ନ ଉଠିଥିଲା। ଆମେରିକା ଏହି ଦୁର୍ଘଟଣାରେ ଇରାନର ହାତ ଥିବା କହୁଥିବାବେଳେ ଅଭିଯୋଗକୁ ବାରମ୍ବାର ଖଣ୍ଡନ କରୁଥିଲା ତେହେରାନ। ତେବେ ଶୁକ୍ରବାର ନ୍ୟୁୟର୍କ ଟାଇମ୍ସ ଏବଂ ସିଏନ୍ଏନ୍ ସମେତ କେତେକ ଅନ୍ତର୍ଜାତୀୟ ଗଣମାଧମ ପକ୍ଷରୁ ବିମାନ ଦୁର୍ଘଟଣା ବେଳର ଭିଡିଓ ଜାରି କରାଯିବାର ଦିନକ ପରେ ଇରାନ ନିଜ ଦୋଷ ସ୍ୱୀକାର କରିବାକୁ ବାଧ ହୋଇଛି। ଇରାନର ସଶସ୍ତ୍ର ବଳ ଜେନେରାଲ ଷ୍ଟାଫ୍ ପକ୍ଷରୁ ଏକ ବିବୃତିରେ ଶନିବାର କୁହାଯାଇଛି ଯେ ବୁଧବାର ବିମାନ ଦୁର୍ଘଟଣା ଘଟିବା ସମୟରେ ସୁରକ୍ଷା ବଳ ହାଇଏଷ୍ଟ ଆଲର୍ଟରେ ରହିଥିଲା। ସ୍ଥିତି ଅତ୍ୟନ୍ତ ଜଟିଳ ଥିବାବେଳେ ଆମେରିକା ନିର୍ମିତ ବୋଇଂ ୭୩୭-୮୦୦ ଇସ୍ଲାମିକ୍ ରିଭୋଲ୍ୟୁଶନାରି ଗାର୍ଡ କର୍ (ଆଇଆର୍ଜିସି) ସାମରିକ କେନ୍ଦ୍ରର ଅତି ସମ୍ବେଦନଶୀଳ ଅଞ୍ଚଳର ନିକଟତର ହୋଇଥିଲା। ଏଥିଯୋଗୁ ଏହା ଶତ୍ରୁପକ୍ଷର ବିମାନ ବୋଲି ମନେକରି ଏହାକୁ ମିଶାଇଲ ଆକ୍ରମଣ କରାଯାଇଥିଲା। ଆଗକୁ ଯେମିତି ଏଭଳି ଭୁଲ ନ ହେବ ସେ ଦିଗରେ ସର୍ବାଧିକ ସତର୍କତା ଅବଲମ୍ବନ କରାଯିବ। ଇରାନର ବହିର୍ବ୍ୟାପାର ମନ୍ତ୍ରୀ ମହମ୍ମଦ ଜାଭେଦ ଜରିଫ ଏହି ଭୁଲ ପାଇଁ କ୍ଷମାମାଗିଛନ୍ତି। ଅମେରିକା ଦ୍ୱାରା ସୃଷ୍ଟି କରାଯାଇଥିବା ସଙ୍କଟ ଯୋଗୁ ଏହି କୃତ୍ରିମ ଦୁଃସାହିକ ପଦକ୍ଷେପ ନିଆଯାଇଥିଲା, ଯାହାକି ବିପର୍ଯ୍ୟୟ ଆଣିଦେଇଥିଲା ବୋଲି ସେ କହିଛନ୍ତି। ରାଷ୍ଟ୍ରପତି ରୁହାନି ମଧ ଟୁଇଟ୍ କରି ଦୁଃଖ ପ୍ରକାଶ କରିଛନ୍ତି। ଏହାସହ ଶୋକସନ୍ତପ୍ତ ପରିବାରଗୁଡ଼ିକୁ ସମବେଦନା ଜଣାଇଛନ୍ତି। ଏହି ଅକ୍ଷମଣୀୟ ଭୁଲ୍ ପାଇଁ ଦାୟୀ ବ୍ୟକ୍ତିବିଶେଷଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ନିଆଯିବ। ମୃତକଙ୍କ ପରିବାରକୁ କ୍ଷତିପୂରଣ ଦେବା ପାଇଁ ସୁନିଶ୍ଚିତ କରିବା ଲାଗି ସମ୍ପୃକ୍ତ ବିଭାଗଗୁଡ଼ିକୁ ନିର୍ଦ୍ଦେଶ ଦିଆଯାଇଛି। ୟୁକ୍ରେନ ଓ କାନାଡା ଏହି ଦୁର୍ଘଟଣା ପାଇଁ ଇରାନକୁ ଉତ୍ତରଦାୟୀ କରାଯାଉ ବୋଲି ଦାବି କରିଛନ୍ତି। ୟୁକ୍ରେନ ରାଷ୍ଟ୍ରପତି ଭୋଲୋଡିମିର ଜେଲେନ୍ସ୍କି ବିମାନ ଖସାଇଥିବା ବ୍ୟକ୍ତିଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ସହ କ୍ଷତିପୂରଣ ଦାବି କରିଛନ୍ତି। ଇରାନ ଖୁବ୍ଶୀଘ୍ର ଦୋଷୀଙ୍କୁ ଆଇନର କାଠଗଡ଼ାରେ ଛିଡ଼ା କରାଇବା ନେଇ ସେ ଆଶାବାଦୀ ଥିବା ଭୋଲୋଡିମିର ଫେସ୍ବୁକରେ ପୋଷ୍ଟ କରିଛନ୍ତି। ସେହିପରି କାନାଡା ରାଷ୍ଟ୍ରପତି ଜଷ୍ଟିନ ଟ୍ରୁଡୋ ମଧ ଦୁର୍ଘଟଣାର ନିରପେକ୍ଷ ତଦନ୍ତ ଦାବି କରି ମୃତକଙ୍କ ପରିବାରକୁ ନ୍ୟାୟ ପ୍ରଦାନ କରିବାକୁ ଦାବି କରିଛନ୍ତି। ଏହି ଦୁର୍ଘଟଣାକୁ ସେ କାନାଡାବାସୀଙ୍କ ପାଇଁ ଏକ ଜାତୀୟ ବିପର୍ଯ୍ୟୟ ଭାବେ ଅଭିହିତ କରିଛନ୍ତି। ପ୍ରକାଶ ଯେ, ବିମାନ ଦୁର୍ଘଟଣାରେ ପ୍ରାଣ ହରାଇଥିବା ୧୭୬ ମୃତକଙ୍କ ମଧରେ ଇରାନର ୮୨ ଏବଂ କାନାଡାର ୬୩ ଜଣ ଥିଲେ। ସେହିପରି ସ୍ୱିଡେନର ୧୦, ଆଫଗାନିସ୍ତାନର ୪, ଜର୍ମାନୀର ୩, ଓ ବ୍ରିଟେନର ୩ ଜଣଙ୍କ ଜୀବନ ଯାଇଛି। ୯ ବିମାନ କର୍ମଚାରୀଙ୍କ ସମେତ ୧୧ ଜଣ ହେଉଛନ୍ତି ୟୁକ୍ରେନ ବାସିନ୍ଦା। ଦୁର୍ଘଟଣାଗ୍ରସ୍ତ ବିମାନ ୨୦୧୬ରେ ନିର୍ମିତ ହୋଇଥିଲା ଏବଂ ବୋଇଂ ଫ୍ୟାକ୍ଟ୍ରିରେ ଦୁଇଦିନ ତଳେ ଏହାକୁ ଯାଞ୍ଚ କରାଯାଇଥିଲା ବୋଲି ୟୁକ୍ରେନ ଇଣ୍ଟରନ୍ୟାଶନାଲ ଏୟାରଲାଇନ୍ସ ପକ୍ଷରୁ କୁହାଯାଇଛି।

## #MyPaperBagChallengeରେ ଭାଗ ନେଇଥିବା ଧରିତ୍ରୀର ପାଠିକାପାଠକ


ମୌସୁମୀ ନାୟକ


ପୀୟୁଷ ଦାଶ


ଭାଗୀରଥି ମହାପାତ୍ର


ଇନ୍ଦୁମତୀ ସାମନ୍ତରାୟ

No Plastic Bags

ଆପଣଙ୍କ ଫଟୋ ଏଠାରେ ସ୍ଥାନିତ ପାଇଁ ପଠାନ୍ତୁ
plasticfreeodishadht@gmail.com

ପୁରସ୍କାର ଜିତିବାକୁ ଯୋଗ୍ୟ ହେବା ପାଇଁ ଆପଣଙ୍କ ଫଟୋ ସହ ପଠାନ୍ତୁ ନାମ, ଠିକଣା ଓ ମୋବାଇଲ ଫୋନ୍ ନମ୍ବର

# ୯୮୩ ରେଳ ଷ୍ଟେଶନ ଜଗିବ ଆଇପି କ୍ୟାମେରା

**ଭୁବନେଶ୍ୱର, ୧୧।୧(ବ୍ୟୁରୋ)**

ପୂର୍ବତଟ ରେଳପଥର ପ୍ରମୁଖ ଷ୍ଟେଶନଗୁଡ଼ିକରେ ଖୁବ୍ଶୀଘ୍ର ସୁରକ୍ଷା ବ୍ୟବସ୍ଥା ବଢ଼ିବ। ରାଜ୍ୟର ବଡ଼ ରେଳ ଷ୍ଟେଶନରେ ଆଇପି ସର୍ଭେଲାନ୍ସ କ୍ୟାମେରା ଲାଗିବ। ଏଥିପାଇଁ ରେଲ୍ୱେ ବୋର୍ଡ଼ ଅନୁମତି ଦେଇସାରିଛି। ଷ୍ଟେଶନ ପ୍ରତୀକ୍ଷାଳୟ, ଟିକଟ କାଉଣ୍ଟର, ପାର୍କିଂ, ପ୍ରବେଶ ଦ୍ୱାର, ପ୍ରସ୍ଥାନ ଦ୍ୱାର, ପ୍ଲାଟଫର୍ମ, ଫୁଟ୍ ଓଭରବ୍ରିଜ୍, ବୁକିଂ କାର୍ଯ୍ୟାଳୟରେ ଇଣ୍ଟରନେଟ୍ ପ୍ରୋଟୋକଲ ଭିଡ଼ିଓ ସର୍ଭେଲାନ୍ସ ବ୍ୟବସ୍ଥା କରାଯିବ ବୋଲି ରେଲ୍ୱେ ସୂତ୍ରରୁ ଜଣାପଡିଛି। ନିର୍ଭୟା ଫଣ୍ଡରୁ ରେଲ୍ୱେକୁ ମିଳିଥିବା ୨୫୦ କୋଟି ଟଙ୍କାରେ ଦେଶର ୯୮୩ ଷ୍ଟେଶନରେ ଏହି କ୍ୟାମେରା ଲଗାଇବାକୁ ରେଲ୍ୱେ ସ୍ଥିର କରିଛି। ପ୍ରଥମ ପର୍ଯ୍ୟାୟରେ ଦେଶର ୨୦୦ ଷ୍ଟେଶନରେ ଏହି

### ନିର୍ଭୟା ଫଣ୍ଡରୁ ମିଳିଛି ୨୫୦ କୋଟି

କ୍ୟାମେରା ଲଗାଯିବାକୁ ଥିବାବେଳେ ବର୍ତ୍ତମାନ ସୁଦ୍ଧା ୮୧ ଷ୍ଟେଶନରେ କାର୍ଯ୍ୟ ସଂପୂର୍ଣ୍ଣ ହୋଇଛି। କ୍ୟାମେରାରେ ରେକର୍ଡ଼ ହେଉଥିବା ଚିତ୍ରକୁ ଅଧିକ ସ୍ପଷ୍ଟ କରିବା ପାଇଁ ୪ ପ୍ରକାର କ୍ୟାମେରା ଲଗାଯିବ। ଡୋମ୍ ଟାଇପ୍, ବୁଲେଟ୍ ଟାଇପ୍, ପାନ୍ ଟିଲ୍ଟ ଟାଇପ୍, ଅଲ୍ଟ୍ରା-୪କେ କ୍ୟାମେରା ଲଗାଯିବ। ଏହାକୁ ଆର୍ପିଏଫ ପରିଚାଳନା କରିବ। ପ୍ରତ୍ୟେକ କ୍ୟାମେରା ୧ଟିବି ଓ ୪କେ କ୍ୟାମେରା ୪ଟିବି ଡାଟା ରଖିପାରିବ। ଏହି ଭିଡ଼ିଓ ମାତ୍ର ୩୦ଦିନ ପାଇଁ ରଖାଯିବ। ଯଦି କୌଣସି ଗୁରୁତ୍ୱପୂର୍ଣ୍ଣ ବିଷୟ ହୋଇଥିଲେ ଅଧିକ ଦିନ ପାଇଁ ରଖାଯାଇପାରିବ। ତେବେ ଏହି କାର୍ଯ୍ୟ ରେଲ୍ୱେର ପିଏସ୍ୟୁ ୟୁନିଟ୍ ରେଲ୍ଟେଲକୁ ଦିଆଯାଇଛି।

### ଭାରସାମ୍ୟ ହରାଇ ଗଛରେ ପିଟିହେଲା କାର

# ପରିବାରର ୩ ସଦସ୍ୟଙ୍କ ସହ ଚାଳକ ମୃତ

**ନୟାଗଡ଼ ଅଫିସ,୧୧।୧**

- ସ୍ୱାସ୍ଥ୍ୟ ପରୀକ୍ଷା କରି ଗ୍ରାମକୁ ଫେରୁଥିଲେ
- କରଡା ଛକ ନିକଟରେ ଘଟିଲା ଦୁର୍ଘଟଣା
- ଗୋଟିଏ ଜୁଇରେ ଜଳିଲା ଦମ୍ପତିଙ୍କ ମୃତଦେହ


ଦୁର୍ଘଟଣାଗ୍ରସ୍ତ କାର୍

ନୟାଗଡ଼ ଜିଲା ଶରଣକୁଳ ଥାନା ଅନ୍ତର୍ଗତ କରଡ଼ାଛକଠାରେ ଶୁକ୍ରବାର ବିଳମ୍ବିତ ରାତିରେ ଘଟିଛି ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା। ଭାରସାମ୍ୟ ହରାଇ ଏକ କାର ଗଛରେ ପିଟିହେବା ଫଳରେ ୪ ଜଣଙ୍କ ମୃତ୍ୟୁ ଘଟିଛି। ମୃତକଙ୍କ ମଧ୍ୟରେ ଗୋଟିଏ ପରିବାରର ୩ ଜଣ ଥିବା ବେଳେ ଅନ୍ୟ ଜଣେ ଚାଳକ ରହିଛନ୍ତି। ସେମାନେ ହେଲେ ଓଡ଼ଗାଁ ଥାନା ନନ୍ଦିଘୋର ଗ୍ରାମ ନେଳିଆସାହିର ଚିରଞ୍ଜୀବୀ ସାହୁ (୪୪), ତାଙ୍କ ସ୍ତ୍ରୀ ମଧୁସ୍ମିତା ସାହୁ (୩୫), ପୁଅ ଆଦିତ୍ୟ କୁମାର ସାହୁ (୧୧) ଓ ଉକ୍ତ ଗ୍ରାମର ଚାଳକ ସନ୍ତୋଷ କୁମାର ନାୟକ। ଚିରଞ୍ଜୀବୀ ଜଣେ ରାଇସ ମିଲ୍ ମାଲିକ ବୋଲି ଜଣାପଡିଛି।

ମିଳିଥିବା ସୂଚନା ଅନୁସାରେ, ଶୁକ୍ରବାର ସକାଳେ ଚିରଞ୍ଜୀବୀ ନିଜ ଗାଡି ହ୍ୟୁଣ୍ଡାଇ କ୍ରେଟା (ନଂ.ଓଡି୦୨ ଏଏନ୍ ୭୨୩୭) ଯୋଗେ ନିଜର ସ୍ୱାସ୍ଥ୍ୟ ପରୀକ୍ଷା ସହ ଦଶପଲ୍ଲାରେ ରହୁଥିବା ଶଶୁ ଦେବାଶିଷ ସାହୁଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଇବା ପାଇଁ କଟକର ଏକ ମେଡିକାଲକୁ ଯାଇଥିଲେ। ସେମାନଙ୍କ ସହ ଚିରଞ୍ଜୀବୀଙ୍କ ସ୍ତ୍ରୀ, ପୁଅ, ଝିଅ ଓ ଦେବାଶିଷଙ୍କ ସ୍ତ୍ରୀ, ଭୁବନେଶ୍ୱରରୁ ଚିରଞ୍ଜୀବୀଙ୍କ ଅନ୍ୟ ଜଣେ ଶଶୁ ମନୋରଞ୍ଜନ ସାହୁ ଏବଂ ତାଙ୍କ ସ୍ତ୍ରୀ ଉକ୍ତ ଗାଡିରେ ବସି କଟକ ଯାଇଥିଲେ । ଚାଳକ ସନ୍ତୋଷ ଗାଡି ଚଳାଉଥିଲେ। କଟକର ଏକ ମେଡିକାଲରେ ଚିରଞ୍ଜୀବୀ ଓ ଦେବାଶିଷ ସ୍ୱାସ୍ଥ୍ୟ ପରୀକ୍ଷା କରାଇ ଅପରାହ୍ନରେ ଭୁବନେଶ୍ୱର ଫେରିଥିଲେ । ସେଠାରେ ବୁଲାବୁଲି କରିବା ପରେ ମନୋରଞ୍ଜନ ଓ ତାଙ୍କ ସ୍ତ୍ରୀ ଭୁବନେଶ୍ୱରରେ ରହି ଯାଇଥିଲେ। ପରେ କାର୍ରେ ଅନ୍ୟମାନେ ନୟାଗଡ଼କୁ ଫେରିଥିଲେ। ରାତି ୧୧ଟାରେ ନୟାଗଡ଼ କଚେରି ଛକଠାରେ ଦେବାଶିଷ ଓ ତାଙ୍କ ସ୍ତ୍ରୀ ଆଉ ଏକ କାର୍ରେ ଦଶପଲ୍ଲାକୁ ଫେରି ଯାଇଥିଲେ। ଚିରଞ୍ଜୀବୀ ଝିଅଙ୍କୁ ନୟାଗଡ଼ରେ ପଢୁଥିବା ଏକ ଘରୋଇ କଲେଜରେ ଛାଡ଼ି ଦେଇ ଗ୍ରାମକୁ ବାହାରିଥିଲେ। ଘରେ ଖାଇବା ପାଇଁ ବାଟରେ ଥିବା ଏକ ହୋଟେଲରୁ ଖାଦ୍ୟ ପାର୍ସଲ ନେଇଥିଲେ। ଘରେ ପହଞ୍ଚିବାକୁ ଆଉ ମାତ୍ର କିଛି କିଲୋମିଟର ବାକି ଥିବା ବେଳେ କରଡ଼ା ଛକଠାରେ ଚାଳକ ଜଣଙ୍କ ଭାରସାମ୍ୟ ହରାଇ ଗାଡ଼ିଟିକୁ ରାସ୍ତାର ଡାହାଣ ପଟେ ଥିବା ଏକ ଗଛରେ ପିଟି ଦେଇଥିଲେ। ଫଳରେ ଘଟଣା ସ୍ଥଳରେ ୩ ଜଣଙ୍କ ମୃତ୍ୟୁ ଘଟିଥିଲା। ସ୍ଥାନୀୟ ଲୋକେ ମଧୁସ୍ମିତାଙ୍କୁ ଉଦ୍ଧାର କରି ଶରଣକୁଳ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ତାଙ୍କର ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଥିଲା। ଜିଲା ମୁଖ୍ୟ ଚିକିତ୍ସାଳୟରୁ ଶନିବାର ସକାଳେ ଭୁବନେଶ୍ୱର ସ୍ଥାନାନ୍ତର କରାଯାଉଥିବା ବେଳେ ବାଟରେ ତାଙ୍କର ମୃତ୍ୟୁ ଘଟିଥିଲା। ଶରଣକୁଳ ଥାନା ପୋଲିସ ମୃତଦେହ ଜବତ କରି ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟରେ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲା। ଏ ନେଇ ଥାନାରେ ୪/୨୦ରେ ମାମଲା ରୁଜୁ କରାଯାଇ ତଦନ୍ତ କରାଯାଉଥିବା ଶରଣକୁଳ ଥାନା ଅଧିକାରୀ କିରଣ ହେମ୍ବ୍ରମ ପ୍ରକାଶ କରିଛନ୍ତି। ଚିରଞ୍ଜୀବୀଙ୍କ ଘସାଦେଇପୁରଠାରେ ଏକ ରାଇସ ମିଲ୍ ରହିଛି। ଘଟଣାକୁ ନେଇ ନନ୍ଦିଘୋର ଗ୍ରାମ ନେଳିଆସାହିରେ ଶୋକର ଛାୟା ଖେଳିଯାଇଛି। ଚିରଞ୍ଜୀବୀ ଓ ତାଙ୍କ ସ୍ତ୍ରୀଙ୍କ ମୃତଦେହ ଗୋଟିଏ ଜୁଇରେ ଜଳିଥିବା ଜଣାଯାଇଛି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** - ଆଜିର ସ୍ୱଗୃହୀ ଚନ୍ଦ୍ର ପ୍ରଭାବରୁ ପରିବାର ଓ କର୍ମକ୍ଷେତ୍ର ଶୃଙ୍ଖଳିତ ରହିବ। ସାମାଜିକ ସ୍ତରରେ ଲୋକଙ୍କ ଖାତିର ରହିବ ଓ ଏକାଦଶସ୍ଥ ଶୁକ୍ର ଯୋଗୁ ଅର୍ଥନୈତିକ ଅଭିବୃଦ୍ଧି ଘଟିବ। ଆକସ୍ମିକ ଭାବରେ ଭାଙ୍ଗି ପଡିଥିବା ସମ୍ପର୍କ ପୁଣି ଯୋଡ଼ି ହୋଇଯିବ। ଖର୍ଚ୍ଚଭାର ବୃଦ୍ଧି, ଅଭିଳଷିତ ଦ୍ରବ୍ୟ ପ୍ରାପ୍ତିରେ ସମସ୍ୟା, କଚେରି ମାମଲା ଯୋଗୁ ଚିନ୍ତାପ୍ରକଟ କରିବେ।

**ବୃଷ** - ମିତ୍ରଗୃହୀ ରାଶ୍ୟାଧିପଙ୍କ ସୁପ୍ରଭାବରେ କର୍ମକ୍ଷେତ୍ରରେ ଉଚ୍ଚବର୍ଗଙ୍କ ସାହାଯ୍ୟ ଓ ବନ୍ଧୁ ମିଳନରୁ ଉତ୍ସାହିତ ହେବେ। ଆଶା କରିଥିବା ଦିଗରୁ ଅର୍ଥ ପ୍ରାପ୍ତିର ମାର୍ଗ ସୁଗମ ହେବ। ଅଫିସରେ ଭଲ୍ ସମ୍ପର୍କ ନ ଥିବା ବନ୍ଧୁ ଅସୁବିଧାରେ ପକାଇପାରନ୍ତି। କିନ୍ତୁ ମୃଗଶିରା ନକ୍ଷତ୍ର ସକାଶେ ବିଶେଷ ଭ୍ରମଣ ହେତୁକ କ୍ଳାନ୍ତି ଓ ଅବସାଦ ଦେଖାଦେଇପାରେ।

**ମିଥୁନ** - ଧନସ୍ଥାନରେ ଚନ୍ଦ୍ରଙ୍କ ସ୍ଥିତି ପ୍ରଭାବରେ ଆର୍ଥିକ ସମସ୍ୟାର ସରଳ ସମାଧାନ କ୍ଷେତ୍ରରେ ବନ୍ଧୁ ସାହାଯ୍ୟ କରିବେ। ଅଟକି ରହିଯାଇଥିବା କାର୍ଯ୍ୟଗୁଡ଼ିକ ତ୍ୱରାନ୍ୱିତ ହେବ। କୁଟୀରଶିଳ୍ପ, ବ୍ୟବସାୟ ଓ ପରିବହନରେ ରହିଥିବା ପ୍ରତିବନ୍ଧକ ଦୂର ହୋଇଯିବ। କେତେକ ଅବହେଳିତ ସ୍ଥଗିତ କାର୍ଯ୍ୟ ସକାଶେ କର୍ମକ୍ଷେତ୍ର ସନ୍ତୋଷଜନକ ରହିବ ନାହିଁ।

**କର୍କଟ** - ଶୁଭଗ୍ରହ ପ୍ରଭାବରୁ ଦୈହିକ ସୁସ୍ଥତା ସଙ୍ଗକୁ ମାନସିକ ପ୍ରସନ୍ନତା କର୍ମକ୍ଷେତ୍ରରେ ଉତ୍ସାହିତ କରାଇବ। ଆନୁଷ୍ଠାନିକ କାମ, ସଭାସମିତି, ସଙ୍ଗଠନ ଓ ରାଜନୀତି କ୍ଷେତ୍ର ସକାଶେ ଦିନଟି ବହୁତ ଭଲ। ଅଶ୍ଳେଷା ନକ୍ଷତ୍ର କଥାବାର୍ତ୍ତାରେ ସଂଯମତା ରକ୍ଷା ନ କଲେ ବିବାଦଗ୍ରସ୍ତ ହୋଇ ପଡ଼ିବେ। ଶିକ୍ଷା,ପରୀକ୍ଷା, ଋଣ ପରିଶୋଧ ଓ ଦୂରଯାତ୍ରାରେ ଆଶାଜନକ ସୁଫଳ ପାଇବେ।

**ସିଂହ** - କର୍ମାଧିପ ରାଶିକୁ ଦେଖୁଥିବାରୁ ଅଟକି ରହିଥିବା କାମକୁ ସମ୍ପୂର୍ଣ୍ଣ କରିବା ସକାଶେ ତତ୍ପରତା ପ୍ରକାଶ କରିବେ। ଆର୍ଥିକ ଅନଟନଜନିତ ଧାର ଉଧାର କରିବାକୁ ପଡ଼ିପାରେ। ସାହିତ୍ୟ ଚର୍ଚ୍ଚା, ଗବେଷଣା, ଏଜେନ୍ସି, ସାମ୍ବାଦିକତାରେ ପ୍ରଶଂସିତ ହେବେ। ନିଜର ଇଚ୍ଛା ବିରୁଦ୍ଧରେ କୌଣସି କାମ କରି ପଶ୍ଚାତାପ କରିବାକୁ ପଡ଼ିପାରେ।

**କନ୍ୟା** - ଚନ୍ଦ୍ର ଓ ମଙ୍ଗଳଙ୍କ ପ୍ରଭାବରେ ଭାଇ,ବନ୍ଧୁ ଓ ପଡ଼ୋଶୀଙ୍କ ସହିତ ସୁସମ୍ପର୍କ ସ୍ଥାପିତ ହେବ। କର୍ମକ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ଅନ୍ୟମାନଙ୍କ ସକାଶେ ଅସନ୍ତୋଷର କାରଣ ହୋଇପାରେ । ବାଣିଜ୍ୟ, ପରିବହନ କ୍ଷେତ୍ରରେ ଉଚ୍ଚ ଫଳ ପ୍ରାପ୍ତିର ସମ୍ଭାବନା ରହିଛି। ଉତ୍ତରାଫାଲ୍ଗୁନୀ ନକ୍ଷତ୍ରର ବୃତ୍ତିଗତ ଧନ୍ଦାରେ କେତେକ ପ୍ରତିବନ୍ଧକ ଦେଖାଦେଇପାରେ।

**ତୁଳା** - ଚନ୍ଦ୍ରଙ୍କ ଚତୁର୍ଥଭାବକୁ ଦୃଷ୍ଟି ଯୋଗୁ ବନ୍ଧୁମିଳନ, ଯାନବାହନ ଲାଭ ଏବଂ ପାରିବାରିକ ସୁସମ୍ପର୍କ ସୃଷ୍ଟି କରିବ । ହାତକୁ ନେଇଥିବା କାମଗୁଡ଼ିକ ମଧ ସୁରୁଖୁରୁରେ ସମ୍ପନ୍ନ ହେବାରେ ବନ୍ଧୁଙ୍କ ଅବଦାନକୁ ଭୁଲି ପାରିବେ ନାହିଁ। କିନ୍ତୁ ତୃତୀୟଭାବରେ ଏକାଧିକଗ୍ରହ ଯୋଗୁ ପାଖ ପଡ଼ୋଶୀଙ୍କ ଆଭ୍ୟନ୍ତରୀଣ ବ୍ୟାପାରରେ ମୁଣ୍ଡ ପୂରାଇବା ଠିକ୍ ହେବନି ।

**ବିଛା** - ଅନୁକୂଳ ଗ୍ରହସ୍ଥିତିରୁ ସାମଗ୍ରିକ ସୁଖ, ସୁବିଧା ମଧ୍ୟରେ ଦୈହିକ ଓ ମାନସିକ ସ୍ଥିତି ଭଲ ରହିବ। କିନ୍ତୁ କୌଣସି ବନ୍ଧୁଙ୍କ ବିଚ୍ଛେଦାତ୍ମକ ସ୍ଥିତି ଅନୁରାଧା ପାଇଁ ସାମୟିକ ମନଦୁଃଖର କାରଣ ହୋଇପାରେ। ସମସ୍ୟା ରହିଥିଲେ ମଧ୍ୟ କୌଣସି ନୂତନ କର୍ମାରମ୍ଭ କରି ଆନନ୍ଦ ଅନୁଭବ କରି ପାରନ୍ତି। ଖଳପ୍ରକୃତି ଲୋକମାନେ ବିରୁଦ୍ଧାଚରଣ କରି ସମସ୍ୟା ସୃଷ୍ଟି କରିବେ।

**ଧନୁ** - ମନ ମୁତାବକ କାର୍ଯ୍ୟସାଧନ କରିବାରେ ସିଦ୍ଧହସ୍ତ ହେବେ କିନ୍ତୁ ସାଧାରଣ କଥାରେ ପାରିବାରିକ କଳହ ଲାଗିବ। ବିଶେଷଭ୍ରମଣ ଓ ଖାଦ୍ୟପେୟର ଅନିୟମିତତା ସ୍ୱାସ୍ଥ୍ୟହାନିର କାରଣ ହୋଇପାରେ। ଖୋଜୁଥିବା ଜିନିଷ ସୁବିଧାରେ ପାଇଯିବେ। କୃତୀ ଓ କୃତିତ୍ୱ ସାଙ୍ଗକୁ କାର୍ଯ୍ୟଦକ୍ଷତାକୁ ନେଇ ପଡ଼ୋଶୀମାନେ ଭୂରି ଭୂରି ପ୍ରଶଂସା କରିପାରନ୍ତି।

**ମକର** - ଚନ୍ଦ୍ରଙ୍କ ଶୁଭଦୃଷ୍ଟିରୁ ଯାହା ଇଚ୍ଛା କରୁଛନ୍ତି ତାହା ପାଇବେ ଓ କାମ ହାସଲରେ ସଫଳତା ମିଳିବ। କଳା, ସାହିତ୍ୟ, ସାମ୍ବାଦିକତା, ଗବେଷଣା, ଅନୁସନ୍ଧାନ, କୃଷି, ବାଣିଜ୍ୟ ତଥା ରାଜନୀତିରେ ଚେଷ୍ଟା ସଫଳ ହେବ। ମାତ୍ର ସଭାସମିତିରେ ବାକ୍ଅସଂଯମତା ଯୋଗୁ ସୁସମ୍ପର୍କବ୍ୟାହତ ହୋଇପାରେ। ଶାରୀରିକ ସୁସ୍ଥତାକ୍ରମଶଃ ଫେରିଆସିବ ଓ ବନ୍ଧୁମାନଙ୍କ ସାହାଯ୍ୟ ପାଇବେ।

**କୁମ୍ଭ** - ଶୁକ୍ରଙ୍କ ଶୁଭତ୍ୱରୁ ଆନୁଷ୍ଠାନିକ କ୍ଷେତ୍ରରେ ଗୁରୁଦାୟିତ୍ୱ ବହନ କରି ସମ୍ମାନଜନକ ସ୍ଥିତିରେ ରହିବେ। ଈର୍ଷାପରାୟଣ ବନ୍ଧୁଙ୍କ ମିଥ୍ୟା ଅଭିଯୋଗ ସକାଶେ ସାମୟିକ ବିରକ୍ତି ପ୍ରକାଶ କରିପାରନ୍ତି। ବିବାଦୀୟ ଘଟଣା କିମ୍ବା ମାଲିମକଦ୍ଦମାରେ ସ୍ଥିତି ଅନୁକୂଳ ହୋଇପାରେ। ଆର୍ଥିକ ସ୍ଥିତି ପୂର୍ବପରି ଅପରିବର୍ତ୍ତିତ ରହିବାରୁ ଧନିଷ୍ଠା ନକ୍ଷତ୍ର ଖୁସି ରହିବେ।

**ମୀନ** - କର୍ମଭାବରେ ଗ୍ରହଯୋଗ ପ୍ରଭାବରୁ ଦୈହିକ ସ୍ୱାସ୍ଥ୍ୟରେ ଉନ୍ନତି ଓ କର୍ମକ୍ଷେତ୍ରରେ ପ୍ରଗତି ମନୋବଳ ବୃଦ୍ଧି କରିବ। ପାରିବାରିକ ସମର୍ଥନ ହାସଲ କରିବା କାରଣରୁ ଗୁରୁତ୍ୱପୂର୍ଣ୍ଣ ସମସ୍ୟାର ସମାଧାନ ହୋଇଯିବ। ବନ୍ଧୁ ଦେଇଥିବା ପ୍ରତିଶ୍ରୁତିରେ ଖିଲାପ କରିପାରନ୍ତି। ବ୍ୟବସାୟ, ବାଣିଜ୍ୟ ଓ କଳା ସାହିତ୍ୟରେ ସମସ୍ୟା ସମାଧାନର ଆଶା ରହିଛି।

ଆଜି ଜାନୁୟାରୀ ୧୨ ତାରିଖ, ଜାତୀୟ ଯୁବ ଦିବସ, ପୁଷ୍ୟାଭିଷେକ, ରାଜାଭିଷେକ, ଶ୍ରୀନଅରରେ ଉତ୍ସବ, ସ୍ୱାମୀ ବିବେକାନନ୍ଦଙ୍କ ଜନ୍ମଦିବସ, ମାଘ କୃଷ୍ଣ ଦ୍ୱିତୀୟା ରବିବାର, ରାଶି ନକ୍ଷତ୍ର-ପୁଷ୍ୟା/କର୍କଟ, ମେଷ ରାଶିର ଘାତବାର, ଦ୍ୱିତୀୟାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ସକାଳ ଘ୬।୧୧ମି. ଗତେ ଘ୯।୨୨ମି. ମଧ୍ୟେ ଅମୃତବେଳା। ଦିବା ଘ୯।୧୫ମି. ଗତେ ଘ୧୦।୩୮ମି. ମଧ୍ୟେ ମାହେନ୍ଦ୍ରବେଳା। ଅପରାହ୍ନ ଘ୪।୦୦ମି. ଗତେ ଘ୫।୨୧ମି. ମଧ୍ୟେ ରାହୁକାଳ।



# ଜିଲ୍ଲା ଚିଠି
## ବରଗଡ଼

# ଅଲୋଡ଼ା ଶିଶୁକନ୍ୟା

ଶିଶୁକନ୍ୟାଙ୍କ ସୁରକ୍ଷା, ଭବିଷ୍ୟତ ସକାଶେ ରାଜ୍ୟ, କେନ୍ଦ୍ର ସରକାର ବହୁବିଧ ଯୋଜନା ହାତକୁ ନେଇଛନ୍ତି। ଏଥିପାଇଁ ସରକାର ବିଭିନ୍ନ ଆଇନ ମଧ୍ୟ ପ୍ରଣୟନ କରିଛନ୍ତି। ବର୍ଷର ବିଭିନ୍ନ ସମୟରେ ଚାଲିଛି ସଚେତନତା କାର୍ଯ୍ୟକ୍ରମ। ହେଲେ ସେଭଳି କିଛି ଆଶାନୁରୂପ ସୁଫଳ ମିଳୁନାହିଁ। ଗୋଟିଏ ପଟେ କିଛି ଲୋକଙ୍କ ମାନବିକତା ହଜିଯାଇଛି। ଆଉ କିଛି ମଣିଷଙ୍କ ବିକୃତ ମାନସିକତା ଯୋଗୁ ଶିଶୁକନ୍ୟାଟିଏ ଆଜି ଅନ୍ଧକାର ଭବିଷ୍ୟତ ନେଇ ଗତି କରୁଛି। ବରଗଡ଼ ଜିଲ୍ଲାରେ ଗତ କିଛିଦିନ ତଳେ ଘଟିଥିବା ୩ ଅଭାବନୀୟ ଘଟଣାରୁ ଏହା ସହଜରେ ଅନୁମେୟ। ଗତ ଡିସେମ୍ବର ମାସରେ ଜିଲ୍ଲାର ବିଭିନ୍ନ ସ୍ଥାନରୁ ୩ ନବଜାତ ଶିଶୁକନ୍ୟାଙ୍କୁ ଉଦ୍ଧାର କରାଯାଇଥିଲା। ଜିଲ୍ଲାର ପଦ୍ମପୁର ଅଞ୍ଚଳରେ ଏକ ଡ୍ରେନରୁ ଅଖାରେ ଭର୍ତ୍ତି ଶିଶୁକନ୍ୟା ଉଦ୍ଧାର କରାଯାଇଥିବା ବେଳେ ବରପାଲି ନିକଟ ରେଳଧାରଣା ପାଖରୁ ବ୍ୟାଗରୁ ଅନ୍ୟଜଣେ ଶିଶୁକନ୍ୟା ମିଳିଥିଲା। ସେହିପରି ଭଟଲି ଅଞ୍ଚଳର ଏକ ନାଳାରୁ ଆଉ ଏକ ଶିଶୁକନ୍ୟାକୁ ଉଦ୍ଧାର କରାଯାଇଥିଲା। ମାସକ ମଧ୍ୟରେ ୩ ଶିଶୁକନ୍ୟା ମା' କୋଳ ବଦଳରେ ଡ୍ରେନ, ରେଳଧାରଣା ଏବଂ ନାଳା ଭିତରକୁ ଅଖା, ବ୍ୟାଗରେ ଭର୍ତ୍ତି ଅବସ୍ଥାରେ ମିଳିବା କେବଳ ଚିନ୍ତାଜନକ କିମ୍ବା ଆଲୋଡ଼ନର ବିଷୟ ନୁହେଁ, ଏଥିରୁ ସରକାରଙ୍କ ଶିଶୁ ସୁରକ୍ଷା, ଅଧିକାର ଆଇନ କିଭଳି ଫଳବତୀ ହୋଇଛି, ତାହା ସ୍ପଷ୍ଟ ହୋଇଛି। ଏତେ ସଚେତନତା ସତ୍ତ୍ୱେ ଶିଶୁକନ୍ୟାକୁ ଜନ୍ମ ଦେଇଥିବା ମା, ବାପାଙ୍କ ମାନସିକତା କେଉଁସ୍ତରକୁ ପହଞ୍ଚି ସାରିଛି, ତାହା ଅନୁମେୟ। ତେବେ ଏଭଳି ସ୍ଥଳେ ଯେଉଁ ଶିଶୁକନ୍ୟା ସହୃଦୟ ଲୋକଙ୍କ ଦୃଷ୍ଟିରେ ପଡୁଛି, ସେ ନିଜ ମା, ବାପାଙ୍କ ପରିଚୟ ପାଇ ନ ପାରିଲେ ସୁଦ୍ଧା ଅନ୍ୟ କାହାକୋଳରେ ରହି ଦୁନିଆ ଦେଖି ପାରୁଛି। କିନ୍ତୁ ଯେଉଁଠି ସେଭଳି ଡ୍ରେନ, ନାଳା କିମ୍ବା ପରିତ୍ୟକ୍ତ ସ୍ଥାନରେ ପଡ଼ିଥିବା ଶିଶୁକନ୍ୟା ଲୋକଙ୍କ ଦୃଷ୍ଟି ଆଢୁଆଳେ ରହି ଯାଉଛନ୍ତି, ସେମାନଙ୍କ ଭବିଷ୍ୟତ ସେଠାରେ ହିଁ ଦୁନିଆ ଚିହ୍ନିବା ପୂର୍ବରୁ ସରିଯାଉଛି। ତେବେ ଆଶ୍ଚର୍ଯ୍ୟର ବିଷୟ, ଏଭଳି ଶିଶୁକନ୍ୟାଙ୍କୁ ଜନ୍ମ ପରେ ଫିଙ୍ଗା ଫୋପଡ଼ା କରିଥିବା ମା, ବାପାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବା ତ ଦୂରର କଥା, ସେମାନଙ୍କୁ ଚିହ୍ନଟ କରିବାରେ ମଧ୍ୟ କେହି ସକ୍ଷମ ହେଉନାହାନ୍ତି। ଆଜିର ସମାଜରେ ଏପରି ମାନସିକତା ଏକ ଭୁଲ ଦିଗ ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ କରୁଛି।

– ପ୍ରେମାନନ୍ଦ ଖମାରୀ

ମହାନଦୀରେ ଡଙ୍ଗାବୁଡ଼ି ଘଟଣା

## ନିଖୋଜ ଇଞ୍ଜିନିୟରଙ୍କ ମୃତଦେହ ଉଦ୍ଧାର

ବଡ଼ମ୍ବା, ୧୧।୧ (ଡି.ଏନ୍.ଏ.)

ବଡ଼ମ୍ବା ଥାନା ଅନ୍ତର୍ଗତ ମା' ଭଟ୍ଟାରିକାପୀଠ ନିକଟ ମହାନଦୀରେ ଶୁକ୍ରବାର ନୌବିହାର କରିବାକୁ ଯାଇ ୩ ଜଣ ସାଙ୍ଗ ଡଙ୍ଗା ସହ ବୁଡ଼ିଯାଇଥିଲେ। ସେମାନଙ୍କ ମଧ୍ୟରୁ ସ୍ଥାନୀୟ ଲୋକେ ୨ ଜଣଙ୍କୁ ଉଦ୍ଧାର କରିଥିବା ବେଳେ ଇଞ୍ଜିନିୟର ସୁନୀଲ କୁମାର ସାହୁ ନିଖୋଜ ହୋଇଯାଇଥିଲେ। ବଡ଼ମ୍ବା ଅଗ୍ନିଶମ ବିଭାଗ କର୍ମଚାରୀ ଶନିବାର ତାଙ୍କ ମୃତଦେହ ଉଦ୍ଧାର କରିଛନ୍ତି। ମୃତକଙ୍କ ଘର ଗଞ୍ଜାମ ଜିଲ୍ଲା ଅନ୍ତର୍ଗତ ପୁରୁଷୋତ୍ତମପୁର ଗ୍ରାମରେ ହୋଇଥିବା ବେଳେ ପ୍ରାୟ ବର୍ଷେ ହେବ ଜଗତ୍‌ସିଂହପୁର ଜିଲ୍ଲା ରଘୁନାଥପୁରସ୍ଥିତ ସେସୁ ସହବନ୍ଧିତ ଏନ୍‌ଜେନ୍ ଗ୍ଲୋବାଲ ସର୍ଭିସ୍ ପ୍ରାଇଭେଟ୍ ଲିମିଟେଡ୍‌ରେ ପ୍ରୋଜେକ୍ଟ ମ୍ୟାନେଜର ଭାବେ କାର୍ଯ୍ୟକରୁଥିଲେ। ଖବରପାଇ ବଡମ୍ବା ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିବା ସହ ବ୍ୟବଚ୍ଛେଦ ନିମନ୍ତେ ବଡମ୍ବା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲା। ଏହାପରେ ତାଙ୍କ ମୃତଦେହ ପରିବାର ସଦସ୍ୟଙ୍କୁ ହସ୍ତାନ୍ତର କରାଯାଇଛି। ଏନେଇ ଥାନାରେ ଅପମୃତ୍ୟୁ ମାମଲା (ନଂ.୧/୨୦) ରୁଜୁ ହୋଇଛି।

**ପାଠିକା / ପାଠକଙ୍କ ପାଇଁ ସୂଚନା**

ଆପଣଙ୍କ ଅଞ୍ଚଳରେ ଯଦି 'ଧରିତ୍ରୀ' ପାଇବାରେ କୌଣସି ଅସୁବିଧା ହେଉଥାଏ, ତେବେ ନିମ୍ନୋକ୍ତ ମୋବାଇଲ୍ ନମ୍ବରରେ ଯୋଗାଯୋଗ କରନ୍ତୁ।

୯୪୩୭୦୦୯୪୪୧, ୯୩୪୮୨୦୯୫୩୪

## ପୁଅ କାଠଫାଳିଆ ମାଡ଼ରେ ବାପା ମୃତ
### ମା' ଗୁରୁତର

ତୁମୁଡ଼ିବନ୍ଧ, ୧୧।୧ (ଡି.ଏନ୍.ଏ.)

କନ୍ଧମାଳ ଜିଲ୍ଲା ତୁମୁଡ଼ିବନ୍ଧ ବ୍ଲକ ବେଲଘର ଥାନା ଖଲିପଡା ଗ୍ରାମରେ ଶୁକ୍ରବାର ବିଳମ୍ବିତ ରାତିରେ ଏକ ଅଭାବନୀୟ ଘଟଣା ଘଟିଛି। ମାନସିକ ବିକାରଗ୍ରସ୍ତ ପୁଅର କାଠଫାଳିଆ ମାଡ଼ରେ ବାପାଙ୍କ ମୃତ୍ୟୁ ଘଟିଥିବାବେଳେ ମା' ଗୁରୁତର ହୋଇଛନ୍ତି। ମୃତକ ହେଲେ ଅଗାଧୁ ନାୟକ (୫୦)।

ପ୍ରକାଶ ଯେ, ଖଲିପଡା ଗ୍ରାମର ଅଗାଧୁ ଓ ଲକ୍ଷ୍ମୀଙ୍କ ପୁଅ ବେଲାରସେନ (୩୦)ଙ୍କର ପ୍ରାୟ ୮ ଦିନ ହେବ ମାନସିକ ବିକୃତି ଦେଖାଦେଇଥିଲା। ସେ ଏଣେତେଣେ ପଳାଉଥିଲେ। ଫଳରେ ପରିବାର ଲୋକେ ରାତିଦିନ ତାଙ୍କୁ ଜଗି ରହୁଥିଲେ। ଶୁକ୍ରବାର ରାତିରେ ବେଲାରସେନ ଶୋଇଥିବାବେଳେ ବାପା ଅଗାଧୁ ଓ ମା' ଲକ୍ଷ୍ମୀ ତାଙ୍କୁ ଜଗି ରହିଥିଲେ। ଭୀଷଣ ଶୀତ ହେଉଥିବାରୁ ରାତି ପ୍ରାୟ ୨ଟାବେଳେ ଅଗାଧୁ ଓ ଲକ୍ଷ୍ମୀ ଘର ବାହାରେ କାଠଜାଳି ନିଆଁ ପୋଉଁଥିଲେ। ଏତିକିବେଳେ ବେଲାରସେନ ଘରୁ ଉଠିଆସି ଏକ କାଠଫାଳିଆରେ ପଛପଟୁ ବାପା ଅଗାଧୁଙ୍କ ମୁଣ୍ଡକୁ ପିଟିଦେଇଥିଲେ। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ଏହାପରେ ମା' ଲକ୍ଷ୍ମୀଙ୍କୁ ଆକ୍ରମଣ କରିଥିଲେ। ମାତ୍ର ସେ ଦୌଡି ପଳାଇଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ତୁମୁଡିବନ୍ଧ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ପ୍ରାଥମିକ ଚିକିତ୍ସାପରେ ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ ବ୍ରହ୍ମପୁର ବଡ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ବେଲାରସନଙ୍କୁ ଗ୍ରାମବାସୀ କାବୁକରି ରଖିଥିଲେ। ଶନିବାର ସକାଳ ପ୍ରାୟ ୮ଟାରେ ବେଲଘର ପୋଲିସ ଗାଁରେ ପହଞ୍ଚି ବେଲାରସେନଙ୍କୁ ନେଇଥିଲା। ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ନଂ.୧/୨୦୨୦ରେ ଏକ ହତ୍ୟା ମାମଲା ରୁଜୁକରି ପୋଲିସ ତଦନ୍ତ ଚଳାଇଛି।



# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଚାଉଳ ଭାଜିଲି ଝାଇଁ**
**ଦି' ସଉତୁଣୀ ଜଗି ବସିଛୁ**
**ଗୋସେଇଁ ଆସିବା ପାଇଁ।**

ଦି' ସଉତୁଣୀ ମଧ୍ୟରେ ଅହିନକୁଳ ସମ୍ପର୍କ ରହିଥାଏ। କେହି କାହାର ଶିରୀ ଦେଖି ସହି ପାରି ନ ଥାନ୍ତି। ସ୍ୱାମୀ ଆଗରେ ନିଜରପଣିଆ ଦେଖେଇ ହେବାକୁ ଯାଇ କେହି କାହାଠାରୁ ପଛରେ ପଡ଼ିଯିବାକୁ ଚାହିଁ ନ ଥାନ୍ତି। ଏପରିସ୍ଥଳେ ପତି ସୋହାଗିନୀ ଜାହିର କରିବାକୁ ନେଇ ପରସ୍ପର ମଧ୍ୟରେ ଟଣାଓଟରା ବା ପ୍ରତିଦ୍ୱନ୍ଦ୍ୱିତା କରି ବସୁଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଚୋରି,**
**ଚୋରି ଉପରେ ହେମା ଜୋରି।**

କେତେକ ମାନସମ୍ମାନ ଭୁଲି ଚୋରି ଭଳି ଘୃଣ୍ୟ ପନ୍ଥା ଆପଣେଇଥାନ୍ତି। ସର୍ବସମ୍ମୁଖରେ ତାଙ୍କୁ ଚୋର ବୋଲି ଆଖ୍ୟା ଦେଲେ ନିଜକୁ ସଚ୍ଚୋଟ ଦେଖେଇ ହେବାକୁ ଯାଇ ଗାଲୁ ମାରିଥାନ୍ତି। ଚୋରିକରି ତହିଁରେ ଲଜ୍ଜିତ ନ ହୋଇ ମୁହଁ ଫୁଟାଣି ମାରିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ
–ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

**THE KOSALA SCHOOL, Estd- 1979**
English Medium Residential Public School,
At- Nuakhairpali, Po- Larasara, Via-Attabira, Dist- Bargarh,
Pin- 768027, Email- thekosalaschool1979@gmail.com,
Website-www.thekosalaschool.in,
Mob- 6371537828/ 6371532877/ 7682032632

**KOSALA ENTRANCE TEST 2020-21**
* Admissions open for classes LKG to Std-IX for BOARDERS ONLY.
* Interested candidates are to appear entrance test in English, Mathematics and General Awareness on the 9th February/16th February 2020.
* Candidates qualified in entrance test will get admission strictly on merit basis for limited seats available.
* Enquiry time over phone- 10.00 am to 2.00 pm.
* Entrance test timings- 10.30 am to 12.30 pm.
* Selling of Admission Forms will start from 23rd January 2020.

Sd./- PRINCIPAL

# କାଲି କି ମୁଁ ଆଉ ନ ଥିବି...

କଟକ ଅଫିସ, ୧୧।୧



- ପ୍ରେମରେ ପ୍ରତାରଣା ପରେ ଆତ୍ମହତ୍ୟା
- ଆତ୍ମହତ୍ୟା ପୂର୍ବରୁ ପ୍ରସ୍ତୁତ କରିଥିଲେ ଭିଡିଓ
- ଚିଠିରେ ନ୍ୟାୟ ଭିକ୍ଷା

କାଲି କି ମୁଁ ଆଉ ନ ଥିବି। ଏହା ଥିଲା ମନୋଜ ସ୍ୱାଇଁ ନାମକ ଜଣେ ଯୁବକଙ୍କ ଶେଷ ବାକ୍ୟ। ପ୍ରେମିକା ନିକଟରୁ ପ୍ରତାରଣାର ଶିକାର ହେବା ପରେ ସେ ଟ୍ରେନ୍ ଲାଇନରେ ଆତ୍ମହତ୍ୟା କରିଥିଲେ। ଏଭଳି ଏକ ଅଭାବନୀୟ ଘଟଣା ଶନିବାର ଦେଖିବାକୁ ମିଳିଛି କଟକ ଜିଲ୍ଲା ମଧୁପାଟଣା ଥାନା ଅଧୀନ ତାଳଦଣ୍ଡା କେନାଲ ନିକଟ ଟ୍ରେନ୍ ଲାଇନରେ। ମନୋଜଙ୍କ ମୃତଦେହ ନିକଟରୁ ଏକ ସୁଇସାଇଡ୍ ନୋଟ୍ ମିଳିଥିବାବେଳେ ସେ ମୃତ୍ୟୁ ପୂର୍ବରୁ ନିଜ ମୋବାଇଲ ଫୋନରେ ଏକ ଭିଡିଓ ଉତ୍ତୋଳନ କରିଥିଲେ। ଯେଉଁଥିରେ ତାଙ୍କ ପ୍ରେମିକା କିପରି ତାଙ୍କ ସହ ପ୍ରତାରଣା କରିଛନ୍ତି ତାହା ସେ କହୁଥିବା ଦେଖିବାକୁ ମିଳିଛି। ଖବରପାଇ କଟକ ଜିଆରପି ଘଟଣାସ୍ଥଳରେ ପହଞ୍ଚି ମୃତଦେହ ବ୍ୟବଚ୍ଛେଦ ପାଇଁ ଏସ୍‌ସିବି ମେଡିକାଲ ପଠାଇଥିଲା। ଏ ନେଇ ଜିଆରପି ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇ ଅଧିକ ତଦନ୍ତ ଜାରି ରହିଛି।

ମିଳିଥିବା ସୂଚନା ଅନୁଯାୟୀ, ମନୋଜଙ୍କ ଘର ନିଆଳି ଅଞ୍ଚଳରେ। ସେ କଟକ ରାଉସାପାଟଣାରେ ଘର ଭଡା ନେଇ ରହୁଥିବାବେଳେ ଏକ ଘରୋଇ କମ୍ପାନୀରେ ଚାକିରି କରିଥିଲେ। ଏହି ସମୟରେ ରେଭେନ୍‌ଶା ବିଶ୍ୱବିଦ୍ୟାଳୟରେ ପଢୁଥିବା ଯାଜପୁର ଜିଲ୍ଲାର ଜଣେ ଯୁବତୀଙ୍କ ସହ ତାଙ୍କର ପ୍ରେମସମ୍ପର୍କ ଗଢି ଉଠିଥିଲା। ପ୍ରାୟ ୩ବର୍ଷ ପ୍ରେମ ସମ୍ପର୍କ ଭିତରେ ମନୋଜ ଉକ୍ତ ଯୁବତୀଙ୍କ ଅତି ନିକଟତର ହୋଇଯାଇଥିଲେ। ଯୁବତୀଙ୍କୁ ବିବାହ କରିବାକୁ ସ୍ୱପ୍ନ ଦେଖିଥିଲେ। ମାତ୍ର ଏଇ କିଛିଦିନ ହେବ ଯୁବତୀ ଜଣକ ତାଙ୍କ ଠାରୁ ଦୂରତା ରକ୍ଷା କରୁଥିବା କଥା ମନୋଜ ହୃଦୟଙ୍ଗମ କରିଥିଲେ। ସେ ଆଗ ଭଳି ମନୋଜଙ୍କ ଫୋନ୍‌ର ଉତ୍ତର ଦେଉ ନ ଥିଲେ। ଫଳରେ ମନୋଜ ଏହାକୁ ନେଇ ବ୍ୟତିବ୍ୟସ୍ତ ହୋଇପଡିଥିଲେ। ପରବର୍ତ୍ତୀ ସମୟରେ ମନୋଜ କୌଣସି ମତେ ଯୁବତୀଙ୍କ ସହ ଫୋନ୍‌ରେ କଥା ହୋଇଥିଲେ। ତେବେ ଯୁବତୀ ଜଣକ ଅନ୍ୟ ଏକ ପୁଅକୁ ଭଲ ପାଉଛନ୍ତି ଓ ସେ ଯୁବକଙ୍କ ସହ ତାଙ୍କର ବାହାଘର ହେବ ବୋଲି ମନୋଜଙ୍କୁ କହିଥିଲେ। ଏପରି କି ଆଗକୁ ତାଙ୍କ ସହ ଆଉ କୌଣସି ପ୍ରକାର ସମ୍ପର୍କ ନ ରଖିବାକୁ ସେ ତାଗିଦ୍ କରିଥିଲେ। ଏଥିରେ ମନୋଜ ଖୁବ୍ ଭାଙ୍ଗିପଡିଥିଲେ। ପରିବାର ଓ ସାଙ୍ଗସାଥୀଙ୍କ ସହ ମଧ୍ୟ ଭଲରେ ମିଳାମିଶା କରୁ ନ ଥିଲେ। ତେବେ ଶୁକ୍ରବାର ରାତିରେ ସେ ଟ୍ରେନ୍‌ଲାଇନ୍‌ରେ ବୁଲାବୁଲି କରୁଥିବାର ଏକ ଭିଡିଓ ନିଜ ଫେସ୍‌ବୁକରେ ଅପଲୋଡ କରିଥିଲେ। ଏହା ଦେଖି ତାଙ୍କ ସାଙ୍ଗସାଥୀ ତାଙ୍କୁ ଖୋଜାଖୋଜି କରିଥିଲେ ମଧ୍ୟ ତାଙ୍କର ସନ୍ଧାନ ପାଇ ନ ଥିଲେ। ଶନିବାର ସକାଳେ ଟ୍ରେନ୍‌ଲାଇନରୁ ତାଙ୍କ ମୃତଦେହ ମିଳିଥିଲା। ସେ ପ୍ରେମରେ ସାଂଘାତିକ ଭାବେ ପ୍ରତାରଣାର ଶିକାର ହୋଇଥିବା ସୁଇସାଇଡ୍ ନୋଟ୍‌ରେ ଉଲ୍ଲେଖ କରିଛନ୍ତି। ଏହି ପ୍ରତାରଣା ପାଇଁ ସେ ନ୍ୟାୟ ଭିକ୍ଷା କରିଛନ୍ତି।

### ଭିଡିଓରେ କ'ଣ କହିଥିଲେ, ଚିଠିରେ କ'ଣ ଲେଖିଥିଲେ

ଜୀବନରେ କାହାରିକୁ ମୋ ଭଳି ହୃଦୟ ଦେଇ ଭଲ ପାଅନାହିଁ। ଟ୍ରେନ୍ ଶବ୍ଦ ସାଙ୍ଗକୁ ମନୋଜଙ୍କ ବାଷ୍ପରୁଦ୍ଧ କଣ୍ଠ ସ୍ୱରରୁ ଶୁଭୁଛି ଏହିଭଳି କିଛି କଥା। କାଲି ଏତେବେଳକୁ ମୁଁ ଆଉ ନ ଥିବି। ମୋତେ ଭଲ ପାଇ ସେ (ଯୁବତୀଙ୍କ ନାଁ ନେଇ) ଠକିଦେଲା। ୩ବର୍ଷର ସମ୍ପର୍କକୁ ପାଦରେ ଆଡେଇ ଦେଇ ଆଉ ଜଣଙ୍କୁ ବିବାହ କରିବ। ଅର୍ଥ, ପ୍ରତିପତ୍ତି ଓ ଜାତି ଆଗରେ ମୋ ପ୍ରେମ ହାରିଗଲା। ପ୍ରେମ ଯେଉଁଠି ହାରିଯାଇଛି, ସେଠି ବଞ୍ଚି ଆଉ ଲାଭ କ'ଣ। ଏହାପରେ ଧନ୍ୟବାଦ ସହ ମନୋଜ ଭିଡିଓଟିକୁ ବନ୍ଦ କରିଦେଉଛନ୍ତି। ସେହିପରି ଚିଠିରେ ମଧ ମନୋଜ କେତେକ କୋହଭରା କଥା ଲେଖିଛନ୍ତି। ମୋ ମୃତ୍ୟୁ ପାଇଁ କେବଳ ସେ (ପ୍ରେମିକା) ଦାୟୀ। ମୋ ମୃତ୍ୟୁର ନ୍ୟାୟ ମିଳୁ।

# କଳାହାଣ୍ଡି ଉତ୍ସବ
## ଘୁମୁରାର ୨ୟ ଦିବସ



ମଞ୍ଚରେ ଯୋଗଦେଇଥିବା ଅତିଥିବୃନ୍ଦଙ୍କ ସହ କୃତୀ ପ୍ରତିଯୋଗୀ।

ଜୁନାଗଡ, ୧୧।୧ (ଡି.ଏନ.ଏ.)

କଳାହାଣ୍ଡି ଜିଲ୍ଲା ଜୁନାଗଡରେ ଚାଲିଥିବା ବ୍ଲକ ଓ ଏନ୍‌ଏସିସ୍ତରୀୟ କଳାହାଣ୍ଡି ଉତ୍ସବ ଘୁମୁରା ଶନିବାର ଥିଲା ଦ୍ୱିତୀୟ ଦିବସ। ଜୁନାଗଡ ବ୍ଲକ ଅଧ୍ୟକ୍ଷା ନୁର୍ଯ୍ୟ ମାଝିଙ୍କ ଅଧ୍ୟକ୍ଷତାରେ ବିରୋଧୀ ଦଳ ନେତା ପ୍ରଦୀପ୍ତ କୁମାର ନାଏକ, ଭାଜପା ରାଷ୍ଟ୍ରୀୟ ଓବିସି ମୋର୍ଚ୍ଚାର ସମ୍ପାଦକ ହିମାଂଶୁ ଶେଖର ମେହେର, ଭୁବନେଶ୍ୱର ଭରଷା ଫାଉଣ୍ଡେସନର ସଭାପତି ପ୍ରତୀକ ପଣ୍ଡା, ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ଭବସିନ୍ଧୁ ମଙ୍ଗରାଜ, ବିଡିଓ ଦୁଲାରାମ ମାରାଣ୍ଡି, ବ୍ଲକ ଉପାଧ୍ୟକ୍ଷ ଟଙ୍କଧର ନାଏକ, ଜୁନାଗଡ ବ୍ଲକ ସରପଞ୍ଚ ସଂଘ ସଭାପତି ଶିବ ପ୍ରସାଦ ଭୋଇ ପ୍ରମୁଖ ଯୋଗଦେଇଥିଲେ। ଜୁନାଗଡ ତହସିଲଦାର ତଥା ଭାରପ୍ରାପ୍ତ ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଉପେନ୍ଦ୍ର ଲୁହା ସ୍ୱାଗତ ଭାଷଣ ଦେଇଥିଲେ। ଜୁନାଗଡ ଭାରପ୍ରାପ୍ତ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରଧିକାରୀ ଡାକ୍ତର ଭଗବାନ ପଣ୍ଡା ଧନ୍ୟବାଦ ଦେଇଥିଲେ। ଜିଲ୍ଲା ଓୟୁଜେ ସାଧାରଣ ସମ୍ପାଦକ ସନ୍ତୋଷ କୁମାର ସିଂଦେଓ ମଞ୍ଚ ପରିଚାଳନା କରିଥିଲେ। କଳାହାଣ୍ଡିର କଳା, ସଂସ୍କୃତିକୁ ଉଜ୍ଜୀବିତ କରିବା ପାଇଁ ସମସ୍ତେ ଏକାଠି ହେବା ଆବଶ୍ୟକ ବୋଲି ଅତିଥିମାନେ କହିଥିଲେ। ଉତ୍ସବ ଉପଲକ୍ଷେ ମହିଳାଙ୍କ ମଧ୍ୟରେ ହୋଇଥିବା ବିଭିନ୍ନ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀଙ୍କୁ ଏବଂ ଏନ୍‌ଏସିସ୍ତରୀୟ ଛାତ୍ରୀଛାତ୍ରଙ୍କ ମଧ୍ୟରେ ହୋଇଥିବା ବିଭିନ୍ନ ପ୍ରତିଯୋଗୀତାରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଖେଳଗୁଡିକୁ କ୍ରୀଡା କମିଟି ଅଧ୍ୟକ୍ଷ ସମୀର କୁମାର ସାହୁ ପରିଚାଳନା କରିଥିବାବେଳେ ପୁରସ୍କାର ବିତରଣୀ ସଭାକୁ କମିଟି ଅଧ୍ୟକ୍ଷ ସରୋଜ କୁମାର ପଣ୍ଡା ପରିଚାଳନା କରିଥିଲେ। କଳାହାଣ୍ଡି ଉତ୍ସବ ଉପଲକ୍ଷେ ଏକ କବିତା ପାଠମହୋତ୍ସବ ମଧ ଅନୁଷ୍ଠିତ ହୋଇଥିଲା। ଦ୍ୱିତୀୟ ଦିବସରେ ଜୟପାଟଣା ରିଦମ୍ ଡ୍ୟାନ୍ସ ଗ୍ରୁପ ପକ୍ଷରୁ ସମ୍ବଲପୁରୀ, ଭବାନୀପାଟଣା ମା' ସାଂସ୍କୃତିକ ଅନୁଷ୍ଠାନ, ପାର୍ଷ୍ଣିକୁଡି, ମୟୁରୀ ସାଂସ୍କୃତିକ ଅନୁଷ୍ଠାନ, ନୁପୁର ଅନୁଷ୍ଠାନ, ଜେକେ ଡ୍ୟାନ୍ସ ଗ୍ରୁପ, ସଙ୍ଗମ ଅନୁଷ୍ଠାନ ପକ୍ଷରୁ ବଜାଶାଲ, ଜୁନାଗଡ କଳାବିକାଶ କେନ୍ଦ୍ରର ଓଡିଶୀ, ଛୋରିଆଗଡର ଘୁମୁରା, ମାଲିଗୁଡାର ବଜାଶାଳ ଆଦି ସାଂସ୍କୃତିକ ପରିବେଷଣ ହୋଇଥିଲା। ଯାହାକି ବେଶ ଦର୍ଶକଙ୍କୁ ମନ ମୁଗ୍ଧ କରିଥିଲା। ସାଂସ୍କୃତିକ କାର୍ଯ୍ୟକ୍ରମକୁ ସୁଶାନ୍ତ ପାଢି ଓ ସୁବାଶିଷ ପାଣିଗ୍ରାହୀ ପରିଚାଳନା କରିଥିଲେ।

**WOMEN'S COLLEGE, BIRMAHARAJPUR**

**WALK-IN-INTERVIEW**

Desirous candidates having Bachelor degree with Home Science Hons / MA Home Science are wanted to attend walk-in-interview for one post demonstrator (Home Science) to be held in the College on **Dt.19.01.2020 at 11 A.M.**

In absence of candidate of above qualification any Science graduate with Chemistry Hons. may be preferred.

***Salary is Negotiable***

**Sd./- Secretary,**
**Women's College, Birmaharajpur**

**Job Opportunity (On Contractual Basis)**

**COMMUNITY ACTION THROUGH MOTIVATION PROGRAMME "CAMP"**
**Invites application for the given positions on contractual basis for different projects in Sundargarh District Under District Mineral Foundation (DMF)**

| Post | Vacancy | Age | Qualification with relevant experience |
|---|---|---|---|
| Staff Nurse | 78 | 21-37 | Diploma in Nursing/B.Sc Nursing |
| ANM | 90 | 21-37 | Auxiliary Nurse Midwifery (ANM) |
| Pharmacist | 42 | 21-65 | Diploma/Degree in Pharmacy |
| Lab Technician (LT) | 54 | 21-65 | Diploma/Degree in Medical Lab Technology |
| Radiographer | 15 | 21-65 | Diploma in Medical Radiation Technology |
| Accountant | 4 | 21-37 | Graduate in Commerce with PGDCA & Tally |
| Office Assistant | 2 | 21-37 | Graduate in Commerce with PGDCA |
| Emergency Medical Technician (EMT) | Bulk Hiring | 21-37 | Pharmacist/ANM/GNM BSc Nursing/ Lab Tech OT Tech |
| Driver | | 21-37 | LMV Commercial and badge License, Minimum 8th standard (Pass) |
| Ambulance Care Assistant (ACA) | | 21-37 | Matriculation or 8th Standard (Pass) |

All candidates must be registered in concerned council of Odisha/Govt. of India. Knowledge of Odia i.e. read, write and speak is essential. Information relating to education, qualification and experience must be written on top of CV with 2 passport size photographs. All documents should be duly notarized. Only shortlisted candidates would be called for Interview / technical know how. **First Preference would be given to local candidates of Sundargarh District.** The last date of submission of application till Dt.20.01.2020. Send application through registered post/currier/by hand at H/N-NPL/1795, Behind Bijaya Talkis (Landmark - Near The Samaj Press Office), Kirpal Cottage, Bijaya Talkis Road, At/Po- Sundargarh,Odisha, Pin-770001. For any information contact on 9668656862, 06622-272021.

**Appointments shall be made as per the HR policy of "CAMP"**

# ଜେଡ୍‌ଏସ୍‌ଆଇ ସହ ରେଭେନ୍‌ଶା ବିଶ୍ୱବିଦ୍ୟାଳୟର ଏମ୍‌ଓୟୁ
## ଉଚ୍ଚଶିକ୍ଷା ପାଇଁ ବାଟ ଫିଟିଲା

କଟକ ଅଫିସ, ୧୧।୧

ଭାରତର ଏକ ପୁରାତନ ତଥା ୧୦୩ ବର୍ଷର ସଂସ୍ଥା ଜୁଲୋଜିକାଲ ସର୍ଭେ ଅଫ ଇଣ୍ଡିଆ (ଜେଡ୍‌ଏସ୍‌ଆଇ)ର ବିଶିଷ୍ଟ ବୈଜ୍ଞାନିକମାନଙ୍କ ନିକଟରୁ ଶିକ୍ଷା ହାସଲ କରିବାର ସୁଯୋଗ ଏବେ ରେଭେନ୍‌ଶା ବିଶ୍ୱବିଦ୍ୟାଳୟର ଛାତ୍ରୀଛାତ୍ର ପାଇବେ। ଏ ନେଇ ଜେଡ୍‌ଏସ୍‌ଆଇ ଓ ରେଭେନ୍‌ଶା ବିଶ୍ୱବିଦ୍ୟାଳୟ ମଧ୍ୟରେ ଶନିବାର ଏକ ବୁଝାମଣା ପତ୍ର (ଏମ୍‌ଓୟୁ) ସ୍ୱାକ୍ଷରିତ ହୋଇଥିଲା। ଜେଡ୍‌ଏସ୍‌ଆଇ ନିର୍ଦ୍ଦେଶକ ଡ. କୈଳାସ ଚନ୍ଦ୍ର ଓ ରେଭେନ୍‌ଶା ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଇଶାନ କୁମାର ପାତ୍ର ଏହି ଚୁକ୍ତିନାମାରେ ସ୍ୱାକ୍ଷର କରିଥିଲେ। ରେଭେନ୍‌ଶା ବିଶ୍ୱବିଦ୍ୟାଳୟର ପ୍ରାଣୀ ଓ ଉଦ୍ଭିଦ ବିଜ୍ଞାନ ଛାତ୍ରୀଛାତ୍ରଙ୍କ ସମେତ ବାୟୋ ଟେକ୍ନୋଲୋଜି, ବାୟୋ କେମେଷ୍ଟ୍ରି ବିଭାଗର ବିଦ୍ୟାର୍ଥୀମାନଙ୍କୁ ଏହି ବିଶେଷ ସୁବିଧା ମିଳିବ। ଉକ୍ତ ବିଭାଗଗୁଡ଼ିକରେ ସ୍ନାତକୋତ୍ତର, ଏମ୍‌ଫିଲ୍ ଓ ପିଏଚ୍‌ଡି କରୁଥିବା ଛାତ୍ରୀଛାତ୍ରଙ୍କୁ ବିଶ୍ୱବିଦ୍ୟାଳୟ ପକ୍ଷରୁ ଜେଡ୍‌ଏସ୍‌ଆଇର କଲିକତାସ୍ଥିତ କେନ୍ଦ୍ରକୁ ପଠାଯିବ। ଏପରି କି ଜେଡ୍‌ଏସ୍‌ଆଇର ବୈଜ୍ଞାନିକମାନେ ମଧ ଆଗାମୀ ଦିନରେ ରେଭେନ୍‌ଶା ବିଶ୍ୱବିଦ୍ୟାଳୟକୁ ଅତିଥି ଅଧ୍ୟାପକ ଭାବେ ଆସିବେ ବୋଲି ଏହି ଅବସରରେ କୁହାଯାଇଛି। ଜେଡ୍‌ଏସ୍‌ଆଇ ଓଡ଼ିଶାରେ ପ୍ରଥମଥର ନିମନ୍ତେ ରେଭେନ୍‌ଶା ବିଶ୍ୱବିଦ୍ୟାଳୟ ସହ ଏପରି ଏମ୍‌ଓୟୁ ସ୍ୱାକ୍ଷର କରିଛି ବୋଲି ଏହାର ନିର୍ଦ୍ଦେଶକ ଡ. କୈଳାସ କହିଥିଲେ। ରେଭେନ୍‌ଶା ବିଶ୍ୱବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ଉଚ୍ଚଶିକ୍ଷା ହାସଲ ନିମନ୍ତେ ଏହା ଏକ ବିସ୍ତୃତ ପଥ ବୋଲି କୁଳପତି ପାତ୍ର କହିଛନ୍ତି। ଏହି ଅବସରରେ ବରିଷ୍ଠ ଅଧିକାରୀ ପ୍ରଫେସର ପଦନ କୁମାର ଜେନା, ପ୍ରଫେସର ସଙ୍ଗୀତା ରଥ, ଚଣ୍ଡୀ ପ୍ରସାଦ ନନ୍ଦ, କିଶୋର ଦାସ, ଡ. ଜ୍ଞାନରଞ୍ଜନ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।

ଆଜି କ'ଣ କେଉଁଠି ସ୍ତମ୍ଭରେ କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ପ୍ରତିନିଧି କିମ୍ବା ଧରିତ୍ରୀ ମୁଖ୍ୟ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।




**ପ୍ରକୃତ ପ୍ରେମର ଆରମ୍ଭ,**
**ଏଚ୍.ଆଇ.ଭି.ର ଏକ ପରୀକ୍ଷା ସହିତ**

ଏହି ପରୀକ୍ଷା ରାଜ୍ୟର ସମସ୍ତ ସରକାରୀ ଚିକିତ୍ସାଳୟରେ ବିନାମୂଲ୍ୟରେ ଉପଲବ୍ଧ।




DSPL - 223

ଅସୁରକ୍ଷିତ ଯୌନ ସଂପର୍କରୁ ଦୂରେଇ ରୁହନ୍ତୁ | ଏଚ୍.ଆଇ.ଭି. ସଂକ୍ରମିତ ଛୁଂଚି ବ୍ୟବହାର କରନ୍ତୁ ନାହିଁ | ଏଚ.ଆଇ.ଭି. ସଂକ୍ରମିତ ବ୍ୟକ୍ତି ନିୟମିତ ଔଷଧ ସେବନ କରି ସୁସ୍ଥ ରୁହନ୍ତୁ

ଅଧିକ ଜାଣିବା ପାଇଁ ଦେୟମୁକ୍ତ ଟେଲିଫୋନ ନମ୍ବର **1097** ରେ ଯୋଗାଯୋଗ କରନ୍ତୁ

ୱେବସାଇଟ- www.osacs.nic.in
OSACS ଓଡ଼ିଶା ରାଜ୍ୟ ଏଡ୍‌ସ୍ ନିୟନ୍ତ୍ରଣ ସମିତି (ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ,ଓଡ଼ିଶା ସରକାର)

10009/13/0003/1920

ହେ ସୃଷ୍ଟିକର୍ତ୍ତା ପରମେଶ୍ୱର ! ତୁମର ଶକ୍ତି କେତେ ବିଶାଳ ! ତୁମ ଆନନ୍ଦର ଗୋଟିଏ ମାତ୍ର କଣା, ଆମକୁ ଘେରି ରହିଥିବା ସମସ୍ତ ଅନ୍ଧକାର, ସମସ୍ତ ଦୁଃଖ ପୋଛି ଦେଇପାରିବ। ତୁମ ମହିମାର ଗୋଟିଏ ମାତ୍ର ରଶ୍ମି, ନିସ୍ତେଜ ଉପଳଖଣ୍ଡକୁ ପ୍ରଭାମୟ କରିଦେଇପାରେ ଏବଂ ଚରମ ଅଜ୍ଞାନତାକୁ ମଧ୍ୟ ଉଦ୍‌ଭାସିତ କରିଦେଇପାରେ।

-ଶ୍ରୀମା

# ବିପଜ୍ଜନକ ବର୍ଷ ହେବ



ଆକାର ପଟେଲ

ନାଗରିକତ୍ୱ ସଂଶୋଧନ ଆଇନ ସମ୍ପର୍କରେ ବିଜ୍ଞପ୍ତି ଜାରି ହେବା ସହ ଏହା କାର୍ଯ୍ୟକାରୀ ହେବା ଆରମ୍ଭ ହୋଇଯାଇଛି। ଏହାକୁ ଲାଗୁକରିବା ପାଇଁ ସରକାରଙ୍କ ଦୃଢ଼ ନିଷ୍ପତ୍ତି ଆଗରେ ଦେଶ ସାରା ପ୍ରଦର୍ଶିତ ପ୍ରତିବାଦ ଅର୍ଥହୀନ ହୋଇପଡ଼ିଲା। ଏହି ଆଇନ ବିରୋଧରେ ସୁପ୍ରିମ୍‌କୋର୍ଟରେ ଅଭିଯୋଗ କରାଯାଇଥିଲେମଧ୍ୟଅଯୋଧ୍ୟାଓକଶ୍ମୀରପ୍ରସଙ୍ଗରେକୋର୍ଟଯେପରିରାୟଦେଲେ, ସେଥିରୁ ମନେହେଉଛି ଏହି ରାୟ ମଧ୍ୟ ସରକାରଙ୍କ ଚାହିଁବା ମୁତାବକ ହେବ।

ଜବାହରଲାଲ ନେହେରୁ ବିଶ୍ୱବିଦ୍ୟାଳୟ ଆକ୍ରମଣ ଘଟଣାରେ ଛାତ୍ରୀମାନଙ୍କ ଉପରେ, ବିଶେଷତଃ ଛାତ୍ର ସଂସଦ ନେତାଙ୍କ ଉପରେ ଆକ୍ରମଣ କରାଗଲା। ସେମାନଙ୍କୁ ନ୍ୟାୟ ମିଳୁ ବୋଲି ଦାବି ହେଉଛି। କିନ୍ତୁ ବାସ୍ତବରେ ଯିଏ ଆକ୍ରମଣର ଶିକାର ହୋଇଛନ୍ତି, ତାଙ୍କୁ ହିଁ ପୋଲିସ ଦୋଷୀ ବୋଲି କହିବା ସହ ଆକ୍ରମଣକାରୀମାନଙ୍କୁ କ୍ଲିନ୍‌ଚିଟ୍ ଦିଆଯାଇଛି। ପୋଲିସକୁ ପ୍ରଶାସନଠାରୁ ଅଲଗା ବୋଲି ବିବେଚନା କରାଯାଏ, ମାତ୍ର ବାସ୍ତବରେ ତାହା ସତ ନୁହେଁ। ଥିଓରୀ ଅନୁସାରେ ବି ପୋଲିସ ଆଉ ପ୍ରଶାସନଠାରୁ ଅଲଗା ନୁହେଁ। ସରକାର ଯାହା କହିବେ ପୋଲିସ ସେଇଆ କରିବ। ଯେହେତୁ ଦିଲ୍ଲୀ ପୋଲିସ ସ୍ଥାନୀୟ ଅରବିନ୍ଦ କେଜ୍‌ରିୱାଲ ସରକାରଙ୍କ ଦ୍ୱାରା ନିୟନ୍ତ୍ରିତ ନୁହେଁ, ବରଂ କେନ୍ଦ୍ର ସରକାର ଏହାକୁ ନିୟନ୍ତ୍ରଣ କରୁଛନ୍ତି, ତେଣୁ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହାଙ୍କ ଇସାରାରେ ହିଁ ଦିଲ୍ଲୀ ପୋଲିସ କାର୍ଯ୍ୟ କରୁଛି। ଯେତେବେଳେ ଜମ୍ମୁ ଓ କଶ୍ମୀରକୁ ଅଲଗା କରାଗଲା ଏବଂ ସେଠାରେ କେନ୍ଦ୍ରୀୟ ସୁରକ୍ଷା ବଳ ପଇଁତରା ମାରୁଥିଲେ, ସେତେବେଳେ ମୁଁ ଜଣେ ସ୍ଥାନୀୟ ସାମ୍ବାଦିକଙ୍କୁ ପଚାରିଲି, ଏବେ କେନ୍ଦ୍ର ସରକାରଙ୍କ ରଣନୀତି କ'ଣ। ସେ କହିଲେ ଯେ, କିଛି ନୂଆ କଥା ନାହିଁ, କିନ୍ତୁ କେନ୍ଦ୍ରୀୟ ସୁରକ୍ଷା ପରାମର୍ଶଦାତା ଡୋଭାଲଙ୍କଠାରୁ ସ୍ଥାନୀୟ ଲୋକଙ୍କ ପ୍ରତି କଡ଼ା ଆଭିମୁଖ୍ୟ ଗ୍ରହଣ କରିବା ଲାଗି ପ୍ରଶାସନକୁ ନିର୍ଦ୍ଦେଶ ମିଳିଛି। ସେଇଆ ବାସ୍ତବରେ ଘଟିଛି। ବିନା ଅଭିଯୋଗ ବା ବିନା ଅପରାଧରେ ରାଜ୍ୟର ନେତାମାନଙ୍କୁ ଅଟକ ରଖାଯାଇଛି। ଅନେକ ସାଧାରଣ ନାଗରିକଙ୍କୁ ବି ଅଟକ ରଖାଯାଇଛି। ସେମାନଙ୍କ ସ୍ୱାଧୀନ ଗତିବିଧିକୁ ବନ୍ଦ କରିଦିଆଯାଇଛି। ସେମାନଙ୍କର ଶାନ୍ତିପୂର୍ଣ୍ଣ ଭାବେ ମେଳି କରିବାର ଅଧିକାର ନାହିଁ। ସେମାନଙ୍କର ସବୁ ଯୋଗାଯୋଗ ସୁବିଧାକୁ ବନ୍ଦ କରିଦିଆଯାଇଛି। ସେମାନଙ୍କ ଦରଜା ବାହାରେ ସଶସ୍ତ୍ର ବାହିନୀ ସର୍ବଦା ପହରା ଦେଉଛନ୍ତି। ଭବିଷ୍ୟତରେ ଏ କଟକଣା ହଟାଇଦିଆଯିବାର କୌଣସି ପ୍ରତିଶ୍ରୁତି ବା କାର୍ଯ୍ୟାନୁଷ୍ଠାନ ବି ନାହିଁ। ଅଥଚ ଏ ପ୍ରସଙ୍ଗକୁ ଭାରତୀୟମାନେ ତଥା ବିଶ୍ୱ ସମୁଦାୟ କେଉଁ ଦୃଷ୍ଟିରେ ଦେଖିବେ ତାହାକୁ ନରେନ୍ଦ୍ର ମୋଦି ଓ ଅମିତ ଶାହା ହିଁ ପରିଚାଳନା କରୁଛନ୍ତି। ନାଗରିକତ୍ୱ ପ୍ରସଙ୍ଗ ଉପରେ ମୋଦି ଓ ଶାହାଙ୍କ ବକ୍ତବ୍ୟରୁ ଆମେ ସେମାନଙ୍କ ଆଭିମୁଖ୍ୟ ସହଜରେ ବୁଝିପାରିବା। ପ୍ରତିବାଦ ଜୋରଦାର ହେବା ଦେଖି ମୋଦି ତାହାକୁ ରୋକିବା ପାଇଁ କହିଲେ ଯେ ସାରା ଦେଶରେ ଏନ୍‌ଆର୍‌ସି ଲାଗୁ କରିବା ପାଇଁ ଆଲୋଚନା କରାଯାଇ ନାହିଁ। କିନ୍ତୁ ଏହା ଲାଗୁ ହେବନାହିଁ ବୋଲି ସେ କହି ନ ଥିଲେ। ଯେଉଁମାନେ ଆସାମ ପରି ସବୁ ରାଜ୍ୟରେ ଏନ୍‌ଆର୍‌ସି ଲାଗୁ କରାଯିବା ନେଇ ଉଦ୍‌ବିଗ୍ନ ଥିଲେ ଏହା ସେମାନଙ୍କୁ ଆଶ୍ୱସ୍ତି ଦେଇ ନ ଥିଲା। ପ୍ରଧାନମନ୍ତ୍ରୀ ଚାହୁଁଛନ୍ତି ଅନ୍ତର୍ଜାତୀୟ ସ୍ତରରେ ଭାରତର ସୁନାମରେ ଯେଉଁ ଆଞ୍ଚ ଆସୁଛି ତାକୁ ହଜମ କରିଦେବା ପାଇଁ। ତାଙ୍କର ଅନୁମୋଦନ ମିଳି ନ ଥିଲେ ବିଦେଶ ମନ୍ତ୍ରୀ ଜୟଶଙ୍କର ଆମେରିକାରେ ଅନୁଷ୍ଠିତ ବୈଠକରୁ ଉଠିଆସି ନ ଥାନ୍ତେ। ଆଗକୁ ଏହା ଏକ ବିପଜ୍ଜନକ ପରିସ୍ଥିତି ସୃଷ୍ଟି କରିବ। ଆସନ୍ତା ଏପ୍ରିଲ ପହିଲାରୁ ଜାତୀୟ ଜନସଂଖ୍ୟା ପଞ୍ଜିକା (ଏନ୍‌ପିଆର୍) ସକାଶେ ତଥ୍ୟ ସଂଗ୍ରହ ପାଇଁ କର୍ମଚାରୀମାନେ ଘର ଘର ବୁଲିବେ, ଯାହା ଜାତୀୟ ନାଗରିକ ପଞ୍ଜିକା (ଏନ୍‌ଆର୍‌ସି) ଲାଗୁ କରିବାର ପ୍ରଥମ ପଦକ୍ଷେପ। ଯେତେବେଳେ ଲକ୍ଷ ଲକ୍ଷ ଲୋକ ନିଜର ନାଗରିକତ୍ୱ ଓ ସ୍ୱାଧୀନତା ଚାଲିଯିବା ନେଇ ଭୟଭୀତ ହୋଇପଡ଼ିବେ, ସେତେବେଳେ ବର୍ତ୍ତମାନ ଦେଖାଯାଉଥିବା ପ୍ରତିବାଦଠାରୁ ପ୍ରତିକ୍ରିୟା ଆହୁରି ଭୟଙ୍କର ହୋଇଉଠିବ। ସେତେବେଳେ ବିଶ୍ୱ ସମୁଦାୟ ଚୁପ୍ ହୋଇ ବସିବ ନାହିଁ।

ଡୋନାଲ୍‌ଡ ଟ୍ରମ୍ପ ହୁଏତ ଦ୍ୱିତୀୟ ଥର ପାଇଁ ନିର୍ବାଚିତ ନ ହୋଇପାରନ୍ତି ଏବଂ ଏ ବର୍ଷ ହେବାକୁ ଥିବା ନିର୍ବାଚନରେ ଜଣେ ଡେମୋକ୍ରାଟ ଆମେରିକାର ରାଷ୍ଟ୍ରପତି ହୋଇପାରନ୍ତି। ଭାରତ ନିଜ ଦେଶରେ ସଂଖ୍ୟାଲଘୁଙ୍କ ପ୍ରତି ନିର୍ମମ ଆଚରଣ କରୁଥିବା ଦେଖି ସେ ମୋଦି ତଥା ଭାରତ ସହ ବନ୍ଧୁଭାବାପନ୍ନ ନ ହୋଇପାରନ୍ତି। ତା'ପରେ କ'ଣ ହେବ ? ବର୍ତ୍ତମାନ ସରକାର ଭାବୁଛନ୍ତି, ଏବେ ଯାହାକିଛି ଘଟୁଛି ତା' ଉପରେ ତାଙ୍କର ନିୟନ୍ତ୍ରଣ ଅଛି। ଉତ୍ତରପ୍ରଦେଶରେ ପୋଲିସ ଏକ ଡଜନରୁ ଊର୍ଦ୍ଧ୍ୱ ମୁସଲମାନ ପ୍ରତିବାଦକାରୀଙ୍କୁ ହତ୍ୟା କରିଥିବା ବେଳେ ସାଧାରଣ ସମ୍ପତ୍ତି ନଷ୍ଟ ହେବାକୁ ନେଇ ସୁପ୍ରିମ୍‌କୋର୍ଟ ଉଦ୍‌ବେଗ ପ୍ରକାଶ କରିଛନ୍ତି। ଜେଏନ୍‌ୟୁଠାରୁ ଆରମ୍ଭ କରି କଶ୍ମୀର ପର୍ଯ୍ୟନ୍ତ ନାଗରିକଙ୍କ ଅଧିକାର ଉପରେ ମୋଦି ସରକାର ନିଜର ଅଧିକାର ଜାହିର କରୁଛନ୍ତି। ତେବେ ତାଙ୍କ ପାଇଁ ଭଲକଥା ହେଲା ମୋଦିଙ୍କୁ ବିରୋଧ କରିବା ପାଇଁ ତାଙ୍କ ସରକାରରେ କେହି ନାହାନ୍ତି। ସେ ଯାହା କହୁଛନ୍ତି ବା କରୁଛନ୍ତି, ୩୦୦ରୁ ଊର୍ଦ୍ଧ୍ୱ ଲୋକ ସଭା ଏମ୍‌ପି ତାହାର ସମର୍ଥନ ଓ ପ୍ରଶଂସା କରୁଛନ୍ତି। ସୁପ୍ରିମ୍‌କୋର୍ଟ ଏ ନେଇ ଉଦ୍‌ବେଗ ପ୍ରକାଶ କରିବାର କୌଣସି କାରଣ ନାହିଁ, ଯାହା ଆମେ ଦେଖିଆସୁଛୁ। ତେବେ ମୋଦି ସରକାର ନିଜର ଆଦର୍ଶଗତ କାର୍ଯ୍ୟସୂଚୀ ଦେଶ ଉପରେ ଥୋପିବାକୁ ଚେଷ୍ଟା କରୁଥିବା ବେଳେ ପୀଡ଼ିତ ନାଗରିକମାନେ ନିଜର ସୁରକ୍ଷା ପାଇଁ ଯାହା ଇଚ୍ଛା କରିପାରନ୍ତି ଏବଂ ଏହି କାରଣରୁ ୨୦୨୦ ଏକ ବିପଜ୍ଜନକ ବର୍ଷ ହେବାକୁ ଯାଉଛି।

Email: aakar.patel@gmail.com

# ଯୁବପିଢ଼ି ଓ ବିବେକାନୁସରଣ



ଜିତେନ୍ଦ୍ର କୁମାର ନାୟକ

ସ୍ୱାମୀ ବିବେକାନନ୍ଦଙ୍କ ଜୟନ୍ତୀକୁ ଯୁବ ଦିବସ ଭାବେ ପାଳନ କରାଯାଉଛି। ଜାନୁୟାରୀ ୧୨ ଆସିଲେ ଦେଶ ଓ ବିଦେଶର ଅସଂଖ୍ୟ ସଙ୍ଗଠନ ଏହି ଦିବସକୁ ମନେ ପକାଇଥାଆନ୍ତି। ବିବେକାନନ୍ଦଙ୍କ ନାମ ପୂର୍ବରୁ ଯୋଗଜନ୍ମା, ଯୋଗୀ, ପ୍ରଜ୍ଞାପୁରୁଷ, ଯୁବ ସନ୍ନ୍ୟାସୀ ଆଦି ଅନେକ ବିଶେଷଣ ଲଗାଯାଇଥାଏ। ଶ୍ରୀରାମକୃଷ୍ଣ ପରମହଂସଙ୍କୁ ଜୀବନରେ ଗ୍ରହଣ କରି ସେ ଏପରି ହୋଇପାରିଥିଲେ। କିନ୍ତୁ ଆଜିର ଯୁବପିଢ଼ି ବିନା ଆଦର୍ଶରେ ସଫଳତା ପାଇବାକୁ ପ୍ରୟାସ କରୁଛି, ଯାହାଫଳରେ ସେ ବିଶୃଙ୍ଖଳିତ ଓ ଉଦ୍‌ଭ୍ରାନ୍ତ ହୋଇପଡୁଛି। ଏଭଳି ସନ୍ଧିକ୍ଷଣରେ ବିବେକାନୁସରଣର ପ୍ରାସଙ୍ଗିକତା ରହିଛି।

ଯୁବାବସ୍ଥା ହେଉଛି ଜୀବନର ସବୁଠାରୁ ମୂଲ୍ୟବାନ ସମୟ। ଏହାକୁ ଯିଏ ଭଲ ଭାବେ ଉପଯୋଗ କରିପାରିଛି ସେ ତାହାର ମହାର୍ଘ ଉପଲବ୍ଧି ପାଇଛି। ସ୍ୱାମିଜୀଙ୍କ ଶରୀର ଗଠନ, ପ୍ରଜ୍ଞା, ଧୀଶକ୍ତି ଓ ଦୃଢ଼ମନା ବ୍ୟକ୍ତିତ୍ୱ ପ୍ରତ୍ୟେକ ଯୁବପ୍ରାଣକୁ ପ୍ରଭାବିତ କରିଥାଏ। ହେଲେ ଆଜିର ପିଢ଼ି ପଢ଼ାବହି ବ୍ୟତୀତ ଶିକ୍ଷଣୀୟ ସାହିତ୍ୟ କିମ୍ବା ପ୍ରେରଣାଦାୟୀ ପୁସ୍ତକ ପଢ଼ିବାକୁ ଅମଙ୍ଗ ହୋଇପଡ଼ିଛି। ଆଣ୍ଡ୍ରଏଡ୍ ଫୋନ୍‌କୁ ସବୁକିଛିର ବିକଳ୍ପଭାବେ ଧରିନେଇଛି। ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ଯୁଗରେ ଯୋଗାଯୋଗ ଓ ସମୃଦ୍ଧିର ଏହା ଉନ୍ନତ ମାଧ୍ୟମ ପାଲଟିଥିବାରୁ ଏହାର ଆବଶ୍ୟକତାକୁ ଖୁଣି ହେଉ ନାହିଁ। ଅବଶ୍ୟ ଏହା ଅନେକେ ସ୍ୱୀକାର କରିବେ ଯେ ସେହି ଯନ୍ତ୍ରଟି ଭିତରୁ ଯେତେ ମାତ୍ରାରେ ଜ୍ଞାନ ଆହରଣ କରାଯାଇପାରନ୍ତା, ଆଜିର ପିଢ଼ି ତାହାକୁ ସାଉଁଟିପାରୁ ନାହିଁ। ଦିନର ଜୀବନଚର୍ଯ୍ୟା ସେହି ଯନ୍ତ୍ରରୁ ଆରମ୍ଭ ହୋଇ ରାତିରେ ଶଯ୍ୟାକୁ ଗଲା ଯାଏ ଏହା ସାଥୀ ପାଲଟୁଛି। ସେଥିରେ ବ୍ୟାୟାମ ସମ୍ପର୍କିତ ତଥ୍ୟ ମିଳିପାରୁଛି। କିନ୍ତୁ ଫୋନ୍‌ଧାରୀ ତାହାର ସଦୁପଯୋଗ କରୁନାହିଁ। ସ୍ୱାଡ୍ ଗେମ୍ସ ଖେଳାଯିବାଠାରୁ ଆରମ୍ଭ କରି ମନୋରଞ୍ଜନର ସମସ୍ତ ମାଧ୍ୟମକୁ ଅତି ନିଖୁଣ ଭାବେ ବ୍ୟବହାର କରାଯାଉଛି। ହେଲେ ଭବିଷ୍ୟତ ପିଢ଼ି ଦେହରେ ଯେ କେତେ ବଡ଼ କ୍ଷତ ସୃଷ୍ଟି ହୋଇଯାଉଛି ତାହାକୁ ଅନେକେ ନିରୀକ୍ଷଣ କରିପାରୁ ନାହାନ୍ତି। କାରଣ ବିବେକାନନ୍ଦ ଯେଉଁ ଆଦର୍ଶ, ବିଚାର, ଦର୍ଶନ, ଶିକ୍ଷା, ଶାରୀରିକ କସରତ ଓ ଖେଳ ଉପରେ ଗୁରୁତ୍ୱ ଦେଇ 'ମୋ ଭାରତ'ର କଥା କହି ପାଶ୍ଚାତ୍ୟରେ ଚର୍ଚ୍ଚିତ ହୋଇଥିଲେ, ସେସବୁ ଆଉ ଯୁବପିଢ଼ିଙ୍କ ଭିତରେ ପ୍ରତିଫଳିତ ହେଉନାହିଁ। କେବଳ ଏକ ମାନସିକ ବା ଭର୍ଚୁଆଲ ଦୌଡ଼ ଚାଲିଛି। 'ପ୍ରତିଦ୍ୱନ୍ଦ୍ୱିତାସର୍ବସ୍ୱ' ଏ ଦୌଡ଼ର ଲକ୍ଷ୍ୟ ସବୁ କିଛି କମ୍ ସମୟ ଭିତରେ ନିଜକୁ ମିଳିଯାଉ। ଅନ୍ୟକୁ ଯେନତେନ ପ୍ରକାରେଣ ଟପିଯିବାର ଏ ଯେଉଁ ନିଶା ଯୁବତୀଯୁବକଙ୍କୁ ଘାରିଛି ତା'ର ମୂଳରେ ରହିଛି ଉଚ୍ଚାକାଂକ୍ଷା। କିନ୍ତୁ କେହି ମନେରଖୁ ନାହାନ୍ତି ଯେ, ନିଜ କଳ୍ପନାଠାରୁ ବହୁଉଚ୍ଚକୁ ଲମ୍ଫିଥିବା ଏକ ଶୂନ୍ୟତାର ଅନ୍ୟନାମ ଦୁଃଖ। ଯେତେବେଳେ ଈପ୍ସିତ ଲକ୍ଷ୍ୟ ପୂରଣ ହୋଇପାରୁ ନାହିଁ ସେତେବେଳେ ସେ ଆତ୍ମହତ୍ୟା କରିବାକୁ ବାଧ୍ୟ ହେଉଛି। ଏଠାରେ ଭାରତବର୍ଷର ସବୁଠାରୁ ସମ୍ମାନଜନକ ଆଇଆଇଟି ଓ ଆଇଆଇଏମ୍‌ରୁ ଉତ୍ତୀର୍ଣ୍ଣ ଛାତ୍ରୀଛାତ୍ରଙ୍କ ଉଦାହରଣ ନିଆଯାଇପାରେ। କୁହାଯାଉଛି ଏମାନେ ସବୁଠୁ ଉଚ୍ଚଶିକ୍ଷିତ, ବୁଦ୍ଧିଆ, ବ୍ୟାବହାରିକ ଜ୍ଞାନରେ ଗରୀୟାନ୍ ଏବଂ ଦେଶ ନିର୍ମାଣ ଓ ପରିଚାଳନା କରିବାରେ ସର୍ବାଧିକ ଦକ୍ଷତା ରଖିଛନ୍ତି। ଏଥିରେ ଥିବା ପାଠ୍ୟକ୍ରମ ଯୁବତୀଯୁବକଙ୍କୁ ନୂଆ ଦିଗ୍‌ଦର୍ଶନ ଦେଇଥାଏ। ଅନେକେ ମୋଟିଭେଶନାଲ ସ୍ପିକର ବା ପ୍ରେରଣାଦାୟୀ ବକ୍ତା ଓ ଦୁନିଆରେ ବିଭିନ୍ନ କ୍ଷେତ୍ରରେ ନାମ ଓ ସମ୍ମାନ ଅର୍ଜନ କରିଥିବା ବ୍ୟକ୍ତିବିଶେଷ ମଧ୍ୟ ସେମାନଙ୍କ ଶ୍ରେଣୀକକ୍ଷ ମଣ୍ଡନ କରିଥାଆନ୍ତି। ତଥାପି ସେମାନଙ୍କ ମଧ୍ୟରୁ କତିପୟ ଦୁର୍ବଳମନା ଜୀବନକୁ ବୁଝିବାରେ ଅସଫଳ ହେବା ହେତୁ ପ୍ରାଣ ହରାଇ ଦେଉଛନ୍ତି। ୪ ଡିସେମ୍ବର ୨୦୧୯ରେ ପାର୍ଲାମେଣ୍ଟରେ ଏହି ମେଧାବୀ ଛାତ୍ରଙ୍କ ଆତ୍ମହତ୍ୟା ନେଇ ଏକ ପ୍ରଶ୍ନ ଉଠାଯାଇଥିଲା। ମାନବସମ୍ବଳ ବିକାଶ ମନ୍ତ୍ରୀ ଉତ୍ତର ରଖିଥିଲେ ଯେ ଗତ ୫ ବର୍ଷ ମଧ୍ୟରେ ୬୦ ଜଣ ଆଇଆଇଟି ଓ ଆଇଆଇଏମ୍ ଛାତ୍ର ଆତ୍ମହତ୍ୟା କରି ଜୀବନ ହାରିଦେଇଛନ୍ତି। ଅଭାବୀ ବିକ୍ରି ଆଦି ଯୋଗୁ କରଜ ଶୁଝି ନ ପାରି କୃଷକଙ୍କ ଆତ୍ମହତ୍ୟା ସାମାଜିକ ବ୍ୟବସ୍ଥାରେ ଦେହସୁହା ହୋଇଯାଇଛି। ସାଧାରଣତଃ ଏମାନଙ୍କ ମଧ୍ୟରୁ ଅନେକେ ଅପାଠୁଆ ଥିବେ। ତେବେ ଉଚ୍ଚଶିକ୍ଷିତ ଯୁବତୀଯୁବକଙ୍କ ମୃତ୍ୟୁ ପଛର ଅଧିକାଂଶ କାହାଣୀ ଖୋଜିଲେ ମୋଟା ଅଙ୍କର ଦରମା ନ ମିଳିବା ଓ ଅନ୍ୟ ସହ ତୁଳନା କରି ପଛରେ ପଡ଼ିଯିବା ଦୁଃଖରେ ଅନେକେ ମ୍ରିୟମାଣ। ପ୍ରେମରେ ଅସଫଳତା ମଧ୍ୟ ଜୀବନ ହାରିବାର ଅନ୍ୟ ଏକ କାରଣ। ସମ୍ଭବତଃ ମୂଲ୍ୟବୋଧ ଓ ଉତ୍ତମ ଚରିତ୍ରର ଅଭାବ ଯୋଗୁ ଯୁବପିଢ଼ି ପଥହରା ହୋଇପଡ଼ିଛି।

## ସ୍ୱାମୀ ବିବେକାନନ୍ଦଙ୍କ ଜୟନ୍ତୀ ଉପଲକ୍ଷେ



ଏକଦା ବିବେକାନନ୍ଦଙ୍କୁ ଦେଖି ଓ ଦର୍ଶନ ପଢ଼ି ପାଶ୍ଚାତ୍ୟ ଜଗତ ଆଚମ୍ବିତ ହୋଇଥିଲା। ସେଠାକାର ଅନେକ ବିଶ୍ୱବିଦ୍ୟାଳୟରେ ସ୍ୱାମିଜୀଙ୍କ ଉପରେ ଗବେଷଣା କରାଯାଉଛି। ହେଲେ ଏଠି ଭାରତୀୟ ଯୁବତୀଯୁବକ ଭଗ୍ନମନ ନେଇ ଘୂରି ବୁଲୁଛନ୍ତି। ଅବଶ୍ୟ ଏଥିଲାଗି ସବୁ ଦୋଷ ଯୁବପିଢ଼ି ଉପରେ ଅଜାଡ଼ି ଦେଲେ ଅନ୍ୟାୟ ହେବ। କାରଣ ଅଧିକାଂଶ ଗୁରୁଜନ ସେମାନଙ୍କୁ ପିଲାଟି ବେଳୁ ଠିକ୍‌ଭାବେ ଦିଗ୍‌ଦର୍ଶନ ଦେଇପାରୁ ନାହାନ୍ତି। ଭାରତୀୟ ମାନସିକତା ପାଠ ପଢ଼ି ଚାକିରି କରିବାକୁ ସର୍ବାଧିକ ଗୁରୁତ୍ୱ ଦେଉଛି। ୩୦ ବର୍ଷ ତଳେ ଖେଳକୁଦ କରିବାକୁ ଆଗ୍ରହ ରଖୁଥିବା ପିଲାକୁ ଭଲଭାବେ ନ ବୁଝି ମାତାପିତା ଜୋରଜବରଦସ୍ତ ବହିରେ ତା' ମୁହଁକୁ ମାଡ଼ି ଦେଉଥିଲେ। ଆଜି କେତେକ ଅଭିଭାବକଙ୍କ ଚିନ୍ତାରେ ପରିବର୍ତ୍ତନ ଆସି ପିଲାଙ୍କୁ ଖେଳପଢ଼ିଆକୁ ଛାଡୁଥିଲେ ହେଁ ସମ୍ପୂର୍ଣ୍ଣ ସ୍ୱାଧୀନତା ଦେବାକୁ କୁଣ୍ଠକୁଣ୍ଠ ହେଉଛନ୍ତି। ସୃଜନଶୀଳତା ବର୍ଗରେ ଚାକିରିର ସିଧାସଳଖ ସୁଯୋଗ ନ ଥିବାରୁ ତାହାକୁ ଗୁରୁତ୍ୱ ଦିଆଯାଉ ନାହିଁ। ଔଦ୍ୟୋଗିକ ଚିନ୍ତା ଓ ରାଜନୀତି ଭଳି କ୍ୟାରିୟରକୁ 'କେଉଁଥିରେ କିଛି ନ ହେଲେ ପିଲାମାନେ ଏଥିରେ ଯାଆନ୍ତି' ବୋଲି ଧରି ନିଆଯାଇଥିବାରୁ ତାହାର ଆଦର ବଢୁ ନାହିଁ। ଏପରି ସ୍ଥଳେ ସାମାଜିକ ନେତୃତ୍ୱ କିମ୍ବା ଥିଙ୍କ୍‌ଟ୍ୟାଙ୍କ ଗଢ଼ି ରାଷ୍ଟ୍ରର ମଙ୍ଗଳ ଦିଗରେ ଚିନ୍ତା ଓ ଯୁକ୍ତିନିଷ୍ଠ ସମାଧାନର ବାଟ ଦେଖାଇବାର ଦକ୍ଷତା ରଖିଥିବା ଯୁବତୀଯୁବକଙ୍କୁ କେଉଁଆଡୁ ସହଯୋଗ ମିଳିବ! ଅନ୍ୟପକ୍ଷରେ ପାଶ୍ଚାତ୍ୟରେ ଅଭିନବତ୍ୱ ଓ ନୂଆ କିଛି କରିବାରେ ଯିଏ କ୍ୟାରିୟର କରି ସଫଳତାକୁ ଧରି ରଖିପାରୁଛନ୍ତି ସେମାନେ ସେଲିବ୍ରିଟି ପାଲଟି ଯାଉଛନ୍ତି। ଅର୍ଥାତ୍ ଗୋଟିଏ ଆଇଡିଆ ବା ବିଚାରଧାରା ସେମାନଙ୍କୁ ଆଇକନ୍ ବା ଆଦର୍ଶସ୍ଥାନରେ ନେଇ ବସାଇ ଦେଉଛି। ରାମକୃଷ୍ଣ ପରମହଂସ, ବିବେକାନନ୍ଦ, ଶ୍ରୀଅରବିନ୍ଦଙ୍କ ଭଳି ପ୍ରଜ୍ଞାବାନ୍ ବ୍ୟକ୍ତିଙ୍କ ସମୟକୁ କିଏ ଦେଖିଛି ବୋଲି ପ୍ରଶ୍ନ ବାଢୁଥିବା ଯୁବପିଢ଼ିଙ୍କୁ ପାଶ୍ଚାତ୍ୟର ଏବର ମାର୍କ ଜୁକରବର୍ଗମାନେ ମଧ୍ୟ ଅନୁକରଣୀୟ ମନେ ହେଉନାହାନ୍ତି। 'ଫେସ୍‌ବୁକ୍'ରେ ଘଣ୍ଟାଘଣ୍ଟା ସମୟ ବିତାଉଥିବା ଭାରତୀୟ ଯୁବବର୍ଗଙ୍କ ମଧ୍ୟରୁ କେହି ଜଣେ ବାହାରି ସେହି ପାଶ୍ଚାତ୍ୟର ଯୁବତୀଯୁବକଙ୍କ ମନରେ ବସାବାନ୍ଧିଲା ଭଳି ବ୍ୟକ୍ତିତ୍ୱଟିଏ କାହିଁକି ହୋଇପାରୁ ନାହିଁ। ଏହାର କାରଣ ଭାରତରେ ବାସ୍ତବଧର୍ମୀ ଓ ପ୍ରୟୋଗାତ୍ମକ ଦିଗକୁ ସେଭଳି ଗୁରୁତ୍ୱ ଦିଆଯାଉ ନାହିଁ।

ବିବେକାନନ୍ଦଙ୍କ ସର୍ବୋତ୍କୃଷ୍ଟ ସନ୍ଦେଶ ଥିଲା- "ଗୋଟିଏ ଆଇଡିଆ ବା ଆଦର୍ଶ ବା ବିଚାରଧାରାକୁ ଧରି ରଖ। ତାହାକୁ ହିଁ ତୁମେ ଜୀବନର ପାଥେୟ କର। ଚିନ୍ତା କର, ସ୍ୱପ୍ନ ଦେଖ। ମସ୍ତିଷ୍କ, ମାଂସପେଶୀ, ସ୍ନାୟୁସତ୍ତା ଓ ଶରୀରର ସମସ୍ତ ଅବୟବ ସେହି ଧାରଣାର ବଶବର୍ତ୍ତୀ ହେଉ। ତା' ବ୍ୟତୀତ ଅନ୍ୟସବୁକୁ ତୁଚ୍ଛ କରିଦିଅ। ଏହା ହେଉଛି ସଫଳତାର ଚାବିକାଠି।" ସମ୍ଭବତଃ ଏହାକୁ ପାଶ୍ଚାତ୍ୟ ଯୁବତୀଯୁବକ ଅନୁସରଣ କରି କାମରେ ଲଗାଇଲେଣି। ଅଥଚ ଭାରତୀୟ ଯୁବପିଢ଼ି ମଧ୍ୟରୁ ଅନେକେ ସେହି ଚିନ୍ତାଧାରାରୁ ନିଜକୁ ପୃଥକ୍ କରିନେଲେଣି। ବୁଢ଼ା ହେବା ପାଇଁ ସର୍ବଦା ୬୦ ବର୍ଷ ବୟସ ଲୋଡ଼ା ନ ଥାଏ। ଆଜି ଭାରତୀୟ ଯୁବପିଢ଼ିକୁ ଯେଉଁ ପ୍ରକାର ଅବାସ୍ତବ ଚିନ୍ତା ଘାରିଛି, ଘରୁ ଓ ବାହାରୁ ଯେଉଁଭଳି ଚାପ ପଡୁଛି ସେଥିରେ ପରିବର୍ତ୍ତନ ଆସିବ ବୋଲି ଭାବିହେଉ ନାହିଁ। ବାତାବରଣ ଓ ଯୁଗୋପଯୋଗୀ ଚିନ୍ତାଧାରାରେ ଭିନ୍ନତା ପରିଲକ୍ଷିତ ହୋଇପାରେ। କିନ୍ତୁ ଲକ୍ଷ୍ୟ ହାସଲ କରିବା ଲାଗି ଯେଉଁ ଦୁର୍ବାର ପ୍ରୟାସଟି ଅନାଦି କାଳରୁ ରହି ଆସିଛି, ସମୟ ଗଡ଼ି ଚାଲିଲେ ମଧ୍ୟ ସେଥିରେ କଦାପି କସ୍‌ମେଟିକ୍ ବୋଳା ଯାଇପାରିବ ନାହିଁ। ତାହା ହିଁ ନିଷ୍ଠୁର ସତ୍ୟ। କାରଣ ସେହି ସମୟରେ ବି ବିବେକାନନ୍ଦଙ୍କୁ କେତେକ ଗ୍ରହଣ କରି ନ ଥିବେ। ଏବର ଯୁବପିଢ଼ି ଯିଏ ଯେଉଁ କ୍ଷେତ୍ରରେ ଅଛନ୍ତି, ଉତ୍କର୍ଷ ଲଭିବାକୁ ଚେଷ୍ଟା କରିବା ଉଚିତ। କାହାର ବିଚାର ବା ଆଦର୍ଶକୁ ଭଲଭାବେ ଜୀବନରେ ପରୀକ୍ଷାନିରୀକ୍ଷା ନ କରି ଗ୍ରହଣ କରିବା ଠିକ୍ ନୁହେଁ। ରାମକୃଷ୍ଣ ପରମହଂସଙ୍କୁ ବୁଝିବା ସକାଶେ ବିବେକାନନ୍ଦଙ୍କୁ କମ୍ ଶ୍ରମ ସ୍ୱୀକାର କରିବାକୁ ପଡ଼ି ନାହିଁ। କେବଳ ଆଧ୍ୟାତ୍ମିକତା ଦୃଷ୍ଟିକୋଣରୁ ଏମାନଙ୍କୁ ଗ୍ରହଣ କରିବାକୁ ଭାରତୀୟ ଯୁବପିଢ଼ିଙ୍କୁ ଅନେକେ ଉପଦେଶ ଦେଇଥାଆନ୍ତି। ମାତ୍ର ଏଭଳି ମହାପୁରୁଷଙ୍କୁ ବାସ୍ତବ ଜୀବନରେ ଅନୁସରଣ କରିଚାଲିଲେ ଜୀବନର ସର୍ବତୋମୁଖୀ ଉନ୍ନତି ହୋଇଥାଏ।

ମୋ-୯୪୩୭୨୨୯୨୫୯

# ମହାକାଶ କନ୍ୟା

## ବ୍ୟକ୍ତିତ୍ୱ



କ୍ରିଷ୍ଟିନା କୋଚ୍

ପିଲାଦିନୁ କ୍ରିଷ୍ଟିନା ମହାକାଶ ଯିବାର ସ୍ୱପ୍ନ ଦେଖିଥିଲେ। ତାହା ୧୪ ମାର୍ଚ୍ଚ, ୨୦୧୯ରେ ସାକାର ହୋଇଥିଲା। ଏହି ଦିନ ସେ ମିଶନ ସୋୟୁଜ ଏମ୍‌ଏସ୍-୧୨ରେ ଆନ୍ତର୍ଜାତିକ ମହାକାଶ କେନ୍ଦ୍ରରେ ପହଞ୍ଚିଥିଲେ। ପରେ ସାଥୀ ମହିଳା ମହାକାଶଚାରୀଙ୍କ ସହ ମହାକାଶରେ ଚାଲି ଇତିହାସ ସୃଷ୍ଟି କରିଥିବା କ୍ରିଷ୍ଟିନା ଥରକରେ ସବୁଠାରୁ ବେଶି ୨୮୯ ଦିନ ରହିବାରେ ବିଶ୍ୱର ପ୍ରଥମ ମହିଳା ଭାବେ ମଧ୍ୟ ରେକର୍ଡ ସୃଷ୍ଟି କରିଛନ୍ତି। ଏଥିପାଇଁ କେବଳ ଆମେରିକାରେ ନୁହେଁ, ସାରା ବିଶ୍ୱରେ ସେ ପାଲଟିଛନ୍ତି ଜଣେ ଚର୍ଚ୍ଚିତ ଓ ବଳିଷ୍ଠ ବ୍ୟକ୍ତିତ୍ୱ। ମହାକାଶ ଦୌଡ଼ରେ ସାମିଲ ସବୁ ଦେଶର ମହିଳାମାନଙ୍କ ପାଇଁ କ୍ରିଷ୍ଟିନାଙ୍କ ଏହି ସାହସ ପ୍ରେରଣାର ଉତ୍ସ ପାଲଟିଛି।

କ୍ରିଷ୍ଟିନା ମିଶିଗାନର ଗ୍ରାଣ୍ଡ୍ ରେପିଡ୍‌ରେ ୨୯ ଜାନୁୟାରୀ, ୧୯୭୯ରେ ଜନ୍ମଗ୍ରହଣ କରିଥିଲେ। ମାତା ବାର୍‌ବରା ଜନ୍‌ଶନ ଓ ପିତା ଡ. ରୋନାଲ୍ଡ ହାମୋକଙ୍କ କନ୍ୟା କ୍ରିଷ୍ଟିନା ଏବେ ପାଲଟିଯାଇଛନ୍ତି ମହାକାଶ କନ୍ୟା। ତାଙ୍କ ପିଲାଦିନ କଟିଥିଲା ନର୍ଥ କାରୋଲିନାର ଜ୍ୟାକ୍‌ଶନ ଭିଲିରେ। ଡରହାମ୍‌ର ନର୍ଥ କାରୋଲିନା ସ୍କୁଲ ଅଫ୍ ସାଇନ୍ସ ଆଣ୍ଡ୍ ମାଥମେଟିକ୍ସରୁ ୧୯୯୭ରେ ଶିକ୍ଷା ଶେଷ କରିବା ପରେ ରେଲିଘସ୍ଥ ନର୍ଥ କାରୋଲିନା ଷ୍ଟେଟ୍ ୟୁନିଭର୍ସିଟିରୁ ୨୦୦୧ରେ ଇଲେକ୍ଟ୍ରିକାଲ ଇଞ୍ଜିନିୟରି ଆଣ୍ଡ୍ ଫିଜିକ୍ସରେ ଡିଗ୍ରୀ କରିବା ପରେ ଏହି ୟୁନିଭର୍ସିଟିରୁ ୨୦୦୨ରେ ଇଲେକ୍ଟ୍ରିକାଲ ଇଞ୍ଜିନିୟରିଂରେ ସ୍ନାତକୋତ୍ତର ଡିଗ୍ରୀ ହାସଲ କରି ମେଧାର ପରିଚୟ ଦେଇଥିଲେ। କିନ୍ତୁ ଏହା ପୂର୍ବରୁ ଗୋଡାର୍ଡ ସ୍ପେସ୍ ଫ୍ଲାଇଟ ସେଣ୍ଟର (ଜିଏସ୍‌ଏଫ୍‌ସି)ରେ ନାସା ଏକାଡେମୀ ପ୍ରୋଗ୍ରାମରୁ ଶିକ୍ଷା ଲାଭ କରିବାର ସୁଯୋଗ ପାଇଥିଲେ। ପରେ ୨୦୦୨ରୁ ୨୦୦୪ ଯାଏ ନାସା ଜିଏସ୍‌ଏଫ୍‌ସିର ଲାବୋରେଟୋରି ଫର୍ ହାଇ ଏନର୍ଜି ଆଷ୍ଟ୍ରୋଫିଜିକ୍ସରେ ଇଲେକ୍ଟ୍ରିକାଲ ଇଞ୍ଜିନିୟର ଭାବେ କାର୍ଯ୍ୟ କରିବା ସମୟରେ ନାସାର ବିଭିନ୍ନ ମିଶନ ଲାଗି ପ୍ରସ୍ତୁତ କରାଯାଇଥିବା ଯନ୍ତ୍ରାଂଶ ବିକାଶ କରିବାରେ ତାଙ୍କର ଯୋଗଦାନ ତାଙ୍କୁ ମହାକାଶ ରହସ୍ୟ ଭେଦ କରିବାକୁ ଆହୁରି ଉତ୍ସାହିତ କରିଥିଲା। ଏଠାରୁ ବି ସେ ଆଷ୍ଟ୍ରୋଫିଜିକ୍ସ ଓ କସ୍‌ମୋଲୋଜି ବିଷୟରେ ଶିକ୍ଷା ଲାଭ କରିଥିଲେ।

୪୦ ବର୍ଷୀୟା କ୍ରିଷ୍ଟିନା ତାଙ୍କ ଜୀବନର ଲକ୍ଷ୍ୟରେ ପହଞ୍ଚିବା ଲାଗି ପ୍ରତ୍ୟେକ ମୁହୂର୍ତ୍ତକୁ ଉପଯୋଗ କରିଛନ୍ତି। ସେ ଆମେରିକାର ଆଣ୍ଟାର୍କଟିକା ପ୍ରୋଗ୍ରାମରେ ରିସର୍ଚ୍ଚ ଆସିଷ୍ଟାଣ୍ଟ ଭାବେ ୨୦୦୪ରୁ ୨୦୦୭ ଯାଏ କାର୍ଯ୍ୟ କରି ସାଢେ ତିନି ବର୍ଷ ମେରୁ ଓ ଆଣ୍ଟାର୍କଟିକା ଅଞ୍ଚଳରେ ଯାତ୍ରା କରିଛନ୍ତି। ଏହି ସମୟରେ ମାଇନସ୍ ୧୧୧ଡିଗ୍ରୀ ତାପମାତ୍ରାରେ ରହିବା ଓ ମାସ ମାସ ଧରି ସୂର୍ଯ୍ୟଙ୍କୁ ନ ଦେଖିବା ପରିବେଶ ତାଙ୍କୁ ଶାରୀରିକ ଓ ମାନସିକ ସ୍ତରରେ ଅଧିକ ମଜଭୁତ କରିପାରିଥିଲା। ଏତିକିରେ ତାଙ୍କ ପ୍ରସ୍ତୁତି ଶେଷ ହୋଇନଥିଲା। ସେ ୨୦୦୭ରୁ ୨୦୦୯ ଜନ୍ସ ହପ୍‌କିନ୍ସ ୟୁନିଭର୍ସିଟିର ସ୍ପେସ୍ ଡିପାର୍ଟମେଣ୍ଟ ଅଫ୍ ଆପ୍ଲାଏଡ ଫିଜିକ୍ସ ଲାବୋରେଟୋରିରେ ମହାକାଶ ବିଜ୍ଞାନ ଉପକରଣ ବିକାଶ ଲାଗି କାର୍ଯ୍ୟ କରି ନାସାର ଜୁନୋ ଓ ଭାନ ଆଲେନ ପ୍ରୋବ୍‌ସର ଯନ୍ତ୍ରାଂଶ ଲାଗି କାର୍ଯ୍ୟ କରିବାର ସୌଭାଗ୍ୟ ଲାଭ କରିଥିଲେ। ୨୦୧୨ରେ ଆମେରିକାର ନ୍ୟାଶନାଲ ଓସେନିକ୍ ଆଣ୍ଡ୍ ଆଟମୋସ୍ପିୟରିକ ଆଡ୍‌ମିନିଷ୍ଟ୍ରେଶନ (ଏନ୍‌ଓଏଏ)ରେ ପ୍ରଥମେ ଫିଲ୍ଡ ଇଞ୍ଜିନିୟର ଓ ପରେ ଷ୍ଟେଶନ୍ ମୁଖ୍ୟ ଭାବେ କାର୍ଯ୍ୟ କରିଥିଲେ।

୨୦୧୩ରେ ତାଙ୍କ ନିଷ୍ଠା ଓ ଏକାଗ୍ର ସାଧନାକୁ ନାସା ସ୍ୱୀକୃତି ଦେଇ ୨୧ ଜଣିଆ ମହାକାଶଚାରୀଙ୍କ ମଧ୍ୟରେ ସାମିଲ କରିଥିଲା। ସେ ସ୍ପେଶ ଷ୍ଟେଶନ ସିଷ୍ଟମ୍, ସ୍ପେଶୱାକ୍, ରୋବୋଟିକ୍ସ, ସାଇକୋଲୋଜିକାଲ ଟ୍ରେନିଂ, ପାଣି ଓ ଜଙ୍ଗଲିଆ ଅଞ୍ଚଳରେ ରହିବାର ପ୍ରଶିକ୍ଷଣ ଜୁଲାଇ ୨୦୧୫ରେ ଶେଷ କରିଥିଲେ। ଆଷ୍ଟ୍ରୋନଟ୍ ସ୍କଲାରଶିପ୍ ଫାଉଣ୍ଡେସନ ପକ୍ଷରୁ ତାଙ୍କ ଆଷ୍ଟ୍ରୋନଟ୍ ସ୍କଲାର୍ ଭାବେ ସମ୍ମାନିତ କରାଯାଇଥିଲା। ୨୦୦୯ରେ ଜନ୍ସ ହପକିନ୍ସ ୟୁନିଭର୍ସିଟିରୁ ଇନ୍‌ଭେନ୍‌ସନ ଅଫ୍ ଦି ଇୟର ନୋମିନି ଓ ସେହି ବର୍ଷ ୟୁନାଇଟେଡ୍ କଂଗ୍ରେସ ଆଣ୍ଟାର୍କଟିକା ସର୍ଭିସ ମେଡାଲ ଏବଂ ୨୦୦୫, ୨୦୧୨ରେ ନାସାର ବିଭିନ୍ନ ମିଶନ୍‌ରେ ଉଲ୍ଲେଖନୀୟ ଯୋଗଦାନ ଲାଗି ଗ୍ରୁପ୍ ଆଚିଭ୍‌ମେଣ୍ଟ ଆୱାର୍ଡ ତାଙ୍କ କର୍ମମୟ ଜୀବନର ସ୍ୱୀକୃତି।

ଟେକ୍ସାସ୍‌ରେ ତାଙ୍କ ସ୍ୱାମୀ ରବର୍ଟ କୋଚଙ୍କ ସହ ରୁହନ୍ତି କ୍ରିଷ୍ଟିନା। ସେ ଯୋଗ ଉପରେ ଗୁରୁତ୍ୱ ଦେଇଥାନ୍ତି। ଏହା ବ୍ୟତୀତ ପାହାଡ଼ ଚଢ଼ିବା, ନୌଚାଳନା, ରନିଂ ଓ ସାଇକେଲିଂକୁ ଭଲ ପାଆନ୍ତି। ଫଟୋଗ୍ରାଫି ଓ ଦୂରଯାତ୍ରା ମଧ୍ୟ ତାଙ୍କର ପସନ୍ଦ। ଏସବୁ ଭିତରେ ସେ ସମାଜ ସେବାରେ ବି ସମୟ ଦେଇଥାନ୍ତି। ଫେବୃୟାରୀ, ୨୦୨୦ରେ ପୃଥିବୀକୁ ୩୨୮ ଦିନ ପରେ ଫେରିବେ। ତେବେ ମହାକାଶ ରହଣିର ରେକର୍ଡଧାରୀ କ୍ରିଷ୍ଟିନା ପୃଥିବୀକୁ ଫେରିବା ପରେ ତାଙ୍କ ଅନୁଭୂତି ସମ୍ପର୍କରେ ଜାଣିବାକୁ ବିଶ୍ୱବାସୀ ଉତ୍ସୁକତାର ସହ ଚାହିଁ ରହିବା ସ୍ୱାଭାବିକ।

-ଶିବ ପ୍ରସାଦ ପୁହାଣ

## ଏଇ ଭାରତରେ

ସମାଜସେବାରେ ସାରା ଜୀବନ ବିତାଇଦେବା ଲୋକଙ୍କ ସଂଖ୍ୟା କିଛି କମ୍ ନାହିଁ। ଏମାନଙ୍କ ମଧ୍ୟରୁ ମହାରାଷ୍ଟ୍ର ପୁଣେ ନିବାସୀ ପଦ୍ମିନୀ ଷ୍ଟମ୍ପ୍ ଅନ୍ୟତମ। ସେ ଏବେ ୯୦୦ ବୁଲା କୁକୁର, ଦେଢ଼ଶହ ବିଲେଇ ଓ ୧୦୦ରୁ ଊର୍ଦ୍ଧ୍ୱ ଗାଈ ଓ ମଇଁଷିଙ୍କ ପାଳିକା ମା' ପାଲଟିଯାଇଛନ୍ତି। ଏମାନଙ୍କ ଲାଗି ସେ ନିଜ ଘର ଖୋଲି ଦେଇଛନ୍ତି। ଏହା ବ୍ୟତୀତ ଦୁଇଟି ଆଶ୍ରୟସ୍ଥଳୀ ବି ନିର୍ମାଣ କରିଛନ୍ତି। ୬୦ ବର୍ଷୀୟା ପଦ୍ମିନୀ ପୁଣେର ପ୍ରଥମ ସୁପର୍ ମଡେଲ ଥିଲେ। ଦେଶବିଦେଶରେ ବହୁ ମଡେଲିଂ ଶୋ'ରେ ମଧ୍ୟ ଭାଗ ନେଇଥିଲେ। ବୟସର ସାୟାହ୍ନରେ ଉପନୀତ ପଦ୍ମିନୀ ଅନ୍ୟର ସାହାରା ଲୋଡିବା ସମୟରେ ହଜାର ଜୀବଙ୍କୁ ସେବା ଦେଇ ଉଦାହରଣ ସୃଷ୍ଟି କରିଛନ୍ତି। ୨୦୦୬ରେ ଏକ ସଡ଼କ ଦୁର୍ଘଟଣାରେ ତାଙ୍କର ଏକମାତ୍ର ପୁଅଙ୍କୁ ହରାଇବା ପରେ ସେ ଭାଙ୍ଗିପଡିଥିଲେ। ତା'ପରେ ଘର ପାଖରେ ଏକ ରୋଗଗ୍ରସ୍ତ କୁକୁରକୁ ଦେଖି ତାକୁ ଘରକୁ ଆଣି ସେବା କରିଥିଲେ। ପରେ ସେ 'ମିଶନ ପଶିବଲ୍' ନାମକ ସଂସ୍ଥା ଗଢି ତା'ମାଧ୍ୟମରେ ଅସହାୟ ପ୍ରାଣୀଙ୍କ ସେବା ଆରମ୍ଭ କରିଛନ୍ତି।

## ଚିରନ୍ତନୀ

ଗର୍ବ ଭରେ ବିଶ୍ୱମୟ ମଣେ ମୁହିଁ ରେଣୁ,
ଶତ୍ରୁ ମିତ୍ର ପ୍ରିୟାପ୍ରିୟ ଆତ୍ମୀୟ ସ୍ୱଜନ
କୋଟି କୋଟି ବଂଶଧର ଦେଖଇ ନୟନେ
ତୋହରି କରୁଣାବଳେ, ତୁ ଯେ ବିଶ୍ୱ-ସୃଷ୍ଟି
କୋମଳ ଚରଣେ ରୁକ୍ଷ କଣ୍ଟକିତ ବନ
ଚାଲୁଅଛୁ ବରିନେଇ ଦୁଃଖ ଏ ଭୁବନେ
ବିଷମୟ ବିଶ୍ୱେ ସଦା ସୁଧା କରି ବୃଷ୍ଟି!

(ପୁରୁଷ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ୨୫ ବର୍ଷ ତଳର ଧରିତ୍ରୀ

୧୨ ଜାନୁୟାରୀ ୧୯୯୫

- କଂଗ୍ରେସ ହାଇକମାଣ୍ଡ ତାମିଲନାଡୁ ପ୍ରଦେଶ କଂଗ୍ରେସ ସଭାପତି ପଦରୁ କେ. ରାମମୂର୍ତ୍ତିଙ୍କୁ ବହିଷ୍କାର କରିଛନ୍ତି।
- ଓଜୋନ ସ୍ତରର ସୁରକ୍ଷା ପାଇଁ ଇଣ୍ଡୋନେସିଆକୁ ୧୭ ମିଲିୟନମାର୍କିନଡଲାରଦେବାଲାଗିବିଶ୍ୱବ୍ୟାଙ୍କରନିଷ୍ପତ୍ତି।

## su | do | ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | C | | | | | 7 | B | | | | 1 | 0 | | |
| | | | | | | | 4 | 9 | E | 8 | C | | 3 | 7 |
| | 0 | | 4 | D | | 1 | E | | | | | C | | |
| | 5 | | | | | 2 | | | | | | | 9 | |
| | | | | | 9 | | D | 5 | | 4 | 0 | 6 | | B |
| | | | E | | | | | 4 | | | | | D | |
| | | | | 1 | | | 9 | | 0 | B | 8 | | 7 | 3 |
| | | C | | | A | | | | 6 | | | 9 | | 4 |
| | | E | | | 5 | | A | | | | 3 | | 8 | |
| 3 | D | | | | C | | | B | 9 | | 5 | A | | |
| | | | | 7 | 8 | | | | C | | 6 | E | 2 | D |
| 8 | | 5 | | | D | | | | | | | 4 | | |
| | | 1 | | | | B | 0 | 6 | 2 | 9 | | 5 | A | |
| | | | A | | 6 | | | | | | | 3 | 1 | |
| | | | | | | 5 | C | | | D | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 2 | A | D | 7 | B | 3 | 6 | C | 9 | 0 | 1 | 5 | E | 8 | 4 |
| 8 | 7 | C | 2 | 9 | E | 0 | B | A | D | 4 | 6 | 3 | 5 | 1 |
| B | 3 | E | 0 | D | 6 | 5 | 1 | 4 | 2 | 8 | C | 7 | 9 | A |
| 1 | 4 | 9 | C | A | 5 | 8 | D | 2 | 3 | 7 | E | 0 | 6 | B |
| 0 | 5 | 6 | 4 | 1 | 8 | 3 | E | 7 | 9 | B | A | D | C | 2 |
| 6 | 9 | 4 | B | 8 | 0 | 2 | 7 | 3 | A | E | D | C | 1 | 5 |
| E | 2 | A | D | 6 | C | 4 | 9 | 5 | 8 | 0 | 1 | B | 7 | 3 |
| C | 0 | 1 | 9 | 2 | 4 | B | A | D | 5 | 3 | 7 | 8 | E | 6 |
| 5 | B | 7 | A | 3 | 1 | E | 0 | 8 | 6 | C | 2 | 4 | D | 9 |
| D | 8 | 3 | E | 5 | 7 | C | 6 | 1 | 4 | 9 | B | 2 | A | 0 |
| 9 | E | B | 3 | C | D | 7 | 2 | 6 | 1 | 5 | 0 | A | 4 | 8 |
| 4 | D | 2 | 5 | 7 | A | 9 | 3 | 0 | C | 6 | 8 | 1 | B | E |
| 3 | C | 5 | 1 | 0 | 9 | D | 8 | B | E | A | 4 | 6 | 2 | 7 |
| A | 6 | 0 | 8 | E | B | 1 | 4 | C | 7 | 2 | 9 | 5 | 3 | D |
| 7 | 1 | 8 | 6 | 4 | 2 | A | 5 | E | B | D | 3 | 9 | 0 | C |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ରୋପ୍‌ୱେ ଦ୍ୱାରା ଦର୍ଶନ ବ୍ୟବସ୍ଥା ହେଉ

ମହାଶୟ,

ପୁରୀର ଶ୍ରୀଜଗନ୍ନାଥ ମନ୍ଦିର ଓ ଭୁବନେଶ୍ୱରର ଶ୍ରୀଲିଙ୍ଗରାଜ ମନ୍ଦିରର ଉନ୍ନତି ଓ ସୁନ୍ଦରୀକରଣ ଏବେ ସରକାରଙ୍କ ପ୍ରାଥମିକ କାର୍ଯ୍ୟର ଶ୍ରେଣୀଭୁକ୍ତ ହୋଇଛି। ସାରା ପୃଥିବୀର କୋଣଅନୁକୋଣରୁ ଲକ୍ଷ ଲକ୍ଷ ଭକ୍ତ, ଦର୍ଶକ ଠାକୁରଙ୍କ ଦର୍ଶନ ପାଇଁ ନିତି ପୁରୀ ଓ ଭୁବନେଶ୍ୱର ଆସୁଛନ୍ତି। ଧର୍ମୀୟ କଟକଣା ଯୋଗୁ ଅନେକ ଭକ୍ତ ମନ୍ଦିର ଭିତରକୁ ଯାଇପାରୁନାହାନ୍ତି। ଇସ୍‌କନର ପ୍ରଚାର ପ୍ରସାର ପରେ ମହାପ୍ରଭୁଙ୍କ ଦର୍ଶନ ପାଇଁ ବିଦେଶୀ ଭକ୍ତଙ୍କ ଆଗ୍ରହ ବଢ଼ିଛି। ସରକାର ଏହାର ଉନ୍ନତି ପାଇଁ ଚେଷ୍ଟିତ ଥିଲାବେଳେ ଯଦି ଦୁଇ ସ୍ଥାପତ୍ୟର ଚାରିପଟେ ରୋପ୍‌ୱେ ଦ୍ୱାରା ଦର୍ଶନ ବ୍ୟବସ୍ଥା କରାଯାଇପାରନ୍ତା ତେବେ ବିଦେଶୀ ଭକ୍ତଙ୍କ ପାଇଁ ଏହା ଖୁବ୍ ସହାୟକ ହୁଅନ୍ତା। ମନ୍ଦିର ଭିତରକୁ ନ ଯାଇ ମଧ୍ୟ ସେମାନେ ପ୍ରଭୁଙ୍କ ଦର୍ଶନ ଲାଭ କରିପାରନ୍ତେ।

ରାଧାକାନ୍ତ ପଟ୍ଟନାୟକ, ବେହେରାସାହି, ନୟାପଲ୍ଲୀ, ଭୁବନେଶ୍ୱର

### ସମ୍ପୂର୍ଣ୍ଣ ନିଶା ନିବାରଣ ହେଉ

ଆମ ରାଜ୍ୟରେ ସମ୍ପୂର୍ଣ୍ଣ ନିଶା ନିବାରଣ ପାଇଁ ବିଭିନ୍ନ ସାମାଜିକ ସଙ୍ଗଠନ ତଥା ଜନସାଧାରଣଙ୍କ ତରଫରୁ ଦୀର୍ଘ ବର୍ଷ ଧରି ଦାବି, ଆନ୍ଦୋଳନ, ଶୋଭାଯାତ୍ରା ଇତ୍ୟାଦି କରାଯାଇ ଆସୁଛି। ମାତ୍ର ଆମ ରାଜ୍ୟ ସରକାର ଏଥିପାଇଁ ତିଳେହେଲେ ଚିନ୍ତିତ ଥିବା ପରି ମନେହୁଏ ନାହିଁ ବରଂ ମଦ୍ୟପାନକୁ ପ୍ରୋତ୍ସାହିତ କରିବା ପାଇଁ ପଦକ୍ଷେପ ଗ୍ରହଣ କରୁଛନ୍ତି, ଯାହା ଏକ ଜନପ୍ରିୟ ସରକାର ପକ୍ଷେ ଆଦୌ ଶୋଭାପାଏ ନାହିଁ। ମଦ୍ୟପାନ ତଥା ନିଶା ସେବନ ପାଇଁ ଅଧିକାଂଶ ଗାଡି ଦୁର୍ଘଟଣା ଏବଂ ବଳାତ୍କାର ପରି ଘଟଣା ଘଟୁଥିଲେ ମଧ୍ୟ ନେତା, ମନ୍ତ୍ରୀ ତଥା ସରକାରୀ ଅଧିକାରୀମାନେ କ'ଣ ଏହି ସାମାନ୍ୟ କଥାଟା ବୁଝିପାରୁନାହାନ୍ତି ? ଦେଶର କେତେକ ରାଜ୍ୟ ନିଶା ନିବାରଣ ଆଇନ ପ୍ରଣୟନ କରି ସଫଳତାର ସହିତ କାର୍ଯ୍ୟକାରୀ କରାଇପାରିଛନ୍ତି। ମାତ୍ର ରାଜ୍ୟ ସରକାର ଅଧିକ ରାଜସ୍ୱ ଆଳରେ ଏହାକୁ ଅଧିକ ପ୍ରୋତ୍ସାହିତ କରିବା ଦୁର୍ଭାଗ୍ୟର ବିଷୟ। ଯାହାଙ୍କ ହାତରେ କ୍ଷମତା ଅଛି, ସେମାନେ ନିଶାଖୋର ହୋଇଥିବାରୁ ଏପରି ଆଇନ ପ୍ରଣୟନ ପାଇଁ କୁଣ୍ଠିତ ହେଉଛନ୍ତି କି ?

ଡ. ନିରଞ୍ଜନ ସାହୁ, ସାହୁପଡା, ବରୀ, ଯାଜପୁର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)



ଯେଉଁ ବ୍ୟକ୍ତି ଇନ୍ଦ୍ରିୟ ଲାଳସାରୁ ମୁକ୍ତ ନ ହୁଅନ୍ତି ଏବଂ ସାଂସାରିକ ବନ୍ଧନରେ ବାନ୍ଧି ହୋଇଥାନ୍ତି, ସେ କେବେହେଲେ ଗୁରୁ ହୋଇ ନ ପାରନ୍ତି।
- ଶ୍ରୀଚୈତନ୍ୟ



## ସଂକ୍ଷେପରେ

### ବାର୍ଷିକ କ୍ରୀଡ଼ା ଉଦ୍‌ଯାପିତ

**ଦେବଗଡ଼,୧୧।୧(ଡି.ଏନ୍.ଏ.):** ତିଲେଇବଣି ବ୍ଲକ ସୁଗୁଡ଼ା ଅପୂର୍ବ ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଘାନୀ ଦିବସରେ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଦେବାନନ୍ଦଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ତିଲେଇବଣି ପଞ୍ଚାୟତ ସମିତି ଅଧକ୍ଷା ସୁବାସିନୀ ଦେହୁରି ଯୋଗଦେଇ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟ ବକ୍ତା ଭାବେ ଅଧାପକ ରାଜେଶ କୁମାର ସାହୁ, ସମ୍ମାନିତ ଅତିଥି ଭାବେ ଜୋନ-୧ ଜିଲା ପରିଷଦ ସଦସ୍ୟା ବୃନ୍ଦାବତୀ ଭୋଇ, ବିଦ୍ୟାଳୟ ପରିଚାଳନା ସମିତି ସଭାପତି ରଞ୍ଜନ ସାହୁ ପ୍ରମୁଖ ମଞ୍ଚାସୀନ ଥିଲେ। ଉଦ୍‌ଘାଟନୀ ଦିବସରେ ବିଦ୍ୟାଳୟ କ୍ରୀଡ଼ା ଶିକ୍ଷକ ପଦ୍ମଲୋଚନ ପ୍ରଧାନ ଏବଂ ବିଶ୍ୱମ୍ଭର କର ପ୍ରତିଯୋଗିତା ଆରମ୍ଭ କରିଥିଲେ। ସେହିପରି ଉଦ୍‌ଯାପନୀ ଦିବସରେ ମୁଖ୍ୟଅତିଥି ଭାବେ ପ୍ରଧାନ ଶିକ୍ଷକ ଦେବାନନ୍ଦ ପ୍ରଧାନଙ୍କ ଅଧକ୍ଷତାରେ ଡେ଼ପୁଟି କଲେକ୍ଟର ଦିବ୍ୟ ଶଙ୍କର ଜୟପୁରିଆ ଯୋଗଦେଇ କୃତି ଛାତୀଛାତ୍ରଙ୍କୁ ପୁରସ୍କୃତ କରିଥିଲେ। ଦଶମ ଶ୍ରେଣୀ ଛାତ୍ରୀଛାତ୍ରୀଙ୍କୁ ଭଲଭାବେ ପାଠପଢି ପରୀକ୍ଷାରେ କୃତକାର୍ଯ୍ୟ ହେବାକୁ ସେ ପରାମର୍ଶ ଦେଇଥିଲେ। ଅନ୍ୟପକ୍ଷେ ସମ୍ମାନିତ ଅତିଥି ଭାବେ ସୁଗୁଡ଼ା ସରପଞ୍ଚ ଦେବକୀ ଅଡ଼ା, ସିଆର୍‌ସିସି ଭୋଳେଶ୍ୱର ପ୍ରଧାନ, ଫକୀର ମୋହନ ପ୍ରଧାନ, ରଞ୍ଜନ ସାହୁ, ବରିଷ୍ଠ ଶିକ୍ଷକ ନଳିନୀ ଭୋଇ ପ୍ରମୁଖ ମଞ୍ଚାସୀନ ଥିଲେ।

୧୭ତମ ସର୍ବଭାରତୀୟ ବହୁଭାଷୀ ନାଟକ ପ୍ରତିଯୋଗିତାର ଦ୍ୱିତୀୟ ସନ୍ଧ୍ୟା

# ସମ୍ବଲପୁରୀ ନାଟକ 'ନାଇଟ୍ ହସ୍‌ପିଟାଲ୍ ଓ 'ବାଗଡ଼ି' ମଞ୍ଚସ୍ଥ

**ଦେବଗଡ଼,୧୧।୧ (ଡି.ଏନ.ଏ)**

ଦେବଗଡ଼ର ଅଗ୍ରଣୀ ନାଟ୍ୟାନୁଷ୍ଠାନ ଜାଗରଣ ଆର୍ଟ ଇଣ୍ଟର୍‌ନ୍ୟାସନାଲ୍ ପକ୍ଷରୁ ସ୍ଥାନୀୟ ଟାଉନହଲ୍ ଠାରେ ଆରମ୍ଭ ହୋଇଥିବା ୧୭ତମ ସର୍ବ ଭାରତୀୟ ବହୁଭାଷୀ କ୍ଷୁଦ୍ର ନାଟକ ଓ ନୃତ୍ୟ ପ୍ରତିଯୋଗିତାର ଦ୍ୱିତୀୟ ସନ୍ଧ୍ୟାରେ ଶନିବାର ୨ଟି ନାଟକ ମଞ୍ଚସ୍ଥ ହୋଇଛି। ଏହି ନାଟକ ଓ ନୃତ୍ୟ ପ୍ରତିଯୋଗିତାର ଦ୍ୱିତୀୟ ସନ୍ଧ୍ୟାକୁ ଜିଲା କଂଗ୍ରେସ ସଭାପତି ଉମାଶଙ୍କର ସାହୁ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଶୁଭାରମ୍ଭ କରିଥିଲେ। ଏହି ଅବସରରରେ ଆୟୋଜକ ଜାଗରଣ ଆର୍ଟ ଇଣ୍ଟର୍‌ନ୍ୟାସନାଲ୍‌ର ସଭାପତି ଅଶୋକ କୁମାର ନନ୍ଦ, ଉପ ସଭାପତି



ସର୍ବଭାରତୀୟ ବହୁଭାଷୀ ନାଟକ ପ୍ରତିଯୋଗିତାର ଦ୍ୱିତୀୟ ସନ୍ଧ୍ୟାର ନାଟକର ଦୃଶ୍ୟ।

ପ୍ରକାଶ ଦେବତା ଓ ସମ୍ପାଦକ ସୁଜିତ କୁମାର ପାତ୍ରଙ୍କ ସମେତ ବହୁ କର୍ମକର୍ତ୍ତା ଉପସ୍ଥିତ ଥିଲେ। ଶନିବାର ସନ୍ଧ୍ୟାରେ ପ୍ରଥମ ନାଟକ ଭାବେ ସୋନପୁର ସ୍ଥିତ ବୀଣାପାଣି ସାହିତ୍ୟ କଳା ସଂସଦର ଦ୍ୱାରା ନାଟ୍ୟକାର ସୁମନ୍ତ ଭୋଇଙ୍କ ରଚିତ ଓ ନିର୍ଦ୍ଦେଶିତ ସମ୍ବଲପୁରୀ ନାଟକ 'ନାଇଟ ହସ୍‌ପିଟାଲ' ମଞ୍ଚସ୍ଥ ହୋଇଥିଲା । ଏହା ପରେ ଦ୍ୱିତୀୟ ନାଟକ ଭାବେ ସମ୍ବଲପୁରର ଆର୍ଟିଷ୍ଟ ସୋସିଏଶନ ପରିଚୟ ଦ୍ୱାରା ପ୍ରଶାନ୍ତ କୁମାର ମହାରଣାଙ୍କ ଅନୁବାଦିତ ଓ ନିର୍ଦ୍ଦେଶିତ ସମ୍ବଲପୁରୀ ନାଟକ 'ବାଗଡି' ମଞ୍ଚସ୍ଥ ହୋଇଥିଲା। ଉଭୟ ନାଟକ ଦର୍ଶକଙ୍କ ମନକୁ ଛୁଇଁବାରେ ବେଶ ସଫଳ ହୋଇଥିଲା । ଦେବଗଡ ଜିଲା ସମେତ ଜିଲାର ବିଭିନ୍ନ ପ୍ରାନ୍ତରୁ ବହୁ ଦର୍ଶକ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ମନଭରି ଉପଭୋଗ କରିଥିଲେ । ଜନ୍ମେଜୟ ନାୟକ ଓ ଚିତ୍ତରଞ୍ଜନ ଦାସ ନାଟ୍ୟ ମଞ୍ଚ ପରିଚାଳନା କରିଥିଲେ।



ଦେଶୀ ମଦ,ପୋଚ ଓ ମଦରନ୍ଧା କାର୍ଯ୍ୟରେ ବ୍ୟବହୃତ ବିଭିନ୍ନ ସାମଗ୍ରୀ ଜବତ କରାଯାଇଛି ।

ଅବକାରୀ ବିଭାଗ ପକ୍ଷରୁ ଚଢ଼ାଉ

# ଦେଶୀ ମଦ, ପୋଚ ଜବତ

**ଦେବଗଡ଼,୧୧।୧ (ଡି.ଏନ.ଏ.)**

ଦେବଗଡ ଅବକାରୀ ବିଭାଗ ପକ୍ଷରୁ ଚଢାଉ କରାଯାଇ ବିପୁଳ ପରିମାଣର ଦେଶୀ ମଦ, ମହୁଲ ପୋଚ ଓ ମଦରନ୍ଧାରେ ବ୍ୟବହୃତ ବିଭିନ୍ନ ସାମଗ୍ରୀ ଜବତ କରାଯାଇଛି । ଏହି ଘଟଣାରେ ୬ ଜଣଙ୍କୁ ଗିରଫ କରି ନୋଟିସ ଦେଇ ଛାଡି ଦିଆଯାଇଥିବାବେଳେ ୨ ଅଭିଯୁକ୍ତ ଫେରାର ହୋଇଯାଇଛନ୍ତି । ଦେବଗଡ ଜିଲାର ବିଭିନ୍ନ ଅଞ୍ଚଳରେ ବେଆଇନ ଦେଶୀ ମଦ ପ୍ରସ୍ତୁତ ହେଉଥିବା କୌଣସି ସୂତ୍ରରୁ ସୂଚନା ମିଳିଥିଲା। ସେହି ଅଞ୍ଚଳରେ ଚଢାଉ ପାଇଁ ଦେବଗଡ ଜିଲାପାଳ ସୁଧାଂଶୁ ମୋହନ ସାମଲ ଜିଲା ଅବକାରୀ ଅଧୀକ୍ଷକଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଅବକାରୀ ଇନ୍ସପେକ୍ଟର ପଦ୍ମଲୋଚନ ପ୍ରଧାନଙ୍କ ନେତୃତ୍ୱରେ ବହୁ କର୍ମଚାରୀ ଦେବଗଡ ଥାନାଞ୍ଚଳର ପୁରୁଣାଗଡ, ମହାଜନମୁଣ୍ଡା,ଦନାର୍ଦନପାଲି , ରିଆମାଳ ଥାନାଂଚଳର ତାରଙ୍ଗ,ନିଶାବିରା ଓ ଖରିଆକାନି, ଗ୍ରାମରେ ଅଚାନକ ଚଢାଉ କରିଥିଲେ। ଏହି ଚଢାଉରେ ପୁରୁଣାଗଡର ରାଜୁ ନାରଙ୍ଗ, ଦନାର୍ଦନପାଲି ଗ୍ରାମର ଆଗ୍ନେସିଆ ହେରାଞ୍ଜ,ତାରଙ୍ଗ ଗ୍ରାମର ସୁଲୋଚନା ବେହେରା, ନିଶାବିରା ଗ୍ରାମର କୁନି ସ୍ୱାଇଁ, ଖରିଆକାଣୀ ଗ୍ରାମର ଲଳିତ କିସାନଙ୍କ ଘରୁ ବିପୁଳ ପରିମାଣର ମଦ, ମଦ ତିଆରି ସାମଗ୍ରୀ ଓ ଅନ୍ୟାନ୍ୟ ସାମଗ୍ରୀ ଜବତ କରାଯାଇଛି ।

# ସଡ଼କ ସୁରକ୍ଷା ସଚେତନ ଶୋଭାଯାତ୍ରା

**ଦେବଗଡ଼,୧୧।୧ (ଡି.ଏନ.ଏ.)**

ସଡ଼କ ସୁରକ୍ଷା ପାଳନ ଅବସରରେ ଦେବଗଡ ଆଞ୍ଚଳିକ ପରିବହନ ବିଭାଗ ପକ୍ଷରୁ ଶନିବାର ସଡକ ସୁରକ୍ଷା ସମ୍ପର୍କୀତ ଏକ ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଏକ ସଚେତନତା ରଥର ଶୁଭାରମ୍ଭ ହୋଇଛି। ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରୁ ଏକ ଶୋଭାତ୍ରା ବାହାରି ନଗରପରିକ୍ରମା କରିବାସହ ସଡକ ସୁରକ୍ଷା ସମ୍ବନ୍ଧରେ ଜନସାଧାରଣଙ୍କୁ ସଚେତନ କରିଥିଲେ। ମୁଖ୍ୟ ଅତିଥି ଭାବେ ଜିଲାପାଳ ସୁଧାଂଶୁ ମୋହନ ସାମଲ ଓ ଏସପି ରାହୁଲ ଜୈନ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଶୋଭାଯାତ୍ରାରେ ଦେବଗଡ ଆଞ୍ଚଳିକ ପରିବହନ ଅଧିକାରୀ ପ୍ରମୋଦ ସାହୁ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ବିଜୟ କୁମାର ମିଶ୍ର,ଏମ.ଭି.ଆଇ. ସୁଶାନ୍ତ ହେମ୍ବ୍ରମ, ଟ୍ରାଫିକ ଇନ୍ସପେକ୍ଟର ଜିତେନ୍ଦ୍ର ବେହେରା, ସଡକ ସୁରକ୍ଷା ସମିତିର ସଦସ୍ୟ ସିଦ୍ଧାର୍ଥ ଗୁରୁ ଓ ସରକାରୀ ବାଳିକା ହାଇସ୍କୁଲର ପ୍ରଧାନ ଶିକ୍ଷକ କୁମୁଦବନ୍ଧୁ ପୃଷ୍ଟିଙ୍କ ସମେତ ଓ ଜନ ସାଧାରଣ ଅଂଶଗ୍ରହଣ କରିଥିଲେ । ସଚେତନତା ରଥ ଜିଲା ସଦର ମହକୁମା ସମେତ ଜିଲାର ତିନୋଟିଯାକ ବ୍ଲକର ୭୦ ପଞ୍ଚାୟତ ପରିକ୍ରମା କରିବ ବୋଲି ଦେବଗଡ ପରିବହନ ବିଭାଗ ପକ୍ଷରୁ ସୂଚନା ମିଳିଛି।

ସାଧାରଣତନ୍ତ୍ର ଦିବସ ପାଳନ ପ୍ରସ୍ତୁତି ବୈଠକ

# ଛାତ୍ରୀଛାତ୍ରଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା

**ଦେବଗଡ,୧୧।୧(ଡି.ଏନ.ଏ)**



ସାଧାରଣତନ୍ତ୍ର ଦିବସ ଉପଲକ୍ଷେ ପ୍ରସ୍ତୁତି ବୈଠକରେ ଉପସ୍ଥିତ ଅଧିକାରୀ।

ଆଗାମୀ ସାଧାରଣତନ୍ତ୍ର ଦିବସ -୨୦୨୦କୁ ଦେବଗଡ ସଦର ମହକୁମାଠାରେ ପାଳନ କରିବା ପାଇଁ କାର୍ଯ୍ୟକ୍ରମ ସ୍ଥିର ହୋଇଛି। ଏଥିପାଇଁ ଏକ ପ୍ରସ୍ତୁତି ବୈଠକ ଗୁରୁବାର ଅତିରିକ୍ତ ଜିଲାପାଳ ଧରମ ହାଁସଦାଙ୍କ ଅଧକ୍ଷତାରେ ପ୍ରକଳ୍ପ ନିର୍ଦ୍ଦେଶକ ଜଳବିଭାଜିକା ସମ୍ମିଳନୀ କକ୍ଷଠାରେ ଅନୁଷ୍ଠିତ ହୋଇଯାଇଛି। ସବିଶେଷ ଆଲୋଚନା ପରେ ସାଧାରଣତନ୍ତ୍ର ଦିବସ ଅବସରରେ ବିଭିନ୍ନ କାର୍ଯ୍ୟକ୍ରମ କରିବା ପାଇଁ ନିଷ୍ପତି ନିଆଯାଇଥିଲା। ଏହି ନିଷ୍ପତି ଅନୁଯାୟୀ ଜାନୁୟାରୀ ୧୬ରୁ ୨୧ ପର୍ଯ୍ୟନ୍ତ ଛାତ୍ରୀଛାତ୍ରଙ୍କ ମଧ୍ୟରେ ବିଭିନ୍ନ ସ୍ତରରେ ଓଡିଆ ବକ୍ତୃତା, ଦେଶାତ୍ମବୋଧକ ସଙ୍ଗୀତ, କୌତୁକ ପୋଷାକ, ଇଂରାଜୀ ବକ୍ତୃତା, ଚିତ୍ରାଙ୍କନ, ରଙ୍ଗୋଲି, ଜଣାଅଜଣା ଏବଂ ଏକକ ଅଭିନୟ ପ୍ରତିଯୋଗିତା ଆୟୋଜନ କରିବା ପାଇଁ ସ୍ଥିର କରାଯାଇଛି। ୨୨, ୨୩ ଓ ୨୪ରେ ଇନ୍ଦିରା ଗାନ୍ଧୀ ଷ୍ଟାଡିୟମଠାରେ ପ୍ୟାରେଡ ପୂର୍ବାଭ୍ୟାସ କରାଯିବ। ୨୬ତାରିଖ ସକାଳ ୮ଟା୩୦ରେ ଇନ୍ଦିରାଗାନ୍ଧି ଷ୍ଟାଡିୟମଠାରେ ଦିବସର ମୁଖ୍ୟ ଅତିଥି ଜାତୀୟ ପତାକା ଉତ୍ତୋଳନ କରି ସମ୍ମିଳିତ ପରେଡରେ ଅଭିବାଦନ ଗ୍ରହଣ କରିବେ। ସାଧାରଣତନ୍ତ୍ର ଦିବସ ଅବସରରେ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ଦ୍ୱାରା ପଡିଆରେ ସାଂସ୍କୃତିକ କାର୍ଯ୍ୟକ୍ରମ, କବିତା ପାଠୋତ୍ସବ, ପ୍ରଦର୍ଶନୀ କ୍ରିକେଟ୍ ମ୍ୟାଚ ଏବଂ ବରିଷ୍ଠ ନାଗରିକ ଓ ମହିଳାମାନଙ୍କ ପାଇଁ ମ୍ୟୁଜିକ ଚେୟାର ଓ ଅନ୍ୟାନ୍ୟ ଖେଳ ଆୟୋଜନ କରାଯିବା ପାଇଁ ସ୍ଥିର କରାଯାଇଛି। ଏହା ବ୍ୟତୀତ ବିଭିନ୍ନ ବିଭାଗ ଏବଂ ତିନିଗୋଟି ବ୍ଲକ ପକ୍ଷରୁ ପ୍ରଜ୍ଞାପନ ମେଢ ପ୍ରଦର୍ଶନ କରିବା ନିମନ୍ତେ ସ୍ଥିର କରାଯାଇଛି। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଡିଏସପି,ଡିଆଇବି ଶିବ ପ୍ରସାଦ ବିଶ୍ୱାଳ, ଜିଲା ଶିକ୍ଷା ଅଧିକାରୀ ପ୍ରଦୋଷ କୁମାର ନାୟକ, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ସୁଧୀର କୁମାର ନଇ, ଜିଲା କ୍ରୀଡା ଅଧିକାରୀ ଶଙ୍କର ପ୍ରସାଦ ଅଧିକାରୀ, ଆରକ୍ଷୀ ନିରୀକ୍ଷକ କାଳିଚରଣ ମାଝି, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ବିଜୟ କୁମାର ମିଶ୍ର, ଦେବଗଡ ବାର ଆସୋସିଏସନର ପ୍ରତିନିଧି, ଗଣମାଧ୍ୟମର ପ୍ରତିନିଧି, ସହରର ବୁଦ୍ଧିଜୀବୀଙ୍କ ସମେତ ବିଭିନ୍ନ ଶିକ୍ଷାନୁଷ୍ଠାନର କର୍ମକର୍ତ୍ତା ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।


**GOVT. OF INDIA**
**MINISTRY OF FINANCE**
**DEPARTMENT OF FINANCIAL SERVICES**
**DEBTS RECOVERY TRIBUNAL**
**COURT OF THE RECOVERY OFFICER**
Plot No. C/71, Sector-7, CDA Cuttack- 753014
Form no. ITCP- I
**NOTICE OF DEMAND TO THE CERTIFICATE DEBTORS**
(See rule- 2 of the Second Schedule as referred to in section 29 of the Recovery of Debts due to Bank & Financial Institution Act. 1993
**R.P, NO. 106/2018/CTC**
(Arising out of OA No. 89 of 2016)
Next Dt. **11.02.2020**

Utkal Grameen Bank, Rajgangpur Branch, At: Rajgangpur, Dist.- Sundargarh, Pin- 770017
Certificate Holder Bank
vs
Shri Mangal Bada @ Kisan & others
Certificate Debtors

To,
1. Shri Mangal Bada @ Kisan, S/o- Late Ganda Bada @ Kisaan, At- Bailama, P.O. Kutra, Dist.- Sundargarh, Pin- 770017
2. Shri Rajkumar Sukla, S/o- Hiralal Sukla, At/Po- Garposh, Via- Bamara, Dist- Sambalpur, Pin- 768224
3. Shri Ramesh Kishan, S/o- Matia Kishan, At/Po- Garposh, Via- Bamara, Dist.- Sambalpur, Pin- 768224

Take notice that Certificate arising out of **OA No. 89 of 2016** issued by the Hon'ble Presiding Officer, Debts Recovery Tribunal, Cuttack under Section 19 (22) of the Recovery of Debts due to Banks and Financial Institutions Act. 1993 and forwarded to the undersigned for recovery of Rs. 11,90,418.00 **(Rupees Eleven Lac Ninety Thousand Four Hundred Eighteen only)** together with interest till realisation of the dues, cost, charges as per the certificate, the details of which are given below:

| | | |
|---|---|---|
| 1. Decretal Dues | | : Rs. 11,90,418.00 |
| 2. Cost of the suit | (+) | : Rs. 14,000.00 |
| **TOTAL** | | **: Rs. 12,04,418.00** |

**(Rupees Twelve Lac Four Thousand Four Hundred Eighteen only)** with interest @ 13 . 50% p.a. with half- yearly rests on the amount due from 28.12.2015 till realization of the entire dues.
2. You are hereby directed to pay the above stated sum within 15 (Fifteen) days of the publication of the notice, failing which the recovery shall be made in accordance with the provisions contained in Chapter V of the Recovery of Debts due to Banks & Financial Institutions Act. 1993.
3. In addition to the aforesaid amount, you will also be liable for all future interest, costs, charges and expenses incurred in respect of the service of this notice and of warrants and other processes etc. and of all the other proceedings taken for realising of arrears.
4. You are hereby directed to appear in person of through legal representative before the undersigned on **11.02.2020** and report the details of payment made by you.

Give under my hand & seal at Cuttack on this 16th day of December, 2019

**Sd/- R.P. Patnaik**
**Recovery Officer**



**GOVT. OF INDIA**
**MINISTRY OF FINANCE**
**DEPARTMENT OF FINANCIAL SERVICES**
**DEBTS RECOVERY TRIBUNAL**
**COURT OF THE RECOVERY OFFICER**
Plot No. C/71, Sector-7, CDA Cuttack- 753014
Form no. ITCP- I
**NOTICE OF DEMAND TO THE CERTIFICATE DEBTORS**
(See rule- 2 of the Second Schedule as referred to in section 29 of the Recovery of Debts due to Bank & Financial Institution Act. 1993
**R.P, NO. 264/2017/CTC**
(Arising out of OA No. 159 of 2016)
Next Dt. **11.02.2020**

Utkal Grameen Bank, Nunhad Branch, At/Po- Belpada, Dist.- Bolangir, Pin- 767026
Certificate Holder Bank
vs
Sumit Gouri & others
Certificate Debtors

To,
1. Smt. Sumita Gouri, W/o- Late Goutam Gouri, At- Darhamunda, Po- Gambhari, Via- Belpada, Dist.- Bolangir- 767026
2. Mukunda Gouri, S/o- Late Goutam Gouri, At- Darhamunda, Po- Gambhari, Via- Belpada, Dist.- Bolangir- 767026
3. Shri. Rasananda Gouri, S/o- Gonda Gouri, At- Darhamunda, Po- Gambhari, Via- Belpada, Dist.- Bolangir- 767026
4. Shri. Golaknath Gouri, S/o- Kunda Gouri, At- Darhamunda, Po- Gambhari, Via- Belpada, Dist.- Bolangir- 767026

Take notice that Certificate arising out of **OA No. 159 of 2016** issued by the Hon'ble Presiding Officer, Debts Recovery Tribunal, Cuttack under Section 19 (22) of the Recovery of Debts due to Banks and Financial Institutions Act. 1993 and forwarded to the undersigned for recovery of Rs. 14,27,472.00 **(Rupees Fourteen Lac Twenty Seven Thousand Four Hundred Seven Two only)** together with interest till realisation of the dues, cost, charges as per the certificate, the details of which are given below:

| | |
|---|---|
| 1. Decretal Dues | : Rs. 14,27,472.00 |
| 2. Cost of the suit | : Rs. 17,000.00 |
| 3. Interest @ 13.25% p.a. with half yearly rests from 28.01.2016 to 06.03.2018 | : Rs. 4,44,368.00 |
| **TOTAL** | **: Rs. 18,88,840.00** |

**(Rupees Eighteen Lac Eighty Eight Thousand Eight Hundred forty only)** with interest @ 13 . 25% p.a. with half- yearly rests on the amount due from 07.03.2018 till realization of the entire dues.
2. You are hereby directed to pay the above stated sum within 15 (Fifteen) days of the publication of the notice, failing which the recovery shall be made in accordance with the provisions contained in Chapter V of the Recovery of Debts due to Banks & Financial Institutions Act. 1993.
3. In addition to the aforesaid amount, you will also be liable for all costs, charges and expenses incurred in respect of the service of this notice and of warrants and other processes etc. and of all the other proceedings taken for realising of arrears.
4. You are hereby directed to appear in person of through legal representative before the undersigned on **11.02.2020** and report the details of payment made by you.

Give under my hand & seal at Cuttack on this 16th day of December, 2019

**Sd/- R.P. Patnaik**
**Recovery Officer**



**ଭାରତୀୟ ରିଜର୍ଭ ବ୍ୟାଙ୍କ**
**www.rbi.org.in**

**ଭାରତୀୟ ରିଜର୍ଭ ବ୍ୟାଙ୍କ ଦ୍ୱାରା ନିୟନ୍ତ୍ରିତ ସଂସ୍ଥା କିମ୍ବା ରିଜର୍ଭ ବ୍ୟାଙ୍କର କୌଣସି ବିଭାଗ ବିରୁଦ୍ଧରେ ଅଭିଯୋଗ ର ନିରାକରଣ**

ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର.ବି.ଆଇ) ଦେଶ ସାରା ନିଜର କାର୍ଯ୍ୟାଳୟ ରେ ଅଭିଯୋଗ ର ନିରାକରଣ ପାଇଁ ବିଭିନ୍ନ ମାଧ୍ୟମ ସ୍ଥାପନ କରିଛନ୍ତି ।
ଭାରତୀୟ ରିଜର୍ଭ ବ୍ୟାଙ୍କ ଦ୍ୱାରା ନିୟନ୍ତ୍ରିତ ସଂସ୍ଥା ଯଥା : ବାଣିଜ୍ୟିକ ବ୍ୟାଙ୍କ, ଆଞ୍ଚଳିକ ଗ୍ରାମ୍ୟ ବ୍ୟାଙ୍କ, ସମବାୟ ବ୍ୟାଙ୍କ କିମ୍ବା ଅଣ ବ୍ୟାଙ୍କିଙ୍ଗ୍ ବିତ୍ତୀୟ କମ୍ପାନୀ (ଭାରତୀୟ ରିଜର୍ଭ ବ୍ୟାଙ୍କ ଆଇନ ୧୯୩୪ ର ଧାରା ୪୫-IA ଅନୁଯାୟୀ ପଞ୍ଜିକୃତ) ଅଣବ୍ୟାଙ୍କିଙ୍ଗ ସଂସ୍ଥା ମାନଙ୍କର ଡିଜିଟାଲ ନେଣ ଦେଣ (ଦେୟ ପ୍ରଦାନ ଏବଂ ବନ୍ଦୋବସ୍ତ ବ୍ୟବସ୍ଥା ଅଧିନିୟମ ୨୦୦୭ ଅଧିନସ୍ଥ) ଜମା ବୀମା ଓ ଋଣ ନିକ୍ଷେପ ନିଗମ କିମ୍ବା ନିଜର କୌଣସି ବିଭାଗ ବିରୁଦ୍ଧରେ ଯଦି କୌଣସି ବ୍ୟକ୍ତିଙ୍କର ସେବା ଅବହେଳା ଜନିତ ଅଭିଯୋଗ ଥାଏ ତେବେ ସେ ଭାରତୀୟ ରିଜର୍ଭ ବ୍ୟାଙ୍କର କମ୍ପ୍ଲେଣ୍ଟ ମ୍ୟାନେଜ୍‌ମେଣ୍ଟ ସିଷ୍ଟମ୍ (ସି.ଏମ୍.ଏସ୍) ୱେବ୍‌ସାଇଟ୍ https://cms.rbi.org.in>>File a complaint ମାଧ୍ୟମରେ ତାଙ୍କ ଅଭିଯୋଗ ର ପୂର୍ଣ୍ଣ ବିବରଣୀ ଏବଂ ସମର୍ଥିତ କାଗଜପତ୍ର ସହିତ ଦାଖଲ କରିପାରିବେ ।
ଯଦି କୌଣସି ବ୍ୟକ୍ତି ଉପରୋକ୍ତ ଅଭିଯୋଗ ଉପରେ ଅନ୍‌ଲାଇନ୍ ଅଭିଯୋଗ ଦାଖଲ କରିପାରୁନାହାନ୍ତି, ତେବେ ନିମ୍ନ ଲିଖିତ ଠିକଣା ରେ ତାଙ୍କ ଅଭିଯୋଗ କୁ ପୋଷ୍ଟ /ବ୍ୟକ୍ତିଗତ କିମ୍ବା ଇମେଲ ମାଧ୍ୟମରେ ଦାଖଲ କରିପାରିବେ ।

**୧. ଉପଭୋକ୍ତା ଶିକ୍ଷା ଏମ୍ଂ ସୁରକ୍ଷା କକ୍ଷ (CEPC)**
(ଭା.ରି.ବ୍ୟାଙ୍କ ର ଲୋକପାଳ ଯୋଜନା ଅନ୍ତର୍ଗତ ଅଭିଯୋଗ ର ନିରାକରଣ ପାଇଁ)
ଅଧିକାରୀଙ୍କ ନାମ ଏବଂ ପଦବୀ : ଶ୍ରୀ ସନ୍ତୋଷ କୁମାର ପଟ୍ଟନାୟକ, ସହାୟକ ମହାପ୍ରବନ୍ଧକ
ଠିକଣା : ଭାରତୀୟ ରିଜର୍ଭ ବ୍ୟାଙ୍କ, ପଣ୍ଡିତ ଜବାହରଲାଲ ନେହେରୁ ମାର୍ଗ, ଭୁବନେଶ୍ୱର, ଓଡ଼ିଶା-୭୫୧୦୦୧
ଟେଲିଫୋନ ନମ୍ବର : ୦୬୭୪-୨୩୯୦୦୭୪, ଇ-ମେଲ : cms.cepcbhubaneswar@rbi.org.in
କାର୍ଯ୍ୟାଳୟ ସମୟ : ପୂର୍ବାହ୍ନ ୯.୫୦ ରୁ ଅପରାହ୍ନ ୫.୩୫ ଘଣ୍ଟା

**୨. ବ୍ୟାଙ୍କ ଲୋକପାଳ, ଯୋଜନା (BO Scheme, 2006)**
(ବ୍ୟାଙ୍କ ଲୋକପାଳ ଯୋଜନା, ୨୦୦୬ ର ଧାରା ୮ ରେ ନିର୍ଦ୍ଦିଷ୍ଟ ଅଭିଯୋଗର ନିରାକରଣ)
ବ୍ୟାଙ୍କିଙ୍ଗ୍ ଲୋକପାଳ କାର୍ଯ୍ୟାଳୟ, (ଭୁବନେଶ୍ୱର)
ମାର୍ଫତ୍ : ଭାରତୀୟ ରିଜର୍ଭ ବ୍ୟାଙ୍କ, ୩ୟ ମହଲା, ପଣ୍ଡିତ ଜବାହରଲାଲ ନେହେରୁ ମାର୍ଗ, ଭୁବନେଶ୍ୱର, ଓଡ଼ିଶା-୭୫୧୦୦୧
ଟେଲିଫୋନ ନମ୍ବର : ୦୬୭୪-୨୩୯୬୨୦୭/୨୩୯୬୦୦୮, ଫ୍ୟାକ୍ସ ନଂ.୨୩୯୩୯୦୬
ଇ-ମେଲ୍ : cms.bobhubaneswar@rbi.org.in
କାର୍ଯ୍ୟାଳୟ ସମୟ : ପୂର୍ବାହ୍ନ ୯.୫୦ ରୁ ଅପରାହ୍ନ ୫.୩୫ ଘଣ୍ଟା

**୩. ଲୋକପାଳ ଯୋଜନା - ଅଣବ୍ୟାଙ୍କିଙ୍ଗ୍ ବିତ୍ତୀୟ କମ୍ପାନୀ (NBFC-O Scheme, 2018)**
(ଅଣବ୍ୟାଙ୍କିଙ୍ଗ୍ ବିତ୍ତୀୟ କମ୍ପାନୀ ଲୋକପାଳ ଯୋଜନା ୨୦୧୮ ଅନ୍ତର୍ଗତ ଅଣବ୍ୟାଙ୍କିଙ୍ଗ୍ ବିତ୍ତୀୟ କମ୍ପାନୀ ବିରୁଦ୍ଧରେ ଏବଂ ଅଣବ୍ୟାଙ୍କିଙ୍ଗ୍ ବିତ୍ତୀୟ କମ୍ପାନୀ ଲୋକପାଳ ଯୋଜନା ର ଧାରା ୮ ଅଧୀନରେ ଆସୁଥିବା ଅଭିଯୋଗର ନିରାକରଣ ପାଇଁ)
ଲେକାପାଳ-ଅଣବ୍ୟାଙ୍କିଙ୍ଗ୍ ବିତ୍ତୀୟ କମ୍ପାନୀ (ପୂର୍ବକ୍ଷେତ୍ର)*
ମାର୍ଫତ୍ : ଭାରତୀୟ ରିଜର୍ଭ ବ୍ୟାଙ୍କ
ଠିକଣା : ୧୫, ନେତାଜୀ ସୁଭାଷ ମାର୍ଗ, କୋଲକାତା-୭୦୦୦୦୧
ଟେଲିଫୋନ ନମ୍ବର : ୦୩୩-୨୩୩୦୪୯୮୨, ଫ୍ୟାକ୍ସ ନଂ୦୩୩-୨୨୩୦୫୮୯୯
ଇ-ମେଲ୍ : cms.nbfckolkata@rbi.org.in
କାର୍ଯ୍ୟାଳୟ ସମୟ : ପୂର୍ବାହ୍ନ ୯.୪୫ ରୁ ଅପରାହ୍ନ ୫.୩୦ ଘଣ୍ଟା

**ଟିପ୍ପଣୀ* :** କଲିକତା ପୂର୍ବ କ୍ଷେତ୍ର ପାଇଁ ଅଣବ୍ୟାଙ୍କିଙ୍ଗ୍ ବିତ୍ତୀୟ କମ୍ପାନୀ ହେତୁ ଲୋକପାଳ ର କ୍ଷେତ୍ରାଧିକାରରେ ପଶ୍ଚିମବଙ୍ଗ, ସିକ୍କିମ୍, ଓଡ଼ିଶା, ଆସାମ, ଅରୁଣା ଚଳ ପ୍ରଦେଶ, ମଣିପୁର , ମେଘାଳୟ, ମିଜୋରାମ, ନାଗାଲ୍ୟାଣ୍ଡ, ତ୍ରିପୁରା, ବିହାର ଓ ଝାଡଖଣ୍ଡ ସାମିଲ୍ ଅଛି ।

**୪. ଡିଜିଟାଲ୍ ନେଣଦେଣ ପାଇଁ ଲୋକପାଳ ଯୋଜନା (OSDT 2019)**
(ଓ.ଏସ.ଡି.ଟି. ଅଧିନରେ ଆସୁଥିବା ଦେୟ ପ୍ରଦାନ ଏବଂ ବନ୍ଦୋବସ୍ତ ବ୍ୟବସ୍ଥା ଅଧିନିୟମ ୨୦୦୭ ଅନୁଯାୟୀ ବ୍ୟବସ୍ଥା ପ୍ରତିଯୋଗୀ (ସିଷ୍ଟମ୍ ପାର୍ଟିସିପ୍ୟାଣ୍ଟ) ଙ୍କ ବିରୁଦ୍ଧରେ ଓ.ଏସ.ଡି.ଟି ର ଧାରା ୮ ରେ ସୂଚିତ ଆଧାର ଅନୁସାରେ ଅଭିଯୋଗ ନିରାକରଣ ପାଇଁ)
ଲୋକପାଳ, ଡିଜିଟାଲ ନେଣଦେଣ (ଭୁବନେଶ୍ୱର)
ମାର୍ଫତ୍ : ଭାରତୀୟ ରିଜର୍ଭ ବ୍ୟାଙ୍କ
ଠିକଣା : ଭାରତୀୟ ରିଜର୍ଭ ବ୍ୟାଙ୍କ, ୩ୟ ମହଲା, ପଣ୍ଡିତ ଜବାହରଲାଲ ନେହେରୁ ମାର୍ଗ, ଭୁବନେଶ୍ୱର, ଓଡ଼ିଶା-୭୫୧୦୦୧
ଟେଲିଫୋନ ନମ୍ବର : ୦୬୭୪-୨୩୯୬୨୦୭/୨୩୯୬୦୦୮, ଫ୍ୟାକ୍ସ ନଂ.୨୩୯୩୯୦୬
ଇ-ମେଲ୍ : cms.odtbhubaneswar@rbi.org.in
କାର୍ଯ୍ୟାଳୟ ସମୟ : ପୂର୍ବାହ୍ନ ୯.୫୦ ରୁ ଅପରାହ୍ନ ୫.୩୫ ଘଣ୍ଟା

**୫. ଜମା ବୀମା ଓ ଋଣ ନିକ୍ଷେପ ନିଗମ ବିରୁଦ୍ଧରେ ଅଭିଯୋଗ**
ସାଧାରଣ ବ୍ୟକ୍ତି ଜମା ବୀମା ଓ ଋଣ ନିକ୍ଷେପ ନିଗମ ବିରୁଦ୍ଧରେ ଅଭିଯୋଗ କୁ ନିମ୍ନୋକ୍ତ ଠିକଣା/ଇ-ମେଲ ମାଧ୍ୟମରେ ଦାଖଲ କରିପାରିବେ :
ଜମା ବୀମା ଓ ଋଣ ନିକ୍ଷେପ ନିଗମ (DICGC)
ମହାପ୍ରବନ୍ଧକ,
ଜମା ବୀମା ଓ ଋଣ ନିକ୍ଷେପ ନିଗମ, ଅଭିଯୋଗ ନିରାକରଣ କକ୍ଷ, ଭାରତୀୟ ରିଜର୍ଭ ବ୍ୟାଙ୍କ ଭବନ,
୨ୟ ମହଲା, ମୁମ୍ବାଇ ସେଣ୍ଟ୍ରାଲ୍ ରେଲ୍‌ୱେ ଷ୍ଟେସନ ସମ୍ମୁଖ, ମୁମ୍ବାଇ-୪୦୦୦୦୮
ଅଭିଯୋଗକାରୀ ମହାପ୍ରବନ୍ଧକ ଶ୍ରୀମତି ରୀତା ସରକାର ମୋରିଆ ଙ୍କୁ ମଧ ଟେଲିଫୋନ ନମ୍ବର - ୦୨୨-୨୩୦୧୯୬୩୩, ବିସ୍ତାର ସଙ୍ଖ୍ୟା-୮୨୦୧ କିମ୍ବା ଇ-ମେଲ : dicgc@rbi.org.in ମାଧ୍ୟମରେ ଯୋଗାଯୋଗ କରିପାରିବେ ।

**ଟିପ୍ପଣୀ ୧ :** ବ୍ୟାଙ୍କ ଲୋକପାଳ ଯୋଜନା, ୨୦୦୬ କିମ୍ବା ଅଣବ୍ୟାଙ୍କିଙ୍ଗ ବିତ୍ତୀୟ କମ୍ପାନୀ ଲୋକପାଳ ଯୋଜନା, ୨୦୧୮ କିମ୍ବା ଡିଜିଟାଲ ନେଣ-ଦେଣ ଲୋକପାଳ ଯୋଜନା, ୨୦୧୯ ଅନ୍ତର୍ଗତ ଅଭିଯୋଗ ଦାଖଲ କରିବା ପାଇଁ ଅଭିଯୋଗକାରୀ ଦୟା ପୂର୍ବକ ଧ୍ୟାନ ଦିଅନ୍ତୁ ଯେ ନିଜ ଅଭିଯୋଗର ନିରାକରଣ ପାଇଁ ପ୍ରଥମେ ବ୍ୟାଙ୍କ ଶାଖା/ରିଜର୍ଭ ବ୍ୟାଙ୍କରେ ପଞ୍ଜିକୃତ ହୋଇ ଜମା ଗ୍ରହଣ କରୁଥିବା ଅଣବ୍ୟାଙ୍କିଙ୍ଗ ବିତ୍ତୀୟ କମ୍ପାନୀ ପଦ୍ଧତି ଅଂଶଗ୍ରହଣକାରୀ (ସିଷ୍ଟମ୍ ପାର୍ଟସିପ୍ୟାଣ୍ଟ) ଙ୍କ ସହ ସମ୍ପର୍କ ସ୍ଥାପନ କରନ୍ତୁ । ଯଦି ସମ୍ବନ୍ଧିତ ବ୍ୟାଙ୍କ/ଅଣବ୍ୟାଙ୍କିଙ୍ଗ/ବିତ୍ତୀୟ କମ୍ପାନୀ/ପଦ୍ଧତି ଅଂଶଗ୍ରହଣକାରୀ (ସିଷ୍ଟମ୍ ପାର୍ଟସିପ୍ୟାଣ୍ଟ) ଲୋକପାଳ ଯୋଜନା ର ଧାରା-୮ ଅନ୍ତର୍ଗତ ସେବା ଅବହେଳା ସମ୍ପର୍କିତ/ଅଭିଯୋଗର ନିରାକରଣ ୩୦ ଦିନ ଭିତରେ ନ କରନ୍ତି କିମ୍ବା ଅଭିଯୋଗକାରୀ, ତାଙ୍କର ଉତ୍ତରରେ ସନ୍ତୁଷ୍ଟ ନ ହୁଅନ୍ତି, ତେବେ ସେ ତା'ପରେ ଉତ୍ତର ପ୍ରାପ୍ତି ର ଏକ ବର୍ଷ ମଧ୍ୟରେ କିମ୍ବା ଉତ୍ତର ପ୍ରାପ୍ତି ନ ହୋଇଥିଲେ ଅଭିଯୋଗ ଦେଇଥିବା ତାରିଖ ଠାରୁ ଏକ ବର୍ଷ ଏକ ମାସ ମଧ୍ୟରେ ସମ୍ପୃକ୍ତ ଲୋକପାଳ ଙ୍କୁ ଅଭିଯୋଗ କରିପାରିବେ ।

**ଟିପ୍ପଣୀ-୨ :** ବ୍ୟାଙ୍କ, ଅଣବ୍ୟାଙ୍କିଙ୍ଗ ବିତ୍ତୀୟ କମ୍ପାନୀ ପଦ୍ଧତି ଅଂଶଗ୍ରହଣକାରୀ (ସିଷ୍ଟମ୍ ପାର୍ଟସିପ୍ୟାଣ୍ଟ) ଙ୍କ ବିରୁଦ୍ଧରେ ବ୍ୟାଙ୍କ ଲୋକପାଳଙ୍କ ଠାରେ ଅଥବା ବ୍ୟାଙ୍କ, ପଦ୍ଧତି ଅଂଶଗ୍ରହଣକାରୀଙ୍କ ବିରୁଦ୍ଧରେ ଉପଭୋକ୍ତା ଶିକ୍ଷା ଏବଂ ସୁରକ୍ଷା କକ୍ଷରେ ଅଭିଯୋଗ, ଯାହା ସେହି କମ୍ପାନୀ ର ଶାଖା କ୍ଷେତ୍ରର ସ୍ଥାନ ଆଧାରରେ କରାଯାଇପାରିବ । କେନ୍ଦ୍ରିୟ ପରିଚାଳନା କିମ୍ବା ବିତ୍ତୀର କମ୍ପାନୀ ବିରୁଦ୍ଧରେ ଗ୍ରାହକ ରହୁଥିବା ସ୍ଥାନ ଏବଂ ବିଳିଂ ଠିକଣା ଆଧାରରେ ଅଭିଯୋଗ ମଞ୍ଚରେ ଦାଖଲ କରିପାରିବେ ।

**ଲୋକପାଳଙ୍କ ନିଷ୍ପତ୍ତିର ପୁର୍ନବିଚାର ପାଇଁ ଆବେଦନ :**
ବ୍ୟାଙ୍କ, ଅଣବ୍ୟାଙ୍କିଙ୍ଗ ବିତ୍ତୀୟ କମ୍ପାନୀ/ଡିଜିଟାଲ ନେଣ-ଦେଣ ଲୋକପାଳଙ୍କ ନିଷ୍ପତ୍ତି ପୁନର୍ବିଚାର ପାଇଁ ଆବେଦନ କରାଯାଇପାରିବ ଯଦି /ଅଭିଯୋଗଟି ଏହି ଯୋଜନା ରେ ସୂଚୀତ ପୁନର୍ବିଚାର ଯୋଗ୍ୟ ଅଭିଯୋଗ ହୋଇଥିବ । ଏହି ପୁନର୍ବିଚାର ଆବେଦନ ସମ୍ବନ୍ଧିତ ଲୋକପାଳଙ୍କ ନିଷ୍ପତ୍ତି ସୂଚନା ପ୍ରାପ୍ତିର ୩୦ ଦିନ ମଧ୍ୟରେ ଆର.ବି.ଆଇ ୱେବ୍‌ସାଇଟ୍ https://cms.rbi.org.in>>File an appeal ଦ୍ୱାରା କିମ୍ବା ପୁନର୍ବିଚାର ଅଧିକାରୀ, ଭାରତୀୟ ରିଜର୍ଭ ବ୍ୟାଙ୍କ, ଉପଭୋକ୍ତା ଶିକ୍ଷା ଏବଂ ସୁରକ୍ଷା ବିଭାଗ, କେନ୍ଦ୍ରିୟ କାର୍ଯ୍ୟାଳୟ, ଅମର ଭବନ, ସାର.ପ.ଏମ୍ ରୋଡ ପୋଷ୍ଟ : ମୁମ୍ବାଇ-୪୦୦୦୦୧ ରେ ଦାଖଲ କରିପାରିବେ ।

**ଟିପ୍ପଣୀ : ଅଭିଯୋଗକାରୀଙ୍କ ନିଜର ଠିକଣା ଏବଂ ଫୋନ ନଂ/ମୋବାଇଲ ନମ୍ବର /ଅଭିଯୋଗରେ ଦର୍ଶାଇବାପାଇଁ ଅନୁରୋଧ**



“ଧର୍ମ ଆଧାରରେ ନାଗରିକତ୍ୱ ପ୍ରଦାନ ସମ୍ବିଧାନର ନୀତି ବିରୁଦ୍ଧ। ବିବାଦୀୟ ସିଏଏକୁ ବିରୋଧ କରିବାର ଏହା ଯଥେଷ୍ଟ କାରଣ।

-ଅସାଦୁଦ୍ଦିନ ଓୱାଇସି, ଏଆଇଏମ୍ଆଇଏମ୍ ଅଧ୍ୟକ୍ଷ

# ପିଓକେ ଫେରାଇ ଆଣିବାକୁ ପ୍ରସ୍ତୁତ

**ନୂଆଦିଲ୍ଲୀ,୧୧।୧**

ପାକିସ୍ତାନ ଅଧିକୃତ କଶ୍ମୀର (ପିଓକେ) ଦଖଲ କରିବାକୁ ଯଦି ନିର୍ଦ୍ଦେଶ ମିଳେ ତେବେ ସେନା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବ ବୋଲି ସେନାଧ୍ୟକ୍ଷ ଜେନେରାଲ ମନୋଜ ମୁକୁନ୍ଦ ନରୱଣେ ଶନିବାର କହିଛନ୍ତି। ପାକ୍ ଅଧିକୃତ ଅଞ୍ଚଳ ସମେତ ସମୁଦାୟ ଜମ୍ମୁ-କଶ୍ମୀର ଭାରତର ବୋଲି ପାର୍ଲାମେଣ୍ଟରେ ପ୍ରସ୍ତାବ ଗୃହୀତ ହେବା ଆବଶ୍ୟକ। ପାର୍ଲାମେଣ୍ଟ ଚାହିଁଲେ ପିଓକେ ଆମର ହୋଇପାରିବ। ପିଓକେରେ ବଡ଼ଧରଣର ସାମରିକ କାର୍ଯ୍ୟାନୁଷ୍ଠାନ ପାଇଁ ସେନା ପ୍ରସ୍ତୁତ ହୋଇ ରହିଥିବା ଏକ ସାକ୍ଷାତ୍କାରରେ ସେନାଧ୍ୟକ୍ଷ କହିଛନ୍ତି। ଗତ ଅଗଷ୍ଟ ମାସରେ ଜମ୍ମୁ-କଶ୍ମୀରରୁ ସ୍ୱତନ୍ତ୍ର ମାନ୍ୟତା ସମ୍ବିଧାନର ଅନୁଚ୍ଛେଦ ୩୭୦ ଉଚ୍ଛେଦ ହେବା ସହ ଏହାକୁ ୨ଟି କେନ୍ଦ୍ରଶାସିତ ଅଞ୍ଚଳରେ ବିଭକ୍ତ କରାଯାଇଥିଲା। ସେତେବେଳେ କେତେଜଣ ପୂର୍ବତନ ତଥା ବର୍ତ୍ତମାନର କେନ୍ଦ୍ରମନ୍ତ୍ରୀ ପିଓକେ ଆମର ବୋଲି ଦାବି ଉଠାଇଥିଲେ। ଗତ ସେପ୍ଟେମ୍ବରରେ



ବହିର୍ବ୍ୟାପାର ମନ୍ତ୍ରୀ ଏସ୍. ଜୟଶଙ୍କର କହିଥିଲେ, ପିଓକେ ଭାରତର ଅବିଚ୍ଛେଦ୍ୟ ଅଙ୍ଗ ଏବଂ ଦିନେ ଆମେ ଏହା ଉପରେ ଅଧିକାର ହାସଲ କରିବୁ। ଏନେଇ ସେନାଧ୍ୟକ୍ଷଙ୍କ ମତାମତ ଲୋଡାଯିବାରୁ ସେ ଉପରୋକ୍ତ ମତ ଦେଇଛନ୍ତି।

୧୩ ଲକ୍ଷ ଯବାନ ବିଶିଷ୍ଟ ଦେଶର ବିଶାଳ ସୈନ୍ୟବାହିନୀ ସମ୍ବିଧାନ ଓ ଏହାର ମୂଲ୍ୟବୋଧର ସୁରକ୍ଷା ପାଇଁ ପ୍ରତିବଦ୍ଧ। ସମ୍ବିଧାନର ମୁଖ୍ୟ ମୂଲ୍ୟବୋଧ ନ୍ୟାୟ, ସ୍ୱାଧୀନତା, ସମାନତା ଓ ଭ୍ରାତୃଭାବ ଆମକୁ ମାର୍ଗଦର୍ଶନ ଦେବ ବୋଲି ଏକ ଖବରଦାତା ସମ୍ମିଳନୀରେ

## ସେନାଧ୍ୟକ୍ଷ ନରୱଣେ କହିଲେ

- ନିର୍ଦ୍ଦେଶ ମିଳିଲେ କାର୍ଯ୍ୟାନୁଷ୍ଠାନ ନେବୁ
- ସମ୍ବିଧାନ ମୂଲ୍ୟବୋଧର ସୁରକ୍ଷା କରିବୁ
- ସେନାରେ ସମନ୍ୱୟ ପାଇଁ ସିଡିଏସ୍ ସୃଷ୍ଟି ବଡ଼ ପଦକ୍ଷେପ



ଜେନେରାଲ ନରୱଣେ କହିଛନ୍ତି। ପୂର୍ବତନ ସେନାମୁଖ୍ୟ ଜେନେରାଲ ବିପିନ ରାୱତ୍‌ଙ୍କ ସମୟରେ ସେନାବାହିନୀର ରାଜନୀତୀକରଣ ନେଇ ଯେଉଁ ସମାଲୋଚନା ହୋଇଥିଲା, ତାହାକୁ ନରୱଣେ ଖଣ୍ଡନ କରି ଉପରୋକ୍ତ ମତ ଦେଇଛନ୍ତି। ଚାଇନା ସୀମାରେ ସମ୍ପୂର୍ଣ୍ଣ ପ୍ରସ୍ତୁତିର ପୁନଃସନ୍ତୁଳନ ରଖାଯାଇଛି। ସେନାମୁଖ୍ୟ ଭାବରେ ନିଷ୍ଠା, ବିଶ୍ୱାସ ଏବଂ ଦୃଢ଼ୀକରଣ ଉପରେ ତାଙ୍କର ଫୋକସ୍ ରହିବ ଏବଂ ସମ୍ବିଧାନର ପ୍ରମୁଖ ମୂଲ୍ୟବୋଧର ସୁରକ୍ଷା ତାଙ୍କ ବାହିନୀର ପ୍ରେରକ ଶକ୍ତି ହେବ ବୋଲି ଜେନେରାଲ ନରୱଣେ କହିଛନ୍ତି। ଯବାନ ହୁଅନ୍ତୁ କି ଅଫିସର ସମ୍ବିଧାନର ସୁରକ୍ଷା ପାଇଁ ସମସ୍ତେ ଶପଥ ନେଇଥାନ୍ତି। ଏହା ସବୁ ସମୟରେ ଆମର ସବୁ କାର୍ଯ୍ୟକୁ ମାର୍ଗଦର୍ଶନ କରିବା ଉଚିତ। ଦେଶର ସାର୍ବଭୌମତ୍ୱ ଓ ଆଞ୍ଚଳିକ ଅଖଣ୍ଡତାର ସୁରକ୍ଷା ପାଇଁ ଆମେ ସୀମାରେ ମୁତୟନ ରହିଛୁ। ଦେଶବାସୀ ଓ ସାମ୍ବିଧାନିକ ମୂଲ୍ୟବୋଧର ସୁରକ୍ଷାକୁ ସବୁବେଳେ ମନେରଖିବା ଉଚିତ ବୋଲି ସେ କହିଛନ୍ତି। ସେହିପରି ଚିଫ୍ ଅଫ୍ ଡିଫେନ୍ସ ଷ୍ଟାଫ (ସିଡିଏସ୍) ପଦବୀ ସୃଷ୍ଟି ତିନିବାହିନୀ ମଧ୍ୟରେ ସମନ୍ୱୟ ରକ୍ଷା ଲାଗି ବଡ଼ ପଦକ୍ଷେପ ବୋଲି ଜେନେରାଲ ନରୱଣେ କହିଛନ୍ତି। ଏହା ସେନାର ସଫଳତାକୁ ସୁନିଶ୍ଚିତ କରିବ ବୋଲି ସେ ଦୃଢ଼ୋକ୍ତି କରିଛନ୍ତି।

## ‘ତେବେ ବିଳମ୍ବ କାହିଁକି’

**ଅଜମେର,୧୧।୧:** ଭାରତୀୟ ସେନା ପ୍ରସ୍ତୁତ ହୋଇ ରହିଥିବାବେଳେ ପିଓକେକୁ ଫେରାଇ ଆଣିବାରେ ବିଳମ୍ବ କାହିଁକି ବୋଲି ଶନିବାର ଅଜମେର ଦରଘା ମୁଖ୍ୟ ଦିୱାନ ଜୈନୁଲ ଆବେଦିନ ଅଲି ଖାନ କହିଛନ୍ତି। ପିଓକେକୁ କଶ୍ମୀର ସହିତ ମିଶ୍ରଣ କରାଇ ‘ଅଖଣ୍ଡ କଶ୍ମୀର’ର ସ୍ୱପ୍ନ ସାକାର କରାଯାଉ ବୋଲି ଦାବି କରିଛନ୍ତି। ସେନା ମୁଖ୍ୟ ଜେନେରାଲ ଏମ୍.ଏମ୍. ନରୱଣେଙ୍କ ମନ୍ତବ୍ୟକୁ ସ୍ୱାଗତ କରି ରାଜସ୍ଥାନର ଅଜମେର ଦରଘା



ମୁଖ୍ୟ କହିଛନ୍ତି, ଯେହେତୁ ସେନା ପ୍ରସ୍ତୁତ ହୋଇ ରହିଛି ପିଓକେକୁ ଫେରାଇ ଆଣିବାରେ ଆଉ ଅପେକ୍ଷା କରାଯିବା ଅନୁଚିତ। ପିଓକେକୁ ଆଣିବା ଲାଗି ସେନାକୁ ପାର୍ଲାମେଣ୍ଟ ନିର୍ଦ୍ଦେଶ ଦେବା ଉଚିତ ବୋଲି ସେ ଟୁଇଟ୍ କରିଛନ୍ତି।

■ ସିଡବ୍ଲ୍ୟୁସି ବୈଠକରେ ମୋଦି, ଶାହାଙ୍କୁ ସୋନିଆଙ୍କ ଟାର୍ଗେଟ

# ଏନ୍‌ପିଆର୍ ଏକ ଛଦ୍ମବେଶୀ ଏନ୍‌ଆର୍‌ସି

**ନୂଆଦିଲ୍ଲୀ,୧୧।୧(ପି.ଟି.)**



ଲୋକଙ୍କୁ ଧର୍ମ ଆଧାରରେ ବିଭାଜନ ପାଇଁ ଉଦ୍ଦିଷ୍ଟ ନାଗରିକତ୍ୱ ସଂଶୋଧନ ଆଇନ (ସିଏଏ)କୁ ପ୍ରତ୍ୟାହାର କରି ଜାତୀୟ ଜନସଂଖ୍ୟା ପଞ୍ଜିକା (ଏନ୍‌ପିଆର୍)କୁ କେନ୍ଦ୍ର ସରକାର ବନ୍ଦ କରନ୍ତୁ ବୋଲି ଶନିବାର କଂଗ୍ରେସ କାର୍ଯ୍ୟକାରୀ କମିଟି (ସିଡବ୍ଲ୍ୟୁସି) ବୈଠକରେ ଦାବି କରାଯାଇଛି। କଂଗ୍ରେସ ଅଧ୍ୟକ୍ଷା ସୋନିଆ ଗାନ୍ଧୀ ବୈଠକରେ ଅଧ୍ୟକ୍ଷତା କରି ସିଏଏକୁ ଏକ ଭେଦଭାବପୂର୍ଣ୍ଣ ତଥା ବିଭାଜନକାରୀ ଆଇନ ଭାବେ ଅଭିହିତ କରିଛନ୍ତି। ଏହାସହ ଦେଶବ୍ୟାପୀ ଜାତୀୟ ନାଗରିକ ପଞ୍ଜିକା (ଏନ୍‌ଆର୍‌ସି) ଲାଗୁ କରାଇବା ପାଇଁ ଏନ୍‌ପିଆର ଏକ ଛଦ୍ମରୂପ ବୋଲି ସମାଲୋଚନା କରିଛନ୍ତି।

ସିଡବ୍ଲ୍ୟୁସି ବୈଠକରେ ସମ୍ବୋଧିତ କରି ସୋନିଆ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହାଙ୍କୁ ନାଗରିକତ୍ୱ ଆଇନ ଏବଂ ଏହି ପ୍ରସଙ୍ଗରେ ଉତ୍ତେଜନାପୂର୍ଣ୍ଣ ମନ୍ତବ୍ୟ ଦେଉଥିବା ନେଇ ଟାର୍ଗେଟ କରିଛନ୍ତି। ସେ କହିଛନ୍ତି, ସିଏଏ ବିରୋଧୀ ବିକ୍ଷୋଭ ବେଳେ ଘଟିଥିବା ହିଂସାର ତଦନ୍ତ ପାଇଁ ଏକ ଉଚ୍ଚକ୍ଷମତାସମ୍ପନ୍ନ କମିଶନ ଗଠନ କରାଯାଉ। କାରଣ ଏହି ଆଇନକୁ ନେଇ କେତେକ ରାଜ୍ୟରେ ସ୍ଥିତି ସଙ୍ଗିନ ରହିଛି। ଉତ୍ତରପ୍ରଦେଶ ଓ ଦିଲ୍ଲୀ ଏଥିଯୋଗୁ ପୋଲିସ ଷ୍ଟେଟ୍‌ରେ ପରିଣତ ହୋଇଛି। ବିଶେଷକରି ଦିଲ୍ଲୀ ୟୁନିଭର୍ସିଟି, ଜେଏନ୍‌ୟୁ, ଜାମିଆ ମିଲିଆ ଇସ୍‌ଲାମିଆ ବିଶ୍ୱବିଦ୍ୟାଳୟ, ବନାରସ ହିନ୍ଦୁ ୟୁନିଭର୍ସିଟି ଓ ଅନ୍ୟ ଉଚ୍ଚଶିକ୍ଷାନୁଷ୍ଠାନଗୁଡ଼ିକରେ ସିଏଏ ବିରୋଧୀ ବିକ୍ଷୋଭ ବ୍ୟାପକ ହୋଇଛି। ଏହାକୁ ଚପାଇଦେବା ପାଇଁ ମୋଦି ସରକାର ବଳ ପ୍ରୟୋଗ କରୁଛନ୍ତି। କେନ୍ଦ୍ର ସରକାର ପ୍ରଥମେ ଏନ୍‌ଆର୍‌ସିକୁ ଦେଶବ୍ୟାପୀ ଲାଗୁ କରାଇବା ପାଇଁ ଚିନ୍ତା କରୁଥିଲେ। କିନ୍ତୁ ଆସାମରେ ଏହାର ଭୟାବହ ପରିଣାମକୁ ଦେଖି ଏନ୍‌ପିଆର୍ ପରିକଳ୍ପନାକୁ ଆଗକୁ ବଢ଼ାଇବା ପାଇଁ ଉଦ୍ୟମ ଚଳାଇଛନ୍ତି। ବାସ୍ତବରେ ଏନ୍‌ପିଆର ୨୦୨୦ ଏକ ଛଦ୍ମବେଶୀ ଏନ୍‌ଆର୍‌ସି। ଏହାକୁ ତୁରନ୍ତ ବନ୍ଦ କରାଯାଉ ବୋଲି ସୋନିଆ ଦାବି କରିଛନ୍ତି। ସିଡବ୍ଲ୍ୟୁସି ବୈଠକରେ ପୂର୍ବତନ ପ୍ରଧାନମନ୍ତ୍ରୀ ମନମୋହନ ସିଂଙ୍କ ସହ ପି. ଚିଦାମ୍ବରମ, ଆନନ୍ଦ ଶର୍ମା, ଏ.କେ. ଆଣ୍ଟୋନୀ, କେ.ସି. ବେଣୁଗୋପାଳ, ପ୍ରିୟଙ୍କା ଗାନ୍ଧୀ ଭଦ୍ରା ଓ ଜ୍ୟୋତିରାଦିତ୍ୟ ସିନ୍ଧିଆଙ୍କ ଭଳି ବରିଷ୍ଠ ନେତାମାନେ ଉପସ୍ଥିତ ଥିଲେ। କଂଗ୍ରେସର ପୂର୍ବତନ ଅଧ୍ୟକ୍ଷ ରାହୁଲ ଗାନ୍ଧୀ ଏଥିରେ ଯୋଗଦେଇ ନ ଥିଲେ।



ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶକ୍ରମେ କେରଳର କୋଚିସ୍ଥିତ ଦୁଇଟି ବିଳାସପୂର୍ଣ୍ଣ ଆପାର୍ଟମେଣ୍ଟକୁ ଶନିବାର ବିସ୍ଫୋରଣରେ ଧ୍ୱସ୍ତ କରିଦିଆଯାଇଛି। ମରାଡୁ ମ୍ୟୁନିସିପାଲିଟିରେ ଥିବା ହୋଲି ଫେଥ୍‌କୁ ପୂର୍ବାହ୍ନ ୧୧ଟା ୧୮ରେ ଏବଂ ଟୁଇନ୍ ଟାୱାର ଆଲ୍ ଫା ସେରେନ ଆପାର୍ଟମେଣ୍ଟକୁ ୧୧ଟା ୪୬ ମିନିଟରେ ନିୟନ୍ତ୍ରିତ ବିସ୍ଫୋରଣ ପଦ୍ଧତିରେ ଭଙ୍ଗାଯାଇଛି। ଏହି ଦୁଇ ଅଟ୍ଟାଳିକାକୁ ବେଆଇନ ଭାବେ ନିର୍ମାଣ କରାଯାଇଥିଲା, ଯାହାକି କୋଷ୍ଟାଲ୍ ରେଗୁଲେଶନ ଜୋନ୍‌ର ନିୟମଗୁଡ଼ିକୁ ଉଲ୍ଲଂଘନ କରୁଥିଲା।

## ବୋଟ୍ ବୁଡ଼ି ୧୨ ଶରଣାର୍ଥୀଙ୍କ ମୃତ୍ୟୁ

**ଏଥେନ୍ସ,୧୧।୧(ଏଏଫ୍‌ପି)**

ଆୟୋନିଅନ ସାଗରରେ ଶନିବାର ଶରଣାର୍ଥୀମାନଙ୍କର ଏକ ବୋଟ୍ ବୁଡ଼ିଯିବାରୁ ୧୨ ଜଣଙ୍କ ମୃତ୍ୟୁ ଘଟିଛି। ଉଦ୍ଧାର କାର୍ଯ୍ୟ ଜାରି ରହିଥିବା ଗ୍ରୀକ୍ ତଟରକ୍ଷୀ ବାହିନୀ ପକ୍ଷରୁ କୁହାଯାଇଛି। ବୋଟ୍‌ରେ ପାଖାପାଖି ୫୦ ଜଣ ଥିଲେ। ସେମାନଙ୍କ ମଧ୍ୟରୁ ୨୦ ଜଣଙ୍କୁ ଜୀବନ୍ତ ଉଦ୍ଧାର କରାଯାଇଥିବାବେଳେ ୧୨ଟି ମୃତଦେହ ମିଳିଛି। ସେମାନେ ଇଟାଲୀ ଅଭିମୁଖେ ଯାଉଥିବାବେଳେ ପାକ୍ସି ଦ୍ୱୀପ ନିକଟରେ ଦୁର୍ଘଟଣା ଘଟିଥିଲା। ଉଦ୍ଧାର କାର୍ଯ୍ୟରେ ୬ଟି ତଟରକ୍ଷୀ ପାଟ୍ରୋଲ ବୋଟ୍ ଓ ଦୁଇଟି ନୌସେନା ହେଲିକପ୍ଟର ନିୟୋଜିତ ହୋଇଛି। ୪ଟି ମାଲବାହୀ ଜାହାଜ ମଧ୍ୟ ଉଦ୍ଧାର କାର୍ଯ୍ୟରେ ସହାୟତା କରୁଛନ୍ତି।

■ ପ୍ରଧାନମନ୍ତ୍ରୀଙ୍କୁ ଭେଟିଲେ ମମତା

# ସିଏଏ, ଏନ୍‌ଆର୍‌ସି ପ୍ରତ୍ୟାହାର ପାଇଁ କହିଲେ

**କୋଲକାତା,୧୧।୧(ପି.ଟି.)**

ପଶ୍ଚିମବଙ୍ଗ ଗସ୍ତରେ ଥିବା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଶନିବାର ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ରାଜଭବନରେ ଭେଟିଛନ୍ତି। ନାଗରିକତ୍ୱ ସଂଶୋଧନ ଆଇନର ବିଭିନ୍ନ ପ୍ରସଙ୍ଗ ଉପରେ ପୁନର୍ବିଚାର କରିବା ସହ ସିଏଏ, ଏନ୍‌ଆର୍‌ସି ଏବଂ ଏନ୍‌ପିଆର୍ ପ୍ରତ୍ୟାହାର କରିନେବା ପାଇଁ ସେ ମୋଦିଙ୍କୁ ଅନୁରୋଧ କରିଥିଲେ। ଏ ସମ୍ପର୍କରେ ଆଲୋଚନା ପାଇଁ ଦିଲ୍ଲୀ ଯିବାକୁ ମୋଦି ତାଙ୍କୁ କହିଥିବା ମମତା ଖବରଦାତାମାନଙ୍କୁ ଜଣାଇଛନ୍ତି। ରାଜ୍ୟ ପାଇବାକୁ ଥିବା କେନ୍ଦ୍ରୀୟ ସହାୟତା ପ୍ରସଙ୍ଗ ମଧ୍ୟ ସେ ଉପସ୍ଥାପନ କରିଥିଲେ। ୨୮,୦୦୦ କୋଟି ଟଙ୍କା କେନ୍ଦ୍ରୀୟ ସହାୟତା ଏପର୍ଯ୍ୟନ୍ତ ମିଳି ନ ଥିବା ନେଇ ସେ ପ୍ରଧାନମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ସିଏଏ ଏବଂ ଏନ୍‌ଆର୍‌ସିକୁ ନେଇ ଦେଶବ୍ୟାପୀ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି। ଏହାକୁ ସେ ବିରୋଧ କରୁଥିବା କହିବା ସହ ପ୍ରତ୍ୟାହାର ପାଇଁ ଦାବି ଜଣାଇଥିଲେ ବୋଲି ମମତା କହିଛନ୍ତି।

ସିଏଏ ବିରୋଧୀ ବିକ୍ଷୋଭ ମଧ୍ୟରେ ପ୍ରଧାନମନ୍ତ୍ରୀ ଦୁଇଦିନିଆ ପଶ୍ଚିମବଙ୍ଗ ଗସ୍ତରେ ଯାଇ ଶନିବାର ଅପରାହ୍ନରେ କୋଲକାତାର ଏନ୍‌ଏସ୍‌ସି ବୋଷ ଅନ୍ତର୍ଜାତୀୟ ବିମାନବନ୍ଦରରେ ପହଞ୍ଚିଥିଲେ। ସେଠାରେ ତାଙ୍କୁ ରାଜ୍ୟପାଳ ଜଗଦୀପ୍ ଧନ୍‌ଖର, କୋଲକାତା ମେୟର, ରାଜ୍ୟ ମନ୍ତ୍ରୀ ଫିରହାଦ ହାକିମ୍, ପଶ୍ଚିମବଙ୍ଗ ଭାଜପା ସଭାପତି ଦିଲୀପ ଘୋଷ ଓ ଦଳର ବରିଷ୍ଠ ନେତାମାନେ ସ୍ୱାଗତ କରିଥିଲେ। ଶତାଧିକ ବିକ୍ଷୋଭକାରୀ କଳାପତାକା ଧରି କୋଲକାତା ବିମାନବନ୍ଦର ବାହାରେ ପ୍ରତିବାଦ ଜଣାଇଥିଲେ। ବିମାନବନ୍ଦରରୁ ଏକ ହେଲିକପ୍ଟର ଯୋଗେ ସେ ରୟାଲ କୋଲକାତା ଟର୍ଫ କ୍ଲବ୍ ଯିବା ପରେ ସେଠାରୁ ରାଜଭବନ ଯାଇଥିଲେ। ରବିବାର ପ୍ରଧାନମନ୍ତ୍ରୀ କୋଲକାତା ପୋର୍ଟ ଟ୍ରଷ୍ଟର ୧୫୦ତମ ବାର୍ଷିକୀ ଉତ୍ସବରେ ଯୋଗଦେବେ।



# ବଡ଼ୋଦରାରେ ବିସ୍ଫୋରଣ: ୮ ମୃତ

**ବଡ଼ୋଦରା,୧୧।୧(ପି.ଟି.)**

ଗୁଜରାଟର ବଡ଼ୋଦରା ଜିଲାସ୍ଥିତ ଏକ ମେଡିକାଲ ଗ୍ୟାସ୍ କାରଖାନାରେ ବିସ୍ଫୋରଣ ଘଟି ୮ ଜଣଙ୍କ ମୃତ୍ୟୁ ହେବା ସହ ଅନେକ ଆହତ ହୋଇଛନ୍ତି। ପଦ୍ରା ତହସିଲ ଅନ୍ତର୍ଗତ ଗାଭାସାଦ ଗାଁ ନିକଟରେ ଥିବା ଏମ୍ସ ଇଣ୍ଡଷ୍ଟ୍ରିଜ୍‌ରେ ଶନିବାର ପୂର୍ବାହ୍ନ ୧୧ଟାରେ ବିସ୍ଫୋରଣ ହୋଇଥିଲା। ମୃତକମାନେ ଉକ୍ତ କାରଖାନାର ଶ୍ରମିକ ଥିଲେ। ଆହତଙ୍କୁ ଅଟଲାଦରାସ୍ଥିତ ଏକ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଫୋରେନ୍‌ସିକ ଟିମ୍ ପହଞ୍ଚି ତଦନ୍ତ କରୁଛି। ସିଲିଣ୍ଡରରେ ଗ୍ୟାସ୍ ରିଫିଲିଂ ବେଳେ ବିସ୍ଫୋରଣ ହୋଇଥିବା କୁହାଯାଉଛି।

## [ଇତିହାସର ଆଇନାରେ] ଜାନୁୟାରୀ ୧୨ର ପ୍ରମୁଖ ଘଟଣା

୧୮୬୩ ଜାନୁୟାରୀ ୧୨ରେ ଭାରତୀୟ ସ୍ୱାମୀ ବିବେକାନନ୍ଦଙ୍କ ଜନ୍ମ ହୋଇଥିଲା। ସେ ରାମକୃଷ୍ଣ ମିଶନ ପ୍ରତିଷ୍ଠା କରିଥିଲେ। ଆମେରିକାର ଶିକାଗୋ ସହରରେ ବିଶ୍ୱ ଧର୍ମ ସଂସଦରେ ସେ ଭାରତର ପ୍ରତିନିଧିତ୍ୱ କରିଥିଲେ।

୧୯୯୧ ଜାନୁୟାରୀ ୧୨ରେ ଇରାକ ଉପରେ ସେନା କାର୍ଯ୍ୟାନୁଷ୍ଠାନ ପାଇଁ ଆମେରିକା କଂଗ୍ରେସ ମଞ୍ଜୁରୀ ଦେଇଥିଲା। ଏହା ପୂର୍ବରୁ ଇରାକ୍ ରାଷ୍ଟ୍ରପତି ସଦ୍ଦାମ ହୁସେନଙ୍କୁ କୁଏତ୍‌ରୁ ସୈନ୍ୟ ପ୍ରତ୍ୟାହାର ପାଇଁ ଆମେରିକା କହିଥିଲା।

# ଓମାନ ସୁଲତାନଙ୍କ ପରଲୋକ

**ମୁସ୍କାଟ୍,୧୧।୧(ଏଏଫ୍‌ପି)**

ଆଧୁନିକ ଆରବ ଜଗତର ଦୀର୍ଘଦିନ କ୍ଷମତାରେ ଥିବା ନେତା ଓମାନ ସୁଲତାନ କାବୁସ୍ ବିନ୍ ସଇଦ୍‌ଙ୍କର ଶୁକ୍ରବାର ପରଲୋକ ହୋଇଯାଇଛି। ତାଙ୍କୁ ୭୯ ବର୍ଷ ହୋଇଥିଲା। ତାଙ୍କ ପରଲୋକରେ ରୟାଲ କୋର୍ଟ ଶୋକବ୍ୟକ୍ତ କରିଛି। ୧୯୭୦ରେ ସେ ବିଦ୍ରୋହ ବଳରେ ତାଙ୍କ ବାପାଙ୍କୁ କ୍ଷମତାଚ୍ୟୁତ କରି ଶାସନ ଭାର ଗ୍ରହଣ କରିଥିଲେ ଓ ୫ ଦଶନ୍ଧି ହେଲା ଓମାନକୁ ଶାସନ କରିଆସୁଥିଲେ। କିଛିଦିନ ହେଲା ସେ ଅସୁସ୍ଥ ଥିଲେ। ତାଙ୍କୁ କୋଲୋନ କ୍ୟାନ୍‌ସର ହୋଇଥିଲା ବୋଲି ବିଶ୍ୱାସ କରାଯାଏ। କାବୁସ୍



ଅବିବାହିତ ଥିଲେ। ତାଙ୍କର ସମ୍ପର୍କୀୟ ଭାଇ ହୈଥମ ବିନ୍ ତାରିକ୍ ଦେଶର ନୂଆ ସୁଲତାନ ଭାବେ ଶପଥ ନେଇଛନ୍ତି। ରାଜ ପରିବାରର ବୈଠକ ବସି ତାରିକ୍‌ଙ୍କୁ ନୂତନ

## ନୂଆ ଶାସକ ଭାବେ ଶପଥ ନେଲେ ତାରିକ୍

ଶାସକ ମନୋନୀତ କରାଯାଇଥିଲା। ସୁଲତାନ କାବୁସ୍ ପୂର୍ବରୁ ତାଙ୍କୁ ଉତ୍ତରାଧିକାରୀ ବାଛିଥିଲେ।

ସୁଲତାନ କାବୁସ୍‌ଙ୍କ ପରଲୋକରେ ବିଭିନ୍ନ ଦେଶର ନେତା ଶୋକବ୍ୟକ୍ତ କରିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓମାନ ସୁଲତାନଙ୍କ ପରଲୋକରେ ଶୋକ ପ୍ରକାଶ କରିବା ସହ ତାଙ୍କୁ ଆରବ ଅଞ୍ଚଳରେ ଶାନ୍ତିର ଆଲୋକବର୍ତ୍ତିକା ବୋଲି କହିଛନ୍ତି।




ଶନିବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

## କେମିତି ରହିବ ଆଜିର ପାଗ

**ରାଜ୍ୟ-ଆସନ୍ତା** ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାର ବିଭିନ୍ନ ଜିଲାରେ ଶୁଖିଲା ପାଗ ସାଙ୍ଗକୁ ଶୀତ ଲହରି ଜାରି ରହିବା ସମ୍ଭାବନା ଅଛି।

**ସ୍ଥାନୀୟ ଅଞ୍ଚଳ-** ଭୁବନେଶ୍ୱର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଆକାଶ ମେଘମୁକ୍ତ ରହିବା ସହ ପାଗ ଶୁଖିଲା ରହିବ। ରବିବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୨୬ ଡିଗ୍ରୀ ଏବଂ ସର୍ବନିମ୍ନ ୧୨ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ଅନୁମାନ କରାଯାଇଛି। ଶନିବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପମାତ୍ରା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୨୩.୬ | ୧୦.୦ |
| ଚାନ୍ଦବାଲି | ୨୩.୪ | ୧୩.୮ |
| କଟକ | ୨୫.୨ | ୧୧.୪ |
| ପାରାଦ୍ୱୀପ | ୨୩.୧ | ୧୫.୫ |
| ଭୁବନେଶ୍ୱର | ୨୫.୩ | ୧୪.୦ |
| ଗୋପାଳପୁର | ୨୫.୧ | ୧୭.୨ |
| ପୁରୀ | ୨୪.୫ | ୧୪.୦ |
| ଅନୁଗୋଳ | ୨୫.୧ | ୮.୬ |
| ବାରିପଦା | ୨୨.୦ | ୧୦.୪ |
| ଝାରସୁଗୁଡ଼ା | ୨୩.୬ | ୮.୬ |
| କେନ୍ଦୁଝର | ୨୨.୬ | ୯.୦ |
| ସମ୍ବଲପୁର | ୨୪.୨ | ୯.୫ |
| ସୁନ୍ଦରଗଡ଼ | ୨୩.୦ | ୧୦.୦ |
| ହୀରାକୁଦ | ୨୩.୬ | ୧୧.୯ |
| ତାଳଚେର | ୨୬.୪ | ୧୧.୩ |
| ଭବାନୀପାଟଣା | ୨୪.୮ | ୧୧.୨ |
| ବଲାଙ୍ଗୀର | ୨୫.୦ | ୧୧.୦ |
| କୋରାପୁଟ | ୨୫.୬ | ୧୨.୨ |
| ଫୁଲବାଣୀ | --- | ୮.୫ |
| ଟିଟିଲାଗଡ଼ | ୨୩.୪ | ୮.୬ |
| ମାଲକାନଗିରି | ୩୨.୦ | ୧୦.୦ |
| ସୋନପୁର | ୨୫.୬ | ୬.୮ |
| ଦାରିଙ୍ଗିବାଡ଼ି | ୨୨.୫ | ୯.୦ |

ଡିଗ୍ରୀ ସେଲ୍‌ସିୟସ୍

# ୫୮ ଦେଶରେ ଭାରତୀୟଙ୍କୁ ଲୋଡ଼ାନାହିଁ ଭିଜା

**ନୂଆଦିଲ୍ଲୀ,୧୧।୧**



## ୨୦୨୦ରେ ବିଶ୍ୱର ସବୁଠୁ ପ୍ରଭାବଶାଳୀ ପାସ୍‌ପୋର୍ଟ

ବିଶ୍ୱର ସବୁଠୁ ପ୍ରଭାବଶାଳୀ ପାସପୋର୍ଟ ସୂଚକାଙ୍କ ୨୦୨୦ରେ ଭାରତୀୟ ପାସ୍‌ପୋର୍ଟ ୮୪ତମ ସ୍ଥାନ ଅଧିକାର କରିଛି। ଏହି ପାସ୍‌ପୋର୍ଟ ରଖିଥିବା ଭାରତୀୟମାନେ ବିଶ୍ୱର ୫୮ ଦେଶରେ ଭିଜାମୁକ୍ତ ଯାତ୍ରା କରିପାରିବେ ବୋଲି ଏକ ନୂଆ ରିପୋର୍ଟ ପ୍ରକାଶ ପାଇଛି। ଇଣ୍ଟରନ୍ୟାଶନାଲ ଏୟାର ଟ୍ରାନ୍ସପୋର୍ଟ ଆସୋସିଏଶନ (ଆଇଏଟିଏ)ଠାରୁ ସଂଗୃହୀତ ତଥ୍ୟକୁ ଭିତ୍ତିକରି ହେନ୍‌ଲେ ଆଣ୍ଡ ପାର୍ଟନର୍ସ ପକ୍ଷରୁ ଏକ ପାସ୍‌ପୋର୍ଟ ସୂଚକାଙ୍କ ପ୍ରସ୍ତୁତ କରାଯାଇଛି। ପାସ୍‌ପୋର୍ଟଧାରୀ ବିନା ଭିଜାରେ କେତୋଟି ଦେଶ ବୁଲିପାରିବେ ସେହି ଅନୁସାରେ ଦେଶଗୁଡ଼ିକର ର୍‍ୟାଙ୍କିଙ୍ଗ୍ ଏଥିରେ କରାଯାଇଛି। ନୂଆ ପାସ୍‌ପୋର୍ଟ ଇଣ୍ଡେକ୍ସ ଅନୁସାରେ ଜାପାନ ବିଶ୍ୱର ସବୁଠୁ ପ୍ରଭାବଶାଳୀ ପାସ୍‌ପୋର୍ଟ ପ୍ରଦାନକାରୀ ଦେଶର ମାନ୍ୟତା ବଜାୟ ରଖିଛି। ଜାପାନର ପାସ୍‌ପୋର୍ଟ ବଳରେ ୧୯୧ଟି ଦେଶକୁ ଭିଜାମୁକ୍ତ ଯାତ୍ରା କରାଯାଇପାରିବ। ୨୦୧୯ରେ ଭାରତ ଏହି କ୍ଷେତ୍ରରେ ୮୨ତମ ସ୍ଥାନରେ ଥିବାବେଳେ ୨୦୨୦ରେ ୮୪ତମ ସ୍ଥାନକୁ ଖସିଆସିଛି। ତାଲିକାର ଦ୍ୱିତୀୟ ସ୍ଥାନରେ ରହିଛି ସିଙ୍ଗାପୁର (୧୯୦ ଦେଶ)। ତୃତୀୟରେ ଜର୍ମାନୀ ଓ ଦକ୍ଷିଣ କୋରିଆ (୧୮୯ ଦେଶ) ରହିଥିବାବେଳେ ଚତୁର୍ଥ ସ୍ଥାନ ଅଧିକାର କରିଛନ୍ତି ଫିନ୍‌ଲାଣ୍ଡ ଓ ଇଟାଲୀ। ଏହି ଦୁଇଦେଶର ପାସ୍‌ପୋର୍ଟଧାରୀ ୧୮୮ ରାଷ୍ଟ୍ରରେ ଭିଜାମୁକ୍ତ ଯାତ୍ରା କରିପାରିବେ। ସେହିପରି ଡେନ୍‌ମାର୍କ, ଲକ୍ସେମବର୍ଗ ଓ ସ୍ପେନ୍ (୧୮୭ ଦେଶ) ପଞ୍ଚମ ସ୍ଥାନ ଅଧିକାର କରିଛନ୍ତି। ଷଷ୍ଠ ସ୍ଥାନରେ ଥିବା ଫ୍ରାନ୍ସ ଓ ସ୍ୱିଡେନର ପାସ୍‌ପୋର୍ଟ ରଖିଥିବା ସେହି ଦେଶର ନାଗରିକ ୧୮୬ ରାଷ୍ଟ୍ରରେ ଭ୍ରମଣ କରିପାରିବେ। ଅଷ୍ଟ୍ରିଆ, ଆୟର୍ଲାଣ୍ଡ, ନେଦରଲାଣ୍ଡସ, ପର୍ତ୍ତୁଗାଲ ଓ ସୁଇଜରଲାଣ୍ଡ ପାସ୍‌ପୋର୍ଟରେ ୧୮୫ ଦେଶ ବୁଲି ହେଉଥିବାବେଳେ ଅଷ୍ଟମ ସ୍ଥାନରେ ରହିଛନ୍ତି ବେଲ୍‌ଜିୟମ, ଗ୍ରୀସ୍, ନରୱେ, ବ୍ରିଟେନ ଓ ଆମେରିକା (୧୮୪ ଦେଶ)। ଅଷ୍ଟ୍ରେଲିଆ, କାନାଡା, ଚେକ୍ ରିପବ୍ଲିକ୍, ମାଲ୍‌ଟା, ନ୍ୟୁଜିଲାଣ୍ଡ (୧୮୩ ଦେଶ) ଏହି କ୍ଷେତ୍ରରେ ନବମ ସ୍ଥାନରେ ଅଛନ୍ତି। ସେହିପରି ଦଶମ ସ୍ଥାନରେ ଥିବା ହଙ୍ଗେରି, ଲିଥୁଆନିଆ ଓ ସ୍ଲୋଭାକିଆ ପାସ୍‌ପୋର୍ଟରେ ୧୮୧ ରାଷ୍ଟ୍ରରେ ଭିଜାମୁକ୍ତ ଯାତ୍ରା ସମ୍ଭବ ବୋଲି ଏହି ଇଣ୍ଡେକ୍ସରେ ଉଲ୍ଲେଖ କରାଯାଇଛି।

### ଭାରତର ର୍‍ୟାଙ୍କିଙ୍ଗ୍

ଭାରତ ଗତବର୍ଷ ତୁଳନାରେ ଏବର୍ଷ ଦୁଇଟି ସ୍ଥାନ ତଳକୁ ଖସିଛି। ୨୦୨୦ରେ ଭାରତ ଭଳି ୮୪ତମ ସ୍ଥାନରେ ରହିଛନ୍ତି ମରିଟାନିଆ ଓ ତାଜିକିସ୍ତାନ। ୭୧ତମ ସ୍ଥାନରେ ଥିବା ଚାଇନାର ପାସ୍‌ପୋର୍ଟ ଭାରତଠାରୁ ଅଧିକ ପ୍ରଭାବଶାଳୀ। ଆଫଗାନିସ୍ତାନ ପାସ୍‌ପୋର୍ଟକୁ ଏଥିରେ ସବୁଠୁ ନିକୃଷ୍ଟ ପାସ୍‌ପୋର୍ଟ ବୋଲି ଦର୍ଶାଯାଇଛି। ପାକିସ୍ତାନର ପାସ୍‌ପୋର୍ଟ ହେଉଛି ଚତୁର୍ଥ ନିକୃଷ୍ଟ। ଭରତୀୟ ପାସ୍‌ପୋର୍ସ ରଖିଥିବା ନାଗରିକମାନେ ଭୁଟାନ, କାମ୍ବୋଡିଆ, ଇଣ୍ଡୋନେସିଆ, ମାଳଦ୍ୱୀପ, ମ୍ୟାନ୍‌ମାର, ନେପାଳ, କେନିଆ, ଉଗାଣ୍ଡା ଭଳି ୫୮ଟି ଦେଶରେ ଭିଜାମୁକ୍ତ ଯାତ୍ରା କରିପାରିବେ। ତେବେ କେତେକ ଦେଶରେ ପହଞ୍ଚିବା ମାତ୍ରେ ଭିଜା ଆବଶ୍ୟକ ହୋଇଥାଏ।



ଶୁକ୍ରବାର ବଲିଉଡ୍ ଫିଲ୍ମ 'ଛପାକ' ଏବଂ 'ତାନାଜୀ' ରିଲିଜ୍ ହୋଇଛି। 'ଛପାକ'ର ଓପନିଂ କଲେକ୍ସନ ୪କୋଟି ରହିଥିବାବେଳେ 'ତାନାଜୀ'ର ପ୍ରଥମ ଦିନ ଆୟ ୧୫ କୋଟି ଟଙ୍କା ରହିଛି।

# ନାସାର ମହାକାଶଯାତ୍ରୀ ଟିମ୍‌ରେ ଭାରତୀୟ ବଂଶୋଦ୍ଭବ

**ୱାଶିଂଟନ:** ଆମେରିକା ବାୟୁସେନାରେ କଲୋନେଲ୍ ଭାବେ କାର୍ଯ୍ୟରତ ଥିବା ଭାରତୀୟ ବଂଶୋଦ୍ଭବ ରାଜା ଜନ୍ ଭୁରପୁଟୁର ଚାରୀ(୪୧) ଦୀର୍ଘ ଦୁଇ ବର୍ଷ ଧରି ମହାକାଶଯାତ୍ରୀ ପାଇଁ ଜାରି ରହିଥିବା ପ୍ରଶିକ୍ଷଣକୁ ସଫଳତାର ସହ ଶେଷ କରିଛନ୍ତି। ଏହାସହ ସେ ନାସାର ୧୧ ଜଣିଆ ମହାକାଶଯାତ୍ରୀ ପ୍ରତିନିଧି ଟିମ୍‌ରେ ସାମିଲ ହୋଇଛନ୍ତି। ଏହାପରେ ସେ ଆମେରିକାର ଏହି ମହାକାଶ ସଂସ୍ଥାର ଭବିଷ୍ୟତର ମହତ୍ତ୍ୱାକାଂକ୍ଷୀ ମିଶନର ଅଂଶ ହୋଇଛନ୍ତି। ୨୦୧୭ରେ ନାସା ଦ୍ୱାରା ଏହି ମହତ୍ତ୍ୱାକାଂକ୍ଷୀ ଯୋଜନା ସମ୍ପର୍କରେ ଘୋଷଣା ହୋଇଥିଲେ। ୧୮,୦୦୦ ଆଶାୟୀଙ୍କ ମଧ୍ୟରୁ ଏହି ମହାକାଶଯାତ୍ରୀମାନେ ସଫଳତା ହାସଲ କରିଛନ୍ତି। ୨୦୧୭ରେ ଚାରୀ(୪୧) ମହାକାଶଯାତ୍ରୀ ପ୍ରାର୍ଥୀ ରୂପେ ନାସା ଦ୍ୱାରା ଚୟନ ହୋଇଥିଲେ। ଏହାପରେ ସେ ଅଗଷ୍ଟ ମାସରେ ନିଜ କାମରେ ଯୋଗ ଦେଇଥିଲେ। ସଫଳତାର ସହ ପ୍ରଶିକ୍ଷଣ ଶେଷ କରିବା ପରେ ସେ ଏବେ ଭବିଷ୍ୟତର ମିଶନ ପାଇଁ ଯୋଗ୍ୟ ହୋଇଛନ୍ତି । ଶୁକ୍ରବାର ଆୟୋଜିତ ଏକ କାର୍ଯ୍ୟକ୍ରମରେ ସଫଳତା ହାସଲ କରିଥିବା ସମସ୍ତ ମହାକାଶଯାତ୍ରୀଙ୍କୁ ପରମ୍ପରା ଅନୁଯାୟୀ ରୁପା ପିନ୍ ଦିଆଯାଇଛି। ୧୯୫୯ରେ ପ୍ରଥମଥର ପାଇଁ ୭ ମହାକାଶଯାତ୍ରୀଙ୍କୁ ରୁପା ପିନ୍ ଦିଆଯାଇଥିଲା। ଏହା ପରଠାରୁ ଏହି ପରମ୍ପରା ଯୋଡ଼ିହୋଇଥିଲା।

ହ୍ୟୁଷ୍ଟନରେ ନାସାର ପରିଚାଳକ ଜିମ୍ ବ୍ରିଡେନ୍‌ଷ୍ଟାଇନ ସଂସ୍ଥାର ଭବିଷ୍ୟତ କାର୍ଯ୍ୟପନ୍ଥା ଉପରେ ପ୍ରତିକ୍ରିୟା ରଖି କହିଛନ୍ତି, ବର୍ଷ ୨୦୨୦ ଆମେରିକା ମାଟିରୁ, ଆମେରିକାର ରକେଟ୍‌ରେ ଆମେରିକାର ମହାକାଶଯାତ୍ରୀଙ୍କ ଯାତ୍ରାର ସାକ୍ଷୀ ରହିବ। ଚଳିତବର୍ଷ ସଂସ୍ଥାର ମିଶନ ଦୃଷ୍ଟିରୁ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ହେବାକୁ ଯାଉଛି। ଏହାସହ ସେ କହିଛନ୍ତି, ସଫଳତା ହାସଲ କରିଥିବା ଏହି ବ୍ୟକ୍ତିବିଶେଷମାନେ ଆମେରିକାର ସବୁଠାରୁ ଦକ୍ଷତାସମ୍ପନ୍ନ ଲୋକଙ୍କୁ ପ୍ରତିନିଧିତ୍ୱ କରୁଛନ୍ତି। ଏବଂ ଏକ ଅଭୂତପୂର୍ବ ସମୟରେ ସେମାନେ ଆମ ମହାକାଶଯାତ୍ରୀ ଟିମରେ ସାମିଲ ହୋଇଛନ୍ତି। ଏହି ମହାକାଶଯାତ୍ରୀଙ୍କ ପ୍ରଥମ ମହାକାଶ ଯାତ୍ରାପରେ ପ୍ରତ୍ୟେକଙ୍କୁ ସୁନା ପିନ୍ ଦିଆଯିବ । ମହାକାଶଯାତ୍ରୀ ଭାବେ ସେମାନେ ମହାକାଶଯାନକୁ ବିକଶିତ କରିବେ, ବର୍ତ୍ତମାନ ସମୟରେ ମହାକାଶରେ ଥିବା ଟିମ୍‌କୁ ସାହାଯ୍ୟ କରିବେ ଏବଂ ଶେଷରେ ମହାକାଶ ଯାଇଥିବା ୫୦୦ ଜଣଙ୍କ ମଧ୍ୟରେ ସାମିଲ ହେବେ। ଏହି ମହାକାଶଯାତ୍ରୀଙ୍କ ଉଦ୍ଦେଶ୍ୟରେ ଆୟୋଜିତ ହୋଇଥିବା ପ୍ରଥମ ସାଧାରଣ ସମାରୋହରେ ଟେକ୍ସାସର ସିନେଟର ଜନ୍ କର୍ନିନ ଏବଂ ଟେଡ୍ କ୍ରୁଜ ସାମିଲ ହୋଇଥିଲେ।



# ଓଟିରେ ନାସା ଅନୁଭୂତି

**ରାୟପୁର:** ଅପରେଶନ ଥିଏଟର (ଓଟି)ରେ ମିଳିବ ନାସାର ଅନୁଭୂତି। ଦେଖିବାକୁ ମିଳିବେ ସ୍ପେସ୍ ସୁଟ୍ ପିନ୍ଧା ଡାକ୍ତର। ଖାଲି ଏତିକି ନୁହେଁ, ଏଠାରେ ବ୍ୟବହୃତ ହୋଇଥିବା ପ୍ରତିଟି ଯନ୍ତ୍ରାଂଶ ରୋଗୀଙ୍କୁ ଦେବ ସଂକ୍ରମଣରୁ ସୁରକ୍ଷା। ଛତିଶଗଡ଼ର ରାଜଧାନୀ ରାୟପୁରର ଏକ ହସ୍ପିଟାଲରେ ଆରମ୍ଭ ହୋଇଛି ଏପରି ଅତ୍ୟାଧୁନିକ ଅପରେଶନ ଥିଏଟର। ଏହା ମଧ୍ୟ ଭାରତରେ ପ୍ରଥମ ବୋଲି କୁହାଯାଉଛି।

ନାସାର ମାନକ ଅଧାରରେ ଓଟିକୁ ପ୍ରସ୍ତୁତ କରାଯାଇଛି। ଅପରେଶନ ଥିଏଟରରେ ଏପରି ଅତ୍ୟାଧୁନିକ ବ୍ୟବସ୍ଥା କରିବା ପଛର ପ୍ରମୁଖ କାରଣ ଜଏଣ୍ଟ ରିପ୍ଲେସ୍‌ମେଣ୍ଟ ସର୍ଜରି ସମୟରେ ରୋଗୀଙ୍କୁ ସଂକ୍ରମଣରୁ ସୁରକ୍ଷିତ ରଖିବା। ଖଞ୍ଜା ପ୍ରତ୍ୟାରୋପଣ ସମୟରେ ସଂକ୍ରମଣର ବିପଦ ବେଶି। ସର୍ଜରିରେ ନିୟୋଜିତ ଡାକ୍ତରଙ୍କ ଶରୀରରେ ଥିବା ବ୍ୟାକ୍ଟେରିଆ ରୋଗୀ ଦେହକୁ ବ୍ୟାପିବା ଆଶଙ୍କାକୁ ଏଡ଼ାଇ ଦିଆଯାଇ ନ ପାରେ। ସର୍ବୋତ୍ତମ ସ୍ୱଚ୍ଛତା ବଜାୟ ରଖିବା ସତ୍ତ୍ୱେ ରୋଗୀ ସଂକ୍ରମଣରହିତ ରହିବେ ତାହାର କିଛି ଗ୍ୟାରେଣ୍ଟି ନ ଥାଏ। ତେଣୁ ନାସାର ୧୦୦ ମାନକ ପ୍ରୟୋଗ କରି ଉକ୍ତ ଓଟିକୁ ପ୍ରସ୍ତୁତ କରାଯାଇଛି। ସଂକ୍ରମଣରୁ ସୁରକ୍ଷା ଲାଗି ଡାକ୍ତରମାନେ ବ୍ୟବହାର କରୁଥିବା ସ୍ପେସ୍ ସୁଟ୍ ଆମେରିକାର ଏକ କମ୍ପାନୀରୁ ଅଣାଯାଉଛି। ଏହାକୁ ପ୍ରତିଥର ବଦଳାଇବା ଅନାବଶ୍ୟକ। ତେବେ ଏଥିରେ ବ୍ୟବହୃତ ଡିସ୍ପୋଜେବଲ ହେଲ୍‌ମେଟକୁ ବଦଳାଇବାକୁ ପଡ଼େ। ଗୋଟିଏ ସ୍ପେସ୍ ସୁଟ୍‌ର ଦାମ ୫ରୁ ୬ ଲକ୍ଷ ଟଙ୍କା। ନାସାର ମାନକ ଆଧାରରେ ବ୍ୟବସ୍ଥିତ ହୋଇଥିବାରୁ ଉକ୍ତ ଓଟିରେ ଖର୍ଚ୍ଚ ହୋଇଛି ପାଖାପାଖି କୋଟିଏ ଟଙ୍କା।



ଏ ନେଇ ଜଏଣ୍ଟ ରିପ୍ଲେସମେଣ୍ଟ ସର୍ଜନ ଡା. ଅଙ୍କୁର ସିଂଘଲ କୁହନ୍ତି, ଜର୍ମାନୀ, ଇଂଲଣ୍ଡରେ ଖଞ୍ଜା ପ୍ରତ୍ୟାରୋପଣ ସାଧାରଣ କଥା। ଏବେ ଭାରତରେ ମଧ୍ୟ ଏହାକୁ ସଫଳତାର ସହ କରାଗଲାଣି। ଜର୍ମାନୀରେ ଟ୍ରେନିଂ ନେଉଥିବାବେଳେ ଏପରି ଓଟି କଥା ମୁଣ୍ଡକୁ ଜୁଟିଥିଲା। ଅପରେଶନ ଥିଏଟର ପରିସରରେ ବିଶୁଦ୍ଧ ବାୟୁ ଚଳାଚଳ, ଜୀବାଣୁ ପ୍ରତିରୋଧୀ ବ୍ୟବସ୍ଥା କରାଯାଇଛି। ଡାକ୍ତରମାନେ ସ୍ପେସ୍ ସୁଟ୍ ପିନ୍ଧି ଅପରେଶନ କରୁଛନ୍ତି, ଯାହା ରୋଗୀଙ୍କୁ ସଂକ୍ରମଣରୁ ରକ୍ଷାକରିବ।




# ବାହା ନ ହୋଇ ମା' ହୋଇଛନ୍ତି

ଛୋଟପରଦାରେ ଅଭିନୟ କରି ଦର୍ଶକଙ୍କ ମନ ଜିଣିଥିବା ଅଭିନେତ୍ରୀ ହେଉଛନ୍ତି ସାକ୍ଷୀ ତନ୍‌ୱର। ଜାନୁୟାରୀ ୧୨ ତାରିଖ ଅର୍ଥାତ୍ ରବିବାର ସେ ତାଙ୍କର ୪୭ତମ ଜନ୍ମଦିବସ ପାଳନ କରିବେ। ଏହି ପରିପ୍ରେକ୍ଷୀରେ ତାଙ୍କ ବିଷୟରେ ଜାଣନ୍ତୁ କିଛି ଖାସ୍ କଥା...

ଛୋଟପରଦାରେ 'କହାନୀ ଘର୍ ଘର୍ କୀ'ରେ ଅଭିନୟ କରି ବେଶ୍ ଲୋକପ୍ରିୟ ହୋଇଥିଲେ ସାକ୍ଷୀ। ରାଜସ୍ଥାନରେ ଜନ୍ମିତ ସାକ୍ଷୀଙ୍କ ବାପା ରାଜେଶ ସିଂହ ତନୱର ଜଣେ ସିବିଆଇ ଅଫିସର ଥିଲେ। ସାକ୍ଷୀ ୩ ଭାଇଭଉଣୀଙ୍କ ମଧ୍ୟରେ ସବୁଠୁ ଛୋଟ। ୧୯୮୮ରେ ସେ ଦୂରଦର୍ଶନର ଏକ କାର୍ଯ୍ୟକ୍ରମ 'ଉଲ୍‌ବେଲା ସୁର୍ ମେଲା' ଜରିଆରେ କ୍ୟାରିୟର ଆରମ୍ଭ କରିଥିଲେ। ଏହା ପରେ ୨୦୧୧ରେ ଏକତା କପୁରଙ୍କ ସିରିୟଲ 'କହାନୀ ଘର୍ ଘର୍ କୀ'ରେ ମୁଖ୍ୟ ଭୂମିକାରେ ଅଭିନୟ କରିଥିଲେ। ଏହା ବ୍ୟତୀତ 'ବଡ଼େ ଅଚ୍ଛା ଲଗତେ୍ ହୈଁ'ରେ ମଧ୍ୟ କାମ କରିଥିଲେ। ଅମୀର ଖାଁଙ୍କ ସହିତ 'ଦଙ୍ଗଲ' ଫିଲ୍ମରେ ଅଭିନୟ କରିଥିଲେ ସାକ୍ଷୀ। ଫିଲ୍ମଟି ସୁପରହିଟ୍ ମଧ୍ୟ ହୋଇଥିଲା। ସନି ଦେଓଲଙ୍କ ସହ 'ମୋହଲା ଅସୀ'ରେ ମଧ୍ୟ ଅଭିନୟ କରିଥିଲେ। ସାକ୍ଷୀ ବିବାହ ନ କରି ଏକ କନ୍ୟାସନ୍ତାନର ମା' ହୋଇଛନ୍ତି। ତାଙ୍କ ଝିଅର ନାଁ ଦିତ୍ୟା।

ଏକ ସାକ୍ଷାତ୍‌କାରରେ ସାକ୍ଷୀ କହିଛନ୍ତି, ମା' ହେବା ପରେ ମୋ' ଜୀବନରେ ଅନେକ ପରିବର୍ତ୍ତନ ଆସିଛି। ବିବାହ କଲେ ଯେ ଜଣେ ମା' ହେବ ଆଉ ଜଣେ ହୋଇପାରିବନି ମୁଁ କାହିଁକି ତାହା ଅନୁଭବ କରୁନି। ମୁଁ ବି ଜଣେ ଭଲ ମା'। ମୋ ପରିବାରର ଆଶୀର୍ବାଦ ଏବଂ ସପକ୍ଷ ଯୋଗୁ ଏକ ୯ ମାସର କନ୍ୟାକୁ କୋଳେଇ ନେଇ ମୁଁ ଗର୍ବିତ।

# ମଙ୍ଗଳ ଗ୍ରହରୁ ଶୁଖିବାରେ ଲାଗିଛି ଜଳୀୟ ଅଂଶ

**ୱାଶିଂଟନ:** ମଙ୍ଗଳରେ ଜୀବନ ଥିବା ନେଇ ମହାକାଶ ବିଜ୍ଞାନୀମାନେ ଦାବି କରିଥିବାବେଳେ ଏବେ ଜଣାପଡ଼ିଛି ଯେ ଧୀରେଧୀରେ ଏଠାରେ ଥିବା ଜଳୀୟ ଅଂଶ ଶୁଖିବାରେ ଲାଗିଛି। ଏକ୍ସୋ ମାର୍ସ ମିଶନରୁ ଏହା ଜଣାପଡ଼ିଛି। ଫ୍ରେଞ୍ଚ୍ ନ୍ୟାସନାଲ ସେଣ୍ଟର ଫର୍ ସାଇଣ୍ଟିଫିକ୍ ରିସର୍ଚ୍ଚ ପକ୍ଷରୁ କରାଯାଇଥିବା ଗବେଷଣାରୁ ଜଣାପଡ଼ିଛି, ମଙ୍ଗଳ ଗ୍ରହର ବାୟୁମଣ୍ଡଳର ଉପର ଭାଗରେ ଥିବା ଜଳୀୟ ଅଂଶ ଆବଶ୍ୟକତା ଅନୁସାରେ ଶୀଘ୍ର ଶୁଖିବାରେ ଲାଗିଛି। ଏଭଳି କାହିଁକି ହେଉଛି ସେ ନେଇ ଅଧିକ ଗବେଷଣା ଜାରି ରହିଥିବା ମହାକାଶ ବିଜ୍ଞାନୀ ପ୍ରକାଶ କରିଛନ୍ତି। ଜଳକଣାର ରାସାୟନିକ ବିଘଟନ ହୋଇ ଉଦ୍‌ଜାନ ଏବଂ ଅମ୍ଳଜାନ ସୃଷ୍ଟି ହେଉଛି। ମଙ୍ଗଳ ଗ୍ରହର ମାଧ୍ୟାକର୍ଷଣ ଶକ୍ତି ଏଭଳି ପ୍ରକିୟାକୁ ରୋକିବାରେ ଅସଫଳ ହେଉଥିବା ଅନୁମାନ କରାଯାଉଛି। ୨୦୨୦ରେ ଛଡ଼ାଯିବାକୁ ଥିବା ମାର୍ସ ରୋଭର ମଙ୍ଗଳ ଗ୍ରହରେ ଜୀବନ ଖୋଜିବା ସହିତ ଭବିଷ୍ୟତରେ ଏଠାରେ ମଣିଷ ବସତି ସ୍ଥାପନ ପାଇଁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ପୃଥିବୀକୁ ପ୍ରେରଣ କରିବ ବୋଲି ନାସା ପକ୍ଷରୁ ସୂଚନା ଦିଆଯାଇଛି। ପ୍ରତିଦିନ ୨ ଶହ ୟାର୍ଡ ପର୍ଯ୍ୟନ୍ତ ଘୁରବୁଲି ଏହି ରୋଭର ୨୩ଟି କ୍ୟାମେରା ଦ୍ୱାରା ମଙ୍ଗଳ ଭୂପୃଷ୍ଠ ସମ୍ପର୍କରେ ଚିତ୍ର ଉତ୍ତୋଳନ କରି ପୃଥିବୀକୁ ପ୍ରେରଣ କରିବାକୁ ସକ୍ଷମ ହେବ।



# ଶୁଭ କାର୍ଯ୍ୟରେ ଗଣେଶଙ୍କୁ ଚିଠି ଦେଇ ଲୋକେ କରନ୍ତି ନିମନ୍ତ୍ରଣ

## ନିଆରା ବିଶ୍ୱାସ

ଯୋଧପୁର: ଭାରତର ବିଭିନ୍ନ ସ୍ଥାନରେ ଥିବା ମନ୍ଦିରରେ ଭିନ୍ନ ଭିନ୍ନ ରୋଚକ ତଥ୍ୟ ଦେଖିବାକୁ ମିଳିଥାଏ। ରାଜସ୍ଥାନ ରନ୍ଥଭୋରରେ ରହିଛି ପ୍ରଭୁ ଶ୍ରୀଗଣେଶଙ୍କ ମନ୍ଦିର। ମନ୍ଦିରରେ ଥିବା ଗଣେଶ ମୂର୍ତ୍ତିଙ୍କର ୩ ଆଖି ରହିଛି। ପ୍ରଭୁଙ୍କ ସହିତ ଆସ୍ଥାନରେ ଶ୍ରୀଗଣେଶଙ୍କ ପତ୍ନୀ ରିଦ୍ଧି, ସିଦ୍ଧି ଏବଂ ପୁତ୍ର ଶୁଭ-ଲାଭଙ୍କର ମୂର୍ତ୍ତି ମଧ୍ୟ ରହିଛି। ପାଖରେ ବାହନ ମୂଷିକ ମଧ୍ୟ ରହିଛନ୍ତି। ଶୁଭକାର୍ଯ୍ୟରେ ପ୍ରଭୁଙ୍କ ପାଖକୁ ଲୋକେ ନିମନ୍ତ୍ରଣ ପତ୍ର ପଠାଇଥାନ୍ତି। ତେଣୁ ପ୍ରଭୁଙ୍କ ଆସ୍ଥାନ ନିକଟରେ ନିମନ୍ତ୍ରଣ ପତ୍ର ଗଦା ହୋଇ ରହିଥାଏ। ଏହାଦ୍ୱାରା ସମସ୍ତ କାର୍ଯ୍ୟ ମଙ୍ଗଳ ହୋଇଥାଏ ବୋଲି ସ୍ଥାନୀୟ ଲୋକେ ବିଶ୍ୱାସ କରିଥାନ୍ତି। ୧୦ମ ଶତାବ୍ଦୀରେ ମନ୍ଦିରର ନିର୍ମାଣ ରନ୍ଥଭୋରର ରାଜା ହମିରଙ୍କ ଦ୍ୱାରା ହୋଇଥିଲା। ଏକ ଯୁଦ୍ଧ ସମୟରେ ପ୍ରଭୁ ରାଜାଙ୍କୁ ସ୍ୱପ୍ନରେ ଆସି ତାଙ୍କୁ ବିଜୟୀ ହେବାର ଆଶୀର୍ବାଦ ଦେଇଥିଲେ। ରାଜା ଯୁଦ୍ଧରେ ବିଜୟୀ ମଧ୍ୟ ହୋଇଥିଲେ। ଏହା ପରେ ମନ୍ଦିରର ମହିମା ବଢ଼ିବାରେ ଲାଗିଥିଲା। ଲୋକ ମନ୍ଦିରକୁ ଶ୍ରୀ ଗଣେଶ, ରନ୍ଥଭୋର କିଲ୍ଲା, ଜିଲା- ସବାଇ ମାଧୋପୁର, ରାଜସ୍ଥାନ ଠିକଣାରେ ନିଜ ମାନସିକ ପୂରଣ ପାଇଁ ଚିଠି ଦିଅନ୍ତି। ଏସବୁକୁ ପୂଜାରୀ ପ୍ରଭୁଙ୍କୁ ପଢ଼ି ଶୁଣାଇବା ସହିତ ଶ୍ରୀଚରଣରେ ରଖି ଦିଅନ୍ତି। ଏହାଦ୍ୱାରା ମାନସିକ ପୂରଣ ହୋଇଥାଏ ବୋଲି ଲୋକେ ବିଶ୍ୱାସ କରନ୍ତି। ପ୍ରତିବର୍ଷ ଗଣେଶ ଚତୁର୍ଥୀରେ ମନ୍ଦିରରେ ସ୍ୱତନ୍ତ୍ର ପୂଜା ସମ୍ପନ୍ନ ହୋଇଥାଏ।



# ମନ୍ଦିର ବାହାରେ ଭିକ୍ଷା ମାଗୁଥିଲେ କୋଟିପତିଙ୍କ ପୁଅ

**ଅମ୍ବାଲା:** ଫିଲ୍ମ କାହାଣୀ ପରି ହରିୟାଣାରେ ଏକ ନିଆରା ଘଟଣା ଘଟିଛି। ଏଠାରେ ଅମ୍ବାଲାର ଏକ ମନ୍ଦିର ବାହାରେ ବସି ଭିକ୍ଷା କରୁଥିବା ଜଣେ ବ୍ୟକ୍ତି କୋଟିପତିଙ୍କ ପୁଅ ବୋଲି ଜଣାପଡ଼ିଛି। ଜଣେ କୋଟିପତି ମାନସିକ ଭାରସାମ୍ୟ ହରାଇ ଘରୁ ପଳାଇ ଆସି ମନ୍ଦିର ବାହାରେ ବସି ଭିକ୍ଷା ମାଗୁଥିଲେ। ତେବେ ଗୁରୁବାର ତାଙ୍କର ଗୋଡ଼ରେ ଆଘାତ ଲାଗି ରକ୍ତସ୍ରାବ ହୋଇଥିଲା। ଗୀତା ଗୋପାଳ ସ୍ୱେଚ୍ଛାସେବୀ ସଂସ୍ଥାର କିଛି ସଦସ୍ୟ ତାଙ୍କୁ ନେଇ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ପଚରା ଉଚରା ସମୟରେ ତାଙ୍କ ନାମ ଧନଞ୍ଜୟ ଠାକୁର ଏବଂ ସେ ଉତ୍ତରପ୍ରଦେଶ ଆଜମ୍‌ଗଡ଼ର ବାସିନ୍ଦା ବୋଲି ଜଣାପଡ଼ିଥିଲା। ଧନଞ୍ଜୟ ଏକ ଫୋନ୍ ନମ୍ବର ମଧ୍ୟ ସଦସ୍ୟଙ୍କୁ ଦେଇଥିଲେ। ଫୋନ୍ କରିବାରୁ ଜଣାପଡ଼ିଥିଲା ଧନଞ୍ଜୟଙ୍କ ପିତା ରାଧେଶ୍ୟାମ ସିଂ ଜଣେ କୋଟିପତି। ଫୋନ୍ ପରେ ଧନଞ୍ଜୟଙ୍କ ଭଉଣୀ ନେହା ସିଂ ତାଙ୍କୁ ନେବା ପାଇଁ ପହଞ୍ଚିଥିଲେ। ଧନଞ୍ଜୟଙ୍କୁ ସ୍ଥାନୀୟ ଲୋକେ ଜଟାଧାରୀ ବୋଲି ଡାକୁଥିଲେ। ସେ ଗତ ୨ ବର୍ଷ ହେଲା ମନ୍ଦିର ବାହାରେ ଗଛତଳେ ରହୁଥିଲେ।



## ଘରେ ପହଞ୍ଚାଇଲା ସ୍ୱେଚ୍ଛାସେବୀ ସଂଗଠନ



# ଟ୍ରାଫିକ୍ ସଚେତନତା ଦାୟିତ୍ୱରେ ୫୮ ବର୍ଷୀୟା

**ଇନ୍ଦୋର:** ୟୁରୋପ ଏବଂ ଆମେରିକାର ଯାତାୟାତ ବ୍ୟବସ୍ଥାକୁ ଦେଖି ନ୍ୟାୟନଗରରେ ରହୁଥିବା ୫୮ ବର୍ଷୀୟା ବୃନ୍ଦା ନାମକ ଜଣେ ମହିଳା ସ୍ୱେଚ୍ଛାକୃତ ଭାବେ ପ୍ରତିଦିନ ୨ ଘଣ୍ଟା ଲୋକଙ୍କୁ ସଡ଼କ ସୁରକ୍ଷା ସମ୍ପର୍କରେ ସଚେତନ କରାଉଛନ୍ତି। ଏପରି ଦୃଢ଼ ସଂକଳ୍ପ ନେଇ ବୃନ୍ଦା ପ୍ରତିଦିନ ଅପରାହ୍ନ ୪ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଲୋକଙ୍କ ମଧ୍ୟରେ ସଚେତନତା ବାର୍ତ୍ତା ବାଣ୍ଟୁଛନ୍ତି। ରାସ୍ତା ଉପରେ ଠିଆ ହୋଇ ହାତ ଯୋଡ଼ି ଗାଡ଼ିଚାଳକଙ୍କୁ ଅଟକାଇ ବିନମ୍ର ନିବେଦନ କରୁଛନ୍ତି। ହେଲ୍ମେଟ ପିନ୍ଧିବା, ସିଟ ବେଲ୍ଟ ବାନ୍ଧିବା, ଟ୍ରାଫିକ ସିଗ୍ନାଲ ମାନିବା, ଗାଡ଼ି ଧୀରେ ଚଳାଇବା ପାଇଁ ସଚେତନ କରାଉଛନ୍ତି। ବୃନ୍ଦା କୁହନ୍ତି, ସହର ସ୍ୱଚ୍ଛତାରେ ୧ ନମ୍ବରରେ ରହିଛି। ଏବେ ଟ୍ରାଫିକ ନିୟମ ପାଳନରେ ମଧ୍ୟ ଏକ ନମ୍ବର ରହିବ ବୋଲି ଆଶା କରୁଛି। ୪ ବର୍ଷ ତଳେ କାଲିଫର୍ଣ୍ଣିଆ ଯାଇଥିଲେ। ସେଠାରେ ରାସ୍ତା ପୂରା ଖାଲିଥିଲା। ମାତ୍ର ଟ୍ରାଫିକ୍ରେ ରେଡ ଲାଇଟ ଜଳୁଥିବାରୁ ସେଠାକାର ଜଣେ ଡ୍ରାଇଭର ଟ୍ରାଫିକ ନିୟମ ଅନୁଯାୟୀ ଗାଡ଼ି ଅଟକାଇଥିଲେ। ଏହା ତାଙ୍କୁ ପ୍ରଭାବିତ କରିଥିଲା।



ଯେଉଁ ବ୍ୟକ୍ତି ଇନ୍ଦ୍ରିୟ ଲାଳସାରୁ ମୁକ୍ତ ନ ହୁଅନ୍ତି ଏବଂ ସାଂସାରିକ ବନ୍ଧନରେ ବାନ୍ଧି ହୋଇଥାନ୍ତି, ସେ କେବେହେଲେ ଗୁରୁ ହୋଇ ନ ପାରନ୍ତି।
- ଶ୍ରୀଚୈତନ୍ୟ



## ସଂକ୍ଷେପରେ

### ଗଙ୍ଗାଧର ମେହେର କଲେଜ ଆଲୁମ୍ନି ବୈଠକ

ସମ୍ବଲପୁର, ୧୧।୧ (ବ୍ୟୁରୋ)

ଗଙ୍ଗାଧର ମେହେର କଲେଜ ଆଲୁମ୍ନିଇ ବୈଠକ ଶନିବାର ଅମୃତବିହାର ପରିସରରେ ଅନୁଷ୍ଠିତ ହୋଇଯାଇଛି। ପ୍ରଫେସର ମୀନକେତନ ପୁରୋହିତଙ୍କ ଅଧକ୍ଷତାରେ ଏହି ବୈଠକ ହୋଇଥିଲା । ଡ. ସନ୍ତୋଷ କୁମାର ଦାଶ, ପ୍ରଫେସର କେଦାରନାଥ ବେହେରା କାର୍ଯ୍ୟକ୍ରମ ବିଷୟରେ ସୂଚନା ପ୍ରଦାନ କରିଥିଲେ। ଆଲୁମ୍ନି ଆସୋସିଏଶନ୍‌ର ସଭାପତି ଭାବେ ପ୍ରଫେସର ଶଙ୍କର ପ୍ରସାଦ ପତିଙ୍କୁ ମନୋନୟନ କରାଯିବା ସହ ଏକ କମିଟି ଗଠନ କରାଯାଇଛି । ଡ. କାମଦେବ ସାହୁ, ଆବାହକ ଡ. ନନ୍ଦକିଶୋର ଦେବତା, ଡ. ପରେଶ ଚନ୍ଦ୍ର ଦାନୀ, ପ୍ରଫୁଲ୍ଲ କୁମାର ଦାଶ, ଡ. ବିଜୟ କୁମାର ପ୍ରଧାନ, ଡ. ମିଳନ ହୋତା, ସିଦ୍ଧାନ୍ତ ମହାନ୍ତି, ପ୍ରଫେସର ସୁଦର୍ଶନ ପୂଜାରୀ ଓ ମାହେଶ୍ୱରୀ ପ୍ରସାଦ ପାଣିଗ୍ରାହୀ ପ୍ରମୁଖ ସଦସ୍ୟ ରହିଛନ୍ତି। ଶେଷରେ ପୁରାତନ ଛାତ୍ର ସୌମେନ୍ଦ୍ର ପୂଜାରୀ ଧନ୍ୟବାଦ ଅର୍ପଣ କରିଥିଲେ। କଲେଜକୁ ୭୫ ବର୍ଷ ପୂର୍ତ୍ତି ଉପଲକ୍ଷେ ବର୍ଷବ୍ୟାପୀ ବିଭିନ୍ନ କାର୍ଯ୍ୟକ୍ରମ କରାଯିବାକୁ ସ୍ଥିର ହୋଇଛି । ପ୍ଲାଟିନମ ଜୁବିଲି ମହୋତ୍ସବ ପାଳନ ଓ ସ୍ମରଣିକା ପ୍ରକାଶନ କରିବାକୁ ସ୍ଥିର ହୋଇଛି । ଫେବୃୟାରୀ ୯ ତାରିଖ ପରବର୍ତ୍ତୀ ପୂର୍ଣ୍ଣାଙ୍ଗ ବୈଠକ ହେବ। ଏଥିରେ ପୁରାତନ ଛାତ୍ରମାନେ ଯୋଗଦେବାକୁ ଅନୁରୋଧ କରାଯାଇଛି ।

■ ତଳାବିରା କୋଇଲା ଖଣି ବିବାଦ

# ଆନ୍ଦୋଳନ ସ୍ଥଗିତ, ପ୍ରଶାସନକୁ ୧୦ ଦିନ ସମୟ

ସମ୍ବଲପୁର,୧୧।୧(ବ୍ୟୁରୋ)

ସମ୍ବଲପୁର ଜିଲା ରେଙ୍ଗାଲି ତହସିଲ ଅଧୀନ ତଳାବିରା କୋଇଲା ଖଣି-୧ ଓ ୨କୁ ବିରୋଧ କରି ଅଞ୍ଚଳବାସୀଙ୍କ ପକ୍ଷରୁ ଚାଲିଥିବା ଆନ୍ଦୋଳନ ଶନିବାର ତୃତୀୟ ଦିନରେ ସ୍ଥଗିତ ହୋଇଛି । ଲୋକଙ୍କ ବିଭିନ୍ନ ଦାବି ପୂରଣ କରିବା ପାଇଁ ପ୍ରଶାସନ ୧୦ ଦିନ ସମୟ ନେଇଛି। ଏହାପରେ ଆନ୍ଦୋଳନକାରୀ ଘରକୁ ଫେରିଯାଇଛନ୍ତି। ସମସ୍ୟା ସମାଧାନ ନ ହେବା ପର୍ଯ୍ୟନ୍ତ ଗଛ କଟା ଓ ମାଟି ଖୋଳା ବନ୍ଦ ରହିବ ବୋଲି ସ୍ଥିର ହୋଇଛି। ଏଥିପାଇଁ ପୋଲିସ ଦାୟିତ୍ୱ ନେଇଛି। ଆଲୋଚନାବେଳେ ପ୍ରଶାସନିକ ଅଧିକାରୀଙ୍କ ସମେତ ଏନଏଲସି ଓ ଆଦାନୀ କମ୍ପାନୀର ଅଧିକାରୀମାନେ ଉପସ୍ଥିତ ଥିଲେ। ଅଞ୍ଚଳର ଯୁବତୀ, ଯୁବକଙ୍କୁ ଯୋଗ୍ୟତା ଅନୁସାରେ ସ୍ଥାୟୀ ଚାକିରି ଦିଆଯିବାକୁ ମଧ୍ୟ ପ୍ରତିଶ୍ରୁତି ମିଳିଛି। ତେବେ ଲୋକଙ୍କ ସମସ୍ୟା ସମାଧାନ ନ କରି ଓ ସେମାନଙ୍କ ଦାବି ପୂରଣ ନ କରି ଏନ୍‌ଏଏସି କମ୍ପାନୀ ଏକଚାଟିଆ ଭାବେ ଗଛ କାଟିବା ସହ ମାଟି ଖୋଳା କାମ କରୁଥିଲା। ଏଣୁ ଗୁରୁବାରଠାରୁ ଅଞ୍ଚଳବାସୀ କାମ ବନ୍ଦ କରି ଏହି ଆନ୍ଦୋଳନ ଚଳାଇଥିଲେ। ଦିନରାତି ପିଲାଛୁଆଙ୍କୁ ଧରି ଶୀତ କାକରରେ ବସିଥିଲେ। ସେମାନଙ୍କୁ ବୁଝାଇବାକୁ ବାରମ୍ବାର ପ୍ରଶାସନ ପକ୍ଷରୁ ଆଲୋଚନା କରାଯାଇଥିଲେ ମଧ୍ୟ ତାହା ବିଫଳ ହୋଇଥିଲା । ପ୍ରଶାସନ ଓ ଏନ୍‌ଏଲସି କମ୍ପାନୀ ଉପରେ ଆଉ ଭରସା କରାଯାଇ ପାରିବ ନାହିଁ ବୋଲି ଆନ୍ଦୋଳନକାରୀ ରୋକ୍‌ଠୋକ୍ କହିଥିଲେ। ସେହିପରି ଠେଲକୋଲି, ତରେଇକେଲା, କୁମ୍ଭାରୀରେ ଏନ୍‌ଏଲ୍‌ସି କମ୍ପାନୀର ୨୪୦୦ ମେଗାୱାଟର ପାୱାର ପ୍ଲାଣ୍ଟ ନିର୍ମାଣ କରିବା ପାଇଁ ଜନ ଶୁଣାଣିକୁ ବିରୋଧ କରି ବନ୍ଦ କରି ଦିଆଯାଇଥିଲା। ପ୍ରକାଶଯୋଗ୍ୟ, ଏନଏଲସି କମ୍ପାନୀ ପକ୍ଷରୁ କୋଇଲା ଖନନ ପାଇଁ ୧ ଲକ୍ଷ ୩୨ ହଜାର ୯୭୦ ଗଛ ବଳି ପଡିବ । ଡିସେମ୍ବର ୬ ତାରିଖରୁ କମ୍ପାନୀ ପୋଲିସ ଫୋର୍ସ ଲଗାଇ ଗଛ କଟା ଆରମ୍ଭ କରିବାରୁ ଅଞ୍ଚଳବାସୀ ତାତି ଉଠିଥିଲେ।



ଆନ୍ଦୋଳନକାରୀଙ୍କୁ ବୁଝାଇବାକୁ ଯାଇ କମ୍ପାନୀ ଓ ପ୍ରଶାସନିକ ଅଧିକାରୀ ଆଲୋଚନା କରୁଛନ୍ତି।

■ ଭୂଷଣ ପକ୍ଷରୁ ସଡ଼କ ସୁରକ୍ଷା ସପ୍ତାହ

# ସୁରକ୍ଷା ରଥର ଶୁଭାରମ୍ଭ

ରେଙ୍ଗାଲି, ୧୧।୧ (ଡି.ଏନ.ଏ.)

ସମ୍ବଲପୁର ଜିଲା ରେଙ୍ଗାଲି ବ୍ଲକ ଠେଲକଲୋଇସ୍ଥିତ ଭୂଷଣ କାରଖାନା ପରିସରରେ ୩୧ତମ ଜାତୀୟ ସଡକ ସୁରକ୍ଷା ସପ୍ତାହ ପାଳିତ ହୋଇଛି। ଏହି ଅବସରରେ କାରଖାନାର ବିଭିନ୍ନ ସ୍ଥାନରେ ସଡକ ସୁରକ୍ଷା ବାର୍ତ୍ତା ଥିବା ବ୍ୟାନର ଲଗାଯାଇଥିଲା । କାରଖାନାର ଅଗ୍ନି ଓ ସୁରକ୍ଷା ଅଧିକାରୀ ପି. ଶଶିଧରଣ ପତାକା ଦେଖାଇ ସୁରକ୍ଷା ରଥର ଶୁଭାରମ୍ଭ କରିଥିଲେ। ଏହି ସୁରକ୍ଷା ରଥ ସୁରକ୍ଷା ସପ୍ତାହ ଅବସରରେ ବିଭିନ୍ନ ଗ୍ରାମରେ ବୁଲି ଲୋକଙ୍କୁ ସଡକ ସୁରକ୍ଷା ଉପରେ ସଚେତନ କରିବ । ୧୧ ତାରିଖରୁ ୧୭ ତାରିଖ ପର୍ଯ୍ୟନ୍ତ ଏହି ସଡକ ସୁରକ୍ଷା ସପ୍ତାହ ପାଳନ କରାଯିବ। ଏହି ଅବସରରେ କାରଖାନାର ପ୍ରେସିଡେଣ୍ଟ ବି.ଆର. ପ୍ରସନ୍ନ, ସିନିୟର ଜିଏମ ଅଗ୍ନି ଓ ସୁରକ୍ଷା ଏସ.ପି . ମହାକୁଡ, ଆର. ଚଣ୍ଡେଲ, ଜିଏମ ଏ.ଏନ. ସିଂ, ଡିଜିଏମ ଗୋପାଳ ଶର୍ମା, ଗୋପାଳ ସାହା, ପି. ଶ୍ରୀନିବାସ, ଡା. ବି.ବି. ମଙ୍ଗରାଜ, ପ୍ରଫୁଲ୍ଲ କୁମାର ନାୟକ ପ୍ରମୁଖଙ୍କ ସହ ବହୁ ଅଧିକାରୀ ଉପସ୍ଥିତ ଥିଲେ ।




ଭୂଷଣ କମ୍ପାନୀ ପକ୍ଷରୁ ସଡକ ସୁରକ୍ଷା ସପ୍ତାହ ପାଳନ ଅବସରରେ ସୁରକ୍ଷା ରଥ ନିକଟରେ କମ୍ପାନୀର ଅଧିକାରୀ ଓ କର୍ମଚାରୀ।

■ ଜିଏମ୍‌ୟୁର ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା

# ରିମାରାଣୀ ସିଂ, ସତ୍ୟଜିତ ମିର୍ଦ୍ଧା ଚାମ୍ପିୟନ



ଶନିବାର ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର କ୍ରୀଡା ପ୍ରତିଯୋଗିତାରେ କୃତୀ ଛାତ୍ରୀଛାତ୍ର ଅତିଥିଙ୍କ ସହ ।

■ ବାଳକରେ ୧୩. ବାଳିକାରେ ୧୨ ଇଭେଣ୍ଟ

■ ୩୫୦ଜଣ ପ୍ରତିଯୋଗୀ ସାମିଲ

ସମ୍ବଲପୁର, ୧୧।୧ (ବ୍ୟୁରୋ)

ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ (ଜିଏମୟୁ)ର ପଞ୍ଚମ ବାର୍ଷିକ କ୍ରୀଡା ଉତ୍ସବ ଶନିବାର ଅମୃତବିହାର ପରିସରସ୍ଥ ପଡିଆରେ ଅନୁଷ୍ଠିତ ହୋଇଯାଇଛି। ବାଳକ ବର୍ଗରେ ରିମାରାଣୀ ସିଂ ଓ ବାଳକରେ ସତ୍ୟଜିତ ମିର୍ଦ୍ଧା ଚାମ୍ପିୟନ ହୋଇଛନ୍ତି । ବାଳକରେ ୧୩ ଓ ବାଳିକାରେ ୧୨ଟି ଇଭେଣ୍ଟ ହୋଇଥିଲା। ମୋଟ ୩୫୦ଜଣ ପ୍ରତିଯୋଗୀ ଭାଗ ନେଇଥିଲେ। ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଅତନୁ କୁମାର ପତି, କୁଳସଚିବ ଗିରିଶ ଚନ୍ଦ୍ର ସିଂ, ଉପକୁଳସଚିବ ଉମାଚରଣ ପତି, ପିଜି କାଉନସିଲ ଅଧ୍ୟକ୍ଷ ଡ. ସଦନ କୁମାର ପଲ ସମ୍ମାନିତ ଅତିଥି ଥିଲେ । ଡ. ପ୍ରଶାନ୍ତି ମିଶ୍ର ବାର୍ଷିକ ବିବରଣୀ ପାଠ କରିଥିଲେ। କ୍ରୀଡା ଶିକ୍ଷକ ଲିଙ୍ଗରାଜ ବେହେରା ଓ ଦିବ୍ୟାନି ଶୁକ୍ଲାଙ୍କ ନେତୃତ୍ୱରେ ଇଭେଣ୍ଟ ହୋଇଥିଲା । ସୁନ୍ଦରମଣି ବାରିକ ଇଭେଣ୍ଟ ପରିଚାଳନାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ । ଶିବମ ଅଗ୍ରୱାଲ, ସମୀର ସୁନା, ଶିବାଶିଷ ନନ୍ଦ, କ୍ରିଷ୍ଣା ପଣ୍ଡା, ରୋଶନ ଅଗ୍ରୱାଲ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ । ସ୍ୱପ୍ନା ବୋନ୍ଦୁକି, ଶ୍ୱେତା ବରାଡ, ସ୍ୱାଗତିକା ଦେଶ୍ରୀ, ରଘୁନାଥ ବାଗ, ସୁଧାଂଶୁ ଆଚାର୍ଯ୍ୟ, ରାଜଗୋପାଳ ଚୌଧୁରୀ ଇଭେଣ୍ଟ ପରିଚାଳନାରେ ସହଯୋଗ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ କେଶବ କୁମାର ମିଶ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ କ୍ରୀଡାବିତମାନଙ୍କୁ ଉତ୍ସାହିତ କରିଥିଲେ ।

## ହାତୀ ପାଇଁ ଲୋକେ ଭୟଭୀତ

ଲଇକେରା.୧୧।୧(ଡି.ଏନ.ଏ.)

ଜଙ୍ଗଲ ଛାଡି ହାତୀ ଏବେ ଗାଁ ମୁହାଁ ହୋଇ ଲୋକଙ୍କ ଘର କାନ୍ଥ ଭାଙ୍ଗି ଧାନ ଖାଇବା ସହ ଉପଦ୍ରବ କରୁଛି। ରାତିରେ ହାତୀଙ୍କ ଭୟ ଯୋଗୁ ସନ୍ଧ୍ୟା ପୂର୍ବରୁ ଲୋକେ ତାଟି କବାଟ ପକାଇ ଘରେ ରହୁଛନ୍ତି। ଝାରସୁଗୁଡା ଜିଲା ଲଇକେରା ବ୍ଲକ୍ କୋଲାବିରା ଫରେଷ୍ଟ ରେଞ୍ଜ ଅଧୀନ ଓଡିଆପାଲି ଗାଁରେ ଏକ ଦନ୍ତାହାତୀ ପଶି ଆସି ଛାୟାବତୀ କାଲୋଙ୍କ ଛାତ ଘରର କାନ୍ଥ ଭାଙ୍ଗି ଦେଇଛି। ସେହି ଘରେ କେହି ଶୋଇ ନ ଥିବାରୁ ମୃତ୍ୟୁମୁଖରୁ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ଶୁକ୍ରବାର ଓ ଶନିବାର ମଧ୍ୟ ଉକ୍ତ ହାତୀଟି ଓଡିଆପାଲି ଏବଂ ଲଇକେରାରେ ୪ଜଣଙ୍କ ଘରର କାନ୍ଥ ଭଙ୍ଗିବା ସହ କେତେକଙ୍କ ଘରେ ଥିବା ଧାନ ମଧ୍ୟ ଖାଇ ଉପଦ୍ରବ କରିଛି।

## ଛାତ୍ରୀଛାତ୍ର ଜାଣିଲେ ସଡକ ସୁରକ୍ଷା ନିୟମ

ଲଇକେରା,୧୧।୧(ଡି.ଏନ.ଏ.)

ଲଇକେରା ପଞ୍ଚାୟତ ସମିତି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଶନିବାର ସଡକ ସୁରକ୍ଷା ସପ୍ତାହ ପାଳିତ ହୋଇଛି। ଅଧକ୍ଷ ପ୍ରଫେସର ଦିଲ୍ଲୀପ ପଟେଲ ଏଥିରେ ସଭାପତିତ୍ୱ କରିଥିଲେ। ଥାନା ଅଧିକାରୀ ପ୍ରବୀର କେଶରୀ ତ୍ରିପାଠୀ ଅତିଥି ଭାବେ ଯୋଗ ଦେଇଥିଲେ। ସେ ସଡକ ସୁରକ୍ଷା ସମ୍ବନ୍ଧୀୟ ବିଭିନ୍ନ ନିୟମ ସମ୍ପର୍କରେ ଛାତ୍ରୀଛାତ୍ରଙ୍କୁ ଅବଗତ କରିଥିଲେ। ଅଧାପକ ପ୍ରବୀଣ ନାଏକ, କୁନା ବାଗ ଅନ୍ୟତମ ଅତିଥି ଭାବେ ଯୋଗ ଦେଇ ନିଜ ମତ ରଖିଥିଲେ। ଶେଷରେ ଅଧାପକ ରୁଦ୍ରାକ୍ଷ କୁମାର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିବା ବେଳେ କାର୍ଯ୍ୟକ୍ରମକୁ ଅଧାପକ ପ୍ରସନ୍ନ ଷଣ୍ଢ ପରିଚାଳନା କରିଥିଲେ।

■ ଅନ୍ଧାରି କପ୍ କ୍ରିକେଟ

# କାଇଁଶିରକୁ ହରାଇ ଶିମିଳିପାଳ ଚାମ୍ପିୟନ

ନାକଟିଦେଉଳ,୧୧।୧(ଡି.ଏନ.ଏ.)

ନାକଟିଦେଉଳ ବ୍ଲକ୍ ଅନ୍ତର୍ଗତ ବଳମ ୟୁଥ୍ ସ୍ପୋର୍ଟିଂ କ୍ଲବ୍ ପକ୍ଷରୁ ସ୍ଥାନୀୟ ଖେଳ ପଡ଼ିଆରେ ଗତ ୫ତାରିଖଠାରୁ ଆରମ୍ଭ ହୋଇଥିବା ଅନ୍ଧାରୀ କପ୍ କ୍ରିକେଟ ଶନିବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ୧୬ଟି ଦଳ ଭାଗ ନେଇଥିଲେ। ଫାଇନାଲ ମ୍ୟାଚ ନାକଟିଦେଉଳ ବ୍ଲକର ଶିମିଳିପାଳ ଏବଂ ଦେବଗଡ଼ ଜିଲା ରିଆମାଳ ବ୍ଲକର କାଇଁଶିର ମଧ୍ୟରେ ଆୟୋଜିତ ହୋଇଥିଲା । ଏଥିରେ ଶିମିଳିପାଳ ଚାମ୍ପିୟନ ହୋଇଛି। ଟସ୍ ଜିଣି ଶିମିଳିପାଳ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭର ମଧ୍ୟରୁ ୧୯ ଓଭର ୪ ବଲ୍‌ରେ ସମସ୍ତ ଉଇକେଟ ହରାଇ ୧୧୩ରନ ସଂଗ୍ରହ କରିଥିଲା। ଜବାବରେ କାଇଁଶିର ଦଳ ୧୯ ଓଭର ୨ ବଲ୍‌ରେ ସମସ୍ତ ଉଇକେଟ ହରାଇ ୯୦ରନ୍ ସଂଗ୍ରହ କରିଥିଲା। ମ୍ୟାନ୍ ଅଫ ଦି ସିରିଜ ଭାବେ କାଇଁଶିରର ଆଲୋକ ଏବଂ ମ୍ୟାନ୍ ଅଫ ଦି ମ୍ୟାଚ୍ ଭାବେ ଶିମିଳିପାଳର ଜୁନାଙ୍କୁ ପୁରସ୍କୃତ କରାଯାଇଛି। ୟୁଥ୍ ସ୍ପୋର୍ଟିଂ କ୍ଲବର ପରିଚାଳକ ସମୀର କୁମାର ସେଠୀଙ୍କ ସଭାପତିତ୍ୱରେ ପୁରସ୍କାର ବିତରଣ ସମାରୋହ ଆୟୋଜିତ ହୋଇଥିଲା। ଅତିଥି ଭାବେ ବ୍ଲକ ଅଧକ୍ଷା ମନ୍ଦାକିନୀ ରାଉଳ, ରଞ୍ଜା ପ୍ରାଥମିକ ସ୍କୁଲ ପ୍ରଧାନ ଶିକ୍ଷକ ଉଗ୍ରେସନ କୁଲସରୀ, ପୂର୍ବତନ ବ୍ଲକ ଅଧକ୍ଷ ସୁଦର୍ଶନ ସାହୁ, ବଳମ ସରପଞ୍ଚ ବୀରେନ କୁମାର ପ୍ରଧାନ, ସମିତିସଭ୍ୟ ନେତ୍ରାନନ୍ଦ ରାଉଳ, ବଳମ ହାଇସ୍କୁଲର ପ୍ରଧାନ ଶିକ୍ଷକ ଦିଲ୍ଲୀପ କୁମାର ସାହୁ, ଚିତ୍ତରଞ୍ଜନ ପ୍ରଧାନ ଏବଂ ସଞ୍ଜୟ କୁମାର ସାହୁ ପ୍ରମୁଖ ଯୋଗ ଦେଇ ଚାମ୍ପିୟନ ଶିମିଳିପାଳ ଏବଂ ରନର୍ସ ଅପ୍ କାଇଁଶିରକୁ ଟ୍ରଫି ପ୍ରଦାନ କରି ପୁରସ୍କୃତ କରିଥିଲେ । ସିତୁନ ପ୍ରଧାନ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଅବନୀ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଆଲୋକ ଏବଂ ରଜତ ଖେଳ ପରିଚାଳନା କରିଥିଲେ। ଅମିତ କୁମାର ସାହୁ, ସିତୁନ ପ୍ରଧାନ, ସୁମନ ପ୍ରଧାନ, ଲକ୍ଷ୍ମୀକାନ୍ତ ନାଏକ, ଲିଙ୍କନ ବିଶ୍ୱାଳ, ରିପନ ସାହୁ ପ୍ରମୁଖ ସହଯୋଗ କରିଥିଲେ।



ଅତିଥି ଓ ଆୟୋଜକଙ୍କ ସହ ଖେଳାଳି।

## ବାସୁଦେବ ଦୋରାଙ୍କ ବିୟୋଗରେ ଶୋକସଭା

ସମ୍ବଲପୁର, ୧୧।୧ (ବ୍ୟୁରୋ)

ସ୍ୱାଧୀନତା ସଂଗ୍ରାମୀ ତଥା ବର୍ଷୀୟାନ କମ୍ୟୁନିଷ୍ଟ ନେତା ବାସୁଦେବ ଦୋରାଙ୍କ ବିୟୋଗରେ ଶନିବାର ଶୋକସଭା ଅନୁଷ୍ଠିତ ହୋଇଯାଇଛି । ସିପିଆଇ କାର୍ଯ୍ୟାଳୟଠାରେ ରବୀନ୍ଦ୍ର ମହାନ୍ତିଙ୍କ ଅଧକ୍ଷତାରେ ସଭା ହୋଇଥିଲା। ରାଜ୍ୟ ସିପିଆଇ ସହସମ୍ପାଦକ କ୍ଷୀରୋଦ ସିଂଦେଓ ଯୋଗଦେଇ ବାସୁଦେବଙ୍କ ସ୍ମୃତିଚାରଣ କରିଥିଲେ । ପ୍ରଫେସର ଦୁର୍ଗାପ୍ରସାଦ ନାୟକ, ଅଶୋକ କୁମାର ବିଶି, ଜିଲା ସମ୍ପାଦକ ନଟୁ ଗୋପାଳ, ସରୋଜିନୀ ଆଚାର୍ଯ୍ୟ, ମିତ୍ରଭାନୁ ପୋଢ଼, ଜଗନ୍ନାଥ ପଣ୍ଡା, ସ୍ୱସ୍ତିତ ନାୟକ, ନିରୋଦ ସିଂଦେଓ, ବୁଦ୍ଧଦେବ ବିଶ୍ୱାଳ, ପାଣ୍ଡବ ମିର୍ଦ୍ଧା, ଅରୁଣ ଖଣ୍ଡିଆ, କରମଚାନ୍ଦ ମିର୍ଦ୍ଧା, ଦିଲୀପ ବେହେରା, ଧ୍ରୁବଚରଣ ବେହେରା, ଭରତ ମିର୍ଦ୍ଧା ଯୋଗଦେଇ ବାସୁଦେବଙ୍କ ସଂଗ୍ରାମୀ ଜୀବନୀ ଉପରେ ଆଲୋକପାତ କରିଥିଲେ।

■ ହୀରାକୁଦ ଲୋକ ମହୋତ୍ସବ ଦ୍ୱିତୀୟ ଦିବସ

# ଲୋକଗୀତ, ଲୋକସଙ୍ଗୀତରେ ଦର୍ଶକ ବିମୋହିତ

ସମ୍ବଲପୁର/ହୀରାକୁଦ, ୧୧।୧ (ବ୍ୟୁରୋ/ଡି.ଏନ.ଏ.)

ସୁଭାଷ ମଇଦାନଠାରେ ଚାଲିଥିବା ହୀରାକୁଦ ମହୋତ୍ସବର ଶନିବାର ଦ୍ୱିତୀୟ ଦିବସରେ ପ୍ରସନ୍ନ ପାଢ଼ୀ, ଶଙ୍କର ପ୍ରସାଦ ଦତ୍ତ, ଚେତନାମୟୀ ବେହେରା ଲୋକ ସଂଗୀତ ପରିବେଷଣ କରିଛନ୍ତି। ଲୋକନୃତ୍ୟ ପର୍ଯ୍ୟାୟରେ ଭବାନୀପାଟଣାର ବଜାଶାଳିଆ, ଆସାମର ବିହୁ, ଟିଟିଲାଗଡର ଢାପ, ମଥୁରାର ଦୀପ ନୃତ୍ୟ, ହରିୟାଣାର ଘୁମର, ହୀରାକୁଦ କଳା ପରିଷଦର ସମ୍ବଲପୁରୀ, ପଞ୍ଜାବର ଭାଙ୍ଗଡା, ଖୋର୍ଦ୍ଧାର ଗୋଟି ପୁଅ ନୃତ୍ୟ ପରିବେଷିତ ହୋଇଥିଲା । ବରଗଡ ଏମ୍‌ପି ସୁରେଶ ପୂଜାରୀ, ବିଜେଡି ନେତା ନଳିନୀକାନ୍ତ ପ୍ରଧାନ, ହିଣ୍ଡାଲ୍‌କୋର କ୍ରିଷ୍ଣା ପାଢ଼ୀ ସମ୍ମାନୀତଅତିଥି ଭାବେ ଯୋଗ ଦେଇଥିଲେ । ମହୋତ୍ସବ କମିଟି ସଭାପତି ଅଶୋକ ପଣ୍ଡା ସ୍ୱାଗତ ଭାଷଣ ଦେଇଥିବାବେଳେ କାର୍ଯ୍ୟକାରୀ ସଭାପତି ସୀମାଞ୍ଚଳ ଖଟେଇ ସୂଚନା ପ୍ରଦାନ କରିଥିଲେ। ସମ୍ପାଦକ ଶାନ୍ତନୁ ବଡପଣ୍ଡା ଅତିଥିଙ୍କୁ ସ୍ୱାଗତ କରିଥିବାବେଳେ ଉପସଭାପତି ସଚ୍ଚିକାନ୍ତ ମିଶ୍ର ସୂଚନା ପ୍ରଦାନ କରିଥିଲେ। ସାଂଗଠନିକ ସମ୍ପାଦକ ପ୍ରଦୀପ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ । ସୀମାନ୍ତିକା ଦାଶ, ପିଙ୍କି ଶର୍ମା, ସରୋଜ ଆଚାର୍ଯ୍ୟ ଓ ତର୍ପଣ ପ୍ରଧାନ ସାଂସ୍କୃତିକ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।



ଶନିବାର ହୀରାକୁଦ ମହୋତ୍ସବରେ ଅତିଥିମାନେ ।



ସାଂସ୍କୃତିକ କାର୍ଯ୍ୟକ୍ରମର ଝଲକ ।

# ୟୁନିସେକ୍ସ ୱିଣ୍ଟର ଫ୍ୟାଶନ...

**ଶୀତଦିନେ ଶୀତରୁ ରକ୍ଷା ସହିତ ଷ୍ଟାଇଲିସ୍ ଲୁକ୍ ପାଇବା ଯେମିତି ଯୁବପିଢ଼ିଙ୍କ ଲାଗି ପାଲଟିଯାଏ ବଡ଼ ଚ୍ୟାଲେଞ୍ଜ। ହେଲେ ଏହାର ସମାଧାନ ଲାଗି ବର୍ତ୍ତମାନ ମାର୍କେଟ୍‌ରେ ଉପଲବ୍ଧ ବିଭିନ୍ନ ପ୍ରକାର ୱିଣ୍ଟର ଆଉଟ୍‌ଫିଟ୍ ଆଉ ଯାହାମଧ୍ୟରୁ କେତେକ ଜେଣ୍ଡର ନ୍ୟୁଟ୍ରାଲ ବା ୟୁନିସେକ୍ସ ୱିଣ୍ଟର ଆଉଟଫିଟ୍ ପାଲଟିଛି ଲାଟେଷ୍ଟ ଟ୍ରେଣ୍ଡ...**











ବର୍ତ୍ତମାନ କେବଳ ଶୀତରୁ ରକ୍ଷା ପାଇବା ଲାଗି ନୁହେଁ ବରଂ ୱିଣ୍ଟର ଆଉଟଫିଟ୍ କିଭଳି ଟ୍ରେଣ୍ଡି ଏବଂ ଫ୍ୟାଶନେବଲ୍ ହୋଇପାରିବ ସେଥିପ୍ରତି ଅଧିକ ଗୁରୁତ୍ୱ ଦେଉଛନ୍ତି ଯୁବପିଢ଼ି। ତେବେ ଏମିତିରେ ବର୍ତ୍ତମାନ କେତେକ ଜେଣ୍ଡର ନ୍ୟୁଟ୍ରାଲ ବା ୟୁନିସେକ୍ସ ୱିଣ୍ଟର ଫ୍ୟାଶନ୍ ଲାଟେଷ୍ଟ ଫ୍ୟାଶନ୍ ପାଲଟିଥିବା ଦେଖିବାକୁ ମିଳୁଛି...

**ବମ୍ବର ଜ୍ୟାକେଟ୍:** ବର୍ତ୍ତମାନ ୱିଣ୍ଟର ଆଉଟ୍‌ଫିଟ୍‌ରେ ବମ୍ବର ଜ୍ୟାକେଟ୍ ପପୁଲାର୍ ଟ୍ରେଣ୍ଡ ପାଲଟିଛି। ଏହି ଷ୍ଟ୍ରିଟ୍ ଷ୍ଟାଇଲ୍ କାଜୁଆଲ୍ ଗେଟ୍‌ଅପ୍ ଉଭୟ ଯୁବତୀ ଏବଂ ଯୁବକ ବ୍ୟବହାର କରୁଛନ୍ତି। ଏହାକୁ ପ୍ରାୟତଃ ସବୁ ପ୍ରକାରର ମଡର୍ନ ଆଉଟ୍‌ଫିଟ୍ ସହିତ ପେୟାର କରି ପିନ୍ଧାଯାଇ ପାରୁଛି। ଏହା ନା କେବଳ ଦେଖିବାକୁ ଷ୍ଟାଇଲିଶ୍ ବରଂ କ୍ୟାରୀ କରିବାକୁ ମଧ୍ୟ ଖୁବ୍ ସହଜ ଏବଂ ଆରାମ ଦାୟକ।

**ଲଙ୍ଗ୍ କୋଟ୍:** ଜିନ୍ସ-ଟପ୍ସ ଭଳି ମଡର୍ନ ହେଉକି ଶାଢି ଭଳି ଟ୍ରାଡିଶନାଲ୍ ଆଉଟ୍‌ଫିଟ୍ ସହିତ ଲଙ୍ଗ୍ ୱିଣ୍ଟର କୋଟ୍‌ର କମ୍ବିନେଶନ୍ ଯୁବତୀମାନେ ବେଶ୍ ପସନ୍ଦ କରୁଥିବା ଦେଖିବାକୁ ମିଳେ। ହେଲେ ବର୍ତ୍ତମାନ ଫ୍ୟାଶନ୍ ଲଭର ଯୁବକମାନଙ୍କ ପାଇଁ ମଧ୍ୟ ଏହି ଲଙ୍ଗ୍ କୋଟ୍ ଷ୍ଟାଇଲ୍ ଷ୍ଟେଟ୍‌ମେଣ୍ଟ ପାଲଟିଛି।

**ପୋଞ୍ଚୋ:** ଯେତେବେଳେ କେଉଁ ଡ୍ରେସ୍ ସହିତ କେଉଁ ୱିଣ୍ଟର କୋଟ୍ ବା ସ୍ୱେଟର ପେୟାର କରିବେ କନ୍‌ଫ୍ୟୁଜ୍ ହେଉଛନ୍ତି ତେବେ ପୋଞ୍ଚୋ ସବୁଠୁ ବେଷ୍ଟ ଚଏସ୍। ବର୍ତ୍ତମାନ କେବଳ ଯୁବତୀ ନୁହନ୍ତି ଡିଫରେଣ୍ଟ ଏବଂ ଷ୍ଟାଇଲିସ୍ ଲୁକ୍ ପାଇବା ଲାଗି ଯୁବକମାନେ ମଧ୍ୟ ଏହାକୁ ବ୍ୟବହାର କରୁଥିବା ଦେଖିବାକୁ ମିଳୁଛି। ଯାହାକୁ ଆଖିଆଗରେ ରଖି ବର୍ତ୍ତମାନ ୱିଣ୍ଟର ମାର୍କେଟରେ ବିଭିନ୍ନ କଲର, ପ୍ରିଣ୍ଟ ଏବଂ ଡିଜାଇନ୍‌ର ପୋଞ୍ଚୋ ବିକ୍ରି ହେଉଛି। ଅନ୍‌ଲାଇନ୍ ମାର୍କେଟିଂ ସାଇଟ୍‌ଗୁଡ଼ିକରେ ମଧ୍ୟ ଏହା ମିଳିପାରୁଛି।

**କ୍ୟାପ୍, ସ୍କାର୍ଫ ଏବଂ ଷ୍ଟୋଲ୍:** ୱିଣ୍ଟରରେ ୟୁନିସେକ୍ସ ଫ୍ୟାଶନ୍ କଥା ଆସିଲେ ସବୁଠୁ ଆଗରେ ରହିବ କ୍ୟାପ୍, ସ୍କାର୍ଫ ଏବଂ ଷ୍ଟୋଲ୍। କାରଣ ବର୍ତ୍ତମାନ ଏସବୁକୁ ଉଭୟ ଯୁବତୀ ଏବଂ ଯୁବକ ଏକପ୍ରକାରର ବ୍ୟବହାର କରୁଥିବା ଦେଖିବାକୁ ମିଳୁଛି। ଯେକୌଣସି ଆଉଟ୍‌ଫିଟ୍ ସହିତ ଏହାକୁ ବ୍ୟବହାର କରିବା ଦ୍ୱାରା ଏହା ନା କେବଳ ଶୀତରୁ ରକ୍ଷା କରୁଛି ବରଂ ଗ୍ଲାମର୍ସ ଲୁକ୍ ବି ଦେଉଛି।

**ଡେନିମ୍ ଜ୍ୟାକେଟ୍:** ଏକ କାଜୁଆଲ୍ ଏବଂ ଫ୍ୟାଶନେବଲ୍ ଲୁକ୍ ପାଇଁ ୱିଣ୍ଟରରେ ଡେନିମ୍ ଜ୍ୟାକେଟ୍ ଭଳି ଭଲ ଅପ୍ସନ ଆଉ କ'ଣ ବା ହୋଇପାରେ। ଏହା ଉଭୟ ଯୁବକ ଏବଂ ଯୁବତୀ ପିନ୍ଧିଲେ ଭଲ ଲାଗିଥାଏ। ବିଶେଷ କରି ମଡର୍ନ ତଥା ୱେଷ୍ଟର୍ଣ୍ଣ ଆଉଟଫିଟ୍ ସହିତ ଡେନିମ୍ ଜ୍ୟାକେଟ୍‌ର କମ୍ବିନେଶନ୍ ଆଟ୍ରାକ୍ଟିଭ୍ ଲୁକ୍ ଦେଉଥିବାରୁ ଯୁବପିଢି ଏହାକୁ ବେଶ୍ ପସନ୍ଦ କରିଥାନ୍ତି।

**ଲେଦର ଜ୍ୟାକେଟ୍:** ଦେଖିବାକୁ ଖୁବ୍ ଆଟ୍ରାକ୍ଟିଭ୍ ଏବଂ ଫ୍ୟାଶନେବଲ୍ ଲାଗୁଥିବାରୁ ଏହା ୟୁନିସେକ୍ସ ୱିଣ୍ଟର ଫ୍ୟାଶନ୍ ଟ୍ରେଣ୍ଡ ପାଲଟିଥିବା ଦେଖିବାକୁ ମିଳୁଛି।

**ବୁଟ୍:** ବର୍ତ୍ତମାନ ମାର୍କେଟ୍‌ରେ ବିଭିନ୍ନ ପ୍ରକାରର ଏବଂ ବ୍ରାଣ୍ଡର ୱିଣ୍ଟର ସୁଜ୍ କଲେକ୍ସନ୍ ମିଳୁଛି। ଯାହା ମଧ୍ୟରେ ଏମିତି କିଛି ବୁଟ୍ ରହିଛି ଯାହାକି ଉଭୟ ଝିଅ ଏବଂ ପୁଅ ବ୍ୟବହାର କରି ପାରିବେ। ଆଙ୍କେଲ୍ ଲେନ୍ଥ ବୁଟ୍ ବିଶେଷ କରି ଟିମ୍ବରଲାଣ୍ଡ ବୁଟ୍ ଏବେ ୟୁନିସେକ୍ସ ଫ୍ୟାଶନ୍ ପାଲଟିଛି। ଏହାକୁ ୱେଷ୍ଟର୍ନ ଆଉଟ୍‌ଫିଟ୍ ସହିତ ପିନ୍ଧିଲେ ଅପେକ୍ଷାକୃତ ଷ୍ଟାଇଲିସ୍ ଲୁକ୍ ମିଳୁଛି।

## ସ୍ୱଚ୍ଛ ଏବଂ ଆଦର୍ଶ ଗ୍ରାମ ଗଢ଼ିବାର ଲକ୍ଷ୍ୟ



କେନ୍ଦ୍ରାପଡ଼ା ଜିଲା ରାଜନଗର ବ୍ଲକ ଅନ୍ତର୍ଗତ ଜୁଣଗଡି ଗ୍ରାମରେ ରହିଛି ଗ୍ରାମରେ ଥିବା ମା' ବୀଣାପାଣି ଯୁବକ ସଂଘ। ୨୦୧୩ ମସିହାରେ ମାତ୍ର କେତେଜଣ ସ୍ଥାନୀୟ ଯୁବକଙ୍କ ମିଳିତ ଉଦ୍ୟମରେ ଆରମ୍ଭ ହୋଇଥିବା ଏହି ସଂଘର ବର୍ତ୍ତମାନ ସଦସ୍ୟ ସଂଖ୍ୟା ୨୩। କୌଣସି ସରକାରୀ ପ୍ରୋତ୍ସାହନ ଉପରେ ନିର୍ଭର କରୁ ନ ଥିବା ଏହି କ୍ଲବର ସଦସ୍ୟମାନେ ସର୍ବଦା ଜନସେବାରେ ବ୍ରତୀ। ବର୍ତ୍ତମାନ ସମୟରେ ବଢୁଥିବା ଗଛକଟା ଏବଂ ଜଙ୍ଗଲ କ୍ଷୟ ଯୋଗୁ ହେଉଥିବା ପରିବେଶ ପ୍ରଦୂଷଣ ରୋକିବାକୁ ସେମାନେ ସ୍ଥାନୀୟ ଅଞ୍ଚଳରେ ବିଭିନ୍ନ ପ୍ରକାର ବୃକ୍ଷରୋପଣ କରିବା ସହ ବ୍ୟାପକ ଲୁଣା ଜଙ୍ଗଲ ସୃଷ୍ଟି ଲାଗି ଅନ୍ୟମାନଙ୍କୁ ସଚେତନ ମଧ କରାଉଛନ୍ତି। ଗ୍ରାମର ପରିବେଶ ସଫା ରଖିବା ଲାଗି ସେମାନେ ଗ୍ରାମର ଛକ, ମୁଖ୍ୟ ରାସ୍ତା, ପୋଖରୀ, ନଳକୂପ ଆଦି ସ୍ଥାନ ସଫେଇ କରିବା ସହ ରାସ୍ତାକଡ଼ରେ ଏଣେ ତେଣେ ଆବର୍ଜନା ନ ଫିଙ୍ଗିବା ଲାଗି ଡଷ୍ଟବିନ୍ ବ୍ୟବସ୍ଥା କରିଛନ୍ତି। ଅନୁଷ୍ଠାନର ସଭାପତି ଶୁକଦେବ ଲେଙ୍କା କୁହନ୍ତି, 'ଆମେ ନିଜ ଗ୍ରାମ ସମେତ ଆଖପାଖ ଅଞ୍ଚଳକୁ ନିଶାମୁକ୍ତ ରଖିବା ଲାଗି ସେମାନେ ଅନେକ ସମୟରେ ସେଚେତନତାମୂଳକ କାର୍ଯ୍ୟକ୍ରମମାନ ଆୟୋଜନ କରୁଛୁ। ଏହା ବ୍ୟତୀତ ପ୍ଲାଷ୍ଟିକ ବ୍ୟାଗ୍ ବର୍ଜନ, ଦୀପାବଳିରେ ବାଣଫୁଟାଇ ପ୍ରଦୂଷଣ ନ କରି ମାଟି ଦୀପ ଜାଳିବା, ହୋଲିରେ କେମିକାଲଯୁକ୍ତ ରଙ୍ଗ ବଦଳରେ ପ୍ରାକୃତିକ ଅବିର ବ୍ୟବହାର କରିବା ଆଦି ଦିଗରେ ସଚେତନ କରାଇଥାଉ। ବେଳେବେଳେ ଘୋଡ଼ାନାଚ, ପାଲା, ଚକୁଳିଆ ପଣ୍ଡା, ଦାସକାଠିଆ ଆଦି ମାଧ୍ୟମରେ ବି ଜନସାଧାରଣଙ୍କ ନିକଟରେ ବିଭିନ୍ନ ସଚେତନତା ବାର୍ତ୍ତା ପହଞ୍ଚାଇଥାଉ।'

**ୟୁଥ୍ କ୍ଲବ**
**ମା' ବୀଣାପାଣି ଯୁବକ ସଂଘ**




ସଂଘର ସଦସ୍ୟମାନେ ଅସହାୟଙ୍କ ସହାୟତା ଲାଗି ସର୍ବଦା ତତ୍ପର। ଫନୀ, ବୁଲ୍‌ବୁଲ୍ ଭଳି ବାତ୍ୟା ସମୟରେ ରାସ୍ତାରେ ପଡ଼ି ରହିଥିବା ଗଛ କାଟି ସଫା କରିବା ସହ ବିପନ୍ନମାନଙ୍କୁ ସାହାଯ୍ୟ କରିଥାନ୍ତି। ତା'ଛଡ଼ା ସ୍ଥାନୀୟ ଅଞ୍ଚଳବାସୀଙ୍କ ଲାଗି ମାଗଣା ସ୍ୱାସ୍ଥ୍ୟ ଶିବିର ଠାରୁ ଆରମ୍ଭ କରି ରକ୍ତଦାନ ଶିବିର ଆୟୋଜନ କରିଥାନ୍ତି। ଖରାଦିନେ ଜଳଛତ୍ର ଖୋଲି ଯାତ୍ରୀମାନଙ୍କ ଶୋଷ ମେଣ୍ଟାଇଥାନ୍ତି। ନିଜ ତଥା ଆଖ ପାଖ ଗାଁରେ ଥିବା ଲୁକ୍କାୟିତ ପ୍ରତିଭାମାନଙ୍କୁ ଲୋକଲୋଚନକୁ ଆଣିବା ଲାଗି ନୂଆବର୍ଷରେ ବିଭିନ୍ନ ପ୍ରତିଯୋଗିତାମାନ ଆୟୋଜନ କରି କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରିଥାନ୍ତି। ଏହା ବ୍ୟତୀତ ସରସ୍ୱତୀ ପୂଜାରେ ଗ୍ରାମବାସୀଙ୍କ ମନୋରଞ୍ଜନ ଲାଗି ସ୍ଥାନୀୟ ପିଲାମାନଙ୍କୁ ନେଇ କ୍ଲବ୍ ପକ୍ଷରୁ ବିଭିନ୍ନ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ମଧ ଆୟୋଜନ କରାଯାଇଥାଏ। ରଜ ପର୍ବରେ ରଜମଉଜ ନାମରେ ଏକ କାର୍ଯ୍ୟକ୍ରମ ଆୟୋଜନ କରି ଦିନକୁ ଦିନ ହଜିଯାଉଥିବା ଖେଳଗୁଡ଼ିକୁ ନେଇ ବିଭିନ୍ନ କାର୍ଯ୍ୟକ୍ରମମାନ କରାଯାଏ ବୋଲି ପ୍ରକାଶ କରନ୍ତି କ୍ଲବ୍‌ର ସମ୍ପାଦକ ଦେବେନ୍ଦ୍ର ରାଉଳ। ଭବିଷ୍ୟତରେ ନିଜ ଗ୍ରାମର ଯୁବତୀଯୁବକମାନଙ୍କୁ ସ୍ୱାବଲମ୍ବୀ କରିବା, ଭାଗବତ ଟୁଙ୍ଗୀର ପୁନରୁଦ୍ଧାର କରିବା, ନିଶାମୁକ୍ତ କରିବା, ସବୁଜିମା ଭରା କରି ଏକ ସ୍ୱଚ୍ଛ ଏବଂ ଆଦର୍ଶ ଗ୍ରାମରେ ପରିଣତ କରିବା ଆମ ସଂଘର ଲକ୍ଷ୍ୟ ବୋଲି ମତ ଦିଅନ୍ତି କୋଷାଧ୍ୟକ୍ଷ ଅଜିତ୍ ନାଥ।

– ଭାସ୍କର ରାଉତରାୟ

## ଏ ସପ୍ତାହର ପ୍ରଶ୍ନ

୧– ବିସିସିଆଇ ପକ୍ଷରୁ ଚଳିତ ବର୍ଷ ସିକେ ନାୟୁଡୁ ଆଚିଭ୍‌ମେଣ୍ଟ ଆୱାର୍ଡ ପାଇଁ ............. ମନୋନୀତ ହୋଇଛନ୍ତି ?
୨– ଭଗ୍ ମାଗାଜିନ୍ ପକ୍ଷରୁ ସ୍ପୋର୍ଟ୍ସ ପର୍ସନ ଅଫ୍ ଦି ଇୟର ୨୦୧୯ ପୁରସ୍କାର ପାଇଥିବା ଭାରତୀୟ ଖେଳାଳି......... ?
୩– ନାରୀ ସଶକ୍ତୀକରଣ ଲକ୍ଷ୍ୟରେ............ ରାଜ୍ୟରେ କନ୍ୟାଶ୍ରୀ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା କରାଯାଇଛି ?
୪– ଜାତୀୟ ନୃତ୍ୟ ଶିରୋମଣି ପୁରସ୍କାର ୨୦୧୯.............. ଙ୍କୁ ମିଳିଛି ?
୫– କ୍ଷୁଦ୍ର ବ୍ୟବସାୟୀଙ୍କ ଲାଗି ଉପଲବ୍ଧ ପେନ୍‌ସନ୍ ଯୋଜନା........... ?

## ଗତ ଥରର ଉତ୍ତର

୧ 'ନୋ ଭେଇକଲ୍ ଡେ'
୨ ଖ୍ରୀଷ୍ଟିନା କୋଚ୍
୩ ଲାଲ୍ ବାହାଦୁର ଶାସ୍ତ୍ରୀ
୪ ଡିସେମ୍ବର ୨୪
୫ ଜବାହରଲାଲ ନେହେରୁ

## ଉତ୍ତର ଦାତା



ଧୀରେନ୍ଦ୍ର ମଲ୍ଲିକ୍
ଯାଜପୁର



ଶେଖ୍ ୟାକୁବ୍
ଗୋପ, ପୁରୀ



ପିନାକ୍ଷୀ ନାୟକ
ଭୁବନେଶ୍ୱର

**ସୂଚନା:** ଆଗାମୀ ଆଶା ପୃଷ୍ଠା ପାଇଁ ଲେଖା ଓ ଫଟୋ ପଠାଇବା ଲାଗି
ଇ-ମେଲ୍ ଠିକଣା: dharitriagamiasha @gmail.com

**ଯୁବ ପ୍ରତିଭା**

## ସୌରଭଙ୍କ ନୂଆ ସ୍ୱପ୍ନ




ନୂଆ ନୂଆ ଜାଗା ବୁଲିଯିବା, ସେଠାକାର ପ୍ରାକୃତିକ ସୌନ୍ଦର୍ଯ୍ୟକୁ ଉପଭୋଗ କରିବାକୁ ସେ ପିଲାବେଳୁ ଖୁବ୍ ଭଲ ପାଆନ୍ତି। ତା'ଛଡ଼ା ପାହାଡ଼ ଚଢ଼ିବା, ନଈ ପହଁରିବା ଭଳି ବିଭିନ୍ନ ଦୁଃସାହସିକ କାର୍ଯ୍ୟ କରିବାରେ ବି ତାଙ୍କୁ ମିଳେ ଆନନ୍ଦ। ବୟସ ବଢ଼ିବା ସହ ଧୀରେ ଧୀରେ ଏହା ତାଙ୍କର ନିଶା ପାଲଟିଗଲା ଏବଂ ମାତ୍ର ୧୮ ବର୍ଷ ବୟସରେ ହିଁ ସେ 'ଟ୍ରାଭେଲାଇଟ୍ସ' ନାମକ ଏକ ସଂସ୍ଥା ଆରମ୍ଭ କଲେ। ଆଉ ଏହା ସାହାଯ୍ୟରେ କେବଳ ନିଜେ ନୁହେଁ ଅନ୍ୟମାନଙ୍କୁ ମଧ୍ୟ ଏଭଳି ରୋମାଞ୍ଚକର ଅନୁଭୂତି ସାଉଁଟିବାର ସୁଯୋଗ ଦେବାକୁ ଅଣ୍ଟା ଭିଡ଼ିଲେ। ସେ ହେଉଛନ୍ତି ଭୁବନେଶ୍ୱର ଶିଶୁପାଳଗଡ଼ରେ ରହୁଥିବା ମା' ସୌଭାଗ୍ୟଲକ୍ଷ୍ମୀ ଏବଂ ବାପା ସରୋଜ କୁମାର ଦତ୍ତଙ୍କ ପୁଅ ସୌରଭ ସ୍ୱପ୍ନିଲ୍। ନିଜର ଏହି ନିଆରା ରୁଚିକୁ ପୂରଣ କରିବା ସହ ନିଜ ସଂସ୍ଥାର ଅଧିକ ଉନ୍ନତି ଲାଗି ସେ ବର୍ତ୍ତମାନ ଇଣ୍ଡିଆନ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟୁରିଜମ୍ ଆଣ୍ଡ ଟ୍ରାଭେଲ୍ ମ୍ୟାନେଜ୍‌ମେଣ୍ଟରେ ଟୁରିଜମ୍ ମ୍ୟାନେଜ୍‌ମେଣ୍ଟ ଶିକ୍ଷା ଗ୍ରହଣ କରୁଛନ୍ତି। ସେ କୁହନ୍ତି, ବାପାଙ୍କର ଚାକିରିରେ ଯେଉଁଯେଉଁ ନୂଆ ସ୍ଥାନକୁ ବଦଳି ହୁଏ ଆମେ ସେଠାକାର ନୂଆ ପରିବେଶ ବୁଲିବାକୁ ଯାଉ। ସେହିଠାରୁ ହିଁ ମୋର ଏଥିପ୍ରତି ଆଗହ ବଢ଼ିଲା ଏବଂ ଅଳ୍ପ ବୟସରୁ ହିଁ ନିଜର ଏକ ଟ୍ରାଭେଲ୍ ଏବଂ ଟୁରିଜମ୍ ଆରମ୍ଭ କରିବାରେ ସଫଳ ହେଲି। ଏଥିରେ ନିଜ ଅଭିଭାବକଙ୍କ ପ୍ରେରଣା ଏବଂ ସହଯୋଗ ମୋତେ ଆଗକୁ ବଢ଼ିବାରେ ସାହାଯ୍ୟ କଲା। ସୌରଭ୍ ପ୍ରତିବର୍ଷ ଶୀତଦିନେ ଅର୍ଥାତ୍ ଡିସେମ୍ବର ଏବଂ ଜାନୁୟାରୀ ମାସରେ ସୁଦୂର ଜଗପତି ଜିଲାର ଦୁର୍ଗମ ଅଞ୍ଚଳ ମହେନ୍ଦ୍ରଗିରିଠାରେ ନେଚର କ୍ୟାମ୍ପ ଆୟୋଜନ କରୁଛନ୍ତି। ସେଠାରେ ଉତ୍ସାହୀ ଭ୍ରମଣକାରୀମାନଙ୍କୁ କ୍ୟାମ୍ପରେ ଦୁଇ ଦିନ ଏବଂ ଏକ ରାତି ରହିବା ସହ କ୍ୟାମ୍ପିଙ୍ଗ୍, ବନ୍‌ଫାୟାର୍, ଟ୍ରେକିଙ୍ଗ୍, ଷ୍ଟାର ଗେଜିଂ ଭଳି ବିଭିନ୍ନ ଇଭେଣ୍ଟର ମଜା ନେବାର ସୁଯୋଗ ଆଣି ଦେଉଛନ୍ତି। କେବଳ ଏତିକି ନୁହେଁ ସେ ଓଡ଼ିଶାର ବିଭିନ୍ନ ପ୍ରାନ୍ତରେ ଇକୋ ଟୁରିଜମ୍ କ୍ୟାମ୍ପ ଆୟୋଜନ କରି ସ୍ଥାନୀୟ ବେକାର ଯୁବକମାନଙ୍କୁ ଏଥିରେ ସାମିଲ କରି ସେମାନଙ୍କୁ ଅସ୍ଥାୟୀ କର୍ମସଂସ୍ଥାନ ଯୋଗାଇ ଦେଇ ପାରୁଛନ୍ତି। ତା'ଛଡ଼ା ଭୁବନେଶ୍ୱରର କେତେଜଣ ଯୁବକଙ୍କୁ ମଧ୍ୟ ନିଜ ସଂସ୍ଥାରେ ସାମିଲ କରି ରୋଜଗାର ପନ୍ଥା ଯୋଗାଇ ଦେଇଛନ୍ତି। ଭବିଷ୍ୟତରେ ଏ ଦିଗରେ ହାୟରଷ୍ଟଡି କରି ନିଜ ସଂସ୍ଥାକୁ ବଢ଼ାଇବା ସହ ଅଧିକରୁ ଅଧିକ ଭ୍ରମଣକାରୀଙ୍କୁ ଅଚ୍ଛୁରି ନୂଆ ନୂଆ ରୋମାଞ୍ଚକର କାର୍ଯ୍ୟର ମଜା ନେବାର ସୁଯୋଗ ଦେବାକୁ ଲକ୍ଷ୍ୟ ରଖିଥିବା ପ୍ରକାଶ କରିଛନ୍ତି ସୌରଭ।

–ପୌର୍ଣ୍ଣମାସୀ

# SUNDAY classifieds




## BRIDE WANTED

ବ୍ରାହ୍ମଣ, କରଣ, ଖଣ୍ଡାୟତ, ତେଲି, ଗୁଡ଼ିଆ, Bengali ଜାତିର କନ୍ୟାପାତ୍ରୀ ଆବଶ୍ୟକ। 7978736177. D-68227

Handsome Sundhi boy, 1988, MBA Asst. Manager Nationalised Bank. 9090703282. D-16080

Brahmin groom 45y/ 5'6" B.Com LLB, Marketing of industrial goods and also in Astrology, suitable candidate may contact 9556756352, 9831106142. D-16081

Son age 31 Brahmin B.Tech NIT Rourkela MBA XIMB working PSU Manager at Gurgaon 30 lakhs. 8144589551. D-16084

Son age 30 B.Tech IGIT Saranga MBA XIMB Govt. of India Assistant Manager RBI at Mumbai (caste-no-bar). 7008986005. D-16086

Wanted Brahmin homely Bride for 1980 born 5'9" Diploma Engineer Brahmin boy. Contact: 9437633089, 6370737397. D-68535

Suitable Brahmin Bride required for 39 years Brahmin Groom (company service). Contact: 8895491804. D-16083

## GROOM WANTED

ସବୁ ଜାତିର କନ୍ୟାପାତ୍ରୀ ପାଇଁ ବରପାତ୍ର ଆବଶ୍ୟକ। ଜାତକ, Bio data ସହ ଯୋଗାଯୋଗ। 7978736177. D-68226

ଜାତିବନ୍ଧନ ନାହିଁ। 32, 5.3, B.Sc Nursing, Staff Nurse, ମାସିକ ଆୟ 35,000/- ପାଇଁ ଛାଡ଼ପତ୍ରପ୍ରାପ୍ତ, ବିପତ୍ନୀକ ବର ଗ୍ରହଣୀୟ ହେବେ। 8462050474. D-16151

SC- (ପାଣ) ୨୫ବର୍ଷ- BA pass- ସୁଶ୍ରୀ କନ୍ୟା ପାଇଁ ବରପାତ୍ର ଆବଶ୍ୟକ। 9437068620. D-16079

Age 35, Bank Job, ବିଧବା, ନିଃସନ୍ତାନ, ସୁନ୍ଦର ଖଣ୍ଡାୟତ ଝିଅଙ୍କ ପାଇଁ ଯେକୌଣସି ଜାତିର ପୁଅ ଦରକାର। 7381460017. D-67926

Girl age 28 Brahmin B.Tech KIITS M.Tech Ph.D BITS PILANI working MNC at Bangalore. 6372748613. D-16085

Now Matrimonial ads. only on Wednesday & Sunday Book 1 Get 1 FREE




## SALE

ମଙ୍ଗୁଳି ଛକ ଶାଳଗାଁ ଷ୍ଟେସନ୍ ପାଖରେ ଟ.1,75,000ରେ ପ୍ଲଟ୍ ମିଳୁଛି। Contact: 8908492594. D-15790

Khandagiri to Dhauli bypass ଦୟାନଦୀ ବନ୍ଧରୁ Revenue ରାସ୍ତାଥାଇ 10,00,000/-ରେ Registration, Electry ସହିତ 12ଟି ସ୍ଥିତିବାନ ପ୍ଲଟ୍ ବିକ୍ରିହେବ। 9439542019. D-16147

213 Decml yellowzone gharabari sthitiban plot on 60ft. road, close to 200ft. wideroad, Mouza- Sundarpur, Bhubaneswar. Contact Owner: 9338342502. D-68959

24000 sft gharabari plot with boundary just 6.5km from Phulnakhara towards Niali, ideal for plotting project- 8658182243. D-68047

**2800 sft. gharabari plot immediately sale at Bomikhal, Bhubaneswar, only buyer directly contact Deepak: 9937329999.** D-68048

2BHK Simplex 26,00,000/- finishing Hanspal, Lowcost gharabari plot Atala, 8093465134. D-68643

**720 decimal land on highway near Mendhasal, Bhubaneswar, Contact: 8249204856.** D-67274

Sale immediately royal type Bungalow at Sabitri Sadan, Rameswar Patna, Ratha Road, Bhubaneswar behind CERA Gallery having area 7114 sqft., built up area 3797sqft. Contact: 9437220545. D-67108

ଭୁବନେଶ୍ୱର ତମାଣ୍ଡୋ ବଜାର ପାଖରେ ଘରବାରି, **Boundary, Bank, Finance ଥାଇ plot କିଣନ୍ତୁ sqft.- 1800/-, 8480281029.** D-68459

**2/3BHK ready to move premium duplex and flats at DHPL Sahoo Residency near Mancheswar Railway Station. Contact: 9937059891, 8908292617.** D-16131

**Flats for sale at DHPL Crystal Raghunathpur. Contact: 9937059891, 8908292617.** D-16132

**Gharabari boundary plot Infocity-2 near 200ft. road side. Direct owner- 8144391451.** D-68453

ସୁନ୍ଦରପଦା Hitech backside 30'road electricity yellowzone plot ବିକ୍ରିହେବ। 7894216209. D-68465

**Plot sale near AIIMS Hospital, Bhubaneswar, Contact: 8280037688, 8480745797, 8480612300.** D-68467

A four storied Building plot size 2805Sft. at Gopabandhu Nagar, Semiliguda, Koraput is for immediate sale. Houses fourteen independent families monthly rent Rs. 52,500/- Negotiable price 1.5Crore, owner mobiles 7977316634 and 9870325400. D-68645

**1.50 Acre gharabari plot with boundarywall ready with ploted scheme (30' road) at Brahmanjharilo Cuttack, 13Km. to Bhubaneswar, 20Km Cuttack, 1.5 Crore- 7809525452.** D-68749

3BHK flat with gated society for sale at Khandagiri just 400m from NH 9776475755. D-16143

**Yellowzone sthitiban plot having boundary wall 1200sqft. 2Nos. 1500sqft. 1No. for sale near Audi Showroom service centre, Bhubaneswar. Contact: 8260114933.** D-16063

Gharabari residential eastfacing plots Tankapaniroad Saimandir, sqft. 1600/-, possession immediately, boundary free. Booking 2BHK Simplex near B.J.E.M-(2), 16,80,000/- 7735738102. D-16126

**Bhubaneswar Kesura SBI କଲୋନୀକୁ ଲାଗି ଘରବାଡି ପାଚେରି ସହ ଏବଂ Airportରୁ 5k.m ସୁନ୍ଦରପଦାରେ plot ମିଳୁଅଛି– 9078736851.** D-68471

Ready to move 3/2BHK flats near V2showroom Patrapada, Bhubaneswar. Contact: 9861037729, 9040337729. D-63972

Bhubaneswar Patia Rlystationରୁ 1.5km. ବାସୋପଯୋଗୀ plot 1200 ବର୍ଗଫୁଟକୁ 6,60,000/-ରେ ମିଳୁଅଛି। 8249005131, 9583328312. D-68469

**Fully developed gated community advance boundary wall with electricity, gharabari plot sale Gudiapokhari near KEC College, Bhubaneswar. 8763887357, 9438331183.** D-68468

ଛତାବର ଘରବାରି ପାଚେରି ପ୍ଲଟ 6000sqft. 39,00,000/-, IIT Argul Railway station 4000sqft. 6,00,000/-, 9861281504. D-68536

**ଭୁବନେଶ୍ୱର New Southcityରେ Infocity-II, New Airport, NH-5 ପାଖାପାଖି ସଙ୍ଗେସଙ୍ଗେ ଘରୋପଯୋଗୀ ଘରବାରି ପ୍ଲଟ୍ ମିଳୁଛି। 9348906056.** D-68470

Gharabari yellozone BDA approved plot for sale at Ravitalkies Bhubaneswar and Uttara NH. 6371040313, 9337235066. D-16146

## PURCHASE

Urgently require commercial purpose genuine plot/house owner 3000/7000sft. Buyer 8456888081 (broker excuse). D-48722




**Built your Residential & Commercial Project with best quality Material @ 1349/- Onwards with 20 years experienced Technical team. We provide Architecture, Structural & BDA Plan approval. SMPL Infratech – 9040008777.** D-16130

## GENERAL

## SALE

Agarbati Machine ଏବଂ Paperplate Machine ପାଇଁ ଯୋଗାଯୋଗ କରନ୍ତୁ। 9853089865. D-68452




Hall area 30x70x14 install and run cold storage by own investment. 8917525377. D-16128

1BT flat at Main Road Soubhagya Nagar for office/ residence. 9000004523. D-67743

1BHK Q.No. A-53, Krishnagarden Phase-2, Jagamara, BBSR, 8249897201, 7328816804. D-16075

2000sqft. commercial space with two toilet in 1st floor near KIIT Campus 14, Central Library KIIMS Hospital. Contact: 6371665313. D-68537

Commercial plot with building NH roadside at Khordha for Bank, Godown, School purpose. 9337122647. D-67741

## LEASE

Plot available for poultry firm on leased basis at Balipatna. 9861048715, 9348251575. D-16149




Shivam logistic packers movers. Household/ car relocation countrywide. 9777044177, 9338461133. D-16087




Rejuvenate and ayurvedic full body massage by smart therapist. 9114402304. D-68946

Newly open SPA Station 3rd floor, Big Bazar, Nayapalli. 7655024727, 8118079281. D-68747

Ayurvedic full body massage ladies and gents. Contact: 9861064981. D-68746

Sai herbal spa refresh your body with smart, expert therapist. 7608062524. D-68954

Ayurvedic full body massage ladies & gents smart therapist, 9668814589. D-68750

Herbal full body massage by smart / expert therapist. Contact: 8338067247. D-68957

Experience winter therapeutic Abhyanga massage feeling refreshing energetic: Appointment- 9668374480. D-68958

Full body herbal massage with refreshment expert therapist. 7381239385, 06742540855. D-68955

Experience full body massage with us (expert). Call: 7377048581, 06742597822. D-68956

## AFFIDAVIT

By virtue of affidavit no. 2577, Dt. 30.12.2019, I Deepak Kumar Mohapatra declared that my wife and two sons name changed- A. Wife- Neelima changed to Neelima Mohapatra. B. Son- Ankit Kumar Mahapatra changed to Ankit Kumar Mohapatra. C. Son- Amit Kumar Mahapatra changed to Amit Kumar Mohapatra. D-16150

I, Biswal Arpankumar Basantkumar, S/o Basant Kumar Biswal, R/o- B-206, Raini Residency, Raghunathpur, P.S Nandankanan, Bhubaneswar, have changed my name to Arpan Biswal by virtue of an affidavit at Executive Magistrate, Bhubaneswar. D-16148

### ପାଠକଙ୍କ ପାଇଁ ସୂଚନା

 କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:– classifieddharitri@gmail.com

### ଦ୍ୱିତୀୟ ଜନ୍ମବାର୍ଷିକୀ ଶୁଭେଚ୍ଛା



**ଆଲେକ୍ସ ସାମଲ**
**ଭୁବନେଶ୍ୱର**

ଧନ! ଆଜି ତୁମର ଦ୍ୱିତୀୟ ଶୁଭ ଜନ୍ମଦିନରେ ପ୍ରଭୁ ପରମେଶ୍ୱର ଯୀଶୁବାବାଙ୍କ ପାଖରେ ପ୍ରାର୍ଥନା କରୁଛି ତୁମ ଚଲାପଥକୁ କୁସୁମିତ କରନ୍ତୁ ଆଉ ତୁମକୁ ଦୀର୍ଘାୟୁ କରନ୍ତୁ।

–:ଶୁଭେଚ୍ଛା ସହ:–
ଆଣ୍ଟୋନୀ ଅଙ୍କଲ, ଶିବାଦିଦି, ରିଚାର୍ଡ ଭାଇ।

ଧ–୬୮୯୬୦




## SALE

TATA Indigo private Regd. No. personal use in good condition. 9439778849. D-67742

Tata Dumper Model 2011, Dala 12CM for sale Rs. 6,50,000, 7008503089. D-59868

## CLASSIFIED BOOKING STATIONS

**ASSET PROPERTIES**
R.P. Patra, Plot-3766, Opposite Reliance Footprint, Rabi talkies chakka, Lewis Road, Ph-(0674) 2435756 (Tel/Fax) 9337124748 (What's app) 9439963384

**AMAN ADDCARE**
Plot No: 114/7, Airport Square, Bhimpur, Bhubaneswar- 751020
Email ID: amamaddcare@gmail.com
Whatsapp & Mobile No: 9937426436, 9853380364

**ANITA ADVERTISER**
S-17, BDA Market Complex, Nilakantha Nagar, Near Passport Office, Nayapalli, BBSR-12
Chinmaya Choudhury
Ph:9338991113, 9439811130
Email: anitaadvt@gmail.com

**ANNAPURNA COMMUNICATION**
Qtr-VII, H-185, C.S.Pur, BBSR
Prabina Kumar Mohanty
Ph: 9337336614, 7008967858

**CUTTACK**
**DHARITRI OFFICE**
Link Road, P. K. Ratha, Mob: 9437196416

**MANIKA COLD CABIN**
Dhenkanal Bus-Stand, Dhenkanal, Manabhanjan Pattnaik, Mob : 9937233228

**VIDYA PURI BOOK STORE**
Puri Badasankha, Sibaram Pradhan, Mob : 9861446582

### ମନେ ପଡ଼ନ୍ତି

**ପ୍ରଥମ ଶ୍ରାଦ୍ଧବାର୍ଷିକ**
**ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**ସ୍ୱର୍ଗତ ଡାକ୍ତର ପାସିନାପାଲ୍ଲୀ ତ୍ରିନାଥ ରାଓ**
ଅବସରପ୍ରାପ୍ତ ବିଦ୍ୟାଳୟ ନିରୀକ୍ଷକ
ଆବିର୍ଭାବ: ୩୦।୦୫।୧୯୫୪
ତିରୋଧାନ: ୧୨।୦୧।୨୦୧୯

ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ।

**ଶୋକସନ୍ତପ୍ତ:**
ପାସିନାପାଲ୍ଲୀ ପରିବାରବର୍ଗ।
ନରସିଂଗ ନଗର

ଧ–୧୬୧୫୨

# ହାସଲ ହୋଇପାରୁନି ଧାର୍ଯ୍ୟ ଲକ୍ଷ୍ୟ

ଭୁବନେଶ୍ୱର,୧୧।୧(ବ୍ୟୁରୋ)

**ପିଏମ୍‌ଜିଏସ୍‌ୱାଇ**
- କଣ୍ଟା ସାଜୁଛନ୍ତି ପୋଲିସ, ତହସିଲଦାର
- ରାସ୍ତା କାମ ସମୀକ୍ଷାକୁ ଜୋରଦାର କରିବାକୁ ଜିଲାପାଳଙ୍କୁ ନିର୍ଦ୍ଦେଶ
- ଅବହେଳା କରୁଥିବା ଯନ୍ତ୍ରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ପରାମର୍ଶ

ପ୍ରଧାନମନ୍ତ୍ରୀ ଗ୍ରାମ ସଡକ ଯୋଜନା (ପିଏମ୍‌ଜିଏସ୍‌ୱାଇ)ର କାର୍ଯ୍ୟ ଆଶାନୁରୂପ ହେଉ ନାହିଁ। ବର୍ଷ ବର୍ଷ ଧରି ସଡକ ନିର୍ମାଣ କାର୍ଯ୍ୟ ଶେଷ ହେଉ ନାହିଁ। ସାଧାରଣ ନିର୍ବାଚନ, ବାତ୍ୟା ଫନୀ, ସରକାରୀ କର୍ମଚାରୀ ଓ ଠିକାଦାରଙ୍କ ଅବହେଳା ଏବଂ ନିର୍ମାଣ ସାମଗ୍ରୀ ଅଭାବ ଯୋଗୁ ଏଭଳି ଅବସ୍ଥା ସୃଷ୍ଟି ହୋଇଛି। ଧାର୍ଯ୍ୟ ଲକ୍ଷ୍ୟ ପୂରଣ ନେଇ ଜିଲାପାଳମାନେ ସମୀକ୍ଷା କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ ଗ୍ରାମ୍ୟ ଉନ୍ନୟନ ବିଭାଗ ସଚିବ ପ୍ରଦୀପ ଜେନା ଜିଲାପାଳମାନଙ୍କୁ ଚିଠି ଲେଖିଛନ୍ତି। ଯେଉଁ ଯନ୍ତ୍ରୀମାନେ କାର୍ଯ୍ୟରେ ଅବହେଳା କରୁଛନ୍ତି ସେମାନଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଜିଲାପାଳମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

ଅନେକ ସମୟରେ ରାସ୍ତା ନିର୍ମାଣ ପାଇଁ ବାଲି, ମୋରମ, ମାଟି, ପଥର ନେଇ ଯାଉଥିବା ଗାଡ଼ିକୁ ଅଯଥାରେ ଦୀର୍ଘ ସମୟ ଧରି ପୋଲିସ ଓ ତହସିଲଦାରମାନେ ଅଟକାଉଥିବା ଦୃଷ୍ଟିକୁ ଆସିଛି। ଯଦିଓ କଣ୍ଟ୍ରାକ୍ଟରମାନଙ୍କ ଠାରୁ ରୟାଲଟି ଆଦାୟ କରାଯାଉଛି ତଥାପି ସେମାନଙ୍କୁ ଜାଣିଶୁଣି ହଇରାଣ ହରକତ କରାଯାଉଛି। ଏଥିପାଇଁ ତୁରନ୍ତ ସମସ୍ତ ଠିକାଦାର ଓ କ୍ଷେତ୍ର ସ୍ଥଳରେ କାର୍ଯ୍ୟ କରୁଥିବା ଯନ୍ତ୍ରୀମାନଙ୍କୁ ଡାକି ଏକ ସମୀକ୍ଷା ବୈଠକ କରିବାକୁ ଜିଲାପାଳମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଯେଉଁ ସଂସ୍ଥାଗୁଡ଼ିକ କାର୍ଯ୍ୟ ଶେଷ କରିବାରେ ବିଳମ୍ବ କରୁଛନ୍ତି ସେମାନଙ୍କୁ କାର୍ଯ୍ୟରୁ ଅନ୍ତର କରିବା ସହ କଳାତାଲିକାଭୁକ୍ତ କରିବାକୁ ମଧ୍ୟ ପରାମର୍ଶ ଦିଆଯାଇଛି। ସେହିପରି ଯେଉଁ ଯନ୍ତ୍ରୀ ନିଜର ଦାୟିତ୍ୱ ତୁଲାଇବାରେ ବିଫଳ ହେଉଛନ୍ତି ସେମାନଙ୍କ ବିରୋଧରେ ବିଭାଗୀୟ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ନେବାକୁ ନିର୍ଦ୍ଦେଶ ଦିଆଯାଇଛି। ଏଥିସହିତ ନିର୍ମାଣ ସାମଗ୍ରୀ ଯୋଗାଇବାରେ ସହଯୋଗ କରିବା ସହ ଜମି ଓ ଜଙ୍ଗଲ ସମ୍ପର୍କିତ ବିଷୟକୁ ଶୀଘ୍ର ଫଇସଲା କରିବାକୁ ଜିଲାପାଳଙ୍କୁ କୁହାଯାଇଛି।

ବିଭାଗୀୟ ସୂତ୍ରରୁ ମିଳିଥିବା ତଥ୍ୟ ଅନୁଯାୟୀ, ୨୦୧୯-୨୦ ଆର୍ଥିକ ବର୍ଷରେ ପ୍ରଧାନମନ୍ତ୍ରୀ ଗ୍ରାମ ସଡକ ଯୋଜନା(ପିଏମ୍‌ଜିଏସ୍‌ୱାଇ-୧)ରେ ୩୩୬୪.୪୯ କିଲୋମିଟର ରାସ୍ତା ପାଇଁ ୨୫୧୬.୩୮ କୋଟିର ଅନୁଦାନ ବ୍ୟୟ ଅଟକଳ ରଖାଯାଇଥିଲା। ସେଥିରୁ ୨୦୧୯ ନଭେମ୍ବର ଶେଷ ସୁଦ୍ଧା ୫୬୩.୬୭ କିଲୋମିଟର ରାସ୍ତା ନିର୍ମାଣ ହୋଇଥିବା ବେଳେ ୧୧୩୬.୭୧ କୋଟି ଟଙ୍କା ଖର୍ଚ୍ଚ ହୋଇଛି। ମାତ୍ର ୧୬.୭୫ ପ୍ରତିଶତ ରାସ୍ତା ନିର୍ମାଣ ଲକ୍ଷ୍ୟ ହାସଲ ହୋଇଥିବା ବେଳେ ଧାର୍ଯ୍ୟ ଅର୍ଥର ୪୫ ପ୍ରତିଶତ ଖର୍ଚ୍ଚ ହୋଇଥିବା ଜଣାପଡ଼ିଛି। ୮୩.୨୫ ପ୍ରତିଶତ କାର୍ଯ୍ୟ ବାକି ରହିଛି। ଏହି ମର୍ମରେ ଶୁକ୍ରବାର ପ୍ରଦୀପ ଜେନା ରାଜ୍ୟର ସମସ୍ତ ଜିଲାର ଜିଲାପାଳଙ୍କୁ ଚିଠି ଲେଖିଛନ୍ତି।

### ଭାରସାମ୍ୟ ହରାଇ ବାଇକ୍ ଦୁର୍ଘଟଣାଗ୍ରସ୍ତ

# ଜଣେ ମୃତ, ଜଣେ ଗୁରୁତର

ରେଙ୍ଗାଲି,୧୧।୧(ଡି.ଏନ.ଏ.)

ସମ୍ବଲପୁର ଜିଲା ରେଙ୍ଗାଲି ଥାନା ଅନ୍ତର୍ଗତ ସପନେ ବ୍ରିଜ ନିକଟରେ ଶନିବାର ଅପରାହ୍ନ ୪ଟାରେ ଭାରସାମ୍ୟ ହରାଇ ଏକ ବାଇକ୍ ଦୁର୍ଘଟଣାଗ୍ରସ୍ତ ହୋଇଛି। ଏଥିରେ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ଜଣେ ଗୁରୁତର ଆହତ ହୋଇଛନ୍ତି। ମୃତକ ହେଲେ ବନ୍ଧବାହାଲ ମଙ୍ଗଳା ମନ୍ଦିରର ସୁଶାନ୍ତ କଣ୍ଟା (୨୫)। ଗୁରୁତର ଯୁବକ ଜଣକ ହେଲେ କିରାରମାର ସୁଧାଂଶୁ ସିଂ (୨୮)। ଉଭୟ ଏକ ବାଇକ୍ ଯୋଗେ ବନ୍ଧବାହାଲରୁ ରେଙ୍ଗାଲି ଆସୁଥିଲେ। ହେଲେ ରେଙ୍ଗାଲି ଥାନା ସପନେ ବ୍ରିଜ ନିକଟରେ ବାଇକଟି ଭାରସାମ୍ୟ ହରାଇଥିବାରୁ ଦୁହେଁ ପଡ଼ିଯାଇଥିଲେ। ଘଟଣା ସ୍ଥଳରେ ହିଁ ସୁଶାନ୍ତଙ୍କ ମୃତ୍ୟୁ ଘଟିଥିଲା। ଗୁରୁତର ଅବସ୍ଥାରେ ସୁଧାଂଶୁଙ୍କୁ ପ୍ରଥମେ ରେଙ୍ଗାଲି ଡାକ୍ତରଖାନା ଅଣାଯାଇଥିଲା। ସେଠାରେ ପ୍ରାଥମିକ ଚିକିତ୍ସା ପରେ ବୁର୍ଲା ପଠାଯାଇଛି। ତାଙ୍କ ଅଣ୍ଟା, ପିଠି, ମୁଣ୍ଡରେ ଗଭୀର ଆଘାତ ଲାଗିଛି। ଖବର ପାଇ ରେଙ୍ଗାଲି ପୋଲିସ ଘଟଣାସ୍ଥଳରେ ପହଞ୍ଚି ସୁଶାନ୍ତଙ୍କ ମୃତଦେହ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ବୁର୍ଲା ଭିମସାର ପଠାଇଛି। ସୂଚନାଯୋଗ୍ୟ, ସୁଧାଂଶୁ ବନ୍ଧବାହାଲ ଚୌଧୁରୀ ବାଇକ୍ ଶୋ' ରୁମରେ ମ୍ୟାନେଜର ଭାବରେ କାମ କରୁଥିବା ବେଳେ ସୁଶାନ୍ତ ସେଲ୍ସ ମ୍ୟାନ ଭାବରେ କାମ କରୁଛନ୍ତି। ରେଙ୍ଗାଲି ପୋଲିସ ଏକ ଦୁର୍ଘଟଣା ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି।

# ଫଲ୍ସ ରସିଦ ଦେଇ ଫସିଲା ପେଟ୍ରୋଲ ପମ୍ପ

ସମ୍ବଲପୁର,୧୧।୧(ବ୍ୟୁରୋ)

**୫ ଜଣଙ୍କ ନାଁରେ ମାମଲା**

ସମ୍ବଲପୁର ସଦର ଥାନା ଅଧୀନ ଡାକଡେରାରେ ଥିବା ଏକ ପେଟ୍ରୋଲ ପମ୍ପ ଫଲ୍ସ ବିଲ୍ ଦେଇ ଆଇନର ଜାଲ ଭିତରେ ଛନ୍ଦି ହୋଇପଡ଼ିଛି। ଜଣେ ହାଇୱା ଡ୍ରାଇଭରଙ୍କ କଥାରେ ପଡ଼ି ପେଟ୍ରୋଲ ପମ୍ପର କର୍ମଚାରୀ ଏହା କରିଛନ୍ତି। ଗାଡ଼ି ମାଲିକ ଏହା ଜାଣିବା ପରେ ଥାନାରେ ଅଭିଯୋଗ କରିଛନ୍ତି। ଏହି ଅଭିଯୋଗକୁ ଆଧାର କରି ପୋଲିସ ଏକ ମାମଲା (ନଂ.୩/୨୦) ରୁଜୁ କରିଛି। ପେଟୋ୍ରଲ ପମ୍ପର ମାଲିକ ମନୋଜ ବେହୁରିଆ, ମ୍ୟାନେଜର ସୁଶାନ୍ତ, କର୍ମଚାରୀ ପ୍ରଶାନ୍ତ ଭୋଇ ଓ ଗାଡ଼ିଚାଳକ ସନ୍ତୋଷ ବାରିକଙ୍କ ନାମରେ ଗାଡ଼ି ମାଲିକ ଜଗଦୀଶ ରାଓ ଅଭିଯୋଗ କରିଛନ୍ତି। ଅଭିଯୋଗ କ୍ରମେ ୮ ତାରିଖରେ ହାଇୱା (ଓଡ଼ି -୧୫-ଡି-୮୪୯୯)ରେ ଚାଳକ ୧୮୪ ଲିଟର ଡିଜେଲ ଭର୍ତ୍ତି କରିଥିଲେ। ହେଲେ କର୍ମଚାରୀ ୨୦୧ ଲିଟର ଡିଜେଲ ଭର୍ତ୍ତି ହୋଇଥିବା ରସିଦ ଦେଇଥିଲେ। ଏହା ଜାଣିବା ପରେ ଗାଡ଼ି ମାଲିକ ରାଓ ପମ୍ପ ମାଲିକ ବେହୁରିଆଙ୍କୁ ଅଭିଯୋଗ କରିଥିଲେ। କର୍ମଚାରୀଙ୍କ ଭୁଲ୍ ହୋଇଯାଇଛି ବୋଲି କହି ତାଙ୍କୁ ୧୮୪ ଲିଟର ଡିଜେଲର ବିଲ୍ ଦିଆଯାଇଥିଲା। ଏହାକୁ ନେଇ ଥାନାରେ ଅଭିଯୋଗ ହେବା ପରେ ପୋଲିସ ମାମଲା ରୁଜୁ କରିଛି। ହେଲେ ସମସ୍ତ ଅଭିଯୁକ୍ତ ଫେରାର ଥିବାରୁ ସେମାନଙ୍କୁ ଗିରଫ କରାଯାଇ ପାରି ନାହିଁ ବୋଲି ପୋଲିସ କହିଛି।

## ସଂକ୍ଷେପରେ

### ସିଏଏର ବିରୋଧ ଯୋଗୁ ରେଳପଥର ୮୪ କୋଟି କ୍ଷତି




**ନୂଆଦିଲ୍ଲୀ,୧୧-୧:** ପଶ୍ଚିମବଙ୍ଗରେ ନାଗରିକ ସଂଶୋଧନ ଆଇନ (ସିଏଏ) ଏବଂ ଏନ୍ଆର୍‌ସିର ବିରୋଧ ଯୋଗୁ ରେଳପଥ ୮୪ କୋଟି ଟଙ୍କାର କ୍ଷତି ସହିଛି। ୧୩ ଡିସେମ୍ବରରୁ ୧୫ ଡିସେମ୍ବର ମଧ୍ୟରେ ଏହି କ୍ଷତି ହୋଇଥିବା ରେଳପଥ ପକ୍ଷରୁ କୁହାଯାଇଛି। ଏଥି ସଂକ୍ରାନ୍ତ ଏକ ରିପୋର୍ଟ ରେଳପଥ କଲିକତା ହାଇକୋର୍ଟରେ ଦାଖଲ କରିଛି। ସିଆଲଦା ଡିଭିଜନରେ କେବଳ ୪୬ କୋଟି ଟଙ୍କା କ୍ଷତି ହୋଇଥିବା ଏକ ସତ୍ୟପାଠରେ କୁହାଯାଇଛି। ଏହି ମାମଲାର ଶୁଣାଣି ମୁଖ୍ୟ ବିଚାରପତି ଟିବିଏନ ରାଧାକୃଷ୍ଣନ ଏବଂ ଜଷ୍ଟିସ ଏନ୍.ବାନାର୍ଜୀଙ୍କ ଖଣ୍ଡପୀଠ କରୁଛନ୍ତି। ସେହିଭଳି ମାଲଦା ଡିଜିନରେ ୨୪.୫ କୋଟି ଏବଂ ହାଓଡା ଡିଭିଜନରେ ୧ କୋଟି ଟଙ୍କାରୁ ଉର୍ଦ୍ଧ୍ୱ କ୍ଷତି ହୋଇଥିବା କୁହାଯାଇଛି। ସେହିଭଳି ଦକ୍ଷିଣପୂର୍ବ ରେଲୱେର ୧୨.୫ କୋଟି କ୍ଷତି ମଧ୍ୟ ଏଥିରେ ସାମିଲ ହୋଇଛି। ମାମଲାର ଆଗାମୀ ଶୁଣାଣି ମାସେ ପରେ ହେବ।

### ବିଓଆଇ ପକ୍ଷରୁ ହିନ୍ଦୀ ଦିବସ ପାଳିତ

**ନୂଆଦିଲ୍ଲୀ,୧୧-୧:** ବ୍ୟାଙ୍କ ଅଫ୍ ଇଣ୍ଡିଆ (ବିଓଆଇ) ପକ୍ଷରୁ ହିନ୍ଦୀ ଦିବସ ପାଳିତ ହୋଇଯାଇଛି। ସ୍ଥାନୀୟ କେନ୍ଦ୍ରୀୟ ବିଦ୍ୟାଳୟ ୨ଠାରେ ଆଦର୍ଶ ରାଷ୍ଟ୍ର ନିର୍ମାଣରେ ନାଗରିକମାନଙ୍କର କର୍ତ୍ତବ୍ୟର ଭୂମିକା ଓ ମହତ୍ୱ ସମ୍ପର୍କିତ ଏକ ବକ୍ତୃତା ମଧ୍ୟ ଆୟୋଜନ କରାଯାଇଥିଲା। ବ୍ୟାଙ୍କର ସହାୟକ ମହାପ୍ରବନ୍ଧକ ଓପି ଚୌଧୁରୀ, ପଲ୍ଲବୀ ଶର୍ମା, ପ୍ରବନ୍ଧକ ରାଜଭାଷା ସୁଶ୍ରୀ ସୋନିଆ ସାୱନ୍ତ ପ୍ରମୁଖ ଏହି ଅବସରରେ ଉପସ୍ଥିତ ଥିଲେ। କୃତି ପ୍ରତିଯୋଗୀଙ୍କୁ ଏଥିରେ ପୁରସ୍କୃତ କରାଯାଇଥିଲା। ବ୍ୟାଙ୍କ ପକ୍ଷରୁ ସ୍କୁଲକୁ ସ୍ମୃତି ଫଳକ ପ୍ରଦାନ କରାଯାଇଥିଲା। ଏହି ଅବସରରେ ହିନ୍ଦୀ ଅଧାପକ ସହଦେବ ମାଝିଙ୍କୁ ସମ୍ମାନୀତ ମଧ୍ୟ କରାଯାଇଛି। କାର୍ଯ୍ୟକ୍ରମରେ ପ୍ରଧାନ ଶିକ୍ଷକ ଡ.ଏ.କେ. ଖଟୁଆ, ଉପପ୍ରଧାନ ଶିକ୍ଷକ ମୀନା ପଟ୍ଟନାୟକ ପ୍ରମୁଖ ଯୋଗ ଦେଇଥିଲେ।

> ଇରାନ-ଆମେରିକା ତିକ୍ତତା ଲାଗି ରହିଥିଲେ ମଧ୍ୟ ଲୋକମାନେ ତେଲ ଦର ନେଇ ଚିନ୍ତା କରିବାର କୌଣସି ଆବଶ୍ୟକତା ନାହିଁ।
> – ଧର୍ମେନ୍ଦ୍ର ପ୍ରଧାନ, କେନ୍ଦ୍ର ପେଟ୍ରୋଲିୟମ ମନ୍ତ୍ରୀ



> ବିଏସ୍-୬ ନିୟମ ଲାଗୁ ହେଲେ ବାଣିଜ୍ୟିକ ଯାନ ମୂଲ୍ୟ ୮ରୁ ୧୦% ବଢ଼ିବାର ସମ୍ଭାବନା ରହିଛି।
> – ରାଜନ ୱାଧେରା, ସିଆମ୍ ସଭାପତି



# ସରକାରଙ୍କ ସାମ୍ନାରେ ୬ ବଡ଼ ଚ୍ୟାଲେଞ୍ଜ

**ନୂଆଦିଲ୍ଲୀ,୧୧-୧**

### ଫେବୃୟାରୀ ପହିଲାରେ ସାଧାରଣ ବଜେଟ

- ୬ ବର୍ଷର ସର୍ବନିମ୍ନ ସ୍ତରରେ ଜିଡିପି ଅଭିବୃଦ୍ଧି
- ଚିନ୍ତା ବଢ଼ାଉଛି ବିତ୍ତୀୟ ନିଅଣ୍ଟ, ରାଜକୋଷରେ ଅର୍ଥାଭାବ
- ରିଜର୍ଭ ବ୍ୟାଙ୍କଠାରୁ ମଗାଯାଇପାରେ ଅଧିକ ପୁଞ୍ଜି
- କର୍ପୋରେଟ ଟିକସ ହ୍ରାସ ଯୋଗୁ ୧.୫ ଲକ୍ଷ କୋଟି ରାଜସ୍ୱ ହ୍ରାସ
- ମାସିକ ଜିଏସ୍‌ଟି ଆଦାୟ ଲକ୍ଷ୍ୟ ପୂରଣ ହେଉନି
- ଚାହିଦା ବଢ଼ାଇବା ଦିଗରେ ଫୋକସ କରିବାକୁ ପରାମର୍ଶ
- ଆୟକରରେ ଆସିପାରେ ପରିବର୍ତ୍ତନ

ଏବେ ବଜେଟ ପ୍ରସ୍ତୁତି ପ୍ରକ୍ରିୟା ଜାରି ରହିଛି। ଫେବୃୟାରୀ ପହିଲାରେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ ୨୦୨୦-୨୧ ଆର୍ଥିକ ବର୍ଷ ଲାଗି ସାଧାରଣ ବଜେଟ ଉପସ୍ଥାପନ କରିବେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଟୁଇଟ ଦ୍ୱାରା ସାଧାରଣ ଲୋକଙ୍କଠାରୁ ବଜେଟ ନେଇ ମତାମତ ମାଗିଛନ୍ତି। ପ୍ରଧାନମନ୍ତ୍ରୀ ଅର୍ଥନୀତିଜ୍ଞ ଏବଂ ଶିଳ୍ପ କ୍ୟାପଟେନଙ୍କୁ ମଧ୍ୟ ଭେଟିଛନ୍ତି। ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ ଆର୍ଥିକ ବିଶେଷଜ୍ଞ ଏବଂ ବ୍ୟାଙ୍କରଙ୍କ ସହ ଲଗାତର ଭାବେ ଆଲୋଚନା ଜାରି ରଖିଛନ୍ତି। ଆର୍ଥିକ ମାନ୍ଦାବସ୍ଥା ଯୋଗୁ ଏବେ ଜିଡିପି ଅଭିବୃଦ୍ଧି ୬ ବର୍ଷର ସର୍ବନିମ୍ନ ସ୍ତରକୁ ଖସିଛି। ରାଜକୋଷ ଖାଲି ହେଉଥିବାରୁ ସରକାର ଏହାକୁ ନେଇ ଚିନ୍ତାରେ ଅଛନ୍ତି। ରିଜର୍ଭ ବ୍ୟାଙ୍କଠାରୁ ୪୫ ହଜାର କୋଟି ଅନ୍ତରୀଣ ଲାଭାଂଶ ସରକାର ଆଶା ରଖିଥିବା ଶୁକ୍ରବାର ୨ ସରକାରୀ ଅଧିକାରୀ କହିଛନ୍ତି। ଏବେ ବେରୋଜଗାରୀ ହାର ସର୍ବୋଚ୍ଚ ସ୍ତରରେ ରହିଛି। ଏଭଳି ସ୍ଥଳେ ଆଗାମୀ ସାଧାରଣ ବଜେଟ ସରକାରଙ୍କ ଲାଗି ଚ୍ୟାଲେଞ୍ଜ ହେବ ବୋଲି ବଜାର ବିଶେଷଜ୍ଞମାନେ କହିଛନ୍ତି।

୨୦୧୯-୨୦ର ସାଧାରଣ ବଜେଟ ଘୋଷଣା ପରେ ଅର୍ଥମନ୍ତ୍ରୀ ସୀତାରାମନ ଶିଳ୍ପଜଗତର ଦାବିକୁ ମାନିବା ସହ କର୍ପୋରେଟ ଟିକସ ହାର ୩୦%ରୁ ୨୨%କୁ କମାଇଦେଲେ। ଏହା ଦ୍ୱାରା ରାଜକୋଷ ଉପରେ ପ୍ରତିବର୍ଷ ୧.୫ ଲକ୍ଷ କୋଟି ଟଙ୍କାର ବୋଝ ପଡିବ। ଏଣୁ ଆଗାମୀ ବଜେଟରେ କର୍ପୋରେଟ ଟିକସ କ୍ଷେତ୍ରରେ ସରକାର କି ପ୍ରକାରର କାର୍ଯ୍ୟପନ୍ଥା ଗ୍ରହଣ କରୁଛନ୍ତି ତାହା ଦେଖିବାକୁ ବାକି ରହିଲା। ଏହାକୁ ଦେଖିଲେ ବଜେଟ ସରକାରଙ୍କ ଲାଗି ଚ୍ୟାଲେଞ୍ଜିଂ ହେବ ବୋଲି କୁହାଯାଉଛି। ସେହିଭଳି ଅତିଧନୀଙ୍କ ଉପରେ ଟିକସ ଲାଗୁ କରିବା ପାଇଁ ସରକାର ନିଷ୍ପତ୍ତି ନେଇଥିଲେ। ମାତ୍ର ପରେ ଏହି ପ୍ରସ୍ତାବକୁ ପ୍ରତ୍ୟାହାର କରି ନେଇଛନ୍ତି। ବିଦେଶୀ ନିବେଶକ ଶେୟାର ବଜାର ମୁହଁ ଫେରାଇବା ଆରମ୍ଭ କରିବାରୁ ସରକାର ଏହାକୁ ଦେଖି ନିଷ୍ପତ୍ତି ପ୍ରତ୍ୟାହାର କରିବାକୁ ଚାହିଁଲେ। ଏହି ନିଷ୍ପତ୍ତି ଦ୍ୱାରା ବିଦେଶୀ ନିବେଶକମାନେ ପୁଞ୍ଜି ବଜାରରୁ ନିବେଶ କରିଥିବା ସେମାନଙ୍କ ଅର୍ଥ ପ୍ରତ୍ୟାହାର କରି ନେଉଥିଲେ। ଏହାବାଦ ରାଜକୋଷକୁ ଏଥିରୁ ଆସିଥିବା ଅର୍ଥ ମଧ୍ୟ ହ୍ରାସ ହେବାର ସମ୍ଭାବନା ରହିଥିବାରୁ ସରକାର ଅତିଧନୀଙ୍କ ଉପରେ ଲାଗୁ ହେଉଥିବା ଟିକସ ନିଷ୍ପତ୍ତି ପ୍ରତ୍ୟାହାର କରି ନେଲେ।




ଷ୍ଟାର୍ଟଅପଗୁଡ଼ିକୁ ପ୍ରୋତ୍ସାହିତ କରିବା ଲାଗି ଆଞ୍ଜେଲ ଟିକସକୁ ପ୍ରତ୍ୟାହାର କରାଯାଇଛି। ଏହାର ସୁବିଧା ନେବା ଲାଗି ଷ୍ଟାର୍ଟଅପଗୁଡ଼ିକୁ ଡିପିଆଇଆଇଟିରେ ପଞ୍ଜୀକରଣ କରିବାର ଆବଶ୍ୟକତା ରହିଛି। ଅପରପକ୍ଷରେ ସରକାର ସାମଗ୍ରୀ ଓ ସେବା ଟିକସରୁ ଯେତେ ପରିମାଣର ରାଜସ୍ୱ ଆଶା ରଖିଥିଲେ ତାହା ହାସଲ କରିବା ଏବେ କଷ୍ଟକର ହେଉଛି। କର୍ପୋରେଟ ଟିକସ ହ୍ରାସ ପରେ ରାଜସ୍ୱ ଅନେକ ମାତ୍ରାରେ କମିଛି। ସରକାର ମାସିକ ୧ ଲକ୍ଷ କୋଟି ଟଙ୍କାରୁ ଅଧିକ ମୂଲ୍ୟର ରାଜସ୍ୱ ହାସଲ କରିବାକୁ ଲକ୍ଷ୍ୟ ରଖିଛନ୍ତି, ଯାହା ପ୍ରତି ମାସରେ ଆଦାୟ କରିବା କଷ୍ଟକର ହେଉଛି। ଏଭଳି ବିଭିନ୍ନ କାରଣ ପାଇଁ ବିତ୍ତୀୟ ନିଅଣ୍ଟ ବଢିଯାଇଛି। ବିତ୍ତୀୟ ନିଅଣ୍ଟକୁ ନିୟନ୍ତ୍ରଣରେ ରଖିବା ଲାଗି ସରକାରଙ୍କ ପ୍ରୟାସ ସତ୍ତ୍ୱେ ଏହା ବଜେଟ ଧାର୍ଯ୍ୟ ଲକ୍ଷ୍ୟ ଟପି ଚାଲିଛି। ଆଗାମୀ ବଜେଟରେ ଏହାକୁ ଧାର୍ଯ୍ୟ ଲକ୍ଷ୍ୟ ମଧ୍ୟରେ ରଖିବା ଏକ ଚ୍ୟାଲେଞ୍ଜ।

ଚଳିତ ଆର୍ଥିକ ବର୍ଷରେ ସରକାର ୧୯.୬ ଲକ୍ଷ କୋଟି ଟଙ୍କାର ଖର୍ଚ୍ଚ ନେଇ ଲକ୍ଷ୍ୟ ରଖିଛନ୍ତି। ରାଜକୋଷ ଖାଲି ହେଉଥିବାରୁ ଏବେ ପାଣ୍ଠି ମିଳିବା କଷ୍ଟକର ହୋଇ ପଡୁଛି। ଏହାକୁ ଧ୍ୟାନରେ ରଖି ରିଜର୍ଭ ବ୍ୟାଙ୍କଠାରୁ ୪୫ ହଜାର କୋଟି ଟଙ୍କା ପାଇବା ଲାଗି ସରକାର ପୁଣି ଆଶା ରଖୁଛନ୍ତି। ପରିଶେଷରେ କହିବାକୁ ଗଲେ ମାନ୍ଦାବସ୍ଥା ଦେଇ ଗତି କରୁଥିବା ଅର୍ଥ ବ୍ୟବସ୍ଥାର ସମସ୍ୟାକୁ ଦୂର କରିବା ଏକ ବଡ ଚ୍ୟାଲେଞ୍ଜ। ଚାହିଦା କମିବା ଅର୍ଥ ବ୍ୟବସ୍ଥାରେ ମାନ୍ଦାବସ୍ଥା ଆସିବାର ଏକ ପ୍ରମୁଖ କାରଣ ବୋଲି କୁହାଯାଉଛି। ଚାହିଦାକୁ ବଢାଇବା ଦିଗରେ ସରକାର ନିଜର ସମସ୍ତ ଉଦ୍ୟମ କରିବା ଆବଶ୍ୟକ ବୋଲି ବଜାର ବିଶେଷଜ୍ଞ କୁହନ୍ତି। ଟିକସ ସ୍ଲାବ୍ ହ୍ରାସ ଏବଂ ପରିବର୍ତ୍ତନ ସରକାର କରିପାରନ୍ତି ବୋଲି ଆଶା କରାଯାଉଛି।

## ୟୁପିଆଇ ପ୍ଲାଟ୍‌ଫର୍ମରେ ରେକରିଂ ପେମେଣ୍ଟ

**ନୂଆଦିଲ୍ଲୀ,୧୧-୧:** ୟୁପିଆଇ ପ୍ଲାଟଫର୍ମରେ ଗ୍ରାହକମାନେ ଏବେ ରେକରିଂ ପେମେଣ୍ଟ ସୁବିଧା ପାଇବେ। ଡିଜିଟାଲ ପେମେଣ୍ଟକୁ ପ୍ରୋତ୍ସାହିତ କରିବା ଲାଗି ସରକାର ଏଭଳି ଏକ ସୁବିଧାର ଶୁଭାରମ୍ଭକୁ ଅନୁମତି ଦେଇଛି। ଏହି ସୁବିଧା ଦ୍ୱାରା ଉପଭୋକ୍ତା ଏବଂ ମର୍ଚ୍ଚାଣ୍ଟଙ୍କ ମଧ୍ୟରେ ସହମତି ଦ୍ୱାରା ମାସର ନିର୍ଦ୍ଧାରିତ ତାରିଖରେ ବକେୟା ରାଶି ଆପେ ଆପେ ଗ୍ରାହକଙ୍କ ଆକାଉଣ୍ଟରୁ କଟି ଯାଇଥାଏ। ବର୍ତ୍ତମାନ ଏହାର ଲିମିଟ୍ ୨୦୦୦ ଟଙ୍କା ରଖାଯାଇଛି।

## ଓୟୋରୁ ୧୦୦୦ରୁ ଉର୍ଦ୍ଧ୍ୱ କର୍ମଚାରୀ ଛଟେଇ

**ନୂଆଦିଲ୍ଲୀ,୧୧-୧**

ଓୟୋ ହୋଟେଲ୍ସ ଭାରତ ଏବଂ ଚାଇନାରେ ଥିବା ଏହାର ମୋଟ କର୍ମଚାରୀଙ୍କ ମଧ୍ୟରୁ ୧୦୦୦ କର୍ମଚାରୀଙ୍କୁ ଛଟେଇ କରିଛି। ସଫ୍ଟବ୍ୟାଙ୍କ ସହଯୋଗ ଦ୍ୱାରା ସଞ୍ଚାଳିତ ଏହି କମ୍ପାନୀ ବର୍ତ୍ତମାନ ପ୍ରଭାବିତ ସ୍ଥିତିରେ ରହିଛି। ପରମ୍ପରମାନ୍ୱ ଭିତ୍ତିରେ କମ୍ପାନୀ ଚାଇନାରେ ୫% ଏବଂ ଭାରତରେ ୧୨% କର୍ମଚାରୀଙ୍କୁ ଛଟେଇ କରି ଦେଇଥିବା ପ୍ରକ୍ରିୟା ସହ ଜଡିତ ଜଣେ ଅଧିକାରୀ କହିଛନ୍ତି। ଚାଇନାରେ ଓୟୋର ୧୨ ହଜାର କର୍ମଚାରୀ କାମ କରୁଥିବା ବେଳେ ଭାରତରେ ୧୦ ହଜାର କର୍ମଚାରୀ କାମ କରୁଛନ୍ତି। ଆସନ୍ତା ୩ ମାସରେ କମ୍ପାନୀ ଆଉ ୧୨୦୦ କର୍ମଚାରୀଙ୍କୁ ଛଟେଇ କରିବ ବୋଲି କହିଛି। ପରମ୍ପରମାନ୍ୱ ଭିତ୍ତିରେ କର୍ମଚାରୀଙ୍କୁ ଛଟେଇ କରାଯାଉଥିବା ଓୟୋ ପକ୍ଷରୁ ଲଗାତର ଭାବେ କୁହାଯାଉଛି। ଛଟେଇ ହୋଇଥିବା କର୍ମଚାରୀଙ୍କ ମଧ୍ୟରେ ଅଧିକାଂଶ ସେଲ୍‌ସ, ସପ୍ଲାଇ ଏବଂ ଅପରେଶନ ବିଭାଗର କର୍ମଚାରୀ ରହିଛନ୍ତି। ଛଟେଇ ହେଉଥିବା କର୍ମଚାରୀଙ୍କ ସ୍ଥାନ ପୂରଣ ହେବ କି ନାହିଁ ସେ ସମ୍ପର୍କରେ କମ୍ପାନୀ କୌଣସି ପ୍ରତିକ୍ରିୟା ରଖିନାହିଁ।

କମ୍ପାନୀର ଜଣେ ଅଧିକାରୀ କହିଛନ୍ତି ଯେ, ଟେକ୍ନିକାଲ ଡେଭଲପମେଣ୍ଟ ଯୋଗୁ କାମ ଏବେ କମିଛି। ଏଥି ଲାଗି କର୍ମଚାରୀଙ୍କୁ ଛଟେଇ କରାଯାଇଛି। ଆଉ କେତେଜଣ କର୍ମଚାରୀଙ୍କୁ ଅନ୍ୟ ବିଭାଗକୁ ପଠାଯାଉଛି। ଓୟୋର ବ୍ୟବସାୟ ଧାରା ଉନ୍ନତ ରହି ଆସିଛି। ହେଲେ ଗତ କିଛି ମାସ ଧରି କମ୍ପାନୀ ବିରୋଧରେ କିଛି ଅଭିଯୋଗ ଆସିବା ପରେ ଏହା ଓୟୋର ବ୍ୟବସାୟକୁ ପ୍ରଭାବିତ କରିଛି। ଓୟୋ ସହ ଯୋଡି ହେଉଥିବା ହୋଟେଲ ମାଲିକଙ୍କ ବ୍ୟବହାର ଉନ୍ନତ ନ ଥିବା ଗ୍ରାହକ ଅଭିଯୋଗ କରିଛନ୍ତି। ସଫ୍ଟବ୍ୟାଙ୍କ ଓୟୋରେ ବଡ ପରିମାଣର ନିବେଶ କରିଥିବା ବେଳେ କମ୍ପାନୀ କ୍ଷତି ସହିଥିଲା।





## ପଞ୍ଚାୟତ ସମିତି କାର୍ଯ୍ୟାଳୟ, ବେଗୁନିଆ, ଖୋର୍ଦ୍ଧା

ପତ୍ର ସଂଖ୍ୟା ନଂ.୮୧ — ତା.୦୭।୦୧।୨୦୨୦ରିଖ

ଏତଦ୍ୱାରା ବେଗୁନିଆ ପଞ୍ଚାୟତ ସମିତି ଅନ୍ତର୍ଗତ ସମସ୍ତ ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ ୧ ଏପ୍ରିଲ ୨୦୧୯ ରୁ ୩୦ ସେପ୍ଟେମ୍ବର ୨୦୧୯ ଆର୍ଥିକ ବର୍ଷର ହୋଇଥିବା ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା ଓ ଜାତୀୟ ସାମାଜିକ ସହାୟତା କାର୍ଯ୍ୟକ୍ରମର କାର୍ଯ୍ୟକାରୀ କରାଯାଇଥିବା ପ୍ରକଳ୍ପଗୁଡିକର ଶତପ୍ରତିଶତ ମଷ୍ଟରରୋଲ ଯାଞ୍ଚ, ଅଣ କୁଶଳୀ ଶ୍ରମିକମାନଙ୍କ ନାମ ପଞ୍ଜୀକରଣ ଏବଂ ଜବ୍‌କାର୍ଡ ପ୍ରଦାନ ଇତ୍ୟାଦି ଓ ଜାତୀୟ ସାମାଜିକ ସହାୟତା କରର୍ଯ୍ୟକ୍ରମର ଭତ୍ତା ଖାତା, ସମ୍ପର୍କରେ ପ୍ରତ୍ୟେକ ଗ୍ରାମପଞ୍ଚାୟତର କାର୍ଯ୍ୟାଳୟରେ ଗ୍ରାମସଭା ଅନୁଷ୍ଠିତ କରାଯିବା ପାଇଁ ସ୍ଥିର କରାଯାଇଛି। ଏଣୁ ଉକ୍ତ ଗ୍ରାମସଭାର ଧାର୍ଯ୍ୟ ସ୍ଥାନ, ତାରିଖ ଓ ସମୟରେ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିବାକୁ ଅନୁରୋଧ କରାଗଲା।

**ସାମାଜିକ ସମୀକ୍ଷା କାର୍ଯ୍ୟସୂଚୀ**

| କ୍ର.ସଂ. | ଗ୍ରା.ପ.ର ନାମ | ସାମାଜିକ ସମୀକ୍ଷା ଆରମ୍ଭ | ସାମାଜିକ ସମୀକ୍ଷା ଶେଷ ତାରିଖ/ଜନ ଶୁଣାଣି | ଜନ ଶୁଣାଣି ସ୍ଥାନ | ସମୟ |
|---|---|---|---|---|---|
| ୧ | ପଙ୍ଗାରସିଂହ, ସିକୋ, ହଜ, ହିରାପୁର, ସିମୋର, ବୋଡଳମା, ବଡବେରେଣା | ୧୪।୦୧।୨୦୨୦ | ୨୪।୦୧।୨୦୨୦ | ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ | ପୂର୍ବାହ୍ନ ୧୦ ଘଟିକା ଠାରୁ |
| ୨ | ବାଘମାରୀ, ପୋଡାଡ଼ିହ, ବେଗୁନିଆ, ଦେଉଳି, ଗୋବିନ୍ଦପୁର, ଶଗଡଭଙ୍ଗା, ଡିଙ୍ଗର | ୨୮।୦୧।୨୦୨୦ | ୦୭।୦୨।୨୦୨୦ | | |
| ୩ | ଦୁର୍ଗାପୁର, କଣ୍ଟାବାଡ, ସାରୁଅ, କୁଞ୍ଜୁରୀ ରାଧାକାନ୍ତପୁର, ରାଉତପଡା, ଗଡ଼ମାଣତୀର | ୧୧।୦୨।୨୦୨୦ | ୨୫।୦୨।୨୦୨୦ | | |

**ଗୋଷ୍ଠୀ ଉନ୍ନୟନ ଅଧିକାରୀ, ବେଗୁନିଆ**



**GOVERNMENT OF ODISHA**
**Directorate of Animal Husbandry and Veterinary Services Odisha, Mangalabag, CUTTACK - 753001**

**SHORT TENDER NOTICE**

No.M-59 :- The DIRECTOR, ANIMAL HUSBANDRY AND VETERINARY SERVICES, ODISHA, MANGALABAG, CUTTACK (herein after referred to as " DIRECTOR") invites sealed Short tender in the prescribed forms from the Manufacturers (the manufacturer should have valid Registration & Manufacturing License)/ Authorized Distributors / Authorized Dealers having valid registration for procurement of Livestock Ear Tags & Ear Tag Applicators for the financial year 2019-20 with F.O.R. destination at the DIRECTORATE OF AH & VS, ODISHA, MANGALABAG, CUTTACK-753001 as per specification / unit packing mentioned in detail Tender document which can be downloaded from Directorate Website **http://odishaahvs.nic.in.**

| | |
|---|---|
| Date of commencement for sale of Tender Papers | **Dt.13.01.2020 (10.00 AM to 4.00 PM)** |
| Last date & time for sale of Tender Papers | **Dt. 24.01.2020 (Upto 2.00 P.M)** |
| Last date & time for receipt of Tender (Technical bid and Price bid in separate sealed covers) | **Dt. 24.01.2020 (Upto 4.00 P.M)** |

Tenders submitted by Authorized Distributors / Authorized Dealers may also be considered, provided they are accompanied with the valid updated authorization letters from the concerned manufacturers along with valid manufacturing license of the manufacturer addressed to the **DIRECTOR OF ANIMAL HUSBANDRY AND VETERINARY SERVICES, MANGALABAG, ODISHA, CUTTACK-753001.**

**Sd./- DIRECTOR, AH & VS, Odisha, Cuttack**

**06014/11/0016/1920**



# CLASSIFIED DISPLAY

**TARIFF — MORE SPACE • SAME PRICE** — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

**ALL EDITION - B/W (Everyday)**
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

FINANCE

**FINANCE**
କୌଣସି ଲୋକ ନାଁ ରେ ପଇସା ନ ଦେଇ ଓଡିଶା ର ସମସ୍ତ ଜିଲ୍ଲା ର ବ୍ୟବସାୟୀ ମାନେ ନିଜର Trade License ଏବଂ ଚାକିରିଆ ମାନେ ନିଜର Salary Slip ଦ୍ୱାରା Stand Up India Scheme ଦ୍ୱାରା 3 ଲକ୍ଷ ରୁ 3 କୋଟି ପର୍ଯ୍ୟନ୍ତ ବିଜନେସ ଋଣ, ହୋମ ଋଣ, ପର୍ସନଲ ଋଣ, ଅଗ୍ରିକଲଚର ଋଣ 30 % ଛାଡରେ ମାତ୍ର 12 ଦିନରେ ପାଆନ୍ତୁ, କେବଳ ସୁଧ ଦିଅନ୍ତୁ ଓ ମୂଳ ନିଜ ସୁବିଧା ଅନୁସାରେ ଦେଇପାରିବେ
Ground Floor, Krishna Apartment, Badagada Brit Colony, Bhubaneswar 751018
9163467945
9163467926

**BALAJI FINANCE**
(Reg.No. KA4535FDH852KL)
(ଖର୍ଚ୍ଚ ଲୋନ ପାସ୍ ହେଲା ପରେ)
୧୯୮୨ ରୁ ଆପଙ୍କର ସେବାରେ ମାର୍କସିଟ, ପର୍ସନାଲ, ସମ୍ପତି, BPL, IIT ଭତ୍ତା, କୁକୁଡାପାଳନ, ଇତ୍ୟାଦି ସମସ୍ତ ଋଣ ମାତ୍ର ୨୪ ଘଣ୍ଟାରେ ଘରେ ବସି ପାଆନ୍ତୁ।
2% ସୁଧ ଏବଂ 40% ଛାଡ
ଧୋକାବାଜ୍ ଙ୍କୁ ସାବଧାନ, ଧୋକା ଖାଇଥିବା ଅବଶ୍ୟ କଲ କରନ୍ତୁ
2th floor, Krishna Reddy, Mumbai, Maharastra
9415512879

**LOAN**
ଟଙ୍କା ନେଉନ୍ତୁ, ଧୋକା ଦେଉନ୍ତୁ
ମୁଦ୍ରା ଯୋଜନା ଦ୍ୱାରା ସବୁ ବ୍ୟାଙ୍କରୁ
ଗୃହ ଋଣ, ପର୍ସନାଲ, ଆଧାରକାର୍ଡ, ମାର୍କଶିଟ୍, ପଶୁପାଳନ, ବ୍ୟବସାୟ, ପ୍ରପର୍ଟି, ଏଗ୍ରିକଲ୍ଚର, ଦୁଇ ଚକିଆ, ଗ୍ରୁପ୍ ଋଣ ସବୁ ପ୍ରକାର ଋଣ
2% ସୁଧ -40% ଛାଡ଼ରେ
ସହଜ କିସ୍ତିରେ ଘରେ ବସି ପାଆନ୍ତୁ
ମହିଳା ତଥା କର୍ମଚାରୀଙ୍କ ପାଇଁ ବିଶେଷ ରିହାତି
ମୁଦ୍ରା ଫାଇନାନ୍ସ
89291-25571
89296-19951
M.P. Nagar, Zone-1, Bhopal, Madhya Pradesh.

DHARITRI Career appointment Every Wednesday and Saturday

ASTROLOGY

**ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ**
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ ମାମଲା, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429
8800979262
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

**ଶକ୍ତିର ଦେଖନ୍ତୁ ଚମତ୍କାର**
ସମସ୍ୟା ହୋଇଥାଉ ଯେଉଁଠି ନା କାହିଁକି ସମାଧାନ ଅଛି ମୋ ପାଖରେ ଏଇଠି
2 ଘଣ୍ଟାରେ 100% ସମାଧାନ
ଯେପରିକି: ବ୍ୟବସାୟ ବନ୍ଧନ, ବିବାହରେ ବାଧା, ଗୃହକ୍ଲେଶ, ପ୍ରେମ ବିବାହ, ବିଦେଶ ଯାତ୍ରା, ସଉତୁଣୀ, ଶତ୍ରୁ ମୁକ୍ତି, ଯାଦୁ ଟୋନା ପୋତାଧନ, ଜୁଆ-ସଟ୍ଟା, ଗୁଣିଗାରେଡ଼ି, ସ୍ୱାମୀ ସ୍ତ୍ରୀଙ୍କ ମନୋମାଳିନ୍ୟ, ଶାରୀରିକ କଷ୍ଟ, ଚାକିରି, କୋର୍ଟ ମାମଲା, ମାନସିକ ଚାପ।
ଆମର ଅଛି ଜ୍ଞାନ ଆମେ ହିଁ କରିବୁ ସବୁ ସମସ୍ୟାର ସମାଧାନ କାରଣ ଆମକୁ ହିଁ ମିଳିଛି ପୂର୍ବପୁରୁଷଙ୍କ ବରଦାନ।
7578028866
ସ୍ପେ. ପୋତାଧନ, ସଟ୍ଟା, ଜୁଆ, ବଶୀକରଣ, ମୁଠକରଣୀ ଓ ବ୍ୟବସାୟ
ବାବା କବିର ଖାନ ହାଜି ଅଲି ୱାଲେ
ତାରିଣୀ ମନ୍ଦିର ପାଖ, ଆନନ୍ଦ ବଜାର, ଭୁବନେଶ୍ୱର
8527425449

**ଭଟକିବାରୁ ବଞ୍ଚନ୍ତୁ କୌଣସି ବି କାମ**
ସଚ୍ଚାପ୍ରେମୀ ନିରାଶ କାହିଁକି ?
ବାବା ଅଘୋରୀ ତାନ୍ତ୍ରିକ (ସ୍ପେଶାଲିଷ୍ଟ - ବଶୀକରଣ)
ପ୍ରେମବିବାହ,ପତି-ପତ୍ନି ମଧ୍ୟରେ ଝଗଡ଼ା, ବ୍ୟବସାୟରେ ସମସ୍ୟା, ସଉତୁଣୀ, ଶତ୍ରୁଠାରୁ ମୁକ୍ତି, ରାଗିଥିବା ଲୋକଙ୍କୁ ମନେଇବା, ଗୃହକ୍ଲେଶ,ବିବାହରେ ସମସ୍ୟା, ଔଷଧ କାମ ନ କରିବା, ଜାଦୁଟୋନା, କୋର୍ଟ କେସ୍, ତନ୍ତ୍ରମନ୍ତ୍ର ସମ୍ରାଟ, ମୁଠୀକରଣୀ ଖୋଲା ଚ୍ୟାଲେଞ୍ଜ, ପ୍ରେମରେ ଧୋକା ୩ ଘଣ୍ଟାରେ ୧୦୦% A To Z ସମସ୍ୟାର ସମାଧାନ
ଗୋଟିଏ ଫୋନ୍ ଆପଣଙ୍କ ଜୀବନ ବଦଳେଇପାରେ ମୁଁ କରିଥିବା କାମକୁ କାଟିବା ଲୋକଙ୍କୁ ମନମୁତାବକ ପୁରସ୍କାର
କାଳି ମନ୍ଦିର, ବରମୁଣ୍ଡା ପାଖ, ଭୁବନେଶ୍ୱର
8743922900
9899587663

**ଗୁରୁ ସାହି ଖାନ୍**
ସମସ୍ୟା ଦିଅନ୍ତୁ ସମାଧାନ ନିଅନ୍ତୁ
୭ ଘଣ୍ଟାରେ ୧୦୦ ପ୍ରତିଶତ ଗ୍ୟାରେଣ୍ଟି ସହିତ
ବ୍ୟବସାୟ, ପ୍ରେମ, ଶତ୍ରୁ ମୁକ୍ତି, ପତିପତ୍ନୀ ଝଗଡ଼ା, ଲଭ୍ ମ୍ୟାରେଜ୍, ସଂପତ୍ତି, କୋର୍ଟ କେସ୍, ଗୁପ୍ତରୋଗ, ପୁରୁଣା କଷ୍ଟ, ଔଷଧ ନ ଲାଗିବା, ବନ୍ଦୀକରଣ, ଯାଦୁଟୋନା, କାର୍ଯ୍ୟକାରିଣୀ, ବିବାହରେ ବାଧା, ସ୍ପେଶାଲିଷ୍ଟ-ବଶୀକରଣ, ମୁଠକଣୀ
A To Z Problem Solution
କଳାଯାଦୁର ଅଧିକାରୀ
9818298397
9953959390

**COLOR DISPLAY CLASSIFIED**

| SIZE | 15 days | 8 days | 4 days | Single day | |
|---|---|---|---|---|---|
| 6 X 8 | 40,000 | 20,000 | 11,000 | 2,800 | GST 5% will be added extra |

on every Tuesday & Friday

**ଅଲ୍ ଇଣ୍ଡିଆ ଖୋଲା ଚାଲେଞ୍ଜ**
2 ଘଣ୍ଟାରେ 100% ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା, ଶତ୍ରୁ ମୁକ୍ତି, ସ୍ୱାମୀ-ସ୍ତ୍ରୀ ଝଗଡ଼ା, ପ୍ରେମବିବାହ, ଗୃହକ୍ଲେଶ, ପ୍ରପର୍ଟି, କୋର୍ଟ-କେସ୍, ଯାଦୁ-ଟୋନା, ବିଦେଶ ଯାତ୍ରା, ବଶୀକରଣ, ଗୁଣି-ଗାରେଡ଼ି
AtoZ ସମସ୍ୟାର ସମାଧାନ ଘରେ ବସି।
ବାବା ଅଲାଉଦ୍ଦିନ ବଙ୍ଗାଲି
ସ୍ପେ. ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ ଯଦି କାଟିଦେବେ ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
କାମ ନ ହେଲେ ଟଙ୍କା ଫେରସ୍ତ
8376889657
9971793786

BUSINESS

**INDUS TOWER**
ଦ୍ୱାରା ନିଜର ଖାଲି ପଡ଼ିଥିବା ଜମି, ଛାତ, ପ୍ଲଟ୍, ଚାଷଜମିରେ ଡିଜିଟାଲ ଉପକରଣ ଲଗାନ୍ତୁ ଏବଂ ପାଆନ୍ତୁ ଅଗ୍ରିମ 70 ଲକ୍ଷ, ଭଡ଼ା 50000 + ମାସିକ 35000/-ର ଅନ୍ୟାନ୍ୟ ସୁବିଧା । ଅଗ୍ରିମ + ଭଡ଼ା ସର୍ଭେ ସମ୍ପାଦନ ପରେ ।
ଯୋଗାଯୋଗ
9019390792
Address: Kankar Kooi, Saharanpur, Uttar Pradesh - 247001

EDUCATION

**Management Systems Certification Services, Pune**
Training & Placement facilities for Diploma (Mech.).
Send your Career details to
mscertificationservices@gmail.com


**ପାଠକଙ୍କ ପାଇଁ ସୂଚନା:**
ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ଧରିତ୍ରୀ
DHARITRI
ସମ୍ବଲପୁର, ରବିବାର, ୧୨ ଜାନୁୟାରୀ, ୨୦୨୦





"ଭାରତରେ ହେବାକୁ ଥିବା ଏଫ୍‌ଆଇଏଚ୍ ପ୍ରୋ–ଲିଗ୍ ଦ୍ୱିତୀୟ ସଂସ୍କରଣରେ ଭାରତ ବିପକ୍ଷରେ ଆମ ଦଳକୁ ଲଢ଼େଇ କରିବାକୁ ପଡ଼ିବା –ମାକ୍ସ କାଲ୍‌ଡାସ, ନେଦରଲାଣ୍ଡ ହକି ଦଳ ମୁଖ୍ୟ କୋଚ୍



"ଯଦି ଫର୍ମ ଓ ଫିଟ୍‌ନେସ୍ ଅନୁମତି ଦିଏ ତେବେ ମୁଁ ୨୦୨୩ କ୍ରିକେଟ ବିଶ୍ୱକପ୍ ପର୍ଯ୍ୟନ୍ତ ଖେଳିବାକୁ ଚାହେଁ। –ଆରୋନ୍ ଫିଞ୍ଚ, ଅଷ୍ଟ୍ରେଲିଆର ସୀମିତ ଓଭର ଅଧିନାୟକ

## ସଂକ୍ଷେପରେ

### ହାଇଦ୍ରାବାଦ ଏଫ୍‌ସି ମୁଖ୍ୟ କୋଚ୍ ବହିଷ୍କୃତ

**ହାଇଦ୍ରାବାଦ,୧୧।୧:** ଇଣ୍ଡିଆନ ସୁପର ଲିଗ୍ (ଆଇଏସ୍‌ଏଲ୍) ଦଳ ହାଇଦ୍ରାବାଦ୍ ଏଫ୍‌ସି ତା'ର ମୁଖ୍ୟ କୋଚ୍ ଫିଲ୍ ବ୍ରାଉନଙ୍କ ସହ ସମ୍ପର୍କ ଛିନ୍ନ କରିଛି। ଚଳିତ ସଂସ୍କରଣରେ ପଦାର୍ପଣ କରିଥିବା ହାଇଦ୍ରାବାଦ ଏଫ୍‌ସି ଦଳ ଏପର୍ଯ୍ୟନ୍ତ ୧୨ ମ୍ୟାଚ୍ ଖେଳି କେବଳ ଗୋଟିଏରେ ବିଜୟ ହାସଲ କରିଛି। ଶୁକ୍ରବାର ଅନୁଷ୍ଠିତ ମ୍ୟାଚ୍‌ରେ ଚେନ୍ନାଇନ ଏଫ୍‌ସି ୩-୧ ଗୋଲରେ ହାଇଦ୍ରାବାଦକୁ



ହରାଇଥିଲା। ଏହି ପରାଜୟ ଯୋଗୁ ବ୍ରାଉନଙ୍କ ସହ କରାଯାଇଥିବା ଚୁକ୍ତି ଶେଷ କରିବାକୁ ଫ୍ରାଞ୍ଚାଇଜ ନିଷ୍ପତ୍ତି ନେଇଛି। ଦଳର ଡିଫେନ୍ସ ଭାଗରେ ଅତ୍ୟଧିକ ତ୍ରୁଟି ପରିଲକ୍ଷିତ ହେଉଛି। ଦଳ ଏପର୍ଯ୍ୟନ୍ତ ୧୨ମ୍ୟାଚ୍‌ରେ ୨୯ଗୋଲ ବରଣ କରିସାରିଛି। ଗୋଟିଏ ହେଲେ ମ୍ୟାଚ୍‌ରେ ଦଳ କ୍ଲିନ ଚିଟ୍‌ରେ ପାଇନାହିଁ। ଅର୍ଥାତ ଦଳକୁ ପ୍ରତ୍ୟେକ ମ୍ୟାଚ୍‌ରେ ଅତିକମ୍‌ରେ ହଳଦିଆ କାର୍ଡ ମିଳିଛି। ପଏଣ୍ଟ ଟେବୁଲର ନିମ୍ନରେ ଥିବା ହାଇଦ୍ରାବାଦ ନିକଟରେ ଏବେ ମାତ୍ର ୫ ପଏଣ୍ଟ ରହିଛି।

### ଉର୍ବଶୀଙ୍କୁ ହ୍ୱାଟ୍‌ସଆପ୍‌ରେ ବ୍ଲକ କଲେ ପନ୍ତ



ନୂଆଦିଲ୍ଲୀ,୧୧।୧:ଭାରତୀୟ କ୍ରିକେଟ ଦଳର ସଦସ୍ୟ ରିଷଭ ପନ୍ତ ଚଳିତବର୍ଷ ନିଜ ଗର୍ଲଫ୍ରେଣ୍ଡର ଫଟୋ ସୋସିଆଲ ମିଡିଆରେ ଛାଡ଼ିଥିଲେ। ଏହା ତାଙ୍କ ରିଲେଶନଶିପକୁ ନେଇ ଚାଲିଥିବା ସମସ୍ତ ଚର୍ଚ୍ଚାରେ ବ୍ରେକ ଲଗାଇଛି। ପୂର୍ବରୁ ପନ୍ତଙ୍କ ସହ ବଲିଉଡ ଅଭିନେତ୍ରୀ ଉର୍ବଶୀ ରଉତେଲାଙ୍କ ନାମ ଯୋଡ଼ା ଯାଇଥିଲା। କିନ୍ତୁ ଏବେ ପନ୍ତଙ୍କ ନିକଟ ସୂତ୍ରରୁ ମିଳିଥିବା ଖବର ଅନୁଯାୟୀ, ଉର୍ବଶୀଙ୍କୁ ପନ୍ତ ହ୍ୱାଟ୍‌ସଆପ୍‌ରେ ବ୍ଲକ କରି ଦେଇଛନ୍ତି। ପନ୍ତଙ୍କ ସହ ବାରମ୍ବାର ଯୋଗାଯୋଗ କରିବାକୁ ଉର୍ବଶୀ ଉଦ୍ୟମ କରିଥିଲେ। କିନ୍ତୁ ଯୁବ ଉଇକେଟକିପର ବ୍ୟାଟ୍ସମ୍ୟାନ ଅଭିନେତ୍ରୀଙ୍କ ସହ ଯୋଗାଯୋଗରେ ରହିବାକୁ ଚାହୁଁ ନ ଥିଲେ। ଏଣୁ ତାଙ୍କୁ ବ୍ଲକ କରିଛନ୍ତି। ବଲିଉଡ ସୂତ୍ରରୁ ଉକ୍ତ ଖବରକୁ ଖଣ୍ଡନ କରାଯାଇଛି। କିନ୍ତୁ ଅଭିନେତ୍ରୀ ଏପର୍ଯ୍ୟନ୍ତ କୌଣସି ଅଫିସିଆଲ ମନ୍ତବ୍ୟ ଦେଇ ନାହାନ୍ତି। ଉଲ୍ଲେଖଯୋଗ୍ୟ, ପନ୍ତଙ୍କ ପୂର୍ବରୁ ଉର୍ବଶୀଙ୍କ ଭାରତୀୟ ଅଲରାଉଣ୍ଡର ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ସହ ରିଲେଶନ ଥିଲା। ମାତ୍ର ଦୁହିଁଙ୍କ ମଧ୍ୟରୁ କେହି ଏଥିରେ ମୋହର ମାରି ନ ଥିଲେ। ହାର୍ଦ୍ଦିକ ଏବଂ ଅଭିନେତ୍ରୀ ନତାଶା ଷ୍ଟାନକୋବିକଙ୍କ ମଧ୍ୟରେ ନିର୍ବନ୍ଧ ସରିଯାଇଛି।

# ରଣଜୀ ଟ୍ରଫି: ଓଡ଼ିଶା ଅଗ୍ରଣୀ

**କଟକ ଅଫିସ,୧୧।୧**

ରୋହତକର ଚୌଧୁରୀ ବଂଶୀଲାଲ କ୍ରିକେଟ ଷ୍ଟାଡିୟମରେ ଶନିବାରଠାରୁ ଓଡ଼ିଶା–ହରିୟାଣା ରଣଜୀ ମ୍ୟାଚ୍ ଆରମ୍ଭ ହୋଇଛି। ଓଡ଼ିଶାର ପେସ୍ ବୋଲିଂ ଆଟାକ ପୁଣିଥରେ ଫଳପ୍ରଦ ହୋଇଛି। ସୂର୍ଯ୍ୟକାନ୍ତ ପ୍ରଧାନଙ୍କ ୬ ଉଇକେଟ ସଫଳତା ଯୋଗୁ ହରିୟାଣା ପ୍ରଥମ ଇନିଂସରେ ୯୦ ରନରେ ଅଲଆଉଟ ହୋଇଯାଇଛି। ଜବାବରେ ଓଡ଼ିଶା ପ୍ରଥମ ଦିବସ ଖେଳ ଷ୍ଟମ୍ପ ଅପସାରଣ ସୁଦ୍ଧା ୫ ଉଇକେଟ ହରାଇ ୧୪୧ରନ କରିଛି। ପେସ୍ ବୋଲରଙ୍କୁ ସୁହାଉଥିବା ଏହି ପିଚ୍‌ରେ ଗୋଟିଏ ଦିନରେ ୧୫ଟି ଉଇକେଟର ପତନ ଘଟିଥିବା ବେଳେ ପ୍ରଥମ ଇନିଂସ ଅଗ୍ରଣୀ ହାସଲ କରିଥିବା ଓଡ଼ିଶା ବିଜୟ ଆଶାରେ ରହିଛି ।

ହରିୟାଣା ଅଧିନାୟକ ହର୍ଷଲ ପଟେଲ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିଲେ। ପ୍ରଥମ ଉଇକେଟରେ ୧୩ରନ ଯୋଡ଼ିବା ପରେ ଦଳ କ୍ରମାନ୍ୱୟରେ ଉଇକେଟ ହରାଇଥିଲା। ୪୩ ରନରେ ଦଳର ୬ଜଣ ଖେଳାଳି ପ୍ୟାଭିଲିୟନ ଫେରିଥିଲେ। ଓଡ଼ିଶାର ଯୁବ ପେସ୍ ତାରକା ରାଜେଶ ମହାନ୍ତି ହରିୟାଣାର ପ୍ରଥମ ଦୁଇଟି ଉଇକେଟ ଦଖଲ କରିବା ପରେ ସୂର୍ଯ୍ୟକାନ୍ତ ମଧ୍ୟକ୍ରମ ବ୍ୟାଟିଂ ଲାଇନଅପ୍‌କୁ ଭୁଶୁଡ଼ାଇ ଦେଇଥିଲେ। ଶୁଭମ ରୋହିଲା ହରିୟାଣା ପକ୍ଷରୁ ସର୍ବାଧିକ ୨୦ରନ କରିଥିଲେ। ପ୍ରମୋଦ ଚାଣ୍ଡିଲା ୧୬ରନ, ଟିନୁ କୁଣ୍ଡୁ ୧୫ରନ, ଆଶିଷ ହୁଡା ୧୨ରନ, ଅଙ୍କିତ କୁମାର ୧୦ରନ କରିଥିଲେ। ୧୨ ଓଭର ବୋଲିଂ କରିଥିବା ସୂର୍ଯ୍ୟକାନ୍ତ ୩୬ ରନ ବ୍ୟୟରେ ୬ଟି ଉଇକେଟ ଦଖଲ କରିଥିଲେ । ରାଜେଶ ୨ଟି, ବସନ୍ତ ମହାନ୍ତି ଓ ପପୁ ରାୟଙ୍କୁ ଗୋଟିଏ ଲେଖାଏ ଉଇକେଟ ମିଳିଥିଲା। ପ୍ରଥମ ଇନିଂସ ବ୍ୟାଟିଂ ଆରମ୍ଭ କରିଥିବା ଓଡ଼ିଶା ୧୭ରନରେ ଓପନର ଦେବାଶିଷ ସାମନ୍ତରାୟଙ୍କୁ ହରାଇଥିଲା। ଦେବାଶିଷ ଅଜିତ ଚହଲଙ୍କ ଦ୍ୱାରା କ୍ଲିନ ବୋଲ୍ଡ ହୋଇଥିଲେ। ପରେ ୪୭ ରନରେ ୪ଟି ଉଇକେଟ ହରାଇ ଓଡ଼ିଶା ସଙ୍କଟରେ ପଡ଼ିଥିଲା। ଶାନ୍ତନୁ ମିଶ୍ର ୧୭ ରନ, ଅଧିନାୟକ ଶୁଭ୍ରାଂଶୁ ସେନାପତି ୧୨ରନ, ଗୋବିନ୍ଦ ପୋଦ୍ଦାର ୨ରନରେ ପ୍ୟାଭିଲିୟନ ଫେରିଥିଲେ। ପୂର୍ବତନ ଅଧିନାୟକ ବିପ୍ଳବ ସାମନ୍ତରାୟଙ୍କ ରକ୍ଷଣାତ୍ମକ ବ୍ୟାଟିଂ ଦେଖିବାକୁ ମିଳିଥିଲା। ଏହି ମ୍ୟାଚ୍‌ରେ ଅଭିଷେକ ରାଉତଙ୍କ ବଦଳରେ ରାଜେଶ ଧୁପରଙ୍କୁ ଚୂଡ଼ାନ୍ତ ଏକାଦଶରେ ସାମିଲ କରାଯାଇଥିଲା। ୫ମ ଉଇକେଟ ଭାଗୀଦାରିରେ ରାଜେଶ ଧୁପରଙ୍କ ୪୬ ରନ ଓ ୬ଷ୍ଠ ଉଇକେଟରେ ଉଇକେଟ କିପର ସୁଜିତ ଲେଙ୍କାଙ୍କ ୪୮ରନର ଭାଗିଦାରୀ ସୃଷ୍ଟି କରି କୁଣ୍ଡୁଙ୍କ ବଲରେ ଆଉଟ ହୋଇଛନ୍ତି। ବିପ୍ଳବ ୪୫ ଓ ସୁଜିତ ୨୧ରନ କରି ଅପରାଜିତ ଅଛନ୍ତି। ହର୍ଷଲ ପଟେଲ ସର୍ବାଧିକ ୨ଟି ଉଇକେଟ ଅକ୍ତିଆର କରିଥିବା ବେଳେ ଆଶିଷ ହୁଡା, ଅଜିତ ଚହଲ ଓ ଟିନୁ କୁଣ୍ଡୁ ଗୋଟିଏ ଲେଖାଏ ଉଇକେଟ ପାଇଥିଲେ ।

**ସୂର୍ଯ୍ୟକାନ୍ତଙ୍କ ୬ ଉଇକେଟ**



## ଲୌରେସ ସ୍ପୋର୍ଟିଂ ମୁଭମେଣ୍ଟ ପୁରସ୍କାର ଦୌଡ଼ରେ ତେନ୍ଦୁଲକର

**ଲଣ୍ଡନ, ୧୧।୧ (ପି.ଟି.)**

ମର୍ଯ୍ୟାଦାପୂର୍ଣ୍ଣ ଲୌରେସ ସ୍ପୋର୍ଟିଂ ମୁଭ୍‌ମେଣ୍ଟ ୨୦୦୦–୨୦୨୦ ପୁରସ୍କାର ପାଇଁ ୨୦ଜଣିଆ ସଂକ୍ଷିପ୍ତ ତାଲିକାରେ ବ୍ୟାଟିଂ କିମ୍ବଦନ୍ତୀ ସଚିନ ତେନ୍ଦୁଲକରଙ୍କ ନାମ ରହିଛି। ତେନ୍ଦୁଲକର ତାଙ୍କ କ୍ରିକେଟ କ୍ୟାରିୟରରେ ଅନେକ ରେକର୍ଡ ଓ ସଫଳତା ହାସଲ କରିଛନ୍ତି। ୬ଥର ପ୍ରଚେଷ୍ଟାରେ ତାଙ୍କ ଉପସ୍ଥିତିରେ ଭାରତ ୨୦୧୧ରେ ବିଶ୍ୱକପ୍ ସଫଳତା ହାସଲ କରିଥିଲା। ନିଜ ଜନ୍ମ ସହରରେ ଏହି ସଫଳତା ପରେ ତେନ୍ଦୁଲକରଙ୍କ ଆଖିରେ ଆନନ୍ଦାଶ୍ରୁ ଚାଲିଆସିଥିଲା। ସେତେବେଳେ ଭାରତୀୟ କ୍ରିକେଟ ଦଳ ବିଶେଷକରି ତେନ୍ଦୁଲକରଙ୍କ ଉପରେ ଭରସା କରି ବିଶ୍ୱକପ୍ ଅଭିଯାନ କରିଥିଲା। ତେନ୍ଦୁଲକରଙ୍କ ନାମ ସୁପାରିସକୁ ନେଇ ଲୌରେସ ଏକାଡେମୀର ଜଣେ ଅନ୍ୟତମ ସଦସ୍ୟ ତଥା ପୂର୍ବତନ ଅଷ୍ଟ୍ରେଲିଆ କ୍ରିକେଟ ଅଧିନାୟକ ଷ୍ଟିଭ୍ ୱ କ୍ରିକେଟ ପାଇଁ ଏକ ଚମତ୍କାର ମୁହୂର୍ତ୍ତ ବୋଲି ବର୍ଣ୍ଣନା କରିଛନ୍ତି। ଲୌରେସ ପୁରସ୍କାର ପାଇଁ ନାମ ସୁପାରିସ ହେବା ସହଜ କଥା ନୁହେଁ। ୨୦୧୧ରେ ଭାରତୀୟ କ୍ରିକେଟ ଦଳ ଖୁବ୍ ଭଲ ପ୍ରଦର୍ଶନ କରିଥିଲା। ଆମେ ଯେତେବେଳେ ଲୌରେସ ସ୍ପୋର୍ଟ୍ସ ଟିମ୍ ଅଫ୍ ଇୟର (୨୦୦୨) ପୁରସ୍କାର ଜିତିଲୁ ସେ ସମୟର ଖୁସି ମୁହୂର୍ତ୍ତ ମୋର ମନେପଡ଼ିଯାଉଛି। ଅଷ୍ଟ୍ରେଲିଆ କ୍ରିକେଟ ପାଇଁ ଏହା ଏକ ସ୍ମରଣୀୟ ଦିନ ଥିଲା। ଲୌରେସ ସ୍ପୋର୍ଟିଂ ମୁଭ୍‌ମେଣ୍ଟ ୨୦୦୦–୨୦୨୦ର ଫାଉଣ୍ଡେଶନ ତରଫରୁ ସମ୍ମାନଜନକ ଲୌରେସ ୱାର୍ଲ୍ଡ ସ୍ପୋର୍ଟ୍ସ ଆୱାର୍ଡ ପାଇଁ ସାଧାରଣ ଭୋଟ ବ୍ୟବସ୍ଥା କରାଯାଇଛି। ପୁରସ୍କାର ବିଜେତାଙ୍କୁ ବାଛିବା ଲାଗି ଖେଳପ୍ରେମୀମାନଙ୍କୁ ଭୋଟ ପ୍ରଦାନର ସୁଯୋଗ ଦିଆଯାଇଛି। ଜାନୁୟାରୀ ୧୦ ଓ ଫେବୃୟାରୀ ୧୬ ମଧ୍ୟରେ ଭୋଟ ଗ୍ରହଣ ହେବ। ଫେବୃୟାରୀ ୧୭ରେ ବର୍ଲିନରେ ଲୌରେସ ୱାର୍ଲ୍ଡ ସ୍ପୋର୍ଟ୍ସ ଆୱାର୍ଡ ଶୋ ବେଳେ ବିଜେତାଙ୍କ ନାମ ଘୋଷଣା କରାଯିବ।

# ଏଲିଟ୍ କ୍ଲବ୍‌ରେ ପୂଜାରା




**ରାଜକୋଟ,୧୧।୧(ପି.ଟି.)**

ଟେଷ୍ଟ ସ୍ପେଶାଲିଷ୍ଟ କୁହାଯାଉଥିବା ଚେତେଶ୍ୱର ପୂଜାରା ଏକ ବିରଳ ସଫଳତା ହାସଲ କରିଛନ୍ତି। ପ୍ରଥମ ଶ୍ରେଣୀ କ୍ରିକେଟରେ ୫୦ତମ ଶତକ ଅର୍ଜନ କରି ସେ ଏକ ଏଲିଟ୍ କ୍ଲବ୍‌ରେ ସାମିଲ ହୋଇଛନ୍ତି। କର୍ଣ୍ଣାଟକ ବିପକ୍ଷ ରଣଜୀ ଟ୍ରଫି ଗ୍ରୁପ୍ ବି' ମ୍ୟାଚ୍‌ରେ ସେ ସୌରାଷ୍ଟ୍ର ତରଫରୁ ପ୍ରତିନିଧିତ୍ୱ କରି ଶତକ ହାସଲ କରିବା ସହ କ୍ରିକେଟ ଅନ୍ୟତମ ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଛନ୍ତି।

ପୂଜାରା ୨୩୮ଟି ବଲ୍‌ର ସମ୍ମୁଖୀନ ହୋଇ ୧୭ ଚୌକା ଓ ଗୋଟିଏ ଛକା ସହ ୧୬୨ ରନର ଶତକୀୟ ପାଳି ଖେଳି ଅପରାଜିତ ରହିଛନ୍ତି। ଏଥିସହିତ ସେ ଆଗାମୀ ନ୍ୟୁଜିଲାଣ୍ଡ ବିପକ୍ଷ ଟେଷ୍ଟ ସିରିଜ ପୂର୍ବରୁ ନିଜର ପ୍ରସ୍ତୁତିକୁ ଆହୁରି ଶାଣିତ କରିଛନ୍ତି। ପୂଜାରାଙ୍କ ପୂର୍ବରୁ ଅନ୍ୟ ୮ ଜଣ ଖେଳାଳିମାନେ ମଧ୍ୟ ପ୍ରଥମ ଶ୍ରେଣୀ କ୍ରିକେଟରେ ୫୦ତମ ଶତକ ଅର୍ଜନ କରିଛନ୍ତି। ସେମାନଙ୍କ ମଧ୍ୟରେ ରହିଛନ୍ତି ସୁନୀଲ ଗାଭାସ୍କର, ସଚିନ ତେନ୍ଦୁଲକର ଓ ରାହୁଲ ଦ୍ରାଭିଡ। ପୂଜାରା ମଧ୍ୟ ଏପର୍ଯ୍ୟନ୍ତ ୧୮ଟି ଟେଷ୍ଟ ଶତକ ହାସଲ କରିଛନ୍ତି। ସେ ବିଶ୍ୱ ଚତୁର୍ଥ ଆକ୍ଟିଭ ଖେଳାଳିଭାବେ ସର୍ବାଧିକ ପ୍ରଥମ ଶ୍ରେଣୀ ଶତକ ହାସଲ କରିବାରେ ପୂର୍ବତନ ଇଂଲଣ୍ଡ ଅଧିନାୟକ ଆଲିଷ୍ଟ କୁକ (୬୫), ପୂର୍ବତନ ଦକ୍ଷିଣ ଆଫ୍ରିକା ବ୍ୟାଟ୍ସମ୍ୟାନ ହାସିମ ଅମଲା (୫୨) ଓ ଭାରତ ୱାସିମ ଜାଫରଙ୍କ ପଛକୁ ରହିଛନ୍ତି। ପୂଜାରାଙ୍କ ଶତକ ବଳରେ ସୌରାଷ୍ଟ୍ର ପ୍ରଥମ ଦିବସ ଖେଳ ଶେଷ ସୁଦ୍ଧା ୯୦ ଓଭରରେ ୨ ଉଇକେଟ ହରାଇ ୨୯୬ ରନ ସଂଗ୍ରହ କରିଛି।

ବର୍ତ୍ତମାନ ଖେଳୁଥିବା କ୍ରିକେଟରଙ୍କ ମଧ୍ୟରେ ଅଷ୍ଟ୍ରେଲିଆର ଷ୍ଟିଭ୍ ସ୍ମିଥ୍ ୪୨, ବିରାଟ କୋହଲି ୩୪ ଓ ଅଜିଙ୍କ୍ୟ ରାହାନେ ୩୨ଟି ପ୍ରଥମ ଶ୍ରେଣୀ ଶତକ ହାସଲ କରି ପୂଜାରାଙ୍କ ପଛକୁ ରହିଛନ୍ତି। ପୂଜାରା ଏପର୍ଯ୍ୟନ୍ତ ୧୫ ହଜାରରୁ ଊର୍ଦ୍ଧ୍ୱ ରନ ସଂଗ୍ରହ କରିସାରିଛନ୍ତି ଓ ସେ ୧୯୭ଟି ମ୍ୟାଚ୍ ଖେଳିଛନ୍ତି।

# ନ୍ୟୁଜିଲାଣ୍ଡ ଗସ୍ତ ଲାଗି ଭାରତୀୟ ଦଳ ଘୋଷଣା ଆଜି

**ମୁମ୍ବାଇ,୧୧।୧(ପି.ଟି.)**

ଆଗାମୀ ନ୍ୟୁଜିଲାଣ୍ଡ ଗସ୍ତ ପାଇଁ ରବିବାର ଭାରତୀୟ ଦଳ ଘୋଷଣା ହେବ। ୬ ସପ୍ତାହ ଧରି ଚାଲୁରହିବାକୁ ଥିବା ଏହି ଗସ୍ତରେ ଭାରତ ଓ ନ୍ୟୁଜିଲାଣ୍ଡ ୫ ଟି୨୦, ୩ଟି ଦିନିକିଆ ଓ ଦୁଇଟି ଟେଷ୍ଟ ମ୍ୟାଚ୍‌ରେ ପରସ୍ପରକୁ ଭେଟିବେ। ସୀମିତ ଓଭର ପାଇଁ ଘୋଷଣା ହେବାକୁ ଥିବା ଦଳକୁ ତାରକା ଅଲରାଉଣ୍ଡର ହାର୍ଦ୍ଦିକ ପାଣ୍ଡ୍ୟା ପ୍ରତ୍ୟାବର୍ତ୍ତନ କରିବାର ଯଥେଷ୍ଟ ସମ୍ଭାବନା ରହିଛି। ୨୪ ତାରିଖରୁ ଏହି ଗସ୍ତ ଆରମ୍ଭ ହେବ। ନ୍ୟୁଜିଲାଣ୍ଡରେ ଧଳା ବଲ୍‌ରେ ଭାରତ ୮ଟି ମ୍ୟାଚ୍ ଖେଳିବ । ତେଣୁ ୧୫ ବଦଳରେ ଭାରତ ୧୬ କିମ୍ବା ୧୭ ଜଣିଆ ଦଳ ଘୋଷଣା କରିବା ଯଥେଷ୍ଟ ସମ୍ଭାବନା ରହିଛି। ସିନିୟର ଦଳ ସହିତ ଭାରତ ଏ ଦଳ ମଧ୍ୟ ନ୍ୟୁଜିଲାଣ୍ଡ ଗସ୍ତ କରିବ। ଫଳରେ ପରିସ୍ଥିତି ଅନୁଯାୟୀ ଯଦି ଆବଶ୍ୟକ ପଡେ ଚୟନକର୍ତ୍ତାଙ୍କୁ ଏକାଧିକ ବିକଳ୍ପ ମିଳିପାରିବ।

ଆଗକୁ ଅଷ୍ଟ୍ରେଲିଆରେ ଟି୨୦ ବିଶ୍ୱକପ୍ ଆୟୋଜନ ହେବାକୁ ଯାଉଥିବାରୁ କ୍ରିକେଟର ଏହି ସବୁଠାରୁ



ଛୋଟ ଫର୍ମାଟ ପାଇଁ ଦଳ ଚୟନ ଉପରେ ମନୋନିବେଶ କରିବେ। ସଦ୍ୟ ସମାପ୍ତ ଶ୍ରୀଲଙ୍କା ବିପକ୍ଷ ଟି୨୦ ସିରିଜରେ ଭାରତ ୨–୦ରେ ବିଜୟୀ ହୋଇ ଭଲ ପ୍ରଦର୍ଶନ କରିଥିଲା। ପାଣ୍ଡ୍ୟା ଏବେ ଭାରତ ଏ ଦଳ ସହିତ ନ୍ୟୁଜିଲାଣ୍ଡରେ ରହିଛନ୍ତି ଓ

### ପାଣ୍ଡ୍ୟା ଫେରିବା ସମ୍ଭାବନା

ଦଳକୁ ଫେରିବା ଯଥେଷ୍ଟ ସମ୍ଭାବନା ରହିଛି। ତେବେ ତାଙ୍କୁ ଏହାପୂର୍ବରୁ କେତୋଟି ନ୍ୟୁଜିଲାଣ୍ଡ ବିପକ୍ଷ ଲିଷ୍ଟ ଏ ମ୍ୟାଚ୍ ଖେଳି ଫିଟ୍‌ନେସର ପ୍ରମାଣ ଦେବାକୁ ହେବ। ଏହାକୁ ବାଦ୍ ଦେଲେ ସେ ଦୁଇଟି ୱାର୍ମ– ଅପ୍ ଅଭ୍ୟାସ ମ୍ୟାଚ୍ ମଧ୍ୟ ଖେଳିବା କାର୍ଯ୍ୟକ୍ରମ ରହିଛି।

ଆସନ୍ତା ୨୬ ତାରିଖ ପୂର୍ବରୁ ଭାରତ ଏ' ୩ଟି ଲିଷ୍ଟ ଏ ମ୍ୟାଚ୍ ଖେଳିସାରିଥିବ। ପିଠିରେ ଅସ୍ତ୍ରୋପଚାର କରାଇଥିବା ପାଣ୍ଡ୍ୟା ୨୯ ତାରିଖରେ ଖେଳାଯିବାକୁ ଥିବା ତୃତୀୟ ଟି୨୦ରେ ଦଳରେ ସାମିଲ ହେବା ଯଥେଷ୍ଟ ସମ୍ଭାବନା ରହିଛି। ପାଣ୍ଡ୍ୟା ଟି୨୦ ଫର୍ମାଟ ପାଇଁ ଭାରତୀୟ ରଣନୀତିର ଏକ ଅଂଶ ବୋଲି ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ)ର ଜଣେ ଅଧିକାରୀ କହିଛନ୍ତି। ଟି୨୦ ପରେ ଦିନିକିଆ ଦଳ ମଧ୍ୟ ଘୋଷଣା ହେବ ଓ ଏହା ଟି୨୦ ଦଳର ଏକ ସମ୍ପ୍ରସାରିତ ଅଂଶ ହେବ ବୋଲି ଆଶା କରାଯାଉଛି। ଦିନିକିଆ ଦଳରେ କେଦାର ଯାଦବଙ୍କ ସ୍ଥାନ ବିପଦରେ ଅଛି ବୋଲି କୁହାଯାଇପାରେ। ନ୍ୟୁଜିଲାଣ୍ଡରେ କେଦାରଙ୍କ ଟେକ୍‌ନିକର ଦୁର୍ବଳତା ପଦାରେ ପଡିଯିବ। ଗତକିଛିଦିନ ହେବ ମଧ୍ୟ ତାଙ୍କ ବୋଲିଂ ଆଶାନୁରୂପ ହୋଇପାରିନାହିଁ। ଟେକ୍‌ନିକ ଦୃଷ୍ଟିକୋଣରୁ ଦେଖିବାକୁ ଗଲେ ଅଜିଙ୍କ୍ୟ ରାହାନେ ଦଳକୁ ଫେରିବାର ଯଥେଷ୍ଟ ସମ୍ଭାବନା ରହିଛି। ସେହିପରି ବିସ୍ଫୋରକ ପାୱାର ହିଟିଂ ବ୍ୟାଟ୍ସମ୍ୟାନ ମୁମ୍ବାଇର ସୂର୍ଯ୍ୟକୁମାର ଯାଦବ ୫ କିମ୍ବା ୬ ନମ୍ବରରେ ଦିନିକିଆ ଦଳରେ ସ୍ଥାନ ପାଇବାର ସମ୍ଭାବନା ସୃଷ୍ଟି କରିଛନ୍ତି। ସୂର୍ଯ୍ୟ ଓ ସଞ୍ଜୁ ସାମସନ ଭାରତ ଏ ଦଳରେ ସ୍ଥାନ ପାଇଛନ୍ତି। ଅପରପକ୍ଷରେ ଟେଷ୍ଟ ଦଳରେ ସେଭଳି ବଡ଼ ଧରଣର ପରିବର୍ତ୍ତନ ହେବ ବୋଲି ଆଶା କରାଯାଉ ନାହିଁ। ତେବେ ତୃତୀୟ ଓପନର ବିକଳ୍ପ ନେଇ ଚୟନକର୍ତ୍ତା ଆଲୋଚନା କରିବେ।

# ଅପେକ୍ଷା କରିବାରେ ସାମସନ୍‌ଙ୍କ ରେକର୍ଡ

**ପୁଣେ,୧୧।୧**

ଉଇକେଟକିପର ବ୍ୟାଟ୍ସମ୍ୟାନ ସଞ୍ଜୁ ସାମସନ ଶ୍ରୀଲଙ୍କା ବିପକ୍ଷ ଅନ୍ତିମ ଟି୨୦ରେ ଭାରତୀୟ ଦଳ ପାଇଁ ଖେଳିଥିଲେ। ପ୍ରଥମ ବଲରେ ଛକା ମାରି ଅନ୍ତର୍ଜାତୀୟ କ୍ରିକେଟକୁ ଫେରିଥିବା ଘୋଷଣା କରିଥିଲେ। କିନ୍ତୁ ପରବର୍ତ୍ତୀ ବଲରେ ସେ ଏଲବିଡବ୍ଲ୍ୟୁ ଆଉଟ୍ ହୋଇ ନିରାଶ ହୋଇଥିଲେ। ସେ ଟି୨୦ ଫର୍ମାଟରେ ୩ ହଜାରରୁ ଊର୍ଦ୍ଧ୍ୱ ରନ୍ କରିଥିଲେ ମଧ୍ୟ କେବଳ ଦୁଇଟି ଟି୨୦ ଅନ୍ତର୍ଜାତୀୟ ମ୍ୟାଚ୍ ଖେଳିଛନ୍ତି। ସାମସନ ୨୦୧୫ରେ ଜିମ୍ବାୱେ ବିପକ୍ଷରେ ଭାରତ ପାଇଁ ଟି୨୦ ପଦାର୍ପଣ କରିଥିଲେ। ଦୀର୍ଘ ୫ ବର୍ଷ ପରେ ଦ୍ୱିତୀୟ ମ୍ୟାଚ୍‌ରେ ଖେଳିବାକୁ ସୁଯୋଗ ପାଇଥିଲେ। ଏହି ସମୟରେ ଭାରତ ୭୩ଟି ଅନ୍ତର୍ଜାତୀୟ ଟି୨୦ ଖେଳିସାରିଛି। ଯେକୌଣସି ଭାରତୀୟ ଖେଳାଳିଙ୍କ ପାଇଁ ଦୁଇ ଅନ୍ତର୍ଜାତୀୟ ମ୍ୟାଚ୍ ଖେଳିବା ମଧ୍ୟରେ ଏହା ସର୍ବାଧିକ ବ୍ୟବଧାନ। ପୂର୍ବରୁ ଏହି ରେକର୍ଡ ଭାରତୀୟ ପେସର ଉମେଶ ଯାଦବଙ୍କ ନାମରେ ଥିଲା। ଉମେଶ ୨୦୧୨ରୁ ୨୦୧୫ ମଧ୍ୟରେ କୌଣସି ଅନ୍ତର୍ଜାତୀୟ ଟି୨୦ ଖେଳି ନ ଥିଲେ। ସେହି ସମୟ ମଧ୍ୟରେ ଭାରତ ୬୫ ଟି୨୦ ଖେଳିଥିଲା। ସାମସନ୍ ଗତ ୮ଟି ଟି୨୦ ମ୍ୟାଚ୍‌ରେ ଭାରତୀୟ ଦଳରେ ସାମିଲ ଥିଲେ। ହେଲେ ଚୂଡ଼ାନ୍ତ ଏକାଦଶରେ ପ୍ରଥମ ଥର ପାଇଁ ସୁଯୋଗ ଦିଆଯାଇଥିଲା।



ସଞ୍ଜୁ ସାମସନ

# ଦି ୱାଲଙ୍କୁ ୪୭

ନୂଆଦିଲ୍ଲୀ,୧୧।୧– ପୂର୍ବତନ ଭାରତୀୟ ଅଧିନାୟକ ରାହୁଲ ଦ୍ରାଭିଡ ଶନିବାର ୪୭ ବର୍ଷରେ ପାଦ ଦେଇଛନ୍ତି। 'ଦି ୱାଲ' ଭାବେ ଜଣାଶୁଣା ଦ୍ରାଭିଡ୍ ଅନ୍ତର୍ଜାତୀୟ ସ୍ତରରେ ୧୬୪ ଟେଷ୍ଟ, ୩୪୪ ଦିନିକିଆ ଓ ଗୋଟିଏ ଟି୨୦ ଖେଳିଛନ୍ତି। ସେ ୨୦୧୨ ମାର୍ଚ୍ଚରେ ଅନ୍ତର୍ଜାତୀୟ କ୍ରିକେଟରୁ ଅବସର ଘୋଷଣା କରିଥିଲେ। ୪୮ ଶତକ ସହ କ୍ୟାରିୟର ଶେଷ କରିଥିଲେ ଦ୍ରାଭିଡ। ଏହି କିମ୍ବଦନ୍ତୀ ଖେଳାଳି ଏବେ ଜାତୀୟ କ୍ରିକେଟ ଏକାଡେମୀର ମୁଖ୍ୟ ଦାୟିତ୍ୱରେ ଥିବାବେଳେ ୧୯ ବର୍ଷରୁ କମ୍ ଓ ଭାରତ ଏ' ଦଳର କୋଚ୍ ପଦରେ ଆସୀନ। ଜନ୍ମଦିନ ଅବସରରେ ଆଇସିସିଠାରୁ ଆରମ୍ଭ କରି ପୂର୍ବତନ ଖେଳାଳିମାନେ ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ଟେଷ୍ଟ କ୍ରିକେଟରେ ସର୍ବାଧିକ ବଲ ଖେଳିଥିବା ତଥା ଟେଷ୍ଟ ଓ ଦିନିକିଆରେ ୧୦ ହଜାରରୁ ଅଧିକ ରନ୍ କରିଥିବା ଦ୍ରାଭିଡଙ୍କୁ ଜନ୍ମଦିନର ଅନେକ ଅନେକ ଶୁଭକାମନା ବୋଲି ଆଇସିସି ପକ୍ଷରୁ ଟୁଇଟ୍ କରାଯାଇଛି। ସେହିଭଳି ବିସିସିଆଇ ପକ୍ଷରୁ ଟୁଇଟ୍‌ରେ ଲେଖାଯାଇଛି, ଦ ୱାଲ ଦ୍ରାଭିଡଙ୍କୁ ଜନ୍ମଦିନର ଶୁଭକାମନା। ଟେଷ୍ଟ କ୍ରିକେଟରେ ତାଙ୍କ ସଫଳତା ସଭିଙ୍କୁ ଜଣା। କିନ୍ତୁ ନ୍ୟୁଜିଲାଣ୍ଡ ବିପକ୍ଷ ଦିନିକିଆରେ ତାଙ୍କ ଇନିଂସ ସ୍ୱତନ୍ତ୍ର ଥିଲା। ରୟାଲ ଚ୍ୟାଲେଞ୍ଜର୍ସ ଟୁଇଟର ପୋଷ୍ଟରେ ଦେଶର କ୍ରିକେଟପ୍ରେମୀଙ୍କୁ ତୁମେ ଖେଳିଲାବେଳେ ଅନୁପ୍ରାଣିତ କରିବା ପାଇଁ ଧନ୍ୟବାଦ। ଦ ୱାଲଙ୍କୁ ଜନ୍ମଦିନର ଶୁଭେଚ୍ଛା। ତାଙ୍କ ଶୁଭେଚ୍ଛୁଙ୍କ ତାଲିକାରେ ଅଜିଙ୍କ୍ୟ ରାହାନେ, ଭିଭିଏସ୍ ଲକ୍ଷ୍ମଣ, ମହମ୍ମଦ କୈଫ, ବୀରେନ୍ଦ୍ର ସେହ୍ୱାଗ, ରିଦ୍ଧିମାନ ଶାହ ଓ ବିସିସିଆଇ ସାଧାରଣ ସମ୍ପାଦକ ଜୟ ଶାହା ମଧ୍ୟ ରହିଛନ୍ତି।



# ସଇନି, ଠାକୁର ବିକଳ୍ପ ସୃଷ୍ଟି କରିଛନ୍ତି

**ଭିଭିଏସ୍ ଲକ୍ଷ୍ମଣ**

ଯେମିତ ଆଶା କରାଯାଉଥିବା ଭାରତ ୨–୦ରେ ଶ୍ରୀଲଙ୍କାଙ୍କୁ ଟି୨୦ ସିରିଜରେ ପରାସ୍ତ କରି ପୂରା ଢଙ୍ଗରେ ନୂଆବର୍ଷରେ ଅଭିଯାନ ଆରମ୍ଭ କରିଛି। ବିଜୟ ଅପେକ୍ଷା ବିଜୟ ହାସଲ କରିବା ନେଇ ଦଳର କୌଶଳ ଟିମ୍ ମ୍ୟାନେଜମେଣ୍ଟକୁ ଅଧିକ ଖୁସି କରିଥିବ।

ଖାସ୍ କରି ବୋଲିଂ ବିଭାଗର ପ୍ରଦର୍ଶନ ମୋତେ ପ୍ରଭାବିତ କରିଛି। ପ୍ରତ୍ୟାବର୍ତ୍ତନରେ ଯଶପ୍ରୀତ ବୁମ୍‌ରା ଆଶାନୁରୂପ ପ୍ରଦର୍ଶନ କରିଛନ୍ତି। ନବଦୀପ ସଇନି ଦମ୍‌ଦାର ପ୍ରଦର୍ଶନ କରିଛନ୍ତି ଓ ସେ ମ୍ୟାନ୍ ଅଫ୍ ଦି ସିରିଜ ବିବେଚିତ ହେବାକୁ ହକ୍‌ଦାର ବୋଲି କୁହାଯାଇପାରେ। ଇନ୍ଦୋର ଓ ପୁଣେରେ ସେ ଚମତ୍କାର ପ୍ରଦର୍ଶନ କରିଛନ୍ତି। ପେସ ସହିତ ପ୍ରତି ମ୍ୟାଚ୍‌ରେ ପ୍ରଦର୍ଶନରେ ଉନ୍ନତି ଆଣିବାକୁ ସକ୍ଷମ ହୋଇଛନ୍ତି। ଠିକ୍ ସ୍ଥାନରେ ସେ ୟର୍କର ପକାଉଛନ୍ତି। ସେହିପରି ସେ ଏକାଧିକ ସ୍ଲୋ ବଲ୍ ପକାଇ ପ୍ରତିପକ୍ଷ ବ୍ୟାଟ୍ସମ୍ୟାନଙ୍କୁ ଚକ୍‌ମା ଦେଇଛନ୍ତି। ସ୍ପିଡ୍ ସାଙ୍ଗକୁ ତାଙ୍କ ଦିଗ ବେଶ୍ ଚମତ୍କାର ଥିଲା ଓ ଭାରତୀୟ କ୍ରିକେଟ ପାଇଁ ଏହା ଶୁଭ ଲକ୍ଷଣ।

ଧଳା ବଲରେ ଦମ୍‌ଦାର ପ୍ରଦର୍ଶନ କରି ଶାର୍ଦ୍ଦୁଳ ଠାକୁର ଏବେ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ତାଙ୍କୁ ଭୁବନେଶ୍ୱର କୁମାର ଓ ଦୀପକ ଚହରଙ୍କ କାର୍ବନ କପି ବୋଲି କୁହାଯାଇପାରେ। ବଲ୍ ସୁଇଙ୍ଗ୍ କରିବା ସହ ସେ ନିମ୍ନକ୍ରମରେ ଦ୍ରୁତ ବ୍ୟାଟିଂ ମଧ୍ୟ କରିବାର କ୍ଷମତା ରଖୁଛନ୍ତି।

ତେବେ ଦ୍ରୁତ ବୋଲିଂରେ ଯଦି ଆଗଧାଡିର ଦ୍ରୁତ ବୋଲର କୌଣସି କାରଣରୁ ନ ଖେଳି ପାରନ୍ତି ତା'ହେଲେ ଭାରତ ପାଇଁ ବ୍ୟାକ୍‌ଅପ୍ ବୋଲରଙ୍କୁ ନେଇ ଗତ କେତେମାସ ହେବ ପ୍ରଶ୍ନ ସୃଷ୍ଟି ହୋଇଛି। ଆଗକୁ ଟି୨୦ ବିଶ୍ୱକପ୍ ଖେଳାଯିବା କାର୍ଯ୍ୟକ୍ରମ ରହିଥିବାରୁ ଏଭଳି ପ୍ରଶ୍ନ ଉଠିବା ମଧ୍ୟ ସ୍ୱାଭାବିକ। ଏବେ ଏହି ପ୍ରଶ୍ନର ଉତ୍ତର ହେଉଛି ସଇନି ଓ ଠାକୁର। ଦ୍ରୁତ ବୋଲିଂରେ ସଇନି ଓ ଠାକୁର ଏବେ ବିକଳ୍ପ ସୃଷ୍ଟି କରିପାରିଛନ୍ତି। ଗତ ମ୍ୟାଚ୍‌ରେ ଅଧିନାୟକ ବିରାଟ କୋହଲି ବେଞ୍ଚ୍‌ରେ ବସିଥିବା ଖେଳାଳିଙ୍କୁ ସୁଯୋଗ ଦେବା ଏକ ବଡ଼ କଥା। ମନୀଷ ପାଣ୍ଡେ




ଓ ସଞ୍ଜୁ ସାମସନଙ୍କୁ ସୁଯୋଗ ପାଇବାର ହକ୍ ମଧ୍ୟ ରଖୁଥିଲେ। ମନୀଷ ସୁଯୋଗର ସଦ୍‌ବ୍ୟବହାର କରିଛନ୍ତି। ମିଡଲଅର୍ଡର ବିପର୍ଯ୍ୟୟ ପରେ ମାନୀଷ ଭଲ ବୁଝାମଣା ରକ୍ଷା କରି ଇନିଂସ ସମ୍ଭାଳିବାରେ ସକ୍ଷମ ହୋଇଥିଲେ। ମନୀଷ ଜଣେ ପାରମ୍ପରିକ ବ୍ୟାଟ୍ସମ୍ୟାନ। ସେ ତାଙ୍କର ସବଳତା ବିଷୟରେ ଭଲ ଭାବରେ ଜାଣିଛନ୍ତି। ସୀମିତ ଓଭର କ୍ରିକେଟରେ ସେ ଦଳ ପାଇଁ ଏକ ବଡ଼ ସମ୍ପତ୍ତି ହୋଇଛନ୍ତି। ସେହିପରି ଅର୍ଦ୍ଧଶତକ ହାସଲ କରି ଶିଖର ଧାୱନ ପୁଣି ଥରେ ନିଜର ଦକ୍ଷତା ପ୍ରମାଣିତ କରିଛନ୍ତି। ଏହା ଚୟନକର୍ତ୍ତାଙ୍କୁ ବେଶ୍ ଖୁସ୍ କରିଥିବ। ଦ୍ୱିତୀୟ ଟି୨୦ରେ ସେ ସ୍ୱାଭାବିକ ଖେଳ ପ୍ରଦର୍ଶନ କରିଥିଲେ। ଆଗକୁ ଅଷ୍ଟ୍ରେଲିଆ ଓ ନ୍ୟୁଜିଲାଣ୍ଡ ବିପକ୍ଷ ସିରିଜ ଥିବାରୁ ସଦ୍ୟ ସମାପ୍ତ ଶ୍ରୀଲଙ୍କା ବିପକ୍ଷ ସିରିଜ ଭାରତ ପାଇଁ ବେଶ୍ ଗୁରୁତ୍ୱ ବହନ କରୁଛି। ଶ୍ରୀଲଙ୍କା ଦଳ ଅନଭିଜ୍ଞ ହୋଇଥିଲେ ମଧ୍ୟ ଦଳରେ ଏକାଧିକ ପ୍ରତିଭାସମ୍ପନ୍ନ ଖେଳାଳି ରହିଛନ୍ତି। ତେଣୁ ଆଗାମୀ ଦୁଇଟି ସିରିଜ ପାଇଁ ପ୍ରସ୍ତୁତିରେ ଭାରତକୁ ଏହି ସିରିଜ ବେଶ୍ ସହାୟ ହେବ। **(ଗେମ୍ ପ୍ଲାନ)**



ଯଦି କ୍ରିକେଟ ଟେଷ୍ଟ ମ୍ୟାଚ ଚାରିଦିନିଆ ବିଶିଷ୍ଟ କରାଯାଏ ତେବେ ଫାଷ୍ଟ ବୋଲରଙ୍କ ଇଞ୍ଜୁରି ରିସ୍କ ଥାଏ।
–ମିସ୍‌ବା ଉଲ୍ ହକ୍, ପାକିସ୍ତାନ ମୁଖ୍ୟ କୋଚ୍ ଓ ଚୟନକର୍ତ୍ତା



ଅଷ୍ଟ୍ରେଲିଆରେ ଭାରତ ଓ ଆୟୋଜକ ଦେଶ ମଧ୍ୟରେ ଦିବାରାତ୍ର ଟେଷ୍ଟ ମ୍ୟାଚ ଖେଳାଗଲେ ଦୁଇ ଦଳ ପାଇଁ ଏକ ଚ୍ୟାଲେଞ୍ଜ ହେବ।–ଷ୍ଟିଭ ୱ, ପୂର୍ବତନ ଅଷ୍ଟ୍ରେଲିଆ କ୍ରିକେଟର

## ସଂକ୍ଷେପରେ

### ଦିବାରାତ୍ର ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟ ଉଦ୍‌ଘାଟିତ

ଭୁବନେଶ୍ୱର, ୧୧।୧ (ସ୍ପୋର୍ଟ୍ସ ବ୍ୟୁରୋ)- ମହାଲେଖାଗାର କାର୍ଯ୍ୟାଳୟ ସୌଖିନ ବ୍ୟାଡ୍‌ମିଣ୍ଟନ ଖେଳାଳି କ୍ରୀଡ଼ାସଂଘ ଆନୁକୂଲ୍ୟରେ ନ୍ୟୁ ଏଜି ରେସିଡେଣ୍ଟ ଆସୋସିଏଶନର ସହଯୋଗରେ ଚତୁର୍ଥ ଦିବାରାତ୍ର ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟ ଶନିବାର ଆରମ୍ଭ ହୋଇଛି। ଏହା ୩ଦିନ ଧରି ଚାଲିବ। ସୌଖିନ ବ୍ୟାଡ୍‌ମିଣ୍ଟନ ଖେଳାଳି କ୍ରୀଡ଼ାସଂଘର ସଭାପତି ପ୍ରଭାତ କୁମାର ପ୍ରଧାନଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉଦ୍‌ଘାଟନୀ ଉତ୍ସବରେ ଭୁବନେଶ୍ୱର ମଧ୍ୟ ବିଧାୟକ ଅନନ୍ତ ନାରାୟଣ ଜେନା ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିଲେ। ପୂର୍ବତନ କର୍ପୋରେଟର ପୁଷ୍ପାଞ୍ଜଳୀ ଦାସ, ନ୍ୟୁ ଏଜି କଲୋନୀର ସଭାପତି ଶରତ କୁମାର ମହାପାତ୍ର, ସଂପାଦକ ବିରଞ୍ଚିନାରାୟଣ ସାହୁ, ବ୍ୟାଡମିଣ୍ଟନ ଖେଳାଳି ରଞ୍ଜିତ କୁମାର, ଅକ୍ଷୟ କୁମାର ମିଶ୍ର ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ଏହି ଡବଲ୍ସ ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟରେ ୬୧ଟି ଯୋଡ଼ି ଅଂଶଗ୍ରହଣ କରିଛନ୍ତି।

### ତମାଣ୍ଡୋ କପ୍ ସେମିରେ ଏକେ କ୍ଲବ

ଭୁବନେଶ୍ୱର, ୧୧।୧(ସ୍ପୋର୍ଟ୍ସ ବ୍ୟୁରୋ)- ଶିବ ଶକ୍ତି କ୍ଲବ ଆନୁକୂଲ୍ୟରେ ତମାଣ୍ଡୋ ମିନି ଷ୍ଟାଡିୟମରେ ଚାଲିଥିବା ତମାଣ୍ଡୋ କପ୍ ଫୁଟ୍‌ବଲ ଟୁର୍ନାମେଣ୍ଟର ୨୬ତମ ସଂସ୍କରଣ ସେମିଫାଇନାଲରେ ଏ.କେ. କ୍ଲବ (ଅନୁଗୋଳ) ପ୍ରବେଶ କରିଛି। ଶନିବାର ଖେଳାଯାଇଥିବା ୨ୟ କ୍ୱାର୍ଟର ଫାଇନାଲ ମ୍ୟାଚ୍‌ରେ ଏକେ କ୍ଲବ ୩-୦ ଟାଇବ୍ରେକର ଗୋଲରେ ଫୁଲବାଣୀ ଫୁଟ୍‌ବଲ କ୍ଲବକୁ ପରାସ୍ତ କରିଛି। ମ୍ୟାଚ୍‌ର ଉଭୟାର୍ଦ୍ଧ ଗୋଲଶୂନ୍ୟ ରହିବାରୁ ଫଳାଫଳ ପାଇଁ ରେଫରି ଟାଇବ୍ରେକରର ସହାୟତା ନେଇଥିଲେ। ଏଥିରେ ଅନୁଗୋଳ ଏକେ କ୍ଲବ ପକ୍ଷରୁ ସଚିନ ଏକ୍କା, କେର୍‌କେଟ୍ ତିର୍କୀ ଓ ବେତାଲ ଲାଖୁଆ ଗୋଟିଏ ଲେଖାଏ ଗୋଲସ୍କୋର କରିଥିଲେ। ଦିଗ୍‌ବିଜୟ ଦାସ, ଲକ୍ଷ୍ମୀ ପ୍ରସାଦ ନାଇଡୁ, ଚନ୍ଦ୍ରକାନ୍ତ ବାରିକ, ଅବିନାଶ ପଟ୍ଟନାୟକ ଖେଳ ପରିଚାଳନା କରିଥିଲେ। ବିଜୟୀ ଏକେ କ୍ଲବର ଗୋଲକିପର ଜନସନ ବୋଷଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରାଯାଇଥିଲା। ଜମେଶ୍ୱର ଦାସ ଅତିଥି ଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ରବିବାର ସଂଘର୍ଷ କ୍ଲବ (ଭୁବନେଶ୍ୱର) ଓ ଏକେ କ୍ଲବ ମଧ୍ୟରେ ପ୍ରଥମ ସେମିଫାଇନାଲ ମ୍ୟାଚ୍ ଖେଳାଯିବ।



ଓଡ଼ିଶା ଏଫ୍‌ସି-ମୁମ୍ବାଇ ସିଟି ମ୍ୟାଚର ଏକ ସଂଘର୍ଷପୂର୍ଣ୍ଣ ମୁହୂର୍ତ୍ତ ।



ବିଜୟ ପରେ ଖୁସି ମନାଉଛନ୍ତି ଓଡ଼ିଶା ଏଫ୍‌ସି ଖେଳାଳି।

# କଳିଙ୍ଗରେ ଓଡ଼ିଶା ଏଫ୍‌ସିର ହ୍ୟାଟ୍ରିକ ବିଜୟ

**ଇଣ୍ଡିଆନ ସୁପର ଲିଗ୍**

ଭୁବନେଶ୍ୱର,୧୧।୧(ସ୍ପୋର୍ଟ୍ସ ବ୍ୟୁରୋ)

ହୋମ୍ ଗ୍ରାଉଣ୍ଡ କଳିଙ୍ଗ ଷ୍ଟାଡିୟମରେ ଓଡ଼ିଶା ଏଫ୍‌ସି ଦମ୍‌ଦାର ପ୍ରଦର୍ଶନ ଜାରିରଖି କ୍ରମାଗତ ୩ଟି ମ୍ୟାଚ୍‌ରେ ବାଜି ମାରି ହ୍ୟାଟ୍ରିକ ବିଜୟ ହାସଲ କରିଛି। ହାଇପ୍ରୋଫାଇଲ ଇଣ୍ଡିଆନ ସୁପର ଲିଗ୍ (ଆଇଏସ୍‌ଏଲ୍)ରେ ଓଡ଼ିଶା ଶନିବାର ଶକ୍ତିଶାଳୀ ମୁମ୍ବାଇ ସିଟି ୨-୦ ଗୋଲ ପରାସ୍ତ କରିଛି। ଏଥିସହିତ ମୁମ୍ବାଇକୁ ହଟାଇ ଓଡ଼ିଶା ପଏଣ୍ଟ ତାଲିକାର ଚତୁର୍ଥ ସ୍ଥାନକୁ ଉନ୍ନୀତ ହୋଇଛି। ଏହାପୂର୍ବରୁ ଓଡ଼ିଶା କଳିଙ୍ଗ ଷ୍ଟାଡିୟମରେ ଗତ ୨୭ ତାରିଖରେ ଜାମ୍‌ସେଦପୁର ଏଫ୍‌ସିକୁ ୨-୧ ଗୋଲରେ ପରାସ୍ତ କରି ବିଜୟ ଅଭିଯାନ ଆରମ୍ଭ କରିଥିଲା। ସେହିପରି ଦ୍ୱିତୀୟ ମ୍ୟାଚ୍‌ରେ ଓଡ଼ିଶା ଚେନ୍ନାଇନ ଏଫ୍‌ସିକୁ ୨-୦ ଗୋଲରେ ପରାସ୍ତ କରିଥିଲା। ଏହି ବିଜୟ ସହ ଓଡ଼ିଶା ଏପର୍ଯ୍ୟନ୍ତ ୧୨ଟି ମ୍ୟାଚ୍ ଖେଳି ୫ ବିଜୟ, ୪ ପରାଜୟ ଓ ୩ ଡ୍ର ସହ ମୋଟ ୧୮ ପଏଣ୍ଟ ପାଇ ଗୋଟିଏ ସ୍ଥାନ ଉପରକୁ ଉଠି ପଏଣ୍ଟ ତାଲିକାର ଚତୁର୍ଥ ସ୍ଥାନରେ ରହିଛି। ଅନ୍ୟପଟେ ମୁମ୍ବାଇ ୧୨ଟି ମ୍ୟାଚ୍ ଖେଳି ୪ଟି ଲେଖାଏ ବିଜୟ, ପରାଜୟ ଏବଂ ଡ୍ର ସହ ୧୬ ପଏଣ୍ଟ ପାଇ ଗୋଟିଏ ସ୍ଥାନ ତଳକୁ ଖସି ପଞ୍ଚମ ସ୍ଥାନରେ ରହିଛି।

ପ୍ରଥମାର୍ଦ୍ଧରେ ଜବରଦସ୍ତ ସଂଘର୍ଷ ଦେଖିବାକୁ ମିଳିଥିଲା ଓ ମ୍ୟାଚ୍ ଗୋଲଶୂନ୍ୟ ରହିଥିଲା। ଦ୍ୱିତୀୟାର୍ଦ୍ଧ ଆରମ୍ଭରେ ଓଡ଼ିଶା ତରଫରୁ ପୁଣିଥରେ ଆଡ୍ରିଆନ ସାଣ୍ଟାନା ନିର୍ଣ୍ଣାୟକ ସାବ୍ୟସ୍ତ ହୋଇଥିଲେ। ୪୭ତମ ମିନିଟ୍‌ରେ ସାଣ୍ଟାନା ପ୍ରଥମ ଗୋଲ ନେଇ ଓଡ଼ିଶାକୁ ଅଗ୍ରଣୀ କରାଇଥିଲେ। ଏହାପରେ ସ୍ପାନିଶ ଖେଳାଳି ଜିସ୍କୋ ହେର୍ନାଣ୍ଡିଜ୍ ୭୪ ତମ ମିନିଟ୍‌ରେ ଆଉ ଏକ ଗୋଲ ଦେଇ ଘରୋଇ ଦଳକୁ ୨-୦ରେ ଅଗ୍ରଣୀ କରାଇଥିଲେ। ଓଡ଼ିଶା ପ୍ରଭାବ ବିସ୍ତାର କରି ଖେଳିଥିଲା। ଓଡ଼ିଶା ଆରମ୍ଭରୁ ଆକ୍ରମଣାତ୍ମକ ପ୍ରଦର୍ଶନ କରିଥିଲା ଓ ମୁମ୍ବାଇକୁ ସୁଯୋଗ ଦେଇ ନ ଥିଲା। ମୁମ୍ବାଇର ଆଟକ ମଧ୍ୟ ସେତେଟା ପ୍ରଭାବୀ ନ ଥିଲା। ଡିଫେନ୍ସରେ ମୁମ୍ବାଇର ଦୁର୍ବଳତା ପଦାରେ ପଡିଥିଲା। ଘରୋଇ ଦଳର ପ୍ରଦର୍ଶନରେ ଅପେକ୍ଷାକୃତ ଅଧିକ ସନ୍ତୁଳନ ଥିଲା ଓ ଡିଫେନ୍ସ ପ୍ରତିପକ୍ଷ ଦଳକୁ ସୁଯୋଗ ଦେଇ ନ ଥିଲା। ଫଳରେ ଶେଷରେ ଓଡ଼ିଶା ସହଜରେ ବିଜୟ ହାସଲ କରି ନେଇଥିଲା। ଦଳର ପ୍ରଦର୍ଶନରେ ଓଡ଼ିଶା କୋଚ୍ ଜୋସେଫ୍ ଗାମ୍ବାଓ ସନ୍ତୋଷ ପ୍ରକଟ କରିଛନ୍ତି। ଦଳ ଶ୍ରେଷ୍ଠ-୪ ରେ ସ୍ଥାନ ହାସଲ କରିଥିବାରୁ ଗାମ୍ବାଓ ଖୁସି ଜାହିର କରିଛନ୍ତି।

**ଶ୍ରେଷ୍ଠ-୪ରେ ଓଡ଼ିଶା**

| ଦଳ | ମ୍ୟାଚ୍ | ବିଜୟ | ଡ୍ର | ପରାଜୟ | ପଏଣ୍ଟ |
|---|---|---|---|---|---|
| ଗୋଆ | ୧୨ | ୭ | ୩ | ୨ | ୨୪ |
| ବେଙ୍ଗାଲୁରୁ | ୧୨ | ୬ | ୪ | ୨ | ୨୨ |
| ଏଟିକେ | ୧୧ | ୬ | ୩ | ୨ | ୨୧ |
| ଓଡ଼ିଶା | ୧୨ | ୫ | ୩ | ୪ | ୧୮ |
| ମୁମ୍ବାଇ ସିଟି | ୧୨ | ୪ | ୪ | ୪ | ୧୬ |
| ଜାମସେଦପୁର | ୧୧ | ୩ | ୪ | ୪ | ୧୩ |
| ଚେନ୍ନାଇନ | ୧୧ | ୩ | ୩ | ୫ | ୧୨ |
| କେରଳ ବ୍ଲାଷ୍ଟର୍ସ | ୧୧ | ୨ | ୫ | ୪ | ୧୧ |
| ନର୍ଥଇଷ୍ଟ ୟୁନାଇଟେଡ | ୧୦ | ୨ | ୫ | ୩ | ୧୧ |
| ହାଇଦ୍ରାବାଦ | ୧୨ | ୧ | ୨ | ୯ | ୫ |

# ଫୁଟବଲ: ଡହଗାଁ ଚାମ୍ପିୟନ



ଫାଇନାଲ ମ୍ୟାଚ୍‌ରେ ଅତିଥିଙ୍କ ଗହଣରେ ଉଭୟ ଦଳର ଖେଳାଳି ।

କୋକସରା, ୧୧।୧ (ଡି.ଏନ.ଏ.)

କଳାହାଣ୍ଡି ଜିଲା କୋକସରା ବ୍ଲକ ମାଝିଗୁଡା ପଞ୍ଚାୟତ ଦାବରିଗୁଡା ଖେଳପଡିଆଠାରେ ଲାଲବାହାଦୁର ଯୁବକ ସଂଘ ଆନୁକୁଲ୍ୟରେ ଚାଲିଥିବା ପଞ୍ଚଦିବସୀୟ ଗଜାନନ ସ୍ମାରକୀ ଫୁଟବଲ ଟୁର୍ନାମେଣ୍ଟ ଶନିବାର ଉଦ୍‌ଯାପିତ ହୋଇଯାଇଛି। ବଗାଡ ଏବଂ ଡହଗାଁ ମଧ୍ୟରେ ସଙ୍ଘର୍ଷପୂର୍ଣ୍ଣ ଫାଇନାଲ ମ୍ୟାଚ୍‌ରେ ଡହଗାଁ ଦଳ ୨-୦ ଗୋଲରେ ବିଜୟୀ ହୋଇଥିଲା। ବିଜେତା ଓ ଉପବିଜେତା ଦଳକୁ ଚାମ୍ପିୟନ ଟ୍ରଫି ଓ ରନର୍ସଅପ ଟ୍ରଫି ସହ ପୁରସ୍କାର ରାଶି ପ୍ରଦାନ କରାଯାଇଥିଲା। ଲାଲବାହାଦୁର ଶାସ୍ତ୍ରୀ ଯୁବକ ସଂଘ ସଭାପତି ଘନଶ୍ୟାମ ନାଏକ, ସମ୍ପାଦକ ଡମ୍ବରୁଧର ଦୁର୍ଗା, କୋଷାଧ୍ୟକ୍ଷ ନିଳାମ୍ବର ନାଏକ, କରୁଣାକର ଦୁର୍ଗା, ରମେଶ ଚନ୍ଦ୍ର ଦୁର୍ଗା, କ୍ଷିତିମଣି ନାଏକ, ଯୁଧିଷ୍ଠିର ନାଏକ, ଗୁଣନିଧି ନାଏକ ପ୍ରମୁଖ ସହଯୋଗ କରିଥିଲେ। ଖେଳର ଧାରା ବିବରଣୀ ବିକ୍ରମ କେତକୀ ପ୍ରଦାନ କରିଥିଲେ। ଫାଇନାଲ ଖେଳକୁ ଖେଳ ଶିକ୍ଷକ ଶଙ୍କର ପୋଡ ଓ ଚିତ୍ତରନ ଠାକୁର ପରିଚାଳନା କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଧର୍ମଗଡ ବିଧାୟକ ମୌଷଧି ବାଗ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ସମ୍ମାନିତ ଅତିଥି ଧବଳେଶ୍ୱର ନାଗ, ଅକ୍ଷୟ କୁମାର ଯୋଷୀ, ପ୍ରମୋଦ କିଶୋର ଦାସ, ଶିଙ୍ଗ ମାଝି ଓ ତ୍ରିନାଥ ବାଗ, ଜୟପାଲ ନାଏକ ଯୋଗଦେଇଥିଲେ।

# ଆନ୍ନାମଲାଇ- ଜିଏନ୍‌ଡିୟୁ ଅମୃତସର ଫାଇନାଲ

**ଆନ୍ତଃ ବିଶ୍ୱବିଦ୍ୟାଳୟ ଆନ୍ତଃ ଜୋନ ଫୁଟବଲ**

ଭୁବନେଶ୍ୱର,୧୧।୧(ସ୍ପୋର୍ଟ୍ସ ବ୍ୟୁରୋ)

ସ୍ଥାନୀୟ କିଟ୍ ବିଶ୍ୱବିଦ୍ୟାଳୟ ଗ୍ରାଉଣ୍ଡରେ ଚାଲିଥିବା ସର୍ବଭାରତୀୟ ଆନ୍ତଃ ବିଶ୍ୱବିଦ୍ୟାଳୟ ଆନ୍ତଃ ଜୋନ୍ ଫୁଟବଲ (ପଶ୍ଚିମ) ଟୁର୍ନାମେଣ୍ଟର ଫାଇନାଲ ମୁକାବିଲା ସ୍ପଷ୍ଟ ହୋଇଛି। ୯ ତାରିଖରୁ ଆରମ୍ଭ ହୋଇଥିବା ଏହି ଟୁର୍ନାମେଣ୍ଟର ଫାଇନାଲ ରବିବାର ଖେଳାଯିବ। ଏହି ଟୁର୍ନାମେଣ୍ଟରେ ୧୬ଟି ମହିଳା ଦଳ ଅଂଶଗ୍ରହଣ କରିଛନ୍ତି। ଟାଇଟଲ ପାଇଁ ଫାଇନାଲ ମୁକାବିଲାରେ ଆନ୍ନାମଲାଇ ଓ ଜିଏନ୍‌ଡିୟୁ ଅମୃତସର ସକାଳ ୧୦ଟାରେ ମୁହାଁମୁହିଁ ହେବେ। ଶନିବାର ଖେଳାଯାଇଥିବା ପ୍ରଥମ ସେମିଫାଇନାଲ ମ୍ୟାଚ୍‌ରେ ଅମୃତସର ୨-୦ ଗୋଲରେ ଗୋଆ ବିଶ୍ୱବିଦ୍ୟାଳୟକୁ ହରାଇ ଫାଇନାଲରେ ପ୍ରବେଶ କରିଥିଲା। ସେହିପରି ଦ୍ୱିତୀୟ ସେମିଫାଇନାଲରେ ଆନ୍ନାମଲାଇ ୩-୦ ଗୋଲରେ ଏମ୍.ଡି.ୟୁ. ରୋହତକ ବିଶ୍ୱବିଦ୍ୟାଳୟକୁ ହରାଇ ଫାଇନାଲକୁ ଉଠିଥିଲା। ସେହିପରି ହାର୍ଡଲାଇନ୍ ମ୍ୟାଚ୍‌ରେ ଗୋଆ ଓ ରୋହତକ ରବିବାର ସକାଳ ୮ଟାରେ ପରସ୍ପରକୁ ଭେଟିବେ। କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଥିବା ୮ଟି ଦଳ ପ୍ରଥମ ଖେଲୋ ଇଣ୍ଡିଆ ୟୁନିଭର୍ସିଟି ଗେମ୍ସ ଖେଳିବା ପାଇଁ କ୍ୱାଲିଫାଏ କରିଛନ୍ତି। ଏହି ଦଳଗୁଡିକ ହେଲା ଅମୃତସର, ଚଣ୍ଡିଗଡର ପଞ୍ଜାବ ୟୁନିଭର୍ସିଟି, କାଲିକଟ, ଗୋଆ, ଆନ୍ନାମଲାଇ, ଏଲ.ଏନ.ଆଇ.ପି.ଇ ଗ୍ୱାଲିୟର, ମଦୁରାଇ କାମରାଜ ଓ ରୋହତକ ବିଶ୍ୱବିଦ୍ୟାଳୟ।



ସର୍ବଭାରତୀୟ ଆନ୍ତଃବିଶ୍ୱ ବିଦ୍ୟାଳୟ ଜୋନ ଫୁଟବଲ: ଫାଇନାଲରେ ପ୍ରବେଶ କରିଥିବା ଦୁଇ ଦଳ।



ଶନିବାର ମୁମ୍ବାଇଠାରେ ପ୍ରାକ୍ଟିସ ସେସନ ଅବସରରେ ଅଷ୍ଟ୍ରେଲୀୟ କ୍ରିକେଟର ଷ୍ଟିଭ୍ ସ୍ମିଥ୍।

## ସିଦ୍ଧାନ୍ତ ମେମୋରିଆଲ କ୍ରିକେଟ

# ସହିଦ ସ୍ପୋର୍ଟିଂ-ପାରାମାଉଣ୍ଟ ଏ' ଫାଇନାଲ ଆଜି

ଭୁବନେଶ୍ୱର, ୧୧।୧ (ସ୍ପୋର୍ଟ୍ସ ବ୍ୟୁରୋ)

ପାରାମାଉଣ୍ଟ ସ୍ପୋର୍ଟିଂ ଆନୁକୂଲ୍ୟରେ ଚାଲିଥିବା ସିଦ୍ଧାନ୍ତ ମେମୋରିଆଲ ୧୩ ବର୍ଷରୁ କମ୍ କ୍ରିକେଟ୍ ଲିଗ୍‌ର ଫାଇନାଲ ଲାଇନ୍‌ଅପ୍ ଚୂଡ଼ାନ୍ତ ହୋଇଯାଇଛି। ରବିବାର ସହିଦ୍ ସ୍ପୋର୍ଟିଂ ଓ ପାରାମାଉଣ୍ଟ-ଏ ଦଳ ମଧ୍ୟରେ ଫାଇନାଲ ମ୍ୟାଚ୍ ଖେଳାଯିବ। ଶନିବାର ଅନୁଷ୍ଠିତ ୨ୟ ସେମିଫାଇନାଲ ମୁକାବିଲାରେ ପାରାମାଉଣ୍ଟ-ଏ ୭୭ ରନରେ ବିବିସିଏକୁ ପରାସ୍ତ କରି ଫାଇନାଲରେ ପ୍ରବେଶ କରିଛି। ଏହି ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ପାରାମାଉଣ୍ଟ-ଏ ୨୯.୩ ଓଭରରେ ସମସ୍ତ ଉଇକେଟ୍ ହରାଇ ୧୧୪ ରନ କରିଥିଲା। ଦଳ ପକ୍ଷରୁ ତୁଷାର ସେନ ଗୁପ୍ତା ୩୦, ସ୍ୱାଗତ ସୌରଭ ମିଶ୍ର ୧୮, ପ୍ରତ୍ୟୁଷ ପ୍ରକାଶ ସାହୁ ୧୧ ରନ କରିଥିଲେ। ପ୍ରତିପକ୍ଷ ବୋଲର ଶିଶିର ପଟ୍ଟନାୟକ ଓ ବିଶ୍ୱଜିତ୍ ପ୍ରଧାନ ୩ଟି ଲେଖାଏ ଉଇକେଟ୍ ନେଇଥିଲେ। ଜବାବରେ ବିବିସିଏ ୧୮ ଓଭରରେ ମାତ୍ର ୩୭ ରନ କରି ଅଲ୍‌ଆଉଟ୍ ହୋଇଥିଲା। ବିଜୟୀ ଦଳ ପକ୍ଷରୁ ଦୁର୍ଗା ପ୍ରସାଦ ମଲିକ ୩ ଏବଂ ପ୍ରତ୍ୟୁଷ ଓ ସୟଦ ଟଫେଲ ଅହମ୍ମଦ ୨ଟି ଲେଖାଏ ଉଇକେଟ୍ ନେଇଥିଲେ। ପ୍ରତ୍ୟୁଷ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଏବଂ ସ୍ୱାଗତ ଶ୍ରେଷ୍ଠ ଫିଲ୍ଡର ବିବେଚିତ ହୋଇଥିଲେ।



ଅତିଥି ମ୍ୟାନ ଅଫ୍ ଦି ମ୍ୟାଚ ପୁରସ୍କାର ପ୍ରଦାନ କରୁଛନ୍ତି।

ଅଶୋକ କୁମାର ପାତ୍ର ଓ ଦେବୀଦତ୍ତ ଦେବଶର୍ମା ଅତିଥିଭାବେ ଉପସ୍ଥିତ ରହିଥିଲେ। ମ୍ୟାଚ୍‌କୁ ଚଣ୍ଡୀ ପ୍ରସନ୍ନ ମହାପାତ୍ର ଓ ସୁଶାନ୍ତ ଦାଶ ପରିଚାଳନା କରିଥିଲେ।

# ପ୍ରିୟଙ୍କା, ଯତୀନ, ଅସମିଙ୍କ ସ୍ୱର୍ଣ୍ଣ ଅଭିଯାନ ଜାରି

**ଖେଲୋ ଇଣ୍ଡିଆ ୟୁଥ୍ ଗେମ୍ସ**

ଗୁଆହାଟୀ,୧୧।୧(ପି.ଟି.)

ସ୍ଥାନୀୟ ଇନ୍ଦିରା ଗାନ୍ଧୀ ଆଥଲେଟିକ ଷ୍ଟାଡିୟମରେ ଚାଲିଥିବା ଖେଲୋ ଇଣ୍ଡିଆ ୟୁଥ୍ ଗେମ୍ସରେ ମହାରାଷ୍ଟ୍ର ଜିମ୍ନାଷ୍ଟ ଅସ୍‌ମି ଅଙ୍କୁଶ ବଡାଡେ ଓ ଉତ୍ତରପ୍ରଦେଶର ଯତୀନ କୁମାର କାନୋଜିଆ ଦମ୍‌ଦାର ପ୍ରଦର୍ଶନ କରି ସ୍ୱର୍ଣ୍ଣ ଅଭିଯାନ ଜାରି ରଖିଛନ୍ତି। ଶନିବାର ଏହି ଦୁଇ ଖେଳାଳି ବ୍ୟକ୍ତିଗତ ଭାବେ ୩ଟି ଲେଖାଏ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି।

ପ୍ରଥମ ଦିବସରେ ଷ୍ଟାର ପରଫର୍ମର ଥିଲେ ତ୍ରିପୁରାର ପ୍ରିୟଙ୍କା ଦାସଗୁପ୍ତା। ସେ ମୋଟ ୪ଟି ସ୍ୱର୍ଣ୍ଣ ପଦକ ହାସଲ କରି ଏପର୍ଯ୍ୟନ୍ତ ସଫଳତମ ଖେଳାଳି ସାବ୍ୟସ୍ତ ହୋଇଛନ୍ତି। ଆଥଲେଟିକ ପ୍ରତିଯୋଗିତା ଆରମ୍ଭ ହେବା ମାତ୍ରେ ୪ଟି ମିଟ୍ ରେକର୍ଡ ସୃଷ୍ଟି ହୋଇଥିଲା ଓ ଏହା ସମସ୍ତଙ୍କ ଦୃଷ୍ଟିଆକର୍ଷଣ କରିଥିଲା।

ମଧ୍ୟପ୍ରଦେଶର ଅର୍ଜୁନ ୱାସ୍‌କାଲ ୧୭ ବର୍ଷରୁ କମ ୩୦୦୦ମି ରେସ୍‌ର ବିଜୟୀ ହୋଇଥିଲେ। ୧୭ ବର୍ଷରୁ କମ୍ ଜାଭେଲିନ ଥ୍ରୋ'ରେ ବିବେକ କୁମାର ବାଜି ମାରିଥିଲେ। ସକାଳେ ସେ ୧୮ଟିରୁ ୭ଟି ପଦକ ଜିତିଥିଲେ। ସେହିପରି ୨୧ ବର୍ଷରୁ କମ୍ ୫୦୦୦ ମି. ରେସ୍‌ରେ କଡ଼ା ପ୍ରତିଦ୍ୱନ୍ଦ୍ୱିତା ଦେଖିବାକୁ ମିଳିଥିଲା। ଗତଥରର ଚାମ୍ପିୟନ ଅଜିତ କୁମାର ଏହି ଇଭେଣ୍ଟରେ ସ୍ୱର୍ଣ୍ଣ ଜିତିଥିବା ବେଳେ ସୁନୀଲ ଦୱାର ରୌପ୍ୟରେ ସନ୍ତୁଷ୍ଟ ହୋଇଥିଲେ। ଅଜିତ୍ ଏକ ସେକେଣ୍ଡର ୧୦୦ ଭାଗରୁ ଭାଗେ କମ୍ ସମୟ ନେଇ ବାଜି ମାରିଥିଲେ। ସେ ମୋଟ ଉପରେ ୧୪: ୩୯.୯୯ ସେକେଣ୍ଡ ସମୟ ନେଇ ନୂଆ ମିଟ୍ ରେକର୍ଡ କରିଛନ୍ତି। ୨୧ ବର୍ଷରୁ କମ୍ ୫୦୦୦ମି. ବାଳିକା ରେସ୍‌ରେ ଉତ୍ତରାଖଣ୍ଡର ଅଙ୍କିତା ୧୬: ୩୮.୭୫ ସମୟ ନେଇ ନୂଆ ମିଟ୍ ରେକର୍ଡ କରିବା ସହ ସ୍ୱର୍ଣ୍ଣ ହାତେଇଛନ୍ତି। ଭୋଗେଶ୍ୱରୀ



ପ୍ରିୟଙ୍କା ଦାସଗୁପ୍ତା

ଫୁଲକାନାନି ଇନ୍‌ଡୋର ଷ୍ଟାଡ଼ିୟମରେ ଯତୀନ କୁମାର କାନୋଜିଆ ପାରାଲାଲ ବାର୍ସରେ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ସେ ଗୁରୁବାର ବାଳକ ୧୭ ବର୍ଷରୁ କମ୍ ଆର୍ଟିଷ୍ଟିକ୍ ଜିମ୍ନାଷ୍ଟିକ୍ସରେ ମଧ୍ୟ ସ୍ୱର୍ଣ୍ଣ ଜିତିଥିଲେ। ୩ଟି ସ୍ୱର୍ଣ୍ଣ ସହ ସେ ପ୍ରତିଯୋଗିତାରେ ୫ଟି ପଦକ ଜିତିବାର ଗୌରବ ଅର୍ଜନ କରିଛନ୍ତି।

ମହାରାଷ୍ଟ୍ରର ଅସମି ଅଙ୍କୁଶ ବଡାଡେ ବାଳିକା ୧୭ ବର୍ଷରୁ କମ୍ ରିଦ୍‌ମିକ୍ ଜିମ୍ନାଷ୍ଟିକ୍ସରେ ପ୍ରଭାବୀ ପ୍ରଦର୍ଶନ କରିଥିଲେ। ସେ ବଲ୍ ଓ ରୋପ୍ ରୁଟିନ୍‌ରେ ୩ଟି ଯାକ ଇଭେଣ୍ଟରେ ସ୍ୱର୍ଣ୍ଣ ହାସଲ କରିଛନ୍ତି। ସେହିପରି ଆସାମର ଉପାସା ତାଲୁକଦାର ଓ ମହରାଷ୍ଟ୍ରର ଶ୍ରେୟା ପ୍ରବୀନ ଭଙ୍ଗାଲେ ଏହି ଇଭେଣ୍ଟରେ ଯଥାକ୍ରମେ ରୌପ୍ୟ ଓ ବ୍ରୋଞ୍ଜ୍ ପଦକ ହାସଲ କରିଛନ୍ତି।

## ସେଲ୍ଫି କର୍ଣ୍ଣର

ସୀମିତ ସ୍ଥାନ ଯୋଗୁ ଏଠାରେ ସମସ୍ତ ସେଲ୍ଫି ଛାପି ହେଉନାହିଁ। ଅଧିକ ସେଲ୍ଫି ଦେଖିବା ପାଇଁ ଯାଆନ୍ତୁ ଆମ ୱେବ୍‌ସାଇଟ୍
www.dharitri.com/category/selfie


ଗୁଲସନ


ନବ କିଶୋର


କୋଶଳି


ଅଶ୍ୱିନୀ

ସେଲ୍ଫି ଉଠାନ୍ତୁ, ଆମକୁ ପଠାନ୍ତୁ smbselfie@gmail.com (ମନୋନୀତ ସେଲ୍ଫି ପ୍ରକାଶ ପାଇବ)

■ ଭାଜପାର ଜନ ଜାଗରଣ ସଭାରେ ଗିରିରାଜଙ୍କ ଆହ୍ୱାନ

# ଭାରତରେ ରହିଲେ 'ବନ୍ଦେ ମାତରମ୍' କୁହ

**ସମ୍ବଲପୁର,୧୧।୧(ବ୍ୟୁରୋ)**

ଭାରତରେ ରହିଲେ ବନ୍ଦେ ମାତରମ୍ ନାରା କହିବାକୁ ହେବ। ଭାରତର ସ୍ୱାଧୀନତା ଲଢେଇରେ ବୀର ପୁରୁଷମାନେ ଏହି ସ୍ଲୋଗାନ ଦେଇ ଦେଶ ପ୍ରତି ଭକ୍ତି ପ୍ରକାଶ କରୁଥିଲେ। ହେଲେ ଆଜି ଦେଶରେ କେତେକ ଛୋଟ ଛୋଟ ଗ୍ୟାଙ୍ଗ୍ ରହିଛନ୍ତି। ସେମାନେ ବନ୍ଦେ ମାତରମ୍ କହିବାକୁ କୁଣ୍ଠାବୋଧ କରୁଛନ୍ତି। ଏମାନେ ଦେଶରେ ରହିବେ। ସମସ୍ତ ସୁବିଧା ସୁଯୋଗ ନେବେ। ସମସ୍ତ ମୌଳିକ ଅଧିକାର ପାଇଁ ଦାବି କରିବେ। ହେଲେ ଦେଶ ବିରୋଧୀ କାମ କରିବାକୁ ପଛାଇବେ ନାହିଁ। ସେମାନଙ୍କୁ କଂଗ୍ରେସ ଓ ଅନ୍ୟ କେତେକ ରାଜନୈତିକ ଦଳ ସମର୍ଥନ କରୁଛନ୍ତି। ସେମାନଙ୍କ ସମର୍ଥନରେ ଦେଶର ବିଭିନ୍ନ ସ୍ଥାନରେ ହିଂସା ସୃଷ୍ଟି ହେଉଛି। ଏହାର ଏକ ଉଦାହରଣ ଜବାହର ଲାଲ ନେହେରୁ ବିଶ୍ୱବିଦ୍ୟାଳୟ (ଜେଏନ୍‌ୟୁ) ଓ ପଶ୍ଚିମବଙ୍ଗକୁ ନିଆଯାଇପାରେ। ବିରୋଧୀ ରାଜନୈତିକ ଦଳ ଏବେ ସଂଶୋଧିତ ନାଗରିକତ୍ୱ ଆଇନ (ସିଏଏ)କୁ ନେଇ ବିରୋଧ କରୁଛନ୍ତି। ଏହି ଆଇନ କାହାରି ନାଗରିକତ୍ୱ ଛଡାଇବା ପାଇଁ ନୁହେଁ ବରଂ ଏହା ନାଗରିକତ୍ୱ ଦେବା ପାଇଁ ତିଆରି କରାଯାଇଛି ବୋଲି କେନ୍ଦ୍ର ମତ୍ସ୍ୟ ଓ ପଶୁ ସମ୍ପଦ ମନ୍ତ୍ରୀ ଗିରିରାଜ ସିଂ କହିଛନ୍ତି।

ସମ୍ବଲପୁର ଜିଲା ଭାଜପା ପକ୍ଷରୁ ସ୍ଥାନୀୟ ଗଙ୍ଗାଧର ମଣ୍ଡପରେ ଶନିବାର ଏକ ଜନ ଜାଗରଣ ସଭାର ଆୟୋଜନ କରାଯାଇଥିଲା। କେନ୍ଦ୍ରମନ୍ତ୍ରୀ ଗିରିରାଜ ସିଂ ଏଥିରେ ଯୋଗଦେଇ କହିଲେ, ପାକିସ୍ତାନ, ବାଂଲାଦେଶ, ଆଫଗାନିସ୍ତାନରେ ଆଜି ମଧ୍ୟ ସଂଖ୍ୟାଲଘୁ ହିନ୍ଦୁ, ଶିଖ୍, ଇସାଇ, ବୁଦ୍ଧିଷ୍ଟ, ଜୈନ ଭଳି ପରିବାରମାନେ ଧାର୍ମିକ ଉତ୍ପୀଡନର ଶିକାର ହେଉଛନ୍ତି। ସେମାନଙ୍କୁ ଭାରତକୁ ଫେରାଇ ଆଣି ନାଗରିକତ୍ୱ ଦେବା ପାଇଁ ଏହି ବ୍ୟବସ୍ଥା କରାଯାଇଛି। ଭାରତରେ ରହୁଥିବା ମୁସଲମାନମାନେ ଭୟଭୀତ ହେବାର କୌଣସି କାରଣ ନାହିଁ। ସମସ୍ତ ଭାରତବାସୀଙ୍କୁ ସୁବିଧା ମିଳିବ। କିଛି ରାଜନୈତିକ ଦଳ ଦେଶରେ ଅଶାନ୍ତ ବାତାବରଣ ସୃଷ୍ଟି କରୁଛନ୍ତି। ଦେଶରେ ମୁସଲମାନମାନଙ୍କୁ ଭୋଟର ପରିଚୟ ପତ୍ର, ଆଧାର କାର୍ଡ ପ୍ରଦାନ କରାଯାଇଛି। ସେମାନଙ୍କ ଭୋଟ ଦେବାର ଅଧିକାର ରହିଛି। ସେହି ଅଧିକାର କାହା ପାଖରୁ ଛଡ଼ାଇ ନିଆଯିବ ନାହିଁ। ହେଲେ ଅନୁପ୍ରବେଶକାରୀ ମୁସଲମାନମାନଙ୍କୁ ନାଗରିକତ୍ୱ ଦିଆଯିବ ନାହିଁ। ଭାରତ-ପାକିସ୍ତାନ ବିଭାଜନ ଯଦି ଧର୍ମକୁ ନେଇ ହୋଇଥାନ୍ତା ତେବେ ଆଜି ଏହି ଆଇନର ଆବଶ୍ୟକ ନ ଥିଲା। ସେ ସମୟରେ ଯାହା ଚୁକ୍ତି ହୋଇଥିଲା ପାକିସ୍ତାନ ତାହା ପାଳନ କରୁନାହିଁ। ଆଜି ମଧ୍ୟ ସେଠାରେ ସଂଖ୍ୟାଲଘୁମାନଙ୍କୁ ଶୋଷଣ ଓ ଅତ୍ୟାଚାର କରାଯାଉଛି। ତେଣୁ ଏହି ଆଇନକୁ ସମର୍ଥନ କରିବାକୁ କେନ୍ଦ୍ରମନ୍ତ୍ରୀ ଗିରିରାଜ ଆହ୍ୱାନ କରିଥିଲେ।

ଏହି ସଭାରେ ଜିଲା ସଭାପତି ଗିରିଶ ପଟେଲ ଅଧ୍ୟକ୍ଷତା କରିଥିଲେ। ଭାଜପା ରାଜ୍ୟ ସଭାପତି ତଥା କଳାହାଣ୍ଡି ଏମ୍‌ପି ବସନ୍ତ ପଣ୍ଡା, ସମ୍ବଲପୁର ଏମ୍‌ପି ନୀତେଶ ଗଙ୍ଗଦେବ, ବରଗଡ ଏମ୍‌ପି ତଥା ରାଷ୍ଟ୍ରୀୟ ସମ୍ପାଦକ ସୁରେଶ ପୂଜାରୀ, ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ର, ରେଙ୍ଗାଲି ବିଧାୟକ ନାଉରି ନାଏକ, ରାଜ୍ୟ ପ୍ରବକ୍ତା ଗୋବିନ୍ଦ ଅଗ୍ରୱାଲ, ଜିଲା ପରିଷଦ ଅଧ୍ୟକ୍ଷ ରାଧେଶ୍ୟାମ ବାରିକ, ରାଜ୍ୟ ପ୍ରବକ୍ତା ଦିଲୀପ ମଲ୍ଲିକ, ପୂର୍ବତନ ବିଧାୟିକା ରାଧାରାଣୀ ପଣ୍ଡା, ପୂର୍ବତନ ବିଧାୟକ ରବି ନାରାୟଣ ନାଏକ, ପୂର୍ବତନ ଜିଲା ସଭାପତି ରାମଚନ୍ଦ୍ର ମେହେରଙ୍କ ସମେତ ଶିଖ୍, ମୁସଲମାନ ଧର୍ମାବଲମ୍ବୀ ଲୋକେ ଯୋଗଦେଇଥିଲେ। ଅନିଲ କୁମାର ବେହେରା ପ୍ରାରମ୍ଭିକ ସୂଚନା ଦେଇଥିଲେ। ପ୍ରଥମେ ସମଲେଇ ମନ୍ଦିରରେ ପୂଜାର୍ଚ୍ଚନା ପରେ ବାଲିବନ୍ଧା, ଲକ୍ଷ୍ମୀଟକିଜ ଛକରୁ ଶୋଭାଯାତ୍ରା ବାହାରିଥିଲା। ବିଭିନ୍ନ ପଡାରେ ଶୋଭାଯାତ୍ରାକୁ ସ୍ୱାଗତ କରାଯାଇଥିଲା। ପରେ ଗଙ୍ଗାଧର ମଣ୍ଡପ ଜନ ଜାଗରଣ ସଭାରେ ସମସ୍ତେ ଯୋଗ ଦେଇଥିଲେ।


ଶନିବାର ସମ୍ବଲପୁରରେ ଆୟୋଜିତ ଭାଜପା ଜନ ଜାଗରଣ ସଭାରେ କେନ୍ଦ୍ରମନ୍ତ୍ରୀ ଗିରିରାଜ ସିଂ (ଡାହାଣରୁ ତୃତୀୟ) ଓ ଅନ୍ୟମାନେ।

■ ଧର୍ମ ଆଧାରରେ ଭାରତ-ପାକିସ୍ତାନ ବିଭାଜନ ହୋଇଥିଲେ ସିଏଏର ଆବଶ୍ୟକ ପଡ଼ି ନ ଥାନ୍ତା

■ କିଛି ନ ବୁଝି, ନ ଜାଣି କେତେଜଣ ବିରୋଧୀ ବିଦ୍ରୋହ କରୁଛନ୍ତି

■ ସିଏଏ ନାଗରିକତ୍ୱ ଦେବା ପାଇଁ ଉଦ୍ଦିଷ୍ଟ, ଛଡ଼ାଇ ନେବାକୁ ନୁହେଁ

## କାଠ ବୋଝେଇ ଟ୍ରକ୍ ଜବତ

**ବ୍ରଜରାଜନଗର, ୧୧।୧ (ଡି.ଏନ.ଏ.)**

ଝାରସୁଗୁଡା ଜିଲା ଓରିଏଣ୍ଟ ଥାନା ଅଧୀନ ମଣ୍ଡଳିଆରେ ଏକ କାଠ ବୋଝେଇ ଟ୍ରକ୍ ପୋଲିସ ଜବତ କରିଛି। ଓରିଏଣ୍ଟ ଥାନା ଅଧିକାରୀ ସାରଙ୍ଗ ପାଣିଗ୍ରାହୀ ଏହି ଟ୍ରକ୍ ଜବତ କରି ବ୍ରଜରାଜନଗର ରେଞ୍ଜ ଅଫିସ ଜିମା ଦେଇଛନ୍ତି। କିନ୍ତୁ ବନ ବିଭାଗ ଅନୁସନ୍ଧାନ ନ କରି ହାତବାନ୍ଧି ବସିଛି। ପୋଲିସ ସୂତ୍ରରୁ ମିଳିଥିବା ତଥ୍ୟ ଅନୁଯାୟୀ, ସିଜି ୦୪ ଜେ-୯୬୨୮ ନମ୍ବର ବିଶିଷ୍ଟ ଏହି ୧୦ ଚକିଆ ଟ୍ରକ୍‌ରେ ଛତିଶଗଡର ଦୁର୍ଗ ଜିଲା କୁମ୍ଭାରୀରୁ କାଠ ଲୋଡ୍ ହୋଇଛି। କୁମ୍ଭାରୀର ରମେଶ କୁମାର ବ୍ରଦର୍ସ ନାମରେ ଚାଲାଣ କଟିଛି। ମଣ୍ଡଳିଆର ସ୍ୱାଇଁ ପ୍ଲାଏଉଡକୁ ଏହା ଆସିଛି। ତେବେ ଯେତିକି କାଠ ଲୋଡ୍ ପାଇଁ ପରମିଟ୍ ଅଛି ତାହାଠାରୁ ଅଧିକ ଥିବାରୁ ପୋଲିସ ଟ୍ରକ୍ ଜବତ କରିଥିଲା। ଦୁଇ ଦିନ ଧରି ରେଞ୍ଜ ଅଫିସରେ ଟ୍ରକ୍ ରହିବା ପରେ ମଧ୍ୟ ରେଞ୍ଜ କାର୍ଯ୍ୟାଳୟରୁ କାଠର ପରିମାଣ ଓ କେତେ ଫାଇନ୍ ହେବା କଥା ସେ ସମ୍ବନ୍ଧରେ ତଥ୍ୟ ମିଳୁ ନାହିଁ।

## ବଢ଼ିଲା ଶୀତ, ଆଉ ଦୁଇଦିନ

**ଭୁବନେଶ୍ୱର,୧୧।୧(ବ୍ୟୁରୋ):** ରାଜ୍ୟରେ ଶୁକ୍ରବାର ଠାରୁ ଶୀତର ପ୍ରକୋପ ବୃଦ୍ଧି ପାଇଛି। ରାଜ୍ୟର ୮ଟି ଜିଲାରେ ସର୍ବନିମ୍ନ ତାପମାତ୍ରା ୧୦ ଡିଗ୍ରୀ ସେଲସିୟସ ତଳକୁ ଖସି ଯାଇଛି। ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ସୋନପୁରରେ ସର୍ବନିମ୍ନ ତାପମାତ୍ରା ୬.୮ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଥିବା ବେଳେ ଅନୁଗୋଳ ୮.୬, ଝାରସୁଗୁଡା ୮.୬, କେନ୍ଦୁଝର ୯, ସମ୍ବଲପୁର ୯.୫, ଫୁଲବାଣୀ ୮.୫, ଟିଟିଲାଗଡ ୮.୬ ଏବଂ ଦାରିଙ୍ଗ୍‌ବାଡିରେ ସର୍ବନିମ୍ନ ତାପମାତ୍ରା ୯ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଛି। ଆସନ୍ତା ୪୮ ଘଣ୍ଟା ଯାଏ ରାଜ୍ୟର କେତେକ ସ୍ଥାନରେ ଶୀତ ଲହରି ହେବ ବୋଲି ପାଣିପାଗ ବିଭାଗ ପକ୍ଷରୁ ପୂର୍ବାନୁମାନ କରାଯାଇଛି। ମିଳିଥିବା ସୂଚନାନୁଯାୟୀ ସୁନ୍ଦରଗଡ, ଝାରସୁଗୁଡା, ଦେବଗଡ, ଅନୁଗୋଳ, କେନ୍ଦୁଝର, ବାଲେଶ୍ୱର ଏବଂ ପୁରୀ ଜିଲାରେ ଶୀତ ଲହରି ଜାରି ରହିବ। ସେହିପରି କେତେକ ସ୍ଥାନରେ ଘନ କୁହୁଡି ହେବାର ସମ୍ଭାବନା ରହିଛି। ସେହିପରି ଆସନ୍ତା ୧୨ ତାରିଖରେ ଅନୁଗୋଳ, ଦେବଗଡ, ସୋନପୁର, ବୌଦ୍ଧ ଏବଂ ବଲାଙ୍ଗୀର ଜିଲାର କେତେକ ସ୍ଥାନରେ ଥଣ୍ଡା ପବନ ବହିବ। ଏ ନେଇ ପାଣିପାଗ କାର୍ଯ୍ୟାଳୟ ପକ୍ଷରୁ ଏଲୋୱାର୍ଣ୍ଣିଂ ଜାରି କରାଯାଇଛି।

## ଅଢ଼େଇ ମାସ ପରେ ଖୋଲିଲା ବିବାଦୀୟ ନୂଆଡ଼ିହି ଟୋଲ୍‌ଗେଟ୍

**ବ୍ରଜରାଜନଗର, ୧୧।୧ (ଡି.ଏନ.ଏ.)**

ଝାରସୁଗୁଡା-ବ୍ରଜରାଜନଗର ମଧ୍ୟରେ ଏନ୍‌ଏଚ୍- ୪୯ର ନୂଆଡିହିଠାରେ ଅଢ଼େଇ ମାସ ଧରି ବନ୍ଦ ଥିବା ବିବାଦୀୟ ଟୋଲ୍‌ଗେଟ୍ ଶନିବାର ପୂର୍ବାହ୍ନ ୧୧ଟାରେ ଖୋଲିଛି। ତେବେ ଝାରସୁଗୁଡା ଜିଲାର ଗାଡି ମାଲିକମାନଙ୍କ ପାଇଁ ଏଠାରେ ସ୍ୱତନ୍ତ୍ର ସୁବିଧା ଥିବାରୁ କୌଣସି ପ୍ରକାର ଅପ୍ରୀତିକର ପରିସ୍ଥିତି ଘଟିନାହିଁ। ଝାରସୁଗୁଡା ଜିଲାର ଟ୍ରକ ମାଲିକ ମାନଙ୍କ ପାଇଁ ଅଧା ଦାମ ଓ ଘରୋଇ ଚାରିଚକିଆ ଗାଡିର ମାଲିକମାନଙ୍କ ପାଇଁ ସମ୍ପୂର୍ଣ୍ଣ ଟୋଲ୍ ମୁକ୍ତ ରଖା ଯାଇଛି। ପୋଲିସ ଉପସ୍ଥିତିରେ ଟୋଲ୍ ଟ୍ୟାକ୍ସ ଆଦାୟ କରାଯାଉଛି।


ଜଙ୍ଗଲରୁ ଗଛ କାଟିବା ଅଭିଯୋଗରେ ବନ ବିଭାଗ ଗିରଫ କରିଥିବା ୫ ଅଭିଯୁକ୍ତ।

## ଜଙ୍ଗଲରୁ ଗଛ କାଟି ୫ ଗିରଫ

**ରେଢ଼ାଖୋଲ,୧୧।୧(ଡି.ଏନ.ଏ.)**

ସମ୍ବଲପୁର ଜିଲା ରେଢାଖୋଲ ବନଖଣ୍ଡର ବୁର୍ଡା ସେକ୍ସନ ଅଧୀନ ଲଣ୍ଡାକୋଟ ସଂରକ୍ଷିତ ଜଙ୍ଗଲରୁ ପିଆଶାଳ ଗଛ କାଟିବା ଅଭିଯୋଗରେ ବନ ବିଭାଗ ୫ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ରେଢାଖୋଲ ଥାନା ଅଧୀନ ବୁର୍ଡା ଗ୍ରାମର ସୁରେଶ ମହାକୁଡ (୫୩), ପ୍ରଫୁଲ୍ଲ ବେହେରା (୫୫), ରାଜପ୍ରସାଦ ବେହେରା (୩୦), ଅଚ୍ୟୁତ ବେହେରା (୩୦), ଟଙ୍କଧର ବେହେରା (୨୨)। ସେମାନଙ୍କଠାରୁ ଟାଙ୍ଗିଆ ଓ କରତ ଆଦି ଜବତ ହୋଇଛି। ଏ ନେଇ ରେଢାଖୋଲ ରେଞ୍ଜରେ ଏକ ମାମଲା (ନଂ. ୨୭୮/୨୦) ରୁଜୁ ହୋଇଛି। ସେମାନଙ୍କୁ କୋର୍ଟ ଚାଲାଣ କରାଯାଇଥିଲା। ହେଲେ ଜାମିନ ଆବେଦନ କରି ନ ଥିବାରୁ ସେମାନଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।







■ ୱାଇଏମସି କପ୍‌ର ଦ୍ୱିତୀୟ ସେମିଫାଇନାଲ ମ୍ୟାଚ୍

## ୟୁନିୟନ ସ୍ପୋର୍ଟିଂକୁ ହରାଇଲା ବିଳାସପୁର

**ନୂଆପଡା ଅଫିସ,୧୧।୧**

ସ୍ଥାନୀୟ ମିନିଷ୍ଟାଡିୟମରେ ଚାଲିଥିବା ୱାଇଏମସି କପ୍ ୨୦୨୦ର ଶନିବାର ଦ୍ୱିତୀୟ ସେମିଫାଇନାଲ ୟୁନିୟନ ସ୍ପୋର୍ଟିଂ କଟକ ଏବଂ ସେର୍ସା ବିଳାସପୁର ଦଳ ମଧ୍ୟରେ ହୋଇଥିଲା। ଏଥିରେ ବିଳାସପୁର ଦଳ ୨ ଉଇକେଟରେ ବିଜୟୀ ହୋଇ ଫାଇନାଲରେ ପ୍ରବେଶ କରିଛି। ପୂର୍ବାହ୍ନ ୧୧ଟା ମ୍ୟାଚକୁ ବଲାଙ୍ଗୀର ଜିଲା କ୍ରୀଡାଧିକାରୀ ରାଜେନ୍ଦ୍ର ବଡେଇ ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। କଟକ ଦଳ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୩୦ ଓଭରରେ ୯ ଉଇକେଟ ହରାଇ ୨୦୩ ରନ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ମହମ୍ମଦ ଆକରମ ୩୨ ବଲରେ ୪୦ ରନ ସଂଗ୍ରହ କରିଥିବାବେଳେ ଅନୁରାଗ କନରାଜିଆ ୪୫ ବଲରେ ୩୩ ରନ ସଂଗ୍ରହ କରିଥିଲେ। ଜବାବରେ ସେର୍ସା ବିଳାସପୁର ଦଳ ଧୂଆଁଧାର ବ୍ୟାଟିଂ କରି ୨୯ ଓଭରରେ ୨୦୪ ରନ କରି ବିଜୟ ହାସଲ କରିଥିଲା। ଏଥିରେ ରୋହିତ ଧ୍ରୁବ ୬୮ବଲରେ ୮୨ରନ ଏବଂ ସୁଶାନ୍ତ ଶୁକ୍ଳା ୪୦ ଏବଂ ଅଭିଷେକ ସିଂଙ୍କ ୨୨ରନ ସାମିଲ ରହିଥିଲା। ରୋହିତ ଧ୍ରୁବଙ୍କୁ ମ୍ୟାନ ଅଫ ଦି ମ୍ୟାଚ ବିବେଚିତ କରାଯାଇଥିଲା। ପୁରସ୍କାର ବିତରଣୀ ଉତ୍ସବରେ ଟଙ୍କଧର ସାହୁ ଯୋଗଦେଇ ପୁରସ୍କାର ପୁରସ୍କାର ବିତରଣୀ କରିଥିଲେ। ରବିବାର ସେର୍ସା ବିଳାସପୁର ଏବଂ ଇଷ୍ଟକୋଷ୍ଟ ରେଳୱେ ଭୁବନେଶ୍ୱର ଦଳ ମଧ୍ୟ ହେବ ବୋଲି ବୃତ୍ତାନ୍ତ ହୋଇଛି।


ଅତିଥିମାନେ ମ୍ୟାନ ଅଫ ଦି ପୁରସ୍କାର ପ୍ରଦାନ କରୁଛନ୍ତି।






Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ



ଗୋଟିଏ ମହତ୍ତ୍ୱପୂର୍ଣ୍ଣ କାର୍ଯ୍ୟ କରିଦେଲେ ଆଉ ଗୋଟିଏ ପାଇଁ ଆପେ ଆପେ ବାଟ ଫିଟିଯାଏ।
- ଆର. ଡବ୍ଲ୍ୟୁ. ଇମରସନ୍



## ସଂକ୍ଷେପରେ

### ପଞ୍ଚଖଣ୍ଡା କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଯାପିତ
## ବହଲପଦର ଚାମ୍ପିୟନ

**ଅମରପାଲି,୧୧।୧(ଡି.ଏନ.ଏ.):** ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ବହଲପଦର ପଞ୍ଚାୟତର ଭାଲୁଡୁଙ୍ଗୁରୀଠାରେ ଚାଲିଥିବା ପଞ୍ଚଖଣ୍ଡା କ୍ରିକେଟ ଟୁର୍ନାମେଣ୍ଟ ଶନିବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚରେ ଲୁତୁରପଙ୍କୁ ହରାଇ ବହଲପଦର ଦଳ ଚାମ୍ପିୟନ ହୋଇଛି। ପ୍ରାଣବନ୍ଧୁ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ ଜିଲା ପରିଷଦ ପ୍ରତିନିଧି ରଘୁବୀର ପାଣିଗ୍ରାହୀ, ସ୍ଥାନୀୟ ସମିତି ସଭ୍ୟ ପୀତାମ୍ବର ସାହୁ, ସମବାୟ ସମ୍ପାଦକ ପ୍ରଫୁଲ୍ଲ ଦନ୍ତା, ପୂର୍ବତନ ସରପଞ୍ଚ ଗୁଲେଖ ପ୍ରଧାନ, କ୍ରୀଡ଼ାବିତ ଚୈତନ୍ୟ ସାହୁ, ପଙ୍କଜ ଧଳ, ଶିକ୍ଷକ ସୁରେନ୍ଦ୍ର ଭୋଇ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଅତିଥିମାନେ ଚାମ୍ପିୟନ ବହଲପଦର ଦଳକୁ ନଗଦ ୫ ହଜାର ଟଙ୍କା ଓ ରନର୍ସଅପ୍ ଲୁତୁରପଙ୍କ ଦଳକୁ ନଗଦ ୩ ହଜାର ଟଙ୍କା ସହିତ ଟ୍ରଫି ପ୍ରଦାନ କରିଥିଲେ। ଫାଇନାଲ ଖେଳକୁ ଅନନ୍ତ ସାହୁ ଓ ଅରୁଣ ସାହୁ ପରିଚାଳନା କରିଥିଲେ । ଦାମୋଦର ମଲ୍ଲିକ ସ୍କୋରର ଏବଂ ସୁରେନ୍ଦ୍ର ସାହୁ ଧାରାବିବରଣୀ ପ୍ରଦାନ କରିଥିଲେ ।

### ଲୋକ ମହୋତ୍ସବ ଉଦ୍‌ଯାପିତ
# ସୁବର୍ଣ୍ଣପୁରର କଳା, ସଂସ୍କୃତି ସ୍ୱତନ୍ତ୍ର

**ସୋନପୁର,୧୧।୧(ନି.ପ୍ର.)**

ସୁବର୍ଣ୍ଣପୁର ଜିଲା ସଂସ୍କୃତି ପରିଷଦ, ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଗତ ୭ ତାରିଖରୁ ଚାଲିଥିବା ସୁବର୍ଣ୍ଣ ଲୋକ ମହୋତ୍ସବ ଶନିବାର ରାତିରେ ଉଦ୍‌ଯାପିତ ହୋଇଯାଇଛି। ଗାନ୍ଧୀ ପଡ଼ିଆର ଫକୀର ପଟ୍ଟନାୟକ ମୁକ୍ତ ମଞ୍ଚରେ ମହୋତ୍ସବର ଉଦ୍‌ଯାପନୀ ସନ୍ଧ୍ୟାରେ ମୁଖ୍ୟଅତିଥି ଭାବେ ବୀରମହାରାଜପୁର ଉପଜିଲାପାଳ ଅଶୋକ କୁମାର ଭୋଇ ଯୋଗ ଦେଇଥିଲେ। ସେ ବକ୍ତବ୍ୟରେ କହିଥିଲେ, ସୁବର୍ଣ୍ଣପୁର ହେଉଛି ଦ୍ୱିତୀୟ ବାରଣାସୀ। ଏଠାରେ ଅନେକଗୁଡ଼ିଏ ପୁରାତନ ପୀଠ ରହିଛି। ଜଗନ୍ନାଥ ମାଟିରେ ୧୪୪ ବର୍ଷ ପାତାଳି ହୋଇଥିଲେ। ସୁବର୍ଣ୍ଣପୁର ଜିଲାର କଳା, ସଂସ୍କୃତି ଓ ଐତିହ୍ୟ ସ୍ୱତନ୍ତ୍ର ବୋଲି ସେ ମତପ୍ରକାଶ କରିଥିଲେ। ଜିଲା ଯୋଗାଣ ଅଧିକାରୀ ବିବେକାନନ୍ଦ କୋରକୋରା ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏଠାକାର କଳା ଓ ସଂସ୍କୃତି ବେଶ ଉନ୍ନତ। ଉତ୍ସବ ସ୍ଥାନୀୟ ଲୋକଙ୍କ ଜନଜୀବନ ସହିତ ଅଙ୍ଗାଙ୍ଗୀ ଭାବେ ଜଡିତ ଥିବା କହିଥିଲେ। ଅନ୍ୟତମ ସମ୍ମାନିତ ଅତିଥି ଭାବେ ଜିଲା ଶିକ୍ଷା ଅଧିକାରୀ ପୁଷ୍ପା ମିଞ୍ଜ ଯୋଗଦେଇ କଳା ଓ କଳାକାରଙ୍କ ପୃଷ୍ଠପୋଷକତା ପାଇଁ ମହୋତ୍ସବ ଏକ ମାଧ୍ୟମ ବୋଲି କହିଥିଲେ। ଅତିରିକ୍ତ ଜିଲାପାଳ ଶରତ ଚନ୍ଦ୍ର ପଣ୍ଡା ସଭାରେ ଅଧ୍ୟକ୍ଷତା କରିଥିଲେ। ଅତିରିକ୍ତ ଜିଲାପାଳ ପଣ୍ଡା ବିକାଶର ବାର୍ତ୍ତା ଦେବା ସହିତ ମହୋତ୍ସବ ସ୍ଥାନୀୟ ଲୋକକଳାର ସୁରକ୍ଷା ଓ ବିକାଶ ଲାଗି ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିବ ବୋଲି ଆଶାପ୍ରକାଶ କରିଥିଲେ। ବିଦ୍ୟାପତି ପଣ୍ଡା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଭୀମଭୋଇ କଳା ପରିଷଦର କଳାକାରମାନେ ସ୍ୱାଗତ ସଙ୍ଗୀତ ଗାନ କରିଥିଲେ। ଉଲୁଣ୍ଡା ବ୍ଲକ ଯାଲୋଏ ସହରାପାଲିର କଳାକାରଙ୍କ ଗୌଡ ସମ୍ପର୍ଦା ନୃତ୍ୟରୁ ଲୋକ ଉତ୍ସବର ଉଦ୍‌ଯାପନୀ ସନ୍ଧ୍ୟାର ଆସର ଆରମ୍ଭ ହୋଇଥିଲା। ପରେ ସୋନପୁର ପର୍ଏଁରୀ ଅନୁଷ୍ଠାନର ମହାନଦୀ ଜୁରାବେଣୀ ନୃତ୍ୟ, ବରଗଡ଼ କଳାକାରଙ୍କ ଢୁଲିଆ ଖୁସା ନୃତ୍ୟ, କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟ(କେଜିଭିବି)ର ଛାତ୍ରୀଙ୍କ ସମ୍ବଲପୁରୀ ଲୋକନୃତ୍ୟ, କେଜିଭିବି ବୀରମହାରାଜପୁର, ତରଭା, ସୋନପୁର, ଉଲୁଣ୍ଡା ବ୍ଲକ କଳା ସଂସ୍କୃତି ସଂଘ, ବିନିକା, ସୋନପୁର, ବୀରମହାରାଜପୁର, ଡୁଙ୍ଗୁରିପାଲି ଓ ତରଭା ସଂଘର କଳାକାରମାନେ ପାରମ୍ପରିକ ଲୋକନୃତ୍ୟ ପ୍ରଦର୍ଶନ କରିଥିଲେ। ଚୌଧୁରୀ ବିଭାର ସାଂସ୍କୃତିକ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ।



ପଞ୍ଚମ ସନ୍ଧ୍ୟାରେ ମଞ୍ଚାସୀନ ଅତିଥି ବୃନ୍ଦ।

### ଜାତୀୟ ସଡ଼କ ସୁରକ୍ଷା ସପ୍ତାହ ଉଦ୍‌ଘାଟିତ
# ସଚେତନ ହେଲେ ଦୁର୍ଘଟଣା ହ୍ରାସ ପାଇବ

**ସୋନପୁର,୧୧।୧(ନି.ପ୍ର.)**

ସୁବର୍ଣ୍ଣପୁର ଜିଲାରେ ୩୧ତମ ଜାତୀୟ ସଡ଼କ ସୁରକ୍ଷା ସପ୍ତାହ ଶନିବାର ଉଦ୍‌ଘାଟିତ ହୋଇଯାଇଛି। ଜିଲାପାଳ ମୋନିଷା ବାନାର୍ଜୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଜନସାଧାରଣ ଟ୍ରାଫିକ ନିୟମ ସମ୍ପର୍କରେ ସଚେତନ ହେଲେ ଦୁର୍ଘଟଣା ହ୍ରାସ ପାଇବ ବୋଲି କହିଥିଲେ। ଆଞ୍ଚଳିକ ପରିବହନ ଅଧିକାରୀ ରବିନ ପଟ୍ଟନାୟକ ଟ୍ରାଫିକ ନିୟମ ପାଳନ ଉପରେ ଗୁରୁତ୍ୱାରୋପ କରିଥିଲେ। ଜିଲାରେ ୨୦୧୮ରେ ସଡ଼କ ଦୁର୍ଘଟଣାରେ ୫୪ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ୨୦୧୯ରେ ୫୬ ଜଣଙ୍କ ମୃତ୍ୟୁ ହୋଇଥିବା ସୂଚନା ଦେଇଥିଲେ। ସପ୍ତାହ ଧରି ଜିଲାବ୍ୟାପି ହେବାକୁ ଥିବା ସଚେତନତା କାର୍ଯ୍ୟକ୍ରମ ସମ୍ପର୍କରେ ପଟ୍ଟନାୟକ ସୂଚନା ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲାପାଳ ଶରତ ଚନ୍ଦ୍ର ପଣ୍ଡା ଯୋଗଦେଇ କହିଲେ, ଟ୍ରାଫିକ ନିୟମ ନ ମାନିବା, ମୋବାଇଲ ଫୋନ ବ୍ୟବହାର କରି ଗାଡ଼ି ଚଳାଇବା, ଦ୍ରୁତ ଗତିରେ ଗାଡ଼ି ଚାଳନା ଓ ନିଶା ସେବନ କରି ଡ୍ରାଇଭିଂ ପାଇଁ ଦୁର୍ଘଟଣା ବୃଦ୍ଧି ପାଉଛି। ଏନେଇ ସଚେତନତା ହିଁ ଏକମାତ୍ର ପ୍ରତିଷେଧକ ବୋଲି କହିଥିଲେ। ସୋନପୁର ଉପଜିଲାପାଳ ବଳରାମ ମଲ୍ଲିକ ଅତିଥି ଭାବେ ଯୋଗଦେଇ ଦୁର୍ଘଟଣାମୁକ୍ତ ସମାଜ ପାଇଁ ସମସ୍ତଙ୍କୁ ସଙ୍କଳ୍ପ ନେବାକୁ ଆହ୍ୱାନ ଦେଇଥିଲେ। ଏସ୍‌ପି ଦେବୀ ପ୍ରସାଦ ଦାଶ ମୁଖ୍ୟବକ୍ତା ଭାବେ ଯୋଗଦେଇ ସୁରକ୍ଷିତ ରୁହନ୍ତୁ, ସୁଖୀ ରୁହନ୍ତୁ ବାର୍ତ୍ତା ଦେଇଥିଲେ। ଦୁର୍ଘଟଣା ଓ ଏହାର ଭୟାବହତା ରୋକିବା ପାଇଁ ଶିକ୍ଷା, ସଚେତନତା, ଉପଯୁକ୍ତ ଡିଜାଇନ୍‌ର ସଡ଼କ ନିର୍ମାଣ, ନିୟମର କଡାକଡି ଅନୁପାଳନ ଓ ଜରୁରୀକାଳୀନ ଚିକିତ୍ସା ସମ୍ପର୍କରେ ବୁଝାଇଥିଲେ। ଅଧ୍ୟାପକ ମଦନ ସୁନ୍ଦର ଖେତି କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ଏହି ଅବସରରେ ବାହାରିଥିବା ସଚେତନତା ରାଲିକୁ ଜିଲାପାଳ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। କାର୍ଯ୍ୟକ୍ରମରେ ଶତାଧିକ ସ୍କୁଲ, କଲେଜ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ।




ଉଦ୍‌ଘାଟନୀ ସଭାରେ ମଞ୍ଚାସୀନ ଅତିଥି ବୃନ୍ଦ।

### ଜିଲାସ୍ତରୀୟ ସାଧାରଣତନ୍ତ୍ର ଦିବସ ପ୍ରସ୍ତୁତି
# ପରେଡ୍‌ରେ ଅଂଶଗ୍ରହଣ କରିବେ ୪୩ ଦଳ

**ସୋନପୁର,୧୧।୧(ନି.ପ୍ର.):** ସୁବର୍ଣ୍ଣପୁର ଜିଲା ସଦର ମହକୁମା ରାମେଶ୍ୱର ମନ୍ଦିର ନିକଟସ୍ଥ ଷ୍ଟାଡିୟମରେ ପାଳିତ ହେବ ୭୧ତମ ଜିଲାସ୍ତରୀୟ ସାଧାରଣତନ୍ତ୍ର ଦିବସ। ଶନିବାର ଅପରାହ୍ନରେ ଜିଲାପାଳଙ୍କ ସଭାଗୃହରେ ପ୍ରସ୍ତୁତି ବୈଠକ ଜିଲାପାଳ ମୋନିଷା ବାନାର୍ଜୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ପ୍ରତ୍ୟୁଷରେ ରାମଧୂନ ଓ ପ୍ରଭାତଫେରି ଅନୁଷ୍ଠିତ ହେବା ସହ ସକାଳ ସାଢେ ୭ଟାରୁ ୮ଟା ମଧ୍ୟରେ ପ୍ରତ୍ୟେକ ସରକାରୀ ଓ ବେସରକାରୀ ଅନୁଷ୍ଠାନଗୁଡିକରେ ଜାତୀୟ ପତାକା ଉତ୍ତୋଳନ କରାଯିବ। ଜିଲାସ୍ତରୀୟ ଦିବସ ପାଳନ ଅବସରରେ ସାଢେ ୮ଟାରେ ମୁଖ୍ୟଅତିଥିଙ୍କ ଦ୍ୱାରା ଜାତୀୟ ପତାକା ଉତ୍ତେଳନ କରାଯିବା ସହିତ ମିଳିତ ପ୍ୟାରେଡରେ ଅଭିବାଦନ ଗ୍ରହଣ କରାଯିବ। ଆରକ୍ଷୀ ବିଭାଗର ପ୍ଲାଟୁନ, ପୋଲିସ ବ୍ୟାଣ୍ଡ ପାର୍ଟି, ବିଭିନ୍ନ କଲେଜ, ଉଚ୍ଚ ବିଦ୍ୟାଳୟ, ଶିକ୍ଷାନୁଷ୍ଠାନ, ଏନସିସି ଦଳ ଓ ଅଣ ଏନସିସି ଦଳଗୁଡିକ ସମେତ ମୋଟ ୪୩ଟି ଦଳ ପରେଡରେ ଭାଗ ନେବେ। ଶ୍ରେଷ୍ଠ ଦଳ, କୃତି ପ୍ରତିଯୋଗୀ ଓ ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ପ୍ରତିଭାବାନ ବ୍ୟକ୍ତିଙ୍କୁ ମୁଖ୍ୟ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯିବ ବୋଲି ସ୍ଥିର ହୋଇଛି। ପରେଡ ପରେ ପଡିଆରେ ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ଦ୍ୱାରା ଦେଶାତ୍ମବୋଧ ସମ୍ପର୍କିତ ସାଂସ୍କୃତିକ କାର୍ଯ୍ୟକ୍ରମ ୧ ଘଣ୍ଟା ଧରି ପରିବେଷଣ ହେବ। ପରେ ଜିଲା ମୁଖ୍ୟ ଚିକିତ୍ସାଳୟରେ ରୋଗୀମାନଙ୍କୁ ଫଳ ଓ ମିଷ୍ଟାନ୍ନ ବଣ୍ଟନ କରାଯିବା ସହିତ ଅନାଥାଶ୍ରମର ଅନ୍ତେବାସୀମାନଙ୍କୁ ମୁଖ୍ୟ ଅତିଥିଙ୍କ ଦ୍ୱାରା ମିଷ୍ଟାନ୍ନ ବଣ୍ଟନ କରାଯିବ। ସୁବର୍ଣ୍ଣମେରୁମନ୍ଦିର ନିକଟସ୍ଥ ନାରାୟଣ ଆଶ୍ରମର ଅନ୍ତେବାସୀମାନଙ୍କୁ ରନ୍ଧା ଖାଦ୍ୟ ପରିବେଷଣ ସହିତ ଶୀତ ବସ୍ତ୍ର ଏବଂ ସୋନପୁର ସବ୍‌ଜେଲର ଅନ୍ତେବାସୀଙ୍କୁ ମିଷ୍ଟାନ୍ନ ବଣ୍ଟନର କାର୍ଯ୍ୟକ୍ରମ ରହିଛି। ଦିବସବ୍ୟାପୀ ବିଭିନ୍ନ କାର୍ଯ୍ୟକ୍ରମ ସହିତ ସନ୍ଧ୍ୟାରେ ଜିଲା ସାଂସ୍କୃତିକ ଭବନରେ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ସାଧାରଣ ସଭା ଅନୁଷ୍ଠିତ ହେବ। ବୈଠକରେ ଏସ୍‌ପି ଦେବୀପ୍ରସାଦ ଦାଶ, ଅତିରିକ୍ତ ଜିଲାପାଳ ଶରତ ଚନ୍ଦ୍ର ପଣ୍ଡା, ସୋନପୁର ଉପଜିଲାପାଳ ବଳରାମ ମଲ୍ଲିକ, ସୋନପୁର ବିଡିଓ ରବୀନ୍ଦ୍ର କୁମାର ପଟେଲ, ତହସିଲଦାର ଅରବିନ୍ଦ ବେହେରା, ଡିଏସ୍‌ପି ହେମସାଗର ଭୋଇ, ଏସିଏଫ ସିଶିଲ କୁମାର ତ୍ରିପାଠୀ, ଜିଲା ଯୋଗାଣ ଅଧିକାରୀ ବିବେକାନନ୍ଦ କୋରକୋରା, ସୋନପୁର ବିଇଓ କେଶବ ମେହେର, ପ୍ରୋଗ୍ରାମ ଅଫିସର ଅନିତା ଗୁରୁ, ସୋନପୁର ଜିଲା କୃଷି ଅଧିକାରୀ ପ୍ରଶାନ୍ତ କୁମାର ଶତପଥୀ, ସୋନପୁର ଆଇଆଇସି ଲୋକେଶ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଡିଆଇପିଆରଓ ହରିଚରଣ ମିଶ୍ର ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ବିଦ୍ୟାପତି ପଣ୍ଡା ସଭାକୁ ସଂଯୋଜନା କରିଥିଲେ।



ପ୍ରସ୍ତୁତି ବୈଠକରେ ଉପସ୍ଥିତ ଜିଲାପାଳ, ଏସ୍‌ପି, ଅତିରିକ୍ତ ଜିଲାପାଳ ଓ ଅଧିକାରୀ ବୃନ୍ଦ।


**GOVT. OF INDIA**
**MINISTRY OF FINANCE**
**DEPARTMENT OF FINANCIAL SERVICES**
**DEBTS RECOVERY TRIBUNAL**
**COURT OF THE RECOVERY OFFICER**
Plot No. C/71, Sector-7, CDA Cuttack- 753014
Form no. ITCP- I
**NOTICE OF DEMAND TO THE CERTIFICATE DEBTORS**
(See rule- 2 of the Second Schedule as referred to in section 29 of the Recovery of Debts due to Bank & Financial Institution Act. 1993
**R.P, NO. 106/2018/CTC**
(Arising out of OA No. 89 of 2016)
Next Dt. **11.02.2020**

Utkal Grameen Bank, Rajgangpur Branch, At: Rajgangpur, Dist.- Sundargarh, Pin- 770017
Certificate Holder Bank
vs
Shri Mangal Bada @ Kisan & others
Certificate Debtors

To,
1. Shri Mangal Bada @ Kisan, S/o- Late Ganda Bada @ Kisaan, At- Bailama, P.O. Kutra, Dist.- Sundargarh, Pin- 770017
2. Shri Rajkumar Sukla, S/o- Hiralal Sukla, At/Po- Garposh, Via- Bamara, Dist- Sambalpur, Pin- 768224
3. Shri Ramesh Kishan, S/o- Matia Kishan, At/Po- Garposh, Via- Bamara, Dist.- Sambalpur, Pin- 768224

Take notice that Certificate arising out of **OA No. 89 of 2016** issued by the Hon'ble Presiding Officer, Debts Recovery Tribunal, Cuttack under Section 19 (22) of the Recovery of Debts due to Banks and Financial Institutions Act. 1993 and forwarded to the undersigned for recovery of Rs. 11,90,418.00 **(Rupees Eleven Lac Ninety Thousand Four Hundred Eighteen only)** together with interest till realisation of the dues, cost, charges as per the certificate, the details of which are given below:

| | | |
|---|---|---|
| 1. Decretal Dues | | : Rs. 11,90,418.00 |
| 2. Cost of the suit | (+) | : Rs. 14,000.00 |
| **TOTAL** | | **: Rs. 12,04,418.00** |

**(Rupees Twelve Lac Four Thousand Four Hundred Eighteen only)** with interest @ 13 . 50% p.a. with half- yearly rests on the amount due from 28.12.2015 till realization of the entire dues.
2. You are hereby directed to pay the above stated sum within 15 (Fifteen) days of the publication of the notice, failing which the recovery shall be made in accordance with the provisions contained in Chapter V of the Recovery of Debts due to Banks & Financial Institutions Act. 1993.
3. In addition to the aforesaid amount, you will also be liable for all future interest, costs, charges and expenses incurred in respect of the service of this notice and of warrants and other processes etc. and of all the other proceedings taken for realising of arrears.
4. You are hereby directed to appear in person of through legal representative before the undersigned on **11.02.2020** and report the details of payment made by you.

Give under my hand & seal at Cuttack on this 16th day of December, 2019

**Sd/- R.P. Patnaik**
**Recovery Officer**



**GOVT. OF INDIA**
**MINISTRY OF FINANCE**
**DEPARTMENT OF FINANCIAL SERVICES**
**DEBTS RECOVERY TRIBUNAL**
**COURT OF THE RECOVERY OFFICER**
Plot No. C/71, Sector-7, CDA Cuttack- 753014
Form no. ITCP- I
**NOTICE OF DEMAND TO THE CERTIFICATE DEBTORS**
(See rule- 2 of the Second Schedule as referred to in section 29 of the Recovery of Debts due to Bank & Financial Institution Act. 1993
**R.P, NO. 264/2017/CTC**
(Arising out of OA No. 159 of 2016)
Next Dt. **11.02.2020**

Utkal Grameen Bank, Nunhad Branch, At/Po- Belpada, Dist.- Bolangir, Pin- 767026
Certificate Holder Bank
vs
Sumit Gouri & others
Certificate Debtors

To,
1. Smt. Sumita Gouri, W/o- Late Goutam Gouri, At- Darhamunda, Po- Gambhari, Via- Belpada, Dist.- Bolangir- 767026
2. Mukunda Gouri, S/o- Late Goutam Gouri, At- Darhamunda, Po- Gambhari, Via- Belpada, Dist.- Bolangir- 767026
3. Shri. Rasananda Gouri, S/o- Gonda Gouri, At- Darhamunda, Po- Gambhari, Via- Belpada, Dist.- Bolangir- 767026
4. Shri. Golaknath Gouri, S/o- Kunda Gouri, At- Darhamunda, Po- Gambhari, Via- Belpada, Dist.- Bolangir- 767026

Take notice that Certificate arising out of **OA No. 159 of 2016** issued by the Hon'ble Presiding Officer, Debts Recovery Tribunal, Cuttack under Section 19 (22) of the Recovery of Debts due to Banks and Financial Institutions Act. 1993 and forwarded to the undersigned for recovery of Rs. 14,27,472.00 **(Rupees Fourteen Lac Twenty Seven Thousand Four Hundred Seven Two only)** together with interest till realisation of the dues, cost, charges as per the certificate, the details of which are given below:

| | |
|---|---|
| 1. Decretal Dues | : Rs. 14,27,472.00 |
| 2. Cost of the suit | : Rs. 17,000.00 |
| 3. Interest @ 13.25% p.a. with half yearly rests from 28.01.2016 to 06.03.2018 | : Rs. 4,44,368,00 |
| **TOTAL** | **: Rs. 18,88,840.00** |

**(Rupees Eighteen Lac Eighty Eight Thousand Eight Hundred forty only)** with interest @ 13 . 25% p.a. with half- yearly rests on the amount due from 07.03.2018 till realization of the entire dues.
2. You are hereby directed to pay the above stated sum within 15 (Fifteen) days of the publication of the notice, failing which the recovery shall be made in accordance with the provisions contained in Chapter V of the Recovery of Debts due to Banks & Financial Institutions Act. 1993.
3. In addition to the aforesaid amount, you will also be liable for all costs, charges and expenses incurred in respect of the service of this notice and of warrants and other processes etc. and of all the other proceedings taken for realising of arrears.
4. You are hereby directed to appear in person of through legal representative before the undersigned on **11.02.2020** and report the details of payment made by you.

Give under my hand & seal at Cuttack on this 16th day of December, 2019

**Sd/- R.P. Patnaik**
**Recovery Officer**



# ଭାରତୀୟ ରିଜର୍ଭ ବ୍ୟାଙ୍କ
**www.rbi.org.in**

**ଭାରତୀୟ ରିଜର୍ଭ ବ୍ୟାଙ୍କ ଦ୍ୱାରା ନିୟନ୍ତ୍ରିତ ସଂସ୍ଥା କିମ୍ବା ରିଜର୍ଭ ବ୍ୟାଙ୍କର କୌଣସି ବିଭାଗ ବିରୁଦ୍ଧରେ ଅଭିଯୋଗ ର ନିରାକରଣ**

ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର.ବି.ଆଇ) ଦେଶ ସାରା ନିଜର କାର୍ଯ୍ୟାଳୟ ରେ ଅଭିଯୋଗ ର ନିରାକରଣ ପାଇଁ ବିଭିନ୍ନ ମାଧ୍ୟମ ସ୍ଥାପନ କରିଛନ୍ତି ।
ଭାରତୀୟ ରିଜର୍ଭ ବ୍ୟାଙ୍କ ଦ୍ୱାରା ନିୟନ୍ତ୍ରିତ ସଂସ୍ଥା ଯଥା : ବାଣିଜ୍ୟିକ ବ୍ୟାଙ୍କ, ଆଞ୍ଚଳିକ ଗ୍ରାମ୍ୟ ବ୍ୟାଙ୍କ, ସମବାୟ ବ୍ୟାଙ୍କ କିମ୍ବା ଅଣ ବ୍ୟାଙ୍କିଙ୍ଗ୍ ବିତ୍ତୀୟ କମ୍ପାନୀ (ଭାରତୀୟ ରିଜର୍ଭ ବ୍ୟାଙ୍କ ଆଇନ ୧୯୩୪ ର ଧାରା ୪୫-IA ଅନୁଯାୟୀ ପଞ୍ଜିକୃତ) ଅଣବ୍ୟାଙ୍କିଙ୍ଗ ସଂସ୍ଥା ମାନଙ୍କର ଡିଜିଟାଲ ନେଣ ଦେଣ (ଦେୟ ପ୍ରଦାନ ଏବଂ ବନ୍ଦୋବସ୍ତ ବ୍ୟବସ୍ଥା ଅଧିନିୟମ ୨୦୦୭ ଅଧିନସ୍ଥ) ଜମା ବୀମା ଓ ଋଣ ନିକ୍ଷେପ ନିଗମ କିମ୍ବା ନିଜର କୌଣସି ବିଭାଗ ବିରୁଦ୍ଧରେ ଯଦି କୌଣସି ବ୍ୟକ୍ତିଙ୍କର ସେବା ଅବହେଳା ଜନିତ ଅଭିଯୋଗ ଥାଏ ତେବେ ସେ ଭାରତୀୟ ରିଜର୍ଭ ବ୍ୟାଙ୍କର କମ୍ପ୍ଲେଣ୍ଟ ମ୍ୟାନେଜ୍‌ମେଣ୍ଟ ସିଷ୍ଟମ୍ (ସି.ଏମ୍.ଏସ୍) ୱେବ୍‌ସାଇଟ୍ https://cms.rbi.org.in>>File a complaint ମାଧ୍ୟମରେ ତାଙ୍କ ଅଭିଯୋଗ ର ପୂର୍ଣ୍ଣ ବିବରଣୀ ଏବଂ ସମର୍ଥିତ କାଗଜପତ୍ର ସହିତ ଦାଖଲ କରିପାରିବେ ।
ଯଦି କୌଣସି ବ୍ୟକ୍ତି ଉପରୋକ୍ତ ଅଭିଯୋଗ ଉପରେ ଅନ୍‌ଲାଇନ୍ ଅଭିଯୋଗ ଦାଖଲ କରିପାରୁନାହାନ୍ତି, ତେବେ ନିମ୍ନ ଲିଖିତ ଠିକଣା ରେ ତାଙ୍କ ଅଭିଯୋଗ କୁ ପୋଷ୍ଟ /ବ୍ୟକ୍ତିଗତ କିମ୍ବା ଇମେଲ ମାଧ୍ୟମରେ ଦାଖଲ କରିପାରିବେ ।

**୧. ଉପଭୋକ୍ତା ଶିକ୍ଷା ଏମଂ ସୁରକ୍ଷା କକ୍ଷ (CEPC)**
(ଭା.ରି.ବ୍ୟାଙ୍କ ର ଲୋକପାଳ ଯୋଜନା ଅନ୍ତର୍ଗତ ଅଭିଯୋଗ ର ନିରାକରଣ ପାଇଁ)
ଅଧିକାରୀଙ୍କ ନାମ ଏବଂ ପଦବୀ : ଶ୍ରୀ ସନ୍ତୋଷ କୁମାର ପଟ୍ଟନାୟକ, ସହାୟକ ମହାପ୍ରବନ୍ଧକ
ଠିକଣା : ଭାରତୀୟ ରିଜର୍ଭ ବ୍ୟାଙ୍କ, ପଣ୍ଡିତ ଜବାହରଲାଲ ନେହେରୁ ମାର୍ଗ, ଭୁବନେଶ୍ୱର, ଓଡ଼ିଶା-୭୫୧୦୦୧
ଟେଲିଫୋନ ନମ୍ବର : ୦୬୭୪-୨୩୯୦୦୭୪, ଇ-ମେଲ : cms.cepcbhubaneswar@rbi.org.in
କାର୍ଯ୍ୟାଳୟ ସମୟ : ପୂର୍ବାହ୍ନ ୯.୫୦ ରୁ ଅପରାହ୍ନ ୫.୩୫ ଘଣ୍ଟା

**୨. ବ୍ୟାଙ୍କ ଲୋକପାଳ, ଯୋଜନା (BO Scheme, 2006)**
(ବ୍ୟାଙ୍କ ଲୋକପାଳ ଯୋଜନା, ୨୦୦୬ ର ଧାରା ୮ ରେ ନିର୍ଦ୍ଦିଷ୍ଟ ଅଭିଯୋଗର ନିରାକରଣ)
ବ୍ୟାଙ୍କିଙ୍ଗ୍ ଲୋକପାଳ କାର୍ଯ୍ୟାଳୟ, (ଭୁବନେଶ୍ୱର)
ମାର୍ଫତ୍ : ଭାରତୀୟ ରିଜର୍ଭ ବ୍ୟାଙ୍କ, ୩ୟ ମହଲା, ପଣ୍ଡିତ ଜବାହରଲାଲ ନେହେରୁ ମାର୍ଗ, ଭୁବନେଶ୍ୱର, ଓଡ଼ିଶା-୭୫୧୦୦୧
ଟେଲିଫୋନ ନମ୍ବର : ୦୬୭୪-୨୩୯୬୨୦୭/୨୩୯୬୦୦୮, ଫ୍ୟାକ୍ସ ନଂ.୨୩୯୩୯୦୬
ଇ-ମେଲ୍ : cms.bobhubaneswar@rbi.org.in
କାର୍ଯ୍ୟାଳୟ ସମୟ : ପୂର୍ବାହ୍ନ ୯.୫୦ ରୁ ଅପରାହ୍ନ ୫.୩୫ ଘଣ୍ଟା

**୩. ଲୋକପାଳ ଯୋଜନା - ଅଣବ୍ୟାଙ୍କିଙ୍ଗ୍ ବିତ୍ତୀୟ କମ୍ପାନୀ (NBFC-O Scheme, 2018)**
(ଅଣବ୍ୟାଙ୍କିଙ୍ଗ୍ ବିତ୍ତୀୟ କମ୍ପାନୀ ଲୋକପାଳ ଯୋଜନା ୨୦୧୮ ଅନ୍ତର୍ଗତ ଅଣବ୍ୟାଙ୍କିଙ୍ଗ୍ ବିତ୍ତୀୟ କମ୍ପାନୀ ବିରୁଦ୍ଧରେ ଏବଂ ଅଣବ୍ୟାଙ୍କିଙ୍ଗ୍ ବିତ୍ତୀୟ କମ୍ପାନୀ ଲୋକପାଳ ଯୋଜନା ର ଧାରା ୮ ଅଧୀନରେ ଆସୁଥିବା ଅଭିଯୋଗର ନିରାକରଣ ପାଇଁ)
ଲେକାପାଳ-ଅଣବ୍ୟାଙ୍କିଙ୍ଗ୍ ବିତ୍ତୀୟ କମ୍ପାନୀ (ପୂର୍ବକ୍ଷେତ୍ର)*
ମାର୍ଫତ୍ : ଭାରତୀୟ ରିଜର୍ଭ ବ୍ୟାଙ୍କ
ଠିକଣା : ୧୫, ନେତାଜୀ ସୁଭାଷ ମାର୍ଗ, କୋଲକାତା-୭୦୦୦୦୧
ଟେଲିଫୋନ ନମ୍ବର : ୦୩୩-୨୩୩୦୪୯୮୨, ଫ୍ୟାକ୍ସ ନଂ୦୩୩-୨୨୩୦୫୮୯୯
ଇ-ମେଲ୍ : cms.nbfckolkata@rbi.org.in
କାର୍ଯ୍ୟାଳୟ ସମୟ : ପୂର୍ବାହ୍ନ ୯.୪୫ ରୁ ଅପରାହ୍ନ ୫.୩୦ ଘଣ୍ଟା

**ଟିପ୍ପଣୀ* :** କଲିକତା ପୂର୍ବ କ୍ଷେତ୍ର ପାଇଁ ଅଣବ୍ୟାଙ୍କିଙ୍ଗ୍ ବିତ୍ତୀୟ କମ୍ପାନୀ ହେତୁ ଲୋକପାଳ ର କ୍ଷେତ୍ରାଧିକାରରେ ପଶ୍ଚିମବଙ୍ଗ, ସିକ୍କିମ୍, ଓଡ଼ିଶା, ଆସାମ, ଅରୁଣା ଚଳ ପ୍ରଦେଶ, ମଣିପୁର , ମେଘାଳୟ, ମିଜୋରାମ, ନାଗାଲ୍ୟାଣ୍ଡ, ତ୍ରିପୁରା, ବିହାର ଓ ଝାଡଖଣ୍ଡ ସାମିଲ୍ ଅଛି ।

**୪. ଡିଜିଟାଲ୍ ନେଣଦେଣ ପାଇଁ ଲୋକପାଳ ଯୋଜନା (OSDT 2019)**
(ଓ.ଏସ.ଡି.ଟି. ଅଧିନରେ ଆସୁଥିବା ଦେୟ ପ୍ରଦାନ ଏବଂ ବନ୍ଦୋବସ୍ତ ବ୍ୟବସ୍ଥା ଅଧିନିୟମ ୨୦୦୭ ଅନୁଯାୟୀ ବ୍ୟବସ୍ଥା ପ୍ରତିଯୋଗୀ (ସିଷ୍ଟମ୍ ପାର୍ଟିସିପ୍ୟାଣ୍ଟ) ଙ୍କ ବିରୁଦ୍ଧରେ ଓ.ଏସ.ଡି.ଟି ର ଧାରା ୮ ରେ ସୂଚିତ ଆଧାର ଅନୁସାରେ ଅଭିଯୋଗ ନିରାକରଣ ପାଇଁ)
ଲୋକପାଳ, ଡିଜିଟାଲ ନେଣଦେଣ (ଭୁବନେଶ୍ୱର)
ମାର୍ଫତ୍ : ଭାରତୀୟ ରିଜର୍ଭ ବ୍ୟାଙ୍କ
ଠିକଣା : ଭାରତୀୟ ରିଜର୍ଭ ବ୍ୟାଙ୍କ, ୩ୟ ମହଲା, ପଣ୍ଡିତ ଜବାହରଲାଲ ନେହେରୁ ମାର୍ଗ, ଭୁବନେଶ୍ୱର, ଓଡ଼ିଶା-୭୫୧୦୦୧
ଟେଲିଫୋନ ନମ୍ବର : ୦୬୭୪-୨୩୯୬୨୦୭/୨୩୯୬୦୦୮, ଫ୍ୟାକ୍ସ ନଂ.୨୩୯୩୯୦୬
ଇ-ମେଲ୍ : cms.odtbhubaneswar@rbi.org.in
କାର୍ଯ୍ୟାଳୟ ସମୟ : ପୂର୍ବାହ୍ନ ୯.୫୦ ରୁ ଅପରାହ୍ନ ୫.୩୫ ଘଣ୍ଟା

**୫. ଜମା ବୀମା ଓ ଋଣ ନିକ୍ଷେପ ନିଗମ ବିରୁଦ୍ଧରେ ଅଭିଯୋଗ**
ସାଧାରଣ ବ୍ୟକ୍ତି ଜମା ବୀମା ଓ ଋଣ ନିକ୍ଷେପ ନିଗମ ବିରୁଦ୍ଧରେ ଅଭିଯୋଗ କୁ ନିମ୍ନୋକ୍ତ ଠିକଣା/ଇ-ମେଲ ମାଧ୍ୟମରେ ଦାଖଲ କରିପାରିବେ :
ଜମା ବୀମା ଓ ଋଣ ନିକ୍ଷେପ ନିଗମ (DICGC)
ମହାପ୍ରବନ୍ଧକ,
ଜମା ବୀମା ଓ ଋଣ ନିକ୍ଷେପ ନିଗମ, ଅଭିଯୋଗ ନିରାକରଣ କକ୍ଷ, ଭାରତୀୟ ରିଜର୍ଭ ବ୍ୟାଙ୍କ ଭବନ,
୨ୟ ମହଲା, ମୁମ୍ବାଇ ସେଣ୍ଟ୍ରାଲ୍ ରେଲ୍‌ୱେ ଷ୍ଟେସନ ସମ୍ମୁଖ, ମୁମ୍ବାଇ-୪୦୦୦୦୮
ଅଭିଯୋଗକାରୀ ମହାପ୍ରବନ୍ଧକ ଶ୍ରୀମତି ରୀତା ସରକାର ମୋରିଆ ଙ୍କୁ ମଧ ଟେଲିଫୋନ ନମ୍ବର - ୦୨୨-୨୩୦୧୯୬୩୩, ବିସ୍ତାର ସଙ୍ଖ୍ୟା-୮୨୦୧ କିମ୍ବା ଇ-ମେଲ : dicgc@rbi.org.in ମାଧ୍ୟମରେ ଯୋଗାଯୋଗ କରିପାରିବେ ।

**ଟିପ୍ପଣୀ ୧ :** ବ୍ୟାଙ୍କ ଲୋକପାଳ ଯୋଜନା, ୨୦୦୬ କିମ୍ବା ଅଣବ୍ୟାଙ୍କିଙ୍ଗ ବିତ୍ତୀୟ କମ୍ପାନୀ ଲୋକପାଳ ଯୋଜନା, ୨୦୧୮ କିମ୍ବା ଡିଜିଟାଲ ନେଣ-ଦେଣ ଲୋକପାଳ ଯୋଜନା, ୨୦୧୯ ଅନ୍ତର୍ଗତ ଅଭିଯୋଗ ଦାଖଲ କରିବା ପାଇଁ ଅଭିଯୋଗକାରୀ ଦୟା ପୂର୍ବକ ଧ୍ୟାନ ଦିଅନ୍ତୁ ଯେ ନିଜ ଅଭିଯୋଗର ନିରାକରଣ ପାଇଁ ପ୍ରଥମେ ବ୍ୟାଙ୍କ ଶାଖା/ରିଜର୍ଭ ବ୍ୟାଙ୍କରେ ପଞ୍ଜିକୃତ ହୋଇ ଜମା ଗ୍ରହଣ କରୁଥିବା ଅଣବ୍ୟାଙ୍କିଙ୍ଗ ବିତ୍ତୀୟ କମ୍ପାନୀ ପଦ୍ଧତି ଅଂଶଗ୍ରହଣକାରୀ (ସିଷ୍ଟମ୍ ପାର୍ଟସିପ୍ୟାଣ୍ଟ) ଙ୍କ ସହ ସମ୍ପର୍କ ସ୍ଥାପନ କରନ୍ତୁ । ଯଦି ସମ୍ବନ୍ଧିତ ବ୍ୟାଙ୍କ/ଅଣବ୍ୟାଙ୍କିଙ୍ଗ/ବିତ୍ତୀୟ କମ୍ପାନୀ/ପଦ୍ଧତି ଅଂଶଗ୍ରହଣକାରୀ (ସିଷ୍ଟମ୍ ପାର୍ଟସିପ୍ୟାଣ୍ଟ) ଲୋକପାଳ ଯୋଜନା ର ଧାରା-୮ ଅନ୍ତର୍ଗତ ସେବା ଅବହେଳା ସମ୍ପର୍କିତ/ଅଭିଯୋଗର ନିରାକରଣ ୩୦ ଦିନ ଭିତରେ ନ କରନ୍ତି କିମ୍ବା ଅଭିଯୋଗକାରୀ, ତାଙ୍କର ଉତ୍ତରରେ ସନ୍ତୁଷ୍ଟ ନ ହୁଅନ୍ତି, ତେବେ ସେ ତା'ପରେ ଉତ୍ତର ପ୍ରାପ୍ତି ର ଏକ ବର୍ଷ ମଧ୍ୟରେ କିମ୍ବା ଉତ୍ତର ପ୍ରାପ୍ତି ନ ହୋଇଥିଲେ ଅଭିଯୋଗ ଦେଇଥିବା ତାରିଖ ଠାରୁ ଏକ ବର୍ଷ ଏକ ମାସ ମଧ୍ୟରେ ସମ୍ପୃକ୍ତ ଲୋକପାଳ ଙ୍କୁ ଅଭିଯୋଗ କରିପାରିବେ ।

**ଟିପ୍ପଣୀ-୨ :** ବ୍ୟାଙ୍କ, ଅଣବ୍ୟାଙ୍କିଙ୍ଗ ବିତ୍ତୀୟ କମ୍ପାନୀ ପଦ୍ଧତି ଅଂଶଗ୍ରହଣକାରୀ (ସିଷ୍ଟମ୍ ପାର୍ଟସିପ୍ୟାଣ୍ଟ) ଙ୍କ ବିରୁଦ୍ଧରେ ବ୍ୟାଙ୍କ ଲୋକପାଳଙ୍କ ଠାରେ ଅଥବା ବ୍ୟାଙ୍କ, ପଦ୍ଧତି ଅଂଶଗ୍ରହଣକାରୀଙ୍କ ବିରୁଦ୍ଧରେ ଉପଭୋକ୍ତା ଶିକ୍ଷା ଏବଂ ସୁରକ୍ଷା କକ୍ଷରେ ଅଭିଯୋଗ, ଯାହା ସେହି କମ୍ପାନୀ ର ଶାଖା କ୍ଷେତ୍ରର ସ୍ଥାନ ଆଧାରରେ କରାଯାଇପାରିବ । କେନ୍ଦ୍ରିୟ ପରିଚାଳନା କିମ୍ବା ବିତ୍ତୀର କମ୍ପାନୀ ବିରୁଦ୍ଧରେ ଗ୍ରାହକ ରହୁଥିବା ସ୍ଥାନ ଏବଂ ବିଲିଂ ଠିକଣା ଆଧାରରେ ଅଭିଯୋଗ ମଞ୍ଚରେ ଦାଖଲ କରିପାରିବେ ।

**ଲୋକପାଳଙ୍କ ନିଷ୍ପତ୍ତିର ପୁର୍ନର୍ବିଚାର ପାଇଁ ଆବେଦନ :**
ବ୍ୟାଙ୍କ, ଅଣବ୍ୟାଙ୍କିଙ୍ଗ ବିତ୍ତୀୟ କମ୍ପାନୀ/ଡିଜିଟାଲ ନେଣ-ଦେଣ ଲୋକପାଳଙ୍କ ନିଷ୍ପତ୍ତି ପୁନର୍ବିଚାର ପାଇଁ ଆବେଦନ କରାଯାଇପାରିବ ଯଦି /ଅଭିଯୋଗଟି ଏହି ଯୋଜନା ରେ ସୂଚୀତ ପୁନର୍ବିଚାର ଯୋଗ୍ୟ ଅଭିଯୋଗ ହୋଇଥିବ । ଏହି ପୁନର୍ବିଚାର ଆବେଦନ ସମ୍ବନ୍ଧିତ ଲୋକପାଳଙ୍କ ନିଷ୍ପତ୍ତି ସୂଚନା ପ୍ରାପ୍ତିର ୩୦ ଦିନ ମଧ୍ୟରେ ଆର.ବି.ଆଇ ୱେବ୍‌ସାଇଟ୍ https://cms.rbi.org.in>>File an appeal ଦ୍ୱାରା କିମ୍ବା ପୁନର୍ବିଚାର ଅଧିକାରୀ, ଭାରତୀୟ ରିଜର୍ଭ ବ୍ୟାଙ୍କ, ଉପଭୋକ୍ତା ଶିକ୍ଷା ଏବଂ ସୁରକ୍ଷା ବିଭାଗ, କେନ୍ଦ୍ରିୟ କାର୍ଯ୍ୟାଳୟ, ଅମର ଭବନ, ସାର.ପ.ଏମ୍ ରୋଡ ପୋଷ୍ଟ : ମୁମ୍ବାଇ-୪୦୦୦୦୧ ରେ ଦାଖଲ କରିପାରିବେ ।

**ଟିପ୍ପଣୀ : ଅଭିଯୋଗକାରୀଙ୍କ ନିଜର ଠିକଣା ଏବଂ ଫୋନ ନଂ/ମୋବାଇଲ ନମ୍ବର /ଅଭିଯୋଗରେ ଦର୍ଶାଇବାପାଇଁ ଅନୁରୋଧ**



ତ୍ୟାଗ ଜୀବନର ମୂଳ ଲକ୍ଷ୍ୟ ହେଉ। ତ୍ୟାଗ ନ କଲେ ଏହି ଗଭୀର ଜୀବନ ସମସ୍ୟାର ରହସ୍ୟ ଭେଦ କରିପାରିବ ନାହିଁ।
-ସ୍ୱାମୀ ବିବେକାନନ୍ଦ



## ସଂକ୍ଷେପରେ

### ବାଇକ୍ ଦୁର୍ଘଟଣାରେ ମହିଳା ମୃତ

ଭେଡ଼େନ, ୧୧।୧(ଡ଼ି.ଏନ.ଏ): ଭେଡ଼େନ ଥାନା ଅନ୍ତର୍ଗତ ପଧାନଟିକ୍ରା ନିକଟରେ ବରଗଡ଼-ଭେଡ଼େନ ରାସ୍ତାରେ ବାଇକ୍ ଦୁର୍ଘଟଣାରେ ଶନିବାର ସନ୍ଧ୍ୟାରେ ଜଣେ ମହିଳାଙ୍କ ମୃତ୍ୟୁ ହୋଇଛି। ମୃତା ମହିଳା ହେଲେ କୁରୁଆଁ ଗ୍ରାମର ଜାମିନୀ ଗଡ଼ତିଆ (୫୦)। ସେ ତାଙ୍କ ସ୍ୱାମୀ ନନ୍ଦିଘୋଷ ଏବଂ ପୁଅ ବିରେନଙ୍କ ସହ ବାଇକ୍ ଯୋଗେ ଝିଅ ଘର ହୁତମାରୁ ସହରାପାଲି ସ୍ଥିତ ଅନ୍ୟ ଜଣେ ସମ୍ପର୍କୀୟଙ୍କ ଘରକୁ ଫେରୁଥିଲେ। ପଧାନଟିକ୍ରା ନିକଟରେ ଜଣେ ସାଇକେଲ ଆରୋହୀଙ୍କୁ ସାଇଟ ଦେବାକୁ ଯାଇ ନିୟନ୍ତ୍ରଣ ହରାଇବାରୁ ବାଇକ୍ ପଡ଼ି ଯାଇଥିଲା। ଫଳରେ ଗୁରୁତର ଆହତ ଜାମିନୀଙ୍କୁ ପଧାନଟିକ୍ରାର କିଛି ଯୁବକ ଭେଡ଼େନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। ସେଠାରେ ଡ଼ାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ଭେଡ଼େନ ପୋଲିସ ଡ଼ାକ୍ତରଖାନାକୁ ପହଞ୍ଚି ମୃତଦେହ ଜବତ କରିବା ସହ ଏକ ମାମଲା ରୁଜୁ କରିଛି। ରବିବାର ସକାଳେ ମୃତଦେହ ବ୍ୟବଚ୍ଛେଦ ପାଇଁ ବରଗଡ଼ ପଠାଯିବ ବୋଲି ପୋଲିସ କହିଛି।

### ବୁଡାମାଲ ସ୍କୁଲରେ ପିଠା ପ୍ରଦର୍ଶନୀ

ସୋହେଲା,୧୧।୧(ଡି.ଏନ.ଏ): ସୋହେଲା ବ୍ଲକ ବୁଡାମାଲ ପ୍ରାଥମିକ ବିଦ୍ୟାଳୟରେ ଶନିବାର ପୁଷପୁନି ପିଠା ପ୍ରଦର୍ଶନୀ ଅନୁଷ୍ଠିତ ହୋଇଥିଲା। ଏଥିରେ ଷଷ୍ଠ, ସପ୍ତମ ଓ ଅଷ୍ଟମ ଶ୍ରେଣୀର ୨୦ଜଣ ଛାତ୍ରୀଛାତ୍ର ନିଜ ନିଜ ଘରେ ପ୍ରସ୍ତୁତ ହୋଇଥିବା ପିଠା ଆଣି ପ୍ରଦର୍ଶିତ କରିଥିଲେ। ଏଥିରେ ଆରିସା, ମଣ୍ଡା, ସୁଆଁଲି, ମୁଗିଆ ଲଡ୍ଡୁ, ଝୁନ୍‌ଗା ବରା, ମୁଗବରା ଓ ମିଠା ଆଦି ପ୍ରଦର୍ଶିତ ହୋଇଥିଲା। ଏହି କାର୍ଯ୍ୟକ୍ରମକୁ ସ୍କୁଲର ପ୍ରଧାନ ଶିକ୍ଷକ ବୁଦ୍ଧଦେବ ସା ଉଦ୍‌ଘାଟନ କରିଥିଲେ। ବିଦ୍ୟାଳୟର ଶିକ୍ଷକ ତୁଷାରକାନ୍ତ ସାହୁ, ବାଳମୁକୁନ୍ଦ ବାରିକ, ଶିକ୍ଷୟିତ୍ରୀ ରୁକ୍ମଣୀ ପଧାନ, ଡିଲେଶ୍ୱରୀ ଭୁଏ ପ୍ରମୁଖ କାର୍ଯ୍ୟକ୍ରମରେ ଭାଗ ନେଇଥିବା ସମସ୍ତ ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲେ। ଶିକ୍ଷକ କେଦାର ନାଥ ସାହୁଙ୍କ ସଂଯୋଜନାରେ ଏହି କାର୍ଯ୍ୟକ୍ରମ ହୋଇଥିଲା।

### ଆଜିଠୁ ବୋଡାସମ୍ବର କପ୍ କ୍ରିକେଟ

ପଦ୍ମପୁର, ୧୧।୧ (ଡି.ଏନ.ଏ): ବଗଡ଼ ଜିଲା ପଦ୍ମପୁରରେ ରବିବାରଠାରୁ ୨୬ ତମ ବୋଡାସମ୍ବର କ୍ରିକେଟ ଟୁର୍ନାମେଣ୍ଟ ଆରମ୍ଭ ହେବ। ଚଳିତ ବର୍ଷ ଟୁର୍ନାମେଣ୍ଟରେ ୮ଟି ଟିମ୍ ଯୋଗଦାନ କରିବେ। ଉଦଘାଟନୀ ଉତ୍ସବରେ ଉପଜିଲାପାଳ ତନ୍ମୟ କୁମାର ଦରୱାନ, ଉପଖଣ୍ଡ ପୋଲିସ ଅଧିକାରୀ ପ୍ରଦୀପ ସାହୁ ଯୋଗଦାନ କରି ଟୁର୍ନାମେଣ୍ଟର ଶୁଭାରମ୍ଭ କରିବେ ବୋଲି ଏକ ଖବରଦାତା ସମ୍ମିଳନୀରେ ଆୟୋଜକ ମଣ୍ଡଳୀର ସଭାପତି ସୁନୀଲ କୁମାର ସାହୁ, ଉପସଭାପତି ଦୀପକ ଜୟପୁରିଆ, ସମ୍ପାଦକ ଭରତ ପଣ୍ଡା, ସହ ସମ୍ପାଦକ ସୁନି ସଗର, କୋଷାଧକ୍ଷ ବିଜୟ ଦାଶ ଜଣାଇଛନ୍ତି।



### ଜବରଦଖଲକାରୀଙ୍କ କବ୍‌ଜାରେ ଗାଁ ରାସ୍ତା

ଜାମଟିକ୍ରା, ୧୧।୧ (ଡି.ଏନ.ଏ) ଲୋକଙ୍କ ଗମନାଗମନର ସୁବିଧା ପାଇଁ ସରକାର ରାସ୍ତା ନିର୍ମାଣ କରୁଛନ୍ତି। କିନ୍ତୁ କେତେକ ଲୋକ ସେହି ରାସ୍ତାକୁ ଜବରଦଖଲ କରୁଥିବାରୁ ଯିବା ଆସିବାରେ ବାଧା ସୃଷ୍ଟି ହେଉଛି। ଅତାବିରା ବ୍ଲକ ଜାମଟିକ୍ରାଠାରୁ କୁଲୁଣ୍ଡାକୁ ସଂଯୋଗ କରୁଥିବା ପନ୍ଦେଇ ରାସ୍ତାକୁ କେତେକ ଲୋକ ନିଜ ଜମି ସହିତ ମିଶାଇ ଦେଇଛନ୍ତି। ସେହିପରି ଆଉ କେତେକ ଲୋକ ରାସ୍ତାରେ ଘର ନିର୍ମାଣ କରୁଥିବାରୁ ରାସ୍ତାଟି ଏବେ ସଙ୍କୁଚିତ ହୋଇପଡିଛି। ବର୍ତ୍ତମାନ ଉକ୍ତ ରାସ୍ତା ମରାମତି କରାଯାଉଛି। ତେବେ ଜବରଦଖଲକାରୀଙ୍କୁ ହଟାଇ ରାସ୍ତା ମରାମତି ପାଇଁ ଗ୍ରାମବାସୀ ଦାବି କରିଛନ୍ତି।

# ଅଭିନୟରେ ଥିଲା ଆକର୍ଷଣ

**ବରଗଡ଼ ଧନୁଯାତ୍ରା**

ବୃହତ ମୁକ୍ତାକାଶ ରଙ୍ଗମଞ୍ଚ ୭୧ତମ ବରଗଡ଼ ଧନୁଯାତ୍ରା ମହୋତ୍ସବରେ ଯବନିକା ପଡ଼ିଛି। ମହୋତ୍ସବର ଅବ୍ୟବହିତ ପୂର୍ବରୁ କଳାକାର ଚୟନ ବିବାଦ ପାଇଁ ଏବର୍ଷ ଧନୁଯାତ୍ରା ଅନ୍ୟବର୍ଷ ତୁଳନାରେ କଂସଙ୍କ ସମେତ ଅନ୍ୟ କଳାକାରଙ୍କ ପାଇଁ ଚ୍ୟାଲେଞ୍ଜ ହୋଇ ପଡ଼ିଥିଲା। ଶେଷରେ ସବୁ କଳାକାର ସେମାନଙ୍କ ଚମତ୍କାରିତା ଦେଖାଇବାରେ ମଧ୍ୟ ସକ୍ଷମ ହୋଇଥିଲେ। ଯାହାକି ଧନୁଯାତ୍ରାର ଶେଷଦିନ କଂସବଧ ଦୃଶ୍ୟାଭିନୟ ତଥା ରାଜ ଦରବାର ଆଗରେ ସମବେତ ଜନସମୁଦ୍ରରୁ ଆପେ ବାରି ହୋଇ ପଡ଼ିଥିଲା। ଏ ନେଇ ଏକ ମତାମତ ଭିତ୍ତିକ ଉପସ୍ଥାପନା।



କଂସ ଭୂମିକାରେ ଅଭିନୟ କରିଥିବା ଭୁବନେଶ୍ୱର ପ୍ରଧାନ ମୋର ସ୍ୱାମୀ। କଳା, ଅଭିନୟରେ ସେ ସମର୍ପିତ। ଧନୁଯାତ୍ରା ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ମୁ ନିଜକୁ ତାଙ୍କର ଜଣେ ପ୍ରଜା ଏବଂ ସେ ମଥୁରାନଗରୀର ମହାରାଜ ଭାବେ ଦେଖେ। ବିଶ୍ୱପ୍ରସିଦ୍ଧ ଧନୁଯାତ୍ରାରେ ତାଙ୍କୁ ଏଭଳି କଂସ ମହାରାଜ ଏବଂ ଖୋଲାମଞ୍ଚରେ ତାଙ୍କ ଅଭିନୟ ଦେଖି ପରିବାର ଲୋକେ ବହୁତ ଖୁସି ଏବଂ ନିଜକୁ ଗୌରବାନ୍ୱିତ ମନେ କରୁ। -ପ୍ରତିମା ପ୍ରଧାନ



ଧନୁଯାତ୍ରାରେ ଅଗଣିତ କଳାକାର। ଆଉ ମୋର ସ୍ୱାମୀ ଅଶୋକ ବେହେରା ଅଭିନୟ ପାଇଁ କଳାକାରଙ୍କୁ ଦିଗ୍‌ଦର୍ଶନ ଦେଇ ଆସୁଛନ୍ତି। ମାସେ ଧରି ସେ ସେଥିରେ ବ୍ୟସ୍ତ ରୁହନ୍ତି। ଧନୁଯାତ୍ରାର ଶେଷଦିନ କଂସବଧ ଦୃଶ୍ୟାଭିନୟ ଦେଖିବାକୁ ସପରିବାର ଯାଇଥିଲୁ। ସମସ୍ତ କଳାକାରଙ୍କ ଅଭିନୟ ଉତ୍କୃଷ୍ଟମାନର ଥିଲା। ସମସ୍ତ ଦୃଶ୍ୟାବଳି ଜୀବନ୍ତ ପରିଲକ୍ଷିତ ହୋଇଥିଲା। -ସନ୍ତୋଷ୍ନା ବେହେରା



ଧନୁଯାତ୍ରାର ଅନ୍ତିମ ଚାରିଦିନ ଲୋକମଣ୍ଡପ ପଡ଼ିଆ ମଞ୍ଚ ରାଜଦରବାର ପାଲଟିଥିଲା। ମୁ ଏହି ୪ଦିନ ସେଠାରେ ହେଉଥିବା ଦୃଶ୍ୟାଭିନୟ ଦେଖିବାକୁ ଆସିଥିଲି। ପୂର୍ବବର୍ଷ ତୁଳନାରେ ଏଥର କଂସ ଅଭିନେତା ଭୁବନେଶ୍ୱର ପ୍ରଧାନଙ୍କ ଅଭିନୟ ବେଶ୍ ଚିତ୍ତାକର୍ଷକ ଥିଲା। ତାଙ୍କ ଅଭିନୟ ବହୁତ ଭଲ ଲାଗିଲା। କଂସ ଅଭିନୟ କ୍ଷେତ୍ରରେ ତାଙ୍କ ପ୍ରତିଭା ଭଲ ଭାବେ ପ୍ରସ୍ଫୁଟିତ ହୋଇଥିଲା। -ସଞ୍ଜୀବ କୁମାର ପଣ୍ଡା



ଜୀବିକାରେ ମୁଁ ଜଣେ ଅଧ୍ୟାପକ। କଳା, ଅଭିନୟ, ନିର୍ଦ୍ଦେଶନା କେବଳ ମୋର ନିଶା। ଧନୁଯାତ୍ରା ମହୋତ୍ସବରେ ଅନ୍ୟ ଉପଦେଷ୍ଟା ମଣ୍ଡଳୀଙ୍କ ସହିତ କଳାକାରଙ୍କୁ ଦିଗ୍‌ଦର୍ଶନ ଦେଇ ଆସୁଛି। ଅଭିନୟ କ୍ଷେତ୍ରରେ ଉନ୍ନତି, ନୂତନତା ଆଣିବାକୁ ଯଥାସାଧ୍ୟ ଚେଷ୍ଟା କରିଥିଲୁ। ସବୁ କଳାକାର ତାକୁ ଠିକ୍ ଭାବେ ପ୍ରତିପାଦନ କରିଥିବା ଅନୁଭବ କରୁଛି। ଆରଥରକୁ ଅଭିନୟରେ ଆହୁରି ଚମତ୍କାରିତା ଆଣିବାକୁ ଚେଷ୍ଟା କରିବୁ। -ଅଶୋକ କୁମାର ବେହେରା



ଧନୁଯାତ୍ରା ମହୋତ୍ସବ ସମିତିର ସମ୍ପାଦକ ଭାବେ କାର୍ଯ୍ୟ ତୁଲାଇ ଆସିଛି। ପ୍ରତିକୂଳ ପାଗ ସତ୍ତ୍ୱେ ଏଥର ଧନୁଯାତ୍ରା ସଫଳତାର ସହିତ ସମ୍ପନ୍ନ ହୋଇଛି। ଅନ୍ୟବର୍ଷ ଅପେକ୍ଷା ପ୍ରତ୍ୟେକ କ୍ଷେତ୍ରରେ କିଛି ନା କିଛି ଉନ୍ନତି ଘଟିଛି। ଆଗାମୀ ଦିନରେ ସାଂସ୍କୃତିକ, ନାଟକ, ସାଜସଜ୍ଜା କ୍ଷେତ୍ରରେ ଆହୁରି ଉନ୍ନତି ଆଣିବାର ଆବଶ୍ୟକତା ରହିଛି। ଜନସାଧାରଣ ସହଯୋଗ କଲେ ସେ ଦିଗରେ ଆଗକୁ ନିଶ୍ଚିତ ଭାବେ ପଦକ୍ଷେପ ଗ୍ରହଣ କରିବେ। -ସୁରେଶ୍ୱର ଶତପଥୀ

(ଉପସ୍ଥାପନା: ପ୍ରେମାନନ୍ଦ ଖମାରୀ, ବରଗଡ଼ ଅଫିସ)

# ୧୩ରୁ ସି. କେ. ନାଇଡୁ ଟ୍ରଫି



ଖବରଦାତା ସମ୍ମିଳନୀରେ ଆୟୋଜକ କମିଟିର ସଦସ୍ୟବୃନ୍ଦ।

**ବରଗଡ଼ ଅଫିସ୍,୧୧।୧**

ବରଗଡ଼ର ବିକାଶ ଗ୍ରାଉଣ୍ଡରେ ଆସନ୍ତା ୧୩ରୁ ୧୬ତାରିଖ ପର୍ଯ୍ୟନ୍ତ ଓଡ଼ିଶା ଏବଂ ଅରୁଣାଚଳ ପ୍ରଦେଶ ମଧ୍ୟରେ ୨୩ବର୍ଷରୁ କମ୍ କର୍ଣ୍ଣେଲ ସି. କେ ନାଇଡୁ ଟ୍ରଫି ଅନୁଷ୍ଠିତ ହେବ। ପ୍ରତ୍ୟେକ ଦିନ ପୂର୍ବାହ୍ନ ୯ଟାରୁ ମ୍ୟାଚ ଆରମ୍ଭ ହୋଇ ଅପରାହ୍ନ ୪ଟା ପର୍ଯ୍ୟନ୍ତ ଚାଲିବ। ଦିନ ସାଢ଼େ ୧୧ଟାରୁ ୧୨ଟା ୧୦ ପର୍ଯ୍ୟନ୍ତ ମଧ୍ୟାହ୍ନ ଭୋଜନ ବିରତି ରହିବ। ଉଭୟ ଓଡ଼ିଶା ଏବଂ ଅରୁଣାଚଳ ପ୍ରଦେଶ ଶୁକ୍ରବାରଠାରୁ ବରଗଡ଼ରେ ପହଞ୍ଚି ସାରିଛନ୍ତି। ଶନିବାର ସକାଳେ ଅରୁଣାଚଳ ପ୍ରଦେଶ ଏବଂ ଅପରାହ୍ନରେ ଓଡ଼ିଶା ଦଳର ଖେଳାଳିମାନେ ବିକାଶ ଗ୍ରାଉଣ୍ଡରେ ଅଭ୍ୟାସ କରିଛନ୍ତି। ଉକ୍ତ ମ୍ୟାଚ ପାଇଁ ବିସିସିଆଇ ପକ୍ଷରୁ ପି.ଏମ.ଏସ ରେଢ୍ଡି ମ୍ୟାଚ ରେଫେରୀ ନିଯୁକ୍ତ ହୋଇଥିବାବେଳେ ଚନ୍ଦ୍ରକାନ୍ତ ମାସେ ଏବଂ ଆର୍.ରାଜେଶ କନ୍ନନ ଅମ୍ପାୟାର କାର୍ଯ୍ୟ ତୁଲାଇବେ ବୋଲି ସୂଚନା ଦିଆଯାଇଛି। ସେହିପରି ବିସିସିଆଇ ପକ୍ଷରୁ ବିରାଜ ଦାଶ ଅନଲାଇନ୍ ସ୍କୋରର, ବୀରବର ନାୟକ ମାନୁଏଲ ସ୍କୋରର, ଗୋବିନ୍ଦ ବେହେରା ଭିଡ଼ିଓ ଏନାଲିଷ୍ଟ, ସାୱନ କୁମାର ପାଢ଼ି ଆସିଷ୍ଟାଣ୍ଟ ଭିଡ଼ିଓ ଆନାଲିଷ୍ଟ ଦାୟିତ୍ୱ ତୁଲାଇବେ। ମ୍ୟାଚ ପାଇଁ ଏକ କମିଟି ଗଠନ କରାଯାଇଛି। ଡା. ଶୁଭ୍ରାଂଶୁ ଶେଖର ମହାପାତ୍ରଙ୍କୁ ଓଡ଼ିଶା ଏବଂ ପ୍ରଦୀପ ସାହୁଙ୍କୁ ଅରୁଣାଚଳ ପ୍ରଦେଶର ମ୍ୟାନେଜର ଦାୟିତ୍ୱ ଦିଆଯାଇଛି ବୋଲି ଶନିବାର ବିକାଶ ଗ୍ରାଉଣ୍ଡରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଥିଲା। ଖବରଦାତା ସମ୍ମିଳନୀରେ ଜିଲା କ୍ରିକେଟ ଆସୋସିଏଶନ ସଭାପତି ହରିହର ପ୍ରଧାନ, ସମ୍ପାଦକ ରବି ନାରାୟଣ ପଣ୍ଡା, ବିକାଶ ଗ୍ରୁପ୍‌ର ଚେୟାରମ୍ୟାନ ତଥା ଭେନ୍ୟୁ ମ୍ୟାନେଜର ଡି. ମୁରଲିକ୍ରୀଷ୍ଣା, ଡାଇରେକ୍ଟର ଡଃ ସମରେନ୍ଦ୍ର ନାଥ ପଣ୍ଡା, ଜିଲା କ୍ରିକେଟ ଆସୋସିଏଶନର ଉପସଭାପତି ଶୁଭ୍ରାଂଶୁ ମହାପାତ୍ର, ଯୁଗ୍ମ ସମ୍ପାଦକ ସଚ୍ଚିଦାନନ୍ଦ ପଣ୍ଡା, କୋଷାଧ୍ୟକ୍ଷ ଗୁରୁଦତ୍ତ ଦାଶ, କାର୍ଯ୍ୟକାରୀ କମିଟି ସଦସ୍ୟ ସନ୍ତୋଷ ପଣ୍ଡା, ପ୍ରଦୀପ ସାହୁ, ଚନ୍ଦ୍ରଶେଖର ପ୍ରଧାନ, ସୌର୍ଯ୍ୟରଞ୍ଜନ ରାୟ ପ୍ରମୁଖ ଉପସ୍ଥିତ ଥିଲେ।

# ବୌଦ୍ଧରେ ଭାଜପାର ସିଏଏ ସଚେତନତା ରାଲି

**ବୌଦ୍ଧ,୧୧।୧(ସ୍ୱ.ପ୍ର)**




ଭାଜପା ନେତା ଓ କର୍ମୀମାନେ ଶୋଭାଯାତ୍ରାରେ ବାହାରିଛନ୍ତି।

କେନ୍ଦ୍ର ସରକାରଙ୍କ ଦ୍ୱାରା ଅଣାଯାଇଥିବା ନାଗରିକତ୍ୱ ସଂଶୋଧନ ଆଇନକୁ ନେଇ ସାରା ଦେଶରେ ଅଶାନ୍ତି ଦେଖାଦେଇଛି। ତେବେ ଏହି ଆଇନ ସମର୍ଥନରେ ବୌଦ୍ଧଠାରେ ଜିଲା ଭାଜପା ପକ୍ଷରୁ ଶନିବାର ଏକ ସଚେତନତା ସଭା ଅନୁଷ୍ଠିତ ହୋଇଛି। ଏହି ଅବସରରେ ଜିଲା ଭାଜପା ସଭାପତି ବିପ୍ର ଚରଣ ମହାନ୍ତିଙ୍କ ନେତୃତ୍ୱରେ ରାମନାଥ ମନ୍ଦିରରୁ ଏକ ବିରାଟ ଶୋଭାଯାତ୍ରା ବାହାରି ସହର ପରିକ୍ରମା କରିବା ପରେ ବସଷ୍ଟାଣ୍ଡରେ ପହଞ୍ଚିଥିଲା। ଶୋଭାଯାତ୍ରାରେ ପୂର୍ବତନ ଏମ୍‌ପି ମହାମେଘବାହନ ଐର ଖାରବେଳ ସ୍ୱାଇଁ, ଭାଜପା ରାଜ୍ୟ ମହିଳା ମୋର୍ଚ୍ଚା ସଭାପତି ପ୍ରଭାତୀ ପରିଡା, କନ୍ଧମାଳ ମହିଳା ମୋର୍ଚ୍ଚା ସଭାପତି ଅର୍ଚ୍ଚନା ନାୟକ, ବରିଷ୍ଠ ନେତା କହ୍ନେଇ ଚରଣ ଡାଙ୍ଗ, ସୁଶାନ୍ତ ପ୍ରଧାନ, ପୂର୍ବତନ ବିରୋଧୀ ଦଳ ନେତା ସଚ୍ଚିଦାନନ୍ଦ ଦଲାଲ, ଦେବାଶିଷ ପୁରୋହିତ, ମନୋରଞ୍ଜନ ଦାଶ, ସରୋଜ ପ୍ରଧାନ, ରାକେଶ ତ୍ରିପାଠୀ, ରାଜ୍ୟ ଯୁବ ମୋର୍ଚ୍ଚା ସମ୍ପାଦକ ଓମ୍ ପ୍ରକାଶ ମିଶ୍ର, ସୁଶାନ୍ତ ବାଘ, ଯୁଗଳ ସାହୁ, ନମିତା ମିଶ୍ରଙ୍କ ସହ ଶତାଧିକ ଭାଜପା କର୍ମୀ ସାମିଲ ହୋଇଥିଲେ। ଶୋଭାଯାତ୍ରା ବସଷ୍ଟାଣ୍ଡରେ ପହଞ୍ଚିବା ପରେ ଏକ ସାଧାରଣ ସଭା ଜିଲା ଭାଜପା ସଭାପତି ବିପ୍ର ଚରଣ ମହାନ୍ତିଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଥିଲା। ସଭାରେ ପୂର୍ବତନ ଏମ୍‌ପି ଖାରବେଳ ସ୍ୱାଇଁ ଉଦ୍‌ବୋଧନ ଦେଇ କେନ୍ଦ୍ରର ମୋଦି ସରକାରଙ୍କ ଦ୍ୱାରା ଅଣାଯାଇଥିବା ନାଗରିକତ୍ୱ ସଂଶୋଧନ ଆଇନ ସମ୍ପର୍କରେ ସବିଶେଷ ଆଲୋଚନା କରିଥିଲେ।

## ଛାତ୍ରୀନିବାସରୁ ଛାତ୍ରୀ ନିଖୋଜ, ଥାନାରେ ଏତଲା

**ପୁରୁଣାକଟକ,୧୧।୧(ଡି.ଏନ.ଏ)**

ବୌଦ୍ଧ ଜିଲା ପୁରୁଣାକଟକ ଥାନା ଆଡେଣୀଗଡର ଏକ ଛାତ୍ରୀ ନିବାସରୁ ଜଣେ ନବମ ଶ୍ରେଣୀ ଛାତ୍ରୀ ଶୁକ୍ରବାର ରାତିରୁ ନିଖୋଜ ହୋଇଥିବା ଅଭିଯୋଗ ହୋଇଛି। ନିଖୋଜ ଥିବା ଛାତ୍ରୀଙ୍କୁ ରାତି ସାରା ଖୋଜାଖୋଜି କରିବା ପରେ ତାଙ୍କର କୌଣସି ପତ୍ତା ନ ମିଳିବାରୁ ପ୍ରଧାନ ଶିକ୍ଷକ ବ୍ରଜବନ୍ଧୁ ସାହୁ ଶନିବାର ସକାଳେ ଆଡେଣୀଗଡ ଫାଣ୍ଡିରେ ଏ ସମ୍ପର୍କରେ ଏତଲା ଦେଇଥିବା ଜଣାପଡିଛି। ଶୁକ୍ରବାର ରାତି ପ୍ରାୟ ସାଢେ ୯ଟା ସମୟରେ ଉକ୍ତ ଛାତ୍ରୀ ଜଣକ କେଉଁଆଡେ ହଠାତ୍ ନିଖୋଜ ହୋଇ ଯାଇଥିଲେ। ରାତି ତମାମ ଖୋଜାଖୋଜି ପରେ ବି କୌଣସି ସୁଫଳ ମିଳି ନ ଥିଲା। ଫଳରେ ପ୍ରଧାନଶିକ୍ଷକ ଶନିବାର ଫାଣ୍ଡିକୁ ଆସି ଲିଖିତ ଅଭିଯୋଗ କରିଥିଲେ। ଏ ସମ୍ପର୍କରେ ଆଡେଣୀଗଡ ଫାଣ୍ଡି ଏଏସଆଇ ସନ୍ତୋଷ ସ୍ୱାଇଁଙ୍କୁ ପଚାରିବାରୁ ପ୍ରଧାନ ଶିକ୍ଷକ ଛାତ୍ରୀ ନିଖୋଜ ଥିବା ନେଇ ଅଭିଯୋଗ କରିଥିବା ସେ କହିଛନ୍ତି।

# ନୃସିଂହନାଥରେ ବୁଡ଼ ପକାଇଲେ ଧନୁଯାତ୍ରା କଳାକାର



କଳାକାରମାନେ ନୃସିଂହନାଥ ଝରଣାରେ ବୁଡ ପକାଉଛନ୍ତି।

**ପାଇକମାଳ, ୧୧।୧ (ଡି.ଏନ.ଏ)**

ବରଗଡ ଧନୁଯାତ୍ରାରେ ଅଭିନୟ କରିଥିବା କଂସ ମହାରାଜାଙ୍କର ମନ୍ତ୍ରୀ, ପାରିଷଦଗଣ ଶନିବାର ଅପରାହ୍ନରେ ନୃସିଂହନାଥକୁ ଆସି ପାପନାଶିନୀ ଝରଣାର ଗୋକୁଣ୍ଡ ଘାଟରେ ବୁଡ ପକାଇଛନ୍ତି। ସେମାନେ ବୁଡ ପକାଇବା ପରେ ନୃସିଂହ ଠାକୁରଙ୍କୁ ଦର୍ଶନ କରି କଂସ ମହାରାଜାଙ୍କ ଆଦେଶରେ ମଥୁରାନଗରୀରେ ଅତ୍ୟାଚାର କରିଥିବାରୁ କ୍ଷମା ପ୍ରାର୍ଥନା କରିଛନ୍ତି। ଏହି କଳାକାରମାନଙ୍କ ମଧ୍ୟରେ ଅଛନ୍ତି ନନ୍ଦିଘୋଷ ମହାପାତ୍ର, ରୋହିତ କୁମାର ଭୋଇ, ଅନୁପମ ଗଡତିଆ, ଗଜପତି ରଣା, ଭଗବାନ ପାଣ୍ଡେ, ବୃନ୍ଦାବନ ପଧାନ, ଗୋଲାପ ଦାସ, ମୁନେଶ ଚାନ୍ଦ ଆଚାର୍ଯ୍ୟ, ଦୁର୍ଗାପ୍ରସାଦ ସାହୁ, ବନବାସ ଭୁଏ, ଗଙ୍ଗାଧର ଭୁଏ, ଚକ୍ରପାଣି ପୋଢ଼, ରୋହିତ ଧରୁଆ, ଆଶିଷ ସୁନା, ଲୋକନାଥ ସାହୁ, ଭରତ ମହାନନ୍ଦ, ନରେଶ ସୁନା, ମନଧର ମେହେର ଓ ମୁନ୍ନା ଭୋଇ ପ୍ରମୁଖ କଳାକାର ନୃସିଂହନାଥ ଠାକୁରଙ୍କୁ କ୍ଷମା ପ୍ରାର୍ଥନା ମାଗି ତାଙ୍କର ଆଶୀର୍ବାଦ ଭିକ୍ଷା କରିଥିଲେ।

# ଲୋକକଳାରେ ଯକ୍ଷ୍ମା ସଚେତନତା

**ସରଣ୍ଡା, ୧୧।୧ (ଡି.ଏନ.ଏ)**



କଳାକାରମାନେ ଲୋକକଳା ମାଧ୍ୟମରେ ଯକ୍ଷ୍ମା ଉପରେ ସଚେତନ କରୁଛନ୍ତି।

ବରଗଡ଼ ଜିଲା କଳା ସଂସ୍କୃତି ସଂଘ ତରଫରୁ ଝିଲିମିଣ୍ଡା ଗ୍ରାମରେ ଶନିବାର ଯକ୍ଷ୍ମା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସମ୍ବଲପୁରୀ ଲୋକଗୀତ, ନୃତ୍ୟ ମାଧ୍ୟମରେ ଯକ୍ଷ୍ମାର କାରଣ ଓ ନିରାକରଣ ଉପରେ ଲୋକମାନଙ୍କୁ ସଚେତନ କରଯାଇଥିଲା। ଏହି କାର୍ଯ୍ୟକ୍ରମରେ ସରପଞ୍ଚ ସୁଧୀର ପ୍ରଧାନ, ଯକ୍ଷ୍ମା ଟ୍ରିଟମେଣ୍ଟ ସୁପରଫାଇଜର ପ୍ରଭାତ ରଥ, ଏଏନଏମ ଗୀତାଞ୍ଜଳି ଆଚାର୍ଯ୍ୟ, ଅଙ୍ଗନୱାଡି କର୍ମୀ ଲକ୍ଷ୍ମୀ ପ୍ରଧାନ, କୁନ୍ତି ପ୍ରଧାନ, ତୃପ୍ତା ପ୍ରଧାନ, ଆଶାକର୍ମୀ ସୁରେଶ୍ୱରୀ ଭୁଏ ସହଯୋଗ କରିଥିଲେ। ଉପସଭାପତି ଅମୃତ କୁମାର ବାରିକଙ୍କ ନେତୃତ୍ୱରେ ବିଜୟ ମହାନନ୍ଦ, ଚନ୍ଦନ ଭୁଏ, ହୃଦାନନ୍ଦ ଗଡୁଆ, ଶୁଭମ ଭୁଏ, ମାଟୁ କନ୍ଧେର କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

## ମହୋଦଧିରେ ମହାମନ୍ତ୍ରୀ



ମହୋଦଧିରେ ମହାମନ୍ତ୍ରୀ କଳାକାର ସତ୍ରାଜିତ ସ୍ନାନ କରୁଛନ୍ତି।

**ବରଗଡ଼ ଅଫିସ୍,୧୧।୧**

ମୁକ୍ତାକାଶ ରଙ୍ଗମଞ୍ଚ ବରଗଡ଼ ଧନୁଯାତ୍ରା ସରିବା ପରେ ପ୍ରତିବର୍ଷ କେବଳ କଂସ ମହାରାଜ ଶ୍ରୀକ୍ଷେତ୍ର (ପୁରୀ) ଯାଇ ମହୋଦଧିରେ ସ୍ନାନ କରି ପ୍ରାୟଶ୍ଚିତ କରି ଆସୁଥିଲେ। ତେବେ ଅନ୍ୟବର୍ଷ ଭଳି ଏଥର ମଧ୍ୟ ସେଠାକୁ କଂସ ଅଭିନେତା ଭୁବନେଶ୍ୱର ପ୍ରଧାନ ଯାଇଥିବାବେଳେ ପ୍ରଥମଥର ପାଇଁ ମହାମନ୍ତ୍ରୀ ସତ୍ରାଜିତ ଚରିତ୍ରରେ ଅଭିନୟ କରିଥିବା ପ୍ରଦୀପ କୁମାର ପଣ୍ଡା ମହୋଦଧିରେ ସ୍ନାନ କରିବା ସହିତ ପ୍ରାୟଶ୍ଚିତ କରିଛନ୍ତି।

# ନିଆଁ ଲାଗି ୫ ପାଳଗଦା ଜଳିଗଲା

**ଜହ୍ନାପଙ୍କ, ୧୧।୧ (ଡି.ଏନ.ଏ)**

ବୌଦ୍ଧ ବ୍ଲକ ଅନ୍ତର୍ଗତ ଜଗତି ନିକଟସ୍ଥ ଜଗନ୍ନାଥପୁରରେ ହରି ଜେନା, କେଦାର ଜେନା, ଆଦି ଜେନା ଓ ଭଗବାନ ପ୍ରଧାନଙ୍କ ପାଳ ଗଦାରେ ଶନିବାର ଅପରାହ୍ନ ପ୍ରାୟ ୩ଟା ବେଳେ ନିଆଁ ଲାଗି ଭସ୍ମୀଭୂତ ହୋଇଯାଇଛି। ଜଣେ ଚାଷୀ ବିଲରେ ନଡା ଖୁଣ୍ଟିକୁ ପୋଡି ନଷ୍ଟ କରିବାକୁ ନିଆଁ ଲଗାଇଥିଲେ। ଏହି ନିଆଁ କ୍ରମେ ବିଲ ନିକଟରେ ଥିବା ପାଳଗଦାରେ ଲାଗିଯିବାରୁ ପାଖାପାଖି ୫ଟି ଗଦା ଜଳିଯାଇଥିଲା। ବୌଦ୍ଧ ଅଗ୍ନିଶମ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ବର୍ଷଯାକ ଗୋରୁଙ୍କ ପାଇଁ ସାଇତି ରଖିଥିବା ଖାଦ୍ୟ ନଷ୍ଟ ହୋଇଯାଇଥିବାରୁ ଚାଷୀମାନେ ଏବେ ଚିନ୍ତାରେ ପଡିଛନ୍ତି।

# ଆମ୍ବଗାଁ ହାଇସ୍କୁଲରେ ବାର୍ଷିକ କ୍ରୀଡ଼ା ଉଦ୍‌ଯାପିତ

**ଘଣ୍ଟାପଡା, ୧୧।୧ (ଡି.ଏନ.ଏ)**

ବୌଦ୍ଧ ଜିଲା କଣ୍ଟାମାଳ ବ୍ଲକ ଆମ୍ବଗାଁ ଜନତା ସରକାରୀ ଉଚ୍ଚ ବିଦ୍ୟାଳୟରେ ବିଜ୍ଞାନ ଶିକ୍ଷକ ରମେଶ କୁମାର ସାମଲଙ୍କ ତତ୍ତ୍ୱାବଧାନରେ ଦୁଇ ଦିନିଆ ବାର୍ଷିକ କ୍ରୀଡା ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ଏହି କ୍ରୀଡା ଗୁରୁବାରଠାରୁ ଆରମ୍ଭ ହୋଇଥିଲା। ଛାତ୍ରୀଛାତ୍ର ଖେଳ ଶିକ୍ଷକ ମହେନ୍ଦ୍ର ସାହୁଙ୍କ ନେତୃତ୍ୱରେ ନିକଟସ୍ଥ ଶିବ ମନ୍ଦିରରୁ କ୍ରୀଡା ମଶାଲ ଶୋଭାଯାତ୍ରାରେ ଆଣି ହାଇସ୍କୁଲ ପଡିଆରେ ସ୍ଥାପନ କିବା ପରେ ପ୍ରଧାନଶିକ୍ଷକ ଦେବରାଜ ସାହୁ କ୍ରୀଡା ପତାକା ଉଦଘାଟନ କରି ପ୍ରତିଯୋଗିତା ଆରମ୍ଭ କରିଥିଲେ। ଏଥିରେ ବାଳିକା ବିଭାଗରୁ ଦଶମ ଶ୍ରେଣୀର କବିତା ଭୋଇ ଏବଂ ବାଳକ ବିଭାଗରୁ ନବମ ଶ୍ରେଣୀ ଛାତ୍ର ରାହୁଲ ହରିପାଲ ଚାମ୍ପିୟନ ହୋଇଥିଲେ। ଉଦ୍‌ଯାପନୀ ଉତ୍ସବରେ ପ୍ରଧାନଶିକ୍ଷକ ସାହୁ ଯୋଗଦେଇ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରିଥିଲେ। ସହକାରୀ ଶିକ୍ଷକ ବୈକୁଣ୍ଠ ନାଥ ରଣା, ରାଜୀବ କୁଅଁର, ଲକ୍ଷ୍ମଣ ସାହୁ, କିରାଣୀ ବୃହସ୍ପତି କାଲସେ ଓ ପିଅନ ଅରୁଣ ରଣା ସହଯୋଗ କରିଥିଲେ।

# କ୍ରିକେଟ: ପାନସିଆଲି ଚାମ୍ପିୟନ

**ମନମୁଣ୍ଡା, ୧୧।୧ (ଡି.ଏନ.ଏ)**



କୃତୀ କ୍ରିକେଟ ଦଳକୁ ପୁରସ୍କୃତ କରାଯାଉଛି।

ବୌଦ୍ଧ ଜିଲା ବରଗୋଛା ମିନି ଷ୍ଟାଡିୟମରେ ଅନୁଷ୍ଠିତ ୧୩ତମ ସରମଣ୍ଡା କ୍ରିକେଟ କପ୍‌ରେ ପାନସିଆଲି ଚାମ୍ପିୟନ ହୋଇଛି। ୨ଟି ଫର୍ମାଟରେ ଅନୁଷ୍ଠିତ ଫାଇନାଲ ମ୍ୟାଚରେ ପାନସିଆଲି ସୋନପୁର ରେଡ ରୋଜକୁ ପରାସ୍ତ କରିଥିଲା। ପ୍ରଥମ ମ୍ୟାଚରେ ପାନସିଆଲି ୧୦ ଓଭର ବିଶିଷ୍ଟ ମ୍ୟାଚରେ ୧୦୫ ରନ କରିଥିଲା ବେଳେ ସୋନପୁର ଦଳ ୧୦୦ ରନ କରି ୫ ରନରେ ପରାସ୍ତ ହୋଇଥିଲା। ସେହିପରି ଦ୍ୱିତୀୟ ୭ ଓଭର ବିଶିଷ୍ଟ ମ୍ୟାଚରେ ପାନସିଆଲି ୬୯ ରନ କରିଥିଲା ବେଳେ ସୋନପୁର ୫୦ ରନ କରିଥିଲା। ଦୁଇଟି ଯାକ ମ୍ୟାଚରେ ପାନସିଆଲି ବିଜୟୀ ହୋଇଥିଲା। ଇଲୁ ମ୍ୟାନ ଅଫ୍ ଦି ମ୍ୟାଚ ଓ ମନୋଜ ମ୍ୟାନ ଅଫ୍ ଦି ସିରିଜ ହୋଇଥିଲେ। ବିଜେତା ଦଳକୁ ଟ୍ରଫି ସହ ୧୨ ହଜାର ଟଙ୍କା ଓ ଉପବିଜେତା ଦଳକୁ ଟ୍ରଫି ସହ ୮ ହଜାର ଟଙ୍କା ପୁରସ୍କାର ରାଶି ପ୍ରଦାନ କରାଯାଇଥିଲା। ଆୟୋଜକ ଜଗନ୍ନାଥ ପାଠାଗାରର ସଭାପତି ଶାନ୍ତନୁ ଥାଟ୍ଟଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପୁରସ୍କାର ବିତରଣୀ ଉତ୍ସବରେ କଣ୍ଟାମାଳ ବିଧାୟକ ମହିଧର ରଣା ମୁଖ୍ୟଅତିଥି, ଏମ୍‌ପି ପ୍ରତିନିଧି ଶମ୍ଭୁ ସାହୁ, ସମାଜସେବୀ ବିଜୟ ବାରିକ, ପ୍ରେମରାଜ ରଣା, ଆଇନଜୀବୀ ରାଧାବଲ୍ଲଭ ପ୍ରଧାନ, ସତ୍ୟନାରାୟଣ ମଲିକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ତନ୍ମୟ ସାହୁ ସଭା ପରିଚାଳନା କରିଥିବା ବେଳେ ଉଚିତ ତାଙ୍ଗ ଧନ୍ୟବାଦ ଅର୍ପଣ କରିଥିଲେ।



ଗୋଟିଏ ମହତ୍ତ୍ୱପୂର୍ଣ୍ଣ କାର୍ଯ୍ୟ କରିଦେଲେ ଆଉ
ଗୋଟିଏ ପାଇଁ ଆପେ ଆପେ ବାଟ ଫିଟିଯାଏ।
- ଆର. ଡବ୍ଲ୍ୟୁ. ଇମରସନ୍



## ସଂକ୍ଷେପରେ



### ଦୁର୍ଘଟଣାରେ ହେଟାବାଘ ମୃତ

**ଖଡିଆଳ,୧୧।୧(ଡି.ଏନ.ଏ.):** ନୂଆପଡା ଜିଲା ଖଡିଆଳ ପୁଟୁପଡାଠାରେ ଗୋଟିଏ ହେଟା ବାଘ ଦୁର୍ଘଟଣାରେ ମୃତ ହୋଇଛି। ଶନିବାର ଭୋର ୪ଟାରେ ଅଜଣା ଗାଡି ଧକ୍କା ଦେବାରୁ ହେଟାବାଘ ରାସ୍ତା ମଝିରେ ପଡି ରହିଥିବା ଦେଖିବାକୁ ମିଳିଥିଲା। ସ୍ଥାନୀୟ ଲୋକେ ବନବିଭାଗକୁ ଖବର ଦେବାରୁ ବନବିଭାଗ କର୍ମଚାରୀ ଘଟଣାସ୍ଥଳକୁ ଯାଇ ହେଟାବାଘକୁ ଆଣି ବ୍ୟବଚ୍ଛେଦ କରିବା ପରେ ତାକୁ ପୋଡି ଦେଇଥିବା ବନବିଭାଗ ରେଞ୍ଜର ସଦାନନ୍ଦ ସୁନାନୀ କହିଛନ୍ତି। ଖଡିଆଳରୁ ସିନାପାଲିକୁ ଯାଉଥିବା ରାସ୍ତାରେ ବିଭିନ୍ନ ସମୟରେ ଜଙ୍ଗଲରୁ ବନ୍ୟଜନ୍ତୁ ଯିବା ଆସିବା କରୁଥାଏ। ହେଲେ ରାସ୍ତାରେ ଯାତାୟାତ କରୁଥିବା ଯାନବାହନର ଶୀକାର ହେବାକୁ ପଡିଥାଏ।

## ବଲାଙ୍ଗୀର ବହିହାଟ ତୃତୀୟ ସନ୍ଧ୍ୟା

# ‘ସାହିତ୍ୟିକ ପରିବେଶରୁ ଶିଶୁଙ୍କୁ ଦୂରେଇ ନିଆଯାଉଛି’

**ବଲାଙ୍ଗୀର ଅଫିସ, ୧୧।୧**

ଦିନ ଥିଲା ଶିଶୁ ଅଜାଆଇ, ମା’ବାପାଙ୍କଠାରୁ ଗପ, କାହାଣୀ ନ ଶୁଣିବା ଯାଏ ଶୋଇପାରୁ ନ ଥିଲା। ଅଜାଆଇ, ମା’ବାପାଙ୍କ ପାଖରେ ମଧ୍ୟ ଏତେ ସ୍ନେହ, ଶ୍ରଦ୍ଧା, ଆଦର ଥିଲା ଯେ, ଶିଶୁଟିଏ ତାଙ୍କରି ପାଖରୁ କଥାକାହାଣୀରୁ ଛୋଟ ଦିନରୁ ବିଭିନ୍ନ ଉପାଦାନ ସଂଗ୍ରହ କରି ନେଉଥିଲା। ଆଜି ସେଭଳି ପରିବେଶ ଆଉ ନାହିଁ। ଶିଶୁଙ୍କ ପାଇଁ ସେତିକି ସମୟ ନାହିଁ, ସେତିକି ଶ୍ରଦ୍ଧା ଓ ଭଳ ପାଇବା ନାହିଁ। ଶିଶୁଙ୍କ ପାଇଁ ସେଭଳି କଥା, କାହାଣୀ, ଗପ ତିଆରି ହେଉନାହିଁ। ଏପରି କି ଶିଶୁ ଭିତରେ ବି ଗପ କି କହାଣୀ ଶୁଣିବାର ସେଭଳି ଉତ୍କଣ୍ଠା ଦେଖାଯାଉନାହିଁ। ବଦଳି ଯାଉଥିବା ପରିବେଶ ଭିତରେ ଶିଶୁଟି ଶିଶୁ ସାହିତ୍ୟରୁ ବେଶ୍ ଦୂରେଇ ଯାଉଛି। ଏହା ଆଦୌ ଶୁଭଙ୍କର ନୁହେଁ ବୋଲି ଆଲୋଚକ ଓ ବକ୍ତାମାନେ ବଲାଙ୍ଗୀର ବହିହାଟର ତୃତୀୟ ସନ୍ଧ୍ୟାରେ ମତବ୍ୟକ୍ତ କରିଛନ୍ତି। ଜିଲା ଲେଖକ ପରିଷଦ ପକ୍ଷରୁ ସ୍ଥାନୀୟ କୋଶଳ କଳାମଣ୍ଡଳ ପଡ଼ିଆରେ ଆୟୋଜିତ ବହିହାଟର ତୃତୀୟ ସାନ୍ଧ୍ୟା କାର୍ଯ୍ୟକ୍ରମରେ ଶିଶୁ ସାହିତ୍ୟ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଶିଶୁ ସାହିତ୍ୟିକ ହୃଷୀକେଶ ପୁରୋହିତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଆଲୋଚନାଚକ୍ରରେ ଶିଶୁ ସାହିତ୍ୟିକ ଡ. ରମେଶ ଚନ୍ଦ୍ର ପତ୍ରୀ, ନାଟ୍ୟଭୂଷଣ ଜଗଦାନନ୍ଦ ଛୁରିଆ, ବିରଞ୍ଚି ନାରାୟଣ ଦାଶ ଯୋଗଦେଇ କରିଥିଲେ। ଶିଶୁକୁ ଭଲ ବହି ଖଣ୍ଡେ ଉପହାର ଦେବା ଓ ବହି ସହ ପରିଚୟ କରାଇବା ଏକ ବଡ ଦାୟିତ୍ୱ ବୋଲି ବକ୍ତାମାନେ କହିଥିଲେ। ସଭାରେ ସାମ୍ପ୍ରତିକ ଶିଶୁ ସାହିତ୍ୟ ଓ ଶିଶୁ ମାନସିକତାକୁ ନେଇ ଆଲୋଚକମାନେ ବିଶେଷ ଆଲୋଚନା କରିଥିଲେ। ସଭାରେ ଜିଲା ଲେଖକ ପରିଷଦ ସଭାପତି ମଳୟ ମିଶ୍ର, ସମ୍ପାଦକ କପିଳେଶ୍ୱର ଖମାରୀ ବକ୍ତବ୍ୟ ରଖିଥିଲେ। ବବୁନ୍ ପୁରୋହିତ ଧନ୍ୟବାଦ ଅର୍ପଣ କରିଥିଲେ । ଅପରାହ୍ନରେ ସ୍କୁଲ ଛାତ୍ରୀଛାତ୍ରଙ୍କ ଏକକ ଅଭିନୟ ପ୍ରତିଯୋଗିତା ହୋଇଥିଲା। ଏଥିରେ ବିଚାରକ ଭାବେ ରାଜୀବ ଲୋଚନ ଆଚାର୍ଯ୍ୟ, ଅନୁପ୍ରିୟା ମିଶ୍ର, ଧୀରେନ୍ଦ୍ର ନାରାୟଣ ସିଂଦେଓ ଦାୟିତ୍ୱ ନିର୍ବାହ କରିଥିଲେ। କନିଷ୍ଠ ବର୍ଗରେ ଧୀରଶ୍ରୀ ନାଏକ ପ୍ରଥମ, ଓଁଅମୃତ ମହାନ୍ତି ଦ୍ୱିତୀୟ ଓ ଅଂଶୁମାନ୍ ମିଶ୍ର ତୃତୀୟ ସ୍ଥାନ ଅଧିକାର କରିଥିଲେ। ବରିଷ୍ଠ ବର୍ଗରେ ଏଇଶିମ୍ ପଣ୍ଡା ପ୍ରଥମ, ଈଶା ସିଂ ଦ୍ୱିତୀୟ ଓ ଆଶୁତୋଷ ହୋତା ତୃତୀୟ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଥିଲେ। ମଧ୍ୟମ ଅଧିବେଶନରେ କଦମପଡ଼ା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଛାତ୍ରୀଛାତ୍ରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ମୁଖ୍ୟଅତିଥି ଭାବେ ବହିହାଟ ସଂଯୋଜକ ସମାଜିକ କର୍ମୀ ଲଳିତ କୁମାର ନାୟକ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଅନୁପ୍ରିୟା ମିଶ୍ର, ଅନୁପମା ଖମାରୀ, ସତ୍ୟାନନ୍ଦ ବିଶ୍ୱାଳ, ଯୁଗ୍ମ ସମ୍ପାଦକ ଅରବିନ୍ଦ ବାଗ, ବିଶ୍ୱମୟ ପୂଜାରୀ ସହଯୋଗ କରିଥିଲେ।




ବହିହାଟ ତୃତୀୟ ସନ୍ଧ୍ୟାରେ ଶିଶୁ ସାହିତ୍ୟ ଆଲୋଚନାଚକ୍ରରେ ମଞ୍ଚାସୀନ ଆଲୋଚକ।

## ଖପ୍ରାଖୋଲରେ ନବୋଦୟ ପ୍ରବେଶିକା ପରୀକ୍ଷା

ଖପ୍ରାଖୋଲ,୧୧।୧(ଡି.ଏନ.ଏ.): ନବୋଦୟ ପ୍ରବେଶିକା ପରୀକ୍ଷା ପାଇଁ ଖପ୍ରାଖୋଲରେ ୨ଟି ପରୀକ୍ଷା କେନ୍ଦ୍ର ଖୋଲାଯାଇଥିଲା। ଏଥିରେ ମୋଟ ୪୬୦ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିବା ଜଣାପଡିଛି। ଉଚ୍ଚ ବିଦ୍ୟାଳୟ ପରୀକ୍ଷା କେନ୍ଦ୍ରରେ ୨୮୦ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୨୪୪ଜଣ ପରୀକ୍ଷା ଦେଇଥିଲେ। ୩୬ଜଣ ଅନୁପସ୍ଥିତ ରହିଥିଲେ। ସେହିପରି ଓଡ଼ିଶା ଆଦର୍ଶ ବିଦ୍ୟାଳୟ ପରୀକ୍ଷା କେନ୍ଦ୍ରରେ ୨୪୧ଜଣ ପରୀକ୍ଷାର୍ଥୀ ମଧ୍ୟରୁ ୨୧୬ଜଣ ପରୀକ୍ଷା ଦେଇଥିଲେ। ୨୫ଜଣ ଅନୁପସ୍ଥିତ ରହିଥିବା ଜଣାପଡିଛି। ଶାନ୍ତିଶୃଙ୍ଖଳା ସହ ପରୀକ୍ଷା ଶେଷ ହୋଇଥିବା ବ୍ଲକ ଶିକ୍ଷା ଅଧିକାରୀ ଷଷ୍ଠୀ ପ୍ରସାଦ ଝାଙ୍କର ପ୍ରକାଶ କରିଛନ୍ତି।

## ସଡ଼କ ସୁରକ୍ଷାର ବାର୍ତ୍ତା ଦେଲେ ଜିଲାପାଳ

**ନୂଆପଡା ଅଫିସ,୧୧।୧**

ନୂଆପଡା ଜିଲାରେ ସଡକ ସୁରକ୍ଷା ସପ୍ତାହ ଆରମ୍ଭ ହୋଇଛି। ଏହିକ୍ରମରେ ସପ୍ତାହବ୍ୟାପିବିଭିନ୍ନ କାର୍ଯ୍ୟକ୍ରମ ହେବାକୁ ଥିବାବେଳେ ଶନିବାର ସଚେତନତା ଶୋଭାଯାତ୍ରା ସହର ପରିକ୍ରମା କରିଛି। ପୂର୍ବାହ୍ନ ସାଢେ ୧୦ଟାରେ ଜିଲାପାଳ ଏହାକୁ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଆଞ୍ଚଳିକ ପରିବହନ ଅଧିକାରୀ ପ୍ରଶାନ୍ତ କୁମାର ପରିଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜିଲାପାଳ ମଧୁସ୍ମିତା ସାହୁ ମୁଖ୍ୟଅତିଥି, ଏସପି ବିନୀତ କୁମାର ଅଗ୍ରୱାଲ, ଏସଡିପିଓ ପ୍ରଶାନ୍ତ କୁମାର ପଟ୍ଟନାୟକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଜିଲାପାଳ ପତାକା ଦେଖାଇ ଶୋଭାଯାତ୍ରାକୁ ଆରମ୍ଭ କରଥିବାବେଳେ ଏହି ଉପଲକ୍ଷେ ବାହରି ଥିବା ୨ଟି ସଚେତନତା ରଥକୁ ମଧ୍ୟ ଶୁଭାରମ୍ଭ କରାଯାଇଥିଲା । ଜିଲାବାସୀ ଆଗକୁ ଆସି ସଡକ ସୁରକ୍ଷା ସମ୍ପର୍କୀତ ସମସ୍ତ ନିର୍ଦ୍ଦେଶକୁ ଠିକ ଭାବରେ ପାଳନ କଲେ ହିଁ ଆମେ ନିଜେ ସୁରକ୍ଷିତ ରହିବା ସହ ଏକ ସୁରକ୍ଷିତ ଜିଲା ଗଢିପାରିବା ବୋଲି ଏହିଅବସରରେ ଜିଲାପାଳ କହିଥିଲେ। ଶୋଭାଯାତ୍ରା ସହର ପରିକ୍ରମା କରିଥିବା ବେଳେ ବିଦ୍ୟାଳୟଗୁଡିକ ଛାତ୍ରୀଛାତ୍ର, ଏନଏସିର ସ୍ୱଂୟ ସହାୟକ ଦଳର ମହିଳା ଏବଂ ସ୍ୱେଚ୍ଛାସେବୀ ସଙ୍ଗଠନ କଦମର କର୍ମକର୍ତ୍ତାମାନେ ସାମିଲ ଥିଲେ। ଏହିଭଳି ବିଭିନ୍ନ କାର୍ଯ୍ୟକ୍ରମ ଆଗାମୀ ଦିନରେ ଜିଲାବ୍ୟାପି କରାଯିବ ବୋଲି ପରିବହନ ଅଧିକାରୀ ପରିଡା ସୂଚନା ଦେଇଛନ୍ତି।

# ଜିଲାସ୍ତରୀୟ ପ୍ରଦର୍ଶନୀ, ପ୍ରକଳ୍ପ ପ୍ରତିଯୋଗିତା ଉଦ୍‌ଯାପିତ

ବଲାଙ୍ଗୀର ଅଫିସ,୧୧।୧: ବଲାଙ୍ଗୀର ଜିଲା ଶିକ୍ଷା କାର୍ଯ୍ୟାଳୟ ଏବଂ ଓଡ଼ିଶା ସ୍କୁଲ ଏଜୁକେସନ୍ ପ୍ରୋଗ୍ରାମ ଅଥୋରିଟି (ଓସେପା) ମିଳିତ ସହଯୋଗରେ ଅଷ୍ଟମ ଜିଲାସ୍ତରୀୟ ପ୍ରଦର୍ଶନୀ ଏବଂ ପ୍ରକଳ୍ପ ପ୍ରତିଯୋଗିତା ପୁଇଁତଲାବ୍ଲକ୍ କୁରୁଲ ରାମଜୀ ଉଚ୍ଚବିଦ୍ୟାଳୟଠାରେ ଉଦ୍‌ଯାପିତ ହୋଇଛି । ପ୍ରତିଯୋଗିତାରେ ୭୯ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ସରକାରୀ ନୋଡାଲ ବାଳିକା ଉଚ୍ଚବିଦ୍ୟାଳୟ ବେଲପଡ଼ାର ନବମ ଶ୍ରେଣୀ ଛାତ୍ରୀ ବବଲି ମେହେରଙ୍କ ପ୍ରକଳ୍ପ ଇଣ୍ଡଷ୍ଟ୍ରିଆଲ ଗେଟ୍ ଯୁଜିଙ୍ଗ ଆଲକୋହଲ ସେନ୍ସର, ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ବୁର୍ଡା, ଲୋଇସିଂହା ଦଶମ ଶ୍ରେଣୀ ଛାତ୍ରୀ ଜ୍ୟୋତି ବାରିକଙ୍କ ପ୍ରକଳ୍ପ– ଇନୋଭେଟିଭ୍ ଟୁଲା ଫର୍ ରିମୋଟ ଏରିଆ, ସଇଁତଲା ବ୍ଲକ ଦାବଜୁରି ପିୟୁପିଏସ୍‌ର ଷଷ୍ଠ ଶ୍ରେଣୀ ଛାତ୍ର ଦେବାର୍ଚ୍ଚନ ଖେତିଙ୍କ ପ୍ରକଳ୍ପ ଡଷ୍ଟ ରିମୁଭର ଫର୍ ସୋଲାର ପେନେଲ, ଟୁରେକେଲା ବ୍ଲକ ପିଏଚ୍‌ଏସ୍ ଚାଉଲ ସୁଖାର ଦଶମ ଶ୍ରେଣୀର ଛାତ୍ରୀ କ୍ଷିତିସୁତା ମେହେରଙ୍କ ପ୍ରକଳ୍ପ ସ୍ମାର୍ଟ ଅମ୍ବ୍ରେଲା, ଦେଓଗାଁ ବ୍ଲକ ସତ୍ୟବାଦୀ ହାଇସ୍କୁଲ ଧଣ୍ଡାମାଳର ଅଷ୍ଟମ ଶ୍ରେଣୀ ଛାତ୍ରୀ ଶିବାନୀ ମିଶ୍ରଙ୍କ ପ୍ରକଳ୍ପ ୟୁଟିଲାଇଜେସନ୍ ଅଫ୍ ଏଗ୍ରିକଲ୍ଚରାଲ ୱେଷ୍ଟ, ଦେଓଗାଁ ବ୍ଲକ ଉପରଝର ଆଞ୍ଚଳିକ ଉଚ୍ଚ ବିଦ୍ୟାଳୟର ଅଷ୍ଟମ ଶ୍ରେଣୀର ଛାତ୍ର ସୁଭମ କୁମାର ନାଏକଙ୍କ ପ୍ରକଳ୍ପ ମଲ୍ଟି ପରପୋଜ୍ ପ୍ଲଗ୍ ଫର୍ ଏଗ୍ରିକଲ୍ଚର ଓ ଦେଓଗାଁ ବ୍ଲକ ବନ୍ଧପଡା ହାଇସ୍କୁଲର ନବମ ଶ୍ରେଣୀ ଛାତ୍ର ସିଦ୍ଧାନ୍ତ ପୋଡଙ୍କ ପ୍ରକଳ୍ପ ପ୍ଲାଷ୍ଟିକ ୱେଷ୍ଟ ମ୍ୟାନେଜମେଣ୍ଟ ପ୍ଲାଷ୍ଟିକ୍ ବ୍ରିକ୍ସ ଶ୍ରେଷ୍ଠ ୭ଟିପ୍ରକଳ୍ପ ରାଜ୍ୟସ୍ତରକୁ ଉନ୍ନୀତ ହୋଇଛି। ଉଦ୍‌ଯାପନୀ ଉତ୍ସବରେ ଜିଲା ଶିକ୍ଷା ଅଧିକାରୀ କାର୍ତ୍ତିକେଶ୍ୱର ଲେଙ୍କାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ଅତିରିକ୍ତ ଜିଲା ଆରକ୍ଷୀ ଅଧିକ୍ଷକ ଦିଲୀପ କୁମାର ପଟେଲ, ମୁଖ୍ୟବକ୍ତା ଭାବେ ଶିକ୍ଷାବିତ ସନାତନ ଠାକୁର, ସମ୍ମାନିତ ଅତିଥି ଭାବେ ବିଇଓ ପୁଇଁତଲା ନେପାଳ ଚନ୍ଦ୍ର ବାଗ, ବିଦ୍ୟାଳୟ ପ୍ରଧାନ ଶିକ୍ଷକ ସୁବାସ ଚନ୍ଦ୍ର ପଣ୍ଡା ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ଅବସରରେ ବିଜ୍ଞାନ ଶିକ୍ଷକ ଅନିଲ ନନ୍ଦ, ଆଶିଷ ମିଶ୍ର ଓ ଶର୍ମିଷ୍ଠା ହୋତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମକୁ ଶିବ ତ୍ରିପାଠୀ ସଂଯୋଜନା କରିଥିବା ବେଳେ ଶିକ୍ଷକ ଦିଗାମ୍ବର ନାଏକ ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମରେ ବିଜ୍ଞାନ ସୋସାଇଟିର ସମସ୍ତ କର୍ମକର୍ତ୍ତା ସହଯୋଗ କରିଥିଲେ । ଚଳିତ ମାସ ଭୁବନେଶ୍ୱର ୟୁନିଟ–୧ ବାଳକ ଉଚ୍ଚ ବିଦ୍ୟାଳୟଠାରେ ୨୧ ଓ ୨୨ ଦୁଇ ଦିନ ଧରି ହେବାକୁ ଥିବା ରାଜ୍ୟସ୍ତରୀୟ ପ୍ରଦର୍ଶନୀ ଓ ପ୍ରକଳ୍ପ ପ୍ରତିଯୋଗିତାରେ ଶ୍ରେଷ୍ଠ ସାତ ଜଣ ପ୍ରତିଯୋଗୀ ଯୋଗଦେବେ ବୋଲି ଜିଲା ବିଜ୍ଞାନ ତତ୍ତ୍ୱାବଧାରକ ନୀଳମଣିପଟେଲ ସୂଚନା ଦେଇଛନ୍ତି।



କୃତୀ ଛାତ୍ରୀଛାତ୍ରଙ୍କ ସହ ଉଦ୍‌ଯାପନୀ ସଭାର ଅତିଥି।


## ଭାରତୀୟ ରିଜର୍ଭ ବ୍ୟାଙ୍କ
www.rbi.org.in

**ଭାରତୀୟ ରିଜର୍ଭ ବ୍ୟାଙ୍କ ଦ୍ୱାରା ନିୟନ୍ତ୍ରିତ ସଂସ୍ଥା କିମ୍ବା ରିଜର୍ଭ ବ୍ୟାଙ୍କର କୌଣସି ବିଭାଗ ବିରୁଦ୍ଧରେ ଅଭିଯୋଗ ର ନିରାକରଣ**

ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର.ବି.ଆଇ) ଦେଶ ସାରା ନିଜର କାର୍ଯ୍ୟାଳୟ ରେ ଅଭିଯୋଗ ର ନିରାକରଣ ପାଇଁ ବିଭିନ୍ନ ମାଧ୍ୟମ ସ୍ଥାପନ କରିଛନ୍ତି । ଭାରତୀୟ ରିଜର୍ଭ ବ୍ୟାଙ୍କ ଦ୍ୱାରା ନିୟନ୍ତ୍ରିତ ସଂସ୍ଥା ଯଥା : ବାଣିଜ୍ୟିକ ବ୍ୟାଙ୍କ, ଆଞ୍ଚଳିକ ଗ୍ରାମ୍ୟ ବ୍ୟାଙ୍କ, ସମବାୟ ବ୍ୟାଙ୍କ କିମ୍ବା ଅଣ ବ୍ୟାଙ୍କିଙ୍ଗ୍ ବିତ୍ତୀୟ କମ୍ପାନୀ (ଭାରତୀୟ ରିଜର୍ଭ ବ୍ୟାଙ୍କ ଆଇନ ୧୯୩୪ ର ଧାରା ୪୫-IA ଅନୁଯାୟୀ ପଞ୍ଜିକୃତ) ଅଣବ୍ୟାଙ୍କିଙ୍ଗ ସଂସ୍ଥା ମାନଙ୍କର ଡିଜିଟାଲ ନେଣ ଦେଣ (ଦେୟ ପ୍ରଦାନ ଏବଂ ବନ୍ଦୋବସ୍ତ ବ୍ୟବସ୍ଥା ଅଧିନିୟମ ୨୦୦୭ ଅଧିନସ୍ଥ) ଜମା ବୀମା ଓ ଋଣ ନିକ୍ଷେପ ନିଗମ କିମ୍ବା ନିଜର କୌଣସି ବିଭାଗ ବିରୁଦ୍ଧରେ ଯଦି କୌଣସି ବ୍ୟକ୍ତିଙ୍କର ସେବା ଅବହେଳା ଜନିତ ଅଭିଯୋଗ ଥାଏ ତେବେ ସେ ଭାରତୀୟ ରିଜର୍ଭ ବ୍ୟାଙ୍କର କମ୍ପ୍ଲେଣ୍ଟ ମ୍ୟାନେଜ୍‌ମେଣ୍ଟ ସିଷ୍ଟମ୍ (ସି.ଏମ୍.ଏସ୍) ୱେବ୍‌ସାଇଟ୍ https://cms.rbi.org.in>>File a complaint ମାଧ୍ୟମରେ ତାଙ୍କ ଅଭିଯୋଗ ର ପୂର୍ଣ୍ଣ ବିବରଣୀ ଏବଂ ସମର୍ଥିତ କାଗଜପତ୍ର ସହିତ ଦାଖଲ କରିପାରିବେ । ଯଦି କୌଣସି ବ୍ୟକ୍ତି ଉପରୋକ୍ତ ଅଭିଯୋଗ ଉପରେ ଅନ୍‌ଲାଇନ୍ ଅଭିଯୋଗ ଦାଖଲ କରିପାରୁନାହାନ୍ତି, ତେବେ ନିମ୍ନ ଲିଖିତ ଠିକଣା ରେ ତାଙ୍କ ଅଭିଯୋଗ କୁ ପୋଷ୍ଟ /ବ୍ୟକ୍ତିଗତ କିମ୍ବା ଇମେଲ ମାଧ୍ୟମରେ ଦାଖଲ କରିପାରିବେ ।

**୧. ଉପଭୋକ୍ତା ଶିକ୍ଷା ଏମଂ ସୁରକ୍ଷା କକ୍ଷ (CEPC)**
(ଭା.ରି.ବ୍ୟାଙ୍କ ର ଲୋକପାଳ ଯୋଜନା ଅନ୍ତର୍ଗତ ଅଭିଯୋଗ ର ନିରାକରଣ ପାଇଁ)
ଅଧିକାରୀଙ୍କ ନାମ ଏବଂ ପଦବୀ : ଶ୍ରୀ ସନ୍ତୋଷ କୁମାର ପଟ୍ଟନାୟକ, ସହାୟକ ମହାପ୍ରବନ୍ଧକ
ଠିକଣା : ଭାରତୀୟ ରିଜର୍ଭ ବ୍ୟାଙ୍କ, ପଣ୍ଡିତ ଜବାହରଲାଲ ନେହେରୁ ମାର୍ଗ, ଭୁବନେଶ୍ୱର, ଓଡ଼ିଶା-୭୫୧୦୦୧
ଟେଲିଫୋନ ନମ୍ବର : ୦୬୭୪-୨୩୯୦୦୭୪, ଇ-ମେଲ : cms.cepcbhubaneswar@rbi.org.in
କାର୍ଯ୍ୟାଳୟ ସମୟ : ପୂର୍ବାହ୍ନ ୯.୫୦ ରୁ ଅପରାହ୍ନ ୫.୩୫ ଘଣ୍ଟା

**୨. ବ୍ୟାଙ୍କ ଲୋକପାଳ, ଯୋଜନା (BO Scheme, 2006)**
(ବ୍ୟାଙ୍କ ଲୋକପାଳ ଯୋଜନା, ୨୦୦୬ ର ଧାରା ୮ ରେ ନିର୍ଦ୍ଦିଷ୍ଟ ଅଭିଯୋଗର ନିରାକରଣ)
ବ୍ୟାଙ୍କିଙ୍ଗ୍ ଲୋକପାଳ କାର୍ଯ୍ୟାଳୟ, (ଭୁବନେଶ୍ୱର)
ମାର୍ଫତ୍ : ଭାରତୀୟ ରିଜର୍ଭ ବ୍ୟାଙ୍କ, ୩ୟ ମହଲା, ପଣ୍ଡିତ ଜବାହରଲାଲ ନେହେରୁ ମାର୍ଗ, ଭୁବନେଶ୍ୱର, ଓଡ଼ିଶା-୭୫୧୦୦୧
ଟେଲିଫୋନ ନମ୍ବର : ୦୬୭୪-୨୩୯୬୨୦୭/୨୩୯୬୦୦୮, ଫ୍ୟାକ୍ସ ନଂ.୨୩୯୩୯୦୬
ଇ-ମେଲ୍ : cms.bobhubaneswar@rbi.org.in
କାର୍ଯ୍ୟାଳୟ ସମୟ : ପୂର୍ବାହ୍ନ ୯.୫୦ ରୁ ଅପରାହ୍ନ ୫.୩୫ ଘଣ୍ଟା

**୩. ଲୋକପାଳ ଯୋଜନା - ଅଣବ୍ୟାଙ୍କିଙ୍ଗ୍ ବିତ୍ତୀୟ କମ୍ପାନୀ (NBFC-O Scheme, 2018)**
(ଅଣବ୍ୟାଙ୍କିଙ୍ଗ୍ ବିତ୍ତୀୟ କମ୍ପାନୀ ଲୋକପାଳ ଯୋଜନା ୨୦୧୮ ଅନ୍ତର୍ଗତ ଅଣବ୍ୟାଙ୍କିଙ୍ଗ୍ ବିତ୍ତୀୟ କମ୍ପାନୀ ବିରୁଦ୍ଧରେ ଏବଂ ଅଣବ୍ୟାଙ୍କିଙ୍ଗ୍ ବିତ୍ତୀୟ କମ୍ପାନୀ ଲୋକପାଳ ଯୋଜନା ର ଧାରା ୮ ଅଧୀନରେ ଆସୁଥିବା ଅଭିଯୋଗର ନିରାକରଣ ପାଇଁ)
ଲେକାପାଳ-ଅଣବ୍ୟାଙ୍କିଙ୍ଗ୍ ବିତ୍ତୀୟ କମ୍ପାନୀ (ପୂର୍ବକ୍ଷେତ୍ର)*
ମାର୍ଫତ୍ : ଭାରତୀୟ ରିଜର୍ଭ ବ୍ୟାଙ୍କ
ଠିକଣା : ୧୫, ନେତାଜୀ ସୁଭାଷ ମାର୍ଗ, କୋଲକାତା-୭୦୦୦୦୧
ଟେଲିଫୋନ ନମ୍ବର : ୦୩୩-୨୩୩୦୪୯୮୨, ଫ୍ୟାକ୍ସ ନଂ୦୩୩-୨୨୩୦୫୮୯୯
ଇ-ମେଲ୍ : cms.nbfckolkata@rbi.org.in
କାର୍ଯ୍ୟାଳୟ ସମୟ : ପୂର୍ବାହ୍ନ ୯.୪୫ ରୁ ଅପରାହ୍ନ ୫.୩୦ ଘଣ୍ଟା

**ଟିପ୍ପଣୀ* :** କଲିକତା ପୂର୍ବ କ୍ଷେତ୍ର ପାଇଁ ଅଣବ୍ୟାଙ୍କିଙ୍ଗ୍ ବିତ୍ତୀୟ କମ୍ପାନୀ ହେତୁ ଲୋକପାଳ ର କ୍ଷେତ୍ରାଧିକାରରେ ପଶ୍ଚିମବଙ୍ଗ, ସିକ୍କିମ୍, ଓଡ଼ିଶା, ଆସାମ, ଅରୁଣା ଚଳ ପ୍ରଦେଶ, ମଣିପୁର , ମେଘାଳୟ, ମିଜୋରାମ, ନାଗାଲ୍ୟାଣ୍ଡ, ତ୍ରିପୁରା, ବିହାର ଓ ଝାଡଖଣ୍ଡ ସାମିଲ୍ ଅଛି ।

**୪. ଡିଜିଟାଲ୍ ନେଣଦେଣ ପାଇଁ ଲୋକପାଳ ଯୋଜନା (OSDT 2019)**
(ଓ.ଏସ.ଡି.ଟି. ଅଧିନରେ ଆସୁଥିବା ଦେୟ ପ୍ରଦାନ ଏବଂ ବନ୍ଦୋବସ୍ତ ବ୍ୟବସ୍ଥା ଅଧିନିୟମ ୨୦୦୭ ଅନୁଯାୟୀ ବ୍ୟବସ୍ଥା ପ୍ରତିଯୋଗୀ (ସିଷ୍ଟମ୍ ପାର୍ଟିସିପ୍ୟାଣ୍ଟ) ଙ୍କ ବିରୁଦ୍ଧରେ ଓ.ଏସ.ଡି.ଟି ର ଧାରା ୮ ରେ ସୂଚିତ ଆଧାର ଅନୁସାରେ ଅଭିଯୋଗ ନିରାକରଣ ପାଇଁ)
ଲୋକପାଳ, ଡିଜିଟାଲ ନେଣଦେଣ (ଭୁବନେଶ୍ୱର)
ମାର୍ଫତ୍ : ଭାରତୀୟ ରିଜର୍ଭ ବ୍ୟାଙ୍କ
ଠିକଣା : ଭାରତୀୟ ରିଜର୍ଭ ବ୍ୟାଙ୍କ, ୩ୟ ମହଲା, ପଣ୍ଡିତ ଜବାହରଲାଲ ନେହେରୁ ମାର୍ଗ, ଭୁବନେଶ୍ୱର, ଓଡ଼ିଶା-୭୫୧୦୦୧
ଟେଲିଫୋନ ନମ୍ବର : ୦୬୭୪-୨୩୯୬୨୦୭/୨୩୯୬୦୦୮, ଫ୍ୟାକ୍ସ ନଂ.୨୩୯୩୯୦୬
ଇ-ମେଲ୍ : cms.odtbhubaneswar@rbi.org.in
କାର୍ଯ୍ୟାଳୟ ସମୟ : ପୂର୍ବାହ୍ନ ୯.୫୦ ରୁ ଅପରାହ୍ନ ୫.୩୫ ଘଣ୍ଟା

**୫. ଜମା ବୀମା ଓ ଋଣ ନିକ୍ଷେପ ନିଗମ ବିରୁଦ୍ଧରେ ଅଭିଯୋଗ**
ସାଧାରଣ ବ୍ୟକ୍ତି ଜମା ବୀମା ଓ ଋଣ ନିକ୍ଷେପ ନିଗମ ବିରୁଦ୍ଧରେ ଅଭିଯୋଗ କୁ ନିମ୍ନୋକ୍ତ ଠିକଣା/ଇ-ମେଲ ମାଧ୍ୟମରେ ଦାଖଲ କରିପାରିବେ :
ଜମା ବୀମା ଓ ଋଣ ନିକ୍ଷେପ ନିଗମ (DICGC)
ମହାପ୍ରବନ୍ଧକ,
ଜମା ବୀମା ଓ ଋଣ ନିକ୍ଷେପ ନିଗମ, ଅଭିଯୋଗ ନିରାକରଣ କକ୍ଷ, ଭାରତୀୟ ରିଜର୍ଭ ବ୍ୟାଙ୍କ ଭବନ,
୨ୟ ମହଲା, ମୁମ୍ବାଇ ସେଣ୍ଟ୍ରାଲ୍ ରେଲ୍‌ୱେ ଷ୍ଟେସନ ସମ୍ମୁଖ, ମୁମ୍ବାଇ-୪୦୦୦୦୮
ଅଭିଯୋଗକାରୀ ମହାପ୍ରବନ୍ଧକ ଶ୍ରୀମତି ରୀତା ସରକାର ମୋରିଆ ଙ୍କୁ ମଧ ଟେଲିଫୋନ ନମ୍ବର - ୦୨୨-୨୩୦୧୯୬୩୩, ବିସ୍ତାର ସଙ୍ଖ୍ୟା-୮୨୦୧ କିମ୍ବା ଇ-ମେଲ : dicgc@rbi.org.in ମାଧ୍ୟମରେ ଯୋଗାଯୋଗ କରିପାରିବେ ।

**ଟିପ୍ପଣୀ ୧ :** ବ୍ୟାଙ୍କ ଲୋକପାଳ ଯୋଜନା, ୨୦୦୬ କିମ୍ବା ଅଣବ୍ୟାଙ୍କିଙ୍ଗ ବିତ୍ତୀୟ କମ୍ପାନୀ ଲୋକପାଳ ଯୋଜନା, ୨୦୧୮ କିମ୍ବା ଡିଜିଟାଲ ନେଣ-ଦେଣ ଲୋକପାଳ ଯୋଜନା, ୨୦୧୯ ଅନ୍ତର୍ଗତ ଅଭିଯୋଗ ଦାଖଲ କରିବା ପାଇଁ ଅଭିଯୋଗକାରୀ ଦୟା ପୂର୍ବକ ଧ୍ୟାନ ଦିଅନ୍ତୁ ଯେ ନିଜ ଅଭିଯୋଗର ନିରାକରଣ ପାଇଁ ପ୍ରଥମେ ବ୍ୟାଙ୍କ ଶାଖା/ରିଜର୍ଭ ବ୍ୟାଙ୍କରେ ପଞ୍ଜିକୃତ ହୋଇ ଜମା ଗ୍ରହଣ କରୁଥିବା ଅଣବ୍ୟାଙ୍କିଙ୍ଗ ବିତ୍ତୀୟ କମ୍ପାନୀ ପଦ୍ଧତି ଅଂଶଗ୍ରହଣକାରୀ (ସିଷ୍ଟମ୍ ପାର୍ଟସିପ୍ୟାଣ୍ଟ) ଙ୍କ ସହ ସମ୍ପର୍କ ସ୍ଥାପନ କରନ୍ତୁ । ଯଦି ସମ୍ବନ୍ଧିତ ବ୍ୟାଙ୍କ/ଅଣବ୍ୟାଙ୍କିଙ୍ଗ/ବିତ୍ତୀୟ କମ୍ପାନୀ/ପଦ୍ଧତି ଅଂଶଗ୍ରହଣକାରୀ (ସିଷ୍ଟମ୍ ପାର୍ଟସିପ୍ୟାଣ୍ଟ) ଲୋକପାଳ ଯୋଜନା ର ଧାରା-୮ ଅନ୍ତର୍ଗତ ସେବା ଅବହେଳା ସମ୍ପର୍କିତ/ଅଭିଯୋଗର ନିରାକରଣ ୩୦ ଦିନ ଭିତରେ ନ କରନ୍ତି କିମ୍ବା ଅଭିଯୋଗକାରୀ, ତାଙ୍କର ଉତ୍ତରରେ ସନ୍ତୁଷ୍ଟ ନ ହୁଅନ୍ତି, ତେବେ ସେ ତା’ପରେ ଉତ୍ତର ପ୍ରାପ୍ତି ର ଏକ ବର୍ଷ ମଧ୍ୟରେ କିମ୍ବା ଉତ୍ତର ପ୍ରାପ୍ତି ନ ହୋଇଥିଲେ ଅଭିଯୋଗ ଦେଇଥିବା ତାରିଖ ଠାରୁ ଏକ ବର୍ଷ ଏକ ମାସ ମଧ୍ୟରେ ସମ୍ପୃକ୍ତ ଲୋକପାଳ ଙ୍କୁ ଅଭିଯୋଗ କରିପାରିବେ ।

**ଟିପ୍ପଣୀ-୨ :** ବ୍ୟାଙ୍କ, ଅଣବ୍ୟାଙ୍କିଙ୍ଗ ବିତ୍ତୀୟ କମ୍ପାନୀ ପଦ୍ଧତି ଅଂଶଗ୍ରହଣକାରୀ (ସିଷ୍ଟମ୍ ପାର୍ଟସିପ୍ୟାଣ୍ଟ) ଙ୍କ ବିରୁଦ୍ଧରେ ବ୍ୟାଙ୍କ ଲୋକପାଳଙ୍କ ଠାରେ ଅଥବା ବ୍ୟାଙ୍କ, ପଦ୍ଧତି ଅଂଶଗ୍ରହଣକାରୀଙ୍କ ବିରୁଦ୍ଧରେ ଉପଭୋକ୍ତା ଶିକ୍ଷା ଏବଂ ସୁରକ୍ଷା କକ୍ଷରେ ଅଭିଯୋଗ, ଯାହା ସେହି କମ୍ପାନୀ ର ଶାଖା କ୍ଷେତ୍ରର ସ୍ଥାନ ଆଧାରରେ କରାଯାଇପାରିବ । କେନ୍ଦ୍ରିୟ ପରିଚାଳନା କିମ୍ବା ବିତ୍ତୀର କମ୍ପାନୀ ବିରୁଦ୍ଧରେ ଗ୍ରାହକ ରହୁଥିବା ସ୍ଥାନ ଏବଂ ବିଲିଂ ଠିକଣା ଆଧାରରେ ଅଭିଯୋଗ ମଞ୍ଚରେ ଦାଖଲ କରିପାରିବେ ।

**ଲୋକପାଳଙ୍କ ନିଷ୍ପତ୍ତିର ପୁର୍ନବିଚାର ପାଇଁ ଆବେଦନ :**
ବ୍ୟାଙ୍କ, ଅଣବ୍ୟାଙ୍କିଙ୍ଗ ବିତ୍ତୀୟ କମ୍ପାନୀ/ଡିଜିଟାଲ ନେଣ-ଦେଣ ଲୋକପାଳଙ୍କ ନିଷ୍ପତ୍ତି ପୁନର୍ବିଚାର ପାଇଁ ଆବେଦନ କରାଯାଇପାରିବ ଯଦି /ଅଭିଯୋଗଟି ଏହି ଯୋଜନା ରେ ସୂଚୀତ ପୁନର୍ବିଚାର ଯୋଗ୍ୟ ଅଭିଯୋଗ ହୋଇଥିବ । ଏହି ପୁନର୍ବିଚାର ଆବେଦନ ସମ୍ବନ୍ଧିତ ଲୋକପାଳଙ୍କ ନିଷ୍ପତ୍ତି ସୂଚନା ପ୍ରାପ୍ତିର ୩୦ ଦିନ ମଧ୍ୟରେ ଆର.ବି.ଆଇ ୱେବ୍‌ସାଇଟ୍ https://cms.rbi.org.in>>File an appeal ଦ୍ୱାରା କିମ୍ବା ପୁନର୍ବିଚାର ଅଧିକାରୀ, ଭାରତୀୟ ରିଜର୍ଭ ବ୍ୟାଙ୍କ, ଉପଭୋକ୍ତା ଶିକ୍ଷା ଏବଂ ସୁରକ୍ଷା ବିଭାଗ, କେନ୍ଦ୍ରିୟ କାର୍ଯ୍ୟାଳୟ, ଅମର ଭବନ, ସାର.ପ.ଏମ୍ ରୋଡ ପୋଷ୍ଟ : ମୁମ୍ବାଇ-୪୦୦୦୦୧ ରେ ଦାଖଲ କରିପାରିବେ ।

**ଟିପ୍ପଣୀ : ଅଭିଯୋଗକାରୀଙ୍କ ନିଜର ଠିକଣା ଏବଂ ଫୋନ ନଂ/ମୋବାଇଲ ନମ୍ବର /ଅଭିଯୋଗରେ ଦର୍ଶାଇବାପାଇଁ ଅନୁରୋଧ**



**GOVT. OF INDIA**
**MINISTRY OF FINANCE**
**DEPARTMENT OF FINANCIAL SERVICES**
**DEBTS RECOVERY TRIBUNAL**
**COURT OF THE RECOVERY OFFICER**
Plot No. C/71, Sector-7, CDA Cuttack- 753014
Form no. ITCP- I
**NOTICE OF DEMAND TO THE CERTIFICATE DEBTORS**
(See rule- 2 of the Second Schedule as referred to in section 29 of the Recovery of Debts due to Bank & Financial Institution Act. 1993
**R.P, NO. 106/2018/CTC**
(Arising out of OA No. 89 of 2016)
Next Dt. **11.02.2020**

Utkal Grameen Bank, Rajgangpur Branch, At: Rajgangpur, Dist.- Sundargarh, Pin- 770017
Certificate Holder Bank
vs
Shri Mangal Bada @ Kisan & others
Certificate Debtors

To,
1. Shri Mangal Bada @ Kisan, S/o- Late Ganda Bada @ Kisaan, At- Bailama, P.O. Kutra, Dist.- Sundargarh, Pin- 770017
2. Shri Rajkumar Sukla, S/o- Hiralal Sukla, At/Po- Garposh, Via- Bamara, Dist- Sambalpur, Pin- 768224
3. Shri Ramesh Kishan, S/o- Matia Kishan, At/Po- Garposh, Via- Bamara, Dist.- Sambalpur, Pin- 768224

Take notice that Certificate arising out of **OA No. 89 of 2016** issued by the Hon'ble Presiding Officer, Debts Recovery Tribunal, Cuttack under Section 19 (22) of the Recovery of Debts due to Banks and Financial Institutions Act. 1993 and forwarded to the undersigned for recovery of Rs. 11,90,418.00 **(Rupees Eleven Lac Ninety Thousand Four Hundred Eighteen only)** together with interest till realisation of the dues, cost, charges as per the certificate, the details of which are given below:

| | | |
|---|---|---|
| 1. Decretal Dues | | : Rs. 11,90,418.00 |
| 2. Cost of the suit | (+) | : Rs. 14,000.00 |
| **TOTAL** | | **: Rs. 12,04,418.00** |

**(Rupees Twelve Lac Four Thousand Four Hundred Eighteen only)** with interest @ 13 . 50% p.a. with half- yearly rests on the amount due from 28.12.2015 till realization of the entire dues.
2. You are hereby directed to pay the above stated sum within 15 (Fifteen) days of the publication of the notice, failing which the recovery shall be made in accordance with the provisions contained in Chapter V of the Recovery of Debts due to Banks & Financial Institutions Act. 1993.
3. In addition to the aforesaid amount, you will also be liable for all future interest, costs, charges and expenses incurred in respect of the service of this notice and of warrants and other processes etc. and of all the other proceedings taken for realising of arrears.
4. You are hereby directed to appear in person of through legal representative before the undersigned on **11.02.2020** and report the details of payment made by you.
Give under my hand & seal at Cuttack on this 16th day of December, 2019

**Sd/- R.P. Patnaik**
**Recovery Officer**



**GOVT. OF INDIA**
**MINISTRY OF FINANCE**
**DEPARTMENT OF FINANCIAL SERVICES**
**DEBTS RECOVERY TRIBUNAL**
**COURT OF THE RECOVERY OFFICER**
Plot No. C/71, Sector-7, CDA Cuttack- 753014
Form no. ITCP- I
**NOTICE OF DEMAND TO THE CERTIFICATE DEBTORS**
(See rule- 2 of the Second Schedule as referred to in section 29 of the Recovery of Debts due to Bank & Financial Institution Act. 1993
**R.P, NO. 264/2017/CTC**
(Arising out of OA No. 159 of 2016)
Next Dt. **11.02.2020**

Utkal Grameen Bank, Nunhad Branch, At/Po- Belpada, Dist.- Bolangir, Pin- 767026
Certificate Holder Bank
vs
Sumit Gouri & others
Certificate Debtors

To,
1. Smt. Sumita Gouri, W/o- Late Goutam Gouri, At- Darhamunda, Po- Gambhari, Via- Belpada, Dist.- Bolangir- 767026
2. Mukunda Gouri, S/o- Late Goutam Gouri, At- Darhamunda, Po- Gambhari, Via- Belpada, Dist.- Bolangir- 767026
3. Shri. Rasananda Gouri, S/o- Gonda Gouri, At- Darhamunda, Po- Gambhari, Via- Belpada, Dist.- Bolangir- 767026
4. Shri. Golaknath Gouri, S/o- Kunda Gouri, At- Darhamunda, Po- Gambhari, Via- Belpada, Dist.- Bolangir- 767026

Take notice that Certificate arising out of **OA No. 159 of 2016** issued by the Hon'ble Presiding Officer, Debts Recovery Tribunal, Cuttack under Section 19 (22) of the Recovery of Debts due to Banks and Financial Institutions Act. 1993 and forwarded to the undersigned for recovery of Rs. 14,27,472.00 **(Rupees Fourteen Lac Twenty Seven Thousand Four Hundred Seven Two only)** together with interest till realisation of the dues, cost, charges as per the certificate, the details of which are given below:

| | |
|---|---|
| 1. Decretal Dues | : Rs. 14,27,472.00 |
| 2. Cost of the suit | : Rs. 17,000.00 |
| 3. Interest @ 13.25% p.a. with half yearly rests from 28.01.2016 to 06.03.2018 | : Rs. 4,44,368,00 |
| **TOTAL** | **: Rs. 18,88,840.00** |

**(Rupees Eighteen Lac Eighty Eight Thousand Eight Hundred forty only)** with interest @ 13 . 25% p.a. with half- yearly rests on the amount due from 07.03.2018 till realization of the entire dues.
2. You are hereby directed to pay the above stated sum within 15 (Fifteen) days of the publication of the notice, failing which the recovery shall be made in accordance with the provisions contained in Chapter V of the Recovery of Debts due to Banks & Financial Institutions Act. 1993.
3. In addition to the aforesaid amount, you will also be liable for all costs, charges and expenses incurred in respect of the service of this notice and of warrants and other processes etc. and of all the other proceedings taken for realising of arrears.
4. You are hereby directed to appear in person of through legal representative before the undersigned on **11.02.2020** and report the details of payment made by you.
Give under my hand & seal at Cuttack on this 16th day of December, 2019

**Sd/- R.P. Patnaik**
**Recovery Officer**



ଯେଉଁ ବ୍ୟକ୍ତି ଇନ୍ଦ୍ରିୟ ଲାଳସାରୁ ମୁକ୍ତ ନ ହୁଅନ୍ତି ଏବଂ ସାଂସାରିକ ବନ୍ଧନରେ ବାନ୍ଧି ହୋଇଥାନ୍ତି, ସେ କେବେହେଲେ ଗୁରୁ ହୋଇ ନ ପାରନ୍ତି।

- ଶ୍ରୀଚୈତନ୍ୟ

## ସଂକ୍ଷେପରେ



### ଦୁର୍ଘଟଣାରେ ହେଟାବାଘ ମୃତ

ଖଡିଆଳ,୧୧।୧(ଡି.ଏନ.ଏ.): ନୂଆପଡା ଜିଲା ଖଡିଆଳ ପୁଟୁପଡାଠାରେ ଗୋଟିଏ ହେଟା ବାଘ ଦୁର୍ଘଟଣାରେ ମୃତ ହୋଇଛି। ଶନିବାର ଭୋର ୪ଟାରେ ଅଜଣା ଗାଡି ଧକ୍କା ଦେବାରୁ ହେଟାବାଘ ରାସ୍ତା ମଝିରେ ପଡି ରହିଥିବା ଦେଖିବାକୁ ମିଳିଥିଲା। ସ୍ଥାନୀୟ ଲୋକେ ବନବିଭାଗକୁ ଖବର ଦେବାରୁ ବନବିଭାଗ କର୍ମଚାରୀ ଘଟଣାସ୍ଥଳକୁ ଯାଇ ହେଟାବାଘକୁ ଆଣି ବ୍ୟବଚ୍ଛେଦ କରିବା ପରେ ତାକୁ ପୋଡି ଦେଇଥିବା ବନବିଭାଗ ରେଞ୍ଜର ସଦାନନ୍ଦ ସୁନାନୀ କହିଛନ୍ତି। ଖଡିଆଳରୁ ସିନାପାଲିକୁ ଯାଇଥିବା ରାସ୍ତାରେ ବିଭିନ୍ନ ସମୟରେ ଜଙ୍ଗଲରୁ ବନ୍ୟଜନ୍ତୁ ଯିବା ଆସିବା କରୁଥାଏ। ହେଲେ ରାସ୍ତାରେ ଯାତାୟାତ କରୁଥିବା ଯାନବାହନର ଶୀକାର ହେବାକୁ ପଡିଥାଏ।

### ଭାଜପାର ପାତାଳଗଙ୍ଗା, ବୁଢ଼ାଦେଓ ମଣ୍ଡଳର କାର୍ଯ୍ୟକର୍ତ୍ତା କର୍ମଶାଳା

ସିନାପାଲି,୧୧।୧(ଡି.ଏନ.ଏ.) ନୂଆପଡା ଜିଲା ବୋଡେନ ବ୍ଲକ୍‌ସ୍ଥିତ ବିନୋପୁରଠାରେ ଭାଜପା ପାତାଲଗଙ୍ଗା ମଣ୍ଡଳର ନାଗରିକତା ସଂଶୋଧନ ଆଇନ ସମ୍ବନ୍ଧୀୟ କାର୍ଯ୍ୟକର୍ତ୍ତା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ମଣ୍ଡଳ ସଭାପତି ଗୌରୀଶଙ୍କର ନାଗଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଜିଲା ଭାଜପା ସଭାପତି ସୁବ୍ରତ କୁମାର ଠାକୁର, ସମ୍ମାନିତ ଅତିଥି ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଅତିନ୍ଦ୍ରଜିତ ସିଂହ, ନିର୍ବାଚନ ମଣ୍ଡଳୀ ସଂଯୋଜକ ପ୍ରେମସିନ୍ଧୁ ହେର୍ଣ୍ଣା, ପୂର୍ବତନ ଜିଲା ପରିଷଦ ସଦସ୍ୟ ପର୍ଶୁରାମ ନିଆଲ, ଜିଲା ପ୍ରତିନିଧି ବିଜୟ ବେହେରା, ହେମନ୍ତ ଯୋଷୀ, ସ୍ୱପ୍ନେଶ୍ୱର ମଣ୍ଡଳ ସଭାପତି ରୁଦ୍ରମାଧବ ପଟେଲ, ଆଦିବାସୀ ନେତା ଅନୁର ସିଂ ମାଝି ମଞ୍ଚାସୀନ ଥିଲେ । ସେହିପରି ସିନାପାଲି ବ୍ଲକ୍ ବୁଢାଦେଓ ମଣ୍ଡଳ ସଭାପତି ନରହରି ହଂସଙ୍କ ସଭାପତିତ୍ୱରେ କଏଁଟପଦର ଆମ୍ବତୋଟାଠାରେ ବୁଢାଦେଓ ମଣ୍ଡଳ କର୍ମୀ ସମ୍ମିଳନୀରେ ପୂର୍ବତନ ନୂଆପଡା ଜିଲା ଭାଜପା ସଭାପତି ଶିବପ୍ରସାଦ ମୁଣ୍ଡ ମୁଖ୍ୟଅତିଥି ଭାବେ ଯୋଗଦେଇଥିବା ବେଳେ ସମଲେଇ ମଣ୍ଡଳ ସଭାପତି ପ୍ରତାପ ଚନ୍ଦ୍ର ମେହେର, ଉଦନ୍ତୀ ମଣ୍ଡଳ ସଭାପତି ମାର୍କଣ୍ଡ ଗହୀର, ବରିଷ୍ଠ ନେତା ଦିବାକର ଖମାରୀ, ଜିଲ୍ଲା ପ୍ରତିନିଧି ଭଗତ ଖର୍ସେଲ, ମହିଳା ନେତ୍ରୀ ବୃନ୍ଦାବତୀ ଖର୍ସେଲ, ବୀରକିଶୋର ହାତୀ ଓ ପାରେଶ୍ୱର ହେର୍ଣ୍ଣା ପ୍ରମୁଖ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ।

# ଜିଲାପାଳଙ୍କ ଅଚାନକ ପଞ୍ଚାୟତ ପରିଦର୍ଶନ

- ଧାନମଣ୍ଡି ଅବସ୍ଥା ଦେଖିଲେ
- ଆବାସ ନିର୍ମାଣ ଉପରେ ଗୁରୁତ୍ୱ

ନୂଆପଡା ଅଫିସ,୧୧।୧

ନୂଆପଡା ଜିଲାରେ ଲୋକଙ୍କ ସାମାଜିକ ତଥା ଆର୍ଥିକ ସ୍ଥିତିରେ ସୁଧାର ଆଣିବାକୁ ଜିଲା ପ୍ରଶାସନ ଅଣ୍ଟା ଭିଡିଛି। ଖୋଦ ଜିଲାପାଳ ଜିଲାର ବିଭିନ୍ନ ଅଞ୍ଚଳ ବୁଲି ଦେଖୁଛନ୍ତି । ଶନିବାର ଜିଲାପାଳ ମଧୁସ୍ମିତା ସାହୁ କୋମନା ବ୍ଲକ ବୁଦ୍ଧିକୋମନା, କାଣ୍ଡେତରା ଗ୍ରାମପଞ୍ଚାୟତ ଅଞ୍ଚଳ ପରଦର୍ଶନ କରିଥିବାବେଳେ ବିଭିନ୍ନ ଯୋଜନାରେ ସାମିଲ ଥିବା ହିତାଧିକାରୀଙ୍କ ସହ ସିଧାସଳଖ କଥାବାର୍ତ୍ତା ହୋଇଥିଲେ। ଶନିବାର ପୂର୍ବାହ୍ନ ୧୨ଟାରେ ଜିଲାପାଳ କୋମନା ବ୍ଲକ ବୁଦ୍ଧିକୋମନା ଗ୍ରାମପଞ୍ଚାୟତ ପଣ୍ଡରାପଥର ଗାଁରେ ପହଞ୍ଚିଥିଲେ। ସେଠାରେ ମଣ୍ଡି ଅବ୍ୟବସ୍ଥା ନେଇ ଚାଷୀମାନେ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ଉଲ୍ଲେଖଯୋଗ୍ୟ ଯେ, ପଣ୍ଡରାପଥର ଏକ କୃଷି ପ୍ରଧାନ ଗ୍ରାମ। ଏଠାରେ ଆଜକୁ ବହୁବର୍ଷ ଧରି ଧାନ ମଣ୍ଡି ଚାଲିଆସୁଥିଲା। ହେଲେ ଏହି ବର୍ଷ ଏହା ହଠାତ ବନ୍ଦ ହେବାରୁ ଚାଷୀମାନେ ଅସୁବିଧାର ସମ୍ମୁଖୀନ ହୋଇଛନ୍ତି। ଏହା ଉପରେ ବାରମ୍ବାର ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଜିଲାପାଳ ଗସ୍ତ ସମୟରେ ଗୁରୁତ୍ୱ ଦେଇ ମଣ୍ଡିକୁ ଦେଖିଥିଲେ। ସେଠାରେ ଚାଷୀମାନଙ୍କ ସହ ସିଧାସଳଖ କଥା ହୋଇ ସମସ୍ୟା ବୁଝିଥିଲେ। ଏହାର ତୁରନ୍ତ ସମାଧାନ କରିବାକୁ ପ୍ରତିଶ୍ରୁତି ଦେଇଥିଲେ । ପରେ ଗାଁର କିଛି ପ୍ରଧାନମନ୍ତ୍ରୀ ଆବାସ ସ୍ଥିତି ବୁଲି ଦେଖିଥିଲେ। ନିର୍ମାଣାଧୀନ ଘରଗୁଡିକୁ ବୁଲି କାହିଁକି ଅଧାରେ ପଡିଛି ତାରି କାରଣ ସବୁ ପଚାରି ବୁଝିଥିଲେ। ପରେ ଧୂମାଭଟା, ମୂଷାପାଲି ଏବଂ କାଣ୍ଡେତରା ଗାଁକୁ ପରିଦର୍ଶନ କରିଥିଲେ। ବହୁସ୍ଥାନରେ ହିତାଧିକାରୀମାନଙ୍କ ଆକାଉଣ୍ଟକୁ ଟଙ୍କା ଯାଇଛି, କିନ୍ତୁ ଘର ନିର୍ମାଣର ନାଁ ଧରୁନାହାନ୍ତି । ଅନ୍ୟ କେତେକ ଘଟଣାରେ ହିତାଧିକାରୀମାନେ ଘର ନିର୍ମାଣ କରିଛନ୍ତି । ହେଲେ ତାଙ୍କୁ ଟଙ୍କା ମିଳୁନାହିଁ। ବ୍ଲକ କାର୍ଯ୍ୟାଳୟକୁ ଦୌଡୁଥିଲେ ମଧ୍ୟ ମିଳୁନାହିଁ ବୋଲି ଅଭିଯୋଗ କରିଥିଲେ। ଏହା ଉପରେ ଜିଲାପାଳ ବିଡିଓ, ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀମାନଙ୍କୁ ହିତାଧିକାରୀଙ୍କ ସମସ୍ୟା ସମାଧାନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଜିଲାପାଳଙ୍କ ଏହି ପରିକ୍ରମା ପରେ ବିଭିନ୍ନ ବିଭାଗରେ ଛନକା ଖେଳିଯାଇଛି। ଜିଲାପାଳଙ୍କ ପରିଦର୍ଶନବେଳେ କୋମନା ବିଡିଓ ଶ୍ୟାମଳ ରଏ, ଏବିଡିଓ ଦେବାଶିଷ ସିହ୍ନା, ବୁଦ୍ଧିକୋମନା କାର୍ଯ୍ୟ ନିର୍ବାହୀ ଅଧିକାରୀ ନିମେଶ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।



ଜିଲାପାଳ ଶୋଭାଯାତ୍ରାକୁ ପତାକା ଦେଖାଇ ଶୁଭାରମ୍ଭ କରୁଛନ୍ତି ।

## ସଡ଼କ ସୁରକ୍ଷାର ବାର୍ତ୍ତା ଦେଲେ ଜିଲାପାଳ

- ଶୋଭାଯାତ୍ରା ସହର ପରିକ୍ରମା କଲା

ନୂଆପଡା ଅଫିସ,୧୧।୧

ନୂଆପଡା ଜିଲାରେ ସଡକ ସୁରକ୍ଷା ସପ୍ତାହ ଆରମ୍ଭ ହୋଇଛି । ଏହିକ୍ରମରେ ସପ୍ତାହବ୍ୟାପି ବିଭିନ୍ନ କାର୍ଯ୍ୟକ୍ରମ ହେବାକୁ ଥିବାବେଳେ ଶନିବାର ସଚେତନତା ଶୋଭାଯାତ୍ରା ସହର ପରିକ୍ରମା କରିଛି । ପୂର୍ବାହ୍ନ ସାଢେ ୧୦ଟାରେ ଜିଲାପାଳ ଏହାକୁ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଆଞ୍ଚଳିକ ପରିବହନ ଅଧିକାରୀ ପ୍ରଶାନ୍ତ କୁମାର ପରିଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜିଲାପାଳ ମଧୁସ୍ମିତା ସାହୁ ମୁଖ୍ୟଅତିଥି, ଏସପି ବିନୀତ କୁମାର ଅଗ୍ରୱାଲ, ଏସଡିପିଓ ପ୍ରଶାନ୍ତ କୁମାର ପଟ୍ଟନାୟକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଜିଲାପାଳ ପତାକା ଦେଖାଇ ଶୋଭାଯାତ୍ରାକୁ ଆରମ୍ଭ କରଥିବାବେଳେ ଏହି ଉପଲକ୍ଷେ ବାହରିଥିବା ୨ଟି ସଚେତନତା ରଥକୁ ମଧ୍ୟ ଶୁଭାରମ୍ଭ କରାଯାଇଥିଲା । ଜିଲାବାସୀ ଆଗକୁ ଆସି ସଡକ ସୁରକ୍ଷା ସମ୍ପର୍କୀତ ସମସ୍ତ ନିର୍ଦ୍ଦେଶକୁ ଠିକ ଭାବରେ ପାଳନ କଲେ ହିଁ ଆମେ ନିଜେ ସୁରକ୍ଷିତ ରହିବା ସହ ଏକ ସୁରକ୍ଷିତ ଜିଲା ଗଢିପାରିବା ବୋଲି ଏହି ଅବସରରେ ଜିଲାପାଳ କହିଥିଲେ। ଶୋଭାଯାତ୍ରା ସହର ପରିକ୍ରମା କରିଥିବା ବେଳେ ବିଦ୍ୟାଳୟଗୁଡିକ ଛାତ୍ରୀଛାତ୍ର, ଏନଏସିର ସ୍ୱଂୟ ସହାୟକ ଦଳର ମହିଳା ଏବଂ ସ୍ୱେଚ୍ଛାସେବୀ ସଙ୍ଗଠନ କଦମର କର୍ମକର୍ତ୍ତାମାନେ ସାମିଲ ଥିଲେ । ଏହିଭଳି ବିଭିନ୍ନ କାର୍ଯ୍ୟକ୍ରମ ଆଗାମୀ ଦିନରେ ଜିଲାବ୍ୟାପି କରାଯିବ ବୋଲି ପରିବହନ ଅଧିକାରୀ ପରିଡା ସୂଚନା ଦେଇଛନ୍ତି ।

# ମୌଳିକ ସମସ୍ୟା ସମାଧାନ ଦାବିରେ ରାସ୍ତାରୋକୋ ୧୩ରେ

ନୂଆପଡା ଅଫିସ,୧୧।୧

ନୂଆପଡ଼ା ଜିଲା ତରବୋଡ ଗ୍ରାମପଞ୍ଚାୟତ ସଦର ଗାଁରେ ବିଭିନ୍ନ ମୌଳିକ ସମସ୍ୟା ସମାଧାନ ନେଇ ଗ୍ରାମବାସୀ ବାରମ୍ବାର ଜିଲା ପ୍ରଶାସନର ଦ୍ୱାରସ୍ଥ ହେଉଛନ୍ତି। ଏହା ସତ୍ତ୍ୱେ କୌଣସି ପଦକ୍ଷେପ ନିଆଯାଉ ନ ଥିବାରୁ ରାଜରାସ୍ତାକୁ ଓହ୍ଲାଇ ଆବସ୍ତା ସୋମବାର ତରବୋଡରେ ରାସ୍ତାରୋକୋ କରିବାକୁ ପ୍ରସ୍ତୁତ କରୁଛନ୍ତି। ଏଠିକାର ୩୦ରୁ ଉର୍ଦ୍ଧ୍ୱ ମହିଳା ସ୍ୱଂୟସହାୟକ ଦଳ ଆଗକୁ ଆସି ଜାତୀୟ ରାଜପଥ ୩୫୩କୁ ଅବରୋଧ କରିବେ ବୋଲି ବିଶ୍ୱସ୍ତ ସୂତ୍ରରୁ ପ୍ରକାଶ। ଏହାକୁ ମହିଳା ଫେଡେରେସନ ନେତୃତ୍ୱ ନେଉଥିବାବେଳେ ସେମାନଙ୍କ ଦାବି ପୂରଣ ନ ହେବାଯାଏଁ ଏହା ଚାଲୁ ରଖିବେ ବୋଲି ଧରିତ୍ରୀକୁ ସୂଚନା ଦେଇଛନ୍ତି । ମିଳିଥିବା ଖବର ଅନୁଯାୟୀ ତରବୋଡ ଜିଲାର ସବୁଠାରୁ ଏକ ସର୍ବାଧିକ ଜନବହୁଳ ଗାଁ । ଏଠାରେ ପାନୀୟ ଜଳ ସମସ୍ୟା ସାଂଘାତିକ ହୋଇଥିବା ଅଭିଯୋଗ ହୋଇଛି। ଏଠାରେ ଏଯାବତ ପାଇପ ପାଣି ସବୁ ଲୋକ ପାଇପାରୁନାହାନ୍ତି। ଲୋକେ ବାଧ୍ୟ ହୋଇ ଆଜକୁ ୪ ବର୍ଷହେବ ପୋଖରୀ ପାଣି ପିଉଛନ୍ତି । ଗାଁରେ ଷ୍ଟ୍ରିଟ ଲାଇଟ ନାହିଁ, ଶବ ବ୍ୟବଚ୍ଛେଦ ଗୃହ ନାହିଁ । ଏସବୁ ସୁବିଧା କରିବା ସହ ଫାଣ୍ଡିକୁ ଥାନାର ମାନ୍ୟତା ଦେବା, ପିଏଚସିକୁ ସିଏଚସିର ମାନ୍ୟତା ଦେବା, ତରବୋଡ-ଦର୍ଲିପଡା ରାସ୍ତାରେ ଡ୍ରେନ ନିର୍ମାଣ ଆଦି ଦାବି ରହିଛି । ଏହାକୁ ଜିଲା ପ୍ରଶାସନ କେତେଦୂର ଗୁରୁତ୍ୱ ଦେଉଛି ତାହା ଦେଖିବାକୁ ବାକି ରହିଲା।




ପୁରସ୍କାର ବିତରଣ ଉତ୍ସବରେ ମଞ୍ଚାସୀନ ଅତିଥିବୃନ୍ଦ।

# ଦାମନଯୋଡ଼ି ଚାମ୍ପିୟନ

## ମା' ଡୋକରୀ ବୁଢ଼ୀ ଫୁଟବଲ

ବରଗାଁ,୧୧।୧ (ଡି.ଏନ.ଏ.)

ନୂଆପଡା ଜିଲା ରାନୀମୁଣ୍ଡାରେ ଚାଲିଥିବା ମା' ଡୋକରୀବୁଢୀ ରାଜ୍ୟସ୍ତରୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟର ଫାଇନାଲ ଖେଳରେ ଶନିବାର ଦାମନ ଯୋଡି ଦଳ ନବରଙ୍ଗପୁର ଦଳକୁ ୧-୦ ଗୋଲରେ ହରାଇ ଚାମ୍ପିୟନ ହୋଇଛି। ଏହି ଅବସରରେ ଚାମ୍ପିୟନ ଦଳକୁ ୩୦ ହଜାର ଟଙ୍କା ଏବଂ ରନର୍ସ ଅପ ଦଳକୁ ୨୦ ହଜାର ଟଙ୍କା ସହ ଟ୍ରଫି ପ୍ରଦାନ କରାଯାଇଥିଲା। ଖେଳକୁ ରେଫରୀ କମଳ ମିଶ୍ର, ତାପସ ପତି, ପ୍ରବୀଣ ସୁପକାର ପ୍ରମୁଖ ପରିଚାଳନା କରିଥିଲେ। ପ୍ରକାଶ ପତି, ମନୋଜ ଖମାରୀ ଧାରାବିବରଣୀ ପ୍ରଦାନ କରିଥିଲେ। କ୍ଲବର ସମସ୍ତ କର୍ମକର୍ତ୍ତା ପରିଚାଳନାରେ ସହଯୋଗ କରିଥିଲେ। ଅପରାହ୍ନରେ ଆୟୋଜକ ସ୍ପୋର୍ଟ୍ସ କ୍ଲବ ସଭାପତି ସିଙ୍ଘଲ ମାଝିଙ୍କ ଅଧ୍ୟକ୍ଷତାରେ ଆୟୋଜିତ ପୁରସ୍କାର ବିତରଣୀ ଉତ୍ସବରେ ଡବ୍ଲ୍ୟୁଡିସି ସଦସ୍ୟ ତଥା ଜିଲା ପରିଷଦ ସଭ୍ୟ ଲମ୍ବୋଦର ନିଆଲ ମୁଖ୍ୟଅତିଥି, ବିଜେଡିର ବରିଷ୍ଠ ନେତା ଅବନୀ ରଞ୍ଜନ ଯୋଷୀ, ଆଇନଜୀବୀ ଭରତ ବେହେରା, ସ୍ଥାନୀୟ ସରପଞ୍ଚ ଦେବବ୍ରତ ସୁପକାର, ଶିକ୍ଷାବିତ ସତ୍ୟବ୍ରତ ଗହୀର, କାର୍ଯ୍ୟନିର୍ବାହୀ ଅଧିକାରୀ ଗୁରଜୁ ହଂସ, ସମିତି ସଭ୍ୟ ଚିତରଞ୍ଜନ ମାଝି ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ।


GOVT. OF INDIA
MINISTRY OF FINANCE
DEPARTMENT OF FINANCIAL SERVICES
DEBTS RECOVERY TRIBUNAL
COURT OF THE RECOVERY OFFICER
Plot No. C/71, Sector-7, CDA Cuttack- 753014
Form no. ITCP- I

NOTICE OF DEMAND TO THE CERTIFICATE DEBTORS

(See rule- 2 of the Second Schedule as referred to in section 29 of the Recovery of Debts due to Bank & Financial Institution Act. 1993

R.P, NO. 106/2018/CTC
(Arising out of OA No. 89 of 2016)
Next Dt. **11.02.2020**

Utkal Grameen Bank, Rajgangpur Branch, At: Rajgangpur, Dist.- Sundargarh, Pin- 770017
Certificate Holder Bank
vs
Shri Mangal Bada @ Kisan & others
Certificate Debtors

To,
1. Shri Mangal Bada @ Kisan, S/o- Late Ganda Bada @ Kisaan, At- Bailama, P.O. Kutra, Dist.- Sundargarh, Pin- 770017
2. Shri Rajkumar Sukla, S/o- Hiralal Sukla, At/Po- Garposh, Via- Bamara, Dist- Sambalpur, Pin- 768224
3. Shri Ramesh Kishan, S/o- Matia Kishan, At/Po- Garposh, Via- Bamara, Dist.- Sambalpur, Pin- 768224

Take notice that Certificate arising out of **OA No. 89 of 2016** issued by the Hon'ble Presiding Officer, Debts Recovery Tribunal, Cuttack under Section 19 (22) of the Recovery of Debts due to Banks and Financial Institutions Act. 1993 and forwarded to the undersigned for recovery of Rs. 11,90,418.00 **(Rupees Eleven Lac Ninety Thousand Four Hundred Eighteen only)** together with interest till realisation of the dues, cost, charges as per the certificate, the details of which are given below:

| | | |
|---|---|---|
| 1. Decretal Dues | | : Rs. 11,90,418.00 |
| 2. Cost of the suit | (+) | : Rs. 14,000.00 |
| **TOTAL** | | **: Rs. 12,04,418.00** |

**(Rupees Twelve Lac Four Thousand Four Hundred Eighteen only)** with interest @ 13 . 50% p.a. with half- yearly rests on the amount due from 28.12.2015 till realization of the entire dues.
2. You are hereby directed to pay the above stated sum within 15 (Fifteen) days of the publication of the notice, failing which the recovery shall be made in accordance with the provisions contained in Chapter V of the Recovery of Debts due to Banks & Financial Institutions Act. 1993.
3. In addition to the aforesaid amount, you will also be liable for all future interest, costs, charges and expenses incurred in respect of the service of this notice and of warrants and other processes etc. and of all the other proceedings taken for realising of arrears.
4. You are hereby directed to appear in person of through legal representative before the undersigned on **11.02.2020** and report the details of payment made by you.

Give under my hand & seal at Cuttack on this 16th day of December, 2019

**Sd/- R.P. Patnaik**
**Recovery Officer**



GOVT. OF INDIA
MINISTRY OF FINANCE
DEPARTMENT OF FINANCIAL SERVICES
DEBTS RECOVERY TRIBUNAL
COURT OF THE RECOVERY OFFICER
Plot No. C/71, Sector-7, CDA Cuttack- 753014
Form no. ITCP- I

NOTICE OF DEMAND TO THE CERTIFICATE DEBTORS

(See rule- 2 of the Second Schedule as referred to in section 29 of the Recovery of Debts due to Bank & Financial Institution Act. 1993

R.P, NO. 264/2017/CTC
(Arising out of OA No. 159 of 2016)
Next Dt. **11.02.2020**

Utkal Grameen Bank, Nunhad Branch, At/Po- Belpada, Dist.- Bolangir, Pin- 767026
Certificate Holder Bank
vs
Sumit Gouri & others
Certificate Debtors

To,
1. Smt. Sumita Gouri, W/o- Late Goutam Gouri, At- Darhamunda, Po- Gambhari, Via- Belpada, Dist.- Bolangir- 767026
2. Mukunda Gouri, S/o- Late Goutam Gouri, At- Darhamunda, Po- Gambhari, Via- Belpada, Dist.- Bolangir- 767026
3. Shri. Rasananda Gouri, S/o- Gonda Gouri, At- Darhamunda, Po- Gambhari, Via- Belpada, Dist.- Bolangir- 767026
4. Shri. Golaknath Gouri, S/o- Kunda Gouri, At- Darhamunda, Po- Gambhari, Via- Belpada, Dist.- Bolangir- 767026

Take notice that Certificate arising out of **OA No. 159 of 2016** issued by the Hon'ble Presiding Officer, Debts Recovery Tribunal, Cuttack under Section 19 (22) of the Recovery of Debts due to Banks and Financial Institutions Act. 1993 and forwarded to the undersigned for recovery of Rs. 14,27,472.00 **(Rupees Fourteen Lac Twenty Seven Thousand Four Hundred Seven Two only)** together with interest till realisation of the dues, cost, charges as per the certificate, the details of which are given below:

| | |
|---|---|
| 1. Decretal Dues | : Rs. 14,27,472.00 |
| 2. Cost of the suit | : Rs. 17,000.00 |
| 3. Interest @ 13.25% p.a. with half yearly rests from 28.01.2016 to 06.03.2018 | : Rs. 4,44,368.00 |
| **TOTAL** | **: Rs. 18,88,840.00** |

**(Rupees Eighteen Lac Eighty Eight Thousand Eight Hundred forty only)** with interest @ 13 . 25% p.a. with half- yearly rests on the amount due from 07.03.2018 till realization of the entire dues.
2. You are hereby directed to pay the above stated sum within 15 (Fifteen) days of the publication of the notice, failing which the recovery shall be made in accordance with the provisions contained in Chapter V of the Recovery of Debts due to Banks & Financial Institutions Act. 1993.
3. In addition to the aforesaid amount, you will also be liable for all costs, charges and expenses incurred in respect of the service of this notice and of warrants and other processes etc. and of all the other proceedings taken for realising of arrears.
4. You are hereby directed to appear in person of through legal representative before the undersigned on **11.02.2020** and report the details of payment made by you.

Give under my hand & seal at Cuttack on this 16th day of December, 2019

**Sd/- R.P. Patnaik**
**Recovery Officer**



## ଭାରତୀୟ ରିଜର୍ଭ ବ୍ୟାଙ୍କ
www.rbi.org.in

### ଭାରତୀୟ ରିଜର୍ଭ ବ୍ୟାଙ୍କ ଦ୍ୱାରା ନିୟନ୍ତ୍ରିତ ସଂସ୍ଥା କିମ୍ବା ରିଜର୍ଭ ବ୍ୟାଙ୍କର କୌଣସି ବିଭାଗ ବିରୁଦ୍ଧରେ ଅଭିଯୋଗ ର ନିରାକରଣ

ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର.ବି.ଆଇ) ଦେଶ ସାରା ନିଜର କାର୍ଯ୍ୟାଳୟ ରେ ଅଭିଯୋଗ ର ନିରାକରଣ ପାଇଁ ବିଭିନ୍ନ ମାଧ୍ୟମ ସ୍ଥାପନ କରିଛନ୍ତି । ଭାରତୀୟ ରିଜର୍ଭ ବ୍ୟାଙ୍କ ଦ୍ୱାରା ନିୟନ୍ତ୍ରିତ ସଂସ୍ଥା ଯଥା : ବାଣିଜ୍ୟିକ ବ୍ୟାଙ୍କ, ଆଞ୍ଚଳିକ ଗ୍ରାମ୍ୟ ବ୍ୟାଙ୍କ, ସମବାୟ ବ୍ୟାଙ୍କ କିମ୍ବା ଅଣ ବ୍ୟାଙ୍କିଙ୍ଗ୍ ବିତ୍ତୀୟ କମ୍ପାନୀ (ଭାରତୀୟ ରିଜର୍ଭ ବ୍ୟାଙ୍କ ଆଇନ ୧୯୩୪ ର ଧାରା ୪୫-IA ଅନୁଯାୟୀ ପଞ୍ଜିକୃତ) ଅଣବ୍ୟାଙ୍କିଙ୍ଗ ସଂସ୍ଥା ମାନଙ୍କର ଡିଜିଟାଲ ନେଣ ଦେଣ (ଦେୟ ପ୍ରଦାନ ଏବଂ ବନ୍ଦୋବସ୍ତ ବ୍ୟବସ୍ଥା ଅଧିନିୟମ ୨୦୦୭ ଅଧିନସ୍ଥ) ଜମା ବୀମା ଓ ଋଣ ନିକ୍ଷେପ ନିଗମ କିମ୍ବା ନିଜର କୌଣସି ବିଭାଗ ବିରୁଦ୍ଧରେ ଯଦି କୌଣସି ବ୍ୟକ୍ତିଙ୍କର ସେବା ଅବହେଳା ଜନିତ ଅଭିଯୋଗ ଥାଏ ତେବେ ସେ ଭାରତୀୟ ରିଜର୍ଭ ବ୍ୟାଙ୍କର କମ୍ପ୍ଲେଣ୍ଟ ମ୍ୟାନେଜ୍‌ମେଣ୍ଟ ସିଷ୍ଟମ୍ (ସି.ଏମ୍.ଏସ୍) ୱେବ୍‌ସାଇଟ୍ https://cms.rbi.org.in>>File a complaint ମାଧ୍ୟମରେ ତାଙ୍କ ଅଭିଯୋଗ ର ପୂର୍ଣ୍ଣ ବିବରଣୀ ଏବଂ ସମର୍ଥିତ କାଗଜପତ୍ର ସହିତ ଦାଖଲ କରିପାରିବେ । ଯଦି କୌଣସି ବ୍ୟକ୍ତି ଉପରୋକ୍ତ ଅଭିଯୋଗ ଉପରେ ଅନ୍‌ଲାଇନ୍ ଅଭିଯୋଗ ଦାଖଲ କରିପାରୁନାହାନ୍ତି, ତେବେ ନିମ୍ନ ଲିଖିତ ଠିକଣା ରେ ତାଙ୍କ ଅଭିଯୋଗ କୁ ପୋଷ୍ଟ /ବ୍ୟକ୍ତିଗତ କିମ୍ବା ଇମେଲ ମାଧ୍ୟମରେ ଦାଖଲ କରିପାରିବେ ।

**୧. ଉପଭୋକ୍ତା ଶିକ୍ଷା ଏମ୍ଂ ସୁରକ୍ଷା କକ୍ଷ (CEPC)**
(ଭା.ରି.ବ୍ୟାଙ୍କ ର ଲୋକପାଳ ଯୋଜନା ଅନ୍ତର୍ଗତ ଅଭିଯୋଗ ର ନିରାକରଣ ପାଇଁ)
ଅଧିକାରୀଙ୍କ ନାମ ଏବଂ ପଦବୀ : ଶ୍ରୀ ସନ୍ତୋଷ କୁମାର ପଟ୍ଟନାୟକ, ସହାୟକ ମହାପ୍ରବନ୍ଧକ
ଠିକଣା : ଭାରତୀୟ ରିଜର୍ଭ ବ୍ୟାଙ୍କ, ପଣ୍ଡିତ ଜବାହରଲାଲ ନେହେରୁ ମାର୍ଗ, ଭୁବନେଶ୍ୱର, ଓଡ଼ିଶା-୭୫୧୦୦୧
ଟେଲିଫୋନ ନମ୍ବର : ୦୬୭୪-୨୩୯୦୦୭୪, ଇ-ମେଲ : cms.cepcbhubaneswar@rbi.org.in
କାର୍ଯ୍ୟାଳୟ ସମୟ : ପୂର୍ବାହ୍ନ ୯.୫୦ ରୁ ଅପରାହ୍ନ ୫.୩୫ ଘଣ୍ଟା

**୨. ବ୍ୟାଙ୍କ ଲୋକପାଳ, ଯୋଜନା (BO Scheme, 2006)**
(ବ୍ୟାଙ୍କ ଲୋକପାଳ ଯୋଜନା, ୨୦୦୬ ର ଧାରା ୮ ରେ ନିର୍ଦ୍ଦିଷ୍ଟ ଅଭିଯୋଗର ନିରାକରଣ)
ବ୍ୟାଙ୍କିଙ୍ଗ୍ ଲୋକପାଳ କାର୍ଯ୍ୟାଳୟ, (ଭୁବନେଶ୍ୱର)
ମାର୍ଫତ୍ : ଭାରତୀୟ ରିଜର୍ଭ ବ୍ୟାଙ୍କ, ୩ୟ ମହଲା, ପଣ୍ଡିତ ଜବାହରଲାଲ ନେହେରୁ ମାର୍ଗ, ଭୁବନେଶ୍ୱର, ଓଡ଼ିଶା-୭୫୧୦୦୧
ଟେଲିଫୋନ ନମ୍ବର : ୦୬୭୪-୨୩୯୬୨୦୭/୨୩୯୬୦୦୮, ଫ୍ୟାକ୍ସ ନଂ.୨୩୯୩୯୦୬
ଇ-ମେଲ୍ : cms.bobhubaneswar@rbi.org.in
କାର୍ଯ୍ୟାଳୟ ସମୟ : ପୂର୍ବାହ୍ନ ୯.୫୦ ରୁ ଅପରାହ୍ନ ୫.୩୫ ଘଣ୍ଟା

**୩. ଲୋକପାଳ ଯୋଜନା - ଅଣବ୍ୟାଙ୍କିଙ୍ଗ୍ ବିତ୍ତୀୟ କମ୍ପାନୀ (NBFC-O Scheme, 2018)**
(ଅଣବ୍ୟାଙ୍କିଙ୍ଗ୍ ବିତ୍ତୀୟ କମ୍ପାନୀ ଲୋକପାଳ ଯୋଜନା ୨୦୧୮ ଅନ୍ତର୍ଗତ ଅଣବ୍ୟାଙ୍କିଙ୍ଗ୍ ବିତ୍ତୀୟ କମ୍ପାନୀ ବିରୁଦ୍ଧରେ ଏବଂ ଅଣବ୍ୟାଙ୍କିଙ୍ଗ୍ ବିତ୍ତୀୟ କମ୍ପାନୀ ଲୋକପାଳ ଯୋଜନା ର ଧାରା ୮ ଅଧୀନରେ ଆସୁଥିବା ଅଭିଯୋଗର ନିରାକରଣ ପାଇଁ)
ଲେକାପାଳ-ଅଣବ୍ୟାଙ୍କିଙ୍ଗ୍ ବିତ୍ତୀୟ କମ୍ପାନୀ (ପୂର୍ବକ୍ଷେତ୍ର)*
ମାର୍ଫତ୍ : ଭାରତୀୟ ରିଜର୍ଭ ବ୍ୟାଙ୍କ
ଠିକଣା : ୧୫, ନେତାଜୀ ସୁଭାଷ ମାର୍ଗ, କୋଲକାତା-୭୦୦୦୦୧
ଟେଲିଫୋନ ନମ୍ବର : ୦୩୩-୨୩୩୦୪୯୮୨, ଫ୍ୟାକ୍ସ ନଂ୦୩୩-୨୨୩୦୫୮୯୯
ଇ-ମେଲ୍ : cms.nbfckolkata@rbi.org.in
କାର୍ଯ୍ୟାଳୟ ସମୟ : ପୂର୍ବାହ୍ନ ୯.୪୫ ରୁ ଅପରାହ୍ନ ୫.୩୦ ଘଣ୍ଟା

**ଟିପ୍ପଣୀ*** : କଲିକତା ପୂର୍ବ କ୍ଷେତ୍ର ପାଇଁ ଅଣବ୍ୟାଙ୍କିଙ୍ଗ୍ ବିତ୍ତୀୟ କମ୍ପାନୀ ହେତୁ ଲୋକପାଳ ର କ୍ଷେତ୍ରାଧିକାରରେ ପଶ୍ଚିମବଙ୍ଗ, ସିକ୍କିମ୍, ଓଡ଼ିଶା, ଆସାମ, ଅରୁଣା ଚଳ ପ୍ରଦେଶ, ମଣିପୁର , ମେଘାଳୟ, ମିଜୋରାମ, ନାଗାଲ୍ୟାଣ୍ଡ, ତ୍ରିପୁରା, ବିହାର ଓ ଝାଡଖଣ୍ଡ ସାମିଲ୍ ଅଛି ।

**୪. ଡିଜିଟାଲ୍ ନେଣଦେଣ ପାଇଁ ଲୋକପାଳ ଯୋଜନା (OSDT 2019)**
(ଓ.ଏସ.ଡି.ଟି. ଅଧିନରେ ଆସୁଥିବା ଦେୟ ପ୍ରଦାନ ଏବଂ ବନ୍ଦୋବସ୍ତ ବ୍ୟବସ୍ଥା ଅଧିନିୟମ ୨୦୦୭ ଅନୁଯାୟୀ ବ୍ୟବସ୍ଥା ପ୍ରତିଯୋଗୀ (ସିଷ୍ଟମ୍ ପାର୍ଟିସିପ୍ୟାଣ୍ଟ) ଙ୍କ ବିରୁଦ୍ଧରେ ଓ.ଏସ.ଡି.ଟି ର ଧାରା ୮ ରେ ସୂଚିତ ଆଧାର ଅନୁସାରେ ଅଭିଯୋଗ ନିରାକରଣ ପାଇଁ)
ଲୋକପାଳ, ଡିଜିଟାଲ ନେଣଦେଣ (ଭୁବନେଶ୍ୱର)
ମାର୍ଫତ୍ : ଭାରତୀୟ ରିଜର୍ଭ ବ୍ୟାଙ୍କ
ଠିକଣା : ଭାରତୀୟ ରିଜର୍ଭ ବ୍ୟାଙ୍କ, ୩ୟ ମହଲା, ପଣ୍ଡିତ ଜବାହରଲାଲ ନେହେରୁ ମାର୍ଗ, ଭୁବନେଶ୍ୱର, ଓଡ଼ିଶା-୭୫୧୦୦୧
ଟେଲିଫୋନ ନମ୍ବର : ୦୬୭୪-୨୩୯୬୨୦୭/୨୩୯୬୦୦୮, ଫ୍ୟାକ୍ସ ନଂ.୨୩୯୩୯୦୬
ଇ-ମେଲ୍ : cms.odtbhubaneswar@rbi.org.in
କାର୍ଯ୍ୟାଳୟ ସମୟ : ପୂର୍ବାହ୍ନ ୯.୫୦ ରୁ ଅପରାହ୍ନ ୫.୩୫ ଘଣ୍ଟା

**୫. ଜମା ବୀମା ଓ ଋଣ ନିକ୍ଷେପ ନିଗମ ବିରୁଦ୍ଧରେ ଅଭିଯୋଗ**
ସାଧାରଣ ବ୍ୟକ୍ତି ଜମା ବୀମା ଓ ଋଣ ନିକ୍ଷେପ ନିଗମ ବିରୁଦ୍ଧରେ ଅଭିଯୋଗ କୁ ନିମ୍ନୋକ୍ତ ଠିକଣା/ଇ-ମେଲ ମାଧ୍ୟମରେ ଦାଖଲ କରିପାରିବେ :
ଜମା ବୀମା ଓ ଋଣ ନିକ୍ଷେପ ନିଗମ (DICGC)
ମହାପ୍ରବନ୍ଧକ,
ଜମା ବୀମା ଓ ଋଣ ନିକ୍ଷେପ ନିଗମ, ଅଭିଯୋଗ ନିରାକରଣ କକ୍ଷ, ଭାରତୀୟ ରିଜର୍ଭ ବ୍ୟାଙ୍କ ଭବନ,
୨ୟ ମହଲା, ମୁମ୍ବାଇ ସେଣ୍ଟ୍ରାଲ୍ ରେଲ୍‌ୱେ ଷ୍ଟେସନ ସମ୍ମୁଖ, ମୁମ୍ବାଇ-୪୦୦୦୦୮
ଅଭିଯୋଗକାରୀ ମହାପ୍ରବନ୍ଧକ ଶ୍ରୀମତି ରୀତା ସରକାର ମୋରିଆ ଙ୍କୁ ମଧ ଟେଲିଫୋନ ନମ୍ବର - ୦୨୨-୨୩୦୧୯୬୩୩, ବିସ୍ତାର ସଙ୍ଖ୍ୟା-୮୨୦୧ କିମ୍ବା ଇ-ମେଲ : dicgc@rbi.org.in ମାଧ୍ୟମରେ ଯୋଗାଯୋଗ କରିପାରିବେ ।

**ଟିପ୍ପଣୀ ୧** : ବ୍ୟାଙ୍କ ଲୋକପାଳ ଯୋଜନା, ୨୦୦୬ କିମ୍ବା ଅଣବ୍ୟାଙ୍କିଙ୍ଗ ବିତ୍ତୀୟ କମ୍ପାନୀ ଲୋକପାଳ ଯୋଜନା, ୨୦୧୮ କିମ୍ବା ଡିଜିଟାଲ ନେଣ-ଦେଣ ଲୋକପାଳ ଯୋଜନା, ୨୦୧୯ ଅନ୍ତର୍ଗତ ଅଭିଯୋଗ ଦାଖଲ କରିବା ପାଇଁ ଅଭିଯୋଗକାରୀ ଦୟା ପୂର୍ବକ ଧ୍ୟାନ ଦିଅନ୍ତୁ ଯେ ନିଜ ଅଭିଯୋଗର ନିରାକରଣ ପାଇଁ ପ୍ରଥମେ ବ୍ୟାଙ୍କ ଶାଖା/ରିଜର୍ଭ ବ୍ୟାଙ୍କରେ ପଞ୍ଜିକୃତ ହୋଇ ଜମା ଗ୍ରହଣ କରୁଥିବା ଅଣବ୍ୟାଙ୍କିଙ୍ଗ ବିତ୍ତୀୟ କମ୍ପାନୀ ପଦ୍ଧତି ଅଂଶଗ୍ରହଣକାରୀ (ସିଷ୍ଟମ୍ ପାର୍ଟସିପ୍ୟାଣ୍ଟ) ଙ୍କ ସହ ସମ୍ପର୍କ ସ୍ଥାପନ କରନ୍ତୁ । ଯଦି ସମ୍ବନ୍ଧିତ ବ୍ୟାଙ୍କ/ଅଣବ୍ୟାଙ୍କିଙ୍ଗ/ବିତ୍ତୀୟ କମ୍ପାନୀ/ପଦ୍ଧତି ଅଂଶଗ୍ରହଣକାରୀ (ସିଷ୍ଟମ୍ ପାର୍ଟସିପ୍ୟାଣ୍ଟ) ଲୋକପାଳ ଯୋଜନା ର ଧାରା-୮ ଅନ୍ତର୍ଗତ ସେବା ଅବହେଳା ସମ୍ପର୍କିତ/ଅଭିଯୋଗର ନିରାକରଣ ୩୦ ଦିନ ଭିତରେ ନ କରନ୍ତି କିମ୍ବା ଅଭିଯୋଗକାରୀ, ତାଙ୍କର ଉତ୍ତରରେ ସନ୍ତୁଷ୍ଟ ନ ହୁଅନ୍ତି, ତେବେ ସେ ତା'ପରେ ଉତ୍ତର ପ୍ରାପ୍ତି ର ଏକ ବର୍ଷ ମଧ୍ୟରେ କିମ୍ବା ଉତ୍ତର ପ୍ରାପ୍ତି ନ ହୋଇଥିଲେ ଅଭିଯୋଗ ଦେଇଥିବା ତାରିଖ ଠାରୁ ଏକ ବର୍ଷ ଏକ ମାସ ମଧ୍ୟରେ ସମ୍ପୃକ୍ତ ଲୋକପାଳ ଙ୍କୁ ଅଭିଯୋଗ କରିପାରିବେ ।

**ଟିପ୍ପଣୀ-୨** : ବ୍ୟାଙ୍କ, ଅଣବ୍ୟାଙ୍କିଙ୍ଗ ବିତ୍ତୀୟ କମ୍ପାନୀ ପଦ୍ଧତି ଅଂଶଗ୍ରହଣକାରୀ (ସିଷ୍ଟମ୍ ପାର୍ଟସିପ୍ୟାଣ୍ଟ) ଙ୍କ ବିରୁଦ୍ଧରେ ବ୍ୟାଙ୍କ ଲୋକପାଳଙ୍କ ଠାରେ ଅଥବା ବ୍ୟାଙ୍କ, ପଦ୍ଧତି ଅଂଶଗ୍ରହଣକାରୀଙ୍କ ବିରୁଦ୍ଧରେ ଉପଭୋକ୍ତା ଶିକ୍ଷା ଏବଂ ସୁରକ୍ଷା କକ୍ଷରେ ଅଭିଯୋଗ, ଯାହା ସେହି କମ୍ପାନୀ ର ଶାଖା କ୍ଷେତ୍ରର ସ୍ଥାନ ଆଧାରରେ କରାଯାଇପାରିବ । କେନ୍ଦ୍ରିୟ ପରିଚାଳନା କିମ୍ବା ବିତ୍ତୀର କମ୍ପାନୀ ବିରୁଦ୍ଧରେ ଗ୍ରାହକ ରହୁଥିବା ସ୍ଥାନ ଏବଂ ବିଲିଂ ଠିକଣା ଆଧାରରେ ଅଭିଯୋଗ ମଞ୍ଚରେ ଦାଖଲ କରିପାରିବେ ।

**ଲୋକପାଳଙ୍କ ନିଷ୍ପତ୍ତିର ପୁର୍ନବିଚାର ପାଇଁ ଆବେଦନ :**
ବ୍ୟାଙ୍କ, ଅଣବ୍ୟାଙ୍କିଙ୍ଗ ବିତ୍ତୀୟ କମ୍ପାନୀ/ଡିଜିଟାଲ ନେଣ-ଦେଣ ଲୋକପାଳଙ୍କ ନିଷ୍ପତ୍ତି ପୁନର୍ବିଚାର ପାଇଁ ଆବେଦନ କରାଯାଇପାରିବ ଯଦି /ଅଭିଯୋଗଟି ଏହି ଯୋଜନା ରେ ସୂଚୀତ ପୁନର୍ବିଚାର ଯୋଗ୍ୟ ଅଭିଯୋଗ ହୋଇଥିବ । ଏହି ପୁନର୍ବିଚାର ଆବେଦନ ସମ୍ବନ୍ଧିତ ଲୋକପାଳଙ୍କ ନିଷ୍ପତ୍ତି ସୂଚନା ପ୍ରାପ୍ତିର ୩୦ ଦିନ ମଧ୍ୟରେ ଆର.ବି.ଆଇ ୱେବ୍‌ସାଇଟ୍ https://cms.rbi.org.in>>File an appeal ଦ୍ୱାରା କିମ୍ବା ପୁନର୍ବିଚାର ଅଧିକାରୀ, ଭାରତୀୟ ରିଜର୍ଭ ବ୍ୟାଙ୍କ, ଉପଭୋକ୍ତା ଶିକ୍ଷା ଏବଂ ସୁରକ୍ଷା ବିଭାଗ, କେନ୍ଦ୍ରିୟ କାର୍ଯ୍ୟାଳୟ, ଅମର ଭବନ, ସାର.ପ.ଏମ୍ ରୋଡ ପୋଷ୍ଟ : ମୁମ୍ବାଇ-୪୦୦୦୦୧ ରେ ଦାଖଲ କରିପାରିବେ ।

**ଟିପ୍ପଣୀ : ଅଭିଯୋଗକାରୀଙ୍କ ନିଜର ଠିକଣା ଏବଂ ଫୋନ ନଂ/ମୋବାଇଲ ନମ୍ବର /ଅଭିଯୋଗରେ ଦର୍ଶାଇବାପାଇଁ ଅନୁରୋଧ**



ଯଦି ଆମେ ସତ୍ ଜୀବନ ଯାପନ କରିବାକୁ ଚାହିଁବା, ଆମକୁ ମନ ଭିତରେ ଅଳସୁଆମୀକୁ ତ୍ୟାଗ କରି କିଛି ଭଲ ଚିନ୍ତା କରିବାକୁ ପଡ଼ିବା। ତା' ହେଲେ ଆମର ଜୀବନ ଧାରା ସରଳ ହୋଇଯିବ।

- ମହାତ୍ମା ଗାନ୍ଧୀ



## ସଂକ୍ଷେପରେ

### ଗାଡ଼ି ଧକ୍କାରେ ବାଇକ୍ ଆରୋହୀ ଗୁରୁତର

ବେଲପଡ଼ା,୧୧।୧(ଡି.ଏନ୍.ଏ.): ବଲାଙ୍ଗୀର ଜିଲା ବେଲପଡ଼ା ଥାନା ଅଧୀନ ମଣ୍ଡଳ ଗ୍ରାମ ରାଡବାହାଲ ଛକ ନିକଟରେ ଶନିବାର ସନ୍ଧ୍ୟା ପ୍ରାୟ ୬ଟାରେ ଏକ ଗାଡ଼ି ଧକ୍କାରେ ଜଣେ ବାଇକ୍ ଆରୋହୀ ଗୁରୁତର ଆହତ ହୋଇଛନ୍ତି। ସେ ହେଲେ ରାଡବାହାଲ ଗ୍ରାମର ତପସ୍ୟା ବାରଲେବଡିଆ(୫୨)। ଶନିବାର ତପସ୍ୟାଙ୍କ ନବ ନିର୍ମିତ ଘରର ଛାତ ପଡୁଥିଲା। ଏନେଇ ସେ ତାଙ୍କ ଟିଭିଏସ ମୋପେଡ ଗାଡିରେ ମଣ୍ଡଳ ଗ୍ରାମକୁ ଆସୁଥିଲେ। ହେଲେ ରାଡବାହାଲ ଛକ ନିକଟରେ ବିପରୀତ ଦିଗରୁ ଆସୁଥିବା ଏକ ଗାଡ଼ି ତପସ୍ୟାଙ୍କ ମୋପେଡ ଗାଡ଼ିକୁ ଧକ୍କା ଦେଇ ଫେରାର ହୋଇଯାଇଥିଲା। ଫଳରେ ସେ ରାସ୍ତାରେ ଛିଟିକି ପଡି ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଗୁରୁତର ଅବସ୍ଥାରେ ବେଲପଡ଼ା ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ପରେ ତାଙ୍କୁ ବଲାଙ୍ଗୀର ଜିଲା ଚିକିତ୍ସାଳୟକୁ ସ୍ଥାନାନ୍ତ କରାଯାଇଛି। ଅନ୍ୟପକ୍ଷେ ଦୁର୍ଘଟଣା ଘଟାଇଥିବା ଗାଡିଟି ଟ୍ରାକ୍ଟର ବୋଲି ସ୍ଥାନୀୟ ଲୋକେ କହିଛନ୍ତି। ଏନେଇ ଥାନାରେ କୌଣସି ଅଭିଯୋଗ ହୋଇ ନ ଥିବା ଜଣାପଡିଛି।

### 'କରଙ୍ଗାକଣ୍ଟା ପୁନରୁଦ୍ଧାର ଦାବି'

ବଲାଙ୍ଗୀର ଅଫିସ,୧୧।୧: ସ୍ଥାନୀୟ ଦୁର୍ଗା ମନ୍ଦିର ପ୍ରାଙ୍ଗଣରେ କରଙ୍ଗାକଣ୍ଟା ବଞ୍ଚାଅ ଅଭିଯାନ ପକ୍ଷରୁ ଏକ ଜରୁରୀ ବୈଠକ ଅନୁଷ୍ଠିତ ହୋଇଯାଇଛି। କୃଷ୍ଣଚନ୍ଦ୍ର ନାଏକଙ୍କ ଆବାହକତ୍ୱରେ ବଲାଙ୍ଗୀର ସହରର ବିଭିନ୍ନ ସାମାଜିକ ଅନୁଷ୍ଠାନ, ବୁଦ୍ଧିଜୀବୀ ପ୍ରମୁଖ ଯୋଗ ଦେଇଥିଲେ। ସୂଚନା ଅଧିକାର କର୍ମୀ ତଥା ଅଭିଯାନ ସଭାପତି ହେମନ୍ତ କୁମାର ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଗୁରୁତ୍ୱପୂର୍ଣ୍ଣ ଆଲୋଚନା ହୋଇଥିଲା। ବିଭିନ୍ନ ସମୟରେ ରାଜ୍ୟ ତଥା କେନ୍ଦ୍ର ସରକାରଙ୍କ ମନ୍ତ୍ରୀଙ୍କ ସହ ଜନପ୍ରତିନିଧିଙ୍କୁ ସାକ୍ଷାତ କରି କରଙ୍ଗାକଟା ପ୍ରସଙ୍ଗରେ ଆଲୋଚନା କରାଯାଇଥିଲା। ହେଲେ ବର୍ତ୍ତମାନ ସୁଦ୍ଧା କୌଣସି ଆଖିଦୃଶିଆ ପଦକ୍ଷେପ ଗ୍ରହଣ କରାଯାଇ ନ ଥିବାରୁ ବୈଠକରେ ଉଦ୍‌ବେଗ ପ୍ରକାଶ ପାଇଥିଲା। ୨୦୧୯ ଫେବୃୟାରୀ ଶେଷ ତଥା ମାର୍ଚ୍ଚ ପ୍ରଥମ ସପ୍ତାହରେ କରଙ୍ଗାକଣ୍ଟାର ପୁନରୁଦ୍ଧାର କରାଯିବ ବୋଲି ପ୍ରଶାସନ ପକ୍ଷରୁ ପ୍ରତିଶ୍ରୁତି ଦିଆଯାଇଥିଲା। ଏହାର ପୁନରୁଦ୍ଧାର କାର୍ଯ୍ୟ କରା ନ ଗଲେ ଆନ୍ଦୋଳନକୁ ତୀବ୍ରତର କରାଯିବ ବୋଲୀ ଚେତାବନୀ ଦିଆଯାଇଛି। ଏହି ଅବସରରେ ସ୍ୱିଡେନରେ କାର୍ଯ୍ୟରତ ବଲାଙ୍ଗୀରର ତାପସ ଷଡଙ୍ଗୀଙ୍କୁ ଅଭିଯାନ ପକ୍ଷରୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ଏଥିରେ ମାହେଶ୍ୱରୀ ଅନୁଷ୍ଠାନ ସଭାପତି ଅଙ୍କୁଶ କୁମାର ପାଣ୍ଡିଆ, ବଲାଙ୍ଗୀର ୟୁଥ ଆକ୍ସନ କମିଟି ସଭାପତି ବିନୋଦ କୁମାର କାଲସାଏ, କଲକୀ ମାନବ ସେବା ସମିତିର ଜୟଦେବ ବହିଦାର, ବଲାଙ୍ଗୀର ସିଭିଲ ସୋସାଇଟି ସଭାପତି ନୀଳମଣି ମିଶ୍ର, ଆରଟିଆଇ କର୍ମୀ ଶମ୍ଭୁ ପ୍ରସାଦ ଶତପଥୀ, କରଙ୍ଗାକଣ୍ଟା ଅଭିଯାନ ଉପସଭାପତି ମନୋରଞ୍ଜନ ପୁରୋହିତ, ସମ୍ପାଦକ ଇଂ କିଶୋର ମୋହନ ମିଶ୍ର, ରାଧାକାନ୍ତ ନାୟକ, ସଞ୍ଜୟ ଷଡଙ୍ଗୀ, ରିଲୁ ରଥ, ଗୋବିନ୍ଦ ଶତପଥୀ, ଅବିନାଶ ଦିଶ୍ରୀ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରଶାନ୍ତ ମହାକୁର ଧନ୍ୟବାଦ ଦେଇଥିଲେ।

## ■ ୩୧ ତମ ସଡ଼କ ସୁରକ୍ଷା ସଚେତନତା ସପ୍ତାହ

# 'ସୁରକ୍ଷା ହିଁ ପ୍ରାଥମିକତା ହେଉ'

ବଲାଙ୍ଗୀର ଅଫିସ,୧୧।୧: ବଲାଙ୍ଗୀର ପରିବହନ ବିଭାଗ ପକ୍ଷରୁ ଆଞ୍ଚଳିକ ପରିବହନ ଅଧିକାରୀ ପ୍ରଣୟ କୁମାର ମିଶ୍ରଙ୍କ ନେତୃତ୍ୱରେ ଶନିବାରଠାରୁ ୩୧ତମ ଜାତୀୟ ସଡ଼କ ସୁରକ୍ଷା ସଚେତନତା ସପ୍ତାହ ଶୁଭାରମ୍ଭ ହୋଇଯାଇଛି। ସଚେତନତା ସପ୍ତାହ ୧୧ରୁ ୧୭ତାରିଖ ପର୍ଯ୍ୟନ୍ତ ପାଳନ କରାଯିବ। ଏହି ଅବସରରେ ସ୍ଥାନୀୟ ପୃଥ୍ୱୀରାଜ ହାଇସ୍କୁଲ ପଡ଼ିଆରୁ ଏକ ସଚେତନତା ରାଲି ବାହାରି ସହର ପରିକ୍ରମା କରିଥିଲା। ରାଲିକୁ ଜିଲାପାଳ ଅରିନ୍ଦମ ଡାକୁଆ ପତାକା ଦେଖାଇ ଉଦ୍‌ଘାଟନ କରିଥିଲେ। ଏଥିରେ ଏନ୍‌ସିସି ଛାତ୍ରୀଛାତ୍ର, ସଚେତନ ନାଗରିକ ଯୋଗ ଦେଇଥିଲେ। ରାଲି ମହାଦେବ ମନ୍ଦିର ଛକ, ପାଟଣା ହୋଟେଲ ଛକ, ମେନ୍ ମାର୍କେଟ, ସରକାରୀ ବସ୍‌ଷ୍ଟାଣ୍ଡ, କଚେରି ଛକ, ପ୍ରାଇଭେଟ୍ ବସଷ୍ଟାଣ୍ଡ ଦେଇ କୋଶଳ କଳାମଣ୍ଡଳ ପଡ଼ିଆରେ ପହଞ୍ଚିଲା। କୋଶଳ କଳାମଣ୍ଡଳ ପୁରୁଣା ରଙ୍ଗମଞ୍ଚରେ ସଡ଼କ ସୁରକ୍ଷା ସଚେତନତା ସଭା ଅନୁଷ୍ଠିତ ହୋଇଥିଲା। ବୀରେନ୍ଦ୍ର କୁମାର ଝାଙ୍କରଙ୍କ ପରିଚାଳନା କ୍ରମେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ଜିଲାପାଳ ଡାକୁଆ ଯୋଗଦେଇ ଛାତ୍ରୀଛାତ୍ରମାନଙ୍କୁ ସଡ଼କ ସୁରକ୍ଷା ନେଇ ସଚେତନତା ବାର୍ତ୍ତା ଦେଇଥିଲେ। କିଭଳି ସଚେତନତା ଅଭାବରୁ ବଡ ଦୁର୍ଘଟଣା ଘଟି ଜୀବନହାନି ହୁଏ କହିବା ସହ ଏହାକୁ କିଭଳି ରୋକାଯାଇପାରିବ ସେ ଦିଗରେ ମତବ୍ୟକ୍ତ କରିଥିଲେ। ଏପରି କି ଗାଡ଼ି ଚାଳନା ବେଳେ ହେଲମେଟ୍ ପିନ୍ଧିବା, ଟ୍ରାଫିକ ନିୟମ ମାନି ଗାଡ଼ି ଚାଳାଇବା, ନିଶାମୁକ୍ତ ଗାଡ଼ି ଚାଳନ ଉପରେ ଜୋର ଦେଇଥିଲେ। ଏହି ଅବସରରେ ନିୟମ ମାନି ଗାଡ଼ି ଚାଳନା କରିବା ଦିଗରେ ସେ ଛାତ୍ରୀଛାତ୍ରଙ୍କୁ ଶପଥ କରାଇଥିଲେ। ସଭାରେ ଆଞ୍ଚଳିକ ପରିବହନ ଅଧିକାରୀ ପ୍ରଣୟ କୁମାର ମିଶ୍ର ୬-ଇ ଉପରେ ବକ୍ତବ୍ୟ ରଖି ସଚେତନତା ଜରିଆରେ ଦୁର୍ଘଟଣାକୁ ରୋକାଯାଇ ପାରିବ ବୋଲି କହିଥିଲେ। ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଦିଲୀପ କୁମାର ପଟେଲ ବେପରୁଆ ଗାଡି ଚାଳନାର ଆଇନଗତ ଦିଗ ଉପରେ କହିଥିଲେ। ୧୧ ବାଟାଲିୟନ ଏନ୍‌ସିସି ସେକେଣ୍ଡ ଅଫିସର ବିଭୁ ପ୍ରସାଦ ଯାଦବ, ଅତିରିକ୍ତ ପରିବହନ ଅଧିକାରୀ ଲୋକନାଥ ମେହେର ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିଲେ। ସଭା ଶେଷରେ ଅତିରିକ୍ତ ଏମ୍‌ଭିଆଇ ହୃଷୀକେଶ ନାଏକ ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମରେ ଜିଲା ପରିବହନ ବିଭାଗର ଭରତ ମହାକୁର, ଗଗନ ସାଏ, ସରୋଜ ଦେହୁରୀ, ଘନଶ୍ୟାମ ମେହେର, ମଳୟ ପାଣିଗ୍ରାହୀ, ସତ୍ୟନାରାୟଣ ବାରିକ, ବିଜୟ କୁମାର ପ୍ରଧାନ, ଚଞ୍ଚଳ ମିଶ୍ର, ରାଜ କୁମାର ପୁଟେଲ, ନିକୁ ବନଛୋର, ସୁମନ୍ତ ମଲ୍ଲିକ, ମନୋଜ ସାହୁ, ସନ୍ତୋଷ ବାଗ, ପ୍ରଶାନ୍ତ କୁମାର କିଷାନ, ଅନନ୍ତ ନାରାୟଣ ସେଠୀ, ପଦ୍ମ ସେଠ୍, ଯୋଗେନ୍ଦ୍ର ମନହୀରା, ଶେଷଦେବ ସା, ଉମେଶ ବାଗ, ମାନୁ ତାଣ୍ଡି, ସ୍ନେହଲତା ବାଗ ସହଯୋଗ କରିଥିଲେ। ୭ ଦିନ ଏହି ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏହି ଅବସରରେ ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ସଡ଼କ ସୁରକ୍ଷା ସଚେତନତା ନେଇ ବିଭିନ୍ନ ପ୍ରତିଯୋଗିତା ଆୟୋଜନ କରାଯିବ ବୋଲି ଜଣାପଡିଛି।



ଜିଲାପାଳ ସଡ଼କ ସୁରକ୍ଷା ସଚେତନତା ରାଲିକୁ ଉଦ୍‌ଘାଟନ କରୁଛନ୍ତି।

# ପକ୍ଷାଘାତ ରୋଗୀଙ୍କୁ ସାହାଯ୍ୟର ହାତ ବଢ଼ାଇଲା ପ୍ରଶାସନ

ଲାଠୋର,୧୧।୧(ଡି.ଏନ.ଏ.) ବଲାଙ୍ଗୀର ଜିଲା ତୁରେକେଲା ବ୍ଲକ ମହୁଲପାଟି ପଞ୍ଚାୟତ ଗଇନ୍ଦିମାଲ ଗ୍ରାମର ଲଛମନ କୁମ୍ଭାର(୫୭) ପକ୍ଷାଘାତ ରୋଗରେ ଆକ୍ରାନ୍ତ ହୋଇ ମୃତ୍ୟୁ ସହ ସଂଗ୍ରାମ କରୁଛନ୍ତି। ଏନେଇ ଗତ ୨୯ତାରିଖରେ ଧରିତ୍ରୀରେ ସରକାରୀ ସହାୟତା ଅପେକ୍ଷାରେ ଲଛମନ ଶୀର୍ଷକ ଏକ ଖବର ପ୍ରକାଶ ପାଇଥିଲା। ବରଗଡ଼ ଜିଲା ଯୋଖିପାଲି ଗ୍ରାମର ସାମାଜିକ କର୍ମୀ ଦିବସ କୁମାର ସାହୁ ଉକ୍ତ ଖବରକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ମନ୍ତ୍ରୀ ଟୁକୁନି ସାହୁ, ସିଏମ୍‌ଓ, ବଲାଙ୍ଗୀର ଜିଲାପାଳଙ୍କୁ ଟୁଇଟ କରି ସହାୟତା ପ୍ରଦାନ ନେଇ ଅନୁରୋଧ କରିଥିଲେ। ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ କ୍ରମେ ବଲାଙ୍ଗୀର ଜିଲାପାଳ ତୁରେକେଲା ଗୋଷ୍ଠୀ ଉନ୍ନୟନ ଅଧିକାରୀ ପ୍ରଭାତ କୁମାର ସାହୁଙ୍କୁ ସମ୍ପୃକ୍ତ ରୋଗୀଙ୍କୁ ସରକାରୀ ସହାୟତା ଯୋଗାଇ ଦେବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଏନେଇ ତୁରେକେଲା ଗୋଷ୍ଠୀ ଉନ୍ନୟନ ଅଧିକାରୀ ଗଇନ୍ଦିମାଲସ୍ଥିତ ଲଛମନଙ୍କ ବାସଭବନରେ ଶୁକ୍ରବାର ପହଞ୍ଚି କମ୍ବଳ, ଦରି ପ୍ରଦାନ କରିବା ସହ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ୨୦ହଜାର ଟଙ୍କା ସହାୟତା ରାଶି ଲଛମନଙ୍କ ଆକାଉଣ୍ଟରେ ପ୍ରଦାନ କରାଯାଇଥିବା କରିଛନ୍ତି। ଏପରି କି ତାଙ୍କୁ ବାସଗୃହ ସହ ହ୍ୱିଲ ଚେୟାର ଯୋଗାଇ ଦିଆଯିବାକୁ ପ୍ରତିଶ୍ରୁତି ଦିଆଯାଇଛି। ଲଛମନଙ୍କୁ ସରକାରୀ ସହାୟତା ମିଳିଥିବା ବେଳେ ତାହା ସମୁଦ୍ରକୁ ଶଙ୍ଖେ ପାଣି ସଦୃଶ ହୋଇଛି। ଅନ୍ୟପକ୍ଷେ ଜିଲା ପ୍ରଶାସନ ସମସ୍ତ ପ୍ରକାର ସରକାରୀ ସହାୟତା ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।



ଲଛମନଙ୍କ ଝିଅଙ୍କୁ ତୁରେକେଲା ଗୋଷ୍ଠୀ ଉନ୍ନୟନ ଅଧିକାରୀ ସହାୟତା ପ୍ରଦାନ କରୁଛନ୍ତି।

# ଲୋଇସିଂହା ପୌଷପୂର୍ଣ୍ଣିମା ଉତ୍ସବ ଉଦ୍‌ଯାପିତ



ଲୋଇସିଂହା ପୌଷପୂର୍ଣ୍ଣିମା ଉତ୍ସବର ଉଦ୍‌ଯାପନୀ ସନ୍ଧ୍ୟାରେ ମଞ୍ଚାସୀନ ଅତିଥିବୃନ୍ଦ।

ଲୋଇସିଂହା,୧୧।୧(ଡି.ଏନ.ଏ.) ବଲାଙ୍ଗୀର ଜିଲା ଲୋଇସିଂହା ଦୁର୍ଗାମଣ୍ଡପରେ ୨ଦିନ ଧରି ଚାଲିଥିବା ପୌଷପୂର୍ଣ୍ଣିମା ଉତ୍ସବ ଶୁକ୍ରବାର ରାତିରେ ଉଦ୍‌ଯାପିତ ହୋଇଯାଇଛି। ଭୂତନାଥ ନାଏକଙ୍କ ଅଧ୍ୟକ୍ଷତାରେ ସଭା କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା। ଏଥିରେ କଂଗ୍ରେସ ଯୁବନେତା ସମରେନ୍ଦ୍ର ମିଶ୍ର ମୁଖ୍ୟଅତିଥି, ବ୍ଲକ ଉପାଧ୍ୟକ୍ଷ ମନମୋହନ ପଟେଲ, କମିଟି ସଭାପତି ତ୍ରୟମ୍ବକେଶ୍ୱର ସିଂ ରାଏ, ଉପଦେଷ୍ଟା ବିଭୂତି ପଧାନ, ନବକିଶୋର ନାଏକ, ସରୋଜ ଭୂୟାଁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ। ସଭାକାର୍ଯ୍ୟକୁ ଅଭିଲାଷ ହୋତା ସଂଯୋଜନା କରିଥିଲେ। ଉଦ୍‌ଯାପନୀ ଦିବସ ଅପରାହ୍ନରେ ବଲାଙ୍ଗୀର ବିଧାୟକ ନରସିଂହ ମିଶ୍ର ସାମିଲ ହୋଇଥିଲେ। ଆୟୋଜକଙ୍କ ତରଫରୁ ପୁଷପୁନି ଉପଲକ୍ଷେ ପ୍ରସ୍ତୁତ ପିଠାପଣାକୁ ବସ୍ତି ପରିକ୍ରମା କରି ଲୋଇସିଂହାବସୀଙ୍କୁ ବଣ୍ଟନ କରିଥିଲେ। ଗୁରୁବାର ଉଦ୍‌ଘାଟନୀ ସନ୍ଧ୍ୟାରେ କମିଟି ସଭାପତି ତ୍ରୟମ୍ବକେଶ୍ୱର ସିଂ ରାଏ ଅଧ୍ୟକ୍ଷତା କରିଥିଲେ। ଏଥିରେ ଲୋଇସିଂହା ବିଧାୟକ ମୁକେଶ ମହାଲିଙ୍ଗ ମୁଖ୍ୟଅତିଥି ଭାବେ ଯୋଗଦେଇ ଆୟୋଜକଙ୍କୁ ପ୍ରଶଂସା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶମ୍ଭୁନାଥ ନାଏକ, ଅଭିଲାଷ ହୋତା, ରଞ୍ଜିତ ରାଏ, ରବୀନ୍ଦ୍ର ପୁଟେଲ ପ୍ରମୁଖ ମଞ୍ଚାସୀନ ଥିଲେ। ଉତ୍ସବର ପ୍ରଥମ ସନ୍ଧ୍ୟାରେ ରାଜ୍ୟ ସଂସ୍କୃତି ବିଭାଗ ପକ୍ଷରୁ କୋରାପୁଟର କଳାକାରମାନେ ଢେମସା ନୃତ୍ୟ ପ୍ରଦର୍ଶନ କରିଥିଲେ। ସେହିପରି ଲୋଇସିଂହାର ମଣିସଦା ଶାରଦା ଲୋକନୃତ୍ୟ, ଆଦିବସୀ ନୃତ୍ୟ ପ୍ରଦର୍ଶିତ ହୋଇଥିଲା। ଉଦଯାପନୀ ସନ୍ଧ୍ୟାରେ ସ୍ଥାନୀୟ କଳକାରଙ୍କ ସମେତ ଭୁବନେଶ୍ୱରର ନୃତ୍ୟାଙ୍ଗନା କଳାକାର ନୃତ୍ୟ ପ୍ରଦର୍ଶନ କରିଥିଲେ। ଉତ୍ସବ ଉପଲକ୍ଷେ କବାଡି ଓ ମେଣ୍ଢା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। କବାଡିରେ ଲୋଇସିଂହାକୁ ହରାଇ ସମ୍ବଲପୁର ଚାମ୍ପିୟନ ହୋଇଥିଲା।

### ଲୁହୁରାମୁଣ୍ଡାରେ ଗୋଷ୍ଠୀ ସଂଘର୍ଷ, ଦମ୍ପତିଙ୍କ ସମେତ ୪ ଗୁରୁତର

ଲୋଇସିଂହା,୧୧।୧(ଡି.ଏନ.ଏ.): ବଲାଙ୍ଗୀର ଜିଲା ଲୋଇସିଂହା ଥାନା ସାଲେଭଟା ଫାଣ୍ଡି ଅନ୍ତର୍ଗତ ଲୁହୁରାମୁଣ୍ଡା ଗ୍ରାମରେ ଶୁକ୍ରବାର ଦୁଇଗୋଷ୍ଠୀ ମଧ୍ୟରେ ସଂଘର୍ଷ ଘଟିଥିଲା। ଏଥିରେ ଦମ୍ପତିଙ୍କ ସହ ୪ଜଣ ଗୁରୁତର ଆହତ ହୋଇଛନ୍ତି। ଖବର ପାଇ ସାଲେଭଟା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଗୁରୁତରମାନଙ୍କୁ ଉଦ୍ଧାର କରି ବଲାଙ୍ଗୀର ଭୀମଭୋଇ ମେଡିକାଲକୁ ଚିକିତ୍ସା ପାଇଁ ପଠାଇଥିଲା। ଉଭୟ ପକ୍ଷରୁ ଥାନାରେ ଅଭିଯୋଗ ହୋଇ ନ ଥିବାରୁ ଥାନାରେ କୌଣସି ମାମଲା ରୁଜୁ ହୋଇ ନ ଥିବା ଏଏସ୍‌ଆଇ ଆର୍ତ୍ତତ୍ରାଣ ସାହୁ କହିଛନ୍ତି। ପୋଲିସ ସୂଚନା ମୁତାବକ, ଶୁକ୍ରବାର ପୁଷପୁନି ଉପଲକ୍ଷେ ଗାଁରେ ଜୁଆଖେଳ ଚାଲିଥିଲା। ଜୁଆ ଖେଳକୁ ଗାଁର ବୀର ବଜରଙ୍ଗ ଏସ୍‌ଏଚ୍‌ଜି ଗ୍ରୁପର ସଭାନେତ୍ରୀ ନେପୁରବାଗ ସମେତ ପ୍ରେମ ତାଣ୍ଡି, ବାରୁଣ ତାଣ୍ଡି ପ୍ରମୁଖ ବାରଣ କରିଥିଲେ। ହେଲେ ଜୁଆଡିମାନେ ଏହାକୁ ବିରୋଧ କରି ଯୁକ୍ତିତର୍କ କରିଥିଲେ। ପରେ ଉତ୍ତେଜନା ପରିସ୍ଥିତି ସୃଷ୍ଟି ହୋଇଥିଲା। ଗୋଷ୍ଠୀ ସଂଘର୍ଷରେ ଉଭୟ ପକ୍ଷର ରବୀନ୍ଦ୍ର ଶାହୁ, ତାଙ୍କର ସ୍ତ୍ରୀ କୁନ୍ତଳା ସାହୁ, ପ୍ରେମ ତାଣ୍ଡି ଓ ବାରୁଣ ତାଣ୍ଡି ଗୁରୁତର ଆହତ ହୋଇଥିବା ଏସ୍‌ଆଇ ସାହୁ ପ୍ରକାଶ କରିଛନ୍ତି।

# ବଙ୍ଗୋମୁଣ୍ଡା, ମୁରିବାହାଲରେ କେନ୍ଦ୍ର ସମବାୟ ବ୍ୟାଙ୍କ ଶାଖା ଉଦ୍‌ଘାଟିତ

ବଙ୍ଗୋମୁଣ୍ଡା/ମୁରିବାହାଲ, ୧୧।୧(ଡି.ଏନ୍.ଏ.): ବଲାଙ୍ଗୀର ଜିଲା କଣ୍ଟାବାଞ୍ଜି ନିର୍ବାଚନମଣ୍ଡଳୀ ଅଧୀନ ବଙ୍ଗୋମୁଣ୍ଡାରେ ବଲାଙ୍ଗୀର କେନ୍ଦ୍ର ସମବାୟ ବ୍ୟାଙ୍କ(ବିଡିସିସି)ଏକ ନୂତନ ଶାଖାର ଶୁଭାରମ୍ଭ ହୋଇଯାଇଛି। ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶାଖାର ଶୁଭାରମ୍ଭ କରିଥିଲେ। ବିଡିସିସି ସଭାପତି ଲକ୍ଷ୍ମଣ କୁମାର ମେହେରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ମନ୍ତ୍ରୀ ସ୍ୱାଇଁ, ସମ୍ମାନନୀୟ ଅତିଥି କଣ୍ଟାବାଞ୍ଜି ବିଧାୟକ ସଂନ୍ତୋଷ ସିଂ ସାଲୁଜା, ବିଡିସିସିର କାର୍ଯ୍ୟ ନିର୍ବାହୀ ଅଧିକାରୀ ବାଞ୍ଛାନିଧି ରାୟଗୁରୁ ପ୍ରମୁଖ ଉପସ୍ଥିତ ଥିଲେ। ସ୍ଥାନୀୟ ସରପଞ୍ଚ ସୁସାନ୍ତ କୁମାର ଯୋଷୀ, ସମସ୍ତ ସଭ୍ୟା, ସଭ୍ୟ, ବ୍ୟାଙ୍କ କର୍ମଚାରୀ କର୍ମଚାରୀ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ଅବସରରେ ବ୍ଲକର ବିଭିନ୍ନ ପଞ୍ଚାୟତର ୩୯୩ ହିତାଧିକାରୀଙ୍କୁ ଭଡା ପ୍ରଦାନ କରାଯାଇଥିଲା। ଏପରି କି ଚାଷୀଙ୍କୁ ଋଣ ପ୍ରଦାନ କରାଯାଇଥିଲା। ରବୀନ୍ଦ୍ର ସାହୁ ଧନ୍ୟବାଦ ଜ୍ଞାପନ କରିଥିଲେ।

ସେହିପରି ମୁରିବାହାଲଠାରେ ବଲାଙ୍ଗୀର କେନ୍ଦ୍ର ସମବାୟ ବ୍ୟାଙ୍କ (ବିଡିସିସି) ଏକ ନୂତନ ଶାଖାର ଶୁଭାରମ୍ଭ ହୋଇଯାଇଛି। ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ମୁଖ୍ୟଅତିଥି ଭାବେ ଯୋଗଦେଇ ଆନୁଷ୍ଠାନିକ ଭାବେ ବ୍ୟାଙ୍କର ଶୁଭାରମ୍ଭ କରିଥିଲେ। ଏଥିରେ କଣ୍ଟାବାଞ୍ଜି ବିଧାୟକ ସନ୍ତୋଷ ସିଂ ସାଲୁଜା, ଟିଟିଲାଗଡ଼ ଉପଜିଲାପାଳ ସୁଧାକର ନାଏକ, ପୂର୍ବତନ ବିଧାୟକ ହାଜି ମହମ୍ମଦ ଆୟୁବ ଖାଁ, ବଲାଙ୍ଗୀର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ବାଙ୍କାନିଧି ରାୟଗୁରୁ, ଦେଓଗାଁ ବ୍ଲକ ଅଧକ୍ଷ ରୀନା ମେହେର, ସମବାୟ ବ୍ୟାଙ୍କର ପରିଚାଳନା ସଦସ୍ୟ ସୁରେଶ ମେହେର, ଯୁବନେତା ସେଜି ସାଲୁଜା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ୨୮୧ଜଣ ଚାଷୀ ଓ ୯୮ଟି ଜିଏଲ୍‌ଜି ସହାୟକ ଗୋଷ୍ଠୀ ମହିଳାମାନଙ୍କୁ ଋଣ ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ନୂତନ ବ୍ୟାଙ୍କ ଅଧିକାରୀ ଜଗତ ଜୀବନ ବହିଦାର, ନେତ୍ରାରଞ୍ଜନ ମିଶ୍ର, ସହଦେବ ବାଗ, ରମାରଞ୍ଜନ ବଘାର, ବନମାଳୀ ଖମାରୀ, ସତ୍ୟନାରାୟଣ ବାଗ, ବିକାଶ ଆଡକୁଡେ, ରେଭେଣ୍ଟୁ ସାହୁ, ସନ୍ତୋଷ କୁମାର ସାହୁ, ପୀତାମ୍ବର ବାଗ ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ବଙ୍ଗୋମୁଣ୍ଡା ଶାଖା ପରିଚାଳକ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# ବିନେକେଲାରେ ଅଖଣ୍ଡ ବିଶ୍ୱଶାନ୍ତି ବ୍ରହ୍ମଯଜ୍ଞ

ଟିଟିଲାଗଡ଼,୧୧।୧(ଡି.ଏନ.ଏ.): ପବିତ୍ର ପୌଷ ପୂର୍ଣ୍ଣିମା ଅବସରରେ ଅନ୍ତରଙ୍ଗ ସତ୍ୟସନାତନ ମହିମା ଧର୍ମ ସଂଘ ଶାଖା ପକ୍ଷରୁ ବିନେକେଲା ମଠ ପ୍ରାଙ୍ଗଣରେ ଶୁକ୍ରବାର ରାତିରେ ଅଖଣ୍ଡ ମହିମା ବ୍ରହ୍ମଯଜ୍ଞ, ଧର୍ମ ସମ୍ମିଳନ ସମାରୋହରେ ଅନୁଷ୍ଠିତ ହୋଇଯାଇଛି। ସଂଘର ମୁଖ୍ୟ ବାବା ନୀଳକଣ୍ଠ ଦାସଙ୍କ ପୌରୋହିତ୍ୟରେ ସାଧୁ ସନ୍ଥଙ୍କ ଉପସ୍ଥିତିରେ ବ୍ରହ୍ମଯଜ୍ଞ ହୋଇଥିଲା। ଏନେଇ ଘଣ୍ଟ, ଶଙ୍ଖ, ଭଜନ ସହ ଶତାଧିକ ମହିଳା ପୁରୁଷ ଏକ କଳସ ଶୋଭାଯାତ୍ରାରେ ବାହାରି ଗ୍ରାମ ପରିକ୍ରମା କରିଥିଲେ। ଏପରି କି ଭକ୍ତମାନେ ଗୁରୁଙ୍କୁ ଏକ ଘୋଡା ଗାଡିରେ ବସାଇ ନଗର ପରିକ୍ରମ କରିଥିଲେ। ପରେ ଶୋଭାଯାତ୍ରା ମଠ ମଣ୍ଡପରେ ପହଞ୍ଚି ବ୍ରହ୍ମଧୁନୀ ସ୍ଥାପନ, ଅଖଣ୍ଡ ଦୀପ ପ୍ରଜ୍ୱଳନ, ବିଶ୍ୱ ଶାନ୍ତି ନିମନ୍ତେ ପରମେଶ୍ୱରଙ୍କୁ ସମବେତ ପ୍ରାର୍ଥନା କରାଯାଇଥିଲା। ପରେ ଯଜ୍ଞ କର୍ମ ଆରମ୍ଭ ହୋଇଥିଲା। ବାବାଙ୍କ ପ୍ରବଚନ ଶୁଣିବାକୁ ଭକ୍ତଙ୍କ ଗହଳି ଲାଗି ରହିଥିଲା। ଶନିବାର ପ୍ରଭାତରେ ପ୍ରଭୁଙ୍କୁ ଅହ୍ଲଣିଆ ଅର୍ପଣ ପରେ କାର୍ଯ୍ୟକ୍ରମ ସମ୍ପନ୍ନ ହୋଇଥିଲା। ଏଥିରେ ଟିଟିଲାଗଡ଼ ବ୍ଲକ ଅଧକ୍ଷା ରମାକାନ୍ତି ପୁଟେଲ, ଉପାଧକ୍ଷ ଭୋଦର ମାଝି, ପୂର୍ବତନ ପୌରାଧକ୍ଷ ଗୋବର୍ଦ୍ଧନ ନାଗ, ସରପଞ୍ଚ ହରି ମାଝି, ଗୟ ବଗର୍ତ୍ତି ପ୍ରମୁଖ ଉପସ୍ଥିତ ରହିଥିଲେ। ପ୍ରେମରାଜ, ତାରାଚନ୍ଦ, ନାରାୟଣ, ରୋହିତ, ପ୍ରଦୀପ, ଦୁଷ୍ମନ୍ତ, କୌଶିକ, ଧରଣୀଧର, କୃଷ୍ଣ ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।



ଅଖଣ୍ଡ ବିଶ୍ୱଶାନ୍ତି ବ୍ରହ୍ମଯଜ୍ଞ ଅବସରରେ ବାହାରିଥିବା କଳସ ଶୋଭାଯାତ୍ରା।

# ଖପ୍ରାଖୋଲରେ ବ୍ଲକସ୍ତରୀୟ ଦିବ୍ୟାଙ୍ଗ ଚିହ୍ନଟ ଶିବିର

ଖପ୍ରାଖୋଲ,୧୧।୧(ଡି.ଏନ.ଏ.) ସ୍ଥାନୀୟ ପ୍ରାଥମିକ ବିଦ୍ୟାଳୟ ପରିସରରେ ସର୍ବ ଶିକ୍ଷା ଅଭିଯାନ ଏବଂ ବ୍ଲକ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟର ମିଳିତ ଉଦ୍ୟମରେ ବ୍ଲକସ୍ତରୀୟ ଦିବ୍ୟାଙ୍ଗ ଛାତ୍ରୀଛାତ୍ରମାନଙ୍କ ଚିହ୍ନଟ ଶିବିର ଶନିବାର ଅନୁଷ୍ଠିତ ହୋଇଯାଇଛି। ବଲାଙ୍ଗୀର ଜିଲା ସର୍ବ ଶିକ୍ଷା ଅଭିଯାନ ସଂଯୋଜକ ପ୍ରଶାନ୍ତ ସରାଫଙ୍କ ନେତୃତ୍ୱରେ ଅନୁଷ୍ଠିତ ଶିବିରରେ ବ୍ଲକ ଶିକ୍ଷା ଅଧିକାରୀ ଷଷ୍ଠି ପ୍ରସାଦ ଝାଙ୍କର, ସହଶିକ୍ଷା ଅଧିକାରୀ ବୀରେନ୍ଦ୍ର କୁମାର ସାହୁ, ବିଆରଟି ଗୋକୁଳ ମେହେର, ସିଆରସିସି ଶାନ୍ତନୁ କୁମାର ବାରିକ, କୁଞ୍ଜ ବିହାରୀ ସରାଫ୍, ନମିତା ମଣ୍ଡଳଙ୍କ ସମେତ ଶିକ୍ଷୟିତ୍ରୀ ଶିକ୍ଷକ ଉପସ୍ଥିତ ଥିଲେ। ଶିବିରରେ ଅସ୍ଥିଶଲ୍ୟ ବିଶେଷଜ୍ଞ ଡା. ଅମିତ କୁମାର ମିଶ୍ର, ଡା.ସୁରେନ୍ଦ୍ର ଭୋଇ, ଡା. ରଞ୍ଜିତା ପଣ୍ଡା, ଡା.ଶୁଭାସିନୀ ମିଶ୍ର ପ୍ରମୁଖ ଯୋଗଦେଇ ଦିବ୍ୟାଙ୍ଗ ଛାତ୍ରୀଛାତ୍ରଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରି ପ୍ରମାଣପତ୍ର ପ୍ରଦାନ କରିଥିଲେ। ଏପରି କି ବିଦ୍ୟାଙ୍ଗ ଛାତ୍ରୀଛାତ୍ରୀମାନଙ୍କୁ ବିଭିନ୍ନ ଉପକରଣ ପ୍ରଦାନ ନେଇ ଚିହ୍ନଟ କରାଯାଇଥିଲା। ଆଗାମୀ ଦିନରେ ଚିହ୍ନଟ ଦିବ୍ୟାଙ୍ଗ ଛାତ୍ରୀଛାତ୍ରମାନଙ୍କୁ ଉପକରଣ ଦିଆଯିବ ବୋଲି ଜିଲା ସଂଯୋଜକ ସରାଫ ପ୍ରକାଶ କରିଛନ୍ତି।



ଡାକ୍ତର ବିଶେଷଜ୍ଞ ଦଳ ଛାତ୍ରୀଛାତ୍ରଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରୁଛନ୍ତି।



ରାମ ନାମ ପାପୀମାନଙ୍କ
ପାଇଁ ପରମ ଔଷଧ।
- ମହର୍ଷି ବାଲ୍ମୀକି



## ସଂକ୍ଷେପରେ

### ନିଆଁରେ ପୋଡ଼ି ଗୁରୁତର ମହିଳାଙ୍କ ଚିକିତ୍ସାଧୀନରେ ମୃତ୍ୟୁ

ଲାଞ୍ଜିଗଡ଼,୧୧।୧(ଡି.ଏନ.ଏ.)
ପ୍ରବଳ ଶୀତରୁ ରକ୍ଷା ପାଇଁ ନିଆଁ ପୋଉଁଥିବାବେଳେ ଅସାବଧାନତାବଶତଃ ଶାଢ଼ିରେ ନିଆଁ ଲାଗିଯିବାରୁ ଲାଞ୍ଜିଗଡ଼ ଥାନା ପ୍ରତାପପୁର ଗାଁର ପ୍ରେମ ହରିଜନ (୩୫) ନାମକ ଜଣେ ମହିଳାଙ୍କ ଚିକିତ୍ସାଧୀନ ଅବସ୍ଥାନରେ ମୃତ୍ୟୁ ଘଟିଛି। ପୋଲିସସୂତ୍ର ଅନୁଯାୟୀ, ପ୍ରତାପପୁର ଗାଁର ମହେନ୍ଦ୍ର ହରିଜନଙ୍କ ସ୍ତ୍ରୀ ପ୍ରେମ ଗତ ୫ ତାରିଖ ସକାଳେ ପଡ଼ୋଶୀଙ୍କ ଘର ଅଗଣାରେ ନିଆଁ ପୋଉଁଥିଲେ। ଏହି ସମୟରେ ନିଆଁର ଧାସ ବଢ଼ିଯିବା ସହ ତାଙ୍କ ପିନ୍ଧିଥିବା ଶାଢ଼ିରେ ଲାଗିଯିବାରୁ ଗୋଡ଼ରୁ ଅଣ୍ଟାଯାଏଁ ପୋଡ଼ି ଯାଇଥିଲେ। ପରିବାର ଲୋକେ ତାଙ୍କୁ ଗୁରୁତର ଭାବେ ଉଦ୍ଧାର କରି ପ୍ରଥମେ ବିଶ୍ୱନାଥପୁର, ଭବାନୀପାଟଣା ଓ ସେଠାରୁ ବିଷମକଟକ ଖ୍ରୀଷ୍ଟିୟାନ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାନରେ ତାଙ୍କର ମୃତ୍ୟୁ ଘଟିଛି। ଖବର ପାଇ ବିଷମକଟକ ପୋଲିସ ଘଟଣାସ୍ଥଳକୁ ଯାଇ ଲାଞ୍ଜିଗଡ ପୋଲିସକୁ ସୂଚନା ଦେଇଥିଲା। ଲାଞ୍ଜିଗଡ ପୋଲିସ ଏସ୍ଆଇ ବିପିନ କୁମାର କୁଲଦୀପ୍ ସଦଳବଳେ ହସ୍ପିଟାଲରେ ପହଞ୍ଚିବା ସହ ଶବ ଜବତ କରି ସେଠାରେ ଶବ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲେ। ଏ ନେଇ ଲାଞ୍ଜିଗଡ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

### ବ୍ଲକସ୍ତରୀୟ ରାଷ୍ଟ୍ରୀୟ ବାଲ୍ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ

ପର୍ଲା,୧୧।୧ (ଡି.ଏନ.ଏ.):
କଳାହାଣ୍ଡି ଜିଲା ଧର୍ମଗଡ଼ ବ୍ଲକ ପର୍ଲା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଆନୁକୂଲ୍ୟରେ ଶୁକ୍ରବାର ବ୍ଲକସ୍ତରୀୟ ରାଷ୍ଟ୍ରୀୟ ବାଲ୍ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ଜୟନ୍ତପୁରସ୍ଥିତ କନ୍ୟା ଆଶ୍ରମ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଧର୍ମଗଡ଼ ବ୍ଲକ ଶିକ୍ଷା ଅଧୀନ ଓ ଶିଶୁ ବିକାଶ ଯୋଜନା ଅଧୀନ ଅଙ୍ଗନୱାଡ଼ି କେନ୍ଦ୍ରର ଛାତ୍ରୀଛାତ୍ରମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ମାଗଣାରେ ବଣ୍ଟନ କରାଯାଇଥିଲା। ତେବେ ଛାତ୍ରୀଛାତ୍ରଙ୍କ ଉଚ୍ଚତର ଚିକିତ୍ସା ପାଇଁ କଟକ ଏବଂ ବୁର୍ଲା ଡାକ୍ତରଖାନାରେ ମାଗଣାରେ ଚିକିତ୍ସା ସେବା ଯୋଗାଇ ଦେବା ନେଇ ବ୍ୟବସ୍ଥା ରହିଥିବା ଡାକ୍ତର ଲଳିତ ବେହେରା ପ୍ରକାଶ କରିଛନ୍ତି। କାର୍ଯ୍ୟକ୍ରମରେ ଭବାନୀପାଟଣାସ୍ଥିତ ଜିଲା ମୁଖ୍ୟ ଡାକ୍ତରଖାନାର ଚକ୍ଷୁ ବିଶେଷଜ୍ଞ ଡା. ଯୁଧିଷ୍ଠିର ପାତ୍ର, ଦାନ୍ତ ରୋଗ ବିଶେଷଜ୍ଞ ଡା. ସୌମ୍ୟ ରଞ୍ଜନ ବେହେରା, ଡା. ଜୟରାମ ମଙ୍ଗରାଜ, ଡା. ସ୍ମରଣିକା ପଣ୍ଡାଙ୍କ ତତ୍ତ୍ୱାବଧାନରେ ଛାତ୍ରୀଛାତ୍ରମାନଙ୍କୁ ଚିକିତ୍ସା କରାଯାଇଥିଲା। କାର୍ଯ୍ୟକ୍ରମରେ ବିଭିନ୍ନ ସ୍କୁଲର ୨ଶହଜଣ ଛାତ୍ରୀଛାତ୍ରଙ୍କୁ ଚିକିତ୍ସା କରାଯାଇ ଚଷମା, ଶ୍ରବଣ ଯନ୍ତ୍ରୀ, ଔଷଧ ମାଗଣାରେ ଦିଆଯାଇଥିବାବେଳେ ଅପରେଶନ ଭିତ୍ତିକ ରୋଗୀଙ୍କୁ ଚିହ୍ନଟ କରାଯାଇ କଟକ ନେବା ପାଇଁ ବ୍ୟବସ୍ଥା କରାଯାଇଛି । କାର୍ଯ୍ୟକ୍ରମକୁ ଫାର୍ମାସିଷ୍ଟ ଓମପ୍ରକାଶ ସାହୁଙ୍କ ସହ କର୍ମଚାରୀମାନେ ସହଯୋଗ କରିଥିଲେ।

ନବୋଦୟ ପ୍ରବେଶିକା ପରୀକ୍ଷା ପଞ୍ଜୀକରଣରେ ତ୍ରୁଟି

# ପରୀକ୍ଷାରୁ ବଞ୍ଚିତ ୧୨ ଛାତ୍ରୀଛାତ୍ର

ଲାଞ୍ଜିଗଡ଼,୧୧।୧ (ଡି.ଏନ.ଏ.)

ଫର୍ମ ଗ୍ରହଣ ଓ ନାମ ପଞ୍ଜୀକରଣରେ ତ୍ରୁଟି ଯୋଗୁ ୧୨ଜଣ ଛାତ୍ରୀଛାତ୍ର ନବୋଦୟ ପ୍ରବେଶିକା ପରୀକ୍ଷା ଦେବାରୁ ବଞ୍ଚିତ ହୋଇଛନ୍ତି । ଏଭଳି ଘଟଣା କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ବ୍ଲକରେ ଘଟିଥିବା ବେଳେ ତାହା ଏବେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ସାଜିଛି। ସୂଚନାନୁଯାୟୀ, ୨୦୨୦-୨୦୨୧ ଶିକ୍ଷାବର୍ଷ ଓ ଷଷ୍ଠ ଶ୍ରେଣୀ ପାଇଁ ଲାଞ୍ଜିଗଡ ବ୍ଲକର ଶତାଧିକ ଛାତ୍ରୀଛାତ୍ର ନବୋଦୟ ବିଦ୍ୟାଳୟ ନର୍ଲାର ପ୍ରବେଶିକା ପରୀକ୍ଷା ଦେବା ପାଇଁ ନିଜ ସ୍କୁଲ ଓ ପ୍ରଧାନଶିକ୍ଷକଙ୍କ ଫର୍ମ୍ ଆବେଦନ କରିଥିଲେ । ଗତ ଜୁଲାଇ ୧ରୁ ଆରମ୍ଭ ହୋଇଥିବା ଆବେଦନର ଶେଷ ତାରିଖକୁ ପରବର୍ତ୍ତୀ ସମୟରେ ସେପ୍ଟେମ୍ବର ୩୦ ତାରିଖ ଯାଏଁ ନବୋଦୟ ସମିତି ବୃଦ୍ଧି କରିଥିଲା । ଲାଞ୍ଜିଗଡ ବ୍ଲକର ବିଭିନ୍ନ ସ୍କୁଲ ଛାତ୍ରୀଛାତ୍ରମାନେ ଏହି ନିର୍ଦ୍ଦେଶନାମା ଅନୁସାରେ ନିଜ ସ୍କୁଲ କର୍ତ୍ତୃପକ୍ଷଙ୍କ ଜରିଆରେ ପ୍ରବେଶିକା ପାଇଁ ଆବେଦନ କରିଥିବାବେଳେ ବ୍ଲକ ଅତିରିକ୍ତ ଶିକ୍ଷାଧିକାରୀ କାଶୀନାଥ ରାଉତରାୟ ଏହା ଦାୟିତ୍ୱରେ ଥିଲେ। ଶନିବାର ନବୋଦୟ ବିଦ୍ୟାଳୟ ପ୍ରବେଶିକା ପରୀକ୍ଷା ବିଶ୍ୱନାଥପୁରସ୍ଥିତ ଗୋପବନ୍ଧୁ ହାଇସ୍କୁଲରେ ଅନୁଷ୍ଠିତ ହୋଇଥିବା ବେଳେ ୪ଟି ସ୍କୁଲ ୧୨ଜଣ ଛାତ୍ରୀଛାତ୍ରଙ୍କ ନାମ ପଞ୍ଜୀକରଣରୁ ବାଦ୍ ପଡିଥିବା ଜଣାପଡିଥିଲା। ଫଳରେ ଉପରୋକ୍ତ ଛାତ୍ରୀଛାତ୍ର ପରୀକ୍ଷା ଦେବାରୁ ବଞ୍ଚିତ ହୋଇଥିଲେ। ବ୍ଲକର ଦନାରଗୁଡା ପ୍ରାଥମିକ ବିଦ୍ୟାଳୟର ଅର୍ଜୁନ ମାଝି, ମୀନତୀ ହରିଜନ, ଜଗନ୍ନାଥପୁର ସ୍କୁଲର ସଞ୍ଜୟ ମାଝି, ଉମେଶ ଗରଡିଆ, ବିଶ୍ୱନାଥପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଅର୍ଚ୍ଚିତା ଦଣ୍ଡସେନା, ସୂରଜ ନାଗ, ଗୁପ୍ତେ କୁଶଲିଆ, ବ୍ଲକ କଲୋନୀ ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ନେହା ବାରିକ, ପୂଜା ସୁନା, ଗଣେଶ କରୁଆଁ, ସଂଯୁକ୍ତା ବାଥଲିଆ, ସିଦ୍ଧି ଗଉଡଙ୍କ ପ୍ରବେଶପତ୍ର ହିଁ ମିଳି ନ ଥିବାବେଳେ ଏଭଳି ତ୍ରୁଟି ଦେଖି ଛାତ୍ରୀଛାତ୍ରଙ୍କ ସମେତ ଅଭିଭାବକମାନେ ନିରାଶ ହୋଇପଡିଥିଲେ। ଉଦ୍ଦେଶ୍ୟ ମୂଳକ ଭାବେ ସେମାନଙ୍କ ପୁଅଝିଅଙ୍କ ନାମ ପଞ୍ଜୀକରଣ କରାଗଲା ନାହିଁ ବୋଲି ସେମାନେ ହୋହଲ୍ଲା କରିଥିଲେ। ଏହାକୁ ନେଇ ଦୀର୍ଘ ସମୟ ଧରି ପାଟିତୁଣ୍ଡ କରିଥିଲେ ହେଁ କୌଣସି ଫଳ ମିଳି ନ ଥିଲା । ଫଳରେ ଏହି ୧୨ ଜଣ ଛାତ୍ରୀଛାତ୍ର ନିରାଶ ହୋଇ ଘରକୁ ଫେରିଯିବା ସହ ବ୍ଲକ ଶିକ୍ଷା ବିଭାଗ ସେମାନଙ୍କ ଭବିଷ୍ୟତ ସହ ଖେଳ ଖେଳିଥିବା ଅଭିଯୋଗ କରିଛନ୍ତି । ଏ ସମ୍ପର୍କରେ ବ୍ଲକ ଅତିରିକ୍ତ ଶିକ୍ଷାଧିକାରୀ କାଶୀନାଥ ରାଉତରାୟଙ୍କୁ ପଚାରିବାରୁ ଏଭଳି ହେବା କଥା ନୁହେଁ, ଆମେ ସବୁତକ ଫର୍ମ୍ ନବୋଦୟ ବିଦ୍ୟାଳୟକୁ ପଠାଇ ଦେଇଥିଲୁ । କିନ୍ତୁ କୌଣସି କାରଣରୁ ଏହି ଛାତ୍ରଛାତ୍ରୀଙ୍କ ନାମ ବାଦ୍ ପଡିଲା ତାହା ଆଶ୍ଚର୍ଯ୍ୟର ବିଷୟ ବୋଲି କହିବା ସହିତ ଏହି ଘଟଣାକୁ ନେଇ ସେ ଦୁଃଖ ପ୍ରକାଶ କରିଛନ୍ତି।



ପଞ୍ଚାୟତସ୍ତରୀୟ ଘୁମୁରା ଉତ୍ସବରେ ଜଣେ ଛାତ୍ରଙ୍କୁ ପୁରସ୍କୃତ କରାଯାଉଛି ।

## ପଞ୍ଚାୟତସ୍ତରୀୟ କଳାହାଣ୍ଡି ଉତ୍ସବ

ବାରବନ୍ଧା,୧୧।୧ (ଡି.ଏନ.ଏ.)

କଳାହାଣ୍ଡି ଜିଲା ମ. ରାମପୁର ବ୍ଲକ ବାରବନ୍ଧା ପଞ୍ଚାୟତ କାର୍ଯ୍ୟାଳୟରେ ପଞ୍ଚାୟତସ୍ତରୀୟ କଳାହାଣ୍ଡି ଉତ୍ସବ ଘୁମୁରା ଅନୁଷ୍ଠିତ ହୋଇଥିଲା । ଆୟୋଜିତ ଉତ୍ସବରେ ମୁଖ୍ୟଅତିଥି ଭାବେ ସାମାଜିକ କର୍ମୀ ରାଜେଶ କୁମାର ପାଠକ, ସମ୍ମାନିତ ଅତିଥି ଭାବେ ସରପଞ୍ଚ ରମଣୀ ଛତ୍ରିଆ, ପିଇଓ ରାଶି ମାଝି, ପୂର୍ବତନ ସରପଞ୍ଚ ଚୈତନ୍ୟ ପ୍ରସାଦ ମାଝି, ଜିଆର୍ଏସ୍, ସୁରେନ୍ଦ୍ର କୁମାର ପାଠକ, ସିଆର୍ସିସି ରାଧୁ ପାତ୍ର ଓ ତନୁରାମ ଛତ୍ରିଆ ଯୋଗଦେଇ ଉତ୍ସବ ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ। ବିଭିନ୍ନ ୱାର୍ଡର ସଭ୍ୟସଭ୍ୟା ଓ ପଞ୍ଚାୟତ ସମିତି ସଭ୍ୟା ଯୋଗଦେଇଥିଲେ। ବିଭିନ୍ନ ବିଦ୍ୟାଳୟରୁ ଛାତ୍ରୀଛାତ୍ର, ପୁରୁଷ ଏବଂ ମହିଳାମାନଙ୍କ ପାଇଁ ପ୍ରତିଯୋଗିତା କରାଯାଇ ପୁରସ୍କୃତ କରାଯାଇଥିଲା। ଉତ୍ସବରେ ସୁରେନ୍ଦ୍ର କୁମାର ପାଠକ ମଞ୍ଚ ପରିଚାଳନା କରିଥିବା ବେଳେ ପରାବୁଲୁ ମହାନନ୍ଦ, ଅନିରୁଦ୍ଧ ପୋଢ଼, ନରୋତ୍ତମ ଚନ୍ଦନ ଓ ରବି ଘଡେଇ ସହଯୋଗ କରିଥିଲେ ।



ସଚେତନତା ଶୋଭାଯାତ୍ରାକୁ ଶକ୍ତିମନ୍ତ୍ରୀ କ୍ୟା. ଦିବ୍ୟଶଙ୍କର ମିଶ୍ର ଉଦ୍‌ଘାଟନ କରୁଛନ୍ତି ।

## ଜିଲାରେ ସପ୍ତାହ ବ୍ୟାପୀ ସଡ଼କ ସୁରକ୍ଷା କାର୍ଯ୍ୟକ୍ରମ ଆରମ୍ଭ

ଭବାନୀପାଟଣା,୧୧।୧ (ଡି.ଏନ.ଏ.)

କଳାହାଣ୍ଡି ଜିଲା ଆଞ୍ଚଳିକ ପରିବହନ ବିଭାଗ ଏବଂ ଜିଲା ପ୍ରଶାସନ ମିଳିତ ଉଦ୍ୟମରେ ସପ୍ତାହବ୍ୟାପୀ ସଡ଼କ ସୁରକ୍ଷା କାର୍ଯ୍ୟକ୍ରମ ଶନିବାରଠାରୁ ଆରମ୍ଭ ହୋଇଯାଇଛି। ଏହି କାର୍ଯ୍ୟକ୍ରମ ଆସନ୍ତା ଶୁକ୍ରବାର ପର୍ଯ୍ୟନ୍ତ ଚାଲିବ ବୋଲି ଜିଲା ଆଞ୍ଚଳିକ ପରିବହନ ଅଧିକାରୀ ଦୀନବନ୍ଧୁ ଶୁଣ୍ଠି କହିଛନ୍ତି। ଏହି ଉପଲକ୍ଷେ ପୂର୍ବାହ୍ନରେ ଏକ ସଡକ ସୁରକ୍ଷା ସଚେତନତା ରାଲି ସହ ଏକ ସଚେତନତା ରଥ ଜିଲାପାଳଙ୍କ କାର୍ଯ୍ୟାଳୟଠାରୁ ବାହାରି ସହର ପରିକ୍ରମା କରିବା ସହ ସ୍ଥାନୀୟ ମାଣିକେଶ୍ୱରୀ ହାଇସ୍କୁଲକ ପରିସରରେ ପହଞ୍ଚିଥିଲା। ସେଠାରେ ଏକ ସଚେତନତା ସଭା ହୋଇଥିଲେ। ଏହି ଶୋଭାଯାତ୍ରାରେ ବିଭିନ୍ନ ସ୍କୁଲ, କଲେଜ ଏନ୍‌ସିସି ଛାତ୍ରଙ୍କ ସହ ବିଭିନ୍ନ ବିଦ୍ୟାଳୟ ଛାତ୍ରୀଛାତ୍ର, ସ୍ୱେଚ୍ଛାସେବୀ ଏବଂ ଜନସାଧାରଣ ଅଂଶଗ୍ରହଣ କରିଥିଲେ। ସଚେତନତା ଶୋଭାଯାତ୍ରାକୁ ଶକ୍ତିମନ୍ତ୍ରୀ କ୍ୟା. ଦିବ୍ୟଶଙ୍କର ମିଶ୍ର ସବୁଜ ପତାକା ଦେଖାଇ ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମରେ କଳାହାଣ୍ଡି ଅତିରିକ୍ତ ଜିଲାପାଳ ଶରତଚନ୍ଦ୍ର ଶ୍ରୀଚନ୍ଦନ, ଅତିରିକ୍ତ ପୋଲିସ ଏସ୍‌ପି ମନୋଜ କୁମାର ମାହନ୍ତ, ଜିଲା ଆଞ୍ଚଳିକ ପରିବହନ ଅଧିକାରୀ ଶୁଣ୍ଠି, ଭବାନୀପାଟଣା ଟାଉନ ଆଇଆଇସି ସତ୍ୟ କୁମାର ନନ୍ଦ, ଟ୍ରାଫିକ ଇନ୍ସପେକ୍ଟର ସମରେନ୍ଦ୍ର ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ମହାବିଦ୍ୟାଳୟ ଏବଂ ବିଭିନ୍ନ ଉଚ୍ଚବିଦ୍ୟାଳୟ ଏନ୍‌ସିସି ଛାତ୍ରଙ୍କ ସହିତ ଏନ୍‌ସିସି ଅଫିସର ରବି କାନୁନଗୋ, ଶରତ ପୁରୋହିତ୍, ଗଦାଧର ନନ୍ଦ ଏବଂ ସ୍ୱେଚ୍ଛାସେବୀ ଅମିତ ଯାଦବ ପ୍ରମୁଖ ଉପସ୍ଥିତ ଥିଲେ। ଉଲ୍ଲେଖଯୋଗ୍ୟ ଯେ, ଶନିବାରଠାରୁ ସମଗ୍ର ଜିଲାରେ ୭ ଦିନ ବ୍ୟାପୀ ଏହି ସଡକ ସୁରକ୍ଷା ସପ୍ତାହ ପାଳନ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଧର୍ମଗଡଠାରୁ ଆରମ୍ଭ କରି କେସିଙ୍ଗା, ଜୁନାଗଡ, ଲାଞ୍ଜିଗଡ, ନର୍ଲା ଓ କର୍ଲାମୁଣ୍ଡା ଆଦି ୧୩ଟି ବ୍ଲକରେ ମୁଖ୍ୟ କାର୍ଯ୍ୟାଳୟ ତଥା ଗ୍ରାମାଞ୍ଚଳରେ ମଧ୍ୟ ଏହି କାର୍ଯ୍ୟକ୍ରମ ପାଳନ କରାଯାଉଛି। ଏହାଦ୍ୱାରା ଜନସାଧାରଣ ସଚେତନ ହେଲେ ସମ୍ପ୍ରତି ଘଟୁଥିବା ରାସ୍ତା ଦୁର୍ଘଟଣାକୁ କ୍ରମଶଃ ହ୍ରାସ ପାଇବ ବୋଲି ଆରଟିଓ ଶୁଣ୍ଠି ପ୍ରକାଶ କରିଛନ୍ତି।

### ବ୍ଲକସ୍ତରୀୟ କଳାହାଣ୍ଡି ଉତ୍ସବ ହେବା ନେଇ ସନ୍ଦେହ

କର୍ଲାମୁଣ୍ଡା,୧୧।୧ (ଡି.ଏନ.ଏ.)

କଳାହାଣ୍ଡି ଜିଲାର ବିଭିନ୍ନ ଗ୍ରାମପଞ୍ଚାୟତ ଓ ବ୍ଲକସ୍ତରୀୟ କଳାହାଣ୍ଡି ଉତ୍ସବ-୨୦୨୦ ଅନୁଷ୍ଠିତ ହୋଇ ସାରିଥିବା ବେଳେ କର୍ଲାମୁଣ୍ଡା ବ୍ଲକରେ ବ୍ଲକସ୍ତରୀୟ କଳାହାଣ୍ଡି ଉତ୍ସବ ହେବ କି ନାହିଁ ବିଭିନ୍ନ ସୁଦ୍ଧା ତାହା ସ୍ପଷ୍ଟ ହୋଇ ନ ଥିବା ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚା ହେଉଛି। ଏପରିକି ବ୍ଲକର ୧୨ଟି ଗ୍ରାମପଞ୍ଚାୟତ ମଧ୍ୟରୁ କୌଣସି ପଞ୍ଚାୟତରେ ମଧ୍ୟ ପଞ୍ଚାୟତସ୍ତରୀର କଳାହାଣ୍ଡି ଉତ୍ସବ ପାଳନ କରା ନ ଯିବା ଦୁର୍ଭାଗ୍ୟର ବିଷୟ ବୋଲି ବୁଦ୍ଧିଜୀବୀ ମାନେ ମତ ପ୍ରକାଶ କରିଛନ୍ତି। ସୂଚନାଯୋଗ୍ୟ ଯେ, ଗତବର୍ଷ ବ୍ଲକସ୍ତରୀୟ କଳାହାଣ୍ଡି ଉତ୍ସବ ବିଶୃଙ୍ଖଳା ସହିତ ସପାନ ହୋଇଥିବା ବେଳେ ଉତ୍ସବ ଉଦ୍‌ଯାପନୀ ସଭା ଆରମ୍ଭରୁ ମଞ୍ଚ ଉପରେ କିଏ ବସିବେ ସେ ନେଇ ବ୍ଲକ ଅଧ୍ୟକ୍ଷା ଓ କିଛି ରାଜନୈତିକ ବ୍ୟକ୍ତିଙ୍କ ମଧ୍ୟରେ ଟଣାଓଟରା ହୋଇ ଉତ୍ସବ ସ୍ଥଗିତ ହୋଇଥିଲା। ସେହିପରି ଚଳିତବର୍ଷ ମଧ୍ୟ ବ୍ଲକସ୍ତରୀୟ କଳାହାଣ୍ଡି ଉତ୍ସବ ପାଇଁ କର୍ଲାମୁଣ୍ଡା ପଞ୍ଚାୟତ ସମିତି ପତ୍ର ସଂଖ୍ୟା ୨୮୭୯, ତା. ୩୧।୧୨।୨୦୧୯ ଅନୁଯାୟୀ ଗତ ୩।୧।୨୦୨୦ ବିଡିଓଙ୍କ କାର୍ଯ୍ୟାଳୟରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇ ବିଭିନ୍ନ ଦାୟିତ୍ୱ ବଣ୍ଟନ କରାଯାଇଥିଲା। ଉତ୍ସବ ପାଳନ ପାଇଁ ଚାନ୍ଦା ଆଦାୟକୁ ନେଇ ବ୍ଲକ ଅଧ୍ୟକ୍ଷା ମ.ରାମପୁର ଥାନରେ ବେଆଇନ ଚାନ୍ଦ ଆଦାୟ କରୁଥିବା ଅଭିଯୋଗ କରି ବ୍ଲକ କିଛି ବ୍ୟକ୍ତିଙ୍କ ନାମରେ ମାମଲା ରୁଜୁ କରିବା ପରେ ବର୍ତ୍ତମାନ କର୍ଲାମୁଣ୍ଡାରେ ବ୍ଲକସ୍ତରୀୟ କଳାହାଣ୍ଡି ଉତ୍ସବ ପାଳନ ହେବ କି ନାହି ତାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।

## ଜିଲାସ୍ତରୀୟ ଜାତୀୟ ସଂହତି ଶିବିର ଉଦ୍‌ଯାପିତ

କର୍ଲାମୁଣ୍ଡା,୧୧।୧ (ଡି.ଏନ.ଏ.)



ସର୍ବଶ୍ରେଷ୍ଠ ସ୍କାଉଟ୍ ମାଷ୍ଟର ଭାବେ କର୍ଲାମୁଣ୍ଡା ପଞ୍ଚାୟତ ସମିତି ପବିତ୍ରମୋହନ ପାଶାଙ୍କୁ ସମ୍ମାନିତ କରାଯାଉଛି।

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ସଦରସ୍ଥିତ ପୁଟିଗାଁ ଚିନାବାଡିଠାରେ ଜିଲାସ୍ତରୀୟ ଭାରତ ସ୍କାଉଟ ଆଣ୍ଡ ଗାଇଡ ପକ୍ଷରୁ ଚାଲିଥିବା ଜିଲାସ୍ତରୀୟ ଜାତୀୟ ସଂହତି ଶିବିର ଶୁକ୍ରବାର ଉଦଯାପିତ ହୋଇଯାଇଛି। ଏଥିରେ ଜାମ୍ବୋରିକୁ ସ୍ଥାନୀୟ ବିଧାୟକ ଭୂପିନ୍ଦର ସିଂ ଉଦଘାଟନ କରିଥିଲେ। ପ୍ରଥମ ସଦିବସରେ ଗୋଷ୍ଠୀ ଶିକ୍ଷା ଅଧିକାରୀ ଆଲୁମାଲୁ ଭୀମରାଜ ଅଧ୍ୟକ୍ଷତା କରିଥିବା ବେଳେ ମୁଖ୍ୟଅତିଥି ଭାବେ ନର୍ଲା ବିଧାୟକ ସିଂ, ସମ୍ମାନିତ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ଅମ୍ରିତା ସାହୁ, ତହସିଲଦାର ବାସନ୍ତୀ ସେଠୀ, ଗଜବାହାଲ ହାଇସ୍କୁଲ ପ୍ରଧାନଶିକ୍ଷକ ବିଜୟ ପୁରୋହିତ, କର୍ଲାମୁଣ୍ଡା ଯୁକ୍ତ ୨ କଲେଜ ଅଧ୍ୟକ୍ଷ ଗୁପ୍ତେଶ୍ୱର ସାହୁ, ସ୍କାଉଟ ଆଣ୍ଡ ଗାଇଡ ସମ୍ପାଦକ ମହେନ୍ଦ୍ର କୁମାର ପଣ୍ଡା, କମିଶନର ସୁନିଲ କୁମାର ବେହେରା ପ୍ରମୁଖ ସ୍କାଉଟ କ୍ୟାମ୍ପରେ ଯୋଗଦେଇଥିବା ଛାତ୍ରୀଛାତ୍ରଙ୍କ ଶୃଙ୍ଖଳାଜ୍ଞାନ ସେମାନଙ୍କ ଭବିଷ୍ୟତ ଗଠନରେ ସହାୟକ ହୋଇଥାଏ ବୋଲି କହିଥିଲେ। ଦ୍ୱିତୀୟ ଦିବସରେ ଅତିଥି ଭାବେ ଅବସରପ୍ରାପ୍ତ ଶିକ୍ଷକ ଦିଲୀପ ରଣା, ରିଞ୍ଜା ସରପଞ୍ଚ ଭୋଜବନ୍ତି ସାହୁ, ଜିଲା ପରିଷଦ ସଭ୍ୟା ପୁଷ୍ପକାନ୍ତି କୁମାର, ପ୍ରଭାତୀ ଭୋଇ, ସମିତି ସଭ୍ୟ ଯଶୋବନ୍ତ ସାହୁ, କର୍ଲାମୁଣ୍ଡା ଫାଣ୍ଡି ଅଧିକାରୀ ଅଧିଶ ଚନ୍ଦ୍ର ବିଶ୍ୱାସ, କର୍ଲାମୁଣ୍ଡା ସରପଞ୍ଚ କୃଷ୍ଣଚନ୍ଦ୍ର ବାଗ, ଜ୍ଞାନ ଭାରତୀର ପରିଚାଳନା ନିର୍ଦ୍ଦେଶକ କୋଦଣ୍ଡ ସାହୁ, ସରକାରୀ ଉଚ୍ଚ ବିଦ୍ୟାଳୟ ରିଷିଡା ଶିକ୍ଷକ ଅଶୋକ କୁମାର ତ୍ରିପାଠୀ ପ୍ରମୁଖ ଯୋଗଦେଇ ଥିଲେ । ତୃତୀୟ ଦିବସରେ ମୁଖ୍ୟଅତିଥି ଭାବେ ଭାରତ ସ୍କାଉଟ୍ ଆଣ୍ଡ ଗାଇଡ୍ ଜାତୀୟ ଉପସଭାପତି ତଥା ଓଡିଶା ରାଜ୍ୟ ମୁଖ୍ୟ କମିଶନର ଡ. କାଳିପ୍ରସାଦ ମିଶ୍ର, ସାନ୍ତନୁ ବେହେରା, ରାଜ୍ୟ ଟେନଂକମିଶନର ସୁରଜିତ ସେନ, ଜିଲା ଶିକ୍ଷା ଅଧିକାରୀ ସଞ୍ଜୀବ କୁମାର ସିଂ ଯୋଗଦେଇ ଜାତୀୟ ସଂଘତି କରିବା ସହ ନିଜ ଭିତରେ ଏକତା ଭାବ ତିଆରି କରିବା ଉପରେ ଉଦ୍‌ବୋଧନ ଦେଇଥିଲେ। ଏହି ଅବସରରେ ଶ୍ରେଷ୍ଠ ସ୍କାଉଟ ମାଷ୍ଟର ଭାବେ କର୍ଲାମୁଣ୍ଡା ପଞ୍ଚାୟତ ସମିତି ହାଇସ୍କୁଲ ବିଜ୍ଞାନ ଶିକ୍ଷକ ପବିତ୍ର ମୋହନ ପାଶାଙ୍କୁ ସମ୍ମାନିତ କରାଯାଇଥିଲା। ଶିବିର ଅଂଶଗ୍ରହଣକାରୀ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା କର୍ଲାମୁଣ୍ଡା ବ୍ଲକ ବିଭିନ୍ନ ସ୍ଥାନରେ ସଫେଇ କରିବା ସହ ସଚେତନତା ସୃଷ୍ଟି କରିଥିଲେ। କାର୍ଯ୍ୟକ୍ରମରେ ଜିଲ୍ଲାର ବିଭିନ୍ନ ହାଇସ୍କୁଲର ୬ ଶହ ୫୦ରୁ ଊର୍ଦ୍ଧ୍ୱ ସ୍କାଉଟ ଗାଇଡ ଅଂଶ ଗ୍ରହଣ କରିଥିଲେ। ଏଥିରେ ପଞ୍ଚାୟତ ସମିତି ପ୍ରଧାନ ଶିକ୍ଷକ ପ୍ରଶନ୍ନ କୁମାର ପ୍ରଧାନ, ମାର୍କଣ୍ଡ ପାଢୀ, ପ୍ରିୟତମା ଜେନା, ପୂର୍ଣ୍ଣଚନ୍ଦ୍ର ରାଉତ ଓ ଅନ୍ୟାନ୍ୟ ଶିକ୍ଷକ ଶିକ୍ଷୟିତ୍ରୀମାନେ ସହଯୋଗ କରିଥିଲେ।

## ବହୁଜନ କ୍ରାନ୍ତି ମୋର୍ଚ୍ଚା ପକ୍ଷରୁ ସିଏଏ ବିରୋଧରେ ଶୋଭାଯାତ୍ରା

ଭବାନୀପାଟଣା,୧୧।୧(ଡି.ଏନ.ଏ.)

ବହୁଜନ କ୍ରାନ୍ତି ମୋର୍ଚ୍ଚା କଳାହାଣ୍ଡି ଶାଖା ପକ୍ଷରୁ ଜିଲ୍ଲା ପ୍ରଭାରୀ ସୁରେଶ ଚନ୍ଦନଙ୍କ ନେତୃତ୍ୱରେ ଜନବିରୋଧୀ ଏନ୍ଆରସି ଏବଂ ସିଏଏ ବିରୋଧରେ ଜିଲାସ୍ତରୀୟ ରାଲିପ୍ରଦର୍ଶନ କରାଯାଇଥିଲା। ରେଡକ୍ରସ ଭବନ କଲ୍ୟାଣୀ ମଣ୍ଡପଠାରୁ ଆରମ୍ଭ ହୋଇ ନକ୍ଟିଗୁଡା ଡ. ବାବାସାହେବଙ୍କ ପ୍ରତିମୂର୍ତ୍ତୀଠାରୁ ପୁରୁଣାପଡା ନେଇ ଜିଲାପାଳଙ୍କ କାର୍ଯ୍ୟାଳୟଠାରେ ରାଲି ପହଞ୍ଚିଥିଲା। ରାଜ୍ୟ ଉପସଭାପତି ରିଷି ସୂଦନ ଛତ୍ରପାଳ, ରାଜ୍ୟ ସଂଯୋଜକ ଜଗଦୀଶ ଯାଦବ, ରାଜ୍ୟ ସଭାନେତ୍ରୀ ଆୟୁଷ୍ମତୀ କମଳିନୀ ଯାଦବ, ଭାରତ ମୁକ୍ତି ମୋର୍ଚ୍ଚା ଜିଲା ସଭାପତି ସଞ୍ଜୟ ଶବର, ରାଷ୍ଟ୍ରୀୟ ଆଦିବାସୀ ଏକତା ପରିଷଦ ଜିଲା ସଭାପତି ସନ୍ତୋଷ କୁମାର ନାଏକ, କଳାହାଣ୍ଡି ଲୋକସଭା ପ୍ରଭାରୀ ଦୁର୍ଯ୍ୟୋଧନ ଜାଲ, ପ୍ରଫୁଲ୍ଲ କର, ଯୁବରାଜ ଛତ୍ରିଆ, ଅଗସ୍ତି ନାଏକ, ପୃଥୀରାଜ ଛତ୍ରିଆ, ଦେବେନ୍ଦ୍ର ନାଏକ, ନାଦ୍ରାଜ ନାଏକ, ଲବ କରୁଆଁ, ମେହେବୁବ ରାଜା, ସରିଫ ଖାନ, ଶେଖ ଆନସାର, ଆଝାର ରାଜା, କଲିମୁଲ୍ଲା ଖାନ, ଛବିଲାଲ ନିଆଲ, ନନ୍ଦ ନାଏକ ପ୍ରମୁଖ ସମର୍ଥନ ଜଣାଇଥିଲେ। ଡିଏନଏ ଆଧାରରେ ଏନଆର୍ସି ଲାଗୁ କରାଯିବା ପାଇଁ ଦାବି କରିଥିଲେ। ଜିଲାପାଳଙ୍କ ଜରିଆରେ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ୧୨ ଦଫା ଦାବିପତ୍ର ପ୍ରଦାନ କରାଯାଇଥିଲା। ଉକ୍ତ ପଦଯାତ୍ରାରେ ବହୁ ସଂଖ୍ୟାରେ ବିକ୍ଷୋଭକାରୀ ଉପସ୍ଥିତ ଥିଲେ। ବୈଠକ ପରିଚାଳନା କରିଥିଲେ କିର୍ତ୍ତୀ ଚନ୍ଦ୍ର ଗଉଡ ଏବଂ ଧନ୍ୟବାଦ ଅର୍ପଣ କରିଥିଲେ ରାଜ କିଶୋର ଦଳପତି।

## ୪୩୬ ଜଣ ନବୋଦୟ ପ୍ରବେଶିକା ପରୀକ୍ଷା ଦେଲେ

କୋକସରା,୧୧।୧ (ଡି.ଏନ.ଏ.)

କଳାହାଣ୍ଡି ଜିଲା କୋକସରା ବ୍ଲକ ଜବହର ଉଚ୍ଚ ବିଦ୍ୟାପୀଠ ଓ ଡଙ୍ଗରୀଗୁଡା ଇନ୍ଦ୍ରବତୀ ଉଚ୍ଚ ବିଦ୍ୟାଳୟ ୨ଟି ପରୀକ୍ଷା କେନ୍ଦ୍ରରେ ନବୋଦୟ ପ୍ରବେଶିକା ପରୀକ୍ଷା ଶନିବାର ଅନୁଷ୍ଠିତ ହୋଇଯାଇଛି। କୋକସରା ପରୀକ୍ଷା କେନ୍ଦ୍ରରେ ୨୨୦ ଓ ଡଙ୍ଗରୀଗୁଡା ପରୀକେନ୍ଦ୍ରରେ ୨୧୬ ମୋଟ ୪୩୬ ଜଣ ପରୀକ୍ଷାର୍ଥୀ ପ୍ରବେଶିକା ପରୀକ୍ଷା ଦେଇଥିବା ଜଣାପଡିଛି । ପରୀକ୍ଷା କେନ୍ଦ୍ରରେ ଛାତ୍ରୀଛାତ୍ରମାନେ ସକାଳ ୧୦ଟାରେ ପହଞ୍ଚିଥିଲେ । ପୂର୍ବାହ୍ନ ସାଢ଼େ ୧୧ଟାରେ ପରୀକ୍ଷା ଆରମ୍ଭ ହୋଇଥିଲା । ଶୃଙ୍ଖଳିତ ପରୀକ୍ଷା କରିବା ପାଇଁ କେନ୍ଦ୍ରଗୁଡିକରେ ବ୍ୟାପକ ବ୍ୟବସ୍ଥା କରାଯାଇଥିବା ଜବାହର ଉଚ୍ଚ ବିଦ୍ୟାପୀଠର ପ୍ରଧାନ ଶିକ୍ଷକ ଅଶୋକ କୁମାର ଦାସ ସୂଚନା ଦେଇଛନ୍ତି ।

## ଜୋନାଲସ୍ତରୀୟ ଫରେଷ୍ଟ ସ୍ପୋର୍ଟ୍ସ ମିଟ୍ ଉଦ୍‌ଯାପିତ

ଭବାନୀପାଟଣା,୧୧।୧ (ଡି.ଏନ.ଏ.)



ଜୋନାଲ ସ୍ପୋର୍ଟ୍ସ ମିଟ୍-୨୦୨୦ରେ ମଞ୍ଚାସୀନ ଅତିଥି ।

ଭବାନୀପାଟଣାସ୍ଥିତ ରିଜର୍ଭ ପୋଲିସ ପଡିଆଠାରେ ଚାଲିଥିବା ଜୋନାଲ ସ୍ପୋର୍ଟ୍ସ ମିଟ୍-୨୦୨୦ ଶୁକ୍ରବାର ସନ୍ଧ୍ୟାରେ ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀରେ ମୁଖ୍ୟଅତିଥି ଭାବେ ଆଞ୍ଚଳିକ ମୁଖ୍ୟ ବନସଂରକ୍ଷକ ଅଭିରାମ ନାଏକ, ସମ୍ମାନିତ ଅତିଥି ଭାବେ ସିଆରପିଏଫ୍ କମାଣ୍ଡେଣ୍ଟ ବିପ୍ଳବ ସରକାର, କଳାହାଣ୍ଡି ଉତ୍ତର ବନଖଣ୍ଡ ଡିଏଫ୍ଓ ନିତିଶ କୁମାର, ମାଲକାନଗିରୀ ଡିଏଫ୍ଓ ପ୍ରଦୀପ ମିରାଶେ, ଖରିଆର ଡିଏଫ୍ଓ ଖୁସବନ୍ତ ସିଂହ, ବଲାଙ୍ଗୀର ଡିଏଫ୍ଓ ସମୀର କୁମାର ଶତପଥି, କଳାହାଣ୍ଡି ଉତ୍ତର ବନଖଣ୍ଡ ଅତିରିକ୍ତ ଡିଏଫ୍ଓ ଗଜାନନ୍ ଦୟାନନ୍ ଲାଡେଙ୍କ ସମେତ କଳାହାଣ୍ଡି ଦକ୍ଷିଣ ବନଖଣ୍ଡ ଡିଏଫ୍ଓ ତଥା ଏହି ଜୋନାଲ ସ୍ପୋର୍ଟ୍ସ ମିଟ୍ ୨୦୨୦ର ନୋଡାଲ ଅଫିସର ଟି. ଅଶୋକ କୁମାର ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ କୃତୀ କ୍ରୀଡାବିତ୍‌ମାନଙ୍କୁ ମେଡାଲ ଓ ସାର୍ଟିଫିକେଟ୍ ପ୍ରଦାନ କରାଯାଇଥିଲା। ଯେଉଁମାନେ ସଫଳତା ପାଇନାହାନ୍ତି ଆହୁରି ପରିଶ୍ରମ କରିବାକୁ ଅତିଥିମାନେ ଆହ୍ୱାନ ଦେଇଥିଲେ। ବନ କର୍ମଚାରୀ କ୍ରୀଡାବିତ୍‌ମାନଙ୍କୁ ଆଗାମୀ ଦିନରେ ହେବାକୁ ଥିବା ରାଜ୍ୟସ୍ତରୀୟ କ୍ରୀଡା ଉତ୍ସବରେ ଅଂଶଗ୍ରହଣ କରି ଆହୁରି ଭଲ ପ୍ରଦର୍ଶନ କରିବାକୁ ଆହ୍ୱାନ ଦେଇଥିଲେ। ଶୁକ୍ରବାର ପ୍ରଥମ କରି ୨୫ କି.ମି. ମାରାଥନ୍ ରେସ୍ ଆୟୋଜନ ହୋଇଥିଲା। ଏଥିରେ ୩୦ ଜଣ ପୁରୁଷ ଓ ମହିଳାବର୍ଗର କ୍ରୀଡାପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ୧୦୦ ମି. ପୁରୁଷ ଦୌଡ, ୧୦୦ ମି. ମହିଳା ଦୌଡ, ଜେଭଲିନ୍, ସଟ୍‌ପୁଟ୍, ଲଙ୍ଗଜମ୍ପ, ୮୦୦ ମି. ଚାଲିବା, ଡିସ୍କସ୍ ଥ୍ରୋ, ୪୦୦ ମି. ଦୌଡ, ୧୫୦୦ ମି. ଚାଲିବା ଉଭୟ ପୁରୁଷ ଓ ମହିଳା ଏବଂ ଇଣ୍ଡୋର ଗେମ୍ ମଧ୍ୟରେ ଚେସ୍, କେରମ୍, ବ୍ୟାଡମିଣ୍ଟନ ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଶେଷ ପ୍ରତିଯୋଗିତା ଭାବେ ରଶି ଟଣା ପ୍ରତିଯୋଗିତା ଭବାନୀପାଟଣା ସର୍କଲ ଓ କୋରାପୁଟ ସର୍କଲ (ପୁରୁଷ ବର୍ଗ)ରେ ଭବାନୀପାଟଣା ସର୍କଲ ଚିତାପଟ୍ ମାରିଥିଲେ। ସେହିପରି ମହିଳାବର୍ଗର ରସି ଟଣାରେ କୋରାପୁଟ ସର୍କଲ ଚିତାପଟ୍ ମାରିଥିଲେ। ସମସ୍ତ ପ୍ରତିଯୋଗିତା ଜିଲା କ୍ରୀଡାଧିକାରୀ ସୁବାଶିଷ ନାୟକଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ବିଭିନ୍ନ କ୍ରୀଡା ଶିକ୍ଷକମାନଙ୍କୁ ନେଇ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମ ବନବିଭାଗ ପଦ୍ମନାଭ କୁମ୍ଭାର, ପ୍ରସାନ୍ତ ପଣ୍ଡା, ଗୌରୀଶଙ୍କର ସାହୁ, ଭବାନୀ ଶଙ୍କର ପରିଚ୍ଛା, ଭାଗବତ ଭୂଷଣ ବେହେରା, ଖଗେଶ୍ୱର ମାଝିଙ୍କ ସମେତ ଅନ୍ୟ କର୍ମଚାରୀ ସହଯୋଗ କରିଥିଲେ।

ବ୍ଲକସ୍ତରୀୟ କଳାହାଣ୍ଡି ଉତ୍ସବ ଘୁମୁରା ଉଦ୍‌ଯାପିତ

## ମନମୋହିଲା ସାଂସ୍କୃତିକ କାର୍ଯ୍ୟକ୍ରମ

କଲମପୁର,୧୧।୧ (ଡି.ଏନ.ଏ.)



ବ୍ଲକସ୍ତରୀୟ କଳାହାଣ୍ଡି ଉତ୍ସବ ଘୁମୁରାରେ ପରିବେଷିତ ସାଂସ୍କୃତିକ କାର୍ଯ୍ୟକ୍ରମ ।

କଳାହାଣ୍ଡି ଜିଲା କଲମପୁର ବ୍ଲକ କାର୍ଯ୍ୟାଳୟ ପରିସରରେ ଚାଲିଥିବା ବ୍ଲକସ୍ତରୀୟ କଳାହାଣ୍ଡି ଉତ୍ସବ ଘୁମୁରା-୨୦୨୦ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ସ୍ଥାନୀୟ କେନ୍ଦ୍ର ପ୍ରାଥମିକ ବିଦ୍ୟାଳୟ ପରିସରରୁ ଏକ ମଶାଲ ଶୋଭାଯାତ୍ରା ବାହାରି ନଗର ପରିକ୍ରମା କରି କଳାହାଣ୍ଡି ଉତ୍ସବ ମଞ୍ଚରେ ପହଞ୍ଚିବା ପରେ ବିଡିଓ ହେମ୍ ସାଗର ଭୋଇ, ବ୍ଲକ ଅଧ୍ୟକ୍ଷା ମଞ୍ଜୁଳା ସାହୁ ସ୍ୱାଗତ କରିଥିଲେ। ଉତ୍ସବ ସଭାପତି ବିଡିଓ ଭୋଇ ଓ ବ୍ଲକ ଅଧ୍ୟକ୍ଷା ସାହୁଙ୍କ ଅଧ୍ୟକ୍ଷତାରେ ମୁଖ୍ୟଅତିଥି ଭାବେ ଧର୍ମଗଡ ବିଧାୟକ ମୌଷଧି ବାଗ, ସମ୍ମାନିତ ଅତିଥି ଭାବେ ବ୍ଲକ ଉପାଧ୍ୟକ୍ଷ ଦୁଖିରାମ ମାଝି, କଲମପୁର ତହସିଲଦାର ଦିବାକର ବାଗ, ଏବିଇଓ ପ୍ରଫୁଲ ବେହେରା, ପୂର୍ବତନ ବ୍ଲକ ଅଧ୍ୟକ୍ଷ ମହେନ୍ଦ୍ର ନାଥ ସାହୁ, ଅବସରପ୍ରାପ୍ତ ଶିକ୍ଷକ ରାମପ୍ରସାଦ ପଣ୍ଡା, ରଷ୍ଟ୍ରପତି ପୁରସ୍କୃତ ଶିକ୍ଷକ ସତ୍ୟ ନାରାୟଣ ରାଜପୁତ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ବିପିନ ପ୍ରଧାନୀ, ସିଡିପିଓ ନିୟତିବାଲା ସୁରେନ, ଏଏଓ ଗଜାନନ ସାହୁ, ଏଓ ସୁଜତା ଛତ୍ରୀଆ, ଆତ୍ମା କମିଟି ଅଧ୍ୟକ୍ଷ କାମାକ୍ଷି ପ୍ରସାଦ ବେହେରା, ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ କରୁଣା କର ବାଗ ଏବଂ ସମସ୍ତ ସମିତି ସଭ୍ୟ ଓ ସରପଞ୍ଚ ପ୍ରମୁଖ ଯୋଗଦେଇଥିଲେ। କଲମପୁର ବ୍ଲକର ସମସ୍ତ ବିଦ୍ୟାଳୟ ଛାତ୍ରୀଛାତ୍ର ବିଭିନ୍ନ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରି କୃତିତ୍ୱ ଲାଭ କରିଥିବା ଛାତ୍ରୀଛାତ୍ରମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଉତ୍ସବରେ ସର୍ବପ୍ରଥମ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ପ୍ରଥମେ ଗୃହ ସମ୍ପୂର୍ଣ୍ଣ କରିଥିବା ଝରାବାହାଲିର ଦ୍ରୋପଦୀ ମାଝିଙ୍କୁ ୨୦ ହଜାର ଟଙ୍କା ପ୍ରଦାନ କରାଯାଇଥିଲା। ସେହିପରି ସୁନ୍ଦର ଭାବେ ଗୃହ ତିଆରି କରିଥିବା ରାଜ ମିସ୍ତ୍ରୀ ବିଜମରା ପାଣିଗାଁର ପଦ୍ମନ ନାଏକଙ୍କୁ ପୁରସ୍କୃତ କରାଯାଇଥିଲା। ଶ୍ରେଷ୍ଠ ଜିଆଏସ ଭାବେ ପଣ୍ଡିଗାଁ ପଞ୍ଚାୟତର ପାର୍ଥସାରଥି ସାହୁ, ଶ୍ରେଷ୍ଠ ଦେପୁର ସରପଞ୍ଚ ଭୋକଲୁ ବାଗ, ଶ୍ରେଷ୍ଠ ପିଇଓ କଲମପୁର ଶ୍ୟାମା ପ୍ରସାଦ ମିଶ୍ର, କଲମପୁର ବ୍ଲକର ପ୍ରଥମ ଓଏଏସ୍ ବୀର କିଶୋର ପଣ୍ଡାଙ୍କୁ ବିଡିଓ ସମ୍ମାନିତ କରିଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମରେ ବଜାଶାଲ, ଘୁମୁରା, ବଲାଙ୍ଗୀର ଘୁଡୁକା ନାଚ ଏବଂ ବ୍ଲକର ବିଭିନ୍ନ ଆଞ୍ଚଳିକ ଦଳ ଯୋଗଦେଇଥିଲେ। କଲମପୁର ବ୍ଲକର ଖବରଦାତା ସୁଭେନ୍ଦୁ କୁମାର ପଣ୍ଡା ଏବଂ ଗଣେଷ ରାମ ବାଗଙ୍କୁ ସାମ୍ବାଦିକ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ଯୋଗୁ ବ୍ଲକ ଅଧ୍ୟକ୍ଷା ସମ୍ବର୍ଦ୍ଧନା କରି ମାଣପତ୍ର ପ୍ରଦାନ କରିଥିଲେ। ମଞ୍ଚ ପରିଚାଳନା ବିନୋଦ ପଟ୍ଟନାୟକ କରିଥିବା ବେଳେ ଜଗନ୍ନାଥ ନାଏକ, ଟୁନା ସାହୁ, ପ୍ରସାନ୍ତ ମାଝି, ଦୟାନିଧି ବାଣୁଆଁ, ବ୍ଲକର ସମସ୍ତ କର୍ମଚାରୀ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

## ସଂକ୍ଷେପରେ

### ହାତୀ ପାଇଁ ଲୋକେ ଭୟଭୀତ

ଲଇକେରା.୧୧।୧(ଡି.ଏନ.ଏ.):ଜଙ୍ଗଲ ଛାଡି ହାତୀ ଏବେ ଗାଁ ମୁହାଁ ହୋଇ ଲୋକଙ୍କ ଘର କାନ୍ଥ ଭାଙ୍ଗି ଧାନ ଖାଇବା ସହ ଉପଦ୍ରବ କରୁଛି। ରାତିରେ ହାତୀଙ୍କ ଭୟ ଯୋଗୁ ସନ୍ଧ୍ୟା ପୂର୍ବରୁ ଲୋକେ ତାଟି କବାଟ ପକାଇ ଘରେ ରହୁଛନ୍ତି। ଝାରସୁଗୁଡା ଜିଲା ଲଇକେରା ବ୍ଲକ୍ କୋଲାବିରା ଫରେଷ୍ଟ ରେଞ୍ଜ ଅଧୀନ ଓଡିଆପାଲି ଗାଁରେ ଏକ ଦନ୍ତାହାତୀ ପଶି ଆସି ଛାୟାବତୀ କାଲୋଙ୍କ ଛାତ ଘରର କାନ୍ଥ ଭାଙ୍ଗି ଦେଇଛି। ସେହି ଘରେ କେହି ଶୋଇ ନ ଥିବାରୁ ମୃତ୍ୟୁମୁଖରୁ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ଶୁକ୍ରବାର ଓ ଶନିବାର ମଧ୍ୟ ଉକ୍ତ ହାତୀଟି ଓଡିଆପାଲି ଏବଂ ଲଇକେରାରେ ୪ଜଣଙ୍କ ଘରର କାନ୍ଥ ଭଙ୍ଗିବା ସହ କେତେକଙ୍କ ଘରେ ଥିବା ଧାନ ମଧ୍ୟ ଖାଇ ଉପଦ୍ରବ କରିଛି।

### ୩୬୬ ରକ୍ତ ଦାନକଲେ

ଲଖନପୁର,୧୧।୧(ଡି.ଏନ୍.ଏ.): ଝାରସୁଗୁଡା ଜିଲା ଲଖନପୁର ବ୍ଲକ୍ ବନହରପାଲିସ୍ଥିତ ଇବ୍‌ଥର୍ମାଲ ଇବ୍ କ୍ଲବ୍‌ରେ ଶନିବାର ଏକ ରକ୍ତଦାନ ଶିବିରରେ ୩୬୬ଜଣ ସ୍ୱେଚ୍ଛାକୃତ ଭାବେ ରକ୍ତଦାନ କରିଛନ୍ତି। ଏହି ଶିବରକୁ ବିଧାୟକ କିଶୋର ମହାନ୍ତି ଉଦ୍‌ଘାଟନ କରିଥିଲେ। ବ୍ଲକ୍ ଅଧକ୍ଷା ଶାନ୍ତି ପ୍ରଧାନ, ବେଲପାହାଡ ପୌରାଧକ୍ଷ ପର୍ଶୁରାମ ସାହୁ, ବ୍ରଜରାଜନଗର ପୂର୍ବତନ ପୌରାଧକ୍ଷ ନନ୍ଦ କିଶୋର ଅଗ୍ରୱାଲ, ଜିଲା ପରିଷଦ ସଭ୍ୟା ସୁଜାତା ଡିଗଲ, ସ୍ଥାନୀୟ ସରପଞ୍ଚ ବିଶାଖା ମାଝି, ସମିତିସଭ୍ୟ ଦେବାନନ୍ଦ ପ୍ରଧାନ, ତାପସରାୟ ଚୌଧୁରୀ, ତ୍ରିନାଥ ଗୁଆଲ, ବିଶ୍ୱନାଥ ନାୟକ, ଡା. ବିଜୟଲାଲ୍ ବିଶ୍ୱାଳ, ପ୍ରସନ୍ନ ପ୍ରଧାନ, ଗିରିଧାରୀ ଦାସ, ଟିକେଶ୍ୱର ସେନାପତି, ଆଲୋକ ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ।

### ହୀରାକୁଦ ବିସ୍ଥାପିତଙ୍କୁ ଜମିପଟ୍ଟା ବଣ୍ଟନ ପ୍ରସଙ୍ଗ

# ୪ ନୁହେଁ, ୧୦ ଡେସିମିଲ ଜମି ଦିଅ

ଝାରସୁଗୁଡା ଅଫିସ୍/ଲଖନପୁର, ୧୧।୧(ଡି.ଏନ୍.ଏ.)

- ସରକାରୀ ନିର୍ଦ୍ଦେଶନାମା ଉଲ୍ଲଂଘନ
- ଆନ୍ଦୋଳନ ପାଇଁ ସଂଗ୍ରାମ ସମିତିର ଚେତାବନୀ

ହୀରାକୁଦ ନଦୀବନ୍ଧ ଯୋଜନାରେ ଲୋକେ ସର୍ବସ୍ୱ ହରାଇ ବିସ୍ଥାପିତ ହୋଇ ଯାଯାବର ଜୀବନ ଯାପନ କରୁଛନ୍ତି। ତଥାପି ବିସ୍ଥାପିତଙ୍କୁ ଉପଯୁକ୍ତ କ୍ଷତିପୂରଣ ମିଳିନାହିଁ ଓ ଥାଇଥାନ କରାଯାଇନି। ହୀରାକୁଦ ବୁଡି ଅଞ୍ଚଳ ସଂଗ୍ରାମ ସମିତି ଲଢେଇ ଜାରି ରଖିଛି। ସରକାର ହୀରାକୁଦ ବିସ୍ଥାପିତଙ୍କୁ ୧୦ ଡିସିମିଲ୍ ଘରଡିହ ଜମିପଟ୍ଟା ଯୋଗାଇ ଦେବା ପାଇଁ ଘୋଷଣା କରିଥିଲେ। ସମ୍ବଲପୁରସ୍ଥିତ ଆରଡିସି ଅଫିସ ପକ୍ଷରୁ ୨୧।୬।୨୦୦୦ରେ ଏକ ସରକାରୀ ନିର୍ଦ୍ଦେଶନାମା ଜାରି ହୋଇଥିଲା। ଏହି ନିର୍ଦ୍ଦେଶନାମା ବଳରେ ସମ୍ବଲପୁର ଜିଲା ରେଙ୍ଗାଲି ବ୍ଲକ୍ ଓ ଜମନକିରା ବ୍ଲକ୍ ଅଞ୍ଚଳର ହୀରାକୁଦ ବିସ୍ଥାପିତଙ୍କୁ ସରକାର ୧୦ ଡିସିମିଲ୍ ଘରଡିହ ଜମିପଟ୍ଟା ଯୋଗାଇ ଦେଇଛନ୍ତି। ହେଲେ ଝାରସୁଗୁଡା ଜିଲା ଲଖନପୁର ବ୍ଲକ୍ ଅଞ୍ଚଳ ବିସ୍ଥାପିତଙ୍କ କ୍ଷେତ୍ରରେ ଏହା ବ୍ୟତିକ୍ରମ ଘଟିଛି। ୧୦ ଡିସିମିଲ୍ ଘରଡିହ ଜମି ଯୋଗାଇ ଦେବା ପରିବର୍ତ୍ତେ ରାଜସ୍ୱ ବିଭାଗ ତରଫରୁ ୪ଡିସିମିଲ୍ ଜମି ଯୋଗାଇ ଦିଆଯାଉଛି। ଗତ ୬ତାରିଖରେ ଲଖନପୁର ତହସିଲ ତରଫରୁ କୁଶ୍ରାଲୋଇ, ରେମଣ୍ଡା ଓ ସୁନାରୀ ପଞ୍ଚାୟତର ୧୦୬ଜଣ ହିତାଧିକାରୀଙ୍କୁ ୪ ଡିସିମିଲ୍ ଲେଖାଏ ଘରଡିହ ଜମିପଟ୍ଟା ବଣ୍ଟନ କରାଯାଇଛି। ସାରା ରାଜ୍ୟରେ ଭୂମିହୀନମାନଙ୍କୁ ସରକାର ୪ ଡିସିମିଲ୍ ଘଟଡିହ ଜମି ଯୋଗାଇ ଦେଉଛନ୍ତି। ଏହି ଭୂମିହୀନଙ୍କ ସହିତ ହୀରାକୁଦ ବିସ୍ଥାପିତଙ୍କୁ ତୁଳନା କରାଯାଇ ୧୦ଡିସିମିଲ୍ ଜମି ପରିବର୍ତ୍ତେ ୪ଡିସିମିଲ୍ ଘରଡିହି ଜମି ପ୍ରଦାନ କରାଯିବା ବିସ୍ଥାପିତଙ୍କ ପ୍ରତି ସରକାରଙ୍କ ଉପେକ୍ଷା ବୋଲି ବୁଡି ଅଞ୍ଚଳ ସଂଗ୍ରାମ ସମିତି ଅଭିଯୋଗ କରିଛି। ହୀରାକୁଦ ବିସ୍ଥାପିତ ଲୋକେ ଯେଉଁ ଅଣରାଜସ୍ୱ ଗ୍ରାମରେ ପ୍ରଥମରୁ ବସବାସ କରୁଛନ୍ତି ସେହିସବୁ ଗ୍ରାମକୁ ସରକାର ରାଜସ୍ୱ ଗ୍ରାମର ମାନ୍ୟତା ଦେବାପାଇଁ ଘୋଷଣା କରି ପ୍ରକ୍ରିୟା ଆରମ୍ଭ କରିଛନ୍ତି। ଅଢାପଡା, ରମ୍ଭାଲୁଗା ଆଦି ଗ୍ରାମ ଏହି ତାଲିକାରେ ରହିଛି। ଏହିସବୁ ଗ୍ରାମର ବିସ୍ଥାପିତ ଲୋକଙ୍କୁ ନିଜ ଗ୍ରାମରେ ଘରଡିହ ଜମିପଟ୍ଟା ପ୍ରଦାନ କରା ନ ଯାଇ ଅନ୍ୟ ଗ୍ରାମରେ ଦିଆଯାଇଛି, ଫଳରେ ଲୋକେ ଗ୍ରାମ ଛାଡି ଅନ୍ୟ ଗ୍ରାମରେ ବସବାସ କରିବା ସମ୍ଭବପର ନୁହେଁ। ଲୋକଙ୍କୁ ପୁନର୍ବାର ବିସ୍ଥାପିତ କରିବା ପାଇଁ ସରକାରଙ୍କ ଏହା ଏକ ଯୋଜନା ବୋଲି ସଂଗ୍ରାମ ସମିତି ଅଭିଯୋଗ କରିଛି। ଏଭଳି ସମସ୍ୟାକୁ ଦୃଷ୍ଟିରେ ରଖି କେତେକ ବିସ୍ଥାପିତ ୪ ଡିସିମିଲ୍ ଜମିପଟ୍ଟା ଗ୍ରହଣ କରିନାହାନ୍ତି। ଆଉ କେତେକ ବିସ୍ଥାପିତ ଗ୍ରହଣ କରିଥିବା ୪ ଡିସିମିଲ୍ ଜମିପଟ୍ଟାକୁ ରାଜସ୍ୱ ବିଭାଗକୁ ଫେରାଇ ଦେବା ପାଇଁ ବାହାରିଛନ୍ତି ବୋଲି ସଂଗ୍ରାମ ସମିତି ଅଭିଯୋଗ କରିଛି। ସରକାର ଜାରି କରିଥିବା ନିର୍ଦ୍ଦେଶନାମାକୁ ପାଳନ କରି ସମସ୍ତ ବିସ୍ଥାପିତଙ୍କୁ ୧୦ଡିସିମିଲ୍ ଜମି ଯୋଗାଇ ଦେବା ପାଇଁ ସଂଗ୍ରାମ ସମିତି ଦାବି କରିଛି। ଏ ନେଇ ସଂଗ୍ରାମ ସମିତି ତରଫରୁ ରାଜସ୍ୱ ମନ୍ତ୍ରୀ, ଆର୍‌ଡିସି, ଜିଲାପାଳ ଓ ତହସିଲଦାରଙ୍କ ଦୃଷ୍ଟି ଆକର୍ଷଣ କରାଯିବ। ଆବଶ୍ୟକ ପଡିଲେ ତହସିଲ କାର୍ଯ୍ୟାଳୟରେ ସଂଗ୍ରାମ ସମିତି ବିସ୍ଥାପିତଙ୍କ ନେଇ ଆନ୍ଦୋଳନ କରିବ ବୋଲି ସଂଗ୍ରାମ ସମିତି ଏକ ଖବରଦାତା ସମ୍ମିଳନୀରେ କହିଛି। ଏ ନେଇ ଗଣମାଧ୍ୟମକୁ ସମିତି ଦେଇଥିବା ପ୍ରେସ୍ ରିଲିଜ୍‌ରେ ହୀରାକୁଦ ବୁଡି ଅଞ୍ଚଳ ସଂଗ୍ରାମ ସମିତି ସଭାପତି ବାସୁଦେବ ଭୋଇ, ସମ୍ପାଦକ ଗୋପିନାଥ ମାଝି, ଉପଦେଷ୍ଟା ବିରଞ୍ଚି ସାହୁ, ଦ୍ୱାରିକା ପ୍ରସାଦ ସା, ସୁରେନ୍ଦ୍ର ବଗାର ପ୍ରମୁଖଙ୍କ ଦସ୍ତଖତ ରହିଛି।



ଖବରଦାତା ସମ୍ମିଳନୀରେ ଉପସ୍ଥିତ ସଂଗ୍ରାମ ସମିତିର କର୍ମକର୍ତ୍ତା।

### ଛାତ୍ରୀଛାତ୍ର ଜାଣିଲେ ସଡ଼କ ସୁରକ୍ଷା ନିୟମ

ଲଇକେରା,୧୧।୧(ଡି.ଏନ.ଏ.)

ଲଇକେରା ପଞ୍ଚାୟତ ସମିତି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଶନିବାର ସଡକ ସୁରକ୍ଷା ସପ୍ତାହ ପାଳିତ ହୋଇଛି। ଅଧକ୍ଷ ପ୍ରଫେସର ଦିଲ୍ଲୀପ ପଟେଲ ଏଥିରେ ସଭାପତିତ୍ୱ କରିଥିଲେ। ଥାନା ଅଧିକାରୀ ପ୍ରବୀର କେଶରୀ ତ୍ରିପାଠୀ ଅତିଥି ଭାବେ ଯୋଗ ଦେଇଥିଲେ। ସେ ସଡକ ସୁରକ୍ଷା ସମ୍ବନ୍ଧୀୟ ବିଭିନ୍ନ ନିୟମ ସମ୍ପର୍କରେ ଛାତ୍ରୀଛାତ୍ରଙ୍କୁ ଅବଗତ କରିଥିଲେ। ଅଧାପକ ପ୍ରବୀଣ ନାଏକ, କୁନା ବାଗ ଅନ୍ୟତମ ଅତିଥି ଭାବେ ଯୋଗ ଦେଇ ନିଜ ମତ ରଖିଥିଲେ। ଶେଷରେ ଅଧାପକ ରୁଦ୍ରାକ୍ଷ କୁମାର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିବା ବେଳେ କାର୍ଯ୍ୟକ୍ରମକୁ ଅଧାପକ ପ୍ରସନ୍ନ ଷଣ୍ଢ ପରିଚାଳନା କରିଥିଲେ।

### ମକରଯାତ୍ରା ପ୍ରସ୍ତୁତି ବୈଠକ

ବ୍ରଜରାଜନଗର,୧୧।୧(ଡି.ଏନ.ଏ)

ବ୍ରଜରାଜନଗର ସହରାଞ୍ଚଳର ଖଲିଆକାନୀ ଗ୍ରାମରେ ୬୦ତମ ମକର ଯାତ୍ରା ଉପଲକ୍ଷେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ କରାଯାଇଛି । ଏଥିରେ ସ୍ଥାନୀୟ ବିଧାୟକ କିଶୋର ମହାନ୍ତି ଓ ବିଜେଡିର ବରିଷ୍ଠ ନେତା ବିଶ୍ୱନାଥ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଯାତ୍ରାକୁ କିପରି ସରସସୁନ୍ଦର କରାଯାଇ ପାରିବ ଏବଂ ସେଥିପାଇଁ ଯାହା ସବୁ ଆବଶ୍ୟକତା ରହିଛି ତାହା ପୂରଣ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ୪ ତାରିଖରେ ପୂଜା କରାଯିବ। ୧୫ ତାରିଖ ଦିନ ସାଂସ୍କୃତିକ କାର୍ଯ୍ୟକ୍ରମ ସହିତ ରଥ ଟଣା ହେବ। ଶୋଭାଯାତ୍ରାରେ ଜଗତସିଂହପୁରରୁ ଘୋଡାନାଚ ଓ ସୋନପୁରରୁ କଇଁରି ନାଚ ଦଳ ଅଂଶ ଗ୍ରହଣ କରିବେ ବୋଲି ନିଷ୍ପତ୍ତି ନିଆଯାଇଛି।

# ବାଲ୍ୟଶ୍ରୀ ଅଲିମ୍ପିଆଡରେ ଯୋଗଦେଲେ ୨୫୯ ଛାତ୍ରୀଛାତ୍ର

ବେଲପାହାଡ଼,୧୧।୧ (ଡି.ଏନ୍.ଏ.)

ଝାରସୁଗୁଡ଼ା ଜିଲା ବେଲପାହାଡ଼ସ୍ଥିତ ଟିଆର୍‌ଏଲ ଷ୍ଟାଡ଼ିୟମରେ ଶନିବାର ବାଲ୍ୟଶ୍ରୀ ଅଲିମ୍ପିଆଡ଼ ଆୟୋଜିତ ହୋଇଯାଇଛି। ଟିଆର୍‌ଏଲ କ୍ରୋସାକି ରିଫ୍ରାକ୍ଟୋରିଜ ପକ୍ଷରୁ ଆୟୋଜିତ ଏହି କ୍ରୀଡ଼ା ପ୍ରତିଯୋଗିତାରେ ୨୧ଟି ବିଦ୍ୟାଳୟରୁ ୨୫୯ ଛାତ୍ରୀଛାତ୍ର ଯୋଗ ଦେଇଥିଲେ। ଟିଆର୍‌ଏଲ କ୍ରୋସାକି ରିଫ୍ରାକ୍ଟୋରିଜର ଉପସଭାପତି ହ୍ରିଦେଶ ସେହଗଲ ଓ ଲଖନପୁର ବ୍ଲକ ଶିକ୍ଷା ଅଧିକାରୀ ଗିରିଧାରୀ ଭୋଇ ଅତିଥି ଭାବରେ ଯୋଗ ଦେଇଥିଲେ। ବି.ଆର୍. ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ନିରଞ୍ଜନ ତ୍ରିପାଠୀ ଓ ବେଲପାହାଡ଼ ଇଂରାଜୀ ମାଧମ ବିଦ୍ୟାଳୟର ଅଧକ୍ଷା ରମା କାର୍ତ୍ତିକଙ୍କ ତତ୍ୱାବଧାନରେ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ମାଧମିକ ବିଭାଗରେ ବେଲପାହାଡ଼ ଇଂରାଜୀ ମାଧ୍ୟମ ବିଦ୍ୟାଳୟ ଛାତ୍ରୀଛାତ୍ର ଗ୍ରୁପ ଚାମ୍ପିୟନ ଟ୍ରଫି ହାସଲ କରିଛନ୍ତି। ସେହିପରି ପ୍ରାଥମିକ ବିଭାଗରେ ଗାନ୍ଧୀ ନଗର ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଛାତ୍ରୀଛାତ୍ର ଚାମ୍ପିୟନ ଟ୍ରଫି ହାସଲ କରିଛନ୍ତି।



ଲଖନପୁର ବ୍ଲକ ଶିକ୍ଷା ଅଧିକାରୀ ଗିରିଧାରୀ ଭୋଇ ଜଣେ ଛାତ୍ରଙ୍କୁ ଗ୍ରୁପ ଚାମ୍ପିୟନ ଟ୍ରଫି ପ୍ରଦାନ କରୁଛନ୍ତି।

**GOVT. OF INDIA**
**MINISTRY OF FINANCE**
**DEPARTMENT OF FINANCIAL SERVICES**
**DEBTS RECOVERY TRIBUNAL**
**COURT OF THE RECOVERY OFFICER**
Plot No. C/71, Sector-7, CDA Cuttack- 753014
Form no. ITCP- I
**NOTICE OF DEMAND TO THE CERTIFICATE DEBTORS**
(See rule- 2 of the Second Schedule as referred to in section 29 of the Recovery of Debts due to Bank & Financial Institution Act. 1993
**R.P, NO. 106/2018/CTC**
(Arising out of OA No. 89 of 2016)
Next Dt. **11.02.2020**

Utkal Grameen Bank, Rajgangpur Branch, At: Rajgangpur, Dist.- Sundargarh, Pin- 770017
Certificate Holder Bank
vs
Shri Mangal Bada @ Kisan & others
Certificate Debtors

To,
1. Shri Mangal Bada @ Kisan, S/o- Late Ganda Bada @ Kisaan, At- Bailama, P.O. Kutra, Dist.- Sundargarh, Pin- 770017
2. Shri Rajkumar Sukla, S/o- Hiralal Sukla, At/Po- Garposh, Via- Bamara, Dist- Sambalpur, Pin- 768224
3. Shri Ramesh Kishan, S/o- Matia Kishan, At/Po- Garposh, Via- Bamara, Dist.- Sambalpur, Pin- 768224

Take notice that Certificate arising out of **OA No. 89 of 2016** issued by the Hon'ble Presiding Officer, Debts Recovery Tribunal, Cuttack under Section 19 (22) of the Recovery of Debts due to Banks and Financial Institutions Act. 1993 and forwarded to the undersigned for recovery of Rs. 11,90,418.00 **(Rupees Eleven Lac Ninety Thousand Four Hundred Eighteen only)** together with interest till realisation of the dues, cost, charges as per the certificate, the details of which are given below:

| | | |
|---|---|---|
| 1. Decretal Dues | | : Rs. 11,90,418.00 |
| 2. Cost of the suit | (+) | : Rs. 14,000.00 |
| **TOTAL** | | **: Rs. 12,04,418.00** |

**(Rupees Twelve Lac Four Thousand Four Hundred Eighteen only)** with interest @ 13 . 50% p.a. with half- yearly rests on the amount due from 28.12.2015 till realization of the entire dues.
2. You are hereby directed to pay the above stated sum within 15 (Fifteen) days of the publication of the notice, failing which the recovery shall be made in accordance with the provisions contained in Chapter V of the Recovery of Debts due to Banks & Financial Institutions Act. 1993.
3. In addition to the aforesaid amount, you will also be liable for all future interest, costs, charges and expenses incurred in respect of the service of this notice and of warrants and other processes etc. and of all the other proceedings taken for realising of arrears.
4. You are hereby directed to appear in person of through legal representative before the undersigned on **11.02.2020** and report the details of payment made by you.

Give under my hand & seal at Cuttack on this 16th day of December, 2019

**Sd/- R.P. Patnaik**
**Recovery Officer**

**GOVT. OF INDIA**
**MINISTRY OF FINANCE**
**DEPARTMENT OF FINANCIAL SERVICES**
**DEBTS RECOVERY TRIBUNAL**
**COURT OF THE RECOVERY OFFICER**
Plot No. C/71, Sector-7, CDA Cuttack- 753014
Form no. ITCP- I
**NOTICE OF DEMAND TO THE CERTIFICATE DEBTORS**
(See rule- 2 of the Second Schedule as referred to in section 29 of the Recovery of Debts due to Bank & Financial Institution Act. 1993
**R.P, NO. 264/2017/CTC**
(Arising out of OA No. 159 of 2016)
Next Dt. **11.02.2020**

Utkal Grameen Bank, Nunhad Branch, At/Po- Belpada, Dist.- Bolangir, Pin- 767026
Certificate Holder Bank
vs
Sumit Gouri & others
Certificate Debtors

To,
1. Smt. Sumita Gouri, W/o- Late Goutam Gouri, At- Darhamunda, Po- Gambhari, Via- Belpada, Dist.- Bolangir- 767026
2. Mukunda Gouri, S/o- Late Goutam Gouri, At- Darhamunda, Po- Gambhari, Via- Belpada, Dist.- Bolangir- 767026
3. Shri. Rasananda Gouri, S/o- Gonda Gouri, At- Darhamunda, Po- Gambhari, Via- Belpada, Dist.- Bolangir- 767026
4. Shri. Golaknath Gouri, S/o- Kunda Gouri, At- Darhamunda, Po- Gambhari, Via- Belpada, Dist.- Bolangir- 767026

Take notice that Certificate arising out of **OA No. 159 of 2016** issued by the Hon'ble Presiding Officer, Debts Recovery Tribunal, Cuttack under Section 19 (22) of the Recovery of Debts due to Banks and Financial Institutions Act. 1993 and forwarded to the undersigned for recovery of Rs. 14,27,472.00 **(Rupees Fourteen Lac Twenty Seven Thousand Four Hundred Seven Two only)** together with interest till realisation of the dues, cost, charges as per the certificate, the details of which are given below:

| | |
|---|---|
| 1. Decretal Dues | : Rs. 14,27,472.00 |
| 2. Cost of the suit | : Rs. 17,000.00 |
| 3. Interest @ 13.25% p.a. with half yearly rests from 28.01.2016 to 06.03.2018 | : Rs. 4,44,368,00 |
| **TOTAL** | **: Rs. 18,88,840.00** |

**(Rupees Eighteen Lac Eighty Eight Thousand Eight Hundred forty only)** with interest @ 13 . 25% p.a. with half- yearly rests on the amount due from 07.03.2018 till realization of the entire dues.
2. You are hereby directed to pay the above stated sum within 15 (Fifteen) days of the publication of the notice, failing which the recovery shall be made in accordance with the provisions contained in Chapter V of the Recovery of Debts due to Banks & Financial Institutions Act. 1993.
3. In addition to the aforesaid amount, you will also be liable for all costs, charges and expenses incurred in respect of the service of this notice and of warrants and other processes etc. and of all the other proceedings taken for realising of arrears.
4. You are hereby directed to appear in person of through legal representative before the undersigned on **11.02.2020** and report the details of payment made by you.

Give under my hand & seal at Cuttack on this 16th day of December, 2019

**Sd/- R.P. Patnaik**
**Recovery Officer**

## ଭାରତୀୟ ରିଜର୍ଭ ବ୍ୟାଙ୍କ
**www.rbi.org.in**

**ଭାରତୀୟ ରିଜର୍ଭ ବ୍ୟାଙ୍କ ଦ୍ୱାରା ନିୟନ୍ତ୍ରିତ ସଂସ୍ଥା କିମ୍ବା ରିଜର୍ଭ ବ୍ୟାଙ୍କର କୌଣସି ବିଭାଗ ବିରୁଦ୍ଧରେ ଅଭିଯୋଗ ର ନିରାକରଣ**

ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର.ବି.ଆଇ) ଦେଶ ସାରା ନିଜର କାର୍ଯ୍ୟାଳୟ ରେ ଅଭିଯୋଗ ର ନିରାକରଣ ପାଇଁ ବିଭିନ୍ନ ମାଧମ ସ୍ଥାପନ କରିଛନ୍ତି ।
ଭାରତୀୟ ରିଜର୍ଭ ବ୍ୟାଙ୍କ ଦ୍ୱାରା ନିୟନ୍ତ୍ରିତ ସଂସ୍ଥା ଯଥା : ବାଣିଜ୍ୟିକ ବ୍ୟାଙ୍କ, ଆଞ୍ଚଳିକ ଗ୍ରାମ୍ୟ ବ୍ୟାଙ୍କ, ସମବାୟ ବ୍ୟାଙ୍କ କିମ୍ବା ଅଣ ବ୍ୟାଙ୍କିଙ୍ଗ୍ ବିତ୍ତୀୟ କମ୍ପାନୀ (ଭାରତୀୟ ରିଜର୍ଭ ବ୍ୟାଙ୍କ ଆଇନ ୧୯୩୪ ର ଧାରା ୪୫-IA ଅନୁଯାୟୀ ପଞ୍ଜିକୃତ) ଅଣବ୍ୟାଙ୍କିଙ୍ଗ ସଂସ୍ଥା ମାନଙ୍କର ଡିଜିଟାଲ ନେଣ ଦେଣ (ଦେୟ ପ୍ରଦାନ ଏବଂ ବନ୍ଦୋବସ୍ତ ବ୍ୟବସ୍ଥା ଅଧିନିୟମ ୨୦୦୭ ଅଧିନସ୍ଥ) ଜମା ବୀମା ଓ ରଣ ନିକ୍ଷେପ ନିଗମ କିମ୍ବା ନିଜର କୌଣସି ବିଭାଗ ବିରୁଦ୍ଧରେ ଯଦି କୌଣସି ବ୍ୟକ୍ତିଙ୍କର ସେବା ଅବହେଳା ଜନିତ ଅଭିଯୋଗ ଥାଏ ତେବେ ସେ ଭାରତୀୟ ରିଜର୍ଭ ବ୍ୟାଙ୍କର କମ୍ପ୍ଲେଣ୍ଟ ମ୍ୟାନେଜ୍‌ମେଣ୍ଟ ସିଷ୍ଟମ୍ (ସି.ଏମ୍.ଏସ୍) ୱେବ୍‌ସାଇଟ୍ https://cms.rbi.org.in>>File a complaint ମାଧମରେ ତାଙ୍କ ଅଭିଯୋଗ ର ପୂର୍ଣ୍ଣ ବିବରଣୀ ଏବଂ ସମର୍ଥିତ କାଗଜପତ୍ର ସହିତ ଦାଖଲ କରିପାରିବେ ।
ଯଦି କୌଣସି ବ୍ୟକ୍ତି ଉପରୋକ୍ତ ଅଭିଯୋଗ ଉପରେ ଅନ୍‌ଲଇନ୍ ଅଭିଯୋଗ ଦାଖଲ କରିପାରୁନାହାନ୍ତି, ତେବେ ନିମ୍ନ ଲିଖିତ ଠିକଣା ରେ ତାଙ୍କ ଅଭିଯୋଗ କୁ ପୋଷ୍ଟ /ବ୍ୟକ୍ତିଗତ କିମ୍ବା ଇମେଲ ମାଧମରେ ଦାଖଲ କରିପାରିବେ ।

**୧. ଉପଭୋକ୍ତା ଶିକ୍ଷା ଏମଂ ସୁରକ୍ଷା କକ୍ଷ (CEPC)**
(ଭା.ରି.ବ୍ୟାଙ୍କ ର ଲୋକପାଳ ଯୋଜନା ଅନ୍ତର୍ଗତ ଅଭିଯୋଗ ର ନିରାକରଣ ପାଇଁ)
ଅଧିକାରୀଙ୍କ ନାମ ଏବଂ ପଦବୀ : ଶ୍ରୀ ସନ୍ତୋଷ କୁମାର ପଟ୍ଟନାୟକ, ସହାୟକ ମହାପ୍ରବନ୍ଧକ
ଠିକଣା : ଭାରତୀୟ ରିଜର୍ଭ ବ୍ୟାଙ୍କ, ପଣ୍ଡିତ ଜବାହରଲାଲ ନେହେରୁ ମାର୍ଗ, ଭୁବନେଶ୍ୱର, ଓଡ଼ିଶା-୭୫୧୦୦୧
ଟେଲିଫୋନ ନମ୍ବର : ୦୬୭୪-୨୩୯୦୦୭୪, ଇ-ମେଲ : cms.cepcbhubaneswar@rbi.org.in
କାର୍ଯ୍ୟାଳୟ ସମୟ : ପୂର୍ବାହ୍ନ ୯.୫୦ ରୁ ଅପରାହ୍ନ ୫.୩୫ ଘଣ୍ଟା

**୨. ବ୍ୟାଙ୍କ ଲୋକପାଳ, ଯୋଜନା (BO Scheme, 2006)**
(ବ୍ୟାଙ୍କ ଲୋକପାଳ ଯୋଜନା, ୨୦୦୬ ର ଧାରା ୮ ରେ ନିର୍ଦ୍ଦିଷ୍ଟ ଅଭିଯୋଗର ନିରାକରଣ)
ବ୍ୟାଙ୍କିଙ୍ଗ୍ ଲୋକପାଳ କାର୍ଯ୍ୟାଳୟ, (ଭୁବନେଶ୍ୱର)
ମାର୍ଫତ୍ : ଭାରତୀୟ ରିଜର୍ଭ ବ୍ୟାଙ୍କ, ୩ୟ ମହଲା, ପଣ୍ଡିତ ଜବାହରଲାଲ ନେହେରୁ ମାର୍ଗ, ଭୁବନେଶ୍ୱର, ଓଡ଼ିଶା-୭୫୧୦୦୧
ଟେଲିଫୋନ ନମ୍ବର : ୦୬୭୪-୨୩୯୬୨୦୭/୨୩୯୬୦୦୮, ଫ୍ୟାକ୍ସ ନଂ.୨୩୯୩୯୦୬
ଇ-ମେଲ୍ : cms.bobhubaneswar@rbi.org.in
କାର୍ଯ୍ୟାଳୟ ସମୟ : ପୂର୍ବାହ୍ନ ୯.୫୦ ରୁ ଅପରାହ୍ନ ୫.୩୫ ଘଣ୍ଟା

**୩. ଲୋକପାଳ ଯୋଜନା - ଅଣବ୍ୟାଙ୍କିଙ୍ଗ୍ ବିତ୍ତୀୟ କମ୍ପାନୀ (NBFC-O Scheme, 2018)**
(ଅଣବ୍ୟାଙ୍କିଙ୍ଗ୍ ବିତ୍ତୀୟ କମ୍ପାନୀ ଲୋକପାଳ ଯୋଜନା ୨୦୧୮ ଅନ୍ତର୍ଗତ ଅଣବ୍ୟାଙ୍କିଙ୍ଗ୍ ବିତ୍ତୀୟ କମ୍ପାନୀ ବିରୁଦ୍ଧରେ ଏବଂ ଅଣବ୍ୟାଙ୍କିଙ୍ଗ୍ ବିତ୍ତୀୟ କମ୍ପାନୀ ଲୋକପାଳ ଯୋଜନା ର ଧାରା ୮ ଅଧୀନରେ ଆସୁଥିବା ଅଭିଯୋଗର ନିରାକରଣ ପାଇଁ)
ଲେକାପାଳ-ଅଣବ୍ୟାଙ୍କିଙ୍ଗ୍ ବିତ୍ତୀୟ କମ୍ପାନୀ (ପୂର୍ବକ୍ଷେତ୍ର)*
ମାର୍ଫତ୍ : ଭାରତୀୟ ରିଜର୍ଭ ବ୍ୟାଙ୍କ
ଠିକଣା : ୧୫, ନେତାଜୀ ସୁଭାଷ ମାର୍ଗ, କୋଲକାତା-୭୦୦୦୦୧
ଟେଲିଫୋନ ନମ୍ବର : ୦୩୩-୨୩୩୦୪୯୮୨, ଫ୍ୟାକ୍ସ ନଂ୦୩୩-୨୨୩୦୫୮୯୯
ଇ-ମେଲ୍ : cms.nbfckolkata@rbi.org.in
କାର୍ଯ୍ୟାଳୟ ସମୟ : ପୂର୍ବାହ୍ନ ୯.୪୫ ରୁ ଅପରାହ୍ନ ୫.୩୦ ଘଣ୍ଟା
**ଟିପ୍ପଣୀ* :** କଲିକତା ପୂର୍ବ କ୍ଷେତ୍ର ପାଇଁ ଅଣବ୍ୟାଙ୍କିଙ୍ଗ୍ ବିତ୍ତୀୟ କମ୍ପାନୀ ହେତୁ ଲୋକପାଳ ର କ୍ଷେତ୍ରାଧିକାରରେ ପଶ୍ଚିମବଙ୍ଗ, ସିକ୍କିମ୍, ଓଡ଼ିଶା, ଆସାମ, ଅରୁଣା ଚଳ ପ୍ରଦେଶ, ମଣିପୁର , ମେଘାଳୟ, ମିଜୋରାମ, ନାଗାଲ୍ୟାଣ୍ଡ, ତ୍ରିପୁରା, ବିହାର ଓ ଝାଡଖଣ୍ଡ ସାମିଲ୍ ଅଛି ।

**୪. ଡିଜିଟାଲ୍ ନେଣଦେଣ ପାଇଁ ଲୋକପାଳ ଯୋଜନା (OSDT 2019)**
(ଓ.ଏସ.ଡି.ଟି. ଅଧିନରେ ଆସୁଥିବା ଦେୟ ପ୍ରଦାନ ଏବଂ ବନ୍ଦୋବସ୍ତ ବ୍ୟବସ୍ଥା ଅଧିନିୟମ ୨୦୦୭ ଅନୁଯାୟୀ ବ୍ୟବସ୍ଥା ପ୍ରତିଯୋଗୀ (ସିଷ୍ଟମ୍ ପାର୍ଟିସିପ୍ୟାଣ୍ଟ) ଙ୍କ ବିରୁଦ୍ଧରେ ଓ.ଏସ.ଡି.ଟି ର ଧାରା ୮ ରେ ସୂଚିତ ଆଧାର ଅନୁସାରେ ଅଭିଯୋଗ ନିରାକରଣ ପାଇଁ)
ଲୋକପାଳ, ଡିଜିଟାଲ ନେଣଦେଣ (ଭୁବନେଶ୍ୱର)
ମାର୍ଫତ୍ : ଭାରତୀୟ ରିଜର୍ଭ ବ୍ୟାଙ୍କ
ଠିକଣା : ଭାରତୀୟ ରିଜର୍ଭ ବ୍ୟାଙ୍କ, ୩ୟ ମହଲା, ପଣ୍ଡିତ ଜବାହରଲାଲ ନେହେରୁ ମାର୍ଗ, ଭୁବନେଶ୍ୱର, ଓଡ଼ିଶା-୭୫୧୦୦୧
ଟେଲିଫୋନ ନମ୍ବର : ୦୬୭୪-୨୩୯୬୨୦୭/୨୩୯୬୦୦୮, ଫ୍ୟାକ୍ସ ନଂ.୨୩୯୩୯୦୬
ଇ-ମେଲ୍ : cms.odtbhubaneswar@rbi.org.in
କାର୍ଯ୍ୟାଳୟ ସମୟ : ପୂର୍ବାହ୍ନ ୯.୫୦ ରୁ ଅପରାହ୍ନ ୫.୩୫ ଘଣ୍ଟା

**୫. ଜମା ବୀମା ଓ ରଣ ନିକ୍ଷେପ ନିଗମ ବିରୁଦ୍ଧରେ ଅଭିଯୋଗ**
ସାଧାରଣ ବ୍ୟକ୍ତି ଜମା ବୀମା ଓ ରଣ ନିକ୍ଷେପ ନିଗମ ବିରୁଦ୍ଧରେ ଅଭିଯୋଗ କୁ ନିମ୍ନୋକ୍ତ ଠିକଣା/ଇ-ମେଲ ମାଧମରେ ଦାଖଲ କରିପାରିବେ :
ଜମା ବୀମା ଓ ରଣ ନିକ୍ଷେପ ନିଗମ (DICGC)
ମହାପ୍ରବନ୍ଧକ,
ଜମା ବୀମା ଓ ରଣ ନିକ୍ଷେପ ନିଗମ, ଅଭିଯୋଗ ନିରାକରଣ କକ୍ଷ, ଭାରତୀୟ ରିଜର୍ଭ ବ୍ୟାଙ୍କ ଭବନ,
୨ୟ ମହଲା, ମୁମ୍ବାଇ ସେଣ୍ଟ୍ରାଲ୍ ରେଲ୍‌ୱେ ଷ୍ଟେସନ ସମ୍ମୁଖ, ମୁମ୍ବାଇ-୪୦୦୦୦୮
ଅଭିଯୋଗକାରୀ ମହାପ୍ରବନ୍ଧକ ଶ୍ରୀମତି ରୀତା ସରକାର ମୋରିଆ ଙ୍କୁ ମଧ ଟେଲିଫୋନ ନମ୍ବର - ୦୨୨-୨୩୦୧୯୬୩୩, ବିସ୍ତାର ସଙ୍ଖ୍ୟା-୮୨୦୧ କିମ୍ବା ଇ-ମେଲ : dicgc@rbi.org.in ମାଧମରେ ଯୋଗାଯୋଗ କରିପାରିବେ ।

**ଟିପ୍ପଣୀ ୧ :** ବ୍ୟାଙ୍କ ଲୋକପାଳ ଯୋଜନା, ୨୦୦୬ କିମ୍ବା ଅଣବ୍ୟାଙ୍କିଙ୍ଗ ବିତ୍ତୀୟ କମ୍ପାନୀ ଲୋକପାଳ ଯୋଜନା, ୨୦୧୮ କିମ୍ବା ଡିଜିଟାଲ ନେଣ-ଦେଣ ଲୋକପାଳ ଯୋଜନା, ୨୦୧୯ ଅନ୍ତର୍ଗତ ଅଭିଯୋଗ ଦାଖଲ କରିବା ପାଇଁ ଅଭିଯୋଗକାରୀ ଦୟା ପୂର୍ବକ ଧ୍ୟାନ ଦିଅନ୍ତୁ ଯେ ନିଜ ଅଭିଯୋଗର ନିରାକରଣ ପାଇଁ ପ୍ରଥମେ ବ୍ୟାଙ୍କ ଶାଖା/ରିଜର୍ଭ ବ୍ୟାଙ୍କରେ ପଞ୍ଜିକୃତ ହୋଇ ଜମା ଗ୍ରହଣ କରୁଥିବା ଅଣବ୍ୟାଙ୍କିଙ୍ଗ ବିତ୍ତୀୟ କମ୍ପାନୀ ପଦ୍ଧତି ଅଂଶଗ୍ରହଣକାରୀ (ସିଷ୍ଟମ୍ ପାର୍ଟିସିପ୍ୟାଣ୍ଟ) ଙ୍କ ସହ ସମ୍ପର୍କ ସ୍ଥାପନ କରନ୍ତୁ । ଯଦି ସମ୍ବନ୍ଧିତ ବ୍ୟାଙ୍କ/ଅଣବ୍ୟାଙ୍କିଙ୍ଗ/ବିତ୍ତୀୟ କମ୍ପାନୀ/ପଦ୍ଧତି ଅଂଶଗ୍ରହଣକାରୀ (ସିଷ୍ଟମ୍ ପାର୍ଟିସିପ୍ୟାଣ୍ଟ) ଲୋକପାଳ ଯୋଜନା ର ଧାରା-୮ ଅନ୍ତର୍ଗତ ସେବା ଅବହେଳା ସମ୍ପର୍କିତ/ଅଭିଯୋଗର ନିରାକରଣ ୩୦ ଦିନ ଭିତରେ ନ କରନ୍ତି କିମ୍ବା ଅଭିଯୋଗକାରୀ, ତାଙ୍କର ଉତ୍ତରରେ ସନ୍ତୁଷ୍ଟ ନ ହୁଅନ୍ତି, ତେବେ ସେ ତା'ପରେ ଉତ୍ତର ପ୍ରାପ୍ତି ର ଏକ ବର୍ଷ ମଧରେ କିମ୍ବା ଉତ୍ତର ପ୍ରାପ୍ତି ନ ହୋଇଥିଲେ ଅଭିଯୋଗ ଦେଇଥିବା ତାରିଖ ଠାରୁ ଏକ ବର୍ଷ ଏକ ମାସ ମଧ୍ୟରେ ସମ୍ପୃକ୍ତ ଲୋକପାଳ ଙ୍କୁ ଅଭିଯୋଗ କରିପାରିବେ ।

**ଟିପ୍ପଣୀ-୨ :** ବ୍ୟାଙ୍କ, ଅଣବ୍ୟାଙ୍କିଙ୍ଗ ବିତ୍ତୀୟ କମ୍ପାନୀ ପଦ୍ଧତି ଅଂଶଗ୍ରହଣକାରୀ (ସିଷ୍ଟମ୍ ପାର୍ଟିସିପ୍ୟାଣ୍ଟ) ଙ୍କ ବିରୁଦ୍ଧରେ ବ୍ୟାଙ୍କ ଲୋକପାଳଙ୍କ ଠାରେ ଅଥବା ବ୍ୟାଙ୍କ, ପଦ୍ଧତି ଅଂଶଗ୍ରହଣକାରୀଙ୍କ ବିରୁଦ୍ଧରେ ଉପଭୋକ୍ତା ଶିକ୍ଷା ଏବଂ ସୁରକ୍ଷା କକ୍ଷରେ ଅଭିଯୋଗ, ଯାହା ସେହି କମ୍ପାନୀ ର ଶାଖା କ୍ଷେତ୍ରର ସ୍ଥାନ ଆଧାରରେ କରାଯାଇପାରିବ । କେନ୍ଦ୍ରିୟ ପରିଚାଳନା କିମ୍ବା ବିତ୍ତୀର କମ୍ପାନୀ ବିରୁଦ୍ଧରେ ଗ୍ରାହକ ରହୁଥିବା ସ୍ଥାନ ଏବଂ ବିଳିଂ ଠିକଣା ଆଧାରରେ ଅଭିଯୋଗ ମଞ୍ଚରେ ଦାଖଲ କରିପାରିବେ ।

**ଲୋକପାଳଙ୍କ ନିଷ୍ପତ୍ତିର ପୁର୍ନର୍ବିଚାର ପାଇଁ ଆବେଦନ :**
ବ୍ୟାଙ୍କ, ଅଣବ୍ୟାଙ୍କିଙ୍ଗ ବିତ୍ତୀୟ କମ୍ପାନୀ/ଡିଜିଟାଲ ନେଣ-ଦେଣ ଲୋକପାଳଙ୍କ ନିଷ୍ପତ୍ତି ପୁନର୍ବିଚାର ପାଇଁ ଆବେଦନ କରାଯାଇପାରିବ ଯଦି /ଅଭିଯୋଗଟି ଏହି ଯୋଜନା ରେ ସୂଚୀତ ପୁନର୍ବିଚାର ଯୋଗ୍ୟ ଅଭିଯୋଗ ହୋଇଥିବ । ଏହି ପୁନର୍ବିଚାର ଆବେଦନ ସମ୍ବନ୍ଧିତ ଲୋକପାଳଙ୍କ ନିଷ୍ପତ୍ତି ସୂଚନା ପ୍ରାପ୍ତିର ୩୦ ଦିନ ମଧ୍ୟରେ ଆର.ବି.ଆଇ ୱେବ୍‌ସାଇଟ୍ https://cms.rbi.org.in>>File an appeal ଦ୍ୱାରା କିମ୍ବା ପୁନର୍ବିଚାର ଅଧିକାରୀ, ଭାରତୀୟ ରିଜର୍ଭ ବ୍ୟାଙ୍କ, ଉପଭୋକ୍ତା ଶିକ୍ଷା ଏବଂ ସୁରକ୍ଷା ବିଭାଗ, କେନ୍ଦ୍ରିୟ କାର୍ଯ୍ୟାଳୟ, ଅମର ଭବନ, ସାର.ପ.ଏମ୍ ରୋଡ ପୋଷ୍ଟ : ମୁମ୍ବାଇ-୪୦୦୦୦୧ ରେ ଦାଖଲ କରିପାରିବେ ।

**ଟିପ୍ପଣୀ : ଅଭିଯୋଗକାରୀଙ୍କ ନିଜର ଠିକଣା ଏବଂ ଫୋନ ନଂ/ମୋବାଇଲ ନମ୍ବର /ଅଭିଯୋଗରେ ଦର୍ଶାଇବାପାଇଁ ଅନୁରୋଧ**



ଯେଉଁ ଘରେ ସୁଲକ୍ଷଣା ନାରୀ ବାସ କରେ, ସେହି ଘରେ ଲକ୍ଷ୍ମୀ ରହନ୍ତି।
କୋଟି କୋଟି ଦେବତା ମଧ ସେହି ଘରକୁ ତ୍ୟାଗ କରନ୍ତି ନାହିଁ।
- ମହର୍ଷି ଗର୍ଗ



## ସଂକ୍ଷେପରେ

### ଦୁର୍ଘଟଣାରେ ଆହତ ଦମ୍ପତିଙ୍କୁ ଗାଡ଼ିରେ ଡାକ୍ତରଖାନା ନେଲେ ବିଧାୟକ

ସୁନ୍ଦରଗଡ, ୧୧।୧ (ଡି.ଏନ୍.ଏ) ସୁନ୍ଦରଗଡ଼ ଜିଲା ତଳସରା ବିଧାୟକ ଭବାନୀଶଙ୍କର ଭୋଇ ଶନିବାର ଭୁବନେଶ୍ୱରରୁ ସୁନ୍ଦରଗଡ ଫେରୁଥିବା ବେଳେ କଟକ ସମ୍ବଲପୁର ଜାତୀୟ ରାଜପଥ -୫୫ ଅନ୍ତର୍ଗତ ଜୁଜୁମୁରା ନିକଟରେ ଏକ ବାଇକ୍ ଦୁର୍ଘଟଣାରେ ଆହତ ଦମ୍ପତିଙ୍କୁ ଉଦ୍ଧାର କରି ନିକଟସ୍ଥ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ପ୍ରାଥମିକ ଚିକିତ୍ସା ପରେ ଆହତ ଦମ୍ପତି ସୁସ୍ଥ ଥିବା ବିଧାୟକ କହିଛନ୍ତି।

### ଦୁର୍ଘଟଣାରେ ଆର୍‌ପିଏଫ୍ ଯବାନ ଗୁରୁତର

ବଡଗାଁ, ୧୧।୧ (ଡି.ଏନ.ଏ)- ବଡଗାଁ ବ୍ଲକ ଅନ୍ତର୍ଗତ ଫୁଲବାରୀ ପଞ୍ଚାୟତର କୁରେଇବଗା ଗାଁ ନିକଟରେ ଶନିବାର ଅପରାହ୍ନ ପ୍ରାୟ ଅଢ଼େଇଟା ବେଳେ ଦୁର୍ଘଟଣା ଘଟିଛି। ଶବାରି ଜିପ୍ ଧକ୍କା ଦେବାରୁ ବାମରା ବ୍ଲକ ବୃବୁଡା ଗ୍ରାମର ଆରପିଏଫ୍ ଯବାନ ସୁନୀଲ ବାଗ ଗୁରୁତର ଆହତ ହୋଇଛନ୍ତି । ସୂଚନାନୁଯାୟୀ, କୁରେଇବଗା ପୋଲ ନିକଟ ବୁଲାଣୀଠାରେ ସବାରୀ ଓ ବାଇକ ମଧ୍ୟରେ ଧକ୍କା ହୋଇଥିବା ପ୍ରତ୍ୟକ୍ଷଦର୍ଶୀଙ୍କଠାରୁ ଜଣାପଡିଛି । ଦୁର୍ଘଟଣା ପରେ ସବାରୀ ଆହତ ଯବାନଙ୍କୁ ଛାଡି ଫେରାର ହୋଇଯାଇଥିଲା । ଆହତ ଯବାନଙ୍କ ଗୋଡ ଭାଙ୍ଗିଥିବା ସୂତ୍ରରୁ ସୂଚନା ମିଳିଛି ।

### ଆର୍‌ଏସ୍‌ପି ପରିସରକୁ ସନ୍ଦିଗ୍ଧ ଗାଡ଼ି ପ୍ରବେଶ ଘଟଣାର ୧୫ ଦିନ ବିତିଲା

# ଅନ୍ଧାରରେ ବାଡ଼ି ବୁଲାଉଛି ପୋଲିସ

**ବିଧାୟକ ଶଙ୍କର ଓରାମ କହିଲେ ରାଷ୍ଟ୍ରୀୟ ସମ୍ପତ୍ତି ହରିଲୁଟ ଦୁଃଖଦାୟକ**

ରାଉରକେଲା ଅଫିସ,୧୧। ୧

ଗତ ୨୫ ଡିସେମ୍ବରରେ ରାଉରକେଲା ଇସ୍ପାତ କାରଖାନା ଭିତରକୁ ଦୁଇଟି ଭାରିଯାନ ନକଲି କାଗଜପତ୍ର ଦେଖାଇ ପ୍ରବେଶ କରିଥିଲା । ଯାହାକୁ ନୂଆ ପ୍ଲେଟ ମିଲରୁ ଠାବ କରାଯାଇଥିଲା । ଗାଡି ଦୁଇଟି ଏବେ ଟାଙ୍ଗରପାଲ୍ଲୀ ପୋଲିସ ହେପାଜତରେ ରହିଛି। ଗାଡି ନମ୍ବର ନକଲ ଥିବା ପୋଲିସ ସୂଚନା ଦେଇଛି। ଘଟଣା ଘଟିବାର ଇତି ମଧ୍ୟରେ ୧୫ଦିନ ଅତିବାହିତ ହେବାକୁ ବସିଲାଣି। ଗାଡି ଡ୍ରାଇଭର ଓ ହେଲପର ଫେରାର ଥିବା କୁହାଯାଉଛି। ନକଲି ନମ୍ବର ପ୍ଲେଟ ଲଗାଇ କାରଖାନା ଭିତରକୁ ପ୍ରବେଶ କରିଥିବା ଗାଡି ଦୁଇଟିର ଅସଲି ନମ୍ବର ଏଯାଏ ପୋଲିସ କହିପାରୁନି। କଡା ସୁରକ୍ଷା ବଳୟ ଭେଦ କରି ନକଲି ନମ୍ବର ଲଗାଇ କାରଖାନା ଭିତରକୁ ପଶିଥିବା ଗାଡି ଦୁଇଟି କାହାର ସେକଥା ମଧ୍ୟ ପୋଲିସ ଜାଣି ପାରୁନି । କାରଖାନା ଶିଳ୍ପ ସୁରକ୍ଷା ଅଧିକାରୀଙ୍କଠୁ ପୋଲିସ ଅଧିକ ତଥ୍ୟ ଆଦାୟ କରିବାକୁ ସକ୍ଷମ ହୋଇ ପାରିନି। ଏହି ଭାରିଯାନ ଦୁଇଟି ପ୍ରଥମ କରି କାରଖାନାକୁ ପ୍ରବେଶ କରିଥିଲା ନା ଅଭ୍ୟାସଗତ ସେନେଇ ମଧ୍ୟ କିଛି ସ୍ପଷ୍ଟ କରୁନି ପୋଲିସ । ଏନେଇ ଟାଙ୍ଗରପାଲ୍ଲୀ ଥାନାରେ ଆର୍‌ଏସ୍‌ପି ପକ୍ଷରୁ ଏତଲା ଦିଆଯାଇଛି। ଏକ ଟ୍ରେଲର ଓ ୧୦ ଚକିଆ ଗାଡି କେଉଁ ପରିସ୍ଥିତିରେ ନମ୍ବର ପ୍ଲେଟ ବଦଳାଇ କାରଖାନାକୁ ପଶିଥିଲା ତାହା ମଧ୍ୟ ଅନ୍ଧାରରେ ରହିଛି। କେଉଁ ମୂଲ୍ୟବାନ ସାମଗ୍ରୀ ଚୋରି ଉଦ୍ଦେଶ୍ୟରେ ଗାଡି ପ୍ରବେଶ କରିଥିଲା ସେନେଇ କାହା ତୁଣ୍ଡ ଖୋଲୁନି। ଶୁଣାଯାଉଛି ଯେ, ଏହା ପ୍ରଥମ ଘଟଣା ନୁହେଁ। ବହୁ ପୂର୍ବରୁ ଏଭଳି ଚଞ୍ଚକତା କରାଯାଇ ଆର୍‌ଏସ୍‌ପି ପରିସରରୁ ଏମିତି ଲୁଟ ଚାଲିଛି। ଗାଡି ନମ୍ବର ବଦଳାଯାଇ ଥିଲେ ବି ଏହାର ଚେସିସ ଓ ଇଞ୍ଜିନ ନମ୍ବରରୁ ମାଲିକଙ୍କ ଠିକଣା ନିମିଷକେ ଜଣା ପଡିବା କଥା। ଯାହାକୁ ଲୁଚାଇବାକୁ ଉଦ୍ୟମ କରାଯାଉଥିବା ଅଭିଯୋଗ ହେଉଛି। ଖୋଲାଖୋଲି କହିବାକୁ ଗଲେ ଏହି ଚୋରି ଘଟଣାକୁ ଯୋଜନାବଦ୍ଧ ଭାବେ ଚାପି ଦେବାକୁ ଉଦ୍ୟମ ଜାରି ରହିଛି। ଏଥିରେ ଷ୍ଟିଲ ସିଟିର ମୁଷ୍ଟିମେୟ ବ୍ୟବସାୟୀ, ରାଜନେତା ଓ ଆରଏସପି ଅଧିକାରୀ ସଂଶ୍ଳିଷ୍ଟ ଏମିତି ଆଲୋଚନା ଜୋର ଧରିଛି। ଯେଉଁ ବିଭାଗ ଏଥିରେ ସମ୍ପୃକ୍ତ ସେହି ବିଭାଗ ଅଧିକାରୀଙ୍କୁ ଏପର୍ଯ୍ୟନ୍ତ କାହିଁକି ଜେରା କରାଯାଉନି। ସେ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଆର୍‌ଏସ୍‌ପି ଗେଟ ଅନାୟସରରେ କେମିତି ଡେଇଁ ଗଲେ ଡ୍ରାଇଭର ଖଲାସୀ। ଗାଡି ମାଲିକଙ୍କୁ କାହିଁକି ଚିହ୍ନଟ କରାଯାଇନି ଏହା ପ୍ରଶ୍ନବାଚୀ ସୃଷ୍ଟି ରହିଛି। ଗାଡି କାହାର ସେ କେଉଁଠି ରହନ୍ତି, କାହିଁକି ଧରା ଦେଇ ନାହାଁନ୍ତି, ସେନେଇ ଖୋଳତାଡକୁ ଶିଥିଳ କରାଯିବା ସନ୍ଦେହ ସୃଷ୍ଟି କରିଛି। ଇତି ମଧ୍ୟରେ ୧୫ ଦିନ ପୁରିବାକୁ ବସିଲାଣି। କେଉଁମାନେ ଘଟଣାରେ ସଂଶ୍ଳିଷ୍ଟ, କଣ ଚୋରି ଯାଉଥିଲା ତାହା ଆଜି ବି ରହସ୍ୟ ଘେରରେ ରହିଛି। ଏହାକୁ ନେଇ ବରିଷ୍ଠ ଭାଜପା ନେତା ତଥା ବୀରମିତ୍ରପୁର ବିଧାୟକ ଶଙ୍କର ଓରାମ କ୍ଷୋଭ ପ୍ରକାଶ କରିଛନ୍ତି। ସେ କହିଛନ୍ତି ଯେ, ରାଷ୍ଟ୍ରୀୟ ସମ୍ପତିକୁ ଯେଉଁମାନେ ଷଡଯନ୍ତ୍ର କରି ଲୁଟିବାକୁ ଚାହୁଁଛନ୍ତି ସେମାନଙ୍କୁ କେବେ କ୍ଷମା ଦିଆଯିବା ଅନୁଚିତ। ଏତେବଡ ଘଟଣାରେ ତଦନ୍ତ ଯେଉଁ ଢଙ୍ଗରେ କରାଯିବା କଥା ତାହା ହେଉନି। କାହାକୁ କାହିଁକି ଘଣ୍ଟ ଘୋଡା ଯାଉଛି ତାହା ବୁଝାପଡୁନି। ସବୁ କଥା ଲୋକଲୋଚନକୁ ଆସିବା ଦରକାର। ରାଉରକେଲା ଇସ୍ପାତ କାରଖାନାରେ ଏଭଳି ହରିଲୁଟ ମୋତେ ଅଶ୍ଚର୍ଯ୍ୟ କରିଛି। ଦୀର୍ଘ ୧୫ ଦିନ ପରେ ଏହି ରହସ୍ୟ ଉନ୍ମୋଚନ ନ ହେବା ସନ୍ଦେହ ସୃଷ୍ଟି କରିଛି। କଡାସୁରକ୍ଷା ବଳୟ ଭେଦ କରି ଗାଡି କାରଖାନା ଭିତରକୁ ପ୍ରବେଶ କରିବା, ଚତୁରତା ସହ ଡ୍ରାଇଭର ଖଲାସି ଫେରାର ହେବା ଓ ଆଜି ପର୍ଯ୍ୟନ୍ତ ଧରା ନ ପଡିବା ସନ୍ଦେହକୁ ଦୃଢ କରୁଛି। ଏହା ସହଜ କଥା ନୁହେଁ। ଆଜି ପର୍ଯ୍ୟନ୍ତ ପୋଲିସ ସେମାନଙ୍କ ଖୋଜ ଖବର ନ ନେବା ରହସ୍ୟଜନକ। ଏନେଇ ଠିକ ତଦନ୍ତ କରାନଗଲେ କେନ୍ଦ୍ର ଇସ୍ପାତ ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିବାକୁ ମୁଁ ବାଧ ହେବି ବୋଲି ବିଧାୟକ ଓରାମ ପ୍ରକାଶ କରିଛନ୍ତି। ଏନେଇ ଟାଙ୍ଗରପାଲ୍ଲୀ ଥାନାଧିକାରୀ ଲକ୍ଷ୍ମୀଧର ବେହେରାଙ୍କୁ ପଚାରାଯବାରୁ ସେ ଘଟଣାକୁ ଅତ୍ୟନ୍ତ ହାଲୁକା ଭାବେ ନେଇ କହିଥିଲେ ଗାଡି କାହାର ଆମେ ଜାଣିନୁ। ଚିଠି ଲେଖାଯାଇଛି ବିଭାଗକୁ। ସେଠୁ ଉତ୍ତର ଆସିଲେ ଯାହା ହେବ।

# ୩୧ତମ ସଡ଼କ ସୁରକ୍ଷା ସପ୍ତାହ

ରାଉରକେଲା ଅଫିସ. ୧୧। ୧

ଷ୍ଟିଲ ସିଟିରେ ୩୧ ତମ ସଡକ ସୁରକ୍ଷା ସପ୍ତାହ ଆରମ୍ଭ କରାଯାଇଛି। ଏହାକୁ ପଶ୍ଚିମାଞ୍ଚଳ ଡିଆଇଜି କବିତା ଜଲାନ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ବିଶ୍ରା ଛକଠାରେ ଆୟୋଜିତ କାର୍ଯ୍ୟକ୍ରମରେ ନୃତ୍ୟଗୀତ ଓ ପଥପ୍ରାନ୍ତ ନାଟକ ମାଧ୍ୟମରେ ସଚେତନତା ସୃଷ୍ଟି କରାଯାଇଥିଲା। ଏଥିରେ ଏସ୍‌ପି କେ. ଶିବା ସୁବ୍ରମଣିଙ୍କ ସମେତ ଅନ୍ୟ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ। ଏହି ଅବସରରେ ଡିଆଇଜି ଜଲାନ ଟ୍ରାଫିକ ନିୟମ ଉପରେ ଗୁରୁତ୍ୱାରୋପ କରିଥିଲେ। ଏସ୍‌ପି ସୁବ୍ରମଣି ପଥଚାରୀ ବାଇକ ଚାଳକଙ୍କୁ ଫୁଲ ଦେଇ ସଚେତନ କରାଇଥିଲେ। ନିଜ ସହ ସମାଜ ପାଇଁ ସମସ୍ତେ ମିଳିମିଶି ସଡକ ସୁରକ୍ଷା ନୀତି ନିୟମ ପାଳନ କରିବାକୁ ସେ ଆହ୍ୱାନ ଦେଇଥିଲେ। ଏଥିରେ ବହୁ ସାମାଜିକ କାର୍ଯ୍ୟକର୍ତା ଯୋଗଦେଇ ଟ୍ରାଫିକ ସଚେତନତା ଉପରେ ବିଶେଷ ଆଲୋଚନା କରିଥିଲେ। ପ୍ଲା କାର୍ଡ ଧରି ସ୍ୱେଚ୍ଛାସେବୀ ପଥଚାରୀ ଗାଡି ଚାଳକଙ୍କୁ ବିଭିନ୍ନ ପରାମର୍ଶ ପ୍ରଦାନ କରିଥିଲେ। ଏହି ଅବସରରେ ବହୁ ବିଦ୍ୟାଳୟ ଛାତ୍ରୀଛାତ୍ର ଉପସ୍ଥିତ ରହି ସହରରେ ବୁଲୁଥିବା ସୁରକ୍ଷା ରଥ ସମ୍ପର୍କରେ ବିଶେଷ ଧ୍ୟାନ ଦେଇଥିଲେ। ସହରର ବିଭିନ୍ନ ସ୍ଥାନରେ ସୁରକ୍ଷା ରଥ ପରିକ୍ରମା କରିଥିଲା। ପ୍ରଚାରପତ୍ର ବଣ୍ଟନ କରାଯାଇଥିଲା। ସୁରକ୍ଷା ନିୟମ ପାଳନ କରିବାକୁ ଆହ୍ୱାନ ଦିଆଯାଇଥିଲା। ଏଥିରେ ଜିଲା ସଡକ ପରିବହନ କାର୍ଯ୍ୟାଳୟ ଅଧିକାରୀ ଓ କର୍ମକର୍ତ୍ତା ସହଯୋଗ କରିଥିଲେ।




ସଡକ ସୁରକ୍ଷା ସପ୍ତାହ ଅବସରରେ ସଚେତନତା ଶୋଭାଯାତ୍ରା।

# ନାଗରିକତ୍ୱ ସଂଶୋଧନ ଆଇନ: ଭାଜପା ପକ୍ଷରୁ ସଚେତନତା

ରାଉରକେଲା ଅଫିସ. ୧୧। ୧

ନାଗରିକତା ସଂଶୋଧନ ଆଇନକୁ ଦେଶର ସାଧାରଣ ଲୋକେ ଗ୍ରହଣ କରିଛନ୍ତି। ଏହାର ଉପକାରିତା ବୁଝିଛନ୍ତି। ଯେଉଁମାନେ ଏହା ବିରୋଧରେ ହୋ ହାଲ୍ଲା କରୁଛନ୍ତି ସେମାନେ ନିଜ ସ୍ୱାର୍ଥ ପାଇଁ ଲୋକଙ୍କୁ ମତାଉଛନ୍ତି। ନାଗରିକତା ସଂଶୋଧନ ଆଇନ କାହାର କ୍ଷତି ଘଟାଇବ ନାହିଁ। ଏହା ଅଣନାଗରିତାରେ ଛନ୍ଦି ହୋଇ ଛଟପଟ ହେଉଥିବା ଲୋକଙ୍କୁ ନ୍ୟାୟ ପ୍ରଦାନ କରିବ ବୋଲି ଭାଜପା ପକ୍ଷରୁ କୁହାଯାଇଛି। ପାନପୋଷ ସାଙ୍ଗଠନିକ ଭାଜପା ପକ୍ଷରୁ ଗତ କିଛି ଦିନ ହେବ ସହରରେ ନାଗରିକତା ସଂଶୋଧନ ଆଇନ ସମ୍ପର୍କରେ ସଚେତନତା ସୃଷ୍ଟି କରାଯାଉଛି। ପରିସ୍ଥିତି ଚାପରେ ପଡି ଭାରତକୁ ଚାଲି ଆସିଥିବା ହିନ୍ଦୁ ଶରଣାର୍ଥୀ ଏହା ଦ୍ୱାରା ଉପକୃତ ହେବେ। ନିଜ ନ୍ୟାୟିକ ଅଧିକାର ଫେରିପାଇବେ। ଶାନ୍ତି ସୌହାର୍ଦ୍ଦରେ ଜୀବନ ଯାପନ କରିବେ। ତିଳକୁ ତାଳ କରି ବିରୋଧି ନାଗରିକତା ସଂଶୋଧନ ଆଇନ ବିରୋଧରେ ଡିଣ୍ଡିମ ପିଟୁଛନ୍ତି। ଏହାର ସତ୍ୟାସତ୍ୟ କାହାକୁ ଜଣାଉ ନାହାଁନ୍ତି। ଏହା ଅତ୍ୟନ୍ତ ଦୁର୍ଭାଗ୍ୟପୂର୍ଣ୍ଣ ବୋଲି କହିଛନ୍ତି ଭାଜପା ନେତୃମଣ୍ଡଳୀ। ପାକିସ୍ଥାନ, ବାଂଲାଦେଶ, ଆଫଗାନିସ୍ଥାନ ଭଳି ଦେଶରୁ ତଡା ଖାଇ ଆମ ଦେଶରେ ଶରଣ ନେଇଥିବା ଲୋକଙ୍କୁ ନ୍ୟାୟିକ ଅଧିକାର ପ୍ରଦାନ କରିବା ସରକାରଙ୍କ ମୂଳ ଲକ୍ଷ୍ୟ। ଏହା ଦୋଷାବହ ନୁହେଁ। ଶାନ୍ତି ସହାବସ୍ଥାନ ନେଇ ବ୍ୟବସ୍ଥା କରାଯିବା ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ। ଏମିତି ଅବସ୍ଥାରେ ବିରୋଧି ଏହାକୁ ପ୍ରସଙ୍ଗ କରି ନାଚକୁଦ କରିବା ଶୋଭନୀୟ ନୁହେଁ ବୋଲି ଭାଜପା ପକ୍ଷରୁ କୁହାଯାଇଛି। ସର୍ବେ ଭବନ୍ତୁ ସୁଖିନ ନୀତିରେ ବିଶ୍ୱାସୀ କରେ ଭାଜପା । ଏଥିରୁ ବିରୋଧି ନିବୃତ ରହିବା ଉଚିତ। ସରକାରଙ୍କ ସକାରାତ୍ମକ ଚିନ୍ତାଧାରାକୁ ବାସ୍ତବ ରୂପଦେବା ଦଳର ଲକ୍ଷ୍ୟ। ଏଥିରେ ସହଯୋଗ କରିବା ପରିବର୍ତ୍ତେ ଯେଉଁମାନେ ଅଯଥା ହୋ ହାଲ୍ଲା କରୁଛନ୍ତି ସେମାନେ ଦେଶ ବିଷୟରେ ଚିନ୍ତା କରନ୍ତୁ। ଏମିତି ଅବସ୍ଥାରେ ସଙ୍ଗଠନ ପକ୍ଷରୁ ସହରର ବିଭିନ୍ନ ସ୍ଥାନରେ ସଚେତନତା ସୃଷ୍ଟି ନେଇ ବ୍ୟାପକ ପଦକ୍ଷେପ ନିଆଯାଇଛି। ଏଥିରେ ଭାଜପାର ସମସ୍ତ କର୍ମକର୍ତ୍ତା ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସଞ୍ଚାଳନ କରୁଛନ୍ତି ବୋଲି ମୁଖପାତ୍ର ଭଗବାନ ରାଉତ ପ୍ରକାଶ କରିଛନ୍ତି।



ନାଗରିକତ୍ୱ ସଂଶୋଧନ ଆଇନ ସମ୍ପର୍କରେ ସଚେତନତା ସୃଷ୍ଟି କାର୍ଯ୍ୟକ୍ରମରେ ଉପସ୍ଥିତ କର୍ମକର୍ତ୍ତା, ଅତିଥି।


**GOVT. OF INDIA**
**MINISTRY OF FINANCE**
**DEPARTMENT OF FINANCIAL SERVICES**
**DEBTS RECOVERY TRIBUNAL**
**COURT OF THE RECOVERY OFFICER**
Plot No. C/71, Sector-7, CDA Cuttack- 753014
Form no. ITCP-I
**NOTICE OF DEMAND TO THE CERTIFICATE DEBTORS**
(See rule- 2 of the Second Schedule as referred to in section 29 of the Recovery of Debts due to Bank & Financial Institution Act. 1993
**R.P, NO. 106/2018/CTC**
(Arising out of OA No. 89 of 2016)
Next Dt. **11.02.2020**

Utkal Grameen Bank, Rajgangpur Branch, At: Rajgangpur, Dist.- Sundargarh, Pin- 770017
Certificate Holder Bank
vs
Shri Mangal Bada @ Kisan & others
Certificate Debtors

To,
1. Shri Mangal Bada @ Kisan, S/o- Late Ganda Bada @ Kisaan, At- Bailama, P.O. Kutra, Dist.- Sundargarh, Pin- 770017
2. Shri Rajkumar Sukla, S/o- Hiralal Sukla, At/Po- Garposh, Via- Bamara, Dist- Sambalpur, Pin- 768224
3. Shri Ramesh Kishan, S/o- Matia Kishan, At/Po- Garposh, Via- Bamara, Dist.- Sambalpur, Pin- 768224

Take notice that Certificate arising out of **OA No. 89 of 2016** issued by the Hon'ble Presiding Officer, Debts Recovery Tribunal, Cuttack under Section 19 (22) of the Recovery of Debts due to Banks and Financial Institutions Act. 1993 and forwarded to the undersigned for recovery of Rs. 11,90,418.00 **(Rupees Eleven Lac Ninety Thousand Four Hundred Eighteen only)** together with interest till realisation of the dues, cost, charges as per the certificate, the details of which are given below:

| | | |
|---|---|---|
| 1. Decretal Dues | | : Rs. 11,90,418.00 |
| 2. Cost of the suit | (+) | : Rs. 14,000.00 |
| **TOTAL** | | **: Rs. 12,04,418.00** |

**(Rupees Twelve Lac Four Thousand Four Hundred Eighteen only)** with interest @ 13 . 50% p.a. with half- yearly rests on the amount due from 28.12.2015 till realization of the entire dues.
2. You are hereby directed to pay the above stated sum within 15 (Fifteen) days of the publication of the notice, failing which the recovery shall be made in accordance with the provisions contained in Chapter V of the Recovery of Debts due to Banks & Financial Institutions Act. 1993.
3. In addition to the aforesaid amount, you will also be liable for all future interest, costs, charges and expenses incurred in respect of the service of this notice and of warrants and other processes etc. and of all the other proceedings taken for realising of arrears.
4. You are hereby directed to appear in person of through legal representative before the undersigned on **11.02.2020** and report the details of payment made by you.

Give under my hand & seal at Cuttack on this 16th day of December, 2019

**Sd/- R.P. Patnaik**
**Recovery Officer**



**GOVT. OF INDIA**
**MINISTRY OF FINANCE**
**DEPARTMENT OF FINANCIAL SERVICES**
**DEBTS RECOVERY TRIBUNAL**
**COURT OF THE RECOVERY OFFICER**
Plot No. C/71, Sector-7, CDA Cuttack- 753014
Form no. ITCP-I
**NOTICE OF DEMAND TO THE CERTIFICATE DEBTORS**
(See rule- 2 of the Second Schedule as referred to in section 29 of the Recovery of Debts due to Bank & Financial Institution Act. 1993
**R.P, NO. 264/2017/CTC**
(Arising out of OA No. 159 of 2016)
Next Dt. **11.02.2020**

Utkal Grameen Bank, Nunhad Branch, At/Po- Belpada, Dist.- Bolangir, Pin- 767026
Certificate Holder Bank
vs
Sumit Gouri & others
Certificate Debtors

To,
1. Smt. Sumita Gouri, W/o- Late Goutam Gouri, At- Darhamunda, Po- Gambhari, Via- Belpada, Dist.- Bolangir- 767026
2. Mukunda Gouri, S/o- Late Goutam Gouri, At- Darhamunda, Po- Gambhari, Via- Belpada, Dist.- Bolangir- 767026
3. Shri. Rasananda Gouri, S/o- Gonda Gouri, At- Darhamunda, Po- Gambhari, Via- Belpada, Dist.- Bolangir- 767026
4. Shri. Golaknath Gouri, S/o- Kunda Gouri, At- Darhamunda, Po- Gambhari, Via- Belpada, Dist.- Bolangir- 767026

Take notice that Certificate arising out of **OA No. 159 of 2016** issued by the Hon'ble Presiding Officer, Debts Recovery Tribunal, Cuttack under Section 19 (22) of the Recovery of Debts due to Banks and Financial Institutions Act. 1993 and forwarded to the undersigned for recovery of Rs. 14,27,472.00 **(Rupees Fourteen Lac Twenty Seven Thousand Four Hundred Seven Two only)** together with interest till realisation of the dues, cost, charges as per the certificate, the details of which are given below:

| | |
|---|---|
| 1. Decretal Dues | : Rs. 14,27,472.00 |
| 2. Cost of the suit | : Rs. 17,000.00 |
| 3. Interest @ 13.25% p.a. with half yearly rests from 28.01.2016 to 06.03.2018 | : Rs. 4,44,368,00 |
| **TOTAL** | **: Rs. 18,88,840.00** |

**(Rupees Eighteen Lac Eighty Eight Thousand Eight Hundred forty only)** with interest @ 13 . 25% p.a. with half- yearly rests on the amount due from 07.03.2018 till realization of the entire dues.
2. You are hereby directed to pay the above stated sum within 15 (Fifteen) days of the publication of the notice, failing which the recovery shall be made in accordance with the provisions contained in Chapter V of the Recovery of Debts due to Banks & Financial Institutions Act. 1993.
3. In addition to the aforesaid amount, you will also be liable for all costs, charges and expenses incurred in respect of the service of this notice and of warrants and other processes etc. and of all the other proceedings taken for realising of arrears.
4. You are hereby directed to appear in person of through legal representative before the undersigned on **11.02.2020** and report the details of payment made by you.

Give under my hand & seal at Cuttack on this 16th day of December, 2019

**Sd/- R.P. Patnaik**
**Recovery Officer**



## ଭାରତୀୟ ରିଜର୍ଭ ବ୍ୟାଙ୍କ
www.rbi.org.in

**ଭାରତୀୟ ରିଜର୍ଭ ବ୍ୟାଙ୍କ ଦ୍ୱାରା ନିୟନ୍ତ୍ରିତ ସଂସ୍ଥା କିମ୍ବା ରିଜର୍ଭ ବ୍ୟାଙ୍କର କୌଣସି ବିଭାଗ ବିରୁଦ୍ଧରେ ଅଭିଯୋଗ ର ନିରାକରଣ**

ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର.ବି.ଆଇ) ଦେଶ ସାରା ନିଜର କାର୍ଯ୍ୟାଳୟ ରେ ଅଭିଯୋଗ ର ନିରାକରଣ ପାଇଁ ବିଭିନ୍ନ ମାଧ୍ୟମ ସ୍ଥାପନ କରିଛନ୍ତି ।
ଭାରତୀୟ ରିଜର୍ଭ ବ୍ୟାଙ୍କ ଦ୍ୱାରା ନିୟନ୍ତ୍ରିତ ସଂସ୍ଥା ଯଥା : ବାଣିଜ୍ୟିକ ବ୍ୟାଙ୍କ, ଆଞ୍ଚଳିକ ଗ୍ରାମ୍ୟ ବ୍ୟାଙ୍କ, ସମବାୟ ବ୍ୟାଙ୍କ କିମ୍ବା ଅଣ ବ୍ୟାଙ୍କିଙ୍ଗ୍ ବିତ୍ତୀୟ କମ୍ପାନୀ (ଭାରତୀୟ ରିଜର୍ଭ ବ୍ୟାଙ୍କ ଆଇନ ୧୯୩୪ ର ଧାରା ୪୫-IA ଅନୁଯାୟୀ ପଞ୍ଜିକୃତ) ଅଣବ୍ୟାଙ୍କିଙ୍ଗ ସଂସ୍ଥା ମାନଙ୍କର ଡିଜିଟାଲ ନେଣ ଦେଣ (ଦେୟ ପ୍ରଦାନ ଏବଂ ବନ୍ଦୋବସ୍ତ ବ୍ୟବସ୍ଥା ଅଧିନିୟମ ୨୦୦୭ ଅଧିନସ୍ଥ) ଜମା ବୀମା ଓ ଋଣ ନିକ୍ଷେପ ନିଗମ କିମ୍ବା ନିଜର କୌଣସି ବିଭାଗ ବିରୁଦ୍ଧରେ ଯଦି କୌଣସି ବ୍ୟକ୍ତିଙ୍କର ସେବା ଅବହେଳା ଜନିତ ଅଭିଯୋଗ ଥାଏ ତେବେ ସେ ଭାରତୀୟ ରିଜର୍ଭ ବ୍ୟାଙ୍କର କମ୍ପ୍ଲେଣ୍ଟ ମ୍ୟାନେଜ୍‌ମେଣ୍ଟ ସିଷ୍ଟମ୍ (ସି.ଏମ୍.ଏସ୍) ୱେବ୍‌ସାଇଟ୍ https://cms.rbi.org.in>>File a complaint ମାଧ୍ୟମରେ ତାଙ୍କ ଅଭିଯୋଗ ର ପୂର୍ଣ୍ଣ ବିବରଣୀ ଏବଂ ସମର୍ଥିତ କାଗଜପତ୍ର ସହିତ ଦାଖଲ କରିପାରିବେ ।
ଯଦି କୌଣସି ବ୍ୟକ୍ତି ଉପରୋକ୍ତ ଅଭିଯୋଗ ଉପରେ ଅନ୍‌ଲାଇନ୍ ଅଭିଯୋଗ ଦାଖଲ କରିପାରୁନାହାନ୍ତି, ତେବେ ନିମ୍ନ ଲିଖିତ ଠିକଣା ରେ ତାଙ୍କ ଅଭିଯୋଗ କୁ ପୋଷ୍ଟ /ବ୍ୟକ୍ତିଗତ କିମ୍ବା ଇମେଲ ମାଧ୍ୟମରେ ଦାଖଲ କରିପାରିବେ ।

**୧. ଉପଭୋକ୍ତା ଶିକ୍ଷା ଏମଂ ସୁରକ୍ଷା କକ୍ଷ (CEPC)**
(ଭା.ରି.ବ୍ୟାଙ୍କ ର ଲୋକପାଳ ଯୋଜନା ଅନ୍ତର୍ଗତ ଅଭିଯୋଗ ର ନିରାକରଣ ପାଇଁ)
ଅଧିକାରୀଙ୍କ ନାମ ଏବଂ ପଦବୀ : ଶ୍ରୀ ସନ୍ତୋଷ କୁମାର ପଟ୍ଟନାୟକ, ସହାୟକ ମହାପ୍ରବନ୍ଧକ
ଠିକଣା : ଭାରତୀୟ ରିଜର୍ଭ ବ୍ୟାଙ୍କ, ପଣ୍ଡିତ ଜବାହରଲାଲ ନେହେରୁ ମାର୍ଗ, ଭୁବନେଶ୍ୱର, ଓଡ଼ିଶା-୭୫୧୦୦୧
ଟେଲିଫୋନ ନମ୍ବର : ୦୬୭୪-୨୩୯୦୦୭୪, ଇ-ମେଲ : cms.cepcbhubaneswar@rbi.org.in
କାର୍ଯ୍ୟାଳୟ ସମୟ : ପୂର୍ବାହ୍ନ ୯.୫୦ ରୁ ଅପରାହ୍ନ ୫.୩୫ ଘଣ୍ଟା

**୨. ବ୍ୟାଙ୍କ ଲୋକପାଳ, ଯୋଜନା (BO Scheme, 2006)**
(ବ୍ୟାଙ୍କ ଲୋକପାଳ ଯୋଜନା, ୨୦୦୬ ର ଧାରା ୮ ରେ ନିର୍ଦ୍ଦିଷ୍ଟ ଅଭିଯୋଗର ନିରାକରଣ)
ବ୍ୟାଙ୍କିଙ୍ଗ୍ ଲୋକପାଳ କାର୍ଯ୍ୟାଳୟ, (ଭୁବନେଶ୍ୱର)
ମାର୍ଫତ୍ : ଭାରତୀୟ ରିଜର୍ଭ ବ୍ୟାଙ୍କ, ୩ୟ ମହଲା, ପଣ୍ଡିତ ଜବାହରଲାଲ ନେହେରୁ ମାର୍ଗ, ଭୁବନେଶ୍ୱର, ଓଡ଼ିଶା-୭୫୧୦୦୧
ଟେଲିଫୋନ ନମ୍ବର : ୦୬୭୪-୨୩୯୬୨୦୭/୨୩୯୬୦୦୮, ଫ୍ୟାକ୍ସ ନଂ.୨୩୯୩୯୦୬
ଇ-ମେଲ୍ : cms.bobhubaneswar@rbi.org.in
କାର୍ଯ୍ୟାଳୟ ସମୟ : ପୂର୍ବାହ୍ନ ୯.୫୦ ରୁ ଅପରାହ୍ନ ୫.୩୫ ଘଣ୍ଟା

**୩. ଲୋକପାଳ ଯୋଜନା - ଅଣବ୍ୟାଙ୍କିଙ୍ଗ୍ ବିତ୍ତୀୟ କମ୍ପାନୀ (NBFC-O Scheme, 2018)**
(ଅଣବ୍ୟାଙ୍କିଙ୍ଗ୍ ବିତ୍ତୀୟ କମ୍ପାନୀ ଲୋକପାଳ ଯୋଜନା ୨୦୧୮ ଅନ୍ତର୍ଗତ ଅଣବ୍ୟାଙ୍କିଙ୍ଗ୍ ବିତ୍ତୀୟ କମ୍ପାନୀ ବିରୁଦ୍ଧରେ ଏବଂ ଅଣବ୍ୟାଙ୍କିଙ୍ଗ୍ ବିତ୍ତୀୟ କମ୍ପାନୀ ଲୋକପାଳ ଯୋଜନା ର ଧାରା ୮ ଅଧୀନରେ ଆସୁଥିବା ଅଭିଯୋଗର ନିରାକରଣ ପାଇଁ)
ଲେକାପାଳ-ଅଣବ୍ୟାଙ୍କିଙ୍ଗ୍ ବିତ୍ତୀୟ କମ୍ପାନୀ (ପୂର୍ବକ୍ଷେତ୍ର)*
ମାର୍ଫତ୍ : ଭାରତୀୟ ରିଜର୍ଭ ବ୍ୟାଙ୍କ
ଠିକଣା : ୧୫, ନେତାଜୀ ସୁଭାଷ ମାର୍ଗ, କୋଲକାତା-୭୦୦୦୦୧
ଟେଲିଫୋନ ନମ୍ବର : ୦୩୩-୨୩୩୦୪୯୮୨, ଫ୍ୟାକ୍ସ ନଂ୦୩୩-୨୨୩୦୫୮୯୯
ଇ-ମେଲ୍ : cms.nbfckolkata@rbi.org.in
କାର୍ଯ୍ୟାଳୟ ସମୟ : ପୂର୍ବାହ୍ନ ୯.୪୫ ରୁ ଅପରାହ୍ନ ୫.୩୦ ଘଣ୍ଟା
**ଟିପ୍ପଣୀ*** : କଲିକତା ପୂର୍ବ କ୍ଷେତ୍ର ପାଇଁ ଅଣବ୍ୟାଙ୍କିଙ୍ଗ୍ ବିତ୍ତୀୟ କମ୍ପାନୀ ହେତୁ ଲୋକପାଳ ର କ୍ଷେତ୍ରାଧିକାରରେ ପଶ୍ଚିମବଙ୍ଗ, ସିକ୍କିମ୍, ଓଡ଼ିଶା, ଆସାମ, ଅରୁଣା ଚଳ ପ୍ରଦେଶ, ମଣିପୁର , ମେଘାଳୟ, ମିଜୋରାମ, ନାଗାଲ୍ୟାଣ୍ଡ, ତ୍ରିପୁରା, ବିହାର ଓ ଝାଡଖଣ୍ଡ ସାମିଲ୍ ଅଛି ।

**୪. ଡିଜିଟାଲ୍ ନେଣଦେଣ ପାଇଁ ଲୋକପାଳ ଯୋଜନା (OSDT 2019)**
(ଓ.ଏସ.ଡି.ଟି. ଅଧିନରେ ଆସୁଥିବା ଦେୟ ପ୍ରଦାନ ଏବଂ ବନ୍ଦୋବସ୍ତ ବ୍ୟବସ୍ଥା ଅଧିନିୟମ ୨୦୦୭ ଅନୁଯାୟୀ ବ୍ୟବସ୍ଥା ପ୍ରତିଯୋଗୀ (ସିଷ୍ଟମ୍ ପାର୍ଟିସିପ୍ୟାଣ୍ଟ) ଙ୍କ ବିରୁଦ୍ଧରେ ଓ.ଏସ.ଡି.ଟି ର ଧାରା ୮ ରେ ସୂଚିତ ଆଧାର ଅନୁସାରେ ଅଭିଯୋଗ ନିରାକରଣ ପାଇଁ)
ଲୋକପାଳ, ଡିଜିଟାଲ ନେଣଦେଣ (ଭୁବନେଶ୍ୱର)
ମାର୍ଫତ୍ : ଭାରତୀୟ ରିଜର୍ଭ ବ୍ୟାଙ୍କ
ଠିକଣା : ଭାରତୀୟ ରିଜର୍ଭ ବ୍ୟାଙ୍କ, ୩ୟ ମହଲା, ପଣ୍ଡିତ ଜବାହରଲାଲ ନେହେରୁ ମାର୍ଗ, ଭୁବନେଶ୍ୱର, ଓଡ଼ିଶା-୭୫୧୦୦୧
ଟେଲିଫୋନ ନମ୍ବର : ୦୬୭୪-୨୩୯୬୨୦୭/୨୩୯୬୦୦୮, ଫ୍ୟାକ୍ସ ନଂ.୨୩୯୩୯୦୬
ଇ-ମେଲ୍ : cms.odtbhubaneswar@rbi.org.in
କାର୍ଯ୍ୟାଳୟ ସମୟ : ପୂର୍ବାହ୍ନ ୯.୫୦ ରୁ ଅପରାହ୍ନ ୫.୩୫ ଘଣ୍ଟା

**୫. ଜମା ବୀମା ଓ ଋଣ ନିକ୍ଷେପ ନିଗମ ବିରୁଦ୍ଧରେ ଅଭିଯୋଗ**
ସାଧାରଣ ବ୍ୟକ୍ତି ଜମା ବୀମା ଓ ଋଣ ନିକ୍ଷେପ ନିଗମ ବିରୁଦ୍ଧରେ ଅଭିଯୋଗ କୁ ନିମ୍ନୋକ୍ତ ଠିକଣା/ଇ-ମେଲ ମାଧ୍ୟମରେ ଦାଖଲ କରିପାରିବେ :
ଜମା ବୀମା ଓ ଋଣ ନିକ୍ଷେପ ନିଗମ (DICGC)
ମହାପ୍ରବନ୍ଧକ,
ଜମା ବୀମା ଓ ଋଣ ନିକ୍ଷେପ ନିଗମ, ଅଭିଯୋଗ ନିରାକରଣ କକ୍ଷ, ଭାରତୀୟ ରିଜର୍ଭ ବ୍ୟାଙ୍କ ଭବନ,
୨ୟ ମହଲା, ମୁମ୍ବାଇ ସେଣ୍ଟ୍ରାଲ୍ ରେଲ୍‌ୱେ ଷ୍ଟେସନ ସମ୍ମୁଖ, ମୁମ୍ବାଇ-୪୦୦୦୦୮
ଅଭିଯୋଗକାରୀ ମହାପ୍ରବନ୍ଧକ ଶ୍ରୀମତି ରୀତା ସରକାର ମୋରିଆ ଙ୍କୁ ମଧ ଟେଲିଫୋନ ନମ୍ବର - ୦୨୨-୨୩୦୧୯୬୩୩, ବିସ୍ତାର ସଙ୍ଖ୍ୟା- ୮୨୦୧ କିମ୍ବା ଇ-ମେଲ : dicgc@rbi.org.in ମାଧ୍ୟମରେ ଯୋଗାଯୋଗ କରିପାରିବେ ।

**ଟିପ୍ପଣୀ ୧** : ବ୍ୟାଙ୍କ ଲୋକପାଳ ଯୋଜନା, ୨୦୦୬ କିମ୍ବା ଅଣବ୍ୟାଙ୍କିଙ୍ଗ ବିତ୍ତୀୟ କମ୍ପାନୀ ଲୋକପାଳ ଯୋଜନା, ୨୦୧୮ କିମ୍ବା ଡିଜିଟାଲ ନେଣ-ଦେଣ ଲୋକପାଳ ଯୋଜନା, ୨୦୧୯ ଅନ୍ତର୍ଗତ ଅଭିଯୋଗ ଦାଖଲ କରିବା ପାଇଁ ଅଭିଯୋଗକାରୀ ଦୟା ପୂର୍ବକ ଧ୍ୟାନ ଦିଅନ୍ତୁ ଯେ ନିଜ ଅଭିଯୋଗର ନିରାକରଣ ପାଇଁ ପ୍ରଥମେ ବ୍ୟାଙ୍କ ଶାଖା/ରିଜର୍ଭ ବ୍ୟାଙ୍କରେ ପଞ୍ଜିକୃତ ହୋଇ ଜମା ଗ୍ରହଣ କରୁଥିବା ଅଣବ୍ୟାଙ୍କିଙ୍ଗ ବିତ୍ତୀୟ କମ୍ପାନୀ ପଦ୍ଧତି ଅଂଶଗ୍ରହଣକାରୀ (ସିଷ୍ଟମ୍ ପାର୍ଟସିପ୍ୟାଣ୍ଟ) ଙ୍କ ସହ ସମ୍ପର୍କ ସ୍ଥାପନ କରନ୍ତୁ । ଯଦି ସମ୍ବନ୍ଧିତ ବ୍ୟାଙ୍କ/ଅଣବ୍ୟାଙ୍କିଙ୍ଗ/ବିତ୍ତୀୟ କମ୍ପାନୀ/ପଦ୍ଧତି ଅଂଶଗ୍ରହଣକାରୀ (ସିଷ୍ଟମ୍ ପାର୍ଟସିପ୍ୟାଣ୍ଟ) ଲୋକପାଳ ଯୋଜନା ର ଧାରା-୮ ଅନ୍ତର୍ଗତ ସେବା ଅବହେଳା ସମ୍ପର୍କିତ/ଅଭିଯୋଗର ନିରାକରଣ ୩୦ ଦିନ ଭିତରେ ନ କରନ୍ତି କିମ୍ବା ଅଭିଯୋଗକାରୀ, ତାଙ୍କର ଉତ୍ତରରେ ସନ୍ତୁଷ୍ଟ ନ ହୁଅନ୍ତି, ତେବେ ସେ ତା'ପରେ ଉତ୍ତର ପ୍ରାପ୍ତି ର ଏକ ବର୍ଷ ମଧ୍ୟରେ କିମ୍ବା ଉତ୍ତର ପ୍ରାପ୍ତି ନ ହୋଇଥିଲେ ଅଭିଯୋଗ ଦେଇଥିବା ତାରିଖ ଠାରୁ ଏକ ବର୍ଷ ଏକ ମାସ ମଧ୍ୟରେ ସମ୍ପୃକ୍ତ ଲୋକପାଳ ଙ୍କୁ ଅଭିଯୋଗ କରିପାରିବେ ।

**ଟିପ୍ପଣୀ-୨** : ବ୍ୟାଙ୍କ, ଅଣବ୍ୟାଙ୍କିଙ୍ଗ ବିତ୍ତୀୟ କମ୍ପାନୀ ପଦ୍ଧତି ଅଂଶଗ୍ରହଣକାରୀ (ସିଷ୍ଟମ୍ ପାର୍ଟସିପ୍ୟାଣ୍ଟ) ଙ୍କ ବିରୁଦ୍ଧରେ ବ୍ୟାଙ୍କ ଲୋକପାଳଙ୍କ ଠାରେ ଅଥବା ବ୍ୟାଙ୍କ, ପଦ୍ଧତି ଅଂଶଗ୍ରହଣକାରୀଙ୍କ ବିରୁଦ୍ଧରେ ଉପଭୋକ୍ତା ଶିକ୍ଷା ଏବଂ ସୁରକ୍ଷା କକ୍ଷରେ ଅଭିଯୋଗ, ଯାହା ସେହି କମ୍ପାନୀ ର ଶାଖା କ୍ଷେତ୍ରର ସ୍ଥାନ ଆଧାରରେ କରାଯାଇପାରିବ । କେନ୍ଦ୍ରିୟ ପରିଚାଳନା କିମ୍ବା ବିତ୍ତୀର କମ୍ପାନୀ ବିରୁଦ୍ଧରେ ଗ୍ରାହକ ରହୁଥିବା ସ୍ଥାନ ଏବଂ ବିଲିଂ ଠିକଣା ଆଧାରରେ ଅଭିଯୋଗ ମଞ୍ଚରେ ଦାଖଲ କରିପାରିବେ ।

**ଲୋକପାଳଙ୍କ ନିଷ୍ପତ୍ତିର ପୁର୍ନବିଚାର ପାଇଁ ଆବେଦନ :**
ବ୍ୟାଙ୍କ, ଅଣବ୍ୟାଙ୍କିଙ୍ଗ ବିତ୍ତୀୟ କମ୍ପାନୀ/ଡିଜିଟାଲ ନେଣ-ଦେଣ ଲୋକପାଳଙ୍କ ନିଷ୍ପତ୍ତି ପୁନର୍ବିଚାର ପାଇଁ ଆବେଦନ କରାଯାଇପାରିବ ଯଦି /ଅଭିଯୋଗଟି ଏହି ଯୋଜନା ରେ ସୂଚୀତ ପୁନର୍ବିଚାର ଯୋଗ୍ୟ ଅଭିଯୋଗ ହୋଇଥିବ । ଏହି ପୁନର୍ବିଚାର ଆବେଦନ ସମ୍ବନ୍ଧିତ ଲୋକପାଳଙ୍କ ନିଷ୍ପତ୍ତି ସୂଚନା ପ୍ରାପ୍ତିର ୩୦ ଦିନ ମଧ୍ୟରେ ଆର.ବି.ଆଇ ୱେବ୍‌ସାଇଟ୍ https://cms.rbi.org.in>>File an appeal ଦ୍ୱାରା କିମ୍ବା ପୁନର୍ବିଚାର ଅଧିକାରୀ, ଭାରତୀୟ ରିଜର୍ଭ ବ୍ୟାଙ୍କ, ଉପଭୋକ୍ତା ଶିକ୍ଷା ଏବଂ ସୁରକ୍ଷା ବିଭାଗ, କେନ୍ଦ୍ରିୟ କାର୍ଯ୍ୟାଳୟ, ଅମର ଭବନ, ସାର.ପ.ଏମ୍ ରୋଡ ପୋଷ୍ଟ : ମୁମ୍ବାଇ-୪୦୦୦୦୧ ରେ ଦାଖଲ କରିପାରିବେ ।

**ଟିପ୍ପଣୀ : ଅଭିଯୋଗକାରୀଙ୍କ ନିଜର ଠିକଣା ଏବଂ ଫୋନ ନଂ/ମୋବାଇଲ ନମ୍ବର /ଅଭିଯୋଗରେ ଦର୍ଶାଇବାପାଇଁ ଅନୁରୋଧ**



ରାମ ନାମ ପାପୀମାନଙ୍କ
ପାଇଁ ପରମ ଔଷଧ।
- ମହର୍ଷି ବାଲ୍ମୀକି



## ସଂକ୍ଷେପରେ

### ରାସ୍ତା ଜାମ ନେଲା ଗର୍ଭବତୀଙ୍କ ଜୀବନ

**ଲହୁଣୀପଡ଼ା,୧୧।୧(ଡି.ଏନ.ଏ):** କଲେଇପୋଷ- ବରସୁଆଁ ରାସ୍ତା ନିର୍ମାଣ ଚାଲିଥିବା ବେଳେ ସକାଳ ୭ରୁ ସନ୍ଧ୍ୟା ୭ଟା ପର୍ଯ୍ୟନ୍ତ ନୋ ଏଣ୍ଟ୍ରି ଚାଲିଛି। ଯାହାକି ଭାରିଯାନ ରାସ୍ତାରେ ରହି ଜାମ ଥାଏ। ବଉରକେଲା ଗ୍ରାମର ବୁଧୁଆ ମୁଣ୍ଡାଙ୍କ ସ୍ତ୍ରୀ ପାର୍ବତୀ (୨୫) ଗର୍ଭବତୀ ଥିଲେ। ପାର୍ବତୀ ପ୍ରସବ କଷ୍ଟ ପାଇବାରୁ ବୁଧୁଆ ଏକ ବୋଲେରୋ ଯୋଗେ ଆଶା କର୍ମୀଙ୍କୁ ନେଇ ଶୁକ୍ରବାର ସନ୍ଧ୍ୟା ପ୍ରାୟ ୫ଟା ବେଳେ ଲହୁଣୀପଡା ଡାକ୍ତରଖାନାକୁ ଆସୁଥିଲେ। କିନ୍ତୁ ବୁଧୁଆ ରାସ୍ତା ଜାମରେ ଫସି ଯାଇଥିଲେ। ରାସ୍ତା ଏତେ ଜାମ ଥିଲା ଯାହାକି ଗାଡି ଆଗକୁ ଆସି ପାରି ନ ଥିଲା। ଫଳରେ ରାସ୍ତାରେ ଗାଡି ଭିତରେ ପାର୍ବତୀ ପ୍ରାୟ ସାଢ଼େ ୬ଟା ବେଳେ ଏକ କନ୍ୟା ସନ୍ତାନ ଜନ୍ମ ଦେଇଥିଲେ। କିନ୍ତୁ କୌଣସି ଚିକିତ୍ସା ନ ପାଇ ସେହି ଗାଡି ଭିତରେ ରହିଥିବା ବେଳେ ଡାକ୍ତରଖାନାରେ ରାତି ପ୍ରାୟ ୮ଟାରେ ପହଞ୍ଚିଥିଲେ ମଧ ଡାକ୍ତର ମୃତ ଘୋଷଣା କରିଥିଲେ। ଅତ୍ୟଧିକ ରକ୍ତସ୍ରାବ ଯୋଗୁ ମୃତ୍ୟୁ ଘଟିଥିବା କୁହାଯାଉଛି। ରାସ୍ତା ଜାମରେ ଫସି ନ ଥିଲେ ହୁଏତ ପାର୍ବତୀ ମୃତ୍ୟୁ ମୁଖରୁ ବର୍ତ୍ତିଯାଇଥାନ୍ତେ। ସେ ଜନ୍ମ ନେଇଥିବା କନ୍ୟା ସନ୍ତାନ ସୁସ୍ଥଥିବା ଜାଣିବାକୁ ମିଳିଛି।





ସୁର୍‌ର ବାର୍ଷିକ ଉତ୍ସବ ଓ ପୁଷପୁନି ଭେଟଘାଟ୍‌ରେ ଉପସ୍ଥିତ ଅତିଥି (ବାମ)। କଳାକାରମାନେ ସମ୍ବଲପୁରୀ ନୃତ୍ୟ ପରିବେଷଣ କରୁଛନ୍ତି।

### ୨୮ତମ ସୁର୍ ଉତ୍ସବ ଓ ପୁଷ୍‌ପୁନି ଭେଟ୍‌ଘାଟ

# ସମ୍ବଲପୁରୀ ନାଚଗୀତ ମନ ମୋହିଲା

**ପିଠାପଣାରେ ମହକିଲା ମାଦ୍ରି କାଲୋ ଭବନ**

**ସୁନ୍ଦରଗଡ, ୧୧।୧ (ଡି.ଏନ.ଏ.)**

ସ୍ଥାନୀୟ ସାଂସ୍କୃତିକ ଅନୁଷ୍ଠାନ ସୁର୍‌ର ୨୮ତମ ବାର୍ଷିକ ଉତ୍ସବ ଓ ପୁଷପୁନି ଭେଟଘାଟ୍ ଶୁକ୍ରବାର ସନ୍ଧ୍ୟାରେ ସ୍ଥାନୀୟ ମାଦ୍ରି କାଲୋ ଭବନରେ ସମାରୋହରେ ଅନୁଷ୍ଠିତ ହୋଇଯାଇଛି। ଏହି ସାଂସ୍କୃତିକ ଉତ୍ସବରେ ଅତିଥି ଭାବେ ପୂର୍ବତନ ବିଧାୟକ ଯୋଗେଶ କୁମାର ସିଂ, ସୁନ୍ଦରଗଡ ସରକାରୀ ମହିଳା ମହାବିଦ୍ୟାଳୟର ଅଧ୍ୟକ୍ଷା ଡ. ଇନ୍ଦିରା ନାଏକ, ଏନଟିପିସି ଡୁଲୁଙ୍ଗା କୋଇଲାଖଣିର ଏଜିଏମ୍ ସୁବାସ ଦାଶ, ସଦର ବ୍ଲକ ଉପାଧ୍ୟକ୍ଷ ଅଶ୍ୱିନୀ ନାଏକ, ଶିକ୍ଷାବିତ ଦୋଳଗୋବିନ୍ଦ ନାଏକ, ଝାରସୁଗୁଡା ଲକ୍ଷ୍ମୀ ନାରାୟଣ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ଚିରବ୍ରତ ଦତ୍ତ, ସଦର ବିଡିଓ ଅନାମିକା ସିଂ, ଗୀତିକାର ଦୁର୍ଗାମାଧବ ପଣ୍ଡା ପ୍ରମୁଖ ଯୋଗଦେଇ କୃତୀ ପ୍ରତିଯୋଗୀ, ଛାତ୍ରୀ ଛାତ୍ର ଓ କଳାକାରମାନଙ୍କୁ ପୁରସ୍କୃତ କରି ଉତ୍ସାହିତ କରିଥିଲେ। ସୁର୍ ଅନୁଷ୍ଠାନ ପକ୍ଷରୁ ପ୍ରତିବର୍ଷ ଏଭଳି ସାଂସ୍କୃତିକ କାର୍ଯ୍ୟକ୍ରମ ମାଧ୍ୟମରେ ପଶ୍ଚିମ ଓଡିଶାର ପାରମ୍ପରିକ କଳା, ସଂସ୍କୃତି, ଖାଦ୍ୟପେୟର ପରିବେଷଣ ସହ ନୂତନ ପ୍ରତିଭାମାନଙ୍କୁ ଲୋକଲୋଚନକୁ ଆଣିବାରେ ଏହା ଏକ ସଫଳ ଉଦ୍ୟମ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ । ଏହି ଅବସରରେ ସୁନ୍ଦରଗଡ ତଥା ଅନ୍ୟ ଜିଲାର କଳାକାରମାନଙ୍କୁ ନେଇ ସାଂସ୍କୃତିକ କାର୍ଯ୍ୟକ୍ରମ ସମ୍ବଲପୁରୀ ନୃତ୍ୟଗୀତ, ପୁଷପୁନି ଛେର୍‌ଛେରା୍ ପରିବେଷିତ ହୋଇଥିଲା । ଏହା ଉପସ୍ଥିତ ଦର୍ଶକଙ୍କ ବେଶ ମନମୋହିଥିଲା। କାର୍ଯ୍ୟକ୍ରମକୁ ଯୁବକବି ଫିରୋଜ ପଟେଲ ପରିଚାଳନା କରିଥିଲେ। ମଞ୍ଚ ଉପସ୍ଥାପିକା ପ୍ରିୟଙ୍କା ଜେନା, ମନୋଜ ସାହୁ ସଂଯୋଜନା କରିଥିଲେ। ଅନୁଷ୍ଠାନର ସମ୍ପାଦକ ଭୂପେନ୍ ଅମାତ ପ୍ରାରମ୍ଭରେ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ଚୈତାଳୀ ଦତ୍ତ ବିବରଣୀ ପାଠକରି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଉପଦେଷ୍ଟା ସମୀର କର, ସୁଶୀଲ ମିସ୍ତ୍ରୀ, ଅଂଜନ ବୋଷ, ଅଭିନବ କର ପ୍ରମୁଖ ପରିଚାଳନାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ଶେଷରେ ସମସ୍ତଙ୍କୁ ପାରମ୍ପରିକ ମୁଆଁ, ଆରିଷା ଆଦି ପିଠାପଣା ଦ୍ୱାରା ଆପ୍ୟାୟିତ କରାଯାଇଥିଲା।

# ଜିଲାସ୍ତରୀୟ ଜାତୀୟ ସଡ଼କ ସୁରକ୍ଷା ସପ୍ତାହ ଶୁଭାରମ୍ଭ

**ସୁନ୍ଦରଗଡ଼, ୧୧।୧ (ଡି.ଏନ୍.ଏ)**

ସୁନ୍ଦରଗଡ଼ ଜିଲାସ୍ତରୀୟ ୩୧ତମ ଜାତୀୟ ସଡକ ସୁରକ୍ଷା ସପ୍ତାହ ଶନିବାର ଶୁଭାରମ୍ଭ ହୋଇଛି। ଏହି ଉପଲକ୍ଷେ ସପ୍ତାହବ୍ୟାପୀ ହେବାକୁ ଥିବା ବିବିଧ କାର୍ଯ୍ୟକ୍ରମ ଅବସରରେ ଏକ ସଚେତନତା ଶୋଭାଯାତ୍ରାକୁ ସ୍ଥାନୀୟ ଡିଆରଡିଏ ଛକଠାରେ ଜିଲାପାଳ ନିଖିଲ ପଓ୍ୱନ କଲ୍ୟାଣ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଏହି ସଚେତନତା ଶୋଭାଯାତ୍ରାରେ ବିଭିନ୍ନ ସ୍କୁଲ, କଲେଜର ଛାତ୍ରୀ,ଛାତ୍ର ଓ ଏନ୍‌ସିସି କ୍ୟାଡେଟମାନେ ଭାଗ ନେଇଥିଲେ। ଜିଲା ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ଆନୁକୂଲ୍ୟରେ ଆୟୋଜିତ ଏହି ସଚେତନତା ରାଲିରେ ଛାତ୍ରୀଛାତ୍ର ସଡକ ସୁରକ୍ଷା ଆଇନ୍ ଓ ଚଳିତ ବର୍ଷର ସ୍ଲୋଗାନ୍ ସୁରକ୍ଷିତ ରହନ୍ତୁ –ସୁଖୀ ରହନ୍ତୁ ସମ୍ପର୍କରେ ପ୍ଲାକାର୍ଡ ଓ ନାରା ଦେଇ ଲୋକମାନଙ୍କୁ ସଚେତନ କରିଥିଲେ। ଏଥିସହ ଛାତ୍ରୀ ଛାତ୍ରମାନେ ଯମରାଜ, ଚିତ୍ରଗୁପ୍ତ ଆଦି ବିଭିନ୍ନ ବେଶଭୂଷାରେ ସଜ୍ଜିତ ହୋଇ ପଥପ୍ରାନ୍ତ ନାଟକ ମାଧ୍ୟମରେ ମଧ୍ୟ ଲୋକଙ୍କୁ ସଚେତନତାର ବାର୍ତ୍ତା ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଜିଲା ପରିବହନ ଅଧିକାରୀ ରାମନିବାସ ସିରିକା, ଅତିରିକ୍ତ ଜିଲା ପରିବହନ ଅଧିକାରୀ ସୁସ୍ମିତା ବେହେରା, ମୋଟର ଯାନ ନୀରିକ୍ଷକ ରାମଦାସ ଟୁଡୁ , ଟାଉନ ଥାନା ଆଇଆଇସି ବିଭିଷ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।



ସଚେତନତା ଶୋଭାଯାତ୍ରାକୁ ଜିଲାପାଳ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରୁଛନ୍ତି।



ଶଙ୍କର୍ଷଣ ନାଏକଙ୍କ ଶ୍ରାଦ୍ଧଦିବସରେ ସମବେତ ନେତା, ଅଧିକାରୀ ଶ୍ରଦ୍ଧାଞ୍ଜଳି ଜଣାଉଛନ୍ତି।

# ପୂର୍ବତନ ବିଧାୟକ ଶଙ୍କର୍ଷଣଙ୍କ ଶ୍ରାଦ୍ଧବାର୍ଷିକୀ

**ସୁନ୍ଦରଗଡ, ୧୧।୧ (ଡି.ଏନ୍.ଏ)**

ସୁନ୍ଦରଗଡ ସଦର ନିର୍ବାଚନ ମଣ୍ଡଳୀର ପୂର୍ବତନ ବିଧାୟକ ତଥା ଉପମୁଖ୍ୟ ସଚେତକ ସ୍ୱର୍ଗତଃ ଶଙ୍କର୍ଷଣ ନାଏକଙ୍କ ୧୫ତମ ଶ୍ରାଦ୍ଧଦିବସ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ତାଙ୍କ ନାମରେ ନାମିତ ଶଙ୍କର ମେମୋରିଆଲ ପାରିଜାତ ପାର୍କ ଠାରେ ଥିବା ତାଙ୍କ ପ୍ରତିମୂର୍ତ୍ତିରେ ସହରର ମାନ୍ୟଗଣ୍ୟ ବ୍ୟକ୍ତି ଓ ଭାଜପା ପକ୍ଷରୁ ପୁଷ୍ପମାଲ୍ୟ ଅର୍ପଣ କରାଯାଇ ଶ୍ରଦ୍ଧା ସୁମନ ଅର୍ପଣ କରାଯାଇଥିଲା। ସେଠାରେ ଆୟୋଜିତ ଶ୍ରଦ୍ଧାଞ୍ଜଳି ସଭାରେ ଭାଜପାର ବରିଷ୍ଠ ନେତା ସହଦେବ ଖାଖା, ପୂର୍ବତନ ବିଧାୟିକା ସୁଷମା ପଟେଲ, ସୁନ୍ଦରଗଡ ବିଧାୟିକା କୁସୁମ ଟେଟେ ,ବଟକିଶୋର ମିଶ୍ର, ଡ. ହିମାଂଶୁ ଶେଖର ଷଡଙ୍ଗୀ, ଜିଲାପରିଷଦ ସଭ୍ୟ ସୁଖଲାଲ ମୁଣ୍ଡା, ଆଶୀଷ ପଟେଲ, ପ୍ରଦୀପ ଚୌଧୁରୀ, ଯଶୋବନ୍ତ ନାଏକ, ଭେଷଜ ରଥ, କାନନବାଳା ବେହେରା, ହିମାନୀ ପାଢୀ, ଦିନେଶ କର, ଯଦୁମଣି ପଟେଲ, ମନୀଷ ପଟେଲ, ବିନୋଦ କନ୍ଦାରି, ଜୁନାସ ଏକ୍କା, ସଂଯୁକ୍ତା ନାଏକ, ମନୋଜ ପୁରୋହିତ ପ୍ରମୁଖ ନେତୃବୃନ୍ଦ ଯୋଗଦେଇ ସ୍ୱର୍ଗତଃ ବିଧାୟକ ନାଏକଙ୍କ ସୁନ୍ଦରଗଡର ବିକାଶମୂଳକ କାର୍ଯ୍ୟରେ ରହିଥିବା ଅବଦାନ ସମ୍ପର୍କରେ ଆଲୋକପାତ କରିଥିଲେ । ତାଙ୍କର ନାମରେ ନାମିତ ଶଙ୍କର ମେମୋରିଆଲ ପାରିଜାତ ପାର୍କର ଦୁରାବସ୍ଥା ପାଇଁ ରାଜ୍ୟ ସରକାରଙ୍କୁ ଦାୟୀ କରି ଏହା ତାଙ୍କ ପ୍ରତି ଅବମାନନା କରାଯାଉଛି ବୋଲି ସଭାରେ କ୍ଷୋଭ ପ୍ରକାଶ ପାଇଥିଲା। ଭାଜପାର ଏକ ପ୍ରତିନିଧି ଦଳ ଏହି ପାର୍କର ଉନ୍ନତିକରଣ ପାଇଁ ଜିଲାପାଳ ନିଖିଲ ପଓ୍ୱନ କଲ୍ୟାଣଙ୍କୁ ସାକ୍ଷାତ କରି ଆଲୋଚନା କରିଥିଲେ।

# ଡାଲମିଆ ଭାରତ ଫାଉଣ୍ଡେଶନର ୧୦ ବର୍ଷ ପୂର୍ତ୍ତି

**ରାଜଗାଙ୍ଗପୁର, ୧୧।୧ (ଡି.ଏନ.ଏ)**

ଡାଲମିଆ ଭାରତ ଫାଉଣ୍ଡେସନର ୧୦ବର୍ଷ ପୂରଣ ଉପଲକ୍ଷେ ଓସିଏଲ ଅଡିଟୋରିୟମଠାରେ ଏକ କାର୍ଯ୍ୟକ୍ରମ ପାଳନ ହୋଇଯାଇଛି। ରାଜଗାଙ୍ଗପୁର ବ୍ଲକ ଉନ୍ନୟନ ଅଧିକାରୀ ପିୟୁଷ ଲୋହାର, କୁତ୍ରା ବିଡିଓ ମାନସରଞ୍ଜନ ରାୟ, ଡାଲମିଆ ସିମେଣ୍ଟ (ଭାରତ) ଲିମିଟେଡର ପୂର୍ବାଞ୍ଚଳ ଉତ୍ପାଦନ ମୁଖ୍ୟ ସୁନୀଲ କୁମାର ଗୁପ୍ତା, ରାଜଗାଙ୍ଗପୁର କାରଖାନା ମୁଖ୍ୟ ଲୋକେଶ କୁମାର ବାହେତି ଏବଂ ସଙ୍ଗମ ମହିଳା ମଣ୍ଡଳର ସଭାନେତ୍ରୀ ସୁନିତା ଗୁପ୍ତା ପ୍ରଦୀପ ପ୍ରଜ୍ୱଳନ କରି ଏହାକୁ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ।

ଏହି କାର୍ଯ୍ୟକ୍ରମ ଆରମ୍ଭରେ ଛାତ୍ରୀମାନଙ୍କୁ ସଙ୍ଗମ ମହିଳା ମଣ୍ଡଳର ସଭ୍ୟଙ୍କ ଦ୍ୱାରା ପଇଡ ପାଣି ପିଇବାକୁ ଦିଆଯାଇଥିଲା। ଏହି କାର୍ଯ୍ୟକ୍ରମରେ ଡାଲମିଆ ଭାରତ ଫାଉଣ୍ଡେସନର ଗତ ୧୦ବର୍ଷର ଇତିହାସ ଉପରେ ଏକ ଚଳଚ୍ଚିତ୍ର ଦେଖାଯିବା ସହିତ ଗତ ୫ ବର୍ଷରେ ଫାଉଣ୍ଡେସନ ଦ୍ୱାରା ସ୍ଥାନୀୟ ଗ୍ରାମାଞ୍ଚଳରେ କରାଯାଇଥିବା ବିଭିନ୍ନ ବିକାଶମୂଳକ କାର୍ଯ୍ୟକ୍ରମ ଉପରେ ଆଲୋକପାତ କରାଯାଇଥିଲା । ଗୁପ୍ତା କହିଥିଲେ, କମ୍ପାନୀ ସର୍ବଦା ଜନସାଧାରଣଙ୍କ ସେବା ପାଇଁ ଚେଷ୍ଟା କରି ଆସିଛି। ସ୍ଥାନୀୟ ଲୋକମାନଙ୍କ ସହଯୋଗରେ ଏହା ତ୍ୱରାନ୍ୱିତ ହୋଇପାରିବ। ବାହେତି କହିଥିଲେ ଲାଞ୍ଜିବେର୍ଣ୍ଣା ଖଣିର ସାମାଜିକ ଦାୟୀତ୍ୱବୋଧ ବିଭାଗ (ସିଏସଆର) ଗ୍ରାମାଞ୍ଚଳରେ ବିକାଶ ପାଇଁ ବିଭିନ୍ନ ପ୍ରଚେଷ୍ଟା କରିଆସୁଛି ଏବଂ ଆଗକୁ ମଧ୍ୟ କରିବ।

ଲାଞ୍ଜିବେର୍ଣ୍ଣା ଖଣି ମୁଖ୍ୟ ସରୋଜ କୁମାର ରାଉତ ସ୍ୱାଗତ ସମ୍ଭାଷଣ ପ୍ରଦାନ କରି ମହିଳାମାନଙ୍କ ସଶକ୍ତିକରଣ ଯଥାର୍ଥତା ବୁଝାଇଥିଲେ। କାର୍ଯ୍ୟକ୍ରମରେ ବିଭିନ୍ନ ପଞ୍ଚାୟତର ପ୍ରାୟ ୩୦୦ରୁ ଊର୍ଦ୍ଧ୍ୱ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ (ଏସଏଚଜି)ର ସଦସ୍ୟା, ପିଆରଆଇ ପ୍ରତିନିଧି, ଶିକ୍ଷାକେନ୍ଦ୍ରର ଛାତ୍ରୀଛାତ୍ର ଏବଂ ଆଖପାଖ ଗ୍ରାମବାସୀ ଯୋଗ ଦେଇଥିଲେ । ଅନ୍ୟ ଅତିଥିମାନଙ୍କ ମଧ୍ୟରେ ଡିଭିଏମ ଅଧ୍ୟକ୍ଷ ରାଘବେନ୍ଦ୍ର ଦ୍ୱିବେଦୀ, କୁକୁଡା ଗ୍ରାମ ସରପଞ୍ଚ ରିଲାସୁଶୀଲ ଟପ୍ପୋ, ବ୍ଲକ ଉପସଭାପତି ଏବଂ ସମିତି ସଦସ୍ୟା ରାଧା ବରୁଆ ତଥା ଡାଲମିଆ ସିମେଣ୍ଟର ବରିଷ୍ଠ ଅଧିକାରୀ ଓ କର୍ମଚାରୀ ଯୋଗଦେଇଥିଲେ। କାର୍ଯ୍ୟକ୍ରମକୁ ସିଏସଆର ବିଭାଗର ବରିଷ୍ଠ ପ୍ରବନ୍ଧକ ତପନ କୁମାର ନାୟକ ପରିଚାଳନା କରିଥିଲେ । ଡାଲମିଆ ଭାରତ ଫାଉଣ୍ଡେସନର ପ୍ରବନ୍ଧକ ଦୀପକ ସେନାପତି କାର୍ଯ୍ୟକ୍ରମ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ। ସିଏସଆର ବିଭାଗର ଅନ୍ୟାନ୍ୟ କର୍ମକର୍ତ୍ତା ଯଥା ଶିବନାରାୟଣ ପରିଡ଼ା, ଶୋଭାରାଣୀ ମହାନ୍ତି, ବିଉଟିଲତା ତିର୍କୀ ଏବଂ ସୁଜାତା ଦାସ ସହଯୋଗ ପ୍ରଦାନ କରିଥିଲେ । ସାମାଜିକ ଦାୟୀତ୍ୱବୋଧ ବିଭାଗର ବରିଷ୍ଠ ଜିଏମ ଡ. ନୀଳାଦ୍ରି ଭୂଷଣ ପାଢ଼ୀଙ୍କ ନେତୃତ୍ୱରେ କାର୍ଯ୍ୟକ୍ରମ ସମ୍ପୂର୍ଣ୍ଣ ହୋଇଥିଲା ।




ଡାଲମିଆ ଭାରତ ଫାଉଣ୍ଡେଶନର ୧୦ ବର୍ଷ ପୂର୍ତ୍ତି ଉତ୍ସବରେ ଅଧିକାରୀ, ଅତିଥି, କଳାକାର, ମହିଳା ମଣ୍ଡଳର ସଦସ୍ୟା ଉପସ୍ଥିତ।

# କୋଇଡ଼ା ତହସିଲଦାର ବାଣ୍ଟିଲେ କମ୍ବଳ

**ଟେନ୍‌ସା, ୧୧।୧ (ଡି.ଏନ.ଏ)**

ସୁନ୍ଦରଗଡ ଜିଲା ବଣପାହାଡ ଘେରା ଆଦିବାସୀ ଅଧୁଷିତ କୋଇଡା ବ୍ଲକରେ ଗତ କିଛି ଦିନ ହେଲା ଥଣ୍ଡାର ପ୍ରକୋପ ବଢିଛି। ଶୀତରେ ଅସ୍ତବ୍ୟସ୍ତ ଜନସାଧାରଣ ଥଣ୍ଡା ସହିତ ତୁଷାରପାତ ଯୋଗୁ ଘରୁ ବାହାରୁ ନାହାନ୍ତି। ଗରିବ ବୃଦ୍ଧାବୃଦ୍ଧ କମ୍ବଳ ନ ଥିବାରୁ ରାତି ସାରା ନିଆଁ ଜାଳି ବସି ରହୁଛନ୍ତି। ଏହାକୁ ଦୃଷ୍ଟିରେ ରଖି କୋଇଡା ତହସିଲଦାର ଦୁର୍ଯ୍ୟୋଧନ ଭୋଇଙ୍କ ସହାୟତାରେ କୋଇଡା ବ୍ଲକର ତନ୍ତରା, କ୍ରିୟାକୁଦର, ମୁଣ୍ଡାସାହି, ମାଲଦା, ତନ୍ତାଗ୍ରାମ ସମେତ ଭିନ୍ନକ୍ଷମଙ୍କ ଘର ଘର ବୁଲି ୩୦୦ରୁ ଊର୍ଦ୍ଧ୍ୱ କମ୍ବଳ ବଣ୍ଟନ କରିଛନ୍ତି। ତାଙ୍କ ସହ କୋଇଡା ବ୍ଲକ ଅଧ୍ୟକ୍ଷା ରିନାରାଣୀ କୁମୁଣ୍ଡିଆଲ, ଅତିରିକ୍ତ ତହସିଲଦାର ସାଇ ସସ୍ମିତା ହୋତା ପ୍ରମୁଖ ଉପସ୍ଥିତ ଥିଲେ ।



କୋଇଡା ତହସିଲଦାର କମ୍ବଳ ବଣ୍ଟନ କରୁଛନ୍ତି।

# ଟ୍ରାକ୍ଟର ଚାପାରେ ଯୁବକଙ୍କ ମୃତ୍ୟୁ

**ଲହୁଣୀପଡା, ୧୧।୧ (ଡି.ଏନ.ଏ)**

ଲହୁଣୀପଡା ଥାନା ଶଙ୍ଖପୋଷ ପଞ୍ଚାୟତ ଅର୍ଜ୍ଜୁନଚୁଆ ଗ୍ରାମରେ ଶୁକ୍ରବାର ରାତି ପ୍ରାୟ ସାଢ଼େ ୮ଟାରେ ଏକ ଚଳନ୍ତା ଟ୍ରାକ୍ଟରରୁ ଜଣେ ଯୁବକ ଖସି ପଡିବାରୁ ତାଙ୍କ ଉପରେ ଟ୍ରାକ୍ଟର ଚକା ଚଢ଼ି ଯାଇ ଘଟଣା ସ୍ଥଳରେ ଯୁବକ ମୃତ୍ୟୁ ଘଟିଛି। ଅର୍ଜ୍ଜୁନଚୁଆଁ ଗ୍ରାମର ନାନ୍ଦୁ ମୁଣ୍ଡା (୪୫) ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଏକ ଘର ପାଇଛନ୍ତି। ଘର ନିର୍ମାଣ ପାଇଁ ଆବଶ୍ୟକ ସିମେଣ୍ଟ ରଡ ଚିପ୍ସ ନେବା ପାଇଁ ଲହୁଣୀପଡା ଆସିଥିଲେ। ସିମେଣ୍ଟ, ଚିପ୍ସ, ରଡ କିଣି ଟ୍ରାକ୍ଟର ଓଆର ୧୪ ପି–୯୦୮୪ ଟ୍ରଲି ଓଆର୍ ୧୪ ପି– ୯୦୮୫ ଯୋଗେ ନିଜ ଗ୍ରାମକୁ ନେଉଥିଲେ। ନାନ୍ଦୁ ମୁଣ୍ଡା ଟ୍ରାକ୍ଟରରେ ବସି ଯାଉଥିଲେ। ଅର୍ଜ୍ଜୁନଚୁଆ ଗ୍ରାମ କ୍ଲବ ଘରର କିଛି ଦୂରରେ ନାନ୍ଦୁ ଟ୍ରାକ୍ଟରରୁ ତଳକୁ ଖସି ପଡିଥିଲେ। ଫଳରେ ଟ୍ରାକ୍ଟର ଚକା ତାଙ୍କ ଉପରେ ଚଢ଼ି ଯାଇଥିଲା। ଘଟଣା ସ୍ଥଳରେ ତାଙ୍କ ମୃତ୍ୟୁ ହୋଇଥିଲା। ଶନିବାର ପୋଲିସକୁ ଖବର ଦେବା ପରେ ପୋଲିସ ଟ୍ରାକ୍ଟରକୁ ଜବତ କରିବା ସହିତ ଘଟଣାର ତଦନ୍ତ କରୁଛି।

# ନଦୀ ବାଲି ଉପରୁ ଗଳିତ ମୃତଦେହ ଉଦ୍ଧାର

**ଲହୁଣୀପଡା, ୧୧।୧ (ଡି.ଏନ.ଏ)**

ଲହୁଣୀପଡା ଥାନା ପୁରୁଣାପାଣି ପଞ୍ଚାୟତର ସିଆଳିକୁଦର ଗ୍ରାମ ପାଖରେ ବୋହି ଯାଇଥିବା ବ୍ରାହ୍ମଣୀ ନଦୀ ବାଲି ଉପରୁ ଏକ ଗଳିତ ମୃତଦେହ ଉଦ୍ଧାର କରାଯାଇଛି। ମୃତଦେହ ପଡିଥିବା ଗ୍ରାମର ଲୋକେ ଦେଖିବାକୁ ପାଇ ଲହୁଣୀପଡା ପୋଲିସକୁ ଖବର ଦେଇଥିଲେ। ପୋଲିସ ଏବଂ ଦମକଳବାହିନୀ ଖବରପାଇ ଘଟଣା ସ୍ଥଳରେ ପହଞ୍ଚି ମୃତଦେହ ଉଦ୍ଧାର କରିଥିଲେ। ପଚିସଢି ଯାଇଥିବାରୁ ମୃତଦେହ ଚିହ୍ନଟ ହୋଇପାରିନାହିଁ।

## ଫଟୋରେ ଖବର



ଛେର୍‌ଛେରା: ପୁଷ୍‌ପୁନି ଅବସରରେ ଶୁକ୍ରବାର ସୁନ୍ଦରଗଡ଼ ଜିଲା ବଡ଼ଗାଁ ଗୌଡିଆ ଘରେ ପିଲାମାନେ ଛେର୍‌ଛେରା ମାଗୁଛନ୍ତି।

# ଯୁକ୍ତ ୨ କଲେଜ ବାର୍ଷିକ କ୍ରୀଡ଼ା: ଲକ୍ଷ୍ମୀ, ସୁବାସ ଚାମ୍ପିୟନ

**ବଡ଼ଗାଁ, ୧୧।୧ (ଡି.ଏନ.ଏ)**

ସୁନ୍ଦରଗଡ ଜିଲା ବଡ଼ଗାଁ ସ୍ଥିତ ପଞ୍ଚାୟତ ସମିତି ଯୁକ୍ତ ୨ କଲେଜର ବାର୍ଷିକ କ୍ରୀଡା ଉତ୍ସବ ଶୁକ୍ରବାର ଅପରାହ୍ନରେ ଉଦ୍‌ଯାପିତ ହୋଇଛି। ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ସୁନ୍ଦରଗଡ ଜିଲା ସ୍ୱତନ୍ତ୍ର ଆଦିବାସୀ ଉନ୍ନୟନ ପରିଷଦର ଅଧ୍ୟକ୍ଷ ବିନୟ ଟପ୍ପୋ ମୁଖ୍ୟଅତିଥି ଓ ଭାଜପା ଜିଲା ଉପସଭାପତି ଉପାଧ୍ୟାୟ ପାଣିଗ୍ରାହୀ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲେ । କ୍ରୀଡା ପ୍ରତିଯୋଗିତାର ବାଳିକା ବର୍ଗରେ ଦ୍ୱିତୀୟ ବର୍ଷ କଳା ଛାତ୍ରୀ ଲକ୍ଷ୍ମୀ କିଷାନ ଓ ବାଳକ ବର୍ଗରେ ଦ୍ୱିତୀୟ ବର୍ଷ ଛାତ୍ର ସୁବାସ ମାଝି ଚାମ୍ପିୟନ ହୋଇଥିଲେ । ପ୍ରତିଯୋଗିତାର ବାଳକ ବର୍ଗ ୧୦୦,୨୦୦ ମିଟର, ଉଚ୍ଚଡିଆଁ, ସଟପୁଟ ଥ୍ରୋ, ଲମ୍ବଡିଆଁରେ ସୁବାଷ ମାଝୀ ପ୍ରଥମ, ଡିସକସ ଥ୍ରୋରେ ଭୁପେନ୍ଦ୍ର ହସ୍ତି ପ୍ରଥମ, ସ୍ଲୋ ସାଇକଲରେ ସୁଶାନ୍ତ ମାଝୀ, ସନ୍ତରଣରେ ସାନିତ ବୁଡ, ବାଳିକା ବର୍ଗ ଜୁମରେସ, ଡିସକସ ଥ୍ରୋ, ସଟପୁଟ ଥ୍ରୋ, ସ୍ଲୋ ସାଇକଲ, ଲମ୍ବଡିଆଁ, ୪୦୦ ମିଟର ଦୌଡ, ସନ୍ତରଣରେ ଯଥାକ୍ରମେ ଲକ୍ଷ୍ମୀ କିସାନ, ଦଶନୀ ଲାକ୍ରା ପ୍ରଥମ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଥିଲେ। ଫେନ୍ସି ଡ୍ରେସରେ ନିଶା ନିବାରଣ ଉପରେ ଅଭିନୟ ପ୍ରଦର୍ଶିତ କରିଥିବା ରୂପେଶ ରାଉତ, ଦେବାଶିଷ କିଷାନ, ଅମନ ସିଂ ପ୍ରଥମ ସ୍ଥାନ ପାଇଥିଲେ। କଲେଜର ଅଧକ୍ଷ ସୁଶାନ୍ତ କୁମାର ଚୌଧୁରୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ଅଧାପକ ନିରୋଜ କୁମାର ପଟେଲ ମଞ୍ଚ ପରିଚାଳନା ଓ ପିଇଟି ଜିତେନ୍ଦ୍ର ବୁଡା ଓ ନିରୋଦ କୁମାର ମହାରଣା ଖେଳ ପରିଚାଳନା କରିଥିଲେ ।



ଅତିଥିଙ୍କ ଗହଣରେ ଚାମ୍ପିୟନ ଓ କୃତୀ ପ୍ରତିଯୋଗୀ ।